# ମାୟାଧର ମାନସିଂହ ଶତବାର୍ଷିକୀ

# Mayadhar Mansinha Centenary



## ଶତବାର୍ଷିକୀ ସ୍ତବକ

## ମାନସିଂହ ସ୍ମାରକୀ ବକ୍ତୃତାମାଳା

Digitized by srujanika@gmail.com

"ଶତ ବାର୍ଷିକୀ ସ୍ତବକ ମାନସିଂହ
ସ୍ମାରକୀ ବକ୍ତୃତାମାଳା"

ପ୍ରଥମ ସଂସ୍କରଣ ୨୦୦୬

ସଂପାଦନା - ପ୍ରଫେସର ଶାମସନ ମହାରଣା

ପ୍ରକାଶକ - ମାନସିଂହ ସ୍ମାରକୀ ସମିତି
ସ୍ନାତକୋତ୍ତର ବାଣିଜ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣିବିହାର, ଭୁବନେଶ୍ୱର - ୭୫୧୦୦୪
ଫୋନ - ୯୮୬୧୦୮୬୮୨୪, ୨୫୮୫୧୮୫

ମୁଦ୍ରାକର - ସତ୍ୟବ୍ରତ ପ୍ରିଣ୍ଟିଙ୍ଗ ପ୍ରେସ
ମିଶନ ରୋଡ଼
ସମ୍ବଲପୁର - ୭୬୮୦୦୧

Digitized by srujanika@gmail.com

# ସୂଚୀପତ୍ର


୧. ଭୂମିକା

୨. ଗଦ୍ୟ ଶିଳ୍ପୀ ମାୟାଧର ମାନସିଂହ 1
ଡ: ବାଉରୀବନ୍ଧୁ କର

୩. ମାୟାଧରଙ୍କ କବିତା - ମୋ' ଦୃଷ୍ଟିରେ 61
ସୌରିନ୍ଦ୍ର ବାରିକ

୪. ସତ୍ୟାନୁସନ୍ଧାନୀ-କବି ମାୟାଧର ମାନସିଂହ 85
ଶ୍ରୀ ପଠାଣି ପଟ୍ଟନାୟକ

୫. ଆଧୁନିକ ଓଡ଼ିଆ ସାହିତ୍ୟର ମାନବବାଦୀ ସ୍ରଷ୍ଟା ମାୟାଧର ମାନସିଂହ 115
ସୌରୀବନ୍ଧୁ କର

୬. ସୌକୁମାର୍ଯ୍ୟର କବି ମାନସିଂହ 139
ଚନ୍ଦ୍ରଶେଖର ରଥ

୭. କବି ମାନସିଂହଙ୍କ ପ୍ରେମଚେତନା 153
ପ୍ରଫେସର ଡ଼ଃ ଦାଶରଥି ଦାସ

୮. ପ୍ରାକ୍-ସ୍ୱାଧୀନତା କାବ୍ୟଚେତନା ପୃଷ୍ଠପଟ୍ଟରେ କବି ମାନସିଂହ 167
ପ୍ରଫେସର ନିତ୍ୟାନନ୍ଦ ଶତପଥୀ

୯. ମାନସିଂହ-କବତାର ଦିଗ ଓ ଦିଗନ୍ତ 199
ପ୍ରଫେସର ବୈଷ୍ଣବ ଚରଣ ସାମଲ

୧୦. କବି ମାନସିଂହଙ୍କର କାବ୍ୟ କବିତାରେ ପ୍ରଣୟର
ସ୍ୱାୟତ୍ତ ସଂପ୍ରତିଷ୍ଠା ଓ ତାହାର ବାଧତା 237
ଶ୍ରୀ ବୃନ୍ଦାନନ୍ଦ ରାୟ

୧୧. ଲେଖକ ପରିଚୟ 261


Digitized by srujanika@gmail.com

# ଭୂମିକା

ବିଂଶ ଶତକର ଅନ୍ୟତମ ବିଶିଷ୍ଟ ସାହିତ୍ୟ ସାଧକ ଭାବରେ ଡକ୍ଟର ମାୟାଧର ମାନସିଂହ ଅଜସ୍ର ଯଶର ଅଧିକାରୀ । ଚଳିତ ବର୍ଷ ତାହାଙ୍କ ଶତବାର୍ଷିକୀ ଉତ୍ସବ କେନ୍ଦ୍ର ସାହିତ୍ୟ ଏକାଡେମୀଠାରୁ ଆରମ୍ଭ କରି ଓଡିଶାର ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ପାଳନ କରିବା ଅତ୍ୟନ୍ତ ଆନନ୍ଦର ବିଷୟ । ଏହି ଉପଲକ୍ଷେ ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ ୧୯୯୬ ମସିହାରୁ ୨୦୦୫ ପର୍ଯ୍ୟନ୍ତ ଅନୁଷ୍ଠିତ ମାନସିଂହ ବକ୍ତୃତାମାଳାର ନଅଗୋଟି ପ୍ରବଂଧକୁ ନେଇ ଗ୍ରନ୍ଥଟିଏ ବାହାରିବା ଆଜି ଆମ ପକ୍ଷରେ ପରମ ସୌଭାଗ୍ୟର ବିଷୟ ।

ଯେଉଁ ତିନିଜଣ ମାନସିଂହ ବକ୍ତୃତାମାଳାର ଶୁଭାରମ୍ଭ କରିଥିଲେ ସେମାନେ ଆଜି ଇହଲୋକରେ ନାହାନ୍ତି । ସେମାନେ ହେଲେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ବିଦ୍ୟାଧର ମିଶ୍ର, ମାନସିଂହଙ୍କ ଧର୍ମପତ୍ନୀ ସୁଲେଖିକା ଶ୍ରୀମତୀ ହେମଲତା ମାନସିଂହ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ପ୍ରାକ୍ତନ ପ୍ରଫେସର ଓ ମୁଖ୍ୟ ଗଦ୍ୟଶିଳ୍ପୀ ଡକ୍ଟର ସୂର୍ଯ୍ୟକାଂତ ଦାସ । ଆଜି ମାନସିଂହ ସ୍ମାରକ ବକ୍ତୃତାମାଳା ପ୍ରକାଶ ଅବସରରେ ସେମାନଙ୍କ ଉଦ୍ଦେଶ୍ୟରେ ମୁଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛି ।

ଏହି ଗ୍ରନ୍ଥରେ ଯେଉଁ ନଅଗୋଟି ଲେଖା ପ୍ରକାଶିତ, ପ୍ରତ୍ୟେକ ଲେଖା ପ୍ରତ୍ୟେକ ଲେଖାଠାରୁ ଭିନ୍ନ । ସମସ୍ତ ଲେଖା ସାହିତ୍ୟ ସାଧକ ଡକ୍ଟର ମାୟାଧର ମାନସିଂହଙ୍କ ସଂପର୍କରେ ଲିଖିତ ହୋଇଥିଲେ ସୁଦ୍ଧା ପ୍ରତ୍ୟେକ ଲେଖାରେ ମାନସିଂହ ସାହିତ୍ୟର ଏକ ନିର୍ଦ୍ଦିଷ୍ଟ ଦିଗ ଉପରେ ଆଲୋକପାତ କରାଯାଇଛି । ପ୍ରତି ଲେଖାରୁ ଲେଖକଙ୍କର ମାନସିଂହଙ୍କ ସଂପର୍କରେ ଥିବା ଦୃଷ୍ଟିକୋଣର ଘଟିଛି ପ୍ରାଞ୍ଜଳ ପରିପ୍ରକାଶ । ଏହି ନଅଗୋଟି ଆଲୋଚନାକୁ ମାନସିଂହ ସାହିତ୍ୟ ଆଲୋଚନାର ନବରତ୍ନ କହିଲେ ବହୁଭାଷଣ ହେବ ନାହିଁ ।

ମାନସିଂହ ସ୍ମାରକ ପ୍ରଥମ ବକ୍ତୃତା ଦେଇଥିଲେ ପ୍ରଫେସର ବାଉରୀବଂଧୁ

Digitized by srujanika@gmail.com

କର ୧୯୯୬ ମସିହାରେ । ବକ୍ତୃତାର ଶୀର୍ଷକ ଥିଲା 'ଗଦ୍ୟଶିଳ୍ପୀ ଡକ୍ଟର ମାୟାଧର ମାନସିଂହ' । ଏଥିରେ ମାନସିଂହଙ୍କ ଗଦ୍ୟ କିପରି କବିତ୍ୱପୂର୍ଣ୍ଣ ଓ ତାଙ୍କର କବିକୀର୍ତ୍ତି ପ୍ରକାଶରେ ତାହାଙ୍କ ଗଦ୍ୟ କିଭଳି ସହାୟତା କରିଛି, ତା'ର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି । ୧୯୯୭ ମସିହାରେ ଦ୍ୱିତୀୟ ସ୍ମାରକ ବକ୍ତୃତା ଦେଇଥିଲେ ଓଡିଶାର ଲବ୍ଧ ପ୍ରତିଷ୍ଠ କବି ଓ ସମାଲୋଚକ ସୌରିନ୍ଦ୍ର ବାରିକ । ଜଣେ କବି ଆଉ ଜଣେ କବିଙ୍କୁ କେତେ ଶ୍ରଦ୍ଧାର ସହ ଆଲୋଚନା କରିପାରେ ତାହାହିଁ ସୌରିନ୍ଦ୍ର ବାରିକଙ୍କ ଆଲୋଚନାରେ ପ୍ରତିଫଳିତ । ତୃତୀୟ ସ୍ମାରକ ବକ୍ତୃତାମାଳାର ବକ୍ତାଥିଲେ ପ୍ରସିଦ୍ଧ ସମାଲୋଚକ ତଥା ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତ ସୁଲେଖକ ପଠାଣି ପଟ୍ଟନାୟକ । ସେ ତାହାଙ୍କ ବକ୍ତୃତାରେ କବିଙ୍କୁ ସତ୍ୟଦ୍ରଷ୍ଟା କବିଭାବେ ପ୍ରତିପାଦନ କରିବା ସହିତ ତାଙ୍କ ଲେଖନୀରେ ଜାଗତିକ ସତ୍ୟ ଓ ବାସ୍ତବ ଜୀବନର ସତ୍ୟର ଯେଉଁ ସମନ୍ୱୟ ଘଟିଛି, ତାହାର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ସେ କରିଛନ୍ତି । ଚତୁର୍ଥ ସ୍ମାରକ ବକ୍ତୃତା ଦେଇଥିଲେ ବାମପନ୍ଥୀ ଚିନ୍ତାଧାରାର ଲେଖକ ସୌରବଂଧୁ କର । ଏହି ବକ୍ତୃତାରେ ସେ ମାନସିଂହଙ୍କ ସାହିତ୍ୟର ପ୍ରଗତିଶୀଳ ଆଭିମୁଖ୍ୟ ଓ ମାନବିକ ଆବେଦନ ସଂପର୍କରେ ଅନୁଶୀଳନ ପୂର୍ବକ ତାହାଙ୍କୁ ଜଣେ ମାନବବାଦୀ ସ୍ରଷ୍ଟାର ଗୌରବରେ କରିଥିଲେ ଗୌରବାନ୍ୱିତ । ବକ୍ତୃତାମାଳାର ପଞ୍ଚମ ସ୍ମାରକ ବକ୍ତୃତା ଦେଇଥିଲେ ପ୍ରସିଦ୍ଧ ଲେଖକ ଚନ୍ଦ୍ରଶେଖର ରଥ । ମାନସିଂହ ସାହିତ୍ୟର ସୌନ୍ଦର୍ଯ୍ୟଦୃଷ୍ଟି ଓ କଳାତ୍ମକ ଦିଗ ସଂପର୍କରେ ଏଥିରେ ଅନୁଶୀଳନ କରାଯାଇଛି । ଡକ୍ଟର ମାୟାଧର ମାନସିଂହ ଯେ ମୁଖ୍ୟତଃ ପ୍ରେମର କବି ଥିଲେ, ଏ ସଂପର୍କରେ ଷଷ୍ଠ ବକ୍ତୃତା ୨୦୦୨ ମସିହାରେ ଦେଇଥିଲେ ସ୍ୱରୂପ ବିଶ୍ଳେଷଣ ଏହି ଆଲୋଚନାରେ କରାଯାଇ ମାନସିଂହଙ୍କ ପ୍ରେମର ଦିବ୍ୟଭାବ ସଂପର୍କରେ ବ୍ୟାପକ ବିଶ୍ଳେଷଣ ପ୍ରଫେସର ଦାସ କରିଛନ୍ତି । ସପ୍ତମ ବକ୍ତୃତା ଦେଇଥିଲେ ବିଶିଷ୍ଟ ଓଡିଆ ପ୍ରଫେସର ନିତ୍ୟାନନ୍ଦ ଶତପଥୀ । ସେ ପ୍ରାକ୍ ସ୍ୱାଧୀନତା କାବ୍ୟଚେତନା ପୃଷ୍ଠପଟ୍ଟରେ କବି ମାନସିଂହଙ୍କ ସାହିତ୍ୟ ଅନୁଶୀଳନ ସଂପର୍କରେ ତାଙ୍କ ବକ୍ତୃତାରେ କରିଥିଲେ ଆଲୋଚନା । ଅଷ୍ଟମ ବକ୍ତୃତା ପ୍ରଦାନ କରିଥିଲେ ଓଡିଆ ସାହିତ୍ୟ ସମୀକ୍ଷକ

Digitized by srujanika@gmail.com

ପ୍ରଫେସର ବୈଷ୍ଣବ ଚରଣ ସାମଲ । ସେ ମାନସିଂହ କବିତାର ଦିଗ ଓ ଦିଗନ୍ତର ସୀମା ଆକଳନ କରିଛନ୍ତି ତାଙ୍କ ଆଲୋଚନାରେ । ପ୍ରଫେସର ହୃଦାନନ୍ଦ ରାୟ ନବମ ବକ୍ତୃତାରେ କବି ମାନସିଂହ କାବ୍ୟ କବିତାରେ ପ୍ରଣୟର ସ୍ୱରୂପ ବିଶ୍ଳେଷଣ କରିଛନ୍ତି । ପ୍ରଣୟର ସାତ୍ତ୍ୱିକ ଓ ଶୁଦ୍ଧ ଭାବ ସଂପର୍କରେ ଏଥିଣେ ବିଶିଷ୍ଟ ବାଗ୍ମୀ ହୃଦାନନ୍ଦ ରାୟ ନାନା କଥା କହିଛନ୍ତି । ଏ ହେଉଛି ସଂକ୍ଷେପରେ ଗ୍ରନ୍ଥର ନଅଗୋଟି ଲେଖାର ସାରମର୍ମ ।

ମାନସିଂହ ସାହିତ୍ୟ ସଂପର୍କରେ ଏହି ଗ୍ରନ୍ଥରେ ପ୍ରକାଶିତ ନଅଗୋଟି ବ୍ୟାପକତା ସଂପର୍କରେ ପାଠକମାନେ ବହୁ ପ୍ରସଙ୍ଗ ଜାଣିପାରିବେ । ଯେଉଁ ମାନଙ୍କ ବକ୍ତୃତାରେ ଏହି ଗ୍ରନ୍ଥଟି ଆଜି ପ୍ରକାଶିତ, ସେମାନେ ସମସ୍ତେ ଓଡ଼ିଆ ସାହିତ୍ୟର ଜଣେ ଜଣେ ଚିନ୍ତାନାୟକ ଓ ସୁଆଲୋଚକ । ସେମାନେ ମାନସିଂହ ସାହିତ୍ୟ ସାଗରର ଗଭୀରକୁ ଯାଇ ସେଠାରୁ ଯେଉଁ ମୁକ୍ତା ସଂଗ୍ରହ କରିଛନ୍ତି, ତାହାକୁ ଡକ୍ଟର ମାୟାଧର ମାନସିଂହ ଶତବାର୍ଷିକୀ ଉତ୍ସବରେ ମୁଁ ପାଠକମାନଙ୍କୁ ଅର୍ପଣ କରି କୃତାର୍ଥ ହେଉଛି ।

ଡକ୍ଟର ମାୟାଧର ମାନସିଂହ ଜୀବନ ବ୍ୟାପୀ ସାହିତ୍ୟ ସାଧନାରେ ନିଜକୁ ଉତ୍ସର୍ଗ କରିଥିଲେ । ସେ ତାଙ୍କ ଜୀବନକାଳରେ ଓଡିଆମାନଙ୍କ ନିକଟରେ ଯେତିକି ପରିଚିତ ଥିଲେ, ଆଜି ସେ ଇହଲୋକରୁ ବିଦାୟ ନେବାର ଦୀର୍ଘ ବର୍ଷ ପରେ ଅଧିକ ସମ୍ମାନଜନକ ଭାବରେ ବଞ୍ଚିଛନ୍ତି । ତାହାଙ୍କ କାଳଜୟୀ ସାହିତ୍ୟ ତାଙ୍କୁ ଯେ ଅମର କରି ରଖିଛି ଏଥିରେ ସନ୍ଦେହ ନାହିଁ ।

ଆଜି ଏହି ଗ୍ରନ୍ଥ ପ୍ରକାଶ ପାଇଁ ଯେଉଁମାନେ ସହାୟତା କରିଛନ୍ତି, ସେମାନେ ହେଲେ... ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡିଆ ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଡକ୍ଟର ବାଉରୀ ବନ୍ଧୁ କର, ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତର ଓଡିଆ ବିଭାଗର ପ୍ରଫେସର ଡକ୍ଟର ବିଜୟ କୁମାର ଶତ୍‌ପଥୀ, ବାଣିଜ୍ୟ ବିଭାଗର ପ୍ରାଧ୍ୟାପକ ଶ୍ରୀଯୁକ୍ତ ପ୍ରଦ୍ୟୋତ କେଶରୀ ପ୍ରଧାନ ଓ ଡକ୍ଟର ମହେଶ୍ୱର ସାହୁ, ମାନସିଂହ ସାହିତ୍ୟରେ ରୁଚି ରଖିଥିବା ଶହ ଶହ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନେ

Digitized by srujanika@gmail.com

ବିଭିନ୍ନ ସମୟରେ ଏହି ବକ୍ତୃତାମାଳା ଆୟୋଜନ କରିବାରେ ଆପ୍ରାଣ ସାହାଯ୍ୟ ସହଯୋଗ ପ୍ରଦାନ କରିଛନ୍ତି । ସମସ୍ତଙ୍କୁ ବିଶେଷ ଧନ୍ୟବାଦ ।

ଡକ୍ଟର ମାନସିଂହଙ୍କ ସୁଯୋଗ୍ୟ ପୁତ୍ରଗଣ - ଯଥା ପ୍ରଫେସର ଲଳାଟେନ୍ଦୁ ମାନସିଂହ, ଶ୍ରୀଯୁକ୍ତ ଲଳିତ ମାନସିଂହ, ଶ୍ରୀଯୁକ୍ତ ଲାବଣ୍ୟେନ୍ଦୁ ମାନସିଂହ ଓ ସୁଯୋଗ୍ୟ କନ୍ୟା ଶ୍ରୀମତୀ ନିବେଦିତା ସ୍କଟର୍ ଏପରି ସାରସ୍ୱତ କାର୍ଯ୍ୟରେ ସହଯୋଗ କରିଥିବାରୁ ମୁଁ ସେମାନଙ୍କ ନିକଟରେ କୃତଜ୍ଞ ।

କବିଙ୍କ ଶତବାର୍ଷିକୀ ଉତ୍ସବ ଉପଲକ୍ଷେ ପ୍ରକାଶିତ ଏହି ଗ୍ରନ୍ଥଟି ଓଡିଶାର ସୁଧୀପାଠକ ମହଲରେ ଆଦୃତ ହେଲେ ଗ୍ରନ୍ଥ ସଂକଳକର ଶ୍ରମ ସାର୍ଥକ ହେବ ।

**ପ୍ରଫେସର ଶାମସନ୍ ମହାରଣା**
ପ୍ରଫେସର ଓ ମୁଖ୍ୟ, ବାଣିଜ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

Digitized by srujanika@gmail.com

# ଗଦ୍ୟ ଶିଳ୍ପୀ ମାୟାଧର ମାନସିଂହ

**ଡ: ବାଉରୀବନ୍ଧୁ କର**

ବିଂଶ ଶତକ ଓଡ଼ିଆ ସାହିତ୍ୟରେ ଯେଉଁ ଅଳ୍ପ କେତେଜଣ ସାରସ୍ୱତ ସାଧକ କବିତ୍ୱପୂର୍ଣ୍ଣ ଗଦ୍ୟ ରଚନା କରି ଯଶସ୍ୱୀ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଡ଼କ୍ଟର ମାୟାଧର ମାନସିଂହଙ୍କ ନାମ ଅଗ୍ରଗଣ୍ୟ। ଗଦ୍ୟ ରଚନାରେ ଫୁଟି ଉଠିଛି ତାଙ୍କର କବିତ୍ୱ। ପୁଣି ତାଙ୍କ ଗଦ୍ୟରୁ ଭାସି ଆସିଛି କବିତାର ମହକ। ସେ ଭଲଭାବରେ ବୁଝିଥିଲେ ଯେ ଗଦ୍ୟ ହେଉଛି କବିତ୍ୱ ପ୍ରକାଶ ପାଇଁ ମୁକ୍ତ ପ୍ରାଙ୍ଗଣ ଓ ଏହା ହେଉଛି କବି ପ୍ରତିଭାର କଷଟି ପଥର। ଏଥି ସକାଶେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟ ସମୀକ୍ଷକଗଣ ଉତ୍କୃଷ୍ଟ ଗଦ୍ୟ ପ୍ରସଙ୍ଗରେ ଆଲୋଚନା କଲାବେଳେ କବିତ୍ୱପୂର୍ଣ୍ଣ ଗଦ୍ୟ ସପକ୍ଷରେ ଗୁରୁତ୍ୱ ଦେଇଛନ୍ତି। ବୋଧହୁଏ, ସେଥିପାଇଁ ପ୍ରାଚ୍ୟ ଆଳଙ୍କାରିକ ବାମନାଚାର୍ଯ୍ୟ କହିଥିଲେ, "ଗଦ୍ୟଂ କବୀନାଂ ନିକଷଂ ବଦନ୍ତି।" ସେହିପରି ପାଶ୍ଚାତ୍ୟ ସାହିତ୍ୟ ସମାଲୋଚକ ଜେ. ମିଡ଼ଲଟନ ମୁରୀ ମଧ୍ୟ କହିଥିଲେ, "Obviously poetic prose is the finest prose" ଅର୍ଥାତ୍ କବିତ୍ୱପୂର୍ଣ୍ଣ ଗଦ୍ୟ ହେଉଛି ସର୍ବୋତ୍କୃଷ୍ଟ ଗଦ୍ୟ। ଡ଼କ୍ଟର ମାନସିଂହ ଥିଲେ ଓଡ଼ିଆ ସାହିତ୍ୟରେ ଏଇ ଧରଣର କବିତ୍ୱପୂର୍ଣ୍ଣ ଗଦ୍ୟର ଅନ୍ୟତମ ବିଶିଷ୍ଟ ପ୍ରବକ୍ତା, ଯାହା ତାଙ୍କର କବି କୀର୍ତ୍ତି ପ୍ରତିଷ୍ଠାରେ ହୋଇଛି ସହାୟକ।

ଡ଼କ୍ଟର ମାୟାଧର ମାନସିଂହ କବିତାରେ ଯାହା କହି ପାରିନାହାନ୍ତି, ଗଦ୍ୟରେ ସେସବୁକୁ ଭଲ ରୂପେ ପ୍ରକାଶ କରିଯାଇଛନ୍ତି। ସେ ମୁଖ୍ୟତଃ ରୂପ ଓ ସୌନ୍ଦର୍ଯ୍ୟର କବି ଭାବେ ଖ୍ୟାତି ଅର୍ଜନ କରିଥିବାବେଳେ, ଗଦ୍ୟରେ ସେ ଜଣେ ବିପ୍ଳବୀ ଓ ନିର୍ଭୀକ ମଣିଷ ରୂପେ ଆପଣାର ସ୍ୱାତନ୍ତ୍ର୍ୟ ସାବ୍ୟସ୍ତ କରିଥିଲେ। ତାହାଙ୍କ ବ୍ୟକ୍ତିତ୍ୱର ସ୍ପନ୍ଦନ ତାଙ୍କ ଗଦ୍ୟ ସାହିତ୍ୟରେ ସର୍ବତ୍ର ଅନୁଭୂତ। ଆପଣା ଅନ୍ତରର କଥା ସବୁ ଅତି ଆବେଗପ୍ରବଣ ଭାବରେ ସେ ଗଦ୍ୟରେ ବ୍ୟକ୍ତ କରିଛନ୍ତି। ଗଦ୍ୟର ଏକ ନିର୍ଦ୍ଦିଷ୍ଟ ଗୁଳାରେ ସେ ପଦଚାଳନା କରିବାକୁ ପସନ୍ଦ କରିନାହାନ୍ତି। ବରଂ, ଗଦ୍ୟର

Digitized by srujanika@gmail.com

ମୁକ୍ତ ପ୍ରାଙ୍ଗଣରେ ସ୍ୱାଧିନ ଭାବେ ବିଚରଣ କରି ଜୀବନ ଓ ଜଗତକୁ ଅନ୍ତରଙ୍ଗ ଭାବେ ଦେଖିଛନ୍ତି । ଆପଣାର ଅନୁଭୂତି ବହୁଳ ଜୀବନର ଭାଷ୍ୟ ହେଉଛି ତାଙ୍କର ଗଦ୍ୟ ସାହିତ୍ୟ, ଯାହାର ସ୍ତରେ ସ୍ତରେ ପ୍ରକାଶିତ ହୋଇଯାଇଛି ତାହାଙ୍କ ଜୀବନ ଦର୍ଶନ । ସେ ନିଜେ ମଧ୍ୟ ସ୍ୱୀକାର କରନ୍ତି, "ମୋ ଜୀବନର ପ୍ରଥମ ଲେଖା-ଗଦ୍ୟରେ ଆରମ୍ଭ । ଏକ ଦୈବୀ ସୂଚନା ଯେ ଜୀବନଟା ନିରାଟ ଗଦ୍ୟମୟ ହେବ । ଯାହାହିଁ ହୋଇଛି ।"

ଡ଼କ୍ଟର ମାୟାଧର ମାନସିଂହ ବିବିଧ କିସମର ଗଦ୍ୟ ରଚନାରେ ମନୋନିବେଶ କରିଥିଲେ । ପ୍ରବନ୍ଧ, ସାହିତ୍ୟ ସମାଲୋଚନା, ଭ୍ରମଣ ବୃତ୍ତାନ୍ତ, ଜୀବନୀ, ଆତ୍ମଜୀବନୀ, ଉପନ୍ୟାସ, ଗଳ୍ପ, ପତ୍ରାବଳୀ, ସମ୍ପାଦକୀୟ ଇତ୍ୟାଦିରୁ ବିବିଧ ଗଦ୍ୟ ରଚନାରେ ତାଙ୍କର ନିପୁଣତାର ସ୍ପଷ୍ଟ ପରିଚୟ ମିଳେ । ସବୁଠି ତାଙ୍କ ଗଦ୍ୟରେ ମନ ସହିତ ଆବେଗର ଅଦ୍ଭୁତ ସମନ୍ୱୟ ଦେଖିବାକୁ ମିଳେ । ପୁଣି ଆପଣାର ମତ ସାବ୍ୟସ୍ତ କରିବାରେ ସେ ଥିଲେ ଜଣେ ପୋଖତ ଗଦ୍ୟଶିଳ୍ପୀ । ନିଜ ମତକୁ ଦୃଢ଼ଭାବରେ ଉପସ୍ଥାପନ କରିପାରିବାର ଶକ୍ତି ତାଙ୍କର ଥିଲା । ଏଥି ସହିତ ତାଙ୍କ କବିତ୍ୱ ଶକ୍ତି ମିଶିଯାଇ ତାଙ୍କ ଗଦ୍ୟ ରଚନାକୁ ସାର୍ଥକ ଓ ପ୍ରାଣବନ୍ତ କରିଛି । ତାଙ୍କ ପୂର୍ବରୁ କୌଣସି ଲେଖକ ଗଦ୍ୟର ଏତେଗୁଡ଼ିଏ ବିଭାଗରେ ଏପରି ଦକ୍ଷତାର ସହିତ ଲେଖନୀ ଚାଳନା କରିନଥିଲେ ।

(କ)

ଡ଼କ୍ଟର ମାନସିଂହଙ୍କ ଗଦ୍ୟ ସାହିତ୍ୟର ବିଶିଷ୍ଟ ଅଙ୍ଗ ହେଉଛି 'ପ୍ରବନ୍ଧ' । ସେ ତାଙ୍କର ସାହିତ୍ୟ ସାଧନା ପ୍ରବନ୍ଧରୁ ଆରମ୍ଭ କରିଥିବା କଥା 'ମୁଁ କାହିଁକି ଲେଖେ' ଶୀର୍ଷକ ଏକ ଲେଖାରେ ସ୍ପଷ୍ଟ କରିଦେଇଛନ୍ତି । ସେ ଯେଉଁ ସମୟରେ ପ୍ରବନ୍ଧ ରଚନାରେ ମନୋନିବେଶ କରିଥିଲେ, ସେ ସମୟରେ ନୀଳକଣ୍ଠ, ରତ୍ନାକର ପତି, ବିପିନବିହାରୀ ରାୟ, ଗୋବିନ୍ଦ ତ୍ରିପାଠୀ-ଏଇପରି କେତେଜଣ ପ୍ରବନ୍ଧ ରଚନାରେ ନିଷ୍ଠା ଦେଖାଇ ଥିଲେ । ଏଇ ପ୍ରାବନ୍ଧିକଗଣ ଆମର ଐତିହ୍ୟ, ସଂସ୍କୃତି,

Digitized by srujanika@gmail.com

ଦାର୍ଶନିକ ପରମ୍ପରା, ସମାଜ ଇତ୍ୟାଦିକୁ ଆଧାର କରି ଗୁରୁଗମ୍ଭୀର ପ୍ରବନ୍ଧ ଲେଖୁଥିବା ବେଳେ ଗୋବିନ୍ଦ ତ୍ରିପାଠୀ ସେତେବେଳେ ରମ୍ୟରଚନା ଲେଖି ଖ୍ୟାତି ଲାଭ କରିଥିଲେ। ଡ଼କ୍ଟର ମାନସିଂହ ଅବଶ୍ୟ ଏମାନଙ୍କ ପରି ଆମ ସମାଜ, ଜୀବନ, ସଂସ୍କୃତି, ପରମ୍ପରା ପ୍ରଭୃତିକୁ ଆଧାର କରି ପ୍ରବନ୍ଧ ରଚନା କଲେ। ମାତ୍ର ସେ ଏହାକୁ ଅନ୍ୟମାନଙ୍କ ପରି ଗୁରୁଗମ୍ଭୀର ଠାଣିରେ ନଲେଖି ନିଜସ୍ୱ କବିସୁଲଭ ଢ଼ଙ୍ଗରେ ଲେଖିଲେ। 'ପ୍ରବନ୍ଧ' କହିଲେ ଯେଉଁଥିରେ ଏକ ବିଶେଷ ପଦ୍ଧତି ଓ ଶୃଙ୍ଖଳାର ପ୍ରୟୋଜନ, ସେ ତାହାକୁ ଅସ୍ୱୀକାର କରି ନିଜସ୍ୱ ମାର୍ଗ ନିଜେ ବାଛି ପ୍ରବନ୍ଧ ରଚନା କଲେ। ସାହିତ୍ୟ ଶାସ୍ତ୍ର ନିୟମରେ ପ୍ରବନ୍ଧ ଯେପରି ଯୁକ୍ତି ମାର୍ଗ ଦେଇ ସିଦ୍ଧାନ୍ତରେ ପହଞ୍ଚୁଥାଏ, ତାଙ୍କ ପ୍ରବନ୍ଧ ସେପରି ହେଲା ନାହିଁ। ସେ ଯେଉଁ ବିଷୟକୁ ନେ ଇ ପ୍ରବନ୍ଧ ଲେଖିଲେ ବି ସେଥିରୁ ତାଙ୍କର ନିଜସ୍ୱ ସ୍ୱର, ସ୍ପନ୍ଦନ, ଦ୍ୟୁତି ଓ ବ୍ୟକ୍ତିତ୍ୱ ବାରି ହୋଇପଡ଼ିଲା। ତାଙ୍କ ପ୍ରବନ୍ଧରେ ଯୁକ୍ତି ସହିତ ଗଭୀର ଭାବୋଚ୍ଛ୍ୱାସ, ମନନ ସହିତ ମାଧୁର୍ଯ୍ୟ ଓ ସ୍ୱାଧୀନ ଚିନ୍ତା ସହିତ ମୁକ୍ତ ବିଚାରଧାରା ହେଲା ପ୍ରକଟିତ। ସେ ତାଙ୍କ ପ୍ରବନ୍ଧରେ ଗୁରୁଗମ୍ଭୀର ଭଙ୍ଗୀରେ ତତ୍ତ୍ୱ ନ ବଖାଣି, ପାଠକର ଅନ୍ତରେ ଅନ୍ତରେ ପ୍ରବେଶ କରି ନିଜସ୍ୱ ବକ୍ତବ୍ୟ ବାଢିଲେ। ଏମିତି ଆତ୍ମୀୟତା ଭାବେ ସେ ପ୍ରବନ୍ଧ ରଚନା କରିଛନ୍ତି, ଯହିଁରେ ପ୍ରକାଶ ପାଇଛି କବିତାର ଗୁଣ। ଯେଉଁ ପ୍ରବନ୍ଧମାନଙ୍କୁ ପାଠକରି ସେଥିରୁ ମଧ୍ୟ କବି ମାନସିଂହଙ୍କୁ ସହଜରେ ଆବିଷ୍କାର କରାଯାଇପାରିବ।

ଡ଼କ୍ଟର ମାୟାଧର ମାନସିଂହ ଯେକୌଣସି ପ୍ରସଙ୍ଗକୁ ଆଧାର କରି ପ୍ରବନ୍ଧ ଲେଖିବାରେ ଥିଲେ ସିଦ୍ଧହସ୍ତ। ସେ ପ୍ରବନ୍ଧ ରଚନା ପାଇଁ ବିଷୟ ନେଇ କୌଣସି ବାଛ ବିଚାର କରିନଥିଲେ। ତାଙ୍କ ଚେତନାରେ ବେଳେବେଳେ ଅତି ସାଧାରଣ ବିଷୟମାନ ଅସାଧାରଣ ଭାବ ନେଇ ପ୍ରବନ୍ଧ ରୂପ ଲାଭ କରିଛି। ସେ ତାଙ୍କ ପ୍ରବନ୍ଧରେ ବ୍ୟକ୍ତିଗତ ଅନୁଭୂତି ସହିତ ଜାଗତିକ ଜୀବନର ସତ୍ୟକୁ ନିଷ୍ଠାର ସହିତ ପ୍ରକାଶ କରିପାରୁଥିଲେ। ତାଙ୍କର 'ଶ୍ରମ କୌଶଳ', 'ନିଜ ଦାୟିତ୍ୱ', 'ଜୀବଧର୍ମ', 'ଓଡ଼ିଶାର ସାମାଜିକ ଜୀବନ', 'ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ', 'ଆମ ଗଣତନ୍ତ୍ରର

Digitized by srujanika@gmail.com

ଭବିଷ୍ୟତ', 'ଓଡ଼ିଆମାନେ ପଛୁଆ ଓ ଦରିଦ୍ର' କାହିଁକି ?' ପ୍ରଭୃତି ପ୍ରବନ୍ଧମାନଙ୍କରେ ଏଇ ବିଶେଷତ୍ୱ ପରିଲକ୍ଷିତ। ଏ ସମ୍ପର୍କରେ ତାଙ୍କର 'ଶ୍ରମ କୌଶଳ' ପ୍ରବନ୍ଧଟି ଦେଖନ୍ତୁ। ମଣିଷ କିପରି ତା'ର ଶ୍ରମକୁ ସୁବିନିଯୋଗ କରିବ, ତାହାହିଁ ସେ ଏ ପ୍ରବନ୍ଧରେ ବୁଝାଇ ଦେଇଛନ୍ତି। ଶ୍ରମର ମୂଲ୍ୟ ସଂପର୍କରେ ତାଙ୍କର ଚିନ୍ତାଧାରା ବେଶ୍ ପରିଚ୍ଛନ୍ନ। ଏକ ବୃହତ୍ତର ପରିଧିରେ ଓ ଜାତି ଗଠନରେ ଶ୍ରମର ଯେଉଁ ସାର୍ଥକ ମୂଲ୍ୟ ରହିଛି, ତାହାକୁ ସେ ଏଇ ପ୍ରବନ୍ଧରେ ସୂଚାଇ ଦେଇଛନ୍ତି। ଶ୍ରମର ମୂଲ୍ୟ ସଂପର୍କରେ ତାହାଙ୍କ ଦୃଷ୍ଟିଭଙ୍ଗୀ ଥିଲା ଏହିପରି, "ଶ୍ରମକୁ ବିଧାତାର ଆଶୀର୍ବାଦ ବୋଲି ଧର। ତାହାରି ଦେଇ ନିଜର, ସମାଜର ଓ ଜଗତର କଲ୍ୟାଣ କରିବାକୁ ଚେଷ୍ଟା କର। କୌଣସି ଶ୍ରମ ନିନ୍ଦନୀୟ ବା ଘୃଣ୍ୟ ନୁହେଁ। ସୁସମ୍ପନ୍ନ ହେଲେ ପ୍ରତ୍ୟେକ ଶ୍ରମରେ ସୌନ୍ଦର୍ଯ୍ୟ ଓ କଲ୍ୟାଣ ଫୁଟେ। ଯେଉଁ ଜାତିର ପ୍ରତ୍ୟେକ ନରନାରୀ ଶ୍ରମର ଏହି ଆଦର୍ଶରେ ଦୀକ୍ଷିତ, ସେହି ଜାତି ହିଁ ସ୍ୱାଧୀନ, ସମୃଦ୍ଧ ଓ ଶ୍ରୀସଂପନ୍ନ ହୋଇପାରେ, ନଚେତ୍ ନୁହେଁ।" (ଶ୍ରମ କୌଶଳ) ଏହି ପ୍ରବନ୍ଧରେ ସେ ଏଜାତିକୁ କର୍ମନିଷ୍ଠ ହେବା ପାଇଁ ଉଦ୍‌ବୋଧନ ଦେଇଛନ୍ତି। ସେ ଜୀବନ ଭିତରେ କର୍ମ ଓ କର୍ମ ଭିତରେ ଜୀବନାନୁସନ୍ଧାନ କରିଛନ୍ତି।

ଡ଼କ୍ଟର ମାୟାଧର ମାନସିଂହଙ୍କ ପ୍ରବନ୍ଧରେ ଗଭୀର ଆତ୍ମପ୍ରତ୍ୟୟର ସ୍ୱର ଶୁଣିବାକୁ ମିଳେ। ଗଭୀର ଆତ୍ମପ୍ରତ୍ୟୟ ଭାବ ନେଇ ମଣିଷ କର୍ମରେ ପ୍ରବୃତ୍ତ ହେଲେ ସେ ଅସମ୍ଭବକୁ ସମ୍ଭବ କରିପାରେ। ସେ ମଣିଷର ଦୁଃଖ ଦୁର୍ବିପାକ ପାଇଁ ଭାଗ୍ୟ ନିନ୍ଦାକୁ ପସନ୍ଦ କରିନାହାନ୍ତି। ତାଙ୍କ ଦୃଷ୍ଟିରେ ଜୀବନର ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରିପାରୁଥିବା ମଣିଷ ହିଁ ହେଉଛି ପ୍ରକୃତ ମଣିଷ। ସେ ମଣିଷକୁ ଆତ୍ମଶକ୍ତିର ବିକାଶ ପୂର୍ବକ ଜୀବନର ଲକ୍ଷ୍ୟ ପଥରେ ଆଗେଇ ଯିବା ପାଇଁ ତାଙ୍କ ପ୍ରବନ୍ଧରେ ଦେଇଛନ୍ତି ଯଥେଷ୍ଟ ଆହ୍ୱାନ। ଏ ସଂପର୍କରେ ତାଙ୍କର 'ନିଜ ଦାୟିତ୍ୱ' ପ୍ରବନ୍ଧଟି ବିଚାର୍ଯ୍ୟ। ମଣିଷ କିପରି ଜୀବନରେ ସୁଚାରୁ ରୂପେ ଆପଣାର ଦାୟିତ୍ୱ ନିର୍ବାହ କରିପାରିବ, ସେ ସଂପର୍କରେ ପ୍ରାବନ୍ଧିକଙ୍କ ଚିନ୍ତାଧାରା ଏଇ ପ୍ରବନ୍ଧରେ ପ୍ରକାଶିତ। ମଣିଷ ଆତ୍ମସୀମା ସଚେତନ ହୋଇ କର୍ମ କରିପାରିଲେ, ଜୀବନର

Digitized by srujanika@gmail.com

ଲକ୍ଷ୍ୟସ୍ଥଳରେ ଯେ ପହଞ୍ଚିପାରିବ, ଏହି ସତ୍ୟଟିକୁ ସେ ଏଥିରେ ଦେଖାଇଛନ୍ତି। ତାଙ୍କ ମତରେ, "ମନୁଷ୍ୟ ଈଶ୍ୱରଙ୍କୁ ମାନୁ ବା ନମାନୁ ଯାଏ ଆସେ ନାହିଁ, କିନ୍ତୁ ଯେ କେହି ଜୀବନର କୌଣସି କ୍ଷେତ୍ରରେ ସିଦ୍ଧିଲାଭ କରିବାକୁ ଚାହାନ୍ତି, ତାଙ୍କୁ ଏହି ଆତ୍ମଶକ୍ତିକୁ ସକ୍ରିୟ କରିବାକୁ ହେବ। ଅଭାବ ପରାଭବର ବିରୁଦ୍ଧ ଶକ୍ତି ସଙ୍ଗେ ତାଙ୍କୁ ଲଢ଼ିବାକୁ ହେବ। ଜୀବନର ଲକ୍ଷ୍ୟ ନିର୍ଦ୍ଧିଷ୍ଟ କରି, ଏକାଗ୍ରଚିତ୍ତ ଓ ଏକାଗ୍ର ଚେଷ୍ଟା ହୋଇ ସେହି ଲକ୍ଷ୍ୟରେ ନ ପହଞ୍ଚିଲା ପର୍ଯ୍ୟନ୍ତ ତାଙ୍କର ବିଶ୍ରାମ ଯେପରି ନରହେ। ଏପରି ସଂଗ୍ରାମରେ ଜୟ ନିଶ୍ଚିତ। ବଡ଼ଲୋକର ପୁଅ ହୋଇ ଜନ୍ମ ହେବାରେ ନୁହେଁ, ଦାରିଦ୍ର୍ୟ ସଙ୍ଗେ ଲଢ଼ି ବଡ଼ ମଣିଷ ହେବାରେ ମନୁଷ୍ୟର ପ୍ରକୃତ ପୁରୁଷକାର।" (ନିଜ ଦାୟିତ୍ୱ) ଏଇ କେତେଧାଡ଼ିରୁ ପ୍ରାବନ୍ଧିକ ଆତ୍ମଶକ୍ତି ଉପରେ ଗଭୀର ଆସ୍ଥା ପୋଷଣ କରିଥିବା ସୂଚିତ ହୁଏ।

ସେ ତାଙ୍କ ପ୍ରବନ୍ଧରେ ଆପଣାର ମତକୁ ଦୃଢ଼ଭାବରେ ସାବ୍ୟସ୍ତ କରିପାରୁଥିଲେ। ଯେତେ ଅପ୍ରିୟ ହେଲେ ସୁଦ୍ଧା ନିଜ ମତବାଦ ଉପରେ ସେ ସିଧାସଳଖ ଠିଆ ହୋଇ ଜାଣିଥିଲେ। ସାଧାରଣତଃ ବିଶିଷ୍ଟ ପ୍ରାବନ୍ଧିକମାନେ କୌଣସି ବିଷୟରେ ପ୍ରବନ୍ଧ ଲେଖିବାବେଳେ ତା'ରି ଭିତରେ ଆପଣାର ଜୀବନ ଦୃଷ୍ଟିଟିକୁ ପ୍ରକାଶ କରିଥାନ୍ତି। ପ୍ରାବନ୍ଧିକ ଆପଣା ମାର୍ଗରେ ଜୀବନ ବ୍ୟାଖ୍ୟା କରିଥାଏ। ଡକ୍ଟର ମାନସିଂହ ତାଙ୍କ ପ୍ରବନ୍ଧରେ ତାହା ହିଁ କରିଛନ୍ତି। ସେ ଆମର ପ୍ରଚଳିତ ଗଣତନ୍ତ୍ର, ଆମର ପ୍ରଥାସିଦ୍ଧ ସମାଜ ବ୍ୟବସ୍ଥା, ଆମର ଶିକ୍ଷାନୀତି, ଜାତୀୟ ଜୀବନ ପ୍ରଭୃତି ସଂପର୍କରେ ନିଜସ୍ୱ ବକ୍ତବ୍ୟ ଶୁଣାଇବାକୁ ଭୁଲି ନାହାନ୍ତି। ଏ ପ୍ରସଙ୍ଗରେ ତାଙ୍କର 'ଆମ ଗଣତନ୍ତ୍ରର ଭବିଷ୍ୟତ' ପ୍ରବନ୍ଧଟି ବିଚାର କରାଯାଇପାରେ। ଏହି ପ୍ରବନ୍ଧରେ ସେ ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାରେ କିପରି ସାଧୁ, ସଚ୍ଚୋଟ ଓ ଚରିତ୍ରବାନ୍ ଲୋକମାନେ ଆମ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହୋଇପାରୁ ନାହାନ୍ତି। ସେ ସଂପର୍କରେ ଆଲୋଚନା କରିଛନ୍ତି। ସେ ଏଥିରେ ନିରୂପଣ କରିଛନ୍ତି ଆମ ଲୋକପ୍ରତିନିଧିମାନଙ୍କ ଯଥାର୍ଥ ସ୍ୱରୂପ। ତାଙ୍କରି ଭାଷାରେ କହିଲେ, "ସାଧୁ, ବିଜ୍ଞ, ସଚ୍ଚରିତ୍ର ଭାବରେ ଲୋକପ୍ରତିନିଧି ହେବାର ସର୍ବୋଚ୍ଚ ଯୋଗ୍ୟତା ଥିଲେ

Digitized by srujanika@gmail.com

ହେଁ, କୌଣସି ନାଗରିକ, ଧନ, କ୍ଷମତା ଓ ଧୂର୍ତ୍ତତା ନ ଥାଇ, ଲୋକ ପ୍ରତିନିଧି ହେବାର କଳ୍ପନା ହିଁ କରିପାରିବେ ନାହିଁ। ଅର୍ଥାତ୍ ଆମ ଦେଶରେ ଡ଼ିମୋକ୍ରାସୀ ଆମକୁ କେବଳ ମାରପେଞ୍ଚ-ଜାଣିଥିବା, ବିସ୍ତର-ଟଙ୍କା ଯୋଗଡ଼ କରିପାରୁଥିବା ଏବଂ ନିମ୍ନ ଶ୍ରେଣୀର ଜନତାକୁ ନାନା ଉଦ୍ଭଟ କଥାରେ ଭୁଲାଇ ପାରୁଥିବା କେତେକ ଧୂର୍ତ୍ତ ବ୍ୟକ୍ତିଙ୍କର ଶାସନ ଦେବାକୁ ହିଁ ସମର୍ଥ। ଗତ ଅଭିଜ୍ଞତା ଆମକୁ ଏହି ସାରକଥାଟା ହିଁ ଶୁଣାଉଛି। ସହସ୍ର ଓ ଲକ୍ଷ ଲକ୍ଷ ମୁଦ୍ରା ନିର୍ବାଚନରେ ତ ସହଜରେ ଉଡ଼ିଯାଉଛି। ଅଥଚ ଦେଶରେ ପ୍ରାଇଭେଟ୍ କଲେଜ, ପ୍ରାଇଭେଟ୍ ହାଇସ୍କୁଲ କଥା ଛାଡ଼, ପ୍ରାଇଭେଟ୍ ମିଡ଼ିଲ ସ୍କୁଲଟିଏ ମଧ୍ୟ ଚଳି ନ ପାରି, ଚିତ୍କାର ହେଉଛି 'ସରକାର ନେଇଯାନ୍ତୁ'। ସେତେବେଳକୁ ଟଙ୍କା ନାହିଁ। ତାଙ୍କୁ ଡ଼ାକ୍ତର ଔଷଧ ଦେବାକୁ ଟଙ୍କା ନାହିଁ। ତେବେ ନିର୍ବାଚନ ପାଇଁ ଲକ୍ଷ ଲକ୍ଷ ମୁଦ୍ରା ଆଲ୍ଲାଦିନ ପ୍ରଦୀପରୁ ବାହାରିଲା ପରି, କୁଆଡ଼ୁ ଏତେ ସହଜରେ ବାହାରି ଆସୁଛି ? ଏହା କ'ଣ ଆମର ଡ଼ିମୋକ୍ରାଟିକ୍ ଆଦର୍ଶ।" (ଆମ ଗଣତନ୍ତ୍ରର ଭବିଷ୍ୟତ) ତାଙ୍କ ମତରେ ଭାରତୀୟ ରାଜନୀତିରେ ଆଜି ଆଦର୍ଶ ସୁଦୂର ପରାହତ। ସାଧୁତା, ଚରିତ୍ରବତ୍ତା ଓ ନୀତିନିଷ୍ଠା ଆଜି ଅପସରି ଯାଇଛି ରାଜନୀତି କ୍ଷେତ୍ରରୁ। ଆଜିର ଭାରତୀୟ ରାଜନୀତି କେବଳ ପୁଞ୍ଜି ଖଟାଇ ପୁଣି ମୁନାଫା ଉଠାଇବା ବ୍ୟବସ୍ଥାରେ ପରିଣତ ହୋଇଛି। ସଂପ୍ରତି ରାଜନୀତିରେ ଅପରାଧୀମାନେ ପ୍ରବେଶ କରୁଛନ୍ତି ବୋଲି ଯାହା କୁହାଯାଉଛି, ସେ ସଂପର୍କରେ ସେ ଆମକୁ ବହୁ ବର୍ଷ ତଳେ ତାଙ୍କର ଏଇ ପ୍ରବନ୍ଧରେ କହିଥିଲେ।

ପ୍ରାବନ୍ଧିକ ମାନସିଂହ ତାହାଙ୍କ ପ୍ରବନ୍ଧରେ ଓଡ଼ିଆ ଜାତି ପ୍ରତି ଅହେତୁକ ଶ୍ରଦ୍ଧା ଭାବ ପୋଷଣ କରିଛନ୍ତି। ସେ ଆପଣାର ଜୀବନ ଭିତରେ ଜାତିର ପ୍ରତିବିମ୍ବ ଦେଖୁଥିଲେ। ଓଡ଼ିଆ ଜାତି ସବୁ କ୍ଷେତ୍ରରେ ଆଗେଇ ଚାଲୁ ଏହାହିଁ ସେ ଚାହୁଁଥିଲେ। ଓଡ଼ିଆମାନଙ୍କର ଆର୍ଥିକ ପ୍ରଗତି ହେଉ, ଓଡ଼ିଆମାନେ କର୍ମଠ ହୁଅନ୍ତୁ, ଆପଣାର ଜାତୀୟ ଆଦର୍ଶ ଓ ସମୃଦ୍ଧ ପରମ୍ପରାକୁ ବଞ୍ଚାଇ ରଖନ୍ତୁ, ଏଥିପାଇଁ ସେ ଆମକୁ ଦେଇଛନ୍ତି ଯଥେଷ୍ଟ ଉଦ୍‌ବୋଧନ। ଓଡ଼ିଆମାନଙ୍କ ଆଳସ୍ୟ ଓ ପରାନୁସରଣ ମନୋବୃତ୍ତିକୁ ସେ ପସନ୍ଦ କରୁନଥିଲେ। ଆଳସ୍ୟ, ଅନୁକରଣପ୍ରିୟତା, ସ୍ୱପରମ୍ପରା

Digitized by srujanika@gmail.com

ପ୍ରତି ବିମୁଖ ମନୋଭାବ ଏ ଜାତିକୁ ସବୁ କ୍ଷେତ୍ରରେ ପଛକୁ ଠେଲି ଦେଇଛି ବୋଲି ସେ କହୁଥିଲେ। ଓଡ଼ିଆମାନେ ସର୍ବଭାରତୀୟ ସ୍ତରରେ କାହିଁକି ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି ଓ ଅଧିକାଂଶ କ୍ଷେତ୍ରରେ ପଛୁଆ ହୋଇ ପଡ଼ିଛନ୍ତି, ସେ ତା'ର କାରଣ ଅନୁସନ୍ଧାନ କରିବାକୁ ଭୁଲି ନାହାନ୍ତି। (ଏ ପ୍ରସଙ୍ଗରେ.........ଉଲ୍ଲେଖନୀୟ) ଓଡ଼ିଆମାନେ ଅଧୁନା କିପରି ସେମାନଙ୍କ ସ୍ୱାତନ୍ତ୍ର୍ୟ ହରାଇ ବସିଛନ୍ତି, ଏ ସମ୍ବନ୍ଧରେ ସେ ନାନା ଦୃଷ୍ଟାନ୍ତ ଦେଇଛନ୍ତି। ଓଡ଼ିଆମାନେ ଆଜି କିପରି କାଳାତିପାତ କରୁଛନ୍ତି, ସେ ସଂପର୍କରେ ପ୍ରାବନ୍ଧିକ କେତେକ ଛୋଟ ଉଦାହରଣ ଦେଇ ଆମକୁ ବୁଝାଇଛନ୍ତି। ପ୍ରବନ୍ଧିକଙ୍କ ବକ୍ତବ୍ୟର କେଇଧାଡ଼ି ଏଠାରେ ଆଲୋଚନାକ୍ରମେ ଉଦ୍ଧାର କରାଯାଉଛି। ସେ ଲେଖିଛନ୍ତି, "ଓଡ଼ିଆମାନେ ଏକ ଐତିହାସିକ ଜାତି–ସେମାନେ ସେମାନଙ୍କର କଳା, ଶିଳ୍ପ, ସାହିତ୍ୟ, ସ୍ଥାପତ୍ୟ, ନୃତ୍ୟ ଓ ଏପରିକି ଭୋଜନ ପ୍ରଣାଳୀରେ ନିଜର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ପ୍ରତିଷ୍ଠା କରି ପାରିଥିଲେ। କିନ୍ତୁ ସ୍ୱକୀୟ ବିଶିଷ୍ଟତା ସମ୍ପନ୍ନ ଏହି ଐତିହାସିକ ଜାତି, କ'ଣ ଜଳଖିଆ ଖାଇ ଜାଣିନଥିଲା ? କଟକ, ଭୁବନେଶ୍ୱରରେ ଆଜି କଲିକତାରୁ ଲୋକେ ଆସି ଏକଚାଟିଆ ଅଧିକାର କରି ବସିଲେଣି। ଅଥଚ ଓଡ଼ିଆ ଲୋକର ନିଜର ଚକୁଳି, ଚିତୋଉ, ଏଣ୍ଡୁରି, ଛୁଞ୍ଚିପତ୍ର, କାକରା, ମଣ୍ଡା, ଆରିସା, ପାରିଜାତ, ଜଗନ୍ନାଥବଲ୍ଲଭ ଇତ୍ୟାଦି ବହୁବିଧ ଅପୂର୍ବ ସ୍ୱତନ୍ତ୍ରତା ବିମଣ୍ଡିତ ପିଠା ଇତ୍ୟାଦିକୁ ନବୀକୃତ କରି ବିକିପାରିଲେ ଓଡ଼ିଆଙ୍କ ଟଙ୍କା ଓଡ଼ିଆଙ୍କ ହାତରେ ରହିବା ସାଥେ ସାଥେ, ବାହର ଲୋକ ତ ଜାଣନ୍ତେ ଅନ୍ତତଃ ଯେ ଓଡ଼ିଆମାନଙ୍କର ନିଜର ଏକ ଜାତୀୟ ଆପ୍ୟାୟନ ଓ ଭୋଜନ ପ୍ରଣାଳୀ ଅଛି। ଆମେ ଟଙ୍କା ଓ ଜାତୀୟତା ଉଭୟଙ୍କୁ ଅକୁଣ୍ଠ ଚିତ୍ତରେ ପ୍ରତ୍ୟହ ଜଳାଞ୍ଜଳି ଦେଇ ଚାଲିଛୁ।" (ଓଡ଼ିଆମାନେ ପଛୁଆ ଓ ଦରିଦ୍ର କାହିଁକି ?) ଏଇ କେତେ ଧାଡ଼ିରୁ ପ୍ରାବନ୍ଧିକଙ୍କର ଜାତି ପ୍ରତି ଯେଉଁ ଅନାବିଳ ମମତା ରହିଛି, ତାହା ସହଜରେ ବୁଝିହୁଏ। କୌଣସି ଜାତି ତା'ର ଲକ୍ଷ୍ୟପଥରେ ଆଗେଇବା ପାଇଁ ନିଜର ଆଦର୍ଶ, ନୀତି ଓ ପରମ୍ପରାର ସୁରକ୍ଷା କରିବା ଉଚିତ। ସେଥିପାଇଁ 'ଓଡ଼ିଆମାନେ ପଛୁଆ ଓ ଦରିଦ୍ର କାହିଁକି ?' ପ୍ରବନ୍ଧରେ ସେ ଢ଼େର ଚେତାବନୀ ଶୁଣାଇଛନ୍ତି।

Digitized by srujanika@gmail.com

ଡ଼କ୍ଟର ମାନସିଂହଙ୍କ ପ୍ରବନ୍ଧରେ ଦୃଷ୍ଟିକୋଣର ପ୍ରଶସ୍ତତା ପରିଲକ୍ଷିତ ହୁଏ। ତାଙ୍କର ପ୍ରବନ୍ଧ ରଚନା ପାଇଁ ଆଧୁନିକ ଅବଧାରଣା ଥିଲା । ଫଳରେ ସେ ଯେତେ ପୁରୁଣା ପ୍ରସଙ୍ଗକୁ ନେଇ ପ୍ରବନ୍ଧ ରଚନା କଲେ ସୁଦ୍ଧା ତାହା ଆମ ନିକଟରେ ନୂତନ ରୂପେ ଉଭା ହେଉଥିଲା । ଏ ସଂପର୍କରେ ତାଙ୍କର ଗୋଟିଏ ପ୍ରବନ୍ଧକୁ ବିଚାର କଲେ ସହଜରେ ବୁଝିହେବ। 'ଓଡ଼ିଶାର ସାମାଜିକ ଜୀବନ ନେଇ ବହୁ ପ୍ରବନ୍ଧ ରଚନା କରାଯାଇଛି । ଡ଼କ୍ଟର ମାୟାଧର ମାନସିଂହ ମଧ୍ୟ 'ଓଡ଼ିଶାର ସମାଜିକ ଜୀବନ' ବିଷୟରେ ପ୍ରବନ୍ଧ ଲେଖିଛନ୍ତି । ଅନ୍ୟମାନଙ୍କ ତୁଳନାରେ ତାଙ୍କ ପ୍ରବନ୍ଧ ବେଶ୍ ଆଧୁନିକ ମନେହୁଏ । ଚିରାଚରିତ କଥା ଏମିତି ଭାବରେ ସେ ଉପସ୍ଥାପନ କରି ପାରୁଥିଲେ ଯାହା ଫଳରେ ବହୁ ଦୃଷ୍ଟପୂର୍ବ ପ୍ରସଙ୍ଗ ଅପୂର୍ବ ରୂପଲାଭ କରୁଥିଲା। ସେ ସାହସର ସହିତ ନୂଆ କଥା ଚିନ୍ତାକରି ମଧ୍ୟ କହି ପାରୁଥିଲେ । ତାଙ୍କ ମତରେ ଏକାନ୍ନ ପରିବାର ବନ୍ଧନରୁ ମୁକ୍ତ ହୋଇ ଆମେ ସାଧୁତାର ସହିତ ଜାତି ଧର୍ମ ଭେଦଭାବ ଭୁଲି ସ୍ୱାଧୀନ ଭାବରେ ବଞ୍ଚି ଶିଖିଲେ ଆମ ସାମାଜିକ ଜୀବନ ଉପାଦେୟ ହୋଇପାରିବ । ଏ ସଂପର୍କରେ ତାଙ୍କର ବକ୍ତବ୍ୟ ଏହିପରି, "ଏକାନ୍ନ ପରିବାର ଓ ଜାତିକୁ ଭାଙ୍ଗିଲେ ଆମେମାନେ ବାହାରର ବନ୍ଧନରୁ ମୁକ୍ତ ହେବା । ପୁରୋହିତ ପ୍ରଧାନ ଧର୍ମକୁ ଲୋପ କଲେ ଆମର ମନ ମୁକ୍ତ ହେବ। ଗୀତାରେ ମୁକ୍ତ ପୁରୁଷର ଯେତେଗୁଡ଼ିଏ ଗୁଣ ବର୍ଣ୍ଣିତ ଅଛି, ସେଥିରେ ପ୍ରଥମ ଗୁଣ ହେଉଛି ଅଭୟ । କିନ୍ତୁ ଦେଖ ଧର୍ମ ପାଇଁ ଚାରିଆଡ଼େ କିପରି ଭୟ ଖଞ୍ଜି ରଖିଛି। ଶାସ୍ତ୍ରର ଭୟ, ଦେବତାର ଭୟ, ନରକର, ପରପାରର ଭୟ । ହିନ୍ଦୁ ପରପାରର ଭୟରେ ପୁଣ୍ୟ କର୍ମ କରେ। ସେଥିପାଇଁ ଖାତକ ତଣ୍ଟି ଚିପା ହିନ୍ଦୁ ମହାଜନ ମଲାବେଳକୁ ବ୍ରାହ୍ମଣ ହାତରେ ଗୁଡ଼ାଏ ଦେଇଯିବାର ଦେଖାଯାଏ। ଭୟରେ କି ମନୁଷ୍ୟକୁ ଧାର୍ମିକ କରାଯାଏ ? ଫଳରେ ହିନ୍ଦୁର ଦର୍ଶନ ଶାସ୍ତ୍ର ଜଗତରେ ଶ୍ରେଷ୍ଠ ହେଲେ ମଧ୍ୟ, ପ୍ରଚଳିତ ହିନ୍ଦୁ ଧର୍ମ ପରି ଅସଭ୍ୟ ବ୍ୟବସ୍ଥା ଅନ୍ୟ କୌଣସିଠି ନାହିଁ। ଆମକୁ ଏସବୁକୁ ଉଠେଇବାକୁ ହେବ । ଧର୍ମ ଭିତରର ଜିନିଷ । ସେଥିପାଇଁ ପୁରୋହିତ, ମାନସିକ, ବଳିଦାନ, ହୋମ, ଯଜ୍ଞ କିଛି ହେଲେ ଦରକାର ନାହିଁ । ସମାଜ ପ୍ରତ୍ୟେକ ବ୍ୟକ୍ତି ଠାରୁ

Digitized by srujanika@gmail.com

କେବଳ ଗୋଟିଏ ସାମାଜିକ ଧର୍ମ ଆଶାକରେ ତାହା ଏହି ଯେ, ବ୍ୟକ୍ତି ତାର କର୍ତ୍ତବ୍ୟଟି ସାଧୁଭାବରେ ସଂପନ୍ନ କରିବ ଏବଂ ସବୁବେଳେ ନିଜର ସ୍ୱାର୍ଥକୁ ସମାଜର ଭାଇମାନଙ୍କର ସ୍ୱାଥପାଇଁ ତ୍ୟାଗ କରିବାକୁ ପ୍ରସ୍ତୁତ ଥିବ।" (ଓଡ଼ିଶାର ସାମାଜିକ ଜୀବନ) ଏହି ପ୍ରବନ୍ଧଟି ତାଙ୍କର ୧୯୫୧ ମସିହାରେ ପ୍ରକାଶିତ। ଯେଉଁ ସମୟରେ ଓଡ଼ିଆ ସମାଜରେ ରକ୍ଷଣଶୀଳତାର ପ୍ରବଳ ପ୍ରାଦୁର୍ଭାବ ଥିଲା, ସେତେବେଳେ ନିର୍ଭୀକ ଭାବରେ ଆମ ସମାଜ ବ୍ୟବସ୍ଥା ସଂପର୍କରେ ମତବ୍ୟକ୍ତ କରିବା ଯଥାର୍ଥରେ ତାଙ୍କର ଅଗ୍ରଗାମୀ ମନୋଭାବର ସୂଚନା ପ୍ରଦାନ କରେ । ତାଙ୍କ ଦୃଷ୍ଟିରେ ସାଧୁତା, କର୍ମନିଷ୍ଠା ଓ ମାନବିକତା ଆମ ସମାଜର ମୂଳମନ୍ତ୍ର ହେବା ବିଧେୟ । ମଣିଷପଣିଆର ବିକାଶ ପାଇଁ ଆମ ସମାଜ ସୁଯୋଗ ସୃଷ୍ଟି କରିବା ଦରକାର ।

ଡ଼କ୍ଟର ମାୟାଧର ମାନସିଂହଙ୍କ ସ୍ୱାତନ୍ତ୍ୟ ତାଙ୍କ ପ୍ରବନ୍ଧର ଶୈଳୀରେ ପ୍ରକାଶିତ। ସରଳ, କବିତ୍ୱପୂର୍ଣ୍ଣ, ବିଜ୍ଞତାବ୍ୟଞ୍ଜକ ଓ ପ୍ରସାରଣଶୀଳ ଗଦ୍ୟ ରଚନାରେ ସେ କୃତିତ୍ୱ ଅର୍ଜିଥିଲେ । ତାଙ୍କର ସ୍ୱତଃସ୍ଫୂର୍ତ୍ତ ପ୍ରବଣତା ତାହାଙ୍କ ପ୍ରବନ୍ଧରେ ଅନେକତ୍ର ପରିଲକ୍ଷିତ । ସୁତୀକ୍ଷ୍ଣ ବ୍ୟଞ୍ଜନା, ଗଭୀର ଅନ୍ୱେଷା, ବହୁବିଧ ଅଭିଜ୍ଞତା ଓ କବି ଦୃଷ୍ଟିର ସାର୍ଥକ ଅଭିବ୍ୟକ୍ତି ତାଙ୍କ ପ୍ରବନ୍ଧକୁ ମର୍ଯ୍ୟାଦାବନ୍ତ କରିଛି । ତାଙ୍କର ଉନ୍ନତ ରୁଚିବୋଧ, ସୌନ୍ଦର୍ଯ୍ୟ ଦୃଷ୍ଟି ଓ ସ୍ୱଭାବ ସୁଲଭ ରସିକତା ତାହାଙ୍କ ପ୍ରବନ୍ଧକୁ ପାଠକର ସମୀପବର୍ତ୍ତୀ କରିପାରିଛି। ବେଳେବେଳେ ସେ ତାଙ୍କ ପ୍ରବନ୍ଧରେ ସିଧାସଳଖ ସଂଳାପ ପ୍ରୟୋଗ କରିବାକୁ ମଧ୍ୟ ଭୁଲି ନାହାନ୍ତି ।

ମାନସିଂହଙ୍କ ଯାହା କିଛି କୃତିତ୍ୱ ତାଙ୍କର କବିତ୍ୱପୂର୍ଣ୍ଣ ଗଦ୍ୟରେ ରହିଛି ବୋଲି ମୂଳରୁ କୁହାଯାଇଛି। ତାହାଙ୍କ ପ୍ରବନ୍ଧର ସ୍ତରେ ସ୍ତରେ ଏଇ ଧରଣର ଗଦ୍ୟ ବେଶ୍ ସୁଲଭ । ଏଠାରେ ପାଠକଙ୍କ ଅବଗତି ସକାଶେ କେତୋଟି ଦୃଷ୍ଟାନ୍ତ ଦିଆଯାଇପାରେ।

(୧) "ମନୁଷ୍ୟ ଦେହରେ ଜୀବଶକ୍ତି ପ୍ରଚୁର ଥିଲେ ତାହା ନାନା ଦିଗରେ ବିକଶିତ ହୁଏ-ବସନ୍ତର ଆନନ୍ଦ ସାମାନ୍ୟ ଘାସରେ ମଧ୍ୟ ଯେପରି ଫୁଟି ବାହାରେ ।

Digitized by srujanika@gmail.com

ଏହି ଜୀବଶକ୍ତି କର୍ମପ୍ରବଣତାରେ ଉଜ୍ଜୀବିତ ରହେ । ଆତ୍ମବିଶ୍ୱାସ ଓ ଉଚ୍ଚାଭିଳାଷ, ଏହି ଶକ୍ତି ବୃକ୍ଷର ଆଳବାଳ ଓ ଜଳଧାରା ।" (ଜୀବଧର୍ମ)

(୨) "ବିଜୟା ଦଶମୀର ବିମଳ ଜ୍ୟୋତ୍ସ୍ନାରେ ଧରଣୀ ଆଲୋକିତ ହୋଇ ଉଠିଲେ, ଗ୍ରାମ ଦାଣ୍ଡରେ ଗ୍ରାମ୍ୟ ହାଡ଼ିର ଗମ୍ଭୀର ଢ଼ୋଲ ଧ୍ୱନୀ ଛୋଟ ଗ୍ରାମରେ ସମସ୍ତଙ୍କ ପ୍ରାଣକୁ ଚଞ୍ଚଳ କରି ପକାଏ । ଗ୍ରାମ୍ୟ ପୁରୋହିତ ପୂଜାଶେଷ କରନ୍ତେ ଗ୍ରାମର ଟୋକା ଓ ବୁଢ଼ାମାନେ କାଳ କଳଙ୍କିତ ଓ ଅବ୍ୟବହୃତ ମୌନଖଣ୍ଡା, ତରବାରି, ଢ଼ାଲ ଓ ପଟାବାଡ଼ି ସବୁ ଧରି ବାହାରି ପଡ଼ନ୍ତି, ଗ୍ରାମର ଦାଣ୍ଡକୁ ଶ୍ରେଣୀବଦ୍ଧ ଭାବରେ । ଗ୍ରାମ ଶେଷରେ ଗ୍ରାମଦେବତାଙ୍କ ମନ୍ଦିର । ଶ୍ରେଣୀବଦ୍ଧ ପାଇକେ ସେଠାକୁ ଯାଇ ଦେବତାଙ୍କୁ ନମସ୍କାର କରି ଫେରି ଆସିଲାବେଳେ ଢ଼ୋଲ ବାଦ୍ୟରେ ତାଙ୍କ ପାଦ ସବୁ ବୀରଦର୍ପରେ ଆପେ ଆପେ ନାଚିଯାଏ ।" (ଓଡ଼ିଆ ଜାତିର ବୈଶିଷ୍ଟ୍ୟ)

(୩) "ଜୀବନରେ ସେ ତ କାହାରି ଦାସତ୍ୱ ସ୍ୱୀକାର କରିନାହାନ୍ତି । ବରଂ ସେ ଯେଉଁଠି ଠିଆ ହୋଇଛନ୍ତି ସେଠି କରିଛନ୍ତି ସେ ଅକୁତୋଭୟ ସଂଗ୍ରାମ ଓ ସେଠୁ ଯାଇଛନ୍ତି ବିଜୟୀ ବୀର ଭାବରେ । ସେ ମୃତ୍ୟୁବରଣ କରିଛନ୍ତି ହାତରେ ତରବାରି ଧରି । ସେ ବଢ଼ିଛନ୍ତି, ବଞ୍ଚିଛନ୍ତି ଓ ମରିଛନ୍ତି ସୈନିକ ଓ ସେନାପତି ପରି ।" (ମଲ୍ଲ ଓ ମୋଜେସ୍ ମଧୁସୂଦନ)

ତାହାଙ୍କ ପ୍ରବନ୍ଧରେ ଗୀତିକବିତା ପରି ଅନ୍ତରର ଭାବୋଚ୍ଛ୍ୱାସ ଝରିଯାଇଛି ।

ଡ଼କ୍ଟର ମାନସିଂହଙ୍କ ଭାଷା ପ୍ରୟୋଗ ରୀତି ତାଙ୍କ ପ୍ରବନ୍ଧକୁ ଶକ୍ତିଶାଳୀ କରିଛି । ତାଙ୍କ ଗଦ୍ୟ ଭିତରେ ସେ ଏମିତି ଶବ୍ଦମାନଙ୍କୁ ଗୁନ୍ଥି ଦେଉଥିଲେ, ଯାହା ତାଙ୍କର ସୃଜନୀଶକ୍ତିର ପରିଚୟ ପ୍ରଦାନ କରେ । ଏମିତି ଶବ୍ଦର ପ୍ରାବଲ୍ୟ ତାଙ୍କ ପ୍ରବନ୍ଧରେ ଦେଖିବାକୁ ମିଳେ । ଯଥା-'ଆରମ୍ଭ ଗୁର୍ବୀ କ୍ଷୟିଣୀ କ୍ରମେଣ,' 'ଆପୋଷ ଅରାଜି ବ୍ୟକ୍ତିତ୍ୱ', 'ଆକୁଳାନ', 'ଅଗା-ବଗା-ଖଗା', 'ଆନନ୍ଦ ପରିତୋଷମୟ ଜୀବନ', 'ଆଣବିକ ଶକ୍ତି ପ୍ରମତ୍ତ ରାଷ୍ଟ୍ରନାୟକ', 'କପଟ କଶଳ ପଚାର', 'ମୈରବ

Digitized by srujanika@gmail.com

ରଜନୀର ନିଃସଙ୍ଗତା'- ଇତ୍ୟାଦି ଶବ୍ଦ ଗୁନ୍ଥନ କୌଶଳ ତାଙ୍କର ଅସାଧାରଣ ସୃଜନଶୀଳ ପ୍ରତିଭାର ନିଦର୍ଶନ । ସଫଳ ଲେଖକ ନୂଆଶବ୍ଦ ତିଆରି କରି ପାଠକକୁ ନୂଆବାଟ ଦେଖାଏ । ସେ ତାଙ୍କ ପ୍ରବନ୍ଧରେ ତାହାହିଁ କରିଛନ୍ତି । ଏଭଳି ଶବ୍ଦ ଭିତରେ ତାହାଙ୍କ କବିତ୍ୱ ମଧ୍ୟ ପ୍ରକଟିତ ।

ସେ ତାଙ୍କ ପ୍ରବନ୍ଧରେ ଅଳ୍ପରେ ବହୁକଥା କହି ପାରୁଥିଲେ । 'ବାକ୍ୟଟି ସରଳ, ଅଥଚ ଭାବଗର୍ଭକ'- ଏହାହିଁ ଅନେକତ୍ର ତାଙ୍କ ପ୍ରବନ୍ଧରେ ପରିଦୃଷ୍ଟ । ଯେମିତି ପ୍ରସିଦ୍ଧ ଉକ୍ତିଗୁଡ଼ିକ ଲୋକମୁଖରେ କାଳ କାଳ ପାଇଁ ବଞ୍ଚି ରହିଛି, ସେମିତି ତାଙ୍କ ପ୍ରବନ୍ଧର କେତେକ ପ୍ରସିଦ୍ଧ ଉକ୍ତି ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଛି । ଏଠାରେ ତାଙ୍କ ପ୍ରବନ୍ଧରୁ କେତେକ ଏଇ ଧରଣର ଉକ୍ତି ଉଦ୍ଧାର କରାଯାଇପାରେ ।

(୧) "ବିଶ୍ରାମ ନୈଷ୍କର୍ମ୍ୟ ନୁହେଁ, ତାହା ପ୍ରୀତିକର ଶ୍ରମ ମାତ୍ର ।" (ଶ୍ରମ କୌଶଳ)

(୨) "ବିଦେଶୀଭାବ ଲୋକକୁ ବିଦେଶୀ କରାଏ ନାହିଁ, ବିଦେଶୀ ବେଶ ହିଁ ଲୋକକୁ ଇତର କରି ପକାଏ ।" (ପରଧର୍ମ)

(୩) "ଜୀବନର ଗଭୀରତାକୁ ଯାଇ ମୁକ୍ତା ସଂଗ୍ରହର ଦୁର୍ବାର ଲାଳସା ଆଜି ଲୁପ୍ତ ପ୍ରାୟ । ଶମ୍ବୁକାର ବୋଝ ହିଁ ଆମର ବେଳାଭୂମିରେ କେବଳ ଦୌଡ଼ା ଦୌଡ଼ି ନୁହେଁ, ଧସ୍ତାଧସ୍ତି ମଧ୍ୟ ।" (ସଭା ଓ ସାହିତ୍ୟ)

(୪) "ଆଜି ରାଜନୀତି କହିଲେ କେତେକ ଅବୁଦ୍ଧିଜୀବୀ, ବୈଶ୍ୟ ଓ ଶୂଦ୍ରଭାବାପନ୍ନ ଲୋକଙ୍କର ସ୍ୱାର୍ଥ ସଂଘର୍ଷର ଦେଶବ୍ୟାପୀ କୁତ୍ସିତ ବୀଭତ୍ସତା ।" (ଓଡ଼ିଆ ଜାତିର ବୈଶିଷ୍ଟ୍ୟ)

ତାଙ୍କ ପ୍ରବନ୍ଧର ପ୍ରତ୍ୟେକ ପୃଷ୍ଠାରେ ଏଇଭଳି ଗୁରୁତ୍ୱପୂର୍ଣ୍ଣ ମନେ ରଖିବା ଭଳି ଉକ୍ତି ରହିଛି । ଏଗୁଡ଼ିକୁ ତାଙ୍କ ପ୍ରବନ୍ଧର ସୂକ୍ତି ମୁକ୍ତାବଳୀ କହିଲେ ଯଥାର୍ଥ ହେବ ।

ଡ଼କ୍ଟର ମାନସିଂହ ଅନେକ ସ୍ଥଳରେ ତାଙ୍କ ପ୍ରବନ୍ଧରେ ବିଦ୍ରୂପ କରିବାକୁ

Digitized by srujanika@gmail.com

ଭୁଲିନାହିନ୍ତି । ସେ ଆମର ହାସ୍ୟକର ଚଳଣି, କୁସଂସ୍କାର, ଭାଗ୍ୟବାଦୀ ମନୋଭାବ ଓ ଅସାଧୁତାକୁ ତାହାଙ୍କ ପ୍ରବନ୍ଧରେ କରିଛନ୍ତି ଅଙ୍ଗୁଳି ନିର୍ଦ୍ଦେଶ । ଆମର କାର୍ଯ୍ୟରେ, ଚିନ୍ତାରେ, ଜୀବନାଦର୍ଶରେ ଏକ ସୌନ୍ଦର୍ଯ୍ୟବୋଧ ଫୁଟିଉଠୁ, ଏହାହିଁ ଥିଲା ତାଙ୍କର ଲକ୍ଷ୍ୟ । ଏଠାରେ ତାଙ୍କର ବିଦ୍ରୂପାତ୍ମକ ଗଦ୍ୟର କିୟଦଂଶ ଦେଖନ୍ତୁ :

(୧) "ଆମର ଖାଇବା, ବଳଦ କୁଣ୍ଡା ଖାଇବା ପରି-ପ୍ରଭେଦ କେବଳ ଆମେ ଥାଳିରେ ମୁହଁ ଲଗାଉନା-ତେବେ ପଖାଳ ଖିଆବେଳେ ସେତକ ବି ହୁଏ ।" (ଓଡ଼ିଶାର ସାମାଜିକ ଜୀବନ)

(୨) "ପୁଣି ଗୁଣର ଅର୍ଥ ଯେପରି କେହି ନ ବୁଝନ୍ତି କେବଳ ଡ଼ିଗ୍ରୀ-ଡିପ୍ଲୋମାର ତିଳକ । ଏଦେଶ ଓ ବିଦେଶରୁ ଡ଼କ୍ଟରେଟ ମଧ୍ୟ ଅନାୟାସରେ ସଂଗ୍ରହ କରି, ବହୁ ମୂର୍ଖଙ୍କୁ ଏବେ ଆମେ ଭେଟୁଛୁ କଲେଜ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ।" (ଆମ ଗଣତନ୍ତ୍ରର ଭବିଷ୍ୟତ)

(୩) "ଆମ ଅଧୋଗତିର ଗୋଟିଏ ବଡ଼ କାରଣ, ଆମର କୂପମଣ୍ଡୁକତା । ଆମର ଚିନ୍ତାନାୟକମାନେ ଆମ ଚାରିପଟେ ହୁଡ଼ା ଦେଇ ଆମ ଜାତିକି ଗୋଟିଏ ବଦ୍ଧ ଜଳାଶୟରେ ପରିଣତ କରିବାକୁ ଚାହାନ୍ତି ।" (ଓଡ଼ିଆ ଜାତିର ବୈଶିଷ୍ଟ୍ୟ)

ଡ଼କ୍ଟର ମାନସିଂହଙ୍କ ପ୍ରବନ୍ଧଗୁଡ଼ିକ ବୁଦ୍ଧିଦୀପ୍ତ, ବିଶ୍ଳେଷଣଧର୍ମୀ ଓ ସୂକ୍ଷ୍ମ ବିଚାରଧାରାରେ ସମୃଦ୍ଧ । ସରଳ ଅଥଚ ଭାବଗର୍ଭକ ଶବ୍ଦମାନ ତାଙ୍କ ପ୍ରବନ୍ଧରେ ସର୍ବତ୍ର ଦେଖିବାକୁ ମିଳେ । ସରଳ ପରିପ୍ରକାଶ, ଆତ୍ମୀୟତାପୂର୍ଣ୍ଣ କଥ୍ୟ ଭଙ୍ଗୀ, ନୂତନ ଭାବନା ଓ ସୌନ୍ଦର୍ଯ୍ୟବୋଧ ତାଙ୍କ ପ୍ରବନ୍ଧକୁ ଜୀବନ୍ତ ଓ ପ୍ରାଣବନ୍ତ କରିଛି । ସମକାଳୀନଭାବ ପ୍ରବାହ ସହିତ ଆମ ପରମ୍ପରାକୁ ସମନ୍ୱିତ କରି ସେ ତାଙ୍କ ପ୍ରବନ୍ଧରେ ଚମତ୍କାର ବିଶ୍ଳେଷଣ କରିଛନ୍ତି । ତାଙ୍କ ପ୍ରବନ୍ଧର ଭାଷା ପ୍ରାଞ୍ଜଳ । ଏଥିରେ ଏକ ଅଦୃଶ୍ୟ ଛନ୍ଦର ପ୍ରବହମାନତା ଅନୁଭବ କରିହୁଏ । ପଦ୍ୟ ଛନ୍ଦ ପରି ଗଦ୍ୟର ଛନ୍ଦ ଦୃଶ୍ୟମାନ ନହେଲେ ବି ପଢ଼ିଗଲେ ସହଜରେ ଏହାର ଛନ୍ଦ ବାରି ହୋଇପଡ଼େ । ତାଙ୍କ ପ୍ରବନ୍ଧର ପ୍ରତିଟି ବାକ୍ୟ ଚଳମାନ ଭାବ ପ୍ରବାହର ଏକ ଏକ

Digitized by srujanika@gmail.com

ଜୀବନ୍ତ ଛନ୍ଦ । ପଢ଼ିଜାଣିଲେ ସହଜରେ ଏହା ଆଧୁନିକ ଗଦ୍ୟ କବିତା ପରି ପଢ଼ି ହେବ ନିଶ୍ଚୟ ।

ମାନସିଂହଙ୍କ ପ୍ରବନ୍ଧ ତାହାଙ୍କ ବ୍ୟକ୍ତିତ୍ୱର ସାର୍ଥକ ପରିପ୍ରକାଶ କହିଲେ ଯଥାର୍ଥ ହେବ । କବିର କୋମଳ ପ୍ରାଣ ତାଙ୍କ ପ୍ରବନ୍ଧରୁ ସହଜରେ ଅନୁଭବ କରିହୁଏ । ସେ ନିର୍ଭୀକ ଓ ସ୍ୱାଧୀନ ମନୋଭାବ ନେଇ ଜୀବନ ସଂପର୍କିତ ଜଟିଳ ତତ୍ତ୍ୱ ଅବତାରଣା ବେଳେ ମଧ ନିଜର କବିଜନ ସୁଲଭ ଆବେଗଟିକୁ ଭୁଲି ନାହାନ୍ତି । ଉନ୍ନତ ରସବୋଧ, ସୃଜନଶୀଳ ଦୃଷ୍ଟିକୋଣ, ଚିନ୍ତାର ଗଭୀରତା ଓ ସ୍ୱକୀୟ ଜୀବନାନୁଭୂତିର ସ୍ପର୍ଶ ତାଙ୍କୁ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଜଣେ କୃତବିଦ୍ୟ ପ୍ରାବନ୍ଧିକ ଭାବେ ପ୍ରତିଷ୍ଠିତ କରିଛି ।

(ଖ)

ଡ଼କ୍ଟର ମାନସିଂହଙ୍କ ଗଦ୍ୟ ସାହିତ୍ୟର ଅନ୍ୟ ଏକ ବିଶିଷ୍ଟ ଦିଗ ହେଉଛି ସାହିତ୍ୟ-ସମାଲୋଚନା । ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ ସମାଲୋଚକ ଭାବରେ ତାଙ୍କର ଅସାମାନ୍ୟ କୃତିତ୍ୱ ପରିଲକ୍ଷିତ । ସୃଜନଶୀଳ ସମାଲୋଚନା କ୍ଷେତ୍ରରେ ତାଙ୍କର ସାଧନା ପ୍ରଶଂସନୀୟ । ତାଙ୍କ ଆଲୋଚନା ଦ୍ୱାରା ଓଡ଼ିଆ ସାହିତ୍ୟ ନୂଆ ରୂପ ପରିଗ୍ରହ କରିଛି । କବି ହୃଦୟର ଗଭୀର ଆବେଗ ଉଚ୍ଛ୍ୱାସ ନେଇ ସେ ଶ୍ରଦ୍ଧାର ସହିତ ଆମ ସାହିତ୍ୟ ସମାଲୋଚନା କରିଛନ୍ତି । ତାଙ୍କ ଆଲୋଚନାରେ ଗଭୀର ଅନ୍ତଦୃଷ୍ଟି ସହିତ ସୌନ୍ଦର୍ଯ୍ୟବୋଧର ସମନ୍ୱୟ ଘଟିଛି ।

ଡ଼କ୍ଟର.ମାୟାଧର ମାନସିଂହଙ୍କୁ ଓଡ଼ିଆ ସାହିତ୍ୟର ପ୍ରଥମ କବି ସମାଲୋଚକର ଗୌରବ ଦିଆଯାଇପାରେ । ତାଙ୍କ ପୂର୍ବରୁ ଆମ ସାହିତ୍ୟରେ ଅଳ୍ପ କେତେ ଜଣ ମାତ୍ର ସମାଲୋଚକ ଥିଲେ । ସେମାନେ ହେଲେ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା, ପଣ୍ଡିତ ମୃତ୍ୟୁଞ୍ଜୟ ରଥ, ଶ୍ୟାମସୁନ୍ଦର ରାଜଗୁରୁ, ପଣ୍ଡିତ ନୀଳକଣ୍ଠ ଦାସ ଓ ପଣ୍ଡିତ ଆର୍ତ୍ତବଲ୍ଲଭ ମହାନ୍ତି । ସେମାନେ ସମସ୍ତେ ହେଲେ ଏକାଧାରରେ ପଣ୍ଡିତ ଓ ସମାଲୋଚକ । ଶାସ୍ତ୍ରୋଜ୍ଜ୍ୱଳ ବୁଦ୍ଧିରେ ସେମାନେ ଆମ ସାହିତ୍ୟ ସମାଲୋଚନା

Digitized by srujanika@gmail.com

କରିଛନ୍ତି । ଇଂରାଜୀରେ ଯାହାକୁ କୁହାଯାଏ, 'Scholar-Critic' ସମସ୍ତେ ଥିଲେ ସେହି ଶ୍ରେଣୀର । କଠୋର ଅଧ୍ୟବସାୟ, ଧୀଶକ୍ତି ଓ ସଂସ୍କୃତିପ୍ରବଣତା ସେମାନଙ୍କ ସାହିତ୍ୟ-ସମୀକ୍ଷାର ଥିଲା ବିଶେଷତ୍ୱ । ଅବଶ୍ୟ ପଣ୍ଡିତ ନୀଳକଣ୍ଠ ଥିଲେ ଅନେକାଂଶରେ କବି-ସମାଲୋଚକ ପର୍ଯ୍ୟାୟର । କିନ୍ତୁ ତାଙ୍କର ପାଣ୍ଡିତ୍ୟ ବେଳେ ବେଳେ କବିତ୍ୱକୁ ଅତିକ୍ରମ କରିଯାଇଛି । ଏ ସକାଶେ ପ୍ରଥମ କବି-ସମାଲୋଚକ ରୂପେ ଡ଼କ୍ଟର ମାନସିଂହ ହିଁ ସ୍ୱୀକୃତ ।

ଡ଼କ୍ଟର ମାନସିଂହ ତରୁଣ ବୟସରୁ ସାହିତ୍ୟ ସମାଲୋଚନାରେ ମନୋନିବେଶ କରିଥିଲେ । ସେ ସ୍ନାତକୋତ୍ତର ଶ୍ରେଣୀର ଛାତ୍ର ଥିବାବେଳେ ଲେଖିଥିଲେ 'ପ୍ରାଚୀନ ଓଡ଼ିଆ କାବ୍ୟ' ଶୀର୍ଷକ ଏକ ସମାଲୋଚନା । ୧୯୩୦ ମସିହା ଡ଼ିସେମ୍ବର ମାସରେ ଅନୁଷ୍ଠିତ ଇଚ୍ଛାପୁର-ସାହିତ୍ୟ-ସମ୍ମିଳନୀର ପ୍ରଥମ ଅଧିବେଶନରେ ଏହା ପଠିତ ହୋଇଥିଲା । ପରବର୍ତ୍ତୀ କାଳରେ ଏହା ସହକାର ପତ୍ରିକାର ୧୯୩୧ ମସିହା ଅଗଷ୍ଟ ସଂଖ୍ୟାରେ ପ୍ରକାଶିତ । ତରୁଣ କବି ମାନସିଂହଙ୍କ ମୌଳିକ ଦୃଷ୍ଟିକୋଣ ସହିତ ତାଙ୍କର ଆବେଗ ଉଚ୍ଛ୍ୱାସ ଏଥିରେ ଝରିଯାଇଛି । ସେ ସମାଲୋଚନା ମଧ୍ୟରେ ରଚନା କରିଛନ୍ତି କବିତାର ଶୁଦ୍ଧ ସ୍ତବକ । ସେ କୌଣସି ଶସ୍ତ୍ର ନିୟମ ଅନୁଯାୟୀ ପ୍ରାଚୀନ କାବ୍ୟ ଓ କବିଙ୍କର ଆଲୋଚନା କରିନାହାନ୍ତି । ନିଜେ ଯାହା ଅନୁଭବ କରିଛନ୍ତି କାବ୍ୟ ପାଠରୁ, ସେ ସବୁକୁ ଆପଣାର କବିସୁଲଭ ଦୃଷ୍ଟିଭଙ୍ଗୀ ନେଇ ବ୍ୟକ୍ତ କରିଛନ୍ତି । ଏଠାରେ ପ୍ରାଚୀନ ଓଡ଼ିଆ କାବ୍ୟସଂପର୍କରେ କବିଙ୍କ ଚିନ୍ତାଧାରାର କିୟଦଂଶ ଉଦ୍ଧାର କରାଯାଇପାରେ । ତାହା ଏହିପରି, "ଭଞ୍ଜ ଓ ଭଞ୍ଜାନୁଗ ଓଡ଼ିଆ କବିମାନଙ୍କର କାବ୍ୟ ଜଗତକୁ ଅଖଣ୍ଡଭାବରେ ଭାବି ବସିଲେ ଏକ ପ୍ରାସାଦବାସିନୀ ରାଜରାଣୀର କଳ୍ପନା ମନକୁ ଆସେ । ଉତ୍କଳର କଳାସମୃଦ୍ଧ ଦେବାଳୟମାନଙ୍କ ପରି, ଏ ପ୍ରାସାଦର ପ୍ରତ୍ୟେକ ପ୍ରସ୍ତର ଖଣ୍ଡ ସୂକ୍ଷ୍ମ ଓ ଜଟିଳ ଶିଳ୍ପରେ ଗୁମ୍ଫିତ ହୋଇରହିଛି । ସେ ପ୍ରାସାଦର ଅଙ୍ଗନ କର୍ପୂର ରଜରେ ବିଚ୍ଛୁରିତ, ଟଭାଫଳ ଖୋଷା ଚେଟୀ ପ୍ରାତଃକାଳରେ ମୟୁର ପୁଚ୍ଛର ସମ୍ମାର୍ଜନୀରେ ସେ ଅଙ୍ଗନ ମାର୍ଜନ କରିଯାଏ । ବିରହ ଛଡା ବେଦନା ନାହିଁ-ପ୍ରେମାଶ୍ରୁ ଛଡା ଅଶ୍ରୁ

Digitized by srujanika@gmail.com

ନାହିଁ; କ୍ରୋଧ ଅଭିମାନରେ ପର୍ଯ୍ୟବସିତ । ରାଣୀ ଓ ସହଚରୀଗଣ ଅସୂର୍ଯ୍ୟମ୍ପଶ୍ୟା। ରାଜାନ୍ତଃପୂରର ବାହାରେ ଅଗଣିତ ଜନସଂଘ ସହିତ ସେମାନଙ୍କର କୌଣସି ସମ୍ପର୍କ ନାହିଁ । ଉଦ୍ୟାନ ଲତାପରି ସେମାନଙ୍କ ଜୀବନ, ଲତାର ପୁଷ୍ପୋଦ୍‌ଗମ ପରି ପ୍ରେମ ହିଁ ସେମାନଙ୍କ ଜୀବନର ଏକମାତ୍ର ସାର୍ଥକତା ।" (ପ୍ରାଚୀନ ଓଡ଼ିଆ କାବ୍ୟ) ଏହି ଆଲୋଚନାରେ ଆପଣାର ମତକୁ ମଧ୍ୟ ନିର୍ଭୀକ ଭାବରେ ସେ ସାବ୍ୟସ୍ତ କରିଛନ୍ତି। ସେ ଚିରାଚରିତ ନ୍ୟାୟରେ ପ୍ରାଚୀନ ଓଡ଼ିଆ କାବ୍ୟ ସଂପର୍କରେ ମନ୍ତବ୍ୟ ପ୍ରଦାନ ନକରି ଆପଣାର ବିଚାର ଅନୁଯାୟୀ ଯଥାସମ୍ଭବ ଅନୁଶୀଳନ କରିଛନ୍ତି । ପୁରାତନ ସୃଷ୍ଟିକୁ ଆପଣାର ଚେତନାରେ ରୂପାନ୍ତରିତ କରି ତାକୁ ନୂଆ ରୂପେ ଦେଖିବାର ଆଗ୍ରହ ତାଙ୍କର ଥିଲା । ଫଳରେ ସେ ଆମ ପ୍ରାଚୀନ କାବ୍ୟରେ ପ୍ରେମ ଓ ଧର୍ମ ନଖୋଜି, ଖୋଜିଛନ୍ତି ଉଚ୍ଚ ମାନବିକତାର ମୂଲ୍ୟବୋଧ । ସେ ଯେତେବେଳେ ଉଚ୍ଚ ମାନବିକତାର ମୂଲ୍ୟବୋଧର ଦ୍ୱାରଦେଶରେ ବସି ଆମ ପ୍ରାଚୀନ କାବ୍ୟକୁ ଦେଖିଛନ୍ତି ସେତେବେଳେ ତାହା ତାଙ୍କୁ ନିରାଶ ଅନ୍ଧକାର ଭଳି ମନେ ହୋଇଛି। ଏ ସମ୍ବନ୍ଧରେ ତାହାଙ୍କ ଅଭିମତ ଚିରସ୍ମରଣୀୟ । "ଆମ୍ଭମାନଙ୍କର ପ୍ରାଚୀନ କାବ୍ୟ କବିତାରେ ଉଚ୍ଚ ମାନବିକତାର ବା ଦୃଢ଼ ଚରିତ୍ରର ଚିତ୍ର ନାହିଁ କହିଲେ ଚଳେ । ଶକ୍ତିମାନ ପ୍ରେମିକ ଓ ଶକ୍ତିମତୀ ପ୍ରେମିକା ଦୁର୍ଲ୍ଲଭ । ଅଥଚ ସମସ୍ତ ସାହିତ୍ୟଟା ପ୍ରେମକୁ ଆଶ୍ରୟ କରି ଗଠିତ ହୋଇଉଠିଛି । ନାୟକ ନାୟିକାମାନଙ୍କର ଜୀବନରେ ପ୍ରେମ ହିଁ ଶ୍ରେଷ୍ଠ ଓ ଏକମାତ୍ର ଘଟଣା, ଅଥଚ ପ୍ରାୟ ସମସ୍ତ କବିଙ୍କର ସମସ୍ତ ନାୟକ ନାୟିକା ପ୍ରେମର ନିମ୍ନତମ ସ୍ତରରେ । ଏଠାରେ କୌଣସି ଶକୁନ୍ତଳା ପ୍ରତ୍ୟାଖ୍ୟାତ ହୋଇ ବ୍ରହ୍ମଚାରିଣୀ ହୋଇନାହିଁ, କୌଣସି ଜୁଲିଏଟ ପ୍ରେମ ପାଇଁ ଆତ୍ମତ୍ୟାଗ କରୁନାହିଁ, କୌଣସି ସୁଭଦ୍ରା ପ୍ରେମ ପାଇଁ ପ୍ରଣୟୀର ରଥ ଚାଳନା କରି ବାହାରି ଯାଉନାହିଁ। ସମସ୍ତଙ୍କର ପ୍ରଣୟ କେବଳ ବିଳାପ, ଅଶ୍ରୁ, ଅଭିମାନ ଓ ରତିକ୍ରିଡ଼ା ।" (ପ୍ରାଚୀନ ଓଡ଼ିଆ କାବ୍ୟ) ପ୍ରାଚୀନ କାବ୍ୟ ସଂପର୍କରେ ତାଙ୍କ ପୂର୍ବରୁ ଆଉ କାହାରି ଲେଖାରେ ଏଭଳି ଦୃଷ୍ଟିଭଙ୍ଗୀ ପ୍ରକଟିତ ହୋଇନାହିଁ ।

ଡ଼କ୍ଟର ମାନସିଂହ ତାଙ୍କ ସମାଲୋଚନାରେ ଲେଖକଙ୍କ ଲେଖାର ସାମଗ୍ରିକ

Digitized by srujanika@gmail.com

ରୂପକୁ ଲକ୍ଷ୍ୟ କରି ମତବ୍ୟକ୍ତ କରୁଥିଲେ । ସେ ଲେଖାର ସାର୍ବଜନୀନ ଆବେଦନ ଉପରେ ମଧ ଦେଉଥିଲେ ଗୁରୁତ୍ୱ । ଆପଣାର ଅନୁଭୂତି ଭିତର ଦେଇ ସେ ସ୍ରଷ୍ଟା ଓ ସୃଷ୍ଟି ଉଭୟଙ୍କୁ ଦେଖୁଥିଲେ । ଏଥିରେ କବି ମନର ରସସ୍ପର୍ଶ ଓ ସ୍ୱଚ୍ଛ ପ୍ରତିବିମ୍ବ ଲକ୍ଷଣୀୟ । 'କବି ଓ କବିତା' ପୁସ୍ତକଟିରେ ଏହିପରି ଭାବରେ କେତୋଟି ଉଚ୍ଚକୋଟୀର ଆଲୋଚନା ସେ ଲେଖିଛନ୍ତି । ସେ ସାହିତ୍ୟ ପଢ଼ି ଯେଉଁ ଆନନ୍ଦ ଅନୁଭବ କରିଛନ୍ତି, ତାକୁ ସେ ଅନ୍ୟ ନିକଟରେ ଉପଭୋଗ କରାଇବା ଭଳି ଢ଼ଙ୍ଗରେ ମଧ ପ୍ରକାଶ କରିଛନ୍ତି । ସୃଷ୍ଟିଶୀଳ ରୁଚିବୋଧ ସହିତ ଏକ ବର୍ଣାଢ୍ୟ ଅନୁଭବିତାର ସ୍ୱାକ୍ଷର ତାଙ୍କ ଆଲୋଚନାର ସ୍ୱାତନ୍ତ୍ର୍ୟ ଚିହ୍ନଟରେ ସହାୟକ ହୋଇଛି । ତାଙ୍କର ସୃଜନଶୀଳ ଦୃଷ୍ଟିକୋଣ ସହିତ ପରିଚିତ ହେବା ସକାଶେ 'କବି ଓ କବିତା' ପୁସ୍ତକର କିୟଦଂଶ ଏଠାରେ ଉଦ୍ଧାର କରାଯାଇପାରେ । ତାହା ଏହିପରି, "ରବୀନ୍ଦ୍ରନାଥ ମହାକାବ୍ୟ ଲେଖି ନାହାନ୍ତି କିନ୍ତୁ ସେ ମହା କବି । ସେ ଗୁରୁ ବୋଲି ଧର୍ମ ପ୍ରଚାରକ ବୋଲି ପରିଚିତ ହେବାକୁ ଘୃଣା କରୁଥିଲେ, କିନ୍ତୁ ତାଙ୍କ ନିଜ ଆଶ୍ରମରେ ତାଙ୍କର ସାଧାରଣ ନାମ ଥିଲା ଗୁରୁଦେବ ଏବଂ ସେ ପ୍ରକୃତରେ ଲୋକଗୁରୁ। ସେ ବିରାଟ ସ୍ରଷ୍ଟା, କିନ୍ତୁ ତାଙ୍କ ସୃଷ୍ଟି ଯେ ବହୁ ହତ୍ୟା ଓ ବିନାଶ ଉପରେ ପ୍ରତିଷ୍ଠିତ ଏକଥା କମ୍ ଲୋକ ଜାଣନ୍ତି । ସେ ଆମକୁ ଚାବୁକ୍ ଦେବା ଯେତେବେଳେ ଦରକାର ସେତେବେଳେ ଚାବୁକ୍ ଦେଉଥିଲେ, କିନ୍ତୁ ସେ ଚାବୁକ୍ ବି ରେଶମ କନାରେ ତିଆରି ଥିବାରୁ ଆମେ ଆଘାତଟା ଅନୁଭବ କରୁନଥିଲୁ । ସେ ଥିଲେ ସ୍ୱପ୍ନବିଳାସୀ କଳ୍ପଲୋକର ବାସିନ୍ଦା, କିନ୍ତୁ ମର୍ତ୍ତ୍ୟବାସୀର ନାଡ଼ି ଦେଖି ଔଷଧ ବତାଇବାରେ ତାଙ୍କ ପରି ବୈଦ୍ୟ ଏକ ଗାନ୍ଧୀ ଛଡ଼ା ଦ୍ୱିତୀୟ ଏଦେଶରେ ନାହାନ୍ତି । ରବୀନ୍ଦ୍ରନାଥଙ୍କର ଏହି ପ୍ରକାର ବହୁମୁଖୀ ପ୍ରତିଭା ସାରସ୍ୱତ ପ୍ରତିଭାର ମଧ୍ୟାହ୍ନ ଦୀପ୍ତିରେ ଯୋଡି ହୋଇଯାଇ ଲୋକଲୋଚନର ଆଗୋଚରରେ ରହିଯାଇଛି ।" (ରବିନ୍ଦ୍ର ପୂଜା) ତାଙ୍କର ଏ ଧରଣର ଆଲୋଚନାରୁ କବିଙ୍କ ପ୍ରତି ଏକ ସମ୍ମାନବୋଧ ହୋଇଛି ପ୍ରକଟିତ । ଏଥିରେ କବିଙ୍କ ପ୍ରତି ଆପଣାର ଯାହା ଅନୁଭୂତି, ତାହାକୁ ହିଁ ସେ କେବଳ ଭାଷାରେ ରୂପ ଦେଇଛନ୍ତି ।

Digitized by srujanika@gmail.com

ଡ଼କ୍ଟର ମାନସିଂହ ତାହାଙ୍କ ସମାଲୋଚନାରେ ସୃଷ୍ଟିର ରସସୌନ୍ଦର୍ଯ୍ୟ ଉଦ୍‌ଘାଟନ ସହିତ ଜୀବନଧର୍ମିତା ଓ ସାମାଜିକ ଉପଯୋଗିତା ନିରୂପଣ କରିବାକୁ ଭୁଲିନାହାନ୍ତି । ଆପଣାର କଳ୍ପନାଶକ୍ତି ଓ ବିଚାରଧାରା ପ୍ରୟୋଗ କରି କୌଣସି ସୃଷ୍ଟିର ଅନ୍ତର୍ନିହିତ ତାତ୍ପର୍ଯ୍ୟ ଓ ଏହାର ଅନ୍ତରାଳରେ ରହିଥିବା ଲେଖକଙ୍କ ମାନସିକ ଚିନ୍ତାଧାରାର ସ୍ତର ଆବିଷ୍କାର କରିବାରେ ସେ ଥିଲେ ଜଣେ ସାର୍ଥକ ସମୀକ୍ଷକ । ଏ ସଂପର୍କରେ 'ମାଟିର ମହାକବି ସାରଳା ଦାସ' ଏକ ଉଲ୍ଲେଖନୀୟ ପୁସ୍ତକ । ଏହି ଗ୍ରନ୍ଥରେ ସେ ସାରଳା ଦାସଙ୍କ ଓଡ଼ିଆତ୍ୱ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ସେ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଭାବ ପ୍ରବାହ ଦୃଷ୍ଟିରୁ କବିଙ୍କର କୃତିତ୍ୱ ଆକଳନ କରିଛନ୍ତି । କବି ସାରଳା ଦାସଙ୍କର ଓଡ଼ିଆ ଜାତି ସହ ଯେଉଁ ଆତ୍ମୀୟତା ଥିଲା, ତାହାକୁ ଏହି ଗ୍ରନ୍ଥରେ ଆମକୁ ଭଲଭାବରେ ଡ଼କ୍ଟର ମାନସିଂହ ଦେଖାଇ ଦେଇଛନ୍ତି ।

ସମାଲୋଚକ ଭାବରେ ଡ଼କ୍ଟର ମାନସିଂହଙ୍କ ଅନ୍ୟ ଏକ ବିଶିଷ୍ଟ କୀର୍ତ୍ତି ହେଉଛି 'ଓଡ଼ିଆ ସାହିତ୍ୟର ଇତିହାସ' । ଏହି ଗ୍ରନ୍ଥଟିକୁ କେନ୍ଦ୍ର କରି ସେ ଓଡ଼ିଆ ସାହିତ୍ୟରେ ଏକ ବିତର୍କର ବିଗ୍ରହ ହୋଇଥିଲେ ସେ କାଳରେ । ଏଥିରେ ସେ ସନ, ତାରିଖ, କବିଙ୍କ ଜନ୍ମବୃତ୍ତାନ୍ତ ଇତ୍ୟାଦିର ବିବରଣୀ ଉପରେ ଗୁରୁତ୍ୱ ଦେଇନାହାନ୍ତି । ଏଥିରେ ସେ ଜାତିର ଜୀବନ ନାଟକରେ କେଉଁ କବିର ସାରସ୍ୱତ ସାଧନା ମୂଲ୍ୟବାନ୍, ତାହାରି ଉପରେ ଗଭୀର ଆସ୍ଥା ପୋଷଣ କରିଛନ୍ତି । ଏହି ଇତିହାସଟିରେ ହୁଏତ ବହୁ ଲେଖକଙ୍କ ନାମ ସ୍ଥାନ ପାଇନାହିଁ କିଛିଟା ତଥ୍ୟଗତ ବ୍ୟତିକ୍ରମ ରହିଛି କିନ୍ତୁ ସେ ସାହିତ୍ୟ ସାଧକମାନଙ୍କୁ ଯେପରି ଭାବରେ ସମସାମୟିକ ଯୁଗ ଓ ସାମାଜିକ ଆହ୍ୱାନର ବିସ୍ତୀର୍ଣ୍ଣ ଭୂମିରେ ଦେଖିଛନ୍ତି, ସେପରି ଓଡ଼ିଆ ସାହିତ୍ୟର କୌଣସି ଇତିହାସ ଲେଖକ ଦେଖିପାରିନାହାନ୍ତି । ତାଙ୍କର ଓଡ଼ିଆ ସାହିତ୍ୟ ଇତିହାସ ସଂପର୍କରେ ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସଙ୍କ ମତଟି ତାତ୍ପର୍ଯ୍ୟପୂର୍ଣ୍ଣ । ସେ ଲେଖିଛନ୍ତି, "ଶ୍ରୀଯୁକ୍ତ ମାୟାଧର ମାନସିଂହ ଓଡ଼ିଆ ଓ ଇଂରାଜୀ ଭାଷାରେ ସାହିତ୍ୟର ଯେଉଁ ଇତିହାସ ପ୍ରଣୟନ କରିଛନ୍ତି, ଓଡ଼ିଆ ସାହିତ୍ୟ ଦାଣ୍ଡରେ ତାହାକୁ ନେଇ ଅନେକ ଧୂଳି ଉଡ଼ିଛି, ଅନେକ କାଦୁଅ ଫୋପଡ଼ା ଯାଇଛି । ମାତ୍ର ତଥାପି

Digitized by srujanika@gmail.com

ସାହିତ୍ୟର ଇତିହାସ ଲେଖିବାରେ ଡ଼କ୍ଟର ମାନସିଂହଙ୍କର ଆନ୍ତରିକତାଟିକୁ କଦାପି ଭୁଲୁଡ଼ାଇ ଦେଇ ହେବନାହିଁ। ଏକ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ସାହିତ୍ୟ ଇତିହାସ ଲେଖିବାଟା ଏକ ସ୍ୱୀକୃତ ଫେସନ ହୋଇ ରହିଥିବା ବେଳେ ଶ୍ରୀଯୁକ୍ତ ମାନସିଂହ ବହି ଦିଓଟି ଲେଖି ଏକ ବ୍ୟତିକ୍ରମ ସୃଷ୍ଟି କରିଛନ୍ତି । ତାଙ୍କର ଲେଖା ଏହି ବହିଗୁଡ଼ିକ ପାଠ୍ୟପୁସ୍ତକ ରୂପେ କଦାପି ବ୍ୟବହୃତ ହୋଇ ପାରିବ ନାହି ସତ, ମାତ୍ର ଓଡ଼ିଆ ସାହିତ୍ୟ ପ୍ରତି ଅଧିକ ଆଗ୍ରହ ଓ ଅନୁରାଗ ରଖିବା ଲାଗି ତାହା ଆମକୁ ଏକ ପ୍ରବେଶ ଦ୍ୱାର ଅବଶ୍ୟ ଯୋଗାଇ ଦେବ ।" (ମା ନିଷାଦ-ପ୍ରବନ୍ଧ, ଆଲୋଚନା ଓ ସମାଲୋଚନା-ପୃଷ୍ଠା- ୧୮୨ )ଏବେ ସୁଦ୍ଧା ତାଙ୍କର ଓଡିଆ ସାହିତ୍ୟ ଇତିହାସକୁ ଅତିକ୍ରମ କଲାଭଳି ସାହିତ୍ୟର ଇତିହାସ ଲେଖାଯାଇନାହିଁ । ଯାହା କିଛି ଲେଖାଯାଇଛି, ତାହା ମୁଖ୍ୟତଃ ପାଠ୍ୟପୁସ୍ତକ ଲକ୍ଷ୍ୟରେ ଲିଖିତ । ସେ ତାଙ୍କ ସାହିତ୍ୟର ଇତିହାସରେ ଜାତିର ସାଂସ୍କୃତିକ ଜୀବନ ସ୍ପନ୍ଦନଟିକୁ ଭଲ ଭାବରେ ଅନୁଭବ କରିଥିଲେ । ଫଳରେ ତାଙ୍କର ଇତିହାସ ପଢ଼ିଲେ ଜାତିର ସାରସ୍ୱତ ସାଧକମାନେ ବେଶ୍ ସତେଜ ହୋଇ ଦିଶନ୍ତି ।

ଡ଼କ୍ଟର ମାନସିଂହଙ୍କ ମୌଳିକ ଚିନ୍ତାଧାରା ତାହାଙ୍କ ସମାଲୋଚନାରେ ସର୍ବତ୍ର ପ୍ରତିଫଳିତ । ସେ ଯେଉଁ ବିଷୟରେ ଯାହା କିଛିଲେଖିଛନ୍ତି, ସେଠି ନିଜର ମୌଳିକତା ପ୍ରଦର୍ଶନ କରିଛନ୍ତି । ସେ ସମାଲୋଚନା କଲାବେଳେ ଆପଣା ଅନ୍ତରର ସୌନ୍ଦର୍ଯ୍ୟପ୍ରକଟ କରିବାକୁ ଭୁଲି ନାହାନ୍ତି । ସେ ସ୍ରଷ୍ଟା ଓ ସୃଷ୍ଟିକୁ ଉପଲକ୍ଷ୍ୟ କରି ଆପଣା ଅନ୍ତରର ଭାବକୁ ତାଙ୍କ ସମାଲୋଚନାରେ ବ୍ୟକ୍ତ କରିଛନ୍ତି । ସେ ବେଳେବେଳେ ସ୍ରଷ୍ଟାର ପ୍ରାଣ ସହିତ ଏକାବେଳେକେ ଆପଣାର ପ୍ରାଣକୁ ମିଶାଇ ଦେଇଛନ୍ତି । ସେ ସ୍ରଷ୍ଟାର କଳ୍ପନା ସହିତ ଏକୀଭୂତ ହୋଇ ଆପଣା ଅନୁଭୂତିକୁ ହିଁ ପ୍ରକାଶ କରିଛନ୍ତି । ତାଙ୍କ ସମାଲୋଚନାରେ ଉଭୟ ସ୍ରଷ୍ଟା ଓ ସୃଷ୍ଟି ପ୍ରତି ଅଜସ୍ର ସହାନୁଭୂତି ଝରି ଯାଇଛି । ସ୍ରଷ୍ଟା ଓ ସୃଷ୍ଟି ପ୍ରତି ତାଙ୍କର ଯେଉଁ ଆଦ୍ର ଆନ୍ତରିକତା ଥିଲା, ତାହାର ସ୍ୱରୂପ 'ରାଧାନାଥ' ଆଲୋଚନାରୁ କିୟଦଂଶ ଉଦ୍ଧାର କଲେ ଅବଧାରଣା କରିହେବ । ତାହା ଏହିପରି, "ରାଧାନାଥଙ୍କର ଆବିର୍ଭାବ ପର୍ଯ୍ୟନ୍ତ

Digitized by srujanika@gmail.com

ଓଡ଼ିଶାର ସୋଲରୀ-ଭାଲେରୀ, ମହେନ୍ଦ୍ର-ମେଘାସନ-ମଣିନାଗ-ମାଲ୍ୟଗିରି କେବଳ ଶିଳା ସମଷ୍ଟି ଥିଲେ ମାତ୍ର । ଓଡ଼ିଶାର ଚିଲିକା-ଅଂଶୁପା, ସାଳନ୍ଦୀ-ବଳାଙ୍ଗୀ, ଶାଳିଆ, ମନ୍ଦାକିନୀ କେବଳ ଜଳର ସମଷ୍ଟି ଥିଲେ ମାତ୍ର । ଜାତିର ଜୀବନରେ ଏମାନଙ୍କର ଯେ କିଛି ମୂଲ୍ୟ ଅଛି, ତାହା କେହି ଜାଣି ନଥିଲେ । ଆମ୍ଭମାନଙ୍କର ଭୀମକାନ୍ତ ପର୍ବତ ଶ୍ରେଣୀ, ଶାଳ-ସୁଗନ୍ଧ ବିସ୍ତୀର୍ଣ୍ଣ ବନାନୀ, କାନ୍ତତୀରା ଓ ପୂତନୀରା ନଦନଦୀ ଯୁଗଯୁଗ ଧରି ସେମାନଙ୍କର ମୂଲ୍ୟ ଓ ରୂପପ୍ରତି ଏ ଜାତିର ଅବହେଳା ମୌନାବଲମ୍ବନ କରି ସହି ଆସୁଥିଲେ । କିନ୍ତୁ ରାଧାନାଥ କାବ୍ୟ ଲେଖିବାକୁ ଯେତେବେଳେ ହାତରେ ଲେଖନୀ ଧରି ବସିଥିବେ ସେ ଦିନ ବୋଧହୁଏ ଉତ୍କଳର ମୌନ ପ୍ରକୃତିରେ ଗୋଟିଏ ନୀରବ ଓ ଅବ୍ୟକ୍ତ ଆନନ୍ଦଧାରା ଖେଳି ଯାଇଥିବ । ସେ ଦିନ ବୋଧହୁଏ ସୋଲରୀ ଭାଲେରୀକୁ ଓ ମହେନ୍ଦ୍ର ମେଘାସନକୁ ଡ଼ାକି କହିଥିବ, 'ଆମର ପ୍ରକୃତ ଗ୍ରାହକ ଏତେଦିନେ ଆସିଲେ ।" (କବି ଓ କବିତା) ସେ ସମାଲୋଚ୍ୟ ସୃଷ୍ଟିକୁ ପଢ଼ି ତାହାକୁ ନିମିତ୍ତ ମାତ୍ର ଗ୍ରହଣ କରି ସ୍ୱଅନ୍ତର ଭାବକୁ ଚମତ୍କାର ଭାବରେ ତାଙ୍କ ଆଲୋଚନାରେ ବ୍ୟକ୍ତ କରି ଯାଇଛନ୍ତି । ସେ ରାଧାନାଥଙ୍କ କବିତା ସଂପର୍କରେ ଲେଖୁ ଲେଖୁ ଆଉ ଏକ ନୂଆ ସୃଷ୍ଟି ରଚନା କରିଛନ୍ତି ।

ଡ଼କ୍ଟର ମାନସିଂହଙ୍କ ସମାଲୋଚନାରେ କବିତା ପରି ଚିତ୍ରକଳ୍ପର ବ୍ୟବହାର ଦେଖିବାକୁ ମିଳେ । କବି ଯେମିତି ସୁନ୍ଦର ସୁନ୍ଦର ଚିତ୍ର ଦେଇ ଅନ୍ତର ଭାବକୁ ପାଠକ ନିକଟରେ ଉପସ୍ଥାପନ କରିଥାଏ, କବି ସୁଲଭ ଠାଣିରେ ସେ ମଧ୍ୟ ତାଙ୍କ ସମାଲୋଚନାରେ ଚିତ୍ରକଳ୍ପ ପ୍ରୟୋଗ କରିବାକୁ ଭୁଲି ନାହାନ୍ତି । ଏଠାରେ ତାଙ୍କ ଏଭଳି ପ୍ରକାଶଭଙ୍ଗୀର ଦୁଇଟି ଦୃଷ୍ଟାନ୍ତ ଦିଆଯାଇପାରେ ।

(୧) "ସେ କବି ପ୍ରାଣ ନେଇ ଆସିଥିଲେ, ଯାହା ସାମାନ୍ୟତମ ମାନବିକ ଦୁଃଖର ଉତ୍ତାପରେ ଲବଣୀ ପରି ତରଳି ଯାଉଥିଲା ଓ ସେହି ଦୁଃଖ, ସେହି ବ୍ୟଥା ଓ ସେଇ ବ୍ୟର୍ଥତାକୁ ପ୍ରକାଶ କରିବାକୁ ଗଲେ, ତାହା ସେହି ପ୍ରାଣର ପୁଣ୍ୟ କରୁଣରସରେ ଅଭିଷିକ୍ତ ହୋଇ ପ୍ରାଣସ୍ପର୍ଶୀ କବିତା ହୋଇ ଉଠୁଥିଲା । ନଥିଲା ସେଥିରେ ଉପମା, ଯମକ ବା ଅନୁପ୍ରାସ । ନଥିଲା ଏବର ମଡ଼ର୍ଣ୍ଣ

Digitized by srujanika@gmail.com

ପୋଏଟମାନଙ୍କର ବୌଦ୍ଧିକ ଅହମିକା ବା ପୂର୍ବବର୍ତ୍ତୀମାନଙ୍କର ଛନ୍ଦୋବିଳାସ; କିନ୍ତୁ ଜନନୀର କଲ୍ୟାଣ କୋମଳ ସ୍ପର୍ଶ ପରି ତାହା ଆମର ଅନ୍ତରତମ ପ୍ରଦେଶର ନିଗୁଢ଼ ତନ୍ତ୍ରୀରେ ପ୍ରତିଧ୍ୱନୀ ସୃଷ୍ଟି କରି ଆସୁଛି ।" (କବି ଓ କବିତା)

(୨) "କିନ୍ତୁ ଦାସେ ତାଙ୍କ ଗ୍ରନ୍ଥରେ ଯେଉଁ ପାଣ୍ଡିତ୍ୟ ଓ ସୃଜନୀଶକ୍ତିର ପରିଚୟ ଦେଇଛନ୍ତି, ତାହା ମଧ୍ୟ ଯାଦୁକ୍ରିୟା ପରି ବିସ୍ମୟକର । ତେଣୁ ଧରିନେବାକୁ ହେବ ଯେ ଏହି କୃଷକ କବିଙ୍କର ଧୀଶକ୍ତି ରାମକୃଷ୍ଣ ପରମହଂସ ଦେବଙ୍କ ପରି ସହଜପ୍ରତିଭା ଓ ସାଧୁ ଜୀବନର ଫଳ ।" (ମାଟିର ମହାକବି ଗଙ୍ଗାଧର ଦାସ)

ସମାଲୋଚନାର ପ୍ରକୃତ ଲକ୍ଷ୍ୟ ହେଲା ସୃଷ୍ଟିର ସହାୟତା କରିବା । ସ୍ରଷ୍ଟାର ସୃଷ୍ଟି ପାଠକର ପ୍ରାଣରେ, ଶ୍ରୋତାର କର୍ଣ୍ଣରେ ଯେଉଁ ଆନନ୍ଦ ସୃଷ୍ଟି କରେ, ସମାଲୋଚକର ଲେଖାରେ ସେଇ ଆନନ୍ଦ ରୂପ ଲାଭ କରେ । ଜାଗତିକ ସୌନ୍ଦର୍ଯ୍ୟର ମର୍ମଭେଦ କରେ ସ୍ରଷ୍ଟା । ସୃଷ୍ଟି ସୌନ୍ଦର୍ଯ୍ୟର ମର୍ମୋଦ୍‌ଘାଟନ କରେ ସମାଲୋଚକ। ସୃଷ୍ଟିର ସୌନ୍ଦର୍ଯ୍ୟ ଅବଲୋକନ କରି ବେଳେବେଳେ ସମାଲୋଚକ ବି ଆତ୍ମବିସ୍ମୃତ ହୋଇ ସେଇ ସୌନ୍ଦର୍ଯ୍ୟରେ ନିଜକୁ ମିଶାଇ ଦିଏ । ଡ଼କ୍ଟର ମାନସିଂହ ତାଙ୍କ ଆଲୋଚନାରେ ତାହାହିଁ କରିଛନ୍ତି । ସେ କବିମାନଙ୍କ ସଂପର୍କରେ ଆଲୋଚନା କରୁ କରୁ ସେଇ କବିମାନଙ୍କ ଆତ୍ମୀୟ ବନ୍ଧନରେ ନିଜେ ବାନ୍ଧି ହୋଇଯାଇଛନ୍ତି । ସେଇ କବିମାନଙ୍କ ହସ-ଅଶ୍ରୁର ଭାବନା ସହିତ ସ୍ୱପ୍ରାଣର ଭାବନା ଏକାବେଳକେ ତାଙ୍କ ଆଲୋଚନାରେ ମିଶି ଯାଇଛି।

ଡ଼କ୍ଟର ମାନସିଂହ କବି ମନ ନେଇ ତାଙ୍କ ଆଲୋଚନା ଲେଖିଛନ୍ତି । ସେ ଆଳଙ୍କାରିକ ଶାସ୍ତ୍ରର ଅର୍ଗଳିରେ ସୃଷ୍ଟିକୁ ଛନ୍ଦି ଆଲୋଚନା କରିନାହାନ୍ତି । ଲେଖାଟିଏ ପାଠ କରି ପାଠକର ମନ ଯେପରି ଆନନ୍ଦରେ ବିମୋହିତ ହୋଇ ଉଠେ, ଠିକ୍ ସେହିପରି ସେ ତାଙ୍କ ଆଲୋଚନାରେ ସ୍ୱଆନନ୍ଦ ବିମୋହିତ ମନର ପ୍ରତିକ୍ରିୟା

Digitized by srujanika@gmail.com

ପ୍ରକାଶ କରଛନ୍ତି ମାତ୍ର । ସେଥିପାଇଁ ତାଙ୍କ ଆଲୋଚନା ପାଠ କଲେ କବିତା ପାଠ କରିବାପରି ଲାଗେ । ସୂକ୍ଷ୍ମ ବିଚାରଧାରା, ବର୍ଣ୍ଣାଢ଼୍ୟ ପ୍ରକାଶଭଙ୍ଗୀ ତିର୍ଯକ ରସିକତା, କଥ୍ୟ ବିଷୟରେ ସ୍ୱଷ୍ଟତା, ସାବଲୀଳ ବିଶ୍ଳେଷଣ ଓ ଅର୍ଥପୂର୍ଣ୍ଣ ଶବ୍ଦାବଳୀ ତାଙ୍କ ଆଲୋଚନାକୁ ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇଛି ।

(ଗ)

ଜଣେ ଭ୍ରମଣବୃତ୍ତାନ୍ତ ଲେଖକ ଭାବରେ ଓଡ଼ିଆ ସାହିତ୍ୟରେ ମାନସିଂହ ସୁପରିଚିତ। 'ପଶ୍ଚିମ ପଥିକ' ହେଉଛି ତାଙ୍କର ଏକମାତ୍ର ଭ୍ରମଣବୃତ୍ତାନ୍ତ ଗ୍ରନ୍ଥ । ଏହି ଭ୍ରମଣବୃତ୍ତାନ୍ତଟି ପ୍ରଥମେ 'ନବଭାରତ' ପତ୍ରିକାରେ ଜାନୁୟାରୀ ୧୯୩୮ ସଂଖ୍ୟାରୁ ଆରମ୍ଭ ହୋଇ କ୍ରମାନ୍ୱୟରେ ପାଞ୍ଚ ଗୋଟି ଅଧ୍ୟାୟ ପ୍ରକାଶିତ ହୋଇ ପାଠକର ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରିଥିଲା । ପରବର୍ତ୍ତୀ କାଳରେ ଏହା ପ୍ରଥମେ ପୁସ୍ତକ ଆକାରରେ ୧୯୪୭ ମସିହାରେ ଆତ୍ମପ୍ରକାଶ କରେ । ସେ ସମୟରେ ଏଇ ଭ୍ରମଣବୃତ୍ତାନ୍ତଟି କଳେବର ଦୃଷ୍ଟିରୁ ବେଶ୍ ଦୀର୍ଘ ଥିଲା । ସେତେବେଳେ ଓଡ଼ିଆ ସାହିତ୍ୟରେ ଏଇ ବିଭାଗଟି ବିଶେଷ ସମୃଦ୍ଧ ନଥିଲା।

ମାୟାଧର ମାନସିଂହ ୧୯୩୭ ମସିହା ଅଗଷ୍ଟ ମାସ ୨୦ ତାରିଖରେ ଉଚ୍ଚ ଶିକ୍ଷା ଉପଲକ୍ଷେ ବିଲାତ ଯାତ୍ରା କରିଥିଲେ । ଏହି ଯାତ୍ରାକାଳରେ ସେ ଯେଉଁ ଅନୁଭୂତି ଅର୍ଜିଥିଲେ, ତାର ମାର୍ମିକ ଅଭିବ୍ୟକ୍ତି ହେଉଛି 'ପଶ୍ଚିମ ପଥିକ' । ଏଥିରେ ତାଙ୍କର ବିଲାତ ରହଣି ଅନୁଭୂତି ଅପେକ୍ଷା ଜାହାଜ ଯାତ୍ରାର ରୋମାଞ୍ଚକର ବିବରଣୀ ଅଧିକ । ସେ ଜାହାଜରେ ଯାତ୍ରା କଲାବେଳେ କବିର ଅନୁଭୂତି ନେଇ ସମୁଦ୍ର ଠାରୁ ସ୍ଥଳଭାଗ ପର୍ଯ୍ୟନ୍ତ ଯାହା ସବୁ ଦେଖିଛନ୍ତି, ତାହାକୁ ଆକର୍ଷଣୀୟ ଭାବରେ ଏଥିରେ ଲିପିବନ୍ଧ କରିଛନ୍ତି । ଏଥିରେ ସେ ବିଲାତର କେତେକ ପ୍ରସଙ୍ଗକୁ ପତ୍ରଲିଖନ ଶୈଳୀରେ ଲେଖିଛନ୍ତି। ତାଙ୍କର ଏହି ଭ୍ରମଣବୃତ୍ତାନ୍ତଟି ଏକ ସୁଖପାଠ୍ୟ ରମ୍ୟରଚନା ପୁସ୍ତକ, ଯାହାକୁ ପାଠକ ଥରେ ଆରମ୍ଭ କଲେ ଶେଷ ନକରି ରହିପାରେ ନାହିଁ । ଏଥିରେ ମଧ୍ୟ ତାଙ୍କ କବିତ୍ୱର ମଧୁର ସ୍ୱର୍ଶ ଆରମ୍ଭରୁ

Digitized by srujanika@gmail.com

ଶେଷଯାଏ ରହିଛି । ଏହି ଭ୍ରମଣ ବୃତ୍ତାନ୍ତଟି ପାଠକଲେ ରବୀନ୍ଦ୍ରନାଥଙ୍କ 'ପଶ୍ଚିମଯାତ୍ରୀର ଡ଼ାଏରୀ' ପଢ଼ିବାପରି ଲାଗେ । ସେ ଯେମିତି କବି ମନ ଓ କବି ହୃଦୟ ନେ ଇ ଆପଣାର ଭ୍ରମଣଜନିତ ଅନୁଭୂତିକୁ ଲେଖିଥିଲେ, ମାନସିଂହ ସେହିପରି ତାଙ୍କ କବିପ୍ରାଣର ସମସ୍ତ ଦରଦ ଦେଇ ଆପଣାର ଭ୍ରମଣ କାହାଣୀ ଆମକୁ ଶୁଣାଇଛନ୍ତି । କେଉଁଠି ସେ ତାଙ୍କ ଗ୍ରନ୍ଥରେ ମାଳ ମାଳ ବିଦେଶୀ ନାମ, ବିଦେଶୀ ଧାମ ବା ବିଦେଶ ସଂପର୍କରେ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆମକୁ ଦେଇନାହାନ୍ତି । ସେ ନୂଆ ଦେଶର ପ୍ରାକୃତିକ ଦୃଶ୍ୟ ବିଭବ ଭାବମୁଗ୍‌ଧ ହୋଇ ଯାହା ଯେଉଁଠି ସେପରି ଦେଖିବାର କଥା, ତାହାହିଁ ଦେଖିଛନ୍ତି । ତାଙ୍କର ଭ୍ରମଣଜନିତ ଅନୁଭୂତି ସହିତ ତାଙ୍କର ରସବୋଧ ଓ ସୂକ୍ଷ୍ମ କୌତୁହଳୀ ଦୃଷ୍ଟିର ଅଦ୍ଭୁତ ସମନ୍ୱୟ ଏହି ଭ୍ରମଣବୃତ୍ତାନ୍ତରେ ପରିଲକ୍ଷିତ । ଜୀବନ ପ୍ରତି ଏକ ଗଭୀର ଅନ୍ତର୍ଦୃଷ୍ଟି ଓ ଆବେଗମୟ ଭାବମୁଗ୍‌ଧତା ଏହାର ପ୍ରତ୍ୟେକ ପର୍ଯ୍ୟାୟରେ ଉପଲଭ୍ୟ ।

ଡ଼କ୍ଟର ମାନସିଂହଙ୍କ 'ପଶ୍ଚିମ ପଥିକ' ଗ୍ରନ୍ଥର ଗୀତିକାବ୍ୟୋଚିତ ଆବେଦନ ପାଠକକୁ ବିଶେଷ ପ୍ରଭାବିତ କରେ । ସର୍ବତ୍ର ଏକ ମନ୍ମୟ ଦୃଷ୍ଟିକୋଣ ଏଥିରେ ପ୍ରକାଶ ପାଇଥିଲେ ସୁଦ୍ଧା ଏହା ଆକର୍ଷଣୀୟ ଶୈଳୀ ଏହାକୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇଛି । ଲେଖକ ଆପଣାର ଅନୁଭୂତିକୁ ଚିତ୍ରକର ସୁଲଭ ମନନେଇ ଏଥିରେ ସୁନ୍ଦର ଭାବେ ଆମ ଆଗରେ ଅଙ୍କନ କରି ଦେଇଛନ୍ତି । ଏଠାରେ ତାଙ୍କର ଏହିଭଳି କବିତ୍ୱପୂର୍ଣ୍ଣ ଚିତ୍ରଧର୍ମୀ ଗଦ୍ୟର କିୟଦଂଶ ଦୃଷ୍ଟାନ୍ତ ସ୍ୱରୂପ ଅବତାରଣା କରାଯାଇପାରେ ।

(୧) ଦେଖନ୍ତୁ ସୁଏଜ କେନାଲର ବର୍ଣ୍ଣନା :

"ବଣର ଦନ୍ତାହାତୀ ପଲ ଛାଡ଼ି ଖେଦାରେ ପଶିଲା ପରି ସମୁଦ୍ର ଜଳ ତାର ଅସୀମ ତରଙ୍ଗ ଲୀଳାକୁ ପଛରେ ରଖି ବର୍ତ୍ତମାନ ସୁଏଜ ନାଳର କ୍ଷୁଦ୍ରସୀମା ଭିତରେ ପଶିଚି । ସୁଏଜ ନାଳ ଆମର ତାଳଦଣ୍ଡା କେନାଲର ହୁଏତ ଦୋହରା । ଜଳ ମନୋରମ ନୀଳ - ଯେପରି ତରଳ ଆକାଶ । ଦୁଇ ପାଖର ସ୍ୱର୍ଣ୍ଣବାଲୁକା ବିସ୍ତାର ଭିତରେ ଏଇ ନୀଳ ଜଳ ରେଖା ଭାରତୀୟ ବରବର୍ଣ୍ଣିନୀମାନଙ୍କର ସ୍ୱର୍ଣ୍ଣ ପୃଷ୍ଠରେ

Digitized by srujanika@gmail.com

କୃଷ୍ଣ ବେଣୀର ଦୃଶ୍ୟ ମନେ ପକାଉ ଥିଲା । ବାମ ପାଖରେ ବାଲୁକା ରାଶି ଉପରେ ନୂତନ ଭାବରେ ଉଦ୍ଭିଦ ରୋପଣର ବ୍ୟବସ୍ଥା ଚାଲିଛି । ସ୍ଥାନେ ସ୍ଥାନେ ସେ ଚେଷ୍ଟା ସଫଳ ମଧ୍ୟ ହେଉଛି । ନାଳର ବାମ ଦିଗରେ କିଛି ଦୂର ଛଡ଼ାରେ ସୁନ୍ଦର ବଙ୍ଗଳା ଘର ସବୁ - ବୋଧହୁଏ ନାଳ କର୍ମଚାରୀମାନଙ୍କ ଘର । ସେଇ ଘରଟିମାନଙ୍କର ଚାରି ଦିଗରେ ସୁନ୍ଦର ଛୋଟ ଉପବନ ରଚିତ ହୋଇଅଛି । ମଣିଷର ମଲାହାତ ମରୁବାଲିରେ ବି କିପରି ସୌନ୍ଦର୍ଯ୍ୟ ସୃଷ୍ଟି କରିପାରେ ତା ମୁଁ ଦେଖି ମୁଗ୍ଧ ହେଉଥାଏ ଏବଂ ଭାବୁଥାଏ ଭାରତ ବର୍ଷରେ ଆମେ ଜୀଅନ୍ତା ପ୍ରକୃତିକୁ ଅବହେଳା ଓ ମୂର୍ଖତାରେ କିପରି ଶ୍ରୀହୀନ କରି ପଶୁ ପରି ବଞ୍ଚୁଛୁଁ ।"

ସୁଏଜ କେନାଲ ସଂପର୍କିତ ତାଙ୍କର ଏହି ବର୍ଣ୍ଣନାଟି ପାଠକଲେ ଆମ ଆଖି ଆଗରେ ଏହାର ଛବି ନାଚି ଉଠେ । ସୁଏଜ କେନାଲର ଏଭଳି ଜୀବନ୍ତ ବର୍ଣ୍ଣନା ବହୁ ଲେଖକ ଲଣ୍ଡନ ଯାଇଥିଲେ ସୁଦ୍ଧା ଆଉ କେହି ଦେଇପାରି ନାହାନ୍ତି ।

(୨) ଦେଖନ୍ତୁ ନେପ୍‌ଲସ୍ ନଗରୀର ବର୍ଣ୍ଣନା :

"ସେହି ବାରଣ୍ଡାର ଏକ କୋଣରୁ ନେପ୍‌ଲସ୍ ନଗରୀକୁ ମୁଁ ଯେପରି ଦେଖିଛି ତାହା ମୋ ସ୍ମୃତିରୁ ଲିଭିବ ନାହିଁ । ବାହାରେ ପ୍ରଭଞ୍ଜନ ଭାଙ୍ଗି ପଡୁଥାଏ। ରହି ରହି ବର୍ଷା ହେଉଥାଏ । ସମଗ୍ର ଆକାଶ ଛାୟାମୟ । ମେଘାକୁଳ ଗଗନ ତଳେ ନେପ୍‌ଲସ୍‌ର ଚନ୍ଦନ ଚର୍ଚ୍ଚିତ ନୀଳ କଳେବର ମୋର ଦୃଷ୍ଟି ତଳେ ଶାୟିତ ରହିଛି । ନୀଳ ପର୍ବତର ଉପରୁ ନୀଳ ସମୁଦ୍ରର ଧାର ଯାଏଁ ଶ୍ୱେତ ଗୃହ ମାଳା ଧାଡ଼ି ଧାଡ଼ି ହୋଇ ପେଚ୍ଛିତ ହୋଇଉଠିଛି । ପର୍ବତର ପାଦ ଓ ସମୁଦ୍ରବେଳା ମଧ୍ୟରେ ସୁନ୍ଦର ରାଜପଥ ମନୋରମ ବୃକ୍ଷ ଶ୍ରେଣୀ ଭିତର ଦେଇ ସର୍ପିଳ ଗତିରେ ଚାଲିଛି । ନୀଳ ଶାନ୍ତ ସମୁଦ୍ର ଅର୍ଦ୍ଧବୃତ୍ତ ବେଳା ତଳେ ପଡ଼ି ରହିଛି । ଦୂର ଦିଗ୍‌ବଳୟ ଉପରେ ବିସୁବିୟସର ଧୂମ ନିଃସାରୀ ଭୀମ ସୁନ୍ଦର ମୂର୍ତ୍ତି ଦଣ୍ଡାୟମାନ । ତା'ର ସ୍କନ୍ଧଦେଶରେ ମେଘମାଳାର ଲୁଚକାଳି ଚାଲିଛି। ଏ ଯାଏଁ ନେପ୍‌ଲସ ନାମ ପଡ଼ିଲେ ମୋର ସ୍ମୃତିରେ ଏହି ଛବିଟି ଭାସି ଉଠୁଛି ।"

Digitized by srujanika@gmail.com

ନେପ୍‌ଲସ୍ ନଗରୀର ଏଇ ବର୍ଣ୍ଣନାଟିକୁ ପଢ଼ି ଦେଲେ ନ ଦେଖିବା ଲୋକ ବି ନେପ୍‌ଲସ୍ ନଗରୀକୁ ହୃଦୟ ଭିତରେ ଦେଖିପାରିବ । ମାନସିଂହଙ୍କ ଏହି ବର୍ଣ୍ଣନା ଯଥାର୍ଥରେ ଇଟାଲୀୟମାନଙ୍କ 'ନେପ୍‌ଲସ୍ ଦେଖି ମର' ଉକ୍ତିକୁ ସାର୍ଥକ କରୁଛି । ପ୍ରକୃତି ଓ ମଣିଷ ହାତ ଧରା ଧରି ହୋଇ ନେପ୍‌ଲସ୍ ନଗରୀର ଯେଉଁ ସୌନ୍ଦର୍ଯ୍ୟ ଅଭିବୃଦ୍ଧି କରିଛନ୍ତି, ତାହା ଲେଖକଙ୍କୁ ବିସ୍ମୟାଭିଭୂତ କରିଛି ।

ମାନସିଂହଙ୍କ ଭ୍ରମଣ କାହାଣୀ ତାହାଙ୍କ କବିତ୍ୱର ଚରମ ନିଦର୍ଶନ । କବି କଳ୍ପନା, କବିର ରସିକତା, କବିର ଭାବପ୍ରବଣତା ଓ କବିର ସୌନ୍ଦର୍ଯ୍ୟବୋଧ ଏହାର ପ୍ରତ୍ୟେକ ପୃଷ୍ଠାରେ ଉତ୍କୀର୍ଣ୍ଣ । ଯେଉଁଠି ଖୋଜିବ ସେଇଠି ମିଳିବ ଉପମା ଓ ଚିତ୍ରକଳ୍ପର ବିପୁଳ ପଟୁଆର । ତାଙ୍କ ପୂର୍ବରୁ ବହୁ ଲୋକ ବିଲାତ ଯାଇଛନ୍ତି କିନ୍ତୁ ମାନସିଂହ ଯେଉଁ ଆଖିରେ ସେ ଦେଶର ଦୃଶ୍ୟ ଦେଖିଛନ୍ତି, ସେପରି ଆଉ କେହି ଦେଖିପାରିନାହାନ୍ତି । ନୂଆ ଦେଶକୁ ଯାତ୍ରା କରିବା ଆରମ୍ଭରୁ ହିଁ ସେ ନିସର୍ଗ ସୌନ୍ଦର୍ଯ୍ୟରେ ଏକାବେଳେକେ ଆପଣାକୁ ହଜାଇ ଦେଇଛନ୍ତି ।

ଓଡ଼ିଆ ଭ୍ରମଣ କାହାଣୀକୁ ମାନସିଂହଙ୍କ ପୂର୍ବରୁ ଏପରି ସାହିତ୍ୟ ଗ୍ରନ୍ଥ ଆକାରରେ କେହି ଲେଖି ନାହାନ୍ତି । ତାଙ୍କ ପୂର୍ବରୁ ଭ୍ରମଣ କାହାଣୀ ଥିଲା ମୂଖ୍ୟତଃ ବିଦେଶ ଭୂମିର ଐତିହାସିକ, ଭୌଗୋଳିକ ଓ ରାଜନୀତିକ ବିବରଣୀ ମାତ୍ର । କେତେକ ଗଲି-ଅଇଲି-ଯାହା ଦେଖିଲି ତାହା ଲେଖିଲି ଢ଼ଙ୍ଗରେ ଭ୍ରମଣ ବୃତ୍ତାନ୍ତ ଲେଖିଥାନ୍ତି ଓ ଶିକ୍ଷକସୁଲଭ ଦୃଷ୍ଟିକୋଣ ନେଇ ବିଦେଶ ଭୂମି ସଂପର୍କରେ ଆମକୁ କିଛି ଶିକ୍ଷା ଦେବାକୁ ଚାହିଁଥାନ୍ତି । ଏ ଧରଣର ଭ୍ରମଣ କାହାଣୀ ଓଡ଼ିଆ ଭାଷାରେ ଅନେକ ଲେଖାଯାଇଛି । ଏ ସବୁରେ ସାହିତ୍ୟ ସାମଗ୍ରୀ ନାହିଁ କହିଲେ ଚଳେ । ମାନସିଂହଙ୍କ 'ପଶ୍ଚିମ ପଥିକ' ହେଉଛି ଏକ ନିରୋଳା ସାହିତ୍ୟ ଗ୍ରନ୍ଥ । ତାଙ୍କ କବି ବ୍ୟକ୍ତିତ୍ୱର ସରସ ସ୍ପର୍ଶ ଏହାର ଶ୍ରୀବୃଦ୍ଧିରେ ହୋଇଛି ସହାୟକ । ଭାଷାଗତ ଦକ୍ଷତା ସହିତ ସୁନ୍ଦରର ସାନ୍ନିଧ ଲାଭ କରିପାରିଲେ କେତେ ଦୂର ପର୍ଯ୍ୟନ୍ତ ରମଣୀୟ ରଚନା ସମ୍ଭବ ହୋଇପାରେ, ତା'ର ଯଥାର୍ଥ ଉଦାହରଣ ହେଉଛି 'ପଶ୍ଚିମ ପଥିକ' ।

Digitized by srujanika@gmail.com

ମାନସିଂହଙ୍କର ପିଲାଦିନରୁ ଭ୍ରମଣ କାହାଣୀ ପଢ଼ିବା ସଉକ ଥିଲା । ଏ ସଂପର୍କରେ ସେ ନିଜେ କହନ୍ତି, "ପିଲାଦିନରୁ ମୁଁ ଭ୍ରମଣ କାହାଣୀର ଅତ୍ୟନ୍ତ ଭକ୍ତ। ଓଡ଼ିଆ, ବଙ୍ଗଳା, ଇଂରାଜୀରେ ଭ୍ରମଣ ବୃତ୍ତାନ୍ତ ଆଖିରେ ପଡ଼ିଲେଇ, ମୁଁ ପଢ଼ିବି, ପଢ଼ିବି । ଏବେ ବି ପଢ଼େ । ଏ ସବୁ ପଢ଼ି ପଢ଼ି ଏ ଯୁଗର ମାନବିକ ସଭ୍ୟତାର ପୀଠସ୍ଥଳି ପଶ୍ଚିମ ଦେଶ ଥରେ ନିଜ ଆଖିରେ ଦେଖି ଆସିବାକୁ ବହୁକାଳରୁ ବାସନା ଥିଲା ।" (ପଶ୍ଚିମ ପଥିକ) ଏଥିରୁ ମନେହୁଏ ନୂଆ ଦେଶ ଦର୍ଶନ ତାଙ୍କ ପାଇଁ ବଡ଼ କଥା । ସେ ଅବଶ୍ୟ ବିଦେଶରୁ ସର୍ବୋଚ୍ଚ ଡ଼ିଗ୍ରୀ ପାଇ ଆସିଛନ୍ତି, ମାତ୍ର କର୍ମଜୀବନରେ ତାଙ୍କ ଡ଼ିଗ୍ରୀ କୌଣସି କାର୍ଯ୍ୟରେ ଲାଗିନାହିଁ । କେବଳ ନୂଆ ଦେଶ ଦେଖି କିଛି ଅନୁଭୂତି ଯାହା ସେ ଲାଭ କରିଛନ୍ତି । ସେଇ ଅନୁଭୂତିର ପ୍ରାଞ୍ଜଳ ଅଭିବ୍ୟକ୍ତ ହେଉଛି ତାଙ୍କର 'ପଶ୍ଚିମ ପଥିକ' । ନୂଆ ଦେଶକୁ ଯାଇ ଡ଼ିଗ୍ରୀ ଲାଭ କରି କିଛି ସୁବିଧା ସମ୍ପଦ ପାଇବା ଅପେକ୍ଷା ସେ ଦେଶ ଭ୍ରମଣ ଅନୁଭୂତିକୁ ବହି ଆକାରରେ ଲେଖି ପାଠକକୁ ଆନନ୍ଦ ଦେବାରେ ନିଜକୁ ଧନ୍ୟ ମଣିଛନ୍ତି। ଏ ସଂପର୍କରେ ତାଙ୍କର ଉକ୍ତି ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ, "ଗଲି ଦେଶ ଦେଖିଲି, ଆସିଲି। ଏହି ଅଭିଜ୍ଞତା ଏକ ମହତ୍ ସମ୍ପଦ, ଯଦି ମୁଁ ସେହି ଅଭିଜ୍ଞତା ଅନୁସାରେ ନିଜକୁ ଗଢ଼ି ପାରିଥାଏ । ଅନ୍ୟ ପକ୍ଷରେ ଯଦି ଏହି ଭ୍ରମଣ କାହାଣୀ ମୋର ଦେଶବାସୀଙ୍କୁ ଆନନ୍ଦ ଦେଇପାରେ ତେବେ ବି ମୋର ସକଳ ଦୁଃଖକୁ ସାର୍ଥକ ମନେ କରିବି।" (ପଶ୍ଚିମ ପଥିକ) ନୂଆ ଦେଶଟିଏ ଦେଖିବା ଓ ଅଭିଜ୍ଞତା ଲାଭ କରିବା ଯେ ଲେଖକ ପାଇଁ ସର୍ବୋତ୍କୃଷ୍ଟ ସଂପଦ ଏକଥା କେବଳ ଜଣେ ସାଧୁ ସାହିତ୍ୟ ସାଧକ ହିଁ କହିପାରେ । ଏକ ସୁଖପାଠ୍ୟ କବିତ୍ୱପୂର୍ଣ୍ଣ ଭ୍ରମଣବୃତ୍ତାନ୍ତ ଭାବରେ ଏବେ ବି 'ପଶ୍ଚିମ ପଥିକ' ସ୍ମରଣୀୟ ହୋଇରହିଛି ।

(ଘ)

ଜୀବନୀ ଓ ଆତ୍ମଜୀବନୀ ଲେଖକ ଭାବରେ ଡ଼କ୍ଟର ମାୟାଧର ମାନସିଂହ ଆମ ସାହିତ୍ୟର ବେଳାଭୂମିରେ ତାଙ୍କର ସ୍ପଷ୍ଟ ପଦଚିହ୍ନ ଅଙ୍କନ କରିଯାଇଛନ୍ତି ।

Digitized by srujanika@gmail.com

ସେ ପ୍ରଥମେ ଲେଖିଛନ୍ତି ଆତ୍ମଜୀବନୀ । 'ଶିକ୍ଷାବିଦ୍‌ର ଗାଥା ନାମରେ ଏହି ଆତ୍ମଜୀବନୀ ୧୯୬୫ ମସିହାରେ ପ୍ରକାଶିତ ହୁଏ । ତା ପରେ ସେ ଲେଖିଛନ୍ତି ଓଡ଼ିଆ ସାହିତ୍ୟର ବିଶିଷ୍ଟ ସ୍ରଷ୍ଟା ଫକୀରମୋହନ ସେନାପତିଙ୍କ ଜୀବନୀ । ଏହା ପ୍ରଥମେ ୧୯୭୨ ମସିହାରେ ପ୍ରକାଶ ଲାଭ କରେ । ଉଭୟ ଜୀବନୀ ଓ ଆତ୍ମଜୀବନୀରେ ସେ ସ୍ୱକୀୟ କବିତ୍ୱପୂର୍ଣ୍ଣ ଗଦ୍ୟଶୈଳୀର ସଫଳ ପ୍ରୟୋଗ କରିବାକୁ ଭୁଲି ନାହାନ୍ତି ।

ପ୍ରଥମେ ଜୀବନୀ ପୁସ୍ତକ 'ସରସ୍ୱତୀ ଫକୀରମୋହନ'କୁ ବିଚାର କରାଯାଉ। ସେ ଫକୀରମୋହନ ସଂପର୍କରେ ଏପରି ଏକ ଗ୍ରନ୍ଥ କାହିଁକି ଲେଖିଲେ, ସେ କଥା ଅବଶ୍ୟ ଯେକୌଣସି ପାଠକ ମନକୁ ଆସିବ । ସେ ମଧ ମୂଳରୁ ସେଇକଥା ଭାବିଛନ୍ତି । ତା'ର କାରଣ ହେଉଛି ଫକୀରମୋହାନଙ୍କର ଏକ ଚମତ୍କାର ଆତ୍ମଚରିତ ଥାଉଁ ଥାଉଁ କ'ଣ ଥିଲା ଏପରି ଏକ ଜୀବନୀ ରଚନାର ତାତ୍ପର୍ଯ୍ୟ ? ଏହାର ସନ୍ତୋଷଜନକ ଉତ୍ତର ହୁଏତ ଯୁକ୍ତିନିଷ୍ଠ ଭାବରେ ସେଦିନ ମାନସିଂହ ଦେଇନଥିଲେ, କେବଳ ସୁଚାଇ ଦେଇଥଲେ ମାତ୍ର । ପରବର୍ତ୍ତୀକାଳରେ ବିଶିଷ୍ଟ ସାହିତ୍ୟ ସମୀକ୍ଷକମାନେ ସ୍ୱୀକାର କଲେଣି ଫକୀରମୋହନଙ୍କ ଆତ୍ମଚରିତ ହେଉଛି ତାଙ୍କର ପଞ୍ଚମ ଉପନ୍ୟାସ । ଏ ସଂପର୍କରେ ସୁଧୀ ସମୀକ୍ଷକ ଡ଼କ୍ଟର ଦାଶରଥି ଦାସଙ୍କ ମତ ସ୍ମରଣୀୟ । ସେ କହନ୍ତି, "ଆତ୍ମଚରିତର ଫକୀରମୋହନ ରକ୍ତମାଂସର ମଣିଷ ନୁହନ୍ତି, ଉପନ୍ୟାସର ଚରିତ୍ର ମାତ୍ର।" (ବିବିଧ ପ୍ରସ୍ତାବ - ଫକୀରମୋହନଙ୍କ ପଞ୍ଚମ ଉପନ୍ୟାସ) ତାଛଡ଼ା ଅନେକତ୍ର ଲେଖକମାନେ ଆପଣାର ଆତ୍ମଜୀବନୀକୁ ଏପରି ରଙ୍ଗିନ କରି ଲେଖିଥାନ୍ତି, ଯାହା ଭିତରୁ ସତଟିକୁ ଖୋଜି ପାଇବା ସମ୍ଭବ ହୁଏ ନାହିଁ । ସାଧାରଣତଃ ଜୀବନୀ ହେଉଛି ମଣିଷର ଜାତି ପାଇଁ କରିଯାଇଥିବା କର୍ମର ସତ୍ୟନିଷ୍ଠ ମୂଲ୍ୟାୟନ । ଏଥିପାଇଁ ଲେଖକ, ଦେଶସେବକମାନଙ୍କର ଆତ୍ମଚରିତ ଥିଲେ ବି ଜୀବନୀ ରଚନା କରାଯାଏ । ମାନସିଂହଙ୍କ ମତରେ ଓଡ଼ିଆ ସାହିତ୍ୟରେ କିଛି ଲେଖକ ଆତ୍ମଚରିତ ଲେଖିଛନ୍ତି କିନ୍ତୁ ଲେଖକମାନଙ୍କର ଜୀବନୀ ଓଡ଼ିଆ ସାହିତ୍ୟରେ ସେମିତି କିଛି ନାହିଁ । ଯାହା

Digitized by srujanika@gmail.com

ବି ରହିଛି ତାହା ସାହିତ୍ୟିକ ମର୍ଯ୍ୟାଦାବନ୍ତ ଜୀବନୀ ନୁହେଁ । 'ସରସ୍ୱତୀ ଫକୀରମୋହନ' ହେଉଛି ଏକ ସାହିତ୍ୟିକ ମର୍ଯ୍ୟାଦାବନ୍ତ ଜୀବନୀ ଯେଉଁଥିରେ ଜଣେ ଲେଖକ ଆଉ ଜଣେ ବରିଷ୍ଠ ସମ୍ମାନନୀୟ ଲେଖକ ପ୍ରତି ଶ୍ରଦ୍ଧା ନିବେଦନ କରାଯାଇଛି । ଏଥିରେ ସେ ଫକୀରମୋହନଙ୍କ ଜୀବନର ସାମଗ୍ରିକ ବିଭବକୁ ଆମକୁ ଭଲରୂପେ ଦେଖାଇ ଦେଇଛନ୍ତି ।

'ସରସ୍ୱତୀ ଫକୀରମୋହନ' ଜୀବନୀ ଗ୍ରନ୍ଥରେ ଫକୀରମୋହନଙ୍କ ସଂପର୍କରେ ସେପରି କିଛି ତଥ୍ୟଗତ ନୂତନତା ନାହିଁ । ଫକୀରମୋହନଙ୍କ ଲେଖାରୁ, ତାଙ୍କ ସଂପର୍କିତ ଆଲୋଚନା ଗ୍ରନ୍ଥରୁ ଓ ତାଙ୍କ ଆତ୍ମଚରିତରୁ ଯାହା ଉପାଦାନ ପାଇଛନ୍ତି, ତାହାକୁ ଭିତ୍ତି କରି ଏ ଗ୍ରନ୍ଥଟି ରଚିତ । ଏ ଗ୍ରନ୍ଥର ସବୁଠାରୁ ବିଶେଷ ଆକର୍ଷଣ ହେଉଛି ଏହାର ଉପସ୍ଥାପନା କୌଶଳ । ସେଇ ଚିର ପରିଚିତ ପ୍ରସଙ୍ଗ ମାନସିଂହଙ୍କ ଲେଖନୀର ସ୍ପର୍ଶରେ ନୂତନ ରୂପ ଲାଭ କରିଛି । ଫକୀରମୋହନଙ୍କ ବାଲ୍ୟଜୀବନ ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ସବୁ ପର୍ଯ୍ୟାୟର ବର୍ଣ୍ଣନାକୁ ଅତି ନିପୁଣତାର ସହିତ ସେ ଏଥିରେ ପରିବେଷଣ କରିଛନ୍ତି । ତାଙ୍କ ସରଳ ସାବଲୀଳ କବିତ୍ୱପୂର୍ଣ୍ଣ ଗଦ୍ୟ ଏହାର ମୂଳରୁ ଶେଷ ଯାଏ ପରିଲକ୍ଷିତ । ଏଠାରେ ତାଙ୍କ ଜୀବନୀ 'ସରସ୍ୱତୀ ଫକୀରମୋହନରୁ' କିୟଦଂଶ ଉଦ୍ଧାର କଲେ ତାହାଙ୍କ ଗଦ୍ୟଶୈଳୀର ବୈଚିତ୍ର୍ୟ ଅନୁଭବ କରିହେବ । ତାହା ଏହିପରି; "ଚିରଦୁଃଖିନୀ କୁଚିଳାଙ୍କ ସୁନାର ସଂସାର ତାସ୍‌ଘର ପରି ହଠାତ୍ ଭୂମିସାତ୍ ହୋଇପଡ଼ିଲା, ଯେତେବେଳେ ତାଙ୍କ ଭେଣ୍ଡା ସାନପୁଅ ଲକ୍ଷ୍ମଣଚରଣ ଭୁବନେଶ୍ୱରରେ ହଇଜାରୋଗରେ ଆକ୍ରାନ୍ତ ହୋଇ ଅସହାୟ ଅବସ୍ଥାରେ ଘର ଠାରୁ ଶତକ୍ରୋଶ ଦୂରରେ ଶେଷ ନିଶ୍ୱାସ ତ୍ୟାଗ କରିଗଲେ । ଦେଖୁ ଦେଖୁ ସାନବୋହୂଟା ବି ବର୍ଷକ ପରେ ଚାଲିଗଲା । ରହିଗଲା କେବଳ ଏକ ରୁଗ୍‌ଣ ଶିଶୁ, ଲକ୍ଷ୍ମଣଚରଣ ଛାଡ଼ି ଯାଇଥିବା ଏକମାତ୍ର ସନ୍ତାନ । ଦୁଃଖିନୀ କୁଚିଳା ଦେବୀଙ୍କ ଅନ୍ଧକାରମୟ ସଂସାରରେ ଯେପରି ଏକମାତ୍ର କ୍ଷୀଣାଲୋକ ପ୍ରଦୀପ ଥିଲା ସେହି ରୁଗ୍‌ଣ ଶିଶୁଟି । ପୁଣି ସେହି ଶିଶୁଟି ବିବିଧ ବ୍ୟାଧିରୂପକ ମାରାତ୍ମକ ଅରିଷ୍ଟ ସବୁକୁ କଟେଇ କେବଳ ଯେ ଉଧୁରି

Digitized by srujanika@gmail.com

ଗଲାନି, ସେ ଯେ ଅଧିକନ୍ତୁ ପରେ ଏକ ଐତିହାସିକ ଜାତିର ଭାଷା ସାହିତ୍ୟର ନବଯୁଗର ମହାନ୍ ଭାଗୀରଥ ହୋଇ ଉଠିଲା, ସେଥିପାଇଁ ତାର ସାଂପ୍ରତିକ ଅଭିଭାବକ କକା ପୁରୁଷୋତ୍ତମ ମଲ୍ଲ ବା ତାଙ୍କ ସ୍ତ୍ରୀଙ୍କର ସହାନୁଭୂତି ବା କୌଣସି ସୁଚିକିତ୍ସକର ଚିକିତ୍ସା ନୈପୁଣ୍ୟ ଆଦୌ ଦାୟୀ ନୁହେଁ, ଦାୟୀ କେବଳ ଗୋସେଇଁ ମା କୁଚିଳାଙ୍କର ପ୍ରାଣୋତ୍ସୃଷ୍ଟ ସେବା-ଶୁଶ୍ରୂଷା ଓ ଅସହାୟ ବାପ ମା ଛେଉଣ୍ଡ ହତଭାଗ୍ୟ ନାତିଟି ପ୍ରତି ତାଙ୍କର ନାରୀ ହୃଦୟର ସମଗ୍ର ସଞ୍ଚିତ କରୁଣା ଓ ବିମଳ, ବିଶୁଦ୍ଧ, ଅଜସ୍ର କଲ୍ୟାଣ ଭାବନା ।" (ସରସ୍ୱତୀ ଫକୀରମୋହନ) ଏଧରଣର ବର୍ଣ୍ଣନାରୁ ଫକୀରମୋହନଙ୍କ ଦୁଃଖଦ ବାଲ୍ୟ ଜୀବନର କରୁଣ ଚିତ୍ର ଆମ ଆଗରେ ଭାସି ଉଠେ । ଫକୀରମୋହନ ଜୀବନର ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ଏ ଜାତିର ଭାଷା ସାହିତ୍ୟକୁ ଯେଉଁ ନୂତନ ଦିଗ୍‌ଦର୍ଶନ ଦେଇ ଯାଇଛନ୍ତି, ତାହାକୁ ଦକ୍ଷତା ସହିତ ଡ଼କ୍ଟର ମାନସିଂହ 'ସରସ୍ୱତୀ ଫକୀରମୋହନ' ପୁସ୍ତକରେ ରୂପ ଦେଇଛନ୍ତି । ଏହି ପୁସ୍ତକଟି ପାଠକଲେ ଫକୀରମୋହନଙ୍କର ଏ ଜାତିର ସାହିତ୍ୟ ପ୍ରତି ଯେଉଁ ଆତ୍ମୀୟତା ଥିଲା ତାହା ସହଜରେ ବୁଝିହେବ । ଅତି ଅନ୍ତରଙ୍ଗ ଭାବରେ ସେ ଏଥିରେ ଫକୀରମୋହନଙ୍କୁ ଦେଖିଛନ୍ତି । ଏ ଜୀବନୀରେ ସବୁଠାରୁ ଆକର୍ଷଣ ହେଉଛି ଏହାର ଆବେଗ ସମୃଦ୍ଧ ଭାଷା । ଅତି ଅଳ୍ପରେ ସେ ବହୁ କଥା ଏ ଜୀବନୀରେ ଆମକୁ ଶୁଣାଇଛନ୍ତି । ଫକୀରମୋହନଙ୍କୁ ଜୀବନୀ ଲେଖକ ଡ଼କ୍ଟର ମାନସିଂହ ଦେଖିନାହାନ୍ତି ସତ୍ୟ, କିନ୍ତୁ ସେ ଆପଣାର ଦିବ୍ୟଦୃଷ୍ଟିରେ ଯେମିତି ଦେଖିପାରିଛନ୍ତି, ସେମିତି ବୋଧେ ଆଉ କେହି ଦେଖିନାହାନ୍ତି ।

ସରସ୍ୱତୀ ଫକୀରମୋହନ ପୁସ୍ତକର ସ୍ତରେ ସ୍ତରେ କବିତାର ଛଟା ଏହାକୁ ମନୋଜ୍ଞ କରିଛି । ଗଦ୍ୟ ଭିତରେ ମଧ୍ୟ କବିତାର ଉତ୍ତାପ ବାରି ହୋଇପଡ଼େ । ଏଠାରେ ପାଠକମାନଙ୍କ ଅବଗତି ସକାଶେ ଏ ଧରଣର କବିତ୍ୱପୂର୍ଣ୍ଣ ଗଦ୍ୟର କିୟଦଂଶ ଏଠାରେ ଉଦ୍ଧାର କରାଯାଉଛି । ତାହା ଏହିଭଳି; "ଏକମାତ୍ର ପୁତ୍ରର ବିଶ୍ୱାସଘାତକତା, ବ୍ୟାଧି ପରେ ବ୍ୟାଧି, କୃଷ୍ଣ କୁମାରୀଙ୍କର ଚିର ଜାଗ୍ରତ ବିଚ୍ଛେଦ-ବେଦନା, ହୁଏତ ଆର୍ଥିକ ଅସ୍ୱଚ୍ଛଳତା, ଏବଂ ସର୍ବୋପରି ସର୍ବଶକ୍ତିଧ୍ୱଂସିନୀ ଜରା, - ଏ ସମସ୍ତର

Digitized by srujanika@gmail.com

ପୁଞ୍ଜିଭୂତ ଆକ୍ରମଣର ବରଫ ଝଟିକା ସବୁକୁ ଏଭେରେଷ୍ଟ ଶୃଙ୍ଗ ପରି ସମ୍ଭାଳି ନେଇ, ଆଖିରେ ଦେଖିଥିବା ଲୋକଙ୍କର ଉପର୍ଯ୍ୟୁକ୍ତ ବର୍ଣ୍ଣନାନୁଯାୟୀ, ଫକୀରମୋହନ କେବଳ ଯେ ନିଜର ଦୈନନ୍ଦିନ ଜୀବନର କର୍ମ ନିର୍ଘଣ୍ଟକୁ ବାଲେଶ୍ୱରର ବାରବର୍ଷର ନିଃସଙ୍ଗତାରେ ଚଳାଇ ରଖିଥିଲେ କେବଳ ନୁହେଁ, ସେ ସତ୍ୟବାଦୀ ସ୍କୁଲରେ ତିନି ଦିନ ପରି, ମୃତ୍ୟୁ ପର୍ଯ୍ୟନ୍ତ ନିଜ ଜୀବନକୁ ଚୋଷି ଚୋଷି ଉପଭୋଗ ମଧ୍ୟ କରୁଥିଲେ। ଯେତେବେଳେ ମିଳି ଯାଉଥିଲା ସୁଯୋଗ ଏବଂ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସୃଷ୍ଟି ପରେ ସୃଷ୍ଟି କରି ଚାଲିଥିଲେ । ସେ ଥିଲେ ଢ଼େଙ୍ଗା ଓ ଗୋରା ମଣିଷ । ବାର୍ଦ୍ଧକ୍ୟର ଧବଳ କେଶ ଓ ଶ୍ମଶ୍ରୁ ତାଙ୍କ ବ୍ୟକ୍ତିତ୍ୱକୁ ଦେଇପାରିଥିଲା ଏକ ଆକର୍ଷଣୀୟ ମହିମା, ଯାହାକି ସକଳ ବ୍ୟକ୍ତିଗତ ପାରିବାରିକ ନିର୍ଯ୍ୟାତନାକୁ ତଳେ ଚାପି ରଖି, ବାହାରେ ଅହରହ ପ୍ରକଟିତ ହୋଇଥିଲା ।" ଏଇ କେତେ ଧାଡ଼ିରୁ ଫକୀରମୋହନଙ୍କ ଜୀବନର ପରିଣତ ବୟସରେ ମଧ୍ୟ କର୍ମପ୍ରବଣତାର ସୂଚନା ମିଳେ ।

'ସରସ୍ୱତୀ ଫକୀରମୋହନ' ପୁସ୍ତକରେ ମାନସିଂହ ତାଙ୍କ ଆତ୍ମଚରିତରୁ ଯେତିକି ଉପାଦାନ ଚୟନ କରିଛନ୍ତି, ତାଠାରୁ ଅଧିକ ଉପାଦାନ ସଂଗ୍ରହ କରିଛନ୍ତି ତାହାଙ୍କ ରଚନାବଳୀ ମଧ୍ୟରୁ । ଫକୀରମୋହନଙ୍କ ଜୀବନଦର୍ଶନ ତାଙ୍କ ରଚନାବଳୀରେ ଯେ ଅନେକ ପରିମାଣରେ ପରିଲକ୍ଷିତ, ଏହା ଏହି ଜୀବନୀ ପଢ଼ିଲେ ଜାଣିହୁଏ । ଜୀବନୀ ଲେଖକ ସାଧାରଣତଃ ଯେଉଁ ମଣିଷକୁ ନେଇ ଜୀବନୀ ଲେଖେ ତା"ର ଏକ ନୂଆ ବ୍ୟକ୍ତିତ୍ୱ ପାଠକକୁ ଦିଏ । ଯେମିତି ଲୁଇ ଫିସର ପାଠକ ଆଗରେ ଗାନ୍ଧୀଙ୍କର ବିରାଟ ବ୍ୟକ୍ତିତ୍ୱକୁ ତାଙ୍କ ଜୀବନୀରେ ଉପସ୍ଥାପନ କରିଛନ୍ତି, ସେଇମିତି ମାନସିଂହ ଫକୀରମୋହନଙ୍କ ବହୁତୋମୁଖୀ ବ୍ୟକ୍ତିତ୍ୱକୁ ଏଇ ଜୀବନୀରେ ଆମ ସମ୍ମୁଖରେ ପ୍ରକାଶ କରିଛନ୍ତି । ଜୀବନୀ କେବଳ ବିବିଧ ଘଟଣାବଳୀର ଏକ ସମାହାର ନୁହେଁ । ପ୍ରକୃତ ଜୀବନୀ ହେଉଛି ସଂପୃକ୍ତ ମଣିଷର ବଞ୍ଚିବାର ଓ ଜାତି ପାଇଁ କରି ଯାଇଥିବା ନିରବଚ୍ଛିନ୍ନ କର୍ମର ସୂକ୍ଷ୍ମ ମୂଲ୍ୟାୟନ ସୁଲିଖିତ ଜୀବନୀ ଭିତରୁ ସଂପୃକ୍ତ ମଣିଷଟି ଜୀବନ୍ତ ହୋଇ ଦିଶେ। ସେଥିପାଇଁ ଲେଖକର ଆତ୍ମଚରିତ ତୁଳନାରେ ଜୀବନୀ ପ୍ରତି ପାଠକର ଶ୍ରଦ୍ଧା କିଛି କମ୍ ନୁହେଁ।

Digitized by srujanika@gmail.com

ଗାନ୍ଧୀଙ୍କ ଆତ୍ମଚରିତ ଯେତିକି ଲୋକପ୍ରିୟତା ଲାଭ କରିଛି, ଅନୁରୂପ ଲୋକପ୍ରିୟତା ଲାଭ କରିଛି ମଧ୍ୟ ଲୁଇଫିସର ବା ରମାରୋଲାଁଙ୍କ ଗାନ୍ଧୀ ଜୀବନୀ । ବିଳମ୍ବରେ ଲେଖା ହେଲେ ବି ଫକୀରମୋହନଙ୍କ ଜୀବନୀ ଗ୍ରନ୍ଥ 'ସରସ୍ୱତୀ ଫକୀରମୋହନ' ପାଠକ ମହଲରେ ବେଶ୍ ଆଦୃତ ହୋଇଛି । ଫକୀରମୋହନ ପ୍ରେମୀ ପାଠକେ ତାଙ୍କ ଆତ୍ମଚରିତରୁ ଯାହା ନ ପାଇବେ, ଅବଶ୍ୟ ତାହା ଏହି ଜୀବନୀ ଗ୍ରନ୍ଥରୁ ପାଇପାରିବେ ।

ଡ଼କ୍ଟର ମାୟାଧର ମାନସିଂହ ଆପଣାର ଆତ୍ମଜୀବନୀରେ ଜଣେ ଉନ୍ନତ ଗଦ୍ୟ ସ୍ରଷ୍ଟା ରୂପେ ପରିଚୟ ଦେଇଛନ୍ତି । ଏହି ଆତ୍ମଜୀବନୀଟିରେ ମୂଳରୁ ଶେଷଯାଏ ତାଙ୍କର ବହୁ ଅବଶୋଷ ପ୍ରକାଶିତ । ଏଥିରେ ହୁଏତ ପ୍ରତି ଆତ୍ମଜୀବନୀ ପରି କିଛିଟା ଅତିକଥନ ରହିଛି । କାରଣ ମଣିଷ ଆତ୍ମସଚେତନ ହୋଇ ନିଜେ ନିଜକୁ ଚିହ୍ନିବା ଏକ ଅସାଧ୍ୟ ବ୍ୟାପାର । ତାଛଡ଼ା ନିଜ ସଂପର୍କରେ କେଉଁଟା ସତ୍ୟ, କେଉଁଟା ମିଛ, କେଉଁଟା ଠିକ୍, କେଉଁଟା ଭୁଲ ତାହା ନିର୍ଣ୍ଣୟ କରିବା ମଧ୍ୟ ସହଜ ନୁହେଁ । ତା'ଛଡ଼ା ବାଲ୍ୟଜୀବନରୁ ଶେଷଜୀବନ ପର୍ଯ୍ୟନ୍ତ ସବୁକଥାକୁ ଠିକ୍ ଭାବେ ସ୍ମୃତିରେ ସାଇତି ରଖି ତାକୁ ପୁଣି ପ୍ରକାଶ କରିବା କେବେହେଲେ ସମ୍ଭବ ହୁଏନାହିଁ । ତେଣୁ ଆତ୍ମଚରିତ ମାତ୍ରେ ହେଉଛି ସ୍ମୃତିର ଶିଳ୍ପକଳା ଯେଉଁଠି କଳ୍ପନାର ମାତ୍ରା କିଛି କମ୍ ନୁହେଁ । ତା'ଛଡ଼ା ଅନେକ ଦିନର ଘଟଣା ବେଳେ ବେଳେ ସୁବିନ୍ୟସ୍ତ ଭାବରେ ସାଇତି ହୋଇ ରହିପାରି ନଥାଏ । ଯାହା ଫଳରେ ଜୀବନର ଅନେକ ରଙ୍ଗହୀନ ଘଟଣାକୁ ଆତ୍ମଜୀବନୀ ଲେଖକ ଅସାଧାରଣ କରି ପ୍ରକାଶ କରନ୍ତି । ତା'ଛଡ଼ା ଜଣେ ବିଶିଷ୍ଟ ଲେଖକ ଆତ୍ମଜୀବନୀ ଲେଖିଲେ ତାହା ତା'ର ସାହିତ୍ୟ ସୃଷ୍ଟି ତୁଲ୍ୟ ଆପଣା ଛାଏଁ ହୋଇଯାଏ । ଏ ସଂପର୍କରେ ପୂର୍ବରୁ ଫକୀରମୋହନଙ୍କ ଆତ୍ମଚରିତ ସଂପର୍କରେ କୁହାଯାଇଛି । ସୁତରାଂ, କୌଣସି ଆତ୍ମଜୀବନୀରୁ ଅକୃତ୍ରିମ ଭାବନା, ଅପକ୍ଷପାତ ଦୃଷ୍ଟିଭଙ୍ଗୀ, ଅକପଟ ଆତ୍ମପ୍ରକାଶ ଆଶା କରାଯାଇ ନଥାଏ । ସାଧାରଣତଃ ଆତ୍ମଜୀବନୀ ଲେଖକ ଆତ୍ମପକ୍ଷ ସମର୍ଥନ ପୂର୍ବକ ନିଜର ବାହାଦୁରୀ ହିଁ ଗାଇ ଚାଲେ । ଆତ୍ମଜୀବନୀରେ ଲେଖକ ସ୍ୱୟଂ

Digitized by srujanika@gmail.com

ମୁଖ୍ୟ ନାୟକ ହୋଇଥିବାରୁ ନିଜ ସଂପର୍କରେ ଅଧିକ ଆଗ୍ରହ ଓ ଅନୁରାଗ ସ୍ୱତଃ ସୃଷ୍ଟି ହୋଇଥାଏ । ଏସବୁ ସତ୍ତ୍ୱେ ଆତ୍ମଜୀବନୀ ଲେଖକ ଆପଣାର ଜୀବନକୁ ଏକ ବୃହତ୍ତର ପରିଧିରେ ହିଁ ଦେଖିଥାଏ । ନିଜ ଜୀବନ୍ ସଂପର୍କରେ କହିବାବେଳେ କିପରି ସାଧାରଣ ପାଠକେ କୌତୁହଳୀ ହୋଇ ଏହାକୁ ପାଠ କରିବେ, ସେ ପାଇଁ ଆତ୍ମଚରିତ ଲେଖକ ସର୍ବୋତ୍କୃଷ୍ଟ ଶୈଳୀରେ ହିଁ ତାହାକୁ ପ୍ରକାଶ କରିଥାଏ । ନିଜ କଥା ଯେମିତି ଅନ୍ୟକୁ ବିରକ୍ତିକର ବୋଧ ନହେବ, ସେମିତି ଶୈଳୀରେ ଆତ୍ମଜୀବନୀ ଲେଖକ ନିଜକୁ ପ୍ରକାଶ କରିଥାଏ । ଡ଼କ୍ଟର ମାୟାଧର ମାନସିଂହ ତାଙ୍କ ଆତ୍ମଜୀବନୀ 'ଶିକ୍ଷାବିଦ୍‌ର ଗାଥା'ରେ ଆତ୍ମଚରିତର ଏହି ଶୃଙ୍ଖଳାରେ ପଡ଼ିଛନ୍ତି ଅବଶ୍ୟ । ସେ ନିଜ ପକ୍ଷ ସମର୍ଥନ ପାଇଁ କେତେକ ଚିଠିକୁ ଅବିକଳ ଉଦ୍ଧାର କରିବା ଠାରୁ ଆରମ୍ଭ କରି କେତେକ ଚିଠିର ନମ୍ବର ବି ଦେବାକୁ ଭୁଲି ନାହାନ୍ତି । ଏସବୁ ସତ୍ତ୍ୱେ ସେ ଯେ ମୂଳତଃ ଜଣେ କବି ଏ ଆତ୍ମଜୀବନୀଟି ପଢ଼ିଲେ ସହଜରେ ଜଣେ ଜାଣି ପାରିବ। ଏଥିରେ ଥିବା ଉପାଦାନ ସାମଗ୍ରୀକୁ ବାଦ୍ ଦେଲେ ଆଉ ଯାହା ରହିଲା ତାହା ଯେ ଗଦ୍ୟଧର୍ମୀ କବିତା ଏହା ନିଃସଙ୍କୋଚରେ କୁହାଯାଇ ପାରେ । ଏଣୁ ଏହାର ନାମ ଶିକ୍ଷାବିଦ୍‌ର ଗାଥା ନ ଦେଇ ଶିକ୍ଷାବିଦ୍‌ର ଗାଥା କବିତା ଦେଇଥିଲେ ଅଧିକ ସମୀଚୀନ ହୋଇଥାନ୍ତା ।

'ଶିକ୍ଷାବିଦ୍‌ର ଗାଥା'ରେ ପରିବେଷିତ ତଥ୍ୟ ସେପରି ଗୁରୁତ୍ୱପୂର୍ଣ୍ଣ ନୁହେଁ । ଏଥିରେ ଗୁରୁତ୍ୱପୂର୍ଣ୍ଣ ହେଉଛି ତାଙ୍କର ପ୍ରକାଶ ଭଙ୍ଗୀ । ଜଣେ ଶିକ୍ଷାବିଦ୍‌ର ଅଧ୍ୟୟନ, ଅଧ୍ୟାପନା, ସ୍ୱପ୍ନ, ମୋହଭଙ୍ଗ ପ୍ରଭୃତି ଇତିହାସରେ ବଞ୍ଚିରହିବା ଭଳି ଘଟଣା ନ ହୋଇ ପାରେ । ମାତ୍ର ଯେଉଁ ଭାଷାରେ, ଯେପରି ଭାବରେ ଆନ୍ତରିକତାର ସହିତ ଏସବୁକୁ ସେ ବ୍ୟକ୍ତ କରିଛନ୍ତି, ତାହା ହେଉଛି ଏହାର ବିଶେଷତ୍ୱ । ସେ ଶିକ୍ଷା ବିଭାଗର ପରିଦର୍ଶକ ଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନ ଦେଖିଥିଲେ । ଛତିଶ ଗଡ଼, ଯଶିପୁର, ବସ୍ତର, ଆଠ ମଲ୍ଲିକ, ଚାରମାଳ, ମହିଷପାଟ ପ୍ରଭୃତି ସ୍ଥାନର ପାର୍ବତ୍ୟ ସୁଷମା, ଭୀମକାନ୍ତ ରୂପକୁ ଦକ୍ଷତାର ସହିତ ସେ 'ଶିକ୍ଷାବିଦ୍‌ର ଗାଥା'ରେ ପ୍ରକାଶ କରିଛନ୍ତି । କେଉଁଠି ସେ ମହାନଦୀକୁ ଦେଖି ଭାବ ବିହ୍ୱଳ ହୋଇଛନ୍ତି ତ ଆଉ

Digitized by srujanika@gmail.com

...ଭିତି ଶସ୍ୟ କେଦାର, ହାତୀକୁ ଦେଖି ଆପଣାର କବିକଳ୍ପନାକୁ ପ୍ରକାଶ କରିଛନ୍ତି। ସେ ଗଡଜାତ ପ୍ରକୃତିର କବିତ୍ୱପୂର୍ଣ୍ଣ ବର୍ଣ୍ଣନାରେ ଆପଣାର ସୌନ୍ଦର୍ଯ୍ୟ ଦୃଷ୍ଟିର ପରିଚୟ ଦେଇଛନ୍ତି । ଦେଖନ୍ତୁ ତାଙ୍କର ଗଡ଼ଜାତ ପ୍ରକୃତିର ବର୍ଣ୍ଣନା :

"ମୁଁ ଗଡଜାତର ବା ଓଡ଼ିଶାର ପ୍ରକୃତିକୁ ଏଇପରି ଭାବରେ ଦେଖି ଆସିଛି, ବିଳାସରୂପେ ନୁହେଁ, ଦୈନନ୍ଦିନ ପ୍ରୟୋଜନ ଭାବରେ । ତେଣୁ ସ୍ମୃତିରେ ଜାଗ୍ରତ ରହିଛି ସାମାନ୍ୟ ସାମାନ୍ୟ ସ୍ଥାନ ବା ଦୃଶ୍ୟ ଯେଉଁ ପ୍ରକୃତିର ଆଡ଼ମ୍ବର ନଦେଖିଥିଲେ ମଧ୍ୟ ପାଇଛି ତାର ଘନିଷ୍ଠ ଆତ୍ମୀୟ ସ୍ପର୍ଶ । ସେହି ଆତ୍ମୀୟତା ଯୋଗୁଁ କାଙ୍କେର ଷ୍ଟେଟ୍‌ରେ କୌଣସି ସ୍କୁଲ ଦେଖିଲା ବେଳେ ଯେତେବେଳେ ଶୁଣିଲିଯେ, ନିକଟରେ ମହାନଦୀ ବହି ଯାଉଛି, ମୁଁ ଦୌଡ଼ିଥିଲି ତାକୁ ଦେଖିବାକୁ । ଦେଖିବାର କିଛି ନାହିଁ। ସେଠି ମହାନଦୀ କ୍ଷୀଣ ଶରୀରା, ତାର ସହସ୍ର ସହସ୍ର କ୍ଷୁଦ୍ର ଉପନଦୀ ଭିତରୁ ଗୋଟିଏ ଯେପରି, ଆଉ ଦରିଦ୍ରା ସ୍ତ୍ରୀ ପରି ବେଶ ଭୂଷଣହୀନା । କିନ୍ତୁ ତାକୁ ଦେଖି ପ୍ରାଣ ନାଚି ଉଠିଲା । କାରଣ ସେ ଯେ ମୋରି ମହାନଦୀ, ଅତି ପରିଚିତା, ଅତି ଆତ୍ମୀୟା, ଅତି ନିକଟର, ଅତି ଆପଣାର, ଜୀବନ ଧାରା ।" (ଶିକ୍ଷାବିଦ୍‌ର ଗାଥା)

କଲେଜର ଏକ ବଣଭୋଜିରେ ଯିବାବେଳେ ଲେଖକ ଓ ତାଙ୍କର ପୁଅ ମହାନଦୀରେ ଗାଧୋଇବାର ଯେଉଁ ଅନୁଭୂତି ଅର୍ଜିଥିଲେ, ସେ ବର୍ଣ୍ଣନାରେ ଲେଖକ ଯଥାର୍ଥରେ ସୁନ୍ଦରର ଉପାସନା କରିଛନ୍ତି । ସେଇ ସ୍ମୃତିର କାବ୍ୟିକରୂପ ଦେଖନ୍ତୁ; "ହୀରାକୁଦର ଏକ ନିର୍ଜନ ଅଂଶରେ ଆମେ ସେଥର ଆସ୍ଥାନ ଜମାଇଥାଉ । ପିଲେ ଓ ତତ୍ତ୍ୱାବଧାରକ ଶିକ୍ଷକବୃନ୍ଦ ଆଗରୁ ଚାଲିଯାଇଥାନ୍ତି । ମୁଁ ଗଲାବେଳକୁ ଅପରାହ୍ନ ହୋଇ ଯାଇଥିଲା । ଯାଇ ଦେଖେ, ଅତି ରମଣୀୟ ସ୍ଥାନ । ବାଲୁକା ଶଯ୍ୟା ଉପରେ ଲମ୍ବମାନ ଏକ ଛୋଟ ଅରଣ୍ୟ, ଯାର ଘନ ସୁଶୀତଳ ଛାୟାରେ ଆମର ବସା ଉଠାର ବ୍ୟବସ୍ଥା । ନିମ୍ନରେ ବହି ଯାଉଛି ମହାନଦୀର ଏକ ଶାଖା। ହେମନ୍ତକାଳ । ମହାନଦୀର ନୀଳ ନୀର ନୀଳତର ହୋଇଉଠିଛି । ପିଲାଏ ଦଳଦଳ ହୋଇ ପହଁରୁଛନ୍ତି । କିଛି ସମୟଧରି ଠିଆ ହୋଇ ସେ ସବୁ ଦେଖୁ ଦେଖୁ ଆଉ ଲୋଭ ସମ୍ବରଣ କରି ପାରି ନଥିଲି । ସେତେବେଳେ ଦ୍ୱିତୀୟ ପୁତ୍ର ଲଳିତେନ୍ଦୁ

Digitized by srujanika@gmail.com

ସେହି ଠାରେ ଛାତ୍ର ଥିଲା । ଦୁହେଁ, ଘରୁ ସକାଳୁ ଗାଧୋଇ ଖାଇ ଯାଇଥିଲୁ । କିନ୍ତୁ ବର୍ତ୍ତମାନ ଦୁହେଁ, ପୋଷାକ ଖୋଲିଦେଇ ମହାନଦୀର ନୀଳନୀରର ଅପୂର୍ବ ଆକର୍ଷଣରେ ଝାଁପ ଦେଲୁ । ବୁଡ଼ି, ପହଁରି, ଭାସି, ବସି, ପ୍ରାୟ ଘଣ୍ଟାଏ ଖଣ୍ଡେ ମହାନଦୀର ସ୍ନେହଶୀତଳ ମାତୃକୋଳରେ ଶିଶୁ ଖାଲି ଜନନୀ ଦେହର ସ୍ପର୍ଶରେ ବୁଡ଼ି ରହିଲା ପରି ବିଭୋର ହୋଇ ବିହାର କଲୁ । ଏକାବେଳେକେ କ୍ଳାନ୍ତ ନହେଲା ଯାଏ ବାପାପୁଅ ପାଣିରୁ ଉଠିଲୁ ନାହିଁ । ଏହାର ଏକ ତୁଳନୀୟ ଘଟଣା ମଧ୍ୟ ବରାବର ମନେ ପଡ଼ିଯାଏ । ଜୀବନର ଶେଷପାଦରେ ଠିଆହୋଇ ପଛକୁ ଅନାଇଲେ ଘଟଣାବହୁଳ ଏହି ଜୀବନର କେଉଁ ଅଭିଜ୍ଞତାର ପୁନରାବର୍ତ୍ତନ ଏ ମନ ଚାହେଁ ? ରାଜରାଣୀ ସୀତା, ଅଯୋଧ୍ୟାର ରାଜପ୍ରାସାଦରେ ରହି, ବନଭୂମି ବିହାରର ସ୍ୱପ୍ନ ଦେଖୁଥିଲା ପରି, ଆଜି ହୀରାକୁଦରେ ମହାନଦୀ ଜଳରେ ସେ ଦିନର ସନ୍ତରଣ ସୁଖକୁ ହିଁ ଚିତ୍ତ ବାରମ୍ବାର ଖୋଜୁଛି ।" (ଶିକ୍ଷାବିଦ୍‌ର ଗାଥା) ପୁସ୍ତକଟିରେ ପ୍ରକୃତିର ସଖ୍ୟ ଜନିତ ସୁଖର ଚିତ୍ତାକର୍ଷକ ବର୍ଣ୍ଣନା ଅନେକତ୍ର ଦେଖିବାକୁ ମିଳେ । ବିଶେଷ କରି ଲେଖକ ଯେଉଁଠି ମହାନଦୀକୁ ଦେଖିଛନ୍ତି, ବିଶେଷ ଭାବବିହ୍ୱଳ ହୋଇ ପଡ଼ିଛନ୍ତି । ଏ ଦୁଇଟି ବର୍ଣ୍ଣନା ପଢ଼ିଲେ ସତେ ଯେମିତି ମହାନଦୀରେ ଜ୍ୟୋତ୍ସ୍ନା ବିହାରର ଉତ୍ତର ପର୍ବ ପଢ଼ିବା ପରି ଲାଗେ । ଗଦ୍ୟରେ ଲିଖିତ ଏଇ କବିତ୍ୱପୂର୍ଣ୍ଣ ବର୍ଣ୍ଣନାଗୁଡ଼ିକ ସାଂପ୍ରତିକ କାଳର ଆଧୁନିକ ଗଦ୍ୟକବିତା ଠାରୁ ଯେ ଉନ୍ନତତର ଏଥିରେ ସନ୍ଦେହ ନାହିଁ ।

ଆତ୍ମଜୀବନୀ ମାତ୍ରେ ଅସଂପୂର୍ଣ୍ଣ । ସବୁ ଆତ୍ମଜୀବନୀ ଲେଖକଙ୍କ ପରି ମାନସିଂହ ମଧ୍ୟ ତାଙ୍କ ଜୀବନର ସୁବିପୁଳ ଅଭିଜ୍ଞତା, ଆତ୍ମାର ଅସରନ୍ତି ସାଗରର ଅଳ୍ପ କେତୋଟି ତରଙ୍ଗ ମାତ୍ର ଏଥିରେ ପ୍ରକାଶ କରିଛନ୍ତି । ବହୁ ଅତୃପ୍ତିର ଅବଶୋଷ ଭିତରେ ସେ ଯବନିକା ଟାଣିଛନ୍ତି ତାଙ୍କର ଏ ଗ୍ରନ୍ଥ । ତାଙ୍କର ଏଇ ଆତ୍ମଜୀବନୀରେ ଜାଗତିକ ସତ୍ୟ ସହିତ ଅନ୍ତରର କବିତା ଏକାଠି ମିଶି ଯାଇଛି । ସେ ଆପଣା ଜୀବନକୁ ଭଲ ଭାବରେ ନିରୀକ୍ଷଣ କରିଛନ୍ତି । ସେ ମଧ୍ୟ ଦେଖିଛନ୍ତି ତାଙ୍କ ଚାରିପାଖରେ ଥିବା ସାମାଜିକ ଜୀବନକୁ, ଆମ ସଂସ୍କୃତିକୁ, ଆମ ପ୍ରାକୃତିକ ଜଗତକୁ । ଏସବୁକୁ

Digitized by srujanika@gmail.com

ଦେଖି ସେ ସ୍ୱଅବସରକାଳୀନ ନିଃସଙ୍ଗ ଜୀବନର ସଙ୍ଗୀତ ଗାନ କରିଛନ୍ତି । ଯଥାର୍ଥରେ 'ଶିକ୍ଷାବିତ୍‌ର ଗାଥା' ହେଉଛି ଡ଼କ୍ଟର ମାନସିଂହଙ୍କ ଜୀବନର ସୁଖପାଠ୍ୟ ଗାଥା କବିତା ଯାହା ଭିତରେ ତାଙ୍କ ହସ ଅଶ୍ରୁର ଆଉ ମାନ ଅଭିମାନ କାହାଣୀ ବର୍ଣ୍ଣିତ ।

(ଙ)

ଜଣେ କଥାକାର ଭାବରେ ମାନସିଂହ ବିଶେଷ ପରିଚିତ ନ ହେଲେ ମଧ୍ୟ ଅପରିଚିତ ନୁହନ୍ତି । ଉପନ୍ୟାସ ଓ ଗଳ୍ପ ଉଭୟ ରଚନାରେ ତାଙ୍କର ଆଗ୍ରହ ଦେଖିବାକୁ ମିଳେ । ସଂଖ୍ୟା ଦୃଷ୍ଟିରୁ ଏଗୁଡ଼ିକ ନଗଣ୍ୟ ହେଲେ ସୁଦ୍ଧା ଜଣେ ପୋଖତ ଗଦ୍ୟଶିଳ୍ପୀ ଭାବରେ ତାଙ୍କର ବ୍ୟକ୍ତିତ୍ୱ ଅନୁଶୀଳନ କଲାବେଳେ ଏଗୁଡ଼ିକୁ ଉପେକ୍ଷା କରାଯାଇ ନ ପାରେ । ତାଙ୍କ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ସହିତ ସାଧାରଣ ପାଠକର ସଂପର୍କ ନାହିଁ ସତ୍ୟ, କିନ୍ତୁ ମଣିଷ ଜୀବନର ବୈଚିତ୍ର୍ୟ ଓ ଗଭୀରତା ମାପିବାରେ ଏ ଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଡ଼କ୍ଟର ମାୟାଧର ମାନସିଂହ ଖଣ୍ଡିଏ ମାତ୍ର ଉପନ୍ୟାସ ଲେଖିଛନ୍ତି । 'ଅନ୍ୱେଷଣ' ନାମକ ଏହି ଉପନ୍ୟାସଟି ୧୯୫୭ ମସିହାରେ ପ୍ରକାଶିତ ହୁଏ । ଏହି ଉପନ୍ୟାସଟିର ଗୋଟିଏ ସଂସ୍କରଣ ପ୍ରକାଶ ପାଇଥିବାରୁ ମାନସିଂହ ଯେ ଜଣେ ଉପନ୍ୟାସ ଲେଖକ ଏକଥା ଅନେକ ପାଠକ ଜାଣି ନାହାନ୍ତି । ମନେହୁଏ ଏମିତି ଲେଖୁ ଲେଖୁ ସେ ଉପନ୍ୟାସଟିଏ ଲେଖିଛନ୍ତି । ଆଉ ଏକ ଦୃଷ୍ଟିରୁ ସେ ଉପନ୍ୟାସ ହୁଏତ ଲେଖିଥାଇ ପାରନ୍ତି । ଆଧୁନିକ କାଳରେ ଗଦ୍ୟ ମହାକାବ୍ୟ ହେଉଛି ଉପନ୍ୟାସ । ତେଣୁ କବି ମନୋନିବେଶ କରିଥିବା କିଛି ବିଚିତ୍ର ନୁହେଁ । କାରଣ ସେ ଭଲଭାବରେ ବୁଝିଥିଲେ ଯେ ଆଧୁନିକ କାଳରେ ପଦ୍ୟ ଅପେକ୍ଷା ଗଦ୍ୟରେ ହିଁ ସଫଳ ମହାକାବ୍ୟ ରଚନା କରାଯାଇପାରେ । ମଣିଷ ମନର ଏକ ଶକ୍ତିଶାଳୀ ଆବେଗ, ବିବିଧ ଅଭିଜ୍ଞତା, କୌଣସି ଜାତିର ଉଚ୍ଚମାନର ଆଦର୍ଶ ଓ ଆଭିଜାତ୍ୟ ମହାକାବ୍ୟରେ ପ୍ରତିଫଳିତ ହୋଇଥାଏ । ଏହି ଦୃଷ୍ଟିରୁ ଦେଖିଲେ ଉପନ୍ୟାସକୁ ଗଦ୍ୟ

Digitized by srujanika@gmail.com

ମହାକାବ୍ୟ କୁହାଯିବା ଯଥାର୍ଥ ମନେହୁଏ । ସୁତରାଂ, ବିଶିଷ୍ଟ କବି ମାନସିଂହ ଗଦ୍ୟରେ ମହାକାବ୍ୟ ରଚନାର ବାସନା ନେଇ ତାଙ୍କର 'ଅନ୍ୱେଷଣ' ଉପନ୍ୟାସ ରଚନା କରଛନ୍ତି ।

'ଅନ୍ୱେଷଣ' ଉପନ୍ୟାସରେ ଭାବବସ୍ତୁ ଦୃଷ୍ଟିରୁ ସେପରି ନୁତନତା ନାହିଁ । ମହାତ୍ମାଗାନ୍ଧୀଙ୍କ ଆଦର୍ଶ ଓ ସ୍ୱପ୍ନରେ ଉପନ୍ୟାସ ଲେଖକ ଅନେକାଂଶରେ ଉଦ୍‌ବୁଦ୍ଧ । ସେକାଳରେ ଗାନ୍ଧୀଙ୍କ ବାଣୀ ଓ ଆଦର୍ଶବାଦୀ ଭାବନା ଅଧିକାଂଶ ଲେଖକଙ୍କୁ ପ୍ରଭାବିତ କରିଥିଲା । ଗାଁର ମମତା ଓ ଗୋଟିଏ ନୀତିକୁ ପାଥେୟ କରି ବଞ୍ଚିବାର ଆଦର୍ଶ ଉଣା ଅଧିକେ ତଦାନୀନ୍ତନ ଉପନ୍ୟାସରେ ଥିଲା ସୁଲଭ । ଅନ୍ୱେଷଣ ଉପନ୍ୟାସରେ ଏହାର ସ୍ୱର ଶୁଣିବାକୁ ମିଳେ । ଆମ ଦେଶର ଗାଁ ଗୁଡ଼ିକ କିପରି ସହର ଦ୍ୱାରା କବଳିତ ହୋଇ ତା'ର ସ୍ୱାତନ୍ତ୍ୟ ହରାଇ ବସୁଛି, ସେଇ ସ୍ୱର ଏଥିରେ ଶୁଣିବାକୁ ମିଳେ । ଶେଷରେ ଲେଖକ ଏଥିରେ ପଲ୍ଲୀଜୀବନର ମହନୀୟତା ପ୍ରକଟ କରିଛନ୍ତି । ଏକଦା ପଲ୍ଲୀଛାଡ଼ି ସହରରେ କଳା, ସଂସ୍କୃତି ଓ ଉଚ୍ଚ ମୂଲ୍ୟବୋଧ ଖୋଜୁଥିବା ଶ୍ରୀକଣ୍ଠ ବୀତସ୍ପୃହ ହୋଇ ପୁଣି ଫେରି ଆସିଛି ସେଇ ପଲ୍ଲୀକୋଳକୁ । ଉପନ୍ୟାସର ଶେଷାଂଶରେ ଲେଖକ ତାଙ୍କର ପଲ୍ଲୀଜୀବନ ପ୍ରତି ଆପଣାର ସ୍ୱତନ୍ତ୍ର ଶ୍ରଦ୍ଧା ପ୍ରକଟ କରିଛନ୍ତି । ଏଥିରେ ପ୍ରେମ ପ୍ରଣୟ ଓ ବିବିଧ ଅନୁଷଙ୍ଗ ଥିଲେ ସୁଦ୍ଧା ପଲ୍ଲୀପ୍ରତି ଏକ ଆତ୍ମୀୟ ସଂପର୍କ ଯେ ମୁଖ୍ୟ ଏହା ଉପନ୍ୟାସର ପ୍ରତ୍ୟେକ ପର୍ଯ୍ୟାୟରେ ପରିଦୃଷ୍ଟ ।

ଏହି ଉପନ୍ୟାସଟିର ଭାଷା ପାଠକକୁ ବିଶେଷ ପ୍ରଭାବିତ କରେ । ଏହାର ସ୍ତରେ ସ୍ତରେ ରହିଛି କବିତାର ଝଲକ । ସାହିତ୍ୟ, ସମାଜ, ଜୀବନ, ଯୌବନ ଇତ୍ୟାଦି ସଂପର୍କରେ କେତେକ ଉଚ୍ଚକୋଟୀର ଉକ୍ତି ଔପନ୍ୟାସିକ ଏଥିରେ ପ୍ରକାଶ କରିଛନ୍ତି । ଏଥିରେ ସେ ରୂପର ବନ୍ଦାପନା କରିଛନ୍ତି । ବିଶେଷତଃ ନାରୀରୂପ ଚିତ୍ରଣରେ ଔପନ୍ୟାସିକଙ୍କ କୃତିତ୍ୱ ବେଶ୍ ହୃଦୟଗ୍ରାହୀ । ଏଠାରେ ନାରୀ ରୂପ ଚିତ୍ରଣର ବିବରଣୀ ଦେଖନ୍ତୁ :

"ପଲ୍ଲୀର ପ୍ରସ୍ଫୁଟିତ ପୁଷ୍ପ ସାବିତ୍ରୀ, ହେଳାୟିତ ତା'ର ବାସ । ସେହି

Digitized by srujanika@gmail.com

ବସ୍ତ୍ରର ଆବରଣକୁ ହେଳାରେ ଠେଲି ଦେଇ ତା'ର ଭରା ଯୌବନ ସହସ୍ର ବିନ୍ଦୁରେ ନିସ୍ୟନ୍ଦିତ ହୋଇ ପଡ଼ିଛି ଅଯତ୍ନ ଶିଥିଳତାର ପ୍ରଚୁର କେଶଗୁଚ୍ଛ । ମୁଖରେ ଘର୍ମମୋତିର ସୁନ୍ଦର ଆସ୍ତରଣ । ହାତରେ ତାର ସଦ୍ୟ-ଛିନ୍ନ-ପ୍ରସ୍ଫୁଟିତ କିଆଫୁଲ ।" (ଅନ୍ୱେଷଣ)

ପ୍ରେମ ସଂପର୍କରେ ମାନସିଂହଙ୍କ ଆଭିମୁଖ୍ୟର ଅନ୍ୟ ଏକ ଦୃଷ୍ଟାନ୍ତ ଦେଖନ୍ତୁ: "ଅଶ୍ରୁ ପ୍ରେମର ପ୍ରତୀକ । ସୁଖ ପ୍ରେମର ଲକ୍ଷ୍ୟ ନୁହେଁ, ପ୍ରେମର ଲକ୍ଷ୍ୟ ପରିତୋଷ ଓ ପରିପୂର୍ଣ୍ଣତା । ଦୁଇଟି ଅଧାଜୀବନ ମିଶି ପୂର୍ଣ୍ଣ ହୁଅନ୍ତି ଓ ସେହି ପୂର୍ଣ୍ଣତା ଆଣେ ପ୍ରାଣରେ ପ୍ରଥମ ପରିତୋଷ । ପ୍ରେମ ହିଁ ପ୍ରେମର ଏକମାତ୍ର ଓ ସର୍ବଶ୍ରେଷ୍ଠ ପରିଣତି ଓ ଫଳ ।"(ଅନ୍ୱେଷଣ)

ମାନସିଂହ ପଲ୍ଲୀପ୍ରକୃତି ବର୍ଣ୍ଣନାରେ ମଧ୍ୟ ଆପଣାର ନିପୁଣତା ପ୍ରଦର୍ଶନ କରିଛନ୍ତି । ପ୍ରକୃତିରାଣୀର ଶୋଭା ତାଙ୍କ ଭାଷାରେ ଏହିପରି -

"ବିଧାଡ଼ି ଚାଳଘର, ପାଖକେ ଭାଗବତ ଘର, ପାଖକେ ଗ୍ରାମର ଦେଉଳ, ପ୍ରତି ଗୃହସ୍ଥର ଘର ଆଗରେ ଓ ପଛରେ ଛୋଟବଡ଼ ବଗିଚା । ବର୍ଷାଦିନେ ଚାଳ ଉପରେ ଲାଉ, କଖାରୁର ବହୁ ପ୍ରସାରୀ ଲଟା ଦେଇ ସବୁଜ ଲକ୍ଷ୍ମୀର ମନୋହର ବିସ୍ତାର, ଖରାଦିନେ ମଲ୍ଲୀ, ଶୀତଦିନେ ଗେଣ୍ଡୁ, ବସନ୍ତରେ ଚମ୍ପା ଓ ବଉଳ ପ୍ରଭୃତି ନାନା ଋତୁରେ ନାନା କୁସୁମ ସୁନ୍ଦରୀଙ୍କର ଆଗମନ ।" (ଅନ୍ୱେଷଣ)

'ଅନ୍ୱେଷଣ' ଉପନ୍ୟାସ ଏଇ ଧରଣର କବିତ୍ୱପୂର୍ଣ୍ଣ ବର୍ଣ୍ଣନାରେ ଭାସ୍ୱର । ଏଥିରେ କେତେକ ଉଚ୍ଚକୋଟୀର ଚିତ୍ରକଳ୍ପ ମଧ୍ୟ ଦେଖିବାକୁ ମିଳେ । ଓଜସ୍ୱିନୀ ଭାଷା, ଆବେଗ ସମୃଦ୍ଧ ପ୍ରକାଶଭଙ୍ଗୀ, ସୁନିର୍ବାଚିତ ଶବ୍ଦାବଳୀ ସହିତ ଲେଖକଙ୍କ ସୌନ୍ଦର୍ଯ୍ୟବୋଧର ଅପୂର୍ବ ସମନ୍ୱୟ ଏହାକୁ ଗଦ୍ୟ ମହାକାବ୍ୟ ରୂପେ ପ୍ରତିଷ୍ଠା ଦେଇଛି ।

ଜଣେ ଗଳ୍ପ ଲେଖକ ଭାବରେ ମାନସିଂହ ପାଠକ ଠାରେ ଆଦୌ ପରିଚିତ ନୁହନ୍ତି । ସେ ଯାହା କିଛି ଗଳ୍ପ ରଚନା କରିଛନ୍ତି, ତାହା ବିସ୍ମୃତିରେ ବିଲୟ ଭଜିଛି । ଏବେ ବି କୀଟଦଂଷ୍ଟ୍ର ପ୍ରାଚୀନ ପତ୍ରିକା ପୃଷ୍ଠାରୁ ତାହାକୁ ସଂଗ୍ରହ କରାଯାଇ ପାରିନାହିଁ ।

Digitized by srujanika@gmail.com

'ତ୍ୟକ୍ତପୁରୀ', 'ନଷ୍ଟବାସନା', 'ଅଭିଶାପ', ଓ 'ଜନ୍ମଭୂମି' ଏଇ ଚାରୋଟି ହେଉଛି ତାଙ୍କର କ୍ଷୁଦ୍ରଗଳ୍ପ । ଜୀବନର ତରୁଣ ବୟସରେ ସେ ତାଙ୍କ ଏଇ ଗଳ୍ପଗୁଡ଼ିକ ଲେଖିଥିଲେ। କବିତା ରଚନାରେ ସେ ବିଶେଷ ଖ୍ୟାତି ଲାଭ ସେ ସମୟରେ କରିଥିବାରୁ ଆଉ ଗଳ୍ପ ରଚନା ପ୍ରତି ମନ ଦେଇନଥିଲେ । ତରୁଣ ଜୀବନର ଏଇ ଗଳ୍ପ ଗୁଡ଼ିକରୁ କବିଙ୍କ ଆବେଗ ଉଚ୍ଛ୍ୱାସ, ଜାତୀୟ ଭାବଚେତନାର ସ୍ୱର ଶୁଣିବାକୁ ମିଳେ । ତାଙ୍କର ଏଇ ଚାରୋଟି ଗଳ୍ପ ଚାରି ପ୍ରକାରର । 'ତ୍ୟକ୍ତପୁରୀ', 'ନଷ୍ଟବାସନା' ରେ ଯଥାକ୍ରମେ ଜାତୀୟ ଭାବଚେତନା ଓ ସ୍ୱର୍ଗୀୟ ପ୍ରେମର ଚିତ୍ତ ଆଲୋଡ଼ନକାରୀ ସ୍ୱର ଶୁଣିବାକୁ ମିଳେ। 'ଅଭିଶାପ' ଏକ ରାଜନୀତିକ କ୍ଷୁଦ୍ରଗଳ୍ପ ହୋଇଥିବା ବେଳେ 'ଜନ୍ମଭୂମି' ଏକ ଐତିହାସିକ କ୍ଷୁଦ୍ରଗଳ୍ପ ।

ତାଙ୍କର କଥାକାର ଭାବରେ ସାହିତ୍ୟିକ ଜୀବନ ଅତ୍ୟନ୍ତ ସୀମିତ । ସେ କେବଳ ସାହିତ୍ୟିକ ଭାବେ ସବୁ ଆଙ୍ଗିକ ସହ ଆପଣାର ଆତ୍ମୀୟତା ସ୍ଥାପନ ପାଇଁ ଗୋଟିଏ ଉପନ୍ୟାସ ଓ ଚାରୋଟି କ୍ଷୁଦ୍ରଗଳ୍ପ ଲେଖିଛନ୍ତି । ଓଡ଼ିଆ କଥା ସାହିତ୍ୟ ଇତିହାସରେ ତାଙ୍କର ନାମ ମଧ୍ୟ ଅନୁପସ୍ଥିତ । କେବଳ ଗଦ୍ୟର ବିବିଧ ଆଙ୍ଗିକରେ ତାଙ୍କ ନିଷ୍ଠା ପ୍ରଦର୍ଶନ ସୂଚାଇବା ବେଳେ ଯାହା କିଛି ତାଙ୍କର କଥା ସାହିତ୍ୟ ସ୍ମରଣକୁ ଆସେ ।

(ଚ)

ମାନସିଂହଙ୍କ ଗଦ୍ୟ ସାହିତ୍ୟର ଏକ ବିଶିଷ୍ଟ ଦିଗ ହେଉଛି ତାଙ୍କର ଚିଠି ତାଙ୍କର ପ୍ରତ୍ୟେକଟି ଚିଠିରେ ସାହିତ୍ୟ ଯେ ରହିଛି, ଏହା ଦୃଢ଼ ସ୍ୱରରେ କୁହାଯାଇପାରେ । ତାଙ୍କର କେତେଗୁଡ଼ିଏ ଚିଠି 'ମାନସିଂହଙ୍କ ପ୍ରଣୟ ଚିଟାଉ' ଶିରୋନାମାରେ ପ୍ରକାଶ ପାଇଛି । ଏହି ଚିଠିଗୁଡ଼ିକ ସଂପର୍କରେ ପୁସ୍ତକର ଉପକ୍ରମଣିକାରେ ସୂର୍ଯ୍ୟକାନ୍ତ ଦାସ ଲେଖିଛନ୍ତି, "ଗାଁ କଥା, ନିଜ ଘରକଥା, ପରିବାରର ସୁଖ ଦୁଃଖ ଠାରୁ ଆରମ୍ଭ କରି ସାହିତ୍ୟ ଚର୍ଚ୍ଚା, ଦେଶ ସେବା, ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ସମ୍ବନ୍ଧରେ ମାନସିଂହଙ୍କର ଏକାନ୍ତ ନିଜସ୍ୱ ଆଦର୍ଶବାଦୀ

Digitized by srujanika@gmail.com

ମତାମତ ଚିଠିଗୁଡ଼ିକୁ ସୁଖପାଠ୍ୟ କରି ତୋଳିଛି । ମାନସିଂହଙ୍କ ଦରଦୀ ମନ, କବିଜୀବନ ଓ ସାମାଜିକ ଚେତନା ପତ୍ରଗୁଡ଼ିକରେ ସୁସ୍ପଷ୍ଟ ।" (ମାନସିଂହଙ୍କ ପ୍ରଣୟ ଚିଟାଉ) ମାନସିଂହଙ୍କ ଚିଠିରୁ ତାଙ୍କର ଉନ୍ନତ ଗଦ୍ୟ ଶୈଳୀର ପରିଚୟ ମିଳେ ।

ଡ଼କ୍ଟର ମାନସିଂହଙ୍କ ଚିଠିର ଗଦ୍ୟ କବିତାର ନିକଟବର୍ତ୍ତୀ । ତାକୁ ଯଦି ଧାଡ଼ି ଧାଡ଼ି କରି ସଜାଇ ଦିଆଯିବ, ଯେ କେହି ତାକୁ କବିତା ବୋଲି ସ୍ୱୀକାର କରିବ । ବାକ୍‌ଧାରାର ସ୍ୱଚ୍ଛତା ଭାବର ପ୍ରାଞ୍ଜଳତା ତାଙ୍କ ଚିଠିର ଗଦ୍ୟରେ ପରିଲକ୍ଷିତ । ଆବେଗର ଏକ ସୂକ୍ଷ୍ମ ବିକିରଣ ପ୍ରକ୍ରିୟା ତାଙ୍କ ଗଦ୍ୟକୁ କବିତା କରି ଗଢ଼ି ତୋଳିଛି । ଯେତେ ଦୂରରେ ଥାଇ ଚିଠି ଲେଖିଲେ ବି ତାଙ୍କ ଭାଷାର ଯାଦୁକରୀ ସ୍ପର୍ଶ ଦ୍ୱାରା ତାହା ପାଖରେ ବସି ଆତ୍ମୀୟତା ଭାବରେ କଥାବାର୍ତ୍ତା କରିବା ପରି ମନେ ହୋଇଛି । ତାଙ୍କ ଗଦ୍ୟ ଏହି ଚିଠିଗୁଡ଼ିକରେ କୋମଳ ଓ କଥକତା ଏହାକୁ ଜୀବନୀଶକ୍ତି ଯୋଗାଇଛି । ଚିଠିଗୁଡ଼ିକ ପାଠକ ପଢ଼ିଦେଲେ ଅନ୍ତର ପୁଲକିତ ହୁଏ ଓ ପ୍ରାଣରେ ନବ ନବ ଭାବ ସଞ୍ଚାର ହୁଏ । ଏହି ଧରଣର ଚିଠିର କିୟଦଂଶ ଏଠାରେ ପ୍ରାସଙ୍ଗିକ ଭାବେ ଉଦ୍ଧାର କରାଯାଉଛି । "ବର୍ତ୍ତମାନ ଭାରତବର୍ଷରେ ପ୍ରଥମ ଗ୍ରୀଷ୍ମ ସମୟ । ଆମ୍ର କୁଞ୍ଜମାନଙ୍କରେ ବଉଳ ଫୁଟି କଞ୍ଚା ଆମ୍ବର ପେନ୍ଥି ଝୁଲିବଣି, କୋକିଳର ନିରନ୍ତର ଗାନରେ ପଲ୍ଲୀ ପ୍ରାନ୍ତ ମୁଖରିତ ହେଉଥିବ, ରାତ୍ରିରେ ମଧୁର ଜ୍ୟୋତ୍ସ୍ନାରେ ସମଗ୍ର ଭୂମି ତରଳ ପୁଷ୍ପହାସରେ ପ୍ଲାବିତ ହୋଇ ଦିନର ଉଷ୍ଣତା ଲାଗି କ୍ଷତିପୂରଣ କରୁଥିବ - ଏକଥା ସବୁ ମୋର ଇଂରେଜ ବନ୍ଧୁ ବାନ୍ଧବୀ କି କହି, ପ୍ରିୟ ଭାରତ ଭୂମିକୁ ମୁଁ ଫେରିଯିବା ପାଇଁ କାହିଁ ଏତେ ବ୍ୟଗ୍ର ତାହା ବୁଝାଏ । ଏଠାରେ ଏଯାଏଁ ଶୀତ ଛାଡ଼ିନି । ଗତ ଅକ୍ଟୋବର ମାସରୁ ଗଛରୁ ପତ୍ର ଝଡ଼ି ଖାଲି ଡ଼ାଳସବୁ ନିଖୁରା ହୋଇଛନ୍ତି ସେହିପରି । କେବଳ କ୍ରୋକ୍‌ଶ ଫୁଲ, ଭୂଇଁତଳୁ ତା'ର ଛୋଟ ସଲ୍ଲଜ ମୁଖଟି ଟେକି ବସନ୍ତ ଆଗମନର ପୂର୍ବାଭାସ ପ୍ରଚାର କରୁଛି ।" (ମାନସିଂହଙ୍କ ପ୍ରଣୟ ଚିଟାଉ) ଏଭଳି ଧାଡ଼ି ସବୁ ପଢ଼ିଗଲେ ଅନ୍ତର ପୂରି ଉଠେ । ମନ ସଂସାର ଛାଡ଼ି ଆଉ ଏକ ଭାବ ଜଗତକୁ ଯିବାକୁ ଇଚ୍ଛା କରେ ।

Digitized by srujanika@gmail.com

ଡ଼କ୍ଟର ମାନସିଂହ ତାଙ୍କ ଚିଠିରେ ଏକାବେଳେକେ ଆବେଗ ପ୍ରବଣ ହୋଇ ଆତ୍ମହରା ହୋଇପଡ଼ିଛନ୍ତି । ତାଙ୍କର ଆବେଗ ସମୃଦ୍ଧ ଭାଷା ପାଠକ ପାଇଁ ଅତ୍ୟନ୍ତ ପ୍ରୀତିକର । ବେଳେବେଳେ ତାଙ୍କ ଚିଠିରେ ଗଦ୍ୟରେ ଚିତ୍ରକଳ୍ପର ବ୍ୟବହାର ମଧ ରହିଛି। ଏଠାରେ ପାଠକମାନଙ୍କ ଅବଗତି ସକାଶେ ତାଙ୍କ ଚିଠିର ଗଦ୍ୟରୁ କିଛି ଉଦ୍ଧାର କରାଯାଇପାରେ । ତାହା ଏହିପରି; ମୋର ସ୍ନେହ ଦରିଦ୍ରର ଦାନ ପରି, ଶୁଷ୍କ କୂପର ଶେଷ ଆଞ୍ଜୁଳା ଜଳପରି - ଏହାର କୌଣସି ମୂଲ୍ୟ ନାହିଁ ମୁଁ ଜାଣେ। କିନ୍ତୁ ମୋର ତ ଏତିକି ଦେବାର ଅଛି, ମୁଁ ଆଉ ଅଧିକା ତୁମକୁ କ'ଣ ଦେବି ? ଅପଦାର୍ଥଟିଏ ବିଭା ହେଲ କାହିଁକି ? ଯଦି ଅପଦାର୍ଥର ସ୍ନେହକୁ ତମେ ପ୍ରକୃତରେ ଚାହଁ, ତେବେ, ତମର ଚିନ୍ତା କରିବାର କ'ଣ ଅଛି ? ମୁଁ ତ ବହୁଦିନୁ ତାହା ତମ ପାଦତଳରେ ରଖି ଦେଇ ସାରିଛି । ଯାଠୁ ଅଧିକ ଆଶ୍ୱାସନା ମୁଁ ଆଉ କ'ଣ ଦେଇପାରେ ? ମୋର ସ୍ନେହ ସମ୍ବନ୍ଧରେ ତମେ ଆଶ୍ୱସ୍ତ ହୁଅ ବାୟାଣୀ । ସେ ସମ୍ବନ୍ଧରେ ତମେ କାହିଁକି ଭାବୁଛ ? ତମେ ଭାବିଲେ, ମୋ ସ୍ନେହକୁ ଅପମାନ ହେଉଛି । ଆଉ, ତମେ ପ୍ରତିଦାନ ପାଇଁ ବା ଏତେ ଚିନ୍ତିତ କାହିଁକି ? ପ୍ରତିଦାନରେ ମୁଁ କିଛି ଚାହେଁନା - କେବଳ ତୁମକୁ ପରିପୂର୍ଣ୍ଣ ଭାବରେ ଚାହେଁ । ସେଥିପାଇଁ ତ ତୁମକୁ ଗଢ଼ିବାକୁ ମୋର ଏତେ ପ୍ରୟାସ । ତମେ ସୁନ୍ଦରୀ, ଗୁଣବତୀ ଓ ସୁସ୍ଥା ହେଲେ - ସେ ତମର ନୁହେଁ, ଲାଭ ମୋର । ତମର ଦେହ ମନକୁ ମୁଁ ଯେ ଉପଭୋଗ କରିବି ! ତମର ରୂପକୁ ମୁଁ କବିତାରେ ଗ୍ରଥିତ କରି, ଅମର କରିବି; ତମର ବୁଦ୍ଧିକୁ ମୋର ବୁଦ୍ଧିର ସଙ୍ଗିନୀ କରି, ମୋର ତୀର୍ଥଯାତ୍ରା ସଫଳ କରିବି ।" (ମାନସିଂହଙ୍କ ପ୍ରଣୟ ଚିଟାଉ) ଛୋଟ ଛୋଟ ବାକ୍ୟରେ ଲିଖିତ ଏ ଚିଠିରେ ଲେଖକ ତାଙ୍କ ଅନ୍ତରର ସବୁକଥା ଖୋଲି କହି ଦେଇଛନ୍ତି । ଜଣକ ମନ ସହିତ ଆଉ ଜଣକ ମନକୁ ମିଳାଇବା ପାଇଁ ଯେଉଁ ଭାଷା ଦରକାର, ସେଇ ଭାଷା ତାଙ୍କୁ ଜଣାଥିଲା। ଫଳରେ ତାଙ୍କ ଚିଠି ତାହାଙ୍କ ବ୍ୟକ୍ତିତ୍ୱର କୋମଳ ସ୍ପର୍ଶରେ ଜୀବନ୍ତ ଓ ପ୍ରାଣବନ୍ତ ହୋଇଛି। ତାଙ୍କ ଗଦ୍ୟର ଅକୃତ୍ରିମ ରୂପ ଏଇ ଚିଠିଗୁଡ଼ିକରେ ସଂଜୀବୀତ।

ଓଡ଼ିଆ ସାହିତ୍ୟରେ ରାଧାନାଥ, ଗଙ୍ଗାଧର, ବିଶ୍ୱନାଥ କର,

Digitized by srujanika@gmail.com

ଫକୀରମୋହନ ଏଇପରି ଅଳ୍ପ କେତେ ଜଣଙ୍କ ସାହିତ୍ୟ ସମ୍ବନ୍ଧୀୟ ଚିଠି ପ୍ରକାଶିତ । ଜଣେ ଲେଖକର ପ୍ରଣୟ ଚିଟାଉ ପ୍ରକାଶ ପାଇବାରେ 'ମାନସିଂହଙ୍କ ପ୍ରଣୟ ଚିଟାଉ' ପ୍ରଥମ । ପ୍ରେମପତ୍ର ଲିଖନରେ ସେ ଯେଉଁ ଦକ୍ଷତା ଲଭିଥଲେ, ସେପରି ଦକ୍ଷତା କ୍ୱଚିତ୍ ଲେଖକଙ୍କ ଠାରେ ଦେଖିବାକୁ ମିଳେ । ଏଇ ପ୍ରେମପତ୍ରଗୁଡ଼ିକରେ ତାଙ୍କ ସାହିତ୍ୟିକ ବ୍ୟକ୍ତିତ୍ୱର ସ୍ପଷ୍ଟ ପରିପ୍ରକାଶ ଘଟିଛି । ସାବଲୀଳ ଭାଷାରେ ପ୍ରକାଶିତ ଏହି ଚିଠିଗୁଡ଼ିକ ତାହାଙ୍କ କବି ପ୍ରତିଭାର ସାର୍ଥକ ନିଦର୍ଶନ । ତାଙ୍କର ପ୍ରତ୍ୟେକ ଚିଠିରେ କବି ମାନସିଂହଙ୍କ ଚେହେରାଟିକୁ ପାଠକ ଦେଖିପାରେ ।

(ଛ)

ସାହିତ୍ୟ ପତ୍ରିକାର ଜଣେ ପ୍ରସିଦ୍ଧ ସଂପାଦକ ଭାବେ ମାନସିଂହଙ୍କ ଖ୍ୟାତି କିଛି କମ୍ ନୁହେଁ । ତରୁଣ ବୟସରୁ ଶେଷ ଜୀବନ ପର୍ଯ୍ୟନ୍ତ ସେ ପତ୍ରପତ୍ରିକା ସଂପାଦନା ସହ ସଂପୃକ୍ତ ଥିଲେ । ସେ ଯେତେବେଳେ ଯେଉଁ ପତ୍ରିକା ସଂପାଦନା କରିଛନ୍ତି, ତାହାକୁ ପାଠକ ଶ୍ରଦ୍ଧାର ସହିତ ଗ୍ରହଣ କରିଛନ୍ତି । ତାଙ୍କ ସଂପାଦିତ ପତ୍ରିକାର ଗୁରୁତ୍ୱ ତାହାର ସଂପାଦକୀୟ, ଅଙ୍ଗସଜ୍ଜା ଓ ବିଷୟ ନିର୍ବାଚନରେ ଦେଖିବାକୁ ମିଳେ ।

ମାନସିଂହଙ୍କ ସାହିତ୍ୟିକ ପ୍ରତିଭାର ଆଦି ପରିଚୟ ରେଭେନ୍ସା କଲେଜରେ ଅଧ୍ୟୟନ କାଳରେ ମିଳିଥିଲା । ରେଭେନ୍ସା କଲେଜର ଛାତ୍ରଥିବା ବେଳେ ରେଭେନ୍ସାଭିଆନ ପତ୍ରିକାରେ ତାଙ୍କର 'ବଂଶୀର ଡ଼ାକ', ରେଙ୍ଗୁନ୍ ଚିଠି' ପରି କବିତା ପ୍ରକାଶ ପାଇଥିଲା । ସେତେବେଳେ ସେ ଥିଲେ ରେଭେନ୍ସା କଲେଜର ପଶ୍ଚିମ ଛାତ୍ରାବାସର ଅନ୍ତେବାସୀ । ଛାତ୍ରାବାସରୁ ଏକ ପତ୍ରିକା ପ୍ରକାଶର ସ୍ୱପ୍ନ ସେତେବେଳେ ସେ ଦେଖିଥିଲେ । ସେ ସମୟରେ କଲେଜର ଅଧ୍ୟକ୍ଷ ଥିଲେ ଟି.ସି. ଓରଗ୍ରିଲ ସାହେବ । କତିପୟ ଅନ୍ତେବାସୀଙ୍କୁ ସାଙ୍ଗରେ ନେଇ ଅଧ୍ୟକ୍ଷଙ୍କ ଠାରୁ ଅନୁମତି ଆଣି ସେ ୧ ୯ ୨ ୯ ମସିହାରେ ସମ୍ପାଦନା କରିଥିଲେ ରେଭେନ୍ସା କଲେଜ ପଶ୍ଚିମ ଛାତ୍ରାବାସର ମୁଖପତ୍ର 'ଉର୍ମି' । ସେ କାଳରେ ଛାତ୍ରାବାସରୁ

Digitized by srujanika@gmail.com

ପତ୍ରିକାଟିଏ ବାହାର କରିବା କିଛି କମ୍ ଗୌରବର ବିଷୟ ନଥିଲା । ଛାତ୍ର ଜୀବନର ଏହି ଅନୁଭୂତି ତାଙ୍କ ପରବର୍ତ୍ତୀ କାଳରେ ଆଉ କିଛି ପତ୍ରିକା ସଂପାଦନା ପାଇଁ ଉତ୍ସାହିତ କରିଥିଲା ।

ମାନସିଂହ ତାଙ୍କର କର୍ମ ଜୀବନରେ ବିଭିନ୍ନ ଘାତ ପ୍ରତିଘାତର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ସାରସ୍ୱତ କର୍ମରେ ସର୍ବଦା ନିଜକୁ ନିୟୋଜିତ କରି ରଖିଥିଲେ। 'ସହକାର', 'ନବଭାରତ', 'ଆଧୁନିକ', 'ଆରତି' ପତ୍ରିକାରେ ସେ ନିୟମିତ ଲେଖୁଥିଲେ। କିଛିକାଳ ସେ ମଧ୍ୟ 'ଆରତି' ପତ୍ରିକାର ସଂପାଦନା ସହ ସଂପୃକ୍ତ ଥିଲେ । ୧୯୪୦ ମସିହାରେ କଟକରୁ ପ୍ରକାଶିତ ଏହି ପତ୍ରିକାଟି ତରୁଣମାନଙ୍କୁ ଯଥେଷ୍ଟ ଉତ୍ସାହ ଦେଇଥିଲା। ମାନସିଂହ କଟକରୁ ସ୍ଥାନାନ୍ତର ହେବାପରେ ପତ୍ରିକାଟି ବନ୍ଦ ହୋଇ ଯାଇଥିଲା ।

ସମ୍ପାଦକ ଭାବରେ ମାନସିଂହଙ୍କ ପ୍ରତିଭାର ପ୍ରକୃତ ପରିଚୟ ମିଳେ 'ଶଙ୍ଖ' ପତ୍ରିକାରେ । ସେତେବେଳେ ସେ ଥିଲେ 'ଇଷ୍ଟର୍ଣ୍ଣ ଷ୍ଟେଟ୍' ଏଜେନ୍‌ସିର ଏଡୁକେଶନାଲ ଆଡଭାଇଜର । ଏହି 'ଶଙ୍ଖ' ପତ୍ରିକାଟି ୧୯୪୫ ମସିହାରେ ବାମଣ୍ଡା ରାଜାଙ୍କ ପୃଷ୍ଠପୋଷକତାରେ ପ୍ରକାଶ ପାଇଥିଲା । ଏହି ପତ୍ରିକାରେ ସାଂପ୍ରତିକ ସମସ୍ୟାମାନଙ୍କୁ ନେଇ ତାଙ୍କର କେତେଗୁଡ଼ିଏ ଚମତ୍କାର ସମ୍ପାଦକୀୟ ବାହାରିଥିଲା । ଏହି ସମ୍ପାଦକୀୟରେ ସେ ନିର୍ଭୀକଭାବରେ ଆମର ଶିକ୍ଷା ବ୍ୟବସ୍ଥା, ସାଂସ୍କୃତିକ ଜୀବନ ଓ ସାମାଜିକ ଚଳଣୀ ସଂପର୍କରେ ନାନା କଥା ଲେଖୁଥିଲେ । ସେ ଏପରି ଢ଼ଙ୍ଗରେ ସଂପାଦକୀୟ ଲେଖୁଥିଲେ, ଯାହାର ପ୍ରଭାବ ପାଠକମାନଙ୍କ ଉପରେ ପଡୁଥିଲା । ବିଶେଷ କରି ଶିକ୍ଷା ବିଭାଗରେ ଉପର ସ୍ତରରେ ଯେଉଁ ଦୁର୍ନୀତି ଘଟୁଥିଲା, ତାହାକୁ ସେ ଏଇ ପତ୍ରିକା ମାଧ୍ୟମରେ ଲୋକଲୋଚନକୁ ଆଣୁଥିଲେ। ଥରେ ସେ 'ଶଙ୍ଖ' ପତ୍ରିକାରେ 'ତ୍ରିପାଠୀଙ୍କ ଜ୍ୟାମିତି' ଶୀର୍ଷକ ଏକ କ୍ଷୁଦ୍ର ସଂପାଦକୀୟ ଲେଖିଥିଲେ । ଏହି ଲେଖାରେ ତତ୍କାଳୀନ ଡ଼ି.ପି.ଆଇ. କ୍ଷୁବ୍ଧ ହୋଇଥିଲେ । ଏପରିକି ପରବର୍ତ୍ତୀ ସମୟରେ ତାଙ୍କୁ 'ଇଷ୍ଟର୍ଣ୍ଣ ଷ୍ଟେଟ୍ ଏଜେନ୍‌ସି'ର ଏଡୁକେଶନାଲ ଆଡ଼ଭାଇଜର' ପଦରୁ ହଟାଇଥିଲେ । 'ଶଙ୍ଖ' ପତ୍ରିକାରେ ସେ

Digitized by srujanika@gmail.com

ସମୟରେ ଆଧୁନିକ ଭାବଚେତନା ନେଇ ଯେଉଁ ଲେଖାଗୁଡ଼ିକ ବାହାରୁଥିଲା, ସେଥିରୁ ମାନସିଂହଙ୍କ ନିର୍ବାଚନୀ ଶକ୍ତିର ଯଥେଷ୍ଟ ପ୍ରମାଣ ମିଳେ । 'ଶଙ୍ଖ' ପତ୍ରିକାର ବହୁଳ ପ୍ରସାର ଓ ପ୍ରସିଦ୍ଧି ଲକ୍ଷ୍ୟ କରି ବଲାଙ୍ଗୀରରୁ ମଧ୍ୟ 'ଚତୁରଙ୍ଗ' ନାମରେ ଏକ ପତ୍ରିକା ବାହାରିଥିଲା ।

'ଶଙ୍ଖ' ପତ୍ରିକା ପରେ ମାନସିଂହ 'ମେହେର ପ୍ରଦୀପ' ନାମରେ ଏକ ପତ୍ରିକା ଗଙ୍ଗାଧର ମେହେର କଲେଜର ଅଧ୍ୟକ୍ଷ' ଥିବାବେଳେ ୧୯୫୫ ମସିହାରେ ପ୍ରକାଶ କରିଥିଲେ । ସେତେବେଳେ କୌଣସି କଲେଜ ପକ୍ଷରୁ ଏ ଧରଣର ମାସିକ ପତ୍ରିକାଟିଏ ବାହାରିବା ଥିଲା ଯଥାର୍ଥରେ ଏକ ନୂଆ ସ୍ୱପ୍ନ । ଏହି ପତ୍ରିକା ପ୍ରକାଶ ମୂଳରେ ଥିଲା ମାନସିଂହଙ୍କ ସାହିତ୍ୟାନୁରାଗ । ସେ ଶିକ୍ଷକ ଓ ଛାତ୍ରମାନଙ୍କ ଭିତରେ ଏକ ସୃଜନଶୀଳ ବାତାବରଣ ସୃଷ୍ଟି ପାଇଁ ଏ ଧରଣର ଏକ ପତ୍ରିକାର ପରିକଳ୍ପନା କରିଥିଲେ । ଏହି ପତ୍ରିକାରେ ସେ ଶିକ୍ଷା ଓ ସଂସ୍କୃତି ସଂପର୍କରେ କେତେଗୁଡ଼ିଏ ଉଦ୍‌ବୋଧନ ଧର୍ମୀ ସଂପାଦକୀୟ ଲେଖିଥିଲେ । ଶିକ୍ଷକ ଓ ଛାତ୍ରମାନଙ୍କ ମଧ୍ୟରେ ଏକ ସୁସ୍ଥ ସାଂସ୍କୃତିକ ବାତାବରଣ ସୃଷ୍ଟି ପାଇଁ ଏ ପତ୍ରିକାର ଭୂମିକା ଥିଲା ପ୍ରଶଂସାର୍ହ ।

ମାନସିଂହ କିଛି କାଳ ମଧ୍ୟ ଝଙ୍କାର ସଂପାଦକ ମଣ୍ଡଳୀର ସଦସ୍ୟ ଥିଲେ । ଲେଖା ନିର୍ବାଚନରେ ତାଙ୍କର ଅଧିକାର ନ ରହିବାରୁ ସେ ସଂପାଦକ ମଣ୍ଡଳୀରେ ଆଲଙ୍କାରିକ ଭାବେ ସ୍ଥାନ ପାଇବାକୁ ଅନିଚ୍ଛାବୋଧ କରି ସେଠାରୁ ବିଦାୟ ନେଇଥିଲେ ।

ଚାକିରୀରୁ ଅବସର ନେବାପରେ ସେ କିଛିକାଳ 'ସ୍ୱରାଜ୍ୟ' ସମ୍ବାଦପତ୍ର ସହିତ ସଂପୃକ୍ତ ଥିଲେ । ତାପରେ ସେ 'ଆଲୋକ' ନାମରେ ଏକ 'ଜ୍ଞାନ ବିଜ୍ଞାନ' ପତ୍ରିକାର ସଂପାଦକ ଦାୟିତ୍ୱ ଗ୍ରହଣ କରିଥିଲେ । ମୃତ୍ୟୁର ଅଳ୍ପକାଳ ପୂର୍ବରୁ ସେ ବିଶ୍ୱନାଥ କରଙ୍କ ସଂପାଦନାରେ ପ୍ରକାଶିତ 'ଉତ୍କଳ ସାହିତ୍ୟ' ପତ୍ରିକାର ନୂତନ ପ୍ରସ୍ଥର ସମ୍ପାଦନା କରିଥିଲେ । ୧୯୭୩ରେ କେବଳ ପ୍ରଥମ ସଂଖ୍ୟାଟି ତାଙ୍କ ସଂପାଦନାରେ ବାହାରିବା ପରେ ସେ ଇହଲୋକରୁ ବିଦାୟ ନେଇଥିଲେ ।

Digitized by srujanika@gmail.com

ସେ ଯେତେବେଳେ ଯେଉଁ ପତ୍ରିକା ସମ୍ପାଦନା କରିଛନ୍ତି, ସେଥିରେ ଆପଣାର ସାହିତ୍ୟିକ ରୁଚି ଓ ସୌନ୍ଦର୍ଯ୍ୟ ଦୃଷ୍ଟିର ପରିଚୟ ଦେଇଛନ୍ତି । ସେ ପ୍ରତ୍ୟେକ ପତ୍ରିକାରେ ଯେଉଁ ସଂପାଦକୀୟ ଲେଖିଛନ୍ତି, ସେଥିରେ ତାଙ୍କର ସ୍ୱାଧୀନ ଚିନ୍ତାଧାରାର ସ୍ପଷ୍ଟ ପରିପ୍ରକାଶ ଘଟିଛି । ଜଣେ ଦକ୍ଷ ସଂପାଦକର କର୍ମ କିପରି ହେବା ବିଧେୟ ତାଙ୍କ ସଂପାଦିତ ପତ୍ରିକାଗୁଡ଼ିକ ନଦେଖି ସହଜରେ ଉପଲବ୍ଧି କରି ହେବ ନାହିଁ । ଲେଖିବା ପରି ସାହିତ୍ୟ ପତ୍ରିକା ସଂପାଦନା ଯେ ଏକ ସୃଜନଶୀଳ କର୍ମ ଏହା ଆମକୁ ସେ 'ଉର୍ମି, 'ଆରତି', 'ଶଙ୍ଖ', 'ମେହେର ପ୍ରଦୀପ', 'ଆଲୋକ', 'ଉତ୍କଳ ସାହିତ୍ୟ' (ନୂତନ ପ୍ରସ୍ଥ) ପ୍ରଭୃତି ସମ୍ପାଦନା କରି ଆମକୁ ଦେଖାଇ ଦେଇଛନ୍ତି । ଆପଣାର ସାହିତ୍ୟିକ ଅଭିରୁଚି ନଥିଲେ ଯେ ଜଣେ ଦକ୍ଷ ସମ୍ପାଦକ ହୋଇପାରିବ ନାହିଁ ଏକଥା ଆମକୁ ଡ଼କ୍ଟର ମାନସିଂହ ଭଲରୂପେ ବୁଝାଇ ଦେଇଛନ୍ତି ।

(ଜ)

ଡ଼କ୍ଟର ମାନସିଂହ ବହୁବିଧ ଆଙ୍ଗିକରେ ଗଦ୍ୟ ରଚନା କରିଥିବା ପ୍ରସଙ୍ଗ ବହୁ ପୂର୍ବରୁ ସୂଚିତ । ସେ ଗୀତାର ଯେଉଁ ସରଳ ରୀତିରେ ଭାଷ୍ୟ ରଚନା କରିଛନ୍ତି, ତାହା ତାଙ୍କର ଉନ୍ନତ ଗଦ୍ୟ ଶୈଳୀର ସାକ୍ଷ୍ୟ ପ୍ରଦାନ କରେ । 'ସାର୍ବଜନୀନ ଗୀତା', 'ଗୀତା ମହାତ୍ମ୍ୟ'ରେ ସେ ଜଣେ ସଫଳ ଭାଷ୍ୟକାର ଭାବେ କୃତିତ୍ୱ ଦେଖାଇଛନ୍ତି । ସେ ଗୀତାର ଜଟିଳ ଧର୍ମତତ୍ତ୍ୱ ଓ ଦର୍ଶନକୁ ଅତ୍ୟନ୍ତ ସରଳ ଭାବରେ ଆଧୁନିକ ମଣିଷକୁ ବୁଝାଇଛନ୍ତି। ତାଙ୍କ ମତରେ ଗୀତାର ଚାରୋଟି ପ୍ରବକ୍ତି ମୁଖ୍ୟ । ପ୍ରଥମଟି ହେଉଛି, ଆମକୁ ଯୁଦ୍ଧ ନିଶ୍ଚିତ ଭାବରେ କରିବାକୁ ପଡ଼ିବ। ଏ ଶରୀର କିଛି ନୁହେଁ, ଆତ୍ମା ହେଉଛି ସବୁ । ତା'ର ମୃତ୍ୟୁ ନାହିଁ । ତାହା ଅବିନଶ୍ୱର । ସେ ଆତ୍ମା ପୁଣି ଜୀର୍ଣ୍ଣ ଦେହ ବଦଳାଇ ନୂଆ ଦେହରେ ପଶେ। ଦ୍ୱିତୀୟ ପ୍ରବକ୍ତିଟି ହେଉଛି ପରଧର୍ମ । ନିଜ ଧର୍ମ ଯେତେ ନିକୃଷ୍ଟ ହେଲେ ମଧ୍ୟ ତାହା କଦାପି ପରିହାର କରାଯାଇ ନପାରେ । ତୃତୀୟ ପ୍ରବକ୍ତିଟି ହେଲା, ଜାତି

Digitized by srujanika@gmail.com

ଭେଦରେ ମଣିଷର ବିଭାଜନ, ଯାହାକୁ ପରବର୍ତ୍ତୀ କାଳରେ ବୁଦ୍ଧ ଭାଙ୍ଗି ଦେଇଥିଲେ। ଚତୁର୍ଥ ପ୍ରବକ୍ତି ହେଉଛି କର୍ମବାଦ । ଅର୍ଥାତ୍ କୌଣସି ଫଳାକାଂକ୍ଷା ନକରି ଆପଣାର କର୍ମ କରିଯିବା । ଅନ୍ୟ ଯାହାସବୁ ମୋକ୍ଷ ଇତ୍ୟାଦି ପ୍ରସଙ୍ଗ ଗୀତାରେ ରହିଛି ତାହା ମଣିଷର ଆବଶ୍ୟକତା ପାଇଁ ନୁହେଁ । ବାସ୍ତବତାର ପରିଧି ଭିତରେ ଗୀତାର ପ୍ରବକ୍ତିକୁ କିପରି ଜୀବନରେ ବ୍ୟବହାର କରାଯାଇ ପାରିବ, ତାହାକୁ ସେ ତାଙ୍କର ସାବଜନୀନ ଗୀତାରେ ବିଶ୍ଳେଷଣ କରିଛନ୍ତି ।

ଡ଼କ୍ଟର ମାନସିଂହଙ୍କ ମତରେ ଗୀତାରେ କର୍ମ ବିଜ୍ଞାନର ନୂତନ ବ୍ୟାଖ୍ୟା କରାଯାଇଛି । କର୍ମକୁ ଜୀବନର ମୂଳସତ୍ୟ ରୂପେ ଏଥିରେ ବର୍ଣ୍ଣନା କରାଯାଇଛି। ସେ ଫଳାକାଂକ୍ଷାଶୂନ୍ୟ କର୍ମର ଚମତ୍କାର ତର୍ଜମା କରିଛନ୍ତି । ସ୍ୱାଭାବିକ ଭାବରେ ଦେଖିବାକୁ ଗଲେ ଯେ କେହି କର୍ମର ଫଳ ଆଶା କରିବ । କର୍ମ ପାଇଁ ଫଳାକାଂକ୍ଷା ହେଉଛି ପ୍ରଧାନ ପ୍ରେରଣା । ସାଧାରଣତଃ କୃଷକଟିଏ କୃଷି କ୍ଷେତ୍ରରେ ଫସଲ ଅମଳ କରିବ ଏହି ଆଶା ପୋଷଣ କରି ଚାଷ କରେ । ବେଳେବେଳେ ଗୋଟିଏ ଋତୁର ଫସଲ ହୁଏ ନାହିଁ । ତଥାପି ସେ ଚାଷ କରେ । ଗଛର ଫଳଟିଏ ଫଳିବା ବି ସମୟସାପେକ୍ଷ । ସେ କର୍ମ କହିଲେ ଶ୍ରମକୁ ବୁଝନ୍ତି । ତାଙ୍କ ମତରେ ଜୀବନର ମୌଳିକ ଉପାଦନ ହେଉଛି କର୍ମ ବା ଶ୍ରମ । ସାଧନାର ପୁଣ୍ୟ ଆନନ୍ଦ ହିଁ ମଣିଷ କର୍ମରୁ ପାଇଥାଏ । ଏହି କର୍ମକୁ ଜୀବନର ପବିତ୍ର ଧର୍ମଭାବରେ ଗ୍ରହଣ କରିପାରିଲେ ମଣିଷ ଜୀବନ ସୁଖୀ ହୁଏ । ଏ ସଂସାରରେ ସୁସ୍ଥ ସୁନ୍ଦର ଜୀବନ ଯାପନ ପାଇଁ ଗୀତା ପ୍ରକୃଷ୍ଟ ମାର୍ଗ ଆମକୁ ଦେଖାଇ ଦେଇଛି । ଏହା ଆମକୁ କର୍ମ ହିଁ କର୍ମର ପ୍ରେରଣା, କର୍ମ ହିଁ କର୍ମର ପ୍ରକୃତ ପୁରସ୍କାର ଓ କର୍ମ ହିଁ ମହତ୍ ଏହି ଶିକ୍ଷା ଦାନ କରେ। ଗୀତାକୁ ସେ କର୍ମର ମନୋଜ୍ଞ ବିଜ୍ଞାନ ରୂପେ ବିବେଚନା କରିଛନ୍ତି।

ଡ଼କ୍ଟର ମାନସିଂହ ସାର୍ବଜନୀନ ଗୀତାରେ ଏହାର ସାମାଜିକ ଅଭିମୁଖ୍ୟ ସଂପର୍କରେ ଆପଣାର ଦୃଷ୍ଟିଭଙ୍ଗୀ ପ୍ରକାଶ କରିଛନ୍ତି । ତାଙ୍କ ଦୃଷ୍ଟିରେ ଏହା କେବଳ ହିନ୍ଦୁ ଜାତିର ସର୍ବଶ୍ରେଷ୍ଠ ଧର୍ମଗ୍ରନ୍ଥ ନୁହେଁ, ଅଧିକନ୍ତୁ ଏହା ହେଉଛି ଜାତି, ଧର୍ମ, ବର୍ଣ୍ଣ

Digitized by srujanika@gmail.com

ନିର୍ବିଶେଷରେ କର୍ମମୟ ଜୀବନଯାପନ ପାଇଁ ପ୍ରସିଦ୍ଧ ଗ୍ରନ୍ଥ । ସାଧାରଣତଃ ପାଶ୍ଚାତ୍ୟ ପଣ୍ଡିତମାନେ ଏହାକୁ Song celestial ଏବଂ Song supreme ବୋଲି ଅଭିହିତ କରିଥାନ୍ତି । ମାତ୍ର ମାନସିଂହ ତାଙ୍କ ଆଲୋଚନାରେ ଏହାକୁ ଚିରନ୍ତନ ମାନବିକ ସଙ୍ଗୀତ ବା Song Human ରୂପେ ପ୍ରମାଣ କରିଛନ୍ତି । ଏପରିକି ଧର୍ମକୁ ଅସ୍ୱୀକାର କରୁଥିବା ମଣିଷ ମଧ୍ୟ ଏଥିରୁ ମାନବିକ ସମସ୍ୟାମାନଙ୍କର ସମ୍ମୁଖୀନ ହେବାପାଇଁ ପ୍ରେରଣା ପାଏ ।

ସାଧାରଣତଃ ଧର୍ମଶାସ୍ତ୍ରର ବ୍ୟାଖ୍ୟା ପ୍ରତି ଜନସାଧାରଣ ବିମୁଖ ହୋଇପଡ଼ନ୍ତି । କାରଣ, ଯେଉଁ ଲେଖକମାନେ ଏହାକୁ ବ୍ୟାଖ୍ୟା କରନ୍ତି, ସେମାନେ ଏହାକୁ ଜଟିଳ କରିଦିଅନ୍ତି । ଏଠାରେ କିନ୍ତୁ ମାନସିଂହ ସାଧାରଣ ଜନତା ବୁଝିପାରିବା ଭଳି ସରଳ ଭାଷାରେ ଗୀତାର ବିଶ୍ଳେଷଣ କରିଛନ୍ତି । ସାଧାରଣ ଜନତା ଯେମିତି ବୁଝିବେ, ସେଭଳି ଉଦାହରଣ ମଧ୍ୟ ସେ ଦେଇଛନ୍ତି । ତାଙ୍କ ମତରେ ପ୍ରତ୍ୟେକ ଧର୍ମଶାସ୍ତ୍ରକୁ ଯୁଗକୁ ଚାହିଁ ଅନୁଶୀଳନ କରାଯିବା ଦରକାର । ଅନୁଶୀଳନବେଳେ ବାସ୍ତବ ଜୀବନରେ ଏହାର ଉପାଦେୟତା ସମ୍ପର୍କରେ ବିଚାର ହେବା ବିଧେୟ । ଏଭଳି କରାଗଲେ ସାଧାରଣ ଲୋକଙ୍କର ଧର୍ମଶାସ୍ତ୍ର ପ୍ରତି ଶ୍ରଦ୍ଧା ଜାତ ହେବ । ଶାସ୍ତ୍ରୀୟ ବ୍ୟାଖ୍ୟାର ବନ୍ଧନୀ ଭିତରୁ ଗୀତାକୁ ଆଣି ସମସ୍ତଙ୍କ ସହ ପରିଚିତ କରାଇବାରେ ପଣ୍ଡିତ ନୀଳକଣ୍ଠ ଥିଲେ ପ୍ରଥମ । ତାପରେ ଗୀତାକୁ ସାର୍ବଜନୀନ ଦୃଷ୍ଟିକୋଣରୁ ମାନସିଂହ ହିଁ ବିଚାର କରିଛନ୍ତି । ଅବଶ୍ୟ ନୀଳକଣ୍ଠ ବିଚାର କଲାବେଳେ ତାନ୍ତ୍ରିକ ମିଥ୍ୟା, ଯଜ୍ଞରେ ବ୍ୟକ୍ତି ଧର୍ମ-ଭକ୍ତି, ବିଭୁଧର୍ମ, ନିଷାଦଧର୍ମ, ମାତୃଧର୍ମ, ତନ୍ତ୍ରଧର୍ମ, ଦ୍ରାବିଡ଼ଧର୍ମ, ଆମ୍ଧର୍ମ ଇତ୍ୟାଦି ସମ୍ପର୍କରେ ପାଠକକୁ ବୁଝାଇ ବୁଝାଇ ବିରକ୍ତ କରି ପକାଇଛନ୍ତି । ସେ ଏପରି ଭାବରେ ଗୀତାର ପୀଠିକା, ମୁଖବନ୍ଧ ଓ ଗୀତା ପ୍ରବେଶ ସଂଯୋଜନା କରିଛନ୍ତି, ଯାହା ଭିତରକୁ ସହଜରେ ଜଣେ ପଣ୍ଡିତ ନହେଲେ ପଶି ପାରିବନାହିଁ । ଏସବୁ ପଢ଼ିଲେ ଗୀତା ଅପେକ୍ଷା ଆହୁରି ଏକ ଜଟିଳ ଗ୍ରନ୍ଥ ପଢ଼ିବା ପରି ମନେହୁଏ । ଡ଼କ୍ଟର ମାନସିଂହ କିନ୍ତୁ ପଣ୍ଡିତ ନୀଳକଣ୍ଠଙ୍କ ପରି ଏଡ଼େ ଦୀର୍ଘ ଓ କ୍ଲିଷ୍ଟ ଆଲୋଚନା କରିନାହାନ୍ତି । ସେ ସାଧାରଣ

Digitized by srujanika@gmail.com

ଜଣାଶୁଣା ବିଷୟରୁ ଦୃଷ୍ଟାନ୍ତ ଦେଇ ଗୀତାଧର୍ମ କ'ଣ ଆମ ସଭିଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଛନ୍ତି । ଗୀତାଧର୍ମକୁ କିପରି ବ୍ୟାବହାରିକ ଜୀବନରେ ପ୍ରୟୋଗ କରି ମନୁଷ୍ୟ ଜୀବନଯାପନ କରିବାକୁ ହେବ, ତାଙ୍କର ସାର୍ବଜନୀନ ଗୀତାରେ ଏ ସଂପର୍କରେ ଯଥେଷ୍ଟ ସୂଚନା ରହିଛି । ସେ ଜନସାଧାରଣଙ୍କୁ ଆଦର୍ଶ ଜୀବନର ମାର୍ଗ, ନୈତିକ ଭାବଧାରା ଓ କର୍ମଶୃଙ୍ଖଳା ପାଇଁ ଗୀତାର ମହାନ୍ ଦାନକୁ ଏଥିରେ ସ୍ମରଣ କରାଇଛନ୍ତି ।

ମାନସିଂହ ଯୁଗକୁ ଚାହିଁ ଗୀତାର ଭାଷ୍ୟ ରଚନା କରିଥିଲେ । ଆଧୁନିକ ଯୁଗରେ ମଣିଷ ଯେଉଁ ସମସ୍ୟାମାନଙ୍କ ଘେରରେ ବଞ୍ଚୁଛି, ତାହାକୁ ସମାଧାନ ପାଇଁ ଗୀତାରୁ କିଭଳି ପ୍ରେରଣା ପାଇପାରିବ, ଲେଖକ ଅତି ସ୍ପଷ୍ଟ ଭାବରେ ସାର୍ବଜନୀନ ଗୀତାରେ ବୁଝାଇ ଦେଇଛନ୍ତି । ସରଳ, ପ୍ରସାରଣଶୀଳ, ଭାବଗର୍ଭକ ଭାଷାରେ ଶାସ୍ତ୍ରର ଦୁର୍ଭେଦ୍ୟ ପଥକୁ କିପରି ଅତିକ୍ରମ କରାଯାଏ, ତାହା ତାଙ୍କର ସାର୍ବଜନୀନ ଗୀତା ପାଠକଲେ ପାଠକେ ସହଜରେ ଜାଣିପାରିବେ ।

ଡ଼କ୍ଟର ମାୟାଧର ମାନସିଂହ ଓଡ଼ିଆ ଜ୍ଞାନକୋଷ ପ୍ରକାଶନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ନିଷ୍ଠାପର ଉଦ୍ୟମ ଫଳରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାରିଖଣ୍ଡ ଓଡ଼ିଆ ଜ୍ଞାନକୋଷ ବାହାରିଥିଲା । ସେ ଓଡ଼ିଆ ଜ୍ଞାନକୋଷକୁ 'ଏନ୍‌ସାଇକ୍ଲୋପେଡ଼ିଆ ବ୍ରିଟାନିକା' ଢ଼ଙ୍ଗରେ ବାହାର କରିବାକୁ ଉଦ୍ୟମ କରିଥିଲେ । ମାତ୍ର ତାଙ୍କର ଏ ଉଦ୍ୟମ ସାକାର ହୋଇପାରି ନଥିଲା । ସଂକ୍ଷିପ୍ତ ଜ୍ଞାନକୋଷ ଶେଷରେ ହେଲା । ଏ ସଂପର୍କରେ ସେ 'ଓଡ଼ିଆ ଏନ୍‌ସାଇକ୍ଲୋପେଡ଼ିଆର ଜନ୍ମ ଓ ମୃତ୍ୟୁ' ପ୍ରବନ୍ଧରେ ତାଙ୍କର ଚିନ୍ତାଧାରା ବ୍ୟକ୍ତ କରିଛନ୍ତି । ସେ ଓଡ଼ିଆରେ ପାଶ୍ଚାତ୍ୟ ଜ୍ଞାନ ବିଜ୍ଞାନର ବିଭିନ୍ନ ତଥ୍ୟ, ପରିଭାଷା ସମ୍ପର୍କରେ ଜାତିର ତରୁଣମାନଙ୍କୁ କିଛି ଧାରଣା ଦେବା ସକାଶେ ଏହାର ଆରମ୍ଭ କରିଥିଲେ । ଏ ସମ୍ପର୍କରେ ସେ କହନ୍ତି, "ଓଡ଼ିଆ ଏନ୍‌ସାଇକ୍ଲୋପେଡ଼ିଆକୁ କେନ୍ଦ୍ରକରି ଆଗାମୀ ଓଡ଼ିଆ ଜାତି ପାଇଁ ଏକ ଜୀବନ୍ତ ଗବେଷଣାଗାର ଏବଂ ବିଜ୍ଞାନ

Digitized by srujanika@gmail.com

ଓ ସାହିତ୍ୟ ସମ୍ପର୍କରେ ଏକ ଉଚ୍ଚକୋଟୀର ପ୍ରକାଶନ ସଂସ୍ଥା ଠିଆ କରାଯିବା ହିଁ ଲେଖକର ସ୍ୱପ୍ନ ଥିଲା । ଏକ ତରୁଣ ଲେଖକ ଗବେଷକ ଗୋଷ୍ଠୀକୁ ଏହି ଦିଗରେ ଦୀକ୍ଷିତ ଓ ଅନୁପ୍ରବିଷ୍ଟ କରାଇ ଦେଇ ଆପେ ଆପେ ବିଦାୟ ନେଇଯିବା ହି ଥିଲା ତାଙ୍କ ସ୍ୱପ୍ନର ଶେଷସ୍ତର ।" ସେ ଏକ ମହତ୍ ଲକ୍ଷ୍ୟ ନେଇ ଏଭଳି କାର୍ଯ୍ୟରେ ହାତ ଦେଇଥିଲେ ସୁଦ୍ଧା ଏ ଭୂମିରେ ତାହା ସମ୍ଭବ ହୋଇନଥିଲା । ସେ ଏହି ତାଲିଖଣ୍ଡ ସଂକ୍ଷିପ୍ତ ଜ୍ଞାନକୋଷରେ ଯେପରି ସରଳ ଓ ପ୍ରାଞ୍ଜଳ ଭାବରେ ଜ୍ଞାନ-ବିଜ୍ଞାନ ଓ ସାହିତ୍ୟର ଦୁଃସାଧ ବିଷୟମାନ ବୁଝାଇଛନ୍ତି, ତାହାକୁ ନ ଦେଖିଲେ ସହଜରେ ଆମେ ଜାଣିପାରିବା ନାହିଁ । ଓଡ଼ିଶାରେ ଏକ ବୌଦ୍ଧିକ ବାତାବରଣ ପ୍ରତିଷ୍ଠା ସକାଶେ ସେ ଜ୍ଞାନକୋଷ ପରି ବିରାଟ ପ୍ରକଳ୍ପ ସହିତ ନିଜକୁ ସାମିଲ କରିଥିଲେ । ସରଳ, ସଂକ୍ଷିପ୍ତ ଅଥଚ ବିଶ୍ଳେଷଣାତ୍ମକ ଶୈଳୀରେ ସେ ଏଥିରେ ନାନା କଥା ଆଲୋଚନା କରିଛନ୍ତି । ଏଥିପାଇଁ ଏକ ସମ୍ପାଦନାମଣ୍ଡଳୀ ଥିଲେ ସୁଦ୍ଧା ସେ ନିଜେ ଶେଷ ପର୍ଯ୍ୟାୟରେ ସାବଲୀଳ ଗଦ୍ୟରେ ତାକୁ ବୁଝାଇ ଲେଖୁଥିଲେ ।

'ଗ୍ରାମୋନ୍ନତିର ରୋମାଞ୍ଚକର କାହାଣୀ' ତାଙ୍କର ପୌଢ଼ ଶିକ୍ଷାର ପ୍ରସାର ଉଦ୍ଦେଶ୍ୟରେ ରଚିତ ଏକ ଗ୍ରନ୍ଥ । ଏହି ଗ୍ରନ୍ଥରେ ଆମ ଦେଶ ପରି ଗ୍ରାମ ବହୁଳ ଅଞ୍ଚଳର କିପରି ଉନ୍ନତି କରାଯାଇପାରିବ, ତାହା ବୁଝାଇ ଦିଆଯାଇଛି । ବହିଟିକୁ ସାହିତ୍ୟ ପଦ ମର୍ଯ୍ୟାଦା ଦିଆଯିବ କି ନାହିଁ ତାହା ଭିନ୍ନ କଥା, କିନ୍ତୁ ଏଥିରେ ଲେଖକଙ୍କର କହିବାର ଭଙ୍ଗୀଟି ଯେ ଥିଲା ଅତ୍ୟନ୍ତ ଆକର୍ଷଣୀୟ ଏହା ନିଃସନ୍ଦେହରେ କୁହାଯାଇପାରେ । ସମସ୍ତଙ୍କୁ ବୋଧଗମ୍ୟ ହେବାପରି ଗଦ୍ୟରେ ଗ୍ରାମୋନ୍ନତିର ବିଭିନ୍ନ ଦିଗ ସଂପର୍କରେ ଏଥିରେ ଆଲୋଚନା କରାଯାଇଛି ।

ମାନସିଂହ ଯେତେବେଳେ ଯାହା ଲେଖିଛନ୍ତି ଏଥିରେ ଆପେ ଆପେ ତାଙ୍କ ବ୍ୟକ୍ତିତ୍ୱର ମୋହର ଲାଗିଯାଇଛି । ଫଳରେ ତାଙ୍କର ଚିଠି, ଧର୍ମ ସମ୍ବନ୍ଧୀୟ ଆଲୋଚନା, ଜ୍ଞାନକୋଷ ସଂକଳନ, ସଂପାଦକୀୟ ପ୍ରଭୃତି ବହୁବିଧ ରଚନା ଆପଣା ଛାଏଁ ସାହିତ୍ୟ ପର୍ଯ୍ୟାୟକୁ ଚାଲିଯାଇଛି । ସେଥିରୁ ସ୍ୱାଭାବିକ ଭାବରେ କବି ମାନସିଂହଙ୍କ ସ୍ୱର ଶୁଣାଯାଇଛି ।

Digitized by srujanika@gmail.com

(୯)

ଡ଼କ୍ଟର ମାୟାଧର ମାନସିଂହଙ୍କ ଗଦ୍ୟରଚନାର ସଫଳତା ରହିଛି ତାଙ୍କର ରଚନା ଶୈଳୀରେ । ଆପଣାର ବକ୍ତବ୍ୟଟିକୁ ପାଠକ ନିକଟରେ ପହଞ୍ଚାଇବାର ବାଗଟି ସେ ଜାଣିଥିଲେ । ସାଧାରଣତଃ ଲେଖକମାନେ ଏକ ନିର୍ଦ୍ଦିଷ୍ଟ ରୀତିରେ ଆପଣାର ଜ୍ଞାପନ ଯୋଗ୍ୟ ଭାବନାକୁ ବ୍ୟକ୍ତ କରିଥାନ୍ତି । ଏହା ଲେଖକର ଏପରି ବ୍ୟକ୍ତିଗତ ବ୍ୟାପାର ଯାହାକୁ ସହଜରେ ଆଉ ଜଣେ ଅନୁସରଣ କରିପାରେ ନାହିଁ। କେହି କାହାକୁ ମଧ୍ୟ ଶିକ୍ଷା ଦେଇ ଶୈଳୀଟିକୁ ଲେଖକକୁ ଦେଇପାରେ ନାହିଁ । ଲେଖକର ବ୍ୟକ୍ତିଗତ ଅନୁଭୂତି, ବିଚାର ଶକ୍ତି ଓ ଅନ୍ତର୍ଦୃଷ୍ଟି ଉପରେ ଏହି ଶୈଳୀ ନିର୍ଭର କରେ । ଏହି ଶୈଳୀ ଆପଣାର ବ୍ୟକ୍ତିତ୍ୱ ଅନୁରୂପ ହୋଇଥାଏ ।

ଲେଖକର ରଚନାଶୈଳୀ ହେଉଛି ତା'ର ସ୍ୱତଃସ୍ଫୂର୍ତ୍ତ ପ୍ରବଣତା । ଯେଉଁ ଲେଖକ ଆପଣାର ସ୍ୱତଃସ୍ଫୂର୍ତ୍ତ ପ୍ରବଣତା ପ୍ରକାଶ ନକରି କୃତ୍ରିମ ଉପାୟରେ କିଛି କହିବାକୁ ଚାହେଁ, ସେଭଳି ଲେଖକ ପାଠକର ବିରାଗ ଭାଜନ ହୁଏ । ସୁଗଭୀର ଭାବଚିନ୍ତା ଥିଲେ ଆପେ ଆପେ ଲେଖକ ନିଜସ୍ୱ ରୀତିରେ କହିବାରେ ଅସୁବିଧା ହୁଏ ନାହିଁ । ଯେଉଁମାନଙ୍କର ସୁଗଭୀର ଭାବଚିନ୍ତା ନଥାଏ, ଲେଖିବା ପୂର୍ବରୁ ଚିନ୍ତା କରିନଥାନ୍ତି ସେମାନେ ଆପଣାର କଥାକୁ କୃତ୍ରିମ କରିପକାନ୍ତି । ଯେଉଁମାନେ ଲେଖିବା ପୂର୍ବରୁ କିଛି ନୂଆ କରି ଚିନ୍ତା କରିପାରନ୍ତି, ସେମାନେ ଯେକୌଣସି ବିଷୟରେ ଲେଖିଲେ ବି ତାକୁ ନୂଆରୂପ ଦିଅନ୍ତି । ସବୁ ସାହିତ୍ୟରେ ଏଧରଣର ଲେଖକଙ୍କ ସଂଖ୍ୟା ଅଳ୍ପ । ଆମ ସାହିତ୍ୟରେ ମଧ୍ୟ । ଯେଉଁ ଅଳ୍ପ କେତେ ଜଣ ଲେଖକ ଆମ ସାହିତ୍ୟରେ ନୂଆ ଚିନ୍ତା କରି ଲେଖିଯାଇଛନ୍ତି, ସେମାନଙ୍କ ମଧ୍ୟରେ ଡ଼କ୍ଟର ମାନସିଂହ ଥିଲେ ଅନ୍ୟତମ । ସେ ପ୍ରଚଳିତ ଗୁଳାରେ ଚାଲିବାକୁ ପସନ୍ଦ କରନ୍ତି ନାହିଁ । ଅନ୍ୟମାନେ ଯାହା କହନ୍ତି ନାହିଁ ସେ ତାହାକୁ ଭଲରୂପେ ସମସ୍ତଙ୍କୁ ବୁଝାଇ ଦେଇପାରନ୍ତି । ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଥାଇ ମଧ୍ୟ ସେ ଆପଣାର ଚିନ୍ତାକୁ ପ୍ରକଟ କରିପାରନ୍ତି । ଯେ କୌଣସି ବିଷୟକୁ ନୂଆ ଦୃଷ୍ଟିରୁ ବିଶ୍ଳେଷଣ କରିବାରେ ସେ ଥିଲେ ଆମ ସାହିତ୍ୟର ଅନ୍ୟତମ ବିଶିଷ୍ଟ ସାଧକ । ସେଥିପାଇଁ

Digitized by srujanika@gmail.com

'ଓଡ଼ିଆ ସାହିତ୍ୟର ଇତିହାସ' ଓ 'ଶିକ୍ଷାବିଦ୍‌ର ଗାଥା' ରଚନା ବେଳେ ନାନା ସମାଲୋଚନାର ଶରବ୍ୟ ତାଙ୍କୁ ହେବାକୁ ପଡ଼ିଥିଲା ।

ଆଧୁନିକ କାଳରେ ଗଦ୍ୟ ଲେଖକମାନେ ସାଧାରଣ ଜନ-ଜୀବନର ଭାଷାକୁ ସାହିତ୍ୟରେ ମଧ୍ୟ ବ୍ୟବହାର କରୁଛନ୍ତି । ଜଟିଳ ଜ୍ଞାନଗର୍ଭ ବିଷୟକୁ ସରଳ ଭାଷାରେ ପ୍ରକାଶ କରିବାରେ ଗଦ୍ୟ ଲେଖକର ସାର୍ଥକତା ନିହିତ । ଉତ୍କୃଷ୍ଟ ଗଦ୍ୟଶୈଳୀ ସରଳ, ସାବଲୀଳ, ସ୍ୱଚ୍ଛ, ଗତିଶୀଳ ହୋଇଥିବାରୁ ଦୈନନ୍ଦିନ ଜୀବନର ଭାଷା ଏଥିରେ ପ୍ରାଧାନ୍ୟ ଲାଭ କରେ । ମାନସିଂହ ନିତିଦିନିଆ ଜୀବନର ଭାଷାକୁ ତାଙ୍କ ଗଦ୍ୟରେ ବ୍ୟବହାର କରିବାକୁ ଭୁଲି ନାହାନ୍ତି । ସେ ଯେଉଁ ସମାଜରେ ବଞ୍ଚୁଥିଲେ ଯେମିତି ଇଂରାଜୀ ମିଶା ଓଡ଼ିଆ କହୁଥିଲେ, ତା'ର ଅବିକଳ ପ୍ରତିଫଳନ ତାଙ୍କ ଲେଖାରେ ଅନେକତ୍ର ଦେଖିବାକୁ ମିଳେ । ଏଠାରେ ଏଇ ଧରଣର ଏକ ଲେଖାର ନମୁନା 'ଶିକ୍ଷାବିଦ୍‌ର ଗାଥା' ରୁ ଦିଆଗଲା । ତାହା ଏହିପରି, 'ଦକ୍ଷିଣ ଓଡ଼ିଶାର ହାଇସ୍କୁଲଗୁଡ଼ିକ ଇନିସ୍‌ପେକ୍‌ସନ୍ କରି ଦେଖିଲି ଯେ ସେ ଅଞ୍ଚଳର ହେଡ୍‌ମାଷ୍ଟର, ଶିକ୍ଷକ ଓ ସ୍କୁଲଗୁଡ଼ିକର ପରିଚାଳନା, ଉତ୍ତର ଓଡ଼ିଶାର ସମଶ୍ରେଣୀକ ସ୍କୁଲଗୁଡ଼ିକର ଅବସ୍ଥା ଅପେକ୍ଷା ଢ଼େର ଉଚ୍ଚତର । ସେ ଅଞ୍ଚଳରେ ହାଇସ୍କୁଲମାନଙ୍କରେ ବିଜ୍ଞାନ ଯେପରି ପଢ଼ା ହେଉଥିଲା, ତାହା ଉତ୍ତର ଓଡ଼ିଶାର ଆଇ.ଏସ୍.ସି ଷ୍ଟାଣ୍ଡାର୍ଡ଼ର। ସେ ସବୁର ଲାବରେଟୀରୁ ମଧ୍ୟ ସେଇପରି ଥିଲା । ଏସବୁ ମାନ୍ଦ୍ରାସ୍ ସିଷ୍ଟେମର ଫଳ। ଦୁଇ ଅଞ୍ଚଳ ମିଶିଲାବେଳେ, ଏ ଦେଶର ତତ୍କାଳୀନ ଡ଼ି.ପି.ଆଇ. ତ୍ରିପାଠୀ ଯଦି ପ୍ରକୃତରେ ଶିକ୍ଷାବିଦ୍ ହୋଇଥାନ୍ତେ ତେବେ ଉତ୍ତରାଞ୍ଚଳର ନୀଚତର ବ୍ୟବସ୍ଥାକୁ ଦକ୍ଷିଣାଞ୍ଚଳ ଉପରେ ନଲଦି, ଉତ୍ତରାଞ୍ଚଳକୁ ଦକ୍ଷିଣର ଷ୍ଟାଣ୍ଡାର୍ଡ଼କୁ ଉଠେଇବାକୁ ଚେଷ୍ଟା କରିଥାନ୍ତେ । କିନ୍ତୁ ସେ ଠିକ୍ ଓଲଟା କାମ କରିବା ଦ୍ୱାରା ଓଡ଼ିଶାର ଦକ୍ଷିଣାଞ୍ଚଳ ପ୍ରତି ଅନ୍ୟାୟ କରିବା ସଙ୍ଗେ ସଙ୍ଗେ ସମଗ୍ର ଓଡ଼ିଶାର ସେକେଣ୍ଡାରୀ ସ୍କୁଲର ମାନଦଣ୍ଡକୁ ନ୍ୟୁନକରି, ଦେଶର ସମୂହ ଅନିଷ୍ଟ କରିଯାଇଛନ୍ତି ବୋଲି କହିବି । କିନ୍ତୁ ଆଶ୍ଚର୍ଯ୍ୟର କଥା, ଦକ୍ଷିଣ ଅଞ୍ଚଳର ପ୍ରାଇମେରୀ ଶିକ୍ଷା ଅତି ଅବହେଳିତ ଓ ନିମ୍ନସ୍ତରରେ ଥିବାର ଦେଖିଲି । ଅଧିକାଂଶ ଶିକ୍ଷକ ଅନଟ୍ରେଣ୍ଡ୍ ଓ ପୁରୁଣା ଚାଟଶାଳୀ ଅବଧାନଙ୍କ

Digitized by srujanika@gmail.com

ସ୍ତରର। ଗଞ୍ଜାମ, କୋରାପୁଟରେ ଅନେକ ସ୍ଥାନରେ ପ୍ରାଇମେରୀ ଶିକ୍ଷକମାନଙ୍କୁ ଭେଟି, ହାଇସ୍କୁଲ ସବୁ ଯେଉଁଠି ଏପରି ଉଚ୍ଚସ୍ତରରେ ସେଠି ପ୍ରାଇମେରୀ ସ୍କୁଲ ସବୁ କିପରି ଏପରି ହେୟ ଅବସ୍ଥାରେ ଅଛନ୍ତି, ଭାବି ଭାବି ଅତ୍ୟନ୍ତ ବିସ୍ମିତ ହେଉଥିଲି।" (ଶିକ୍ଷାବିଦ୍‌ର ଗାଥା) ଏଇ ପରିଚ୍ଛେଦରେ ସେ ଅନେକ ଇଂରାଜୀ ଶବ୍ଦ ବ୍ୟବହାର କରିଛନ୍ତି । ସେ ଯେମିତି ରୀତିରେ ସ୍ୱାଭାବିକ କଥାଭାଷା କରନ୍ତି, ସେମିତି ଇଂରାଜୀ ମିଶା ଓଡ଼ିଆରେ ସାହିତ୍ୟ ଲେଖିବାକୁ ବି ଭୁଲିନାହାନ୍ତି । କାରଣ ସେ ଭଲଭାବରେ ବୁଝିଥିଲେ ଯେ ଯୁଗର ଭାଷା ସାହିତ୍ୟରେ ବିଶ୍ୱସ୍ତ ଭାବରେ ପ୍ରକାଶ ପାଇବା ଉଚିତ୍ । ତେବେ ଯାଇ ସେ ସାହିତ୍ୟ ସ୍ୱାଭାବିକ, ସାବଲୀଳ ଓ ସ୍ୱଚ୍ଛନ୍ଦ ହୋଇ ପାରିବ । ଏ ପ୍ରସଙ୍ଗରେ ଡ଼କ୍ଟର ଶ୍ରୀନିବାସ ମିଶ୍ରଙ୍କ ଉକ୍ତି ସ୍ମରଣୀୟ । ତାଙ୍କ ଭାଷାରେ କହିଲେ, "ଆଧୁନିକ ଉତ୍କୃଷ୍ଟ ଗଦ୍ୟରୀତିର ଯଥାର୍ଥ ଲକ୍ଷଣ ହେଲା ଏହାର ବିଶ୍ୱସ୍ତତା । ଏକ ଯୁଗର ବିଶିଷ୍ଟ ପ୍ରକୃତି ସେ କାଳର ସାହିତ୍ୟିକ ଶୈଳୀରେ ପ୍ରତିଫଳିତ ହୋଇଥାଏ । ଛଦ୍ମତା ପ୍ରକାଶକ ଶୈଳୀ ଅପକୃଷ୍ଟ । ଏଥିରେ ଲେଖକ ନିଜର ମାନସିକ ସ୍ଥିତି ଓ ଗତି ପ୍ରତି ବିଶ୍ୱସ୍ତ ନହୋଇ ଆତ୍ମପ୍ରତାରଣାର ଆଶ୍ରୟ ନିଅନ୍ତି । ଶୈଳୀ ହେଉଛି ଲେଖକଙ୍କ ବ୍ୟକ୍ତିତ୍ୱ ପ୍ରକାଶର ବାଣୀ । ଲେଖକଙ୍କ ବ୍ୟକ୍ତିତ୍ୱର ଅନ୍ତରଙ୍ଗ ଓ ସ୍ୱତଃସ୍ଫୁର୍ତ୍ତ ଅଭିବ୍ୟକ୍ତି ନ ଘଟିଲେ କୌଣସି ଶୈଳୀ ଉତ୍ତମ ହୋଇପାରେ ନାହିଁ ।" (ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ) ମାନସିଂହଙ୍କ ରଚନାରେ ତାହାଙ୍କ ବ୍ୟକ୍ତିତ୍ୱର ଅନ୍ତରଙ୍ଗ ଓ ସ୍ୱତଃସ୍ଫୁର୍ତ୍ତ ଅଭିବ୍ୟକ୍ତି ଘଟିଥିଲା । ସେ ଆପଣାର ଚିନ୍ତାକୁ ଅବିକୃତ ଭାବରେ ସ୍ୱରଚନାବଳୀରେ ପ୍ରକାଶ କରୁଥିଲେ । ଯାହା ସରଳ, ଅବିକୃତ ତାହା ପାଠକର ମନକୁ ବେଶ୍ ଛୁଏଁ । କାରଣ ସରଳ, ଅବିକୃତ ହେଉଛି ସତ୍ୟ ଓ ସୌନ୍ଦର୍ଯ୍ୟର ଲକ୍ଷଣ । ସତ୍ୟ ଓ ସୌନ୍ଦର୍ଯ୍ୟ ପୂଜାରୀ ହେଉଛି ଲେଖକ । ମାନିସିଂହ ସରଳ, ସ୍ୱାଭାବିକ ଓ ଅକୃତ୍ରିମ ଭାବରେ ଆପଣାର ଭାବ ବ୍ୟକ୍ତ କରି ଯଥାର୍ଥରେ ସତ୍ୟ ଓ ସୌନ୍ଦର୍ଯ୍ୟର ଉପାସକ ହୋଇପାରିଛନ୍ତି ।

ଶୈଳୀ ହେଉଛି ଯେ କୌଣସି ଲେଖାର ସାମଗ୍ରିକ ବୈଶିଷ୍ଟ୍ୟ । ଭାବବସ୍ତୁ, ବିଷୟ ସଂଯୋଜନା, ପରିବେଶ ବର୍ଣ୍ଣନା, ଭାଷା ପ୍ରୟୋଗ, ବାକ୍ୟଗଠନ,

Digitized by srujanika@gmail.com

ଶବ୍ଦଚୟନ ଇତ୍ୟାଦି ଯାବତୀୟ ପ୍ରସଙ୍ଗ ଗଦ୍ୟଶୈଳୀ ବିଚାରବେଳେ ଦୃଷ୍ଟିକୁ ଆସେ । ସୌନ୍ଦର୍ଯ୍ୟବୋଧ ସହିତ ଶୈଳୀର ମଧ୍ୟ ସଂପର୍କ ରହିଛି । ଶୈଳୀର ଏହି ଉପାଦାନଗୁଡ଼ିକୁ ଭିତ୍ତିକରି ମାନସିଂହଙ୍କ ଗଦ୍ୟଶୈଳୀ ଅନୁଶୀଳନ କରାଯାଇପାରେ ।

ସାଧାରଣତଃ କୌଣସି ଲେଖାର ଗୁରୁତ୍ୱ ଏହାର ଭାବବସ୍ତୁ ଉପରେ ନିର୍ଭରଶୀଳ । ଲେଖକର ଅନୁଭୂତି, ଜୀବନ ଓ ଜଗତ ପ୍ରତି ରହିଥିବା ଦୃଷ୍ଟିକୋଣ ଭାବବସ୍ତୁରୁ ଜାଣିହୁଏ । ଗଦ୍ୟ ରଚନାର ଉତ୍କର୍ଷ, ଅପକର୍ଷ ବିଚାର ଭାବବସ୍ତୁରୁ ହିଁ ହୋଇଥାଏ । ମାନସିଂହଙ୍କ ଗଦ୍ୟର ଭାବବସ୍ତୁଟି ଥିଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଯୁଗକୁ ଚାହିଁ ସେ ଆପଣାର ଭାବ ପ୍ରକଟ କରି ପାରୁଥିଲେ । ସେ ଯେକୌଣସି ବିଷୟରେ ଲେଖିବାବେଳେ ଚିନ୍ତାର ନୂଆ ନୂଆ ଖିଅ ସବୁ ଖୋଲି ଦେଉଥିଲେ । ସେ ତାଙ୍କ ମନର ଭାବକୁ ସେହି ଅନୁରୂପ ସ୍ୱଚ୍ଛ ଭାଷାରେ ପ୍ରକାଶ କରିପାରୁଥିଲେ । ତାଙ୍କର ଜୀବନ ଦୃଷ୍ଟି ବା ଜୀବନ ଶୈଳୀଟି ତାଙ୍କ ଲେଖାରେ ସର୍ବତ୍ର ଫୁଟି ଉଠୁଥିଲା । ସେ ରାଜନୀତି, ଧର୍ମନୀତି, ସାହିତ୍ୟ, ସଂସ୍କୃତି ପ୍ରଭୃତି ପ୍ରସଙ୍ଗରେ ଯାହା କହୁଥିଲେ ତା'ରି ଭିତରେ ତାଙ୍କ ଜୀବନ ଶୈଳୀଟି ଫୁଟି ଉଠୁଥିଲା ।

ମାନସିଂହଙ୍କ ଗଦ୍ୟର ସାର୍ଥକତା ଏହାର ବର୍ଣ୍ଣନାରେ ଦେଖିବାକୁ ମିଳେ । ସେ ନିଜସ୍ୱ ଦୃଷ୍ଟିଭଙ୍ଗୀରେ ଯେକୌଣସି ବିଷୟକୁ ବର୍ଣ୍ଣନା କରିପାରୁଥିଲେ । ତାଙ୍କ ପାଇଁ ମଣିଷ ଜୀବନ, ପାପ, ପୁଣ୍ୟର ସ୍ୱତନ୍ତ୍ର ସଂଜ୍ଞା ଥିଲା । ତାଙ୍କର ଏହି ଧରଣର କେତେକ ଅର୍ଥପୂର୍ଣ୍ଣ ବାକ୍ୟ ପାଠକମାନଙ୍କ ଅବଧାରଣା ସକାଶେ ଉଦ୍ଧାର କରାଯାଉଛି ।

**ଜୀବନ :**

(୧) "ସକଳ ଅପୂର୍ଣ୍ଣତାକୁ ପୂରଣ କରିକରି ପୂର୍ଣ୍ଣତା ଆଡ଼କୁ ଯିବାହିଁ ଜୀବନ ।"

(ଶିକ୍ଷାବିତ୍‌ର ଗାଥା)

(୨) "ଜୀବନ ରୂପମୟ, ରସମୟ, ମଧୁର ଗନ୍ଧମୟ ଓ ମଧୁର ଶବ୍ଦମୟ ହେବାରେ ମୁଁ କୌଣସି ପାପ ଦେଖୁନାହିଁ ; ବରଂ ଜୀବନର ପୂର୍ଣତା ଏହିଠାରେ ।"

(ପଶ୍ଚିମ ପଥିକ)

Digitized by srujanika@gmail.com

## ପାପ :

"ଏ ଲେଖକ ନିକଟରେ ପାପ ବୋଲି ସାଧାରଣରେ ଯାହା ଧାରଣା ତାହା ନାହିଁ। ସେ କେବଳ ଦୁଇଟି କର୍ମକୁ ପାପ ବୋଲି ମନେକରି ଆସିଛି । (୧) ଜୀବ ଓ ମାନବ ପ୍ରତି ଅକାରଣ କଷଣ (୨) ଯାହା ନିଜର ବ୍ୟକ୍ତିତ୍ୱକୁ ଦୁର୍ବଳ କରେ ।" (ଶିକ୍ଷାବିଦ୍‌ର ଗାଥା)

## କର୍ମ :

"କର୍ମ ହିଁ ଜୀବନ, ଜୀବନ ନୁହେଁ ନିଦ୍ରା ବା ବିଶ୍ରାମ ।"

(ଶିକ୍ଷାବିଦ୍‌ର ଗାଥା)

## ଚୁଗୁଲି :

"ମଦ, ଗଞ୍ଜେଇ, ବିଡ଼ିର ଦୈହିକ ଅଭ୍ୟାସ ପରି ଚୁଗୁଲି କରିବା ଓ ଶୁଣିବା ଏକ ମାରାତ୍ମକ ମାନସିକ ବ୍ୟାଧି ଓ ବୌଦ୍ଧିକ ଅପରାଧ ।"

(ଶିକ୍ଷାବିଦ୍‌ର ଗାଥା)

## ନାରୀ ସୌନ୍ଦର୍ଯ୍ୟ :

"ନାରୀ ସୌନ୍ଦର୍ଯ୍ୟ ଗତିରେ ହିଁ ବେଶୀ ଫୁଟେ, 'ସ୍ଥିତିରେ ନୁହେଁ ।"

(ପଶ୍ଚିମ ପଥିକ)

## ଓଡ଼ିଆ ସମାଜ :

"ଓଡ଼ିଆ ସମାଜକୁ ମୁଁ ସମୁଦ୍ରର ଉପମା ଦେଇପାରୁ ନାହିଁ । ବରଂ ଏହା ଏପରି ଏକ ଦୃଶ୍ୟ ସଙ୍ଗେ ତୁଳନା କରାଯାଇପାରେ - ଗୋଟିଏ ବିରାଟ ଭୂମି ଯହିଁରେ ଜଳଭଣ୍ଡାର ରହିବା ପରିବର୍ତ୍ତରେ ରହିଛି ଅଗଣିତ ଛୋଟ ଛୋଟ ଚୁଆ ଯେଉଁଥିରେ ପାଣି ଏତେ ପଙ୍କିଳ ଓ ଅଗଭୀର ଯେ ସେଠି ବଡ଼ ମାଛର ଜନ୍ମ ଓ ବୃଦ୍ଧି ଅସମ୍ଭବ । ତେଣୁ ସେଠି ଅଛନ୍ତି ଓ ରହିପାରନ୍ତି କେବଳ ଛୋଟ ମୀନ ।" (ଓଡ଼ିଆ ସମାଜ ଓ ସାହିତ୍ୟ)

Digitized by srujanika@gmail.com

ତାଙ୍କ ରଚନାରେ ଏହି ଧରଣର ବର୍ଣ୍ଣନା ଦେଖିବାକୁ ମିଳେ ।

ସେ ବେଳେ ବେଳେ ଆମର ପ୍ରଚଳିତ ଢ଼ଗ, ଢ଼ମାଳି ଓ ସଂସ୍କୃତି ପ୍ରବଚନକୁ ଆବଶ୍ୟକ ସ୍ଥଳେ ତାଙ୍କ ଗଦ୍ୟରେ ବ୍ୟବହାର କରିବାକୁ ଭୁଲି ନାହାନ୍ତି । କୌଣସି ଯୁକ୍ତିଦେଇ ବୁଝାଇବା ଅପେକ୍ଷା ଏଭଳି ପ୍ରଚଳିତ ଉକ୍ତି ଦ୍ୱାରା ସେ ସହଜରେ ପାଠକ ଠାରେ ପହଞ୍ଚୁଥିଲେ । 'ଚୋରଠୁଁ ବିଧେ ପାଇଲେ କି ଲାଭ', 'ଘଇତା ପଛେ ମରୁ ସଉତୁଣୀ ରାଣ୍ଡ ହେଉ', 'ବାଂଝକି ଜାଣେ ପ୍ରସବ ବେଦନା', 'ମନ୍ଦଃ କବିଯଶଃ ପ୍ରାର୍ଥୀ', ଏହିପରି ନାନା ପ୍ରଚଳିତ ଲୋକ ଉକ୍ତିକୁ ସେ ତାଙ୍କ ଗଦ୍ୟ ମଧ୍ୟରେ ସଯତ୍ନରେ ବ୍ୟବହାର କରିଛନ୍ତି ।

ଡ଼କ୍ଟର ମାୟାଧର ମାନସିଂହ ତାଙ୍କ ଗଦ୍ୟରେ କେତେକ ସ୍ଥାନରେ ବ୍ୟଙ୍ଗ ବିଦ୍ରୂପ କରିବାକୁ ଭୁଲିନାହାନ୍ତି । ସେ ଆମର ଆଚରଣ, ଚିରାଚରିତ କୁସଂସ୍କାର, ନୁତନତା ନାମରେ ବାହ୍ୟ ଆଡ଼ମ୍ବର ଇତ୍ୟାଦିକୁ ବିଦ୍ରୂପ କରିଛନ୍ତି । ସେ ଆମର ବେଶଭୂଷାକୁ ମଧ୍ୟ ବ୍ୟଙ୍ଗ କରିଛନ୍ତି । ଏଠାରେ ତାଙ୍କ ବ୍ୟଙ୍ଗାତ୍ମକ ଗଦ୍ୟର ନମୁନା ଦେଖନ୍ତୁ । ସେ ଭାରତୀୟମାନଙ୍କ ଚେହେରା, ବେଶ-ପୋଷାକ ପ୍ରତି ବ୍ୟଙ୍ଗକରି ଯାହା ସବୁ ଲେଖିଛନ୍ତି, ତାହା ଏହିପରି, "ଅଙ୍ଗାଚ୍ଛାଦନ ବା ବେଶବିନ୍ୟାସରେ ପୁଣି ଆମ୍ଭମାନଙ୍କର କୌଣସି ସାମଞ୍ଜସ୍ୟ ବି ନଥାଏ । ଜଣେ ଚୁଟୀ ରଖେ ତ ଆଉ ଜଣେ ମୁଣ୍ଡକୁ ଏକାବେଳକେ ଚାଞ୍ଛେ । କେତେକ ନିଶ-ଦାଢ଼ି ରଖନ୍ତି, କେତେକ ଦାଢ଼ି ରଖି ନିଶ ରଖନ୍ତି ନାହିଁ, କେତେକ ନିଶ ରଖିବେ ତ ଦାଢ଼ି ରଖିବେ ନାହିଁ, ଆଉ କେତେକ ଏକାବେଳକେ ଚିକ୍‌କଣ ମୁଖ । କେତେକର ପଗଡ଼ି କେତେକର ଗାନ୍ଧି ଟୋପି, କେତେକ ଖାଲି ମୁଣ୍ଡ । କା'ର ଦେହରେ ପଞ୍ଜାବୀ, କା'ର ଦେହରେ କୁର୍ତ୍ତା ଓ କୋଟ, କା'ର ଲମ୍ବା କୋଟ୍, କା'ର ଦେହରେ କିଛି ନାହିଁ । ଚର୍ମର ବର୍ଣ୍ଣ ଓ ବିଭିନ୍ନ । ଏ ସମସ୍ତ ମିଶ୍ରଣ ହେଲେ କୌଣସି ଭାରତୀୟ ଜନ ସମବାୟ ଗୋଟିଏ ଦେଶର ଲୋକ ବୋଲି କେହି କହିବେ ନାହିଁ । ବେଶ-ବିନ୍ୟାସରେ ପ୍ରାୟ ଅନାସ୍ଥା ଯୋଗୁଁ ଭାରତୀୟ ପୁରୁଷ ଜନତା ଆଖିକି ପ୍ରାଣୀ ସଂଘ ପରି ଦିଶେ, ଜନସଂଘ ପରି ନୁହେଁ ।" (ପଶ୍ଚିମ ପଥିକ)

Digitized by srujanika@gmail.com

ତଜ୍ଜ୍ୱର ମାନସିଂହଙ୍କ ବିଦ୍ରୁପର ସ୍ୱର ଓଡ଼ିଆ ସାହିତ୍ୟର ଇତିହାସରେ ଅଧିକ ପରିମାଣରେ ଶୁଣିବାକୁ ମିଳେ । ସେ ଆଧୁନିକ କବିମାନଙ୍କୁ ବେଶ୍ ବିଦ୍ରୁପ ତାଙ୍କର ଗ୍ରନ୍ଥରେ କରିଛନ୍ତି । ଯେଉଁ ଭାଷାରେ ସେମାନଙ୍କୁ ବିଦ୍ରୁପ କରିଛନ୍ତି, ତାହା ଏହିପରି; ଅଧିକାଂଶ ମତ୍ତର୍ଣ୍ଣ ବା ନୂତନମାନଙ୍କର ସିଦ୍ଧି ଅକିଞ୍ଚିତ୍କର । ଅବଶ୍ୟ, ସିଦ୍ଧି ତୁଳନାରେ ସେମାନଙ୍କ ଚିତ୍କାର ଅତି ବେଶୀ । କାରଣ ସେମାନେ, ସାହିତ୍ୟସ୍ରଷ୍ଟା ଯେପରି ବ୍ୟବହାର ଦେଖାଇଥାନ୍ତି, ସେପରି ନକରି, ରାଜନୈତିକ ଗୋଷ୍ଠୀ ସବୁ ଯେପରି ଆଚରଣ କରିଥାନ୍ତି, ସେପରି କରିଥାନ୍ତି । ଏକାଧିକ ଥର ସେମାନଙ୍କୁ ସାହିତ୍ୟିକ ଆଲୋଚନା ପାଇଁ ଆହ୍ୱାନ କରାଯାଇଛି । କିନ୍ତୁ ଯୁକ୍ତି ଓ ଆଲୋଚନା ପରିବର୍ତ୍ତେ, ତାଙ୍କ ପଟୁ ଚିତ୍କାର, ମୁଷ୍ଟି ପ୍ରଦର୍ଶନ ଓ ଭୀତି ପ୍ରଦର୍ଶନ ହିଁ ବେଶୀ ଦେଖା ଦେଇଛି । ସେମାନଙ୍କ ମତରେ ବୋଧହୁଏ ଏହି ପ୍ରକାର ଅସୌଜନ୍ୟ ବ୍ୟବହାର ମଧ୍ୟ ସାହିତ୍ୟିକ ଆଲୋଚନାର ଏକ ଅଙ୍ଗ ।"

(ଓଡ଼ିଆ ସାହିତ୍ୟର ଇତିହାସ)

ସେ ତାଙ୍କ ଲେଖାରେ କେତେକ କ୍ଷେତ୍ରରେ ମଧ୍ୟ ଆପଣାର ସ୍ୱଭାବ ସୁଲଭ ରସିକତା ଦେଖାଇବାକୁ ଭୁଲି ନାହାନ୍ତି । ସେ ଅନ୍ୟକୁ ଦେଖେଇ କରି ଆବଶ୍ୟକ ସ୍ଥଳେ ମଧ୍ୟ କହିପାରନ୍ତି । ନାଁ ନଧରି ସେ କେତେକ ସ୍ଥଳରେ ଏମିତି ବିଦ୍ରୁପ କରିଛନ୍ତି, ଯାହା ପଢ଼ିଲେ, କିଏ ତାଙ୍କ ବିଦ୍ରୁପର ଉପଲକ୍ଷ୍ୟ ସହଜରେ ବୁଝିହୁଏ । ସେ ଏ ସମାଜରେ ଦୈନନ୍ଦିନ ଜୀବନରେ ଘଟୁଥିବା ଅନ୍ୟାୟ, ଅନୀତି, ଦୁର୍ନୀତି, ଶୋଷଣ ବ୍ୟଭିଚାରକୁ ଦକ୍ଷତାର ସହ ତାହାଙ୍କ ଗଦ୍ୟରେ ବିଦ୍ରୁପ କରିଛନ୍ତି ।

ସେ ନାଟକୀୟ ରୀତିରେ ତାଙ୍କର ବକ୍ତବ୍ୟ ପ୍ରକାଶ କରିବାର ଉପାୟ ଜାଣିଥିଲେ । ଏହି ଧରଣର ନାଟକୀୟ ବର୍ଣ୍ଣନା ପାଠକକୁ ବିଷୟବସ୍ତୁ ପ୍ରତି ଅନୁରାଗ ଜନ୍ମାଇବାରେ ସହାୟତା କରିଥାଏ । ସେ ପାଠକକୁ କୌଣସି ବିସ୍ମୟକର ପ୍ରସଙ୍ଗ କହି ପ୍ରତିପାଦ୍ୟ ସତ୍ୟ ଆଡ଼କୁ ନେଇଥାନ୍ତି । ତାଙ୍କ ଗଦ୍ୟରେ ସେ ସୁନିର୍ବାଚିତ ଶବ୍ଦମାନ ପ୍ରୟୋଗ କରୁଥିଲେ । ଅର୍ଥପୂର୍ଣ୍ଣ ଶବ୍ଦ ପ୍ରୟୋଗ କରି ପାଠକକୁ ଅଳ୍ପରେ

Digitized by srujanika@gmail.com

ବହୁକଥା ସେ କହି ପାରୁଥିଲେ। ତା'ଛଡ଼ା ସେ ଅଦ୍ଭୁତ ବିଶେଷଣମାନ ପ୍ରୟୋଗ କରି ନିଜର ଶବ୍ଦଜ୍ଞାନର ପରିଚୟ ଦେଇଛନ୍ତି। ଏହି ବିଶେଷଣଗୁଡ଼ିକ ତାଙ୍କର ଏକାନ୍ତ ନିଜସ୍ୱ ଥିଲା କହିଲେ ଚଳେ । ଏଠାରେ ତାଙ୍କ ବିଶେଷଣ ପ୍ରୟୋଗର କେତୋଟି ଦୃଷ୍ଟାନ୍ତ ଦେଖନ୍ତୁ; 'ଉଦ୍ଭିନ୍ନ ଯୌବନା ରୂପସୀ', 'ବିଦ୍ରୋହୀ ବୁଦ୍ଧିଜୀବୀ', 'କ୍ରୋଧୀ ତରୁଣ', 'କ୍ଷମତାଦୃପ୍ତ ଶ୍ରେଣୀ', 'ମୂଢ଼ ଅନ୍ୟାୟକାରୀ', 'ଅତୋଷ୍ୟ ଶତ୍ରୁ', ' ଅକୁତୋଭୟ ଚିନ୍ତା', 'ଅପବ୍ୟୟମୟ ଫାଙ୍କା ଆବାଜ୍', 'ଖାଦ୍ୟାନ୍ୱେଷୀ ହସ୍ତ', 'ଧୂସର-ଟାଙ୍ଗର ସମତଳ', 'ନବକର୍ଷିତ ଶସ୍ୟକ୍ଷେତ୍ର', 'ନର୍ମ ନିବେଦନ', 'ପ୍ରାଚୁର୍ଯ୍ୟମୟ ଆତିଥ୍ୟ', 'ଦୁର୍ଗମ ପାଣ୍ଡିତ୍ୟ', 'ମାୟାର ପୁଷ୍ପୋଦ୍ୟାନ', 'ହାସ୍ୟମୟୀ ଜ୍ୟୋସ୍ନା', 'ଅଗ୍ନିବର୍ଷୀ ପ୍ରତିବାଦ' ଇତ୍ୟାଦି । ସେ ତାଙ୍କ ଗଦ୍ୟରେ ମଧ୍ୟ ବିବିଧ କିସମର ଶବ୍ଦ ପ୍ରୟୋଗରେ ନିପୁଣତା ଦେଖାଇଛନ୍ତି । ତତ୍ସମ, ତଦ୍ଭବ, ଦେଶଜ, ବୈଦେଶିକ ଶବ୍ଦମାନଙ୍କୁ ମିଶାମିଶି କରି ସେ ଚମତ୍କାର ଗଦ୍ୟ ଲେଖିପାରନ୍ତି ।

ରଚନାଶୈଳୀକୁ ବ୍ୟକ୍ତିନିଷ୍ଠ ଓ ବସ୍ତୁନିଷ୍ଠ – ଏହିପରି ଦୁଇଭାଗରେ ବିଭକ୍ତ କରାଯାଇପାରେ । ଡ଼କ୍ଟର ମାନସିଂହ ସାଧାରଣତଃ ବ୍ୟକ୍ତିନିଷ୍ଠ ଶୈଳୀରେ ଲେଖୁଥିଲେ। ଏହି ପ୍ରକାର ଶୈଳୀରେ ଲେଖିପାଠକ ସହିତ ଭାବ-ସଂଯୋଗ କରିବା କେବଳ ପ୍ରତିଭାଶାଳୀ ଲେଖକ ପକ୍ଷେ ସମ୍ଭବ । ଗଭୀର ଆତ୍ମପ୍ରତ୍ୟୟ ଭାବ ନଥିଲେ ଏପରି ଶୈଳୀରେ ଲେଖିବା ସମ୍ଭବ ନୁହେଁ । ଏ ଶୈଳୀରେ କେତେକ ଅସୁବିଧା ମଧ୍ୟ ରହିଛି । ଲେଖକ କୌଣସି ପ୍ରସଙ୍ଗ ଅବତାରଣା କଲାବେଳେ ତା'ରି ଭିତରେ ଅନାବଶ୍ୟକ ଭାବେ ଆପଣା ଜୀବନ କଥା କହି ଚାଲେ । ଏପରି ଶୈଳୀରେ ତା'ର ବିଦ୍ୟା, ବୁଦ୍ଧି ଓ ବିଚାର-ବଶ୍ଲେଷଣ ହେଉଛି ଗରୁତ୍ୱପୂର୍ଣ୍ଣ । ତା'ଛଡ଼ା ସରଳତା ଓ ଭାବର ଅକୃତ୍ରିମ ଅଭିବ୍ୟକ୍ତି କରିବା ଶକ୍ତି ଲେଖକର ଥିବା ଦରକାର । ଡ଼କ୍ଟର ମାନସିଂହ ତାଙ୍କର ରଚନାରେ ଆପଣା ବ୍ୟକ୍ତିତ୍ୱର ମହନୀୟ ରୂପକୁ ଆମକୁ ଦେଖାଇଛନ୍ତି । ତାଙ୍କ ଗଦ୍ୟରେ ମନନ ସହିତ କଳ୍ପନାର, ସତ୍ୟ ସହିତ ସୌନ୍ଦର୍ଯ୍ୟର, କବିତ୍ୱ ସହିତ ସୂକ୍ଷ୍ମ ବିଶ୍ଳେଷଣ ଧର୍ମିତାର

Digitized by srujanika@gmail.com

ଅଦ୍ଭୁତ ସମନ୍ୱୟ ଘଟିଛି । ସେ ବିଶ୍ୱସ୍ତ ଭାବରେ ମନ ଖୋଲି ଆପଣା ଅନ୍ତରର ଭାବନାକୁ କବିସୁଲଭ ଭଙ୍ଗୀରେ ଆମକୁ ଶୁଣାଇ ଯାଇଛନ୍ତି ।

(ଞ)

ସବୁ ଦୃଷ୍ଟିରୁ ଦେଖିଲେ କବି ମାନସିଂହଙ୍କ ତୁଳନାରେ ଗଦ୍ୟଶିଳ୍ପୀ ମାନସିଂହ ମହାନ୍ । ସାଧାରଣତଃ କବିତା ଲେଖି ସେ ତତ୍କାଳରେ ଆଶୁ ଯଶଲାଭ କରିଥିଲେ । ସେଦିନ ତାଙ୍କର 'ଧୂପ' ତରୁଣ ପ୍ରାଣରେ ଅପୂର୍ବ ପୁଲକ ସଞ୍ଚାର କରିଥିଲା । ସମୟ ପ୍ରବାହରେ ଆଜି ପାଠକର ତାଙ୍କ ଧୂପ ପ୍ରତି ପୂର୍ବର ସେ ଆଦର ନାହିଁ, ବରଂ, ତାଙ୍କର 'ମାଟିର ମହାକବି ସାରଳା ଦାସ', 'ଓଡ଼ିଆ ସାହିତ୍ୟର ଇତିହାସ', 'କବି ଓ କବିତା', 'ସରସ୍ୱତୀ ଫକୀରମୋହନ', 'ପଶ୍ଚିମ ପଥିକ', 'ଶିକ୍ଷାବିଦ୍‌ର ଗାଥା', ପ୍ରତି ଆଦର ବଢୁଛି । କାରଣ ଆଜି କବିତା କହିଲେ ବୁଝାଉଛି ଗଦ୍ୟ କବିତା । ତେଣୁ ଆଜିର ପାଠକ ତାଙ୍କ ଏଇ କବିତ୍ୱପୂର୍ଣ୍ଣ ଗଦ୍ୟ ପୁସ୍ତକକୁ ଶ୍ରଦ୍ଧାରେ ପାଠ କରୁଛି । ଏତିକି କହିଲେ ଯଥେଷ୍ଟ ଯେ ମାନସିଂହଙ୍କ ଗଦ୍ୟ ହେଉଛି ତାଙ୍କ କବିତାର ବୌଦ୍ଧିକ ଦିଗ ମାତ୍ର । ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟରେ ସେ ହେଉଛନ୍ତି ଏଇ କବିତ୍ୱପୂର୍ଣ୍ଣ ଗଦ୍ୟର ବିରାଟ ସାଧକ ।

ଆମ ସାହିତ୍ୟରେ ଏଭଳି କବିତ୍ୱପୂର୍ଣ୍ଣ ଗଦ୍ୟର ଏକ ବିଶେଷ ପରମ୍ପରା ରହିଛି । ଓଡ଼ିଆ ସାହିତ୍ୟରେ ଏପରି ଗଦ୍ୟଧର୍ମୀ କବିତା ବା କବିତ୍ୱପୂର୍ଣ୍ଣ ଗଦ୍ୟର ଜନକ ହେଉଛନ୍ତି ନାରାୟଣା ନନ୍ଦ ଅବଧୁତ ସ୍ୱାମୀ । ତାଙ୍କର ରୁଦ୍ର ସୁଧାନିଧି ଏ ଗଦ୍ୟର ସାର୍ଥକ ନିଦର୍ଶନ । ଏ ପ୍ରକାର କବିତ୍ୱପୂର୍ଣ୍ଣ ଗଦ୍ୟ ରଚନାର ଧାରା ସେ ପ୍ରାୟ ପାଞ୍ଚଶହ ବର୍ଷ ତଳେ ପ୍ରତିଷ୍ଠା କରିଥିଲେ । ଏହି ଗଦ୍ୟ ରଚନା ଅଳଙ୍କାର ଶାସ୍ତ୍ରାନୁମୋଦିତ । ଏହାକୁ ବିଶିଷ୍ଟ ଆଳଙ୍କାରିକ ବିଶ୍ୱନାଥ କବିରାଜ 'ବୃତ୍ତଗନ୍ଧି' ନାମ ଦେଇଛନ୍ତି । ବ୍ରଜନାଥଙ୍କ 'ଚତୁର ବିନୋଦ'ର ଗଦ୍ୟ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ଆମ ଗଦ୍ୟ ସାହିତ୍ୟ ପରମ୍ପରାରେ ଏହି 'ବୃତ୍ତଗନ୍ଧି' ଗଦ୍ୟର ଆଦର

Digitized by srujanika@gmail.com

ରହିଛି । ଏପରିକି ଆଧୁନିକ କାଳରେ ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ଗୋପୀନାଥ ମହାନ୍ତି, ମାୟାଧର ମାନସିଂହଙ୍କ ଗଦ୍ୟ ରଚନା ଏହି ବୃତ୍ତଗନ୍ଧି ଗଦ୍ୟ ଶୈଳୀର ଆଧୁନିକ ରୂପ । ଫକୀରମୋହନ ଏହି ବୃତ୍ତଗନ୍ଧି ଗଦ୍ୟ ଶୈଳୀକୁ ଏକ ମାର୍ଜିତ ରୂପ ଦେଇଛନ୍ତ ତାଙ୍କର କଥା ସାହିତ୍ୟରେ । ବୃତ୍ତଗନ୍ଧି ସହିତ ମୁକ୍ତକ ଗଦ୍ୟର ଅପୂର୍ବ ସମନ୍ୱୟ ହେଉଛି ଫକୀରମୋହନଙ୍କ ଗଦ୍ୟ ସାହିତ୍ୟ ।

ଗଦ୍ୟ ଓ କବିତା ମଧ୍ୟରେ ସଂପ୍ରତି ବିଶେଷ ତଫାତ୍ ନାହିଁ । କାରଣ କବିତା କହିଲେ ଏବେ ଏକ ବିଶେଷ ଧରଣର ଗଦ୍ୟକୁ ବୁଝାଉଛି । କେତେକ କବି ମଧ୍ୟ ବିଶେଷ ଗଦ୍ୟ ଶିରୋନାମାରେ ଆପଣାର କବିତା ଲେଖୁଛନ୍ତି । ସେଥିପାଇଁ ଜଣେ ବିଶିଷ୍ଟ କବି ଲେଖିଛନ୍ତି, "ପଦ୍ୟାୟିତ ଗଦ୍ୟ ଏବଂ ଗଦ୍ୟାୟିତ ପଦ୍ୟହିଁ ଆଜି ଲକ୍ଷଣୀୟ । ଚାଲିବା ଓ ନୃତ୍ୟ କରିବା ମଧ୍ୟରେ ଯେଉଁ ପ୍ରଭେଦ, ଠିକ୍ ସେଇ ପାର୍ଥକ୍ୟ କୁଆଡ଼େ ରହିଛି ସାଧାରଣ ଗଦ୍ୟ ଓ କବିତା ମଧ୍ୟରେ; ଚାଲିବା ପରି ଗଦ୍ୟକୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହୁଏ ଯେଉଁଠି ଚାଲିବା ଶେଷ ହୁଏ; ଗଦ୍ୟ ସମ୍ପୂର୍ଣ୍ଣ ହୁଏ, କିନ୍ତୁ ନୃତ୍ୟର କେଉଁଠିକି ଯିବାର ନଥାଏ । X X X କିନ୍ତୁ ଜଣେ ନାଚି ନାଚି ଚାଲିପାରେ ବା ଚାଲିଚାଲି ନାଚିପାରେ; ସେହିପରି ନାଚିପାରେ, ପୁଣି ଚାଲିପାରେ, ବା ଚାଲିପାରେ ପୁଣି ନାଚିପାରେ ଏବଂ ନାଚିବା ପରି ଚାଲିବା ବି ନିଜେ ନିଜର ଲକ୍ଷ୍ୟ ହୋଇପାରେ । ସେଇଠି ବୃତ୍ତଗନ୍ଧିର ବୈଚିତ୍ର୍ୟ, ଯାହା ସୃଜନାତ୍ମକ ଗଦ୍ୟ ଓ ପଦ୍ୟ ଭିତରେ ଥିବା ସୂକ୍ଷ୍ମ ପରଦାଟିକୁ ଆଡ଼େଇ ଦିଏ ।" (ଅନବତାର ଓ ଅନ୍ୟ ଅନ୍ୟ - ରାଜେନ୍ଦ୍ର କିଶୋର ପଣ୍ଡା) ସୁତରାଂ ଏକ ବୃହତ୍ତର ପରିଧିରେ ବିଚାର କଲେ ଡ଼କ୍ଟର ମାୟାଧର ମାନସିଂହଙ୍କ ଗଦ୍ୟଗୁଡ଼ିକ ଯେ କବିତ୍ୱପୂର୍ଣ୍ଣ ଗଦ୍ୟ ଏଥିରେ ସନ୍ଦେହ ନାହିଁ । ତାଙ୍କ ଗଦ୍ୟ ପାଠରୁ ପାଠକେ କବିତା ପାଠର ସ୍ୱାଦୁ ଆସ୍ୱାଦନ କରିପାରିବେ ।

ବିଂଶ ଶତକ ଓଡ଼ିଆ ସାହିତ୍ୟରେ ବିପୁଳ ପରିମାଣର ଗଦ୍ୟ ରଚନା କରାଯାଇଛି । ପାଠ୍ୟପୁସ୍ତକ ଉଦ୍ଦେଶ୍ୟରେ, ମନ-ଉଚ୍ଚାଟନ ଉପନ୍ୟାସ ଲେଖି

Digitized by srujanika@gmail.com

ପଇସା ପାଇବା ଲୋଭରେ, ଖବରକାଗଜରେ ସାଂପ୍ରତିକ ରାଜନୀତିକ ସମସ୍ୟା ସମ୍ପର୍କରେ ଲେଖି ଆଶୁ ଯଶଲାଭ ଅଭିଳାଷରେ ଆମର ବହୁ ଲେଖକ ଗଦ୍ୟ ଲେଖିଛନ୍ତି । ଏ ସବୁ ଗଦ୍ୟ ହୁଏତ ସାମୟିକ ଭାବରେ ପାଠକକୁ ସ୍ନାୟବିକ ଉତ୍ତେଜନା ଦେଇପାରେ, କିନ୍ତୁ, ଚିନ୍ତାଶକ୍ତିକୁ କିଛି ନୂଆ ଖୋରାକ୍ ଯୋଗାଏ ନାହିଁ। ଫଳରେ କ୍ଲାସିକଧର୍ମୀ ଗଦ୍ୟର ଅଭାବ ଏବେ ବି ଆମ ସାହିତ୍ୟରେ ଅନୁଭୂତ ହୁଏ। ବିଂଶ ଶତକରେ ଯେଉଁ ଅଳ୍ପ କେତେଜଣ ଆମ ସାହିତ୍ୟରେ ଏକ ସମୃଦ୍ଧ ଗଦ୍ୟ ରଚନାର ଭିତ୍ତି ସ୍ଥାପନ କରିଛନ୍ତି, ସେମାନଙ୍କ ମଧ୍ୟରେ ଡ଼କ୍ଟର ମାୟାଧର ମାନସିଂହଙ୍କ ସାଧନାକୁ ପ୍ରଶଂସା ନକରି ରହିହୁଏ ନାହିଁ । ଆପଣାର କବି ହୃଦୟ ନେଇ ସେ ଗଦ୍ୟରେ ମଣିଷ ଜୀବନର କଥା କହିଛନ୍ତି । ତାଙ୍କର ଗଦ୍ୟ ଭିତରେ ନିଜସ୍ୱ ଦର୍ଶନଟି ସେ ପ୍ରକଟ କରିପାରିଛନ୍ତି । ତାଙ୍କର ଶୁଭ୍ର ସୁନ୍ଦର କବି ବ୍ୟକ୍ତିତ୍ୱର ଚୂଡାନ୍ତ ରୂପ ହେଉଛି ତାଙ୍କର ଗଦ୍ୟରଚନା । ଯଦି କୌଣସି ପରିସ୍ଥିତିରେ ତାଙ୍କ କବିତା ପ୍ରତି ପାଠକ ବୀତଶ୍ରଦ୍ଧ ହୁଅନ୍ତି, ତେବେ ତାଙ୍କ ଗଦ୍ୟ ପାଠକରି ସୁଧୀଜନମାନେ ନିଶ୍ଚିତ ଭାବରେ ତାଙ୍କ କବି ପ୍ରତିଭାକୁ ସ୍ୱୀକାର କରିବେ ।

## ବକ୍ତା ପରିଚୟ

୧୯୫୧ ମସିହା ସେପ୍ଟେମ୍ବର ୧୨ ତାରିଖରେ ଯାଜପୁର ଜିଲ୍ଲାର ଖଣ୍ଡିତର ଠାରେ ବାଉରୀବନ୍ଧୁ କରଙ୍କର ଜନ୍ମ । ଜଣେ ମେଧାବୀ ଛାତ୍ର ଭାବରେ ତାଙ୍କର ସୁନାମ ରହିଛି । ୧୯୭୩ ମସିହାରେ ବି.ଏ. ଓଡ଼ିଆ ଅନର୍ସରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀ ଓ ଓଡ଼ିଆ ଏମ୍.ଏ. ରେ ୧୯୭୫ ମସିହାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହେବାର ଗୌରବ ସେ ଲାଭ କରିଥିଲେ । ଜଣେ ସୁବକ୍ତା ଓ ପ୍ରାବନ୍ଧିକ ଭାବରେ ବିଶ୍ୱବିଦ୍ୟାଳୟ ସ୍ତରରେ ସେ ପୁରସ୍କୃତ ହୋଇଥିଲେ। ୧୯୮୩ ମସିହାରେ ସେ ପିଏଚ୍.ଡ଼ି. ଡ଼ିଗ୍ରୀ ଲାଭ କରନ୍ତି ।

୧୯୭୬ ମସିହାରେ ପ୍ରଥମେ ଏସ୍.ଜି.କଲେଜ, ଯାଜପୁରରେ ଅଧ୍ୟାପକ

Digitized by srujanika@gmail.com

ଭାବରେ ସେ କର୍ମଜୀବନ ଆରମ୍ଭ କରନ୍ତି । ତାପରେ ଭଦ୍ରକ, କେନ୍ଦୁଝର, ରେଭେନ୍‌ସା କଲେଜରେ ସେ କର୍ମଜୀବନ ଅତିବାହିତ କରନ୍ତି । ରେଭେନ୍‌ସା କଲେଜରେ ଥିବା ସମୟରେ ସେ ୧୯୮୬ ମସିହାରେ ଓଡ଼ିଆ ସାହିତ୍ୟ ଏକାଡ଼େମୀ ପକ୍ଷରୁ ଆନ୍ତଃରାଜ୍ୟ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମରେ ମଣିପୁର, ନାଗାଲାଣ୍ଡ, ଆସାମ ରାଜ୍ୟ ଭ୍ରମଣ କରି ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ବକ୍ତୃତା ପ୍ରଦାନ କରିଥିଲେ । ୧୯୮୮ ମସିହାରୁ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଭାବେ ଅବସ୍ଥାପିତ । ସେ ଓଡ଼ିଶାର ବହୁ ସାଂସ୍କୃତିକ ଅନୁଷ୍ଠାନ ସହିତ ସଂପୃକ୍ତ । ୧୯୮୪ ରୁ ୧୯୮୯ ପର୍ଯ୍ୟନ୍ତ ୧୯୯୪ ରୁ ଅଦ୍ୟାବଧି ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସାଧାରଣ ପରିଷଦର ସଭ୍ୟ । ୧୯୮୦ ମସିହାରୁ ସେ ଲେଖକ ସାମ୍ମୁଖ୍ୟର ସଦସ୍ୟ । ସେ ଉତ୍କଳ ସାହିତ୍ୟ ସମାଜର ଆଜୀବନ ସଭ୍ୟ । ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ବିଶ୍ୱଭାରତୀ, କଲିକତା ପ୍ରଗତି ଅନୁଷ୍ଠାନ ପ୍ରଭୃତି ଆନୁକୂଲ୍ୟରେ ହୋଇଥିବା ସେମିନାରରେ ବିଭିନ୍ନ ସମୟରେ ସେ ଯୋଗ ଦେଇଛନ୍ତି । କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ପ୍ରକାଶିତ 'Encyclopaedia of Indian Literature' - Vol-5, 'Master pieces of Indian Literature'.ପରି ଗ୍ରନ୍ଥରେ ତାଙ୍କର କେତେକ ଲେଖା ସ୍ଥାନ ପାଇଛି । ଏ ଯାବତ୍ ତାଙ୍କ ତତ୍ତ୍ୱାବଧାନରେ ବାରଜଣ ଗବେଷକ ପିଏଚ୍.ଡ଼ି ଡ଼ିଗ୍ରୀ କାର୍ଯ୍ୟ ଶେଷ କରିଛନ୍ତି ।

ପ୍ରକାଶିତ ରଚନା ବଳୀ : ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ
ଚିନ୍ତନ : ଅନୁଚିନ୍ତନ
ଓଡ଼ିଆ ପ୍ରବନ୍ଧ ସାହିତ୍ୟ
ପ୍ରାବନ୍ଧିକ ନୀଳକଣ୍ଠ ଦାସ
ଜିଜ୍ଞାସାର ଜ୍ୟୋତି

Digitized by srujanika@gmail.com

ସମାଲୋଚନା ଭାରତୀ
ତିନୋଟି ସମାଲୋଚନା
ଓଡ଼ିଆ ସାହିତ୍ୟର ଇତିହାସ
ସାହିତ୍ୟସାଧକ ଡ଼କ୍ଟର ମାୟାଧର ମାନସିଂହ
ନାନା ଆଲୋଚନା
ଓଡ଼ିଶାର

ସମ୍ପାଦନା : ହରିଶ୍ଚନ୍ଦ୍ର
ବିରୁପାକ୍ଷ ପ୍ରବନ୍ଧାବଳୀ
ସୁରେନ୍ଦ୍ର ସମୀକ୍ଷା

ଅନୁବାଦ : ଆଧୁନିକ ଓଡ଼ିଆ ଛନ୍ଦ

Digitized by srujanika@gmail.com

# ମାୟାଧରଙ୍କ କବିତା - ମୋ' ଦୃଷ୍ଟିରେ

**ସୌରିନ୍ଦ୍ର ବାରିକ୍**

ସେତେବେଳେ ମୁଁ ସ୍କୁଲରେ ପଢୁଥିଲି । ବଡ଼ଭାଇ ପଢୁଥିଲେ କଲେଜରେ। କଲେଜର କୌଣସି ଉତ୍ସବ ପାଇଁ ସେ ମାୟାଧର ମାନସିଂହଙ୍କ କବିତା ଏଇ ସହକାର ତଳେ କୁ ସ୍ୱରଦେଇ ଗାଇବା ପାଇଁ ପ୍ରସ୍ତୁତ ହେଉଥିଲେ । ଗୀତ ଅଭ୍ୟାସ ବେଳେ ମୁଁ ଶୁଣୁଥିଲି ଆଉ ତାଙ୍କ ଅନୁପସ୍ଥିତିରେ 'ଧୂପ' ବହିଟିକୁ ଆଣି ପଢ଼ିବାବେଳେ ତାଙ୍କ ପାଖର ଗାଳି ମଧ୍ୟ ଶୁଣିଥିଲି । ସେ କହିଥିଲେ ମାୟାଧରଙ୍କ କବିତା ପଢ଼ିବା ବେଳ ମୋର ହୋଇନାହିଁ । ଏହି କାରଣ ମୋତେ ମାୟାଧରଙ୍କ ପ୍ରତି କୌତୁହଳୀ କରିଥିଲା ଆଉ ସେହି କୌତୁହଳର ବଶ ହୋଇ ଧୂପ ପଢ଼ିଥିଲି । ଅବଶ୍ୟ ଭାଇଙ୍କୁ ଲୁଚେଇ ଏବଂ ପଢୁପଢୁ ଭଲପାଇଥିଲି । ଏହି ପରି ଭାବରେ ମାୟାଧରଙ୍କ କବିତା ସହ ମୋର ସଂପର୍କ କୌତୁହଳରୁ ଆରମ୍ଭ ହୋଇ ଅନ୍ତରଙ୍ଗତାରେ ପରିଣତ ହେଲା । ଶିହରଣରୁ ଆରମ୍ଭ ହୋଇ ଆତ୍ମିକ ଅବବୋଧରେ ଶେଷ ହେଲା-ଚେତନାର ଏକ ଅଂଶ ହୋଇଗଲା । ଏହି ମାନସିକତା ଧରି ସେତେବେଳେ ମାନସିଂହଙ୍କୁ ଖାଲି ପଢ଼ିଥିଲି । କିନ୍ତୁ ତାଙ୍କ କବିତାର କବିଙ୍କ ଲେଖାକୁ ମାନସିଂହତ୍ୱକୁ ଜାଣି ପାରି ନଥିଲି । ଜାଣିପାରିବାର କ୍ଷମତା ମଧ୍ୟ ମୋର ହୋଇ ନଥିଲା । ଜଣେ କବିଙ୍କ ଲେଖାକୁ ସଂପୂର୍ଣ୍ଣ ରୂପେ ବୁଝିବା ପୂର୍ବରୁ ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ତାଙ୍କୁ ଭଲ ପାଇବା ନିଶ୍ଚିତ ଭାବେ ସେ ଲେଖାର ଏକ ବିଶେଷ ଗୁଣ ସବୁ ଭଲ ଲେଖାର ଏପରି ଗୁଣ ଏକ ବୈଶିଷ୍ଟ୍ୟ ।

ପୂରା ବୁଝିବା ପୂର୍ବରୁ ଭଲପାଇବାର କାରଣ କଣ ? ତାଙ୍କର କେଉଁ ଗୁଣ ସେତେବେଳେ ମୋତେ ଆକୃଷ୍ଟ କରିଥିଲା ? ତାଙ୍କର ଭାବ, ଭାଷ୍ୟ ଆଉ ଛନ୍ଦ ନା ଏମିତି କିଛି ନୂଆପଣ ଯା' ସେତେବେଳେ ମୁଁ ଜାଣି ପାରିନଥିଲି । ଭାଇଙ୍କର ସେ ଗୁରୁଜନୀୟ ବାରଣ ଭିତରେ କ'ଣ ଲୁଚି ରହିଥିଲା ମାୟାଧରଙ୍କ ନୂଆପଣ ? ଯାହା ସେତେବେଳ ପର୍ଯ୍ୟନ୍ତ କେହି ଏପରି କହି ନଥିଲେ ସେପରି କହିବାର ସାହାସ ଆଉ ସତିଆପଣ ? ଧୂପ ରେ ସେ କଣ ଲେଖୁଥିଲେ କେମିତି ଲେଖିଥିଲେ

Digitized by srujanika@gmail.com

ଯେ ତା'ର ମହକ ସବୁଆଡ଼େ ଭରି ଯାଇଥିଲା ? କେତେକଙ୍କୁ ସେ ମହକ ଉତ୍କଟବି ଲାଗିଥିଲା। ଧୂପରେ ଥିଲା ଗୋଟିଏ ଆବେଗର ନିଷ୍କପଟ ବର୍ଣ୍ଣନା । ବର୍ଣ୍ଣନାରେ ଆଟୋପ ନଥିଲା, କୃତ୍ରିମତା ନଥିଲା । ସେ କବିତା ଥିଲା ଶରତ ଆକାଶ ପରି ନର୍ମେଘ, ନିର୍ମଳ । ପ୍ରେମାବେଗର ଏପରି ଅକୃତ୍ରିମ ପ୍ରକାଶ ହିଁ ଥିଲା ଧୂପର ନିଜସ୍ୱ ଗୁଣ । ତାର ନୂତନତା ଆଉ ଏଇଥିପାଇଁ ଭଲ ପାଇବା ଭିତରେ ବି ଥିଲା ଗୁରୁଜନ ମାନଙ୍କର ସାନମାନଙ୍କ ପାଇଁ ଆକଟପଣ । "ବସନ୍ତର ଚମ୍ପା ପରି ସେ କବିତା ଫୁଟିଥିଲା । ଚମ୍ପାକୁ ଭ୍ରମର ପରି କେତେଜଣ ନିଶ୍ଚିତ ଭାବରେ ନାସିକା କୁଞ୍ଚନ କରିବେ ।

ଏହିପରି ଡ଼ର ଏବଂ ଡ଼ରରୁ କୌତୁହଳ ସୃଷ୍ଟିକରି ଗୋଟିଏ ଆକର୍ଷଣ ସେତୁ ସୃଷ୍ଟି କରିଥିଲା । ମାନସିଂହଙ୍କ 'ଧୂପ' ଗୋଟିଏ ସ୍କୁଲପିଲା ମନରେ ଏହି ଆକର୍ଷଣ ବଢ଼ି ବଢ଼ି ଭଲପାଇବାରେ ପରିଣତ ହେଲା କଲେଜ ଜୀବନରେ ଏବଂ ଅଜ୍ଞାତ ସାରରେ ପ୍ରଭାବିତ କଲା ଗୋଟିଏ ମନକୁ – "କବି ହେବା ପାଇଁ ବାସନା ଯାହାର ପ୍ରବଳ ଭାରି । ବିଭିନ୍ନ ସ୍ତରରେ ଗୋଟିଏ ମନକୁ ଏପରି ପ୍ରଭାବିତ କରିବା ନିଶ୍ଚିତ ଭାବରେ ଭଲ କବିତାର ଗୁଣ । ଏ ପ୍ରଭାବ ଆସେ କବିତାର ସଂପୂର୍ଣ୍ଣ ଆବେଦନରୁ ସେ ପ୍ରଭାବର କାରଣ କୁ ଖୋଜିବାକୁ ଯାଇ କବିତାକୁ ବିଶ୍ଳେଷଣ କଲେ ହୁଏତ ତାହା ମିଳେ ନାହିଁ । ଏଇଥି ପାଇଁ ମୁଁ ତାଙ୍କ କବିତାକୁ କାବ୍ୟ-ପଣ୍ଡିତ ଭାବରେ ବିଶ୍ଳେଷଣ କରିବାକୁ ଭୟକରେ । ଡ଼ରଲାଗେ ବିଶ୍ଳେଷଣ କରିବା ଭିତରେ, ଦିନେ ଡ଼ରି ଡ଼ରି ଲୁଚେଇ ଲୁଚେଇ ପଢୁଥିବା କବିଙ୍କୁ ହରାଇ ବସିବିନି ତ ? ତେଣୁ ଆଲୋଚନା ସମାଲୋଚନା ବୌଦ୍ଧିକ ଆଲୋଚନା ନୁହେଁ; ଜଣେ କାବ୍ୟ ରସିକର ଆତ୍ମିକ ପ୍ରତିକ୍ରିୟା ।

ଜଣେ କବି ତା ନିଜ ସମୟ ଖଣ୍ଡର ପାଣି ପାଗରେ ହିଁ ବଢ଼ି ଉଠିଥାଏ । ସେ ବହନ କରିଥାଏ ନିଜ ସମୟ ଖଣ୍ଡର ଜୀବନ ଯାତ୍ରାକୁ ପ୍ରଭାବିତ କରୁଥିବା ଏବଂ ସାଂପ୍ରତିକ ମୂଲ୍ୟବୋଧକୁ ନିୟନ୍ତ୍ରିତ କରୁଥିବା ବିଭିନ୍ନ ଧାରଗୁଡ଼ିକୁ । ନିଜ ସମୟର ସାହିତ୍ୟିକ ଧାରା ଏବଂ ଆଦର୍ଶ ଦ୍ୱାରା ମଧ ସେ ବିଶେଷ ଭାବରେ ପ୍ରଭାବିତ ହୋଇଥାଏ । ମାତ୍ର ଜଣେ ସଚେତନ କବି ଏହି ପ୍ରଭାବ ଗୁଡ଼ିକ ଦ୍ୱାରା ପ୍ରଭାବିତ ହେବା ସଙ୍ଗେ ସଙ୍ଗେ ନିଜର ଅହଂଟିକୁ ମଧ ଖୋଜି ହେଉଥାଏ ।

Digitized by srujanika@gmail.com

ଖୋଜିଥାଏ ନିଜ କଥା କହିବା ପାଇଁ ନିଜସ୍ୱ ସ୍ୱରଟିଏ । ମାତ୍ର ଏ ସ୍ୱର କେବେ ଶୂନ୍ୟରୁ ଆସି ନଥାଏ । ନିଜ ପରମ୍ପରା ଏବଂ ସାଂପ୍ରତିକତା ଠାରୁ ନିଜକୁ ଦୂରେଇ ରଖି ଜଣେ କବି ନିଜର ସ୍ୱର ପାଇପାରି ନଥାଏ, ସେ ପାଇଥାଏ ଏ ସମସ୍ତଙ୍କ ସହ ଆତ୍ମିକ ସଂପର୍କ ସ୍ଥାପନ କରି । ଏହି ଦୃଷ୍ଟିରୁ ପ୍ରତ୍ୟେକ ସଚେତନ କବି ତା ନିଜ ସାଂପ୍ରତିକତା ଦ୍ୱାରା ବାନ୍ଧି ହୋଇନଥାଏ । ଏମିତିକି ଏକ ନିର୍ଦ୍ଦିଷ୍ଟ ଚେତନାର ଜଗତକୁ ଭାଷାମୟ କରୁଥିବା ବେଳେ ମଧ୍ୟ ସେ ଥାଏ ବ୍ୟାପକ-ଉଦାର । ତେଣୁ ସବୁ କବି, ବିଶେଷତଃ ସଚେତନ ସଫଳ କବି, ସବୁ କାଳରେ ସାଂପ୍ରତିକ । ତା' ସୃଷ୍ଟିରେ ଥାଏ ତା କାଳର ମହକ, ତା ମାଟିର ସ୍ପର୍ଶ । ଏହା ସହ ଥାଏ ପୁଣି ଐତିହ୍ୟ ବୋଧ ଏବଂ ଉଦାର ମାନବିକତା ।

ଏହିପରି ଏକ ସଚେତନ କବି ହେଉଛନ୍ତି ମାୟାଧର । ସେ ଥିଲେ ଉଭୟ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ସାହିତ୍ୟରେ ପଣ୍ଡିତ । ଏବଂ ତତ୍କାଳୀନ ସାମାଜିକ ଚେତନାପ୍ରତି ସଚେତନ । ଏହା ସହ ସେ ଥିଲେ ସାଲିସ୍ ବିହୀନ ଏକ ଆଦର୍ଶ ପୁରୁଷ । ତାଙ୍କ ଜୀବନ ଥିଲା ସଂଘର୍ଷପୂର୍ଣ୍ଣ । ଏ ସଂଘର୍ଷ ଥିଲା ମହତ୍ ଏବଂ ସୁନ୍ଦରର ଅନ୍ୱେଷା ପାଇଁ । ସେ ପାରମ୍ପରିକ ତଥା ତତ୍କାଳୀନ ମୂଲ୍ୟବୋଧ ନ୍ୟାୟରେ ବିପ୍ଳବୀ ନଥିଲେ; ତାଙ୍କ କବିତା ଥିଲା ଚେତନାର ବିଦ୍ରୋହ । ପୃଥିବୀରେ ମଣିଷର ଦୁଃସ୍ଥିତି, ତାର ବିଭିନ୍ନ ସଂପର୍କ ଏବଂ ସର୍ବୋପରି ନିଜ ଅହଂର ଆତ୍ମିକ ପରିଚୟର ସନ୍ଧାନ ହିଁ ଥିଲା ତାଙ୍କ କବିତା । ତେଣୁ ଏହି ଅହଂର ଓଁକାର ଧ୍ୱନି ହିଁ ମାୟାଧରଙ୍କ କବିତାର ମୂଳ ମନ୍ତ୍ର । ସେ ନିଜ ଅହଂ ଜରିଆରେ ତାଙ୍କ ବିଶ୍ୱକୁ ଦେଖୁଥିଲେ । ତା ସହ ସଂପର୍କ ସ୍ଥାପନ କରୁଥିଲେ ପୁଣି ନିଜ ସ୍ୱପ୍ନର ମାୟାରେ ତାକୁ ସଜାଡ଼ିବାକୁ ଚେଷ୍ଟା କରିଥିଲେ । ତେଣୁ ନିଜ ଅହଂ ସହ ବିଭିନ୍ନ ସଂପର୍କ ହିଁ ତାଙ୍କ କବିତା । ଏହି ସଂପର୍କରେ ନିବିଡ଼ତମ ଜଗତ ହେଲା ପ୍ରେମ । ଏହା ତାଙ୍କ କବିତାର ଆଦି ମନ୍ତ୍ର । ଆଦି ଧ୍ୱନି ।

ଏହି ସଂପର୍କର ସ୍ଥାପନ ପାଇଁ ପାଗଳ ହୋଇଥିଲା ଗୋଟିଏ ତରୁଣ ମନ । ସେ ଚାହିଁଥିଲା କବିଟିଏ ହେବ ଯା' ଆଖିରେ ଥିବ ସ୍ୱପ୍ନ, ମନରେ ଥିବ କଳ୍ପନା । ତାହାରି ଜରିଆରେ ସେ ସୃଷ୍ଟି କରିବ ଏକ ବିକଳ୍ପ ପୃଥିବୀ ଯେଉଁଠି ସେ ସ୍ଥାପନ କରିପାରିବ ତାର ସଂପର୍କ, ତାର ସ୍ୱପ୍ନ । ଏ ବିକଳ୍ପ ପୃଥିବୀ ସ୍ୱପ୍ନ ଆଉ ଆବେଗ

Digitized by srujanika@gmail.com

ଜରିଆରେ ବାସ୍ତବତାକୁ ସଜାଡ଼ିବାର ପ୍ରୟାସ । ତାର ସୀମିତତାରୁ ମୁକୁଳି ଯିବାର ଉତ୍କଣ୍ଠା । ତେଣୁ କବି "ଅସୀମ ପଥେ" ର ଯାତ୍ରୀ । ତାଙ୍କ ମନରେ ଏ ପାରିକୁ ଟପି "ସେ ପାର ଆକାଶେ" ଯିବାର ବହପ । ଏହି "ସୁଦୂର ସ୍ୱପ୍ନ" ହିଁ କବିଙ୍କ ପ୍ରାଣ । ଯେଉଁ ସ୍ୱପ୍ନରେ ସେ ପାଇ ପାରନ୍ତେ ସାରା ପ୍ରକୃତିର ସୌନ୍ଦର୍ଯ୍ୟକୁ ନିଜ ସ୍ୱପ୍ନ ରାଣୀ ରୂପେ । ମାତ୍ର ଏହି ସ୍ୱପ୍ନରେ ଏ ଚେତନା ସରିନାହିଁ । ଏ ଚେତନା ସହ ଭରି ରହିଛି ବାସ୍ତବବୋଧ । ମଣିଷର "ସାଧାରଣ ବେଭାର" ଦ୍ୱାରା କବିର ସ୍ୱପ୍ନ ଭୁଷୁଡ଼ି ପଡିଛି । ତେଣୁ ଏହି ଦୁଇ ପୃଥିବୀର ଦ୍ୱନ୍ଦ ଭିତରେ ହିଁ କବି ଚାହିଁଛନ୍ତି ଟୁଟିବାକୁ ଅହଂର ସଂପର୍କ । ଯାହା ମୁଁର ମୁଁ ତ୍ୱକୁ ଟପି ସାରା ବିଶ୍ୱକୁ ନିଜର କରିପାରିବ । ସେ ଉଡ଼ି ଯାଇପାରିବ "ଦେଶରୁ ଦେଶକୁ ଯାଆନ୍ତି ଉଡ଼ି / ନିଖିଳ ଜାତିର ହୃଦୟ ଜୁରି / ପ୍ରେମର, ଜ୍ଞାନର ପ୍ରଚାର କରି, ପରାଣ ଭରି ।" ଏପରି ଚେତନାରେ ଉଭୟ ଉତ୍ତରଣ ଏବଂ ସୀମିତତାର ଅବବୋଧ । ଏହା ଆବେଗ ଦଗ୍ଧ, କଳ୍ପନା ଶ୍ରୟୀ ମାତ୍ର ବାସ୍ତବ ବିମୁଖତା ନୁହେଁ, କଳ୍ପନା ପ୍ରବଣତା ନୁହେଁ ।

ଏପରି ଚେତନାକୁ ଆମେ ସାଧାରଣତଃ ରୋମାଣ୍ଟିକ ଚେତନା ବୋଲି କହିଥାଉଁ । ଏହି ପରମ୍ପରାର ଚେତନା କବି ଊନବିଂଶ ଶତାବ୍ଦୀର ଇଂରାଜୀ କବିମାନଙ୍କ ପାଖରୁ ପାଇଛନ୍ତି, ରାଧାନାଥୀୟ ଧାରା ଜରିଆରେ । ମୋର ସେ ଧାରାର ଇତିହାସ ଅବା ଲକ୍ଷଣ ଆଲୋଚନା କରିବା ଉଦ୍ଦେଶ୍ୟ ନୁହେଁ । ମୋର ମୂଳ ଲକ୍ଷ୍ୟ ମାୟାଧରଙ୍କ କବିତାକୁ ଉପଭୋଗ କରିବା ଏବଂ କରାଇବାରେ ସାହାଯ୍ୟ କରିବା । ମାୟାଧରଙ୍କ କବିତା ପ୍ରସଙ୍ଗରେ ଏପରି ଏକ ଭୂମିକା ମୋ' ପାଇଁ ଏକ ଜଟିଳ ସମସ୍ୟ ସୃଷ୍ଟି କରିଛି । ସ୍କୁଲ ବେଳର ସେ ଭଲ ପାଇଥିବା ଆଜିବି ମନ ଭିତରେ ଜୀବନ୍ତ । ସେ ଭଲପାଇବା ଥିଲା ବୁଦ୍ଧି, ପାଣ୍ଡିତ୍ୟ ଠାରୁ ମୁକ୍ତ ଅନାବିଳ ପୁଣି ନିରୀହ ଗ୍ରହଣ । ସେଥିରେ ନଥିଲା ବୌଦ୍ଧିକ ଦୂରତା କିମ୍ବା ନୈର୍ବକ୍ତିକତା । ଏ ସଂପର୍କ ଆଜିବି ଅବଚେତନ ମନରେ ଜୀବନ୍ତ । ମୋ' ପାଖରେ ପୁଣି ଏ ସଂପର୍କ ଆହୁରି ନିଆରା । କାରଣ ଘଟଣାଚକ୍ରରେ ମୁଁ ମଧ୍ୟ କବିତା ଲେଖିଲି । ଲେଖିଲି ପୁଣି ସଂପର୍କର କବିତା । ମାତ୍ର ମୋ ଲେଖାର ପୃଥିବୀ, ତାର ଦୃଷ୍ଟିଭଙ୍ଗୀ, ତାର ନାନ୍ଦନୀକ ଆଦର୍ଶ ଥିଲା ସଂପୂର୍ଣ୍ଣ ଭିନ୍ନ । ଏକ ଭିନ୍ନ ଜଗତରୁ, ଏକ ନୂଆ ଆଖି ଆଉ ମନ ନେଇ ମାୟାଧରଙ୍କୁ ଦେଖିଲା ବେଳକୁ ସେ ଅଲଗା ଦିଶିଲେ ।

Digitized by srujanika@gmail.com

ଅଲଗା ଲାଗିଲେ ଏପରି ଦେଖିବାରେ ଦୂରତା ଥିଲା, ଭିନ୍ନତା ଥିଲା ମାତ୍ର ଆନ୍ତରିକତାର ଅଭାବ ଥିଲା । ଦେଖିବାର ଭଙ୍ଗୀକୁ ନିର୍ଦ୍ଦିଷ୍ଟତା ଛାଇଯାଇଥିଲା । ମୁକ୍ତ ମନରେ ନଦେଖି ଏକ ନିର୍ଦ୍ଦିଷ୍ଟ ନୂଆ ଢ଼ଙ୍ଗରେ ଦେଖିବାର ମୋହ ବୋଧହୁଏ ମୋତେ ପ୍ରଭାବିତ କରିଥିଲା । ଆମେ ଆଧୁନିକ ହୋଇଗଲୁ । ଆଧୁନିକର ଆଖିରେ ସେ ଦିଶିଲେ 'ରୋମାଣ୍ଟିକ' ପରି । ଆଉ ଏଠାରେ ରୋମାଣ୍ଟିକର ଅର୍ଥ ହେଲା ଆବେଗାଶ୍ରୟୀ କଳ୍ପନା ବିଳାସୀ, ବାସ୍ତବ ବୀମୁଖ ପଳାୟନ ପନ୍ଥି । ଏପରି ମାୟାଧର କବିତାରେ ପ୍ରେମ ଦିଶିଲା କେବଳ ଚପଳ ଆବେଗ, ଗଭୀରତା ହୀନ ଭାବ ପ୍ରବଣତା । ମାତ୍ର ଏପରି ବିଚାର ଅପୂର୍ଣ୍ଣ ଏବଂ ସୀମିତ । କାରଣ ପ୍ରଜ୍ଞା-ପ୍ରବଣ ମୋ ମନ ବାହାରେ ଆଉ ସବୁତ ସେତେବେଳେ ଭାବ ପ୍ରବଣତାରେ ଦୁଷ୍ଟ ।

ଏହିପରି ଏକ ପାଶ୍ଚାତ୍ୟ ଆଧୁନିକ କାବ୍ୟାଦର୍ଶର ଅଶରୀର ପ୍ରଭାବ ବଳୟ ଭିତରେ ମୁଁ ଲେଖା ଆରମ୍ଭ କରିଥିଲି । ବାସ୍ତବତା ନାମରେ କବିତାକୁ ଯୁକ୍ତି ଜର୍ଜରୀତ, ପ୍ରଜ୍ଞା ପ୍ରପିଡ଼ୀତ କରି ଆବେଗ ଆଉ କଳ୍ପନାକୁ ଗୌଣ କଲି । ଆଧୁନିକତା ପାଇଁ ପ୍ରେମ, ଏପରିକି ଯୌବନର ଉଦ୍ଦାମ ପ୍ରେମକୁ ଚିନ୍ତା ଆଉ ଦର୍ଶନ ଦ୍ୱାରା ଭାରାକ୍ରାନ୍ତ କରିଦେଲି । ପ୍ରେମକୁ ତାର ସ୍ୱାଚ୍ଛନ୍ଦ୍ୟ ଏବଂ ଉଷ୍ଣତାରେ ପ୍ରକାଶ ନ କରି ଯୁକ୍ତି ଦ୍ୱାରା ବିଶ୍ଳେଷଣ କଲି । ପ୍ରେମ ଆଦି ରସ ନହୋଇ ବୁଦ୍ଧିର କସରତ ହୋଇଗଲା । ଅର୍ଥାତ୍ ପ୍ରେମିକ ସବୁ ବୁଢ଼ା ପାଲଟି ଗଲେ । ହୃଦୟର ଆବେଗ ଆଉ ଉଚ୍ଛ୍ୱାସ ତତ୍ତ୍ୱରେ ପରିଣତ ହୋଇଗଲା । ସେହି ସମୟରେ ମୋତେ ଜଣେ କହିଥିଲେ ମାୟାଧରଙ୍କ କବିତାରେ ଗଭୀରତା ନାହିଁ । ପ୍ରେମର ବିଭିନ୍ନ ଦିଗ ନାହିଁ। ଖାଲି ମଧ୍ୟ ଯୁଗୀୟ ସେଣ୍ଟିମେଣ୍ଟର ପିଲାଳିଆ ରୂପ । ଗୋଟିଏ ଭାବ ପ୍ରବଣତା ଯଦି କେବଳ ପ୍ରବଣତାରରେ ହିଁ ବାନ୍ଧି ହୋଇଯାଏ ତେବେ ତାହା ସଚେତନ ମନରେ ରେଖାପାତ କରିବାରେ ଅକ୍ଷମ ହୋଇପାରେ । ମାତ୍ର ଯେତେବେଳେ କୌଣସି ଆବେଗ, ଅନୁଭୂତିର ଗଭୀରତାରେ ପରିଣତ ହୁଏ ସେଥିରେ ଆସେ ଉଷ୍ଣତା ଏବଂ ସତ୍ୟଶୀଳତା । ପ୍ରେମ, ବିଶେଷତଃ ଯୌବନର ପ୍ରଥମ ପ୍ରେମର ଆବିର୍ଭୂମିତ ପ୍ରବଣତା ଆବେଗ ଏବଂ ଉଚ୍ଛ୍ୱାସ । ଏହା ଏକ ପ୍ଲାବନ ଏହି ପ୍ଲାବନର ବର୍ଣ୍ଣନା ହିଁ ସେପରି ପ୍ରେମର ସତ୍ୟଶୀଳତା । ଏହି ସତ୍ୟର ମହକ ଉଠେ ମାନସିଂହଙ୍କ ଧୂପରୁ। ଏ ମହକ ଭିଜା ମାଟିର ମହକ, ଏହାର ଉଷ୍ଣତା ଖର ଶ୍ୱାସର ଉଷ୍ଣତା । ଏହା ମନ

ପ୍ରାଣକୁ ଛାଇଯାଏ ମହକାଇ ଦିଏ । ପାଠକକୁ କ୍ଷଣିକ ପ୍ରେମିକଟିଏ କରିଦିଏ । ମାୟାଧରଙ୍କ କବିତାରେ ତେଣୁ କଣ ନାହିଁ ନୁହେଁ, କଣ ଅଛି ଆଉ କେମିତି ଅଛି ତାକୁ ହିଁ ଖୋଜିଛି ।

ଏପରି ଅନୁଭବ ଠାରୁ ଦୂରେଇ ଯାଇଥିଲି ମୁଁ । ଦୂରେଇ ଯାଇଥିଲା ମୋ ପୃଥିବୀ । ମାତ୍ର ଆଜି ସେଦିନର "ଆଧୁନିକ" ପୃଥିବୀ ପାଖରୁ ବହୁତ ଦୂରକୁ ଆସି ପୁଣି ଥରେ ମାୟାଧରଙ୍କୁ ପଢ଼ିଲା ବେଳେ ସେ ନୂଆ ଲାଗନ୍ତିନି, ଭିନ୍ନ ଲାଗନ୍ତିନି, ଘସରା ବି ଲାଗନ୍ତିନି । ସେ ଲାଗନ୍ତି ସବୁ ଦିନର, ସତିଆ । ଏହାହିଁ ତାଙ୍କ କବତାର ମାୟାଧରତ୍ୱ । ତାଙ୍କ 'ଧୂପ' ର ପ୍ରେମ ଆସେ ପ୍ଲାବିତ କରି ଦେହ ଆଉ ମନ ! ତାହା ଚପଳ । ଏହି ଚପଳତା ହିଁ ତାର ସତ୍ୟତା । "ପ୍ରଣୟ ହାୟ ସଖି ଚପଳ ଅତି / ବତାସ ପରି ଆସେ / ନିଖିଳ ପ୍ରାଣ ଗ୍ରାସେ / ଫେରିଲା ବେଳେ ଯାଏ ନିଭାଇ ବତି / ପ୍ରଣୟ ହାୟ ସଖି ଚପଳ ଅତି ।"

କବି ତାଙ୍କର ପ୍ରିୟାକୁ ସଂବୋଧନ କରନ୍ତି 'ରାଣି' ମାନସି, ସଖି ବୋଲି। ପୁଣି ସେ ସମ ବୟସି । ଏ ଦୁହିଁଙ୍କର ସମ୍ବନ୍ଧ ଆତ୍ମିକ ଏବଂ ଗ୍ରହଣ ନୁହେଁ ତ୍ୟାଗ ଉପରେ ପ୍ରତିଷ୍ଠିତ । ଏହାଙ୍କର ମିଳନ 'ହୃଦୟେ ହୃଦୟ ମିଶିବାକୁ ଗଲେ / ଧର୍ମ ରହେନା ପୁଣି ମହୀତଳେ ।" ଏପରି ସମ୍ବନ୍ଧରୁ ହିଁ କବି କହିପାରନ୍ତି – "ନୟନୁ ଯାହାର ଲୋତକ ମୋ' ପାଇଁ ବହିଲା ମୋ' ନୟନେ ସେ ତ ପରମ ପୂଜ୍ୟ ମହିଳା... ।" ତେଣୁ ଏପରି ସମ୍ବନ୍ଧ ଦେହର ଅର୍ଗଳି ଭିତରେ ସୀମାବଦ୍ଧ ନୁହେଁ । ଏହା ମମତା, ସ୍ନେହ, ପ୍ରେମ, ତ୍ୟାଗ ସବୁର ମିଶ୍ରଣ । ଏକ ଅନନ୍ୟ ଆତ୍ମବୋଧ । ସାମାଜିକ ନୀତି ଦ୍ୱାରା ? ? ଫଳରେ ସାଧାରଣଙ୍କ ଦ୍ୱାରା ଏହା ଗୃହୀତ ହୁଏନାହିଁ । ତାଙ୍କ ମନରେ ଉଠେ ନୀତି, ଅନୀତିର ପ୍ରଶ୍ନବାଚୀ ?

"ସ୍ନେହର ମୂଲ୍ୟ ନିର୍ବୋଧ ଦେଇ ପାଶୋରି ଦେହର ମୂଲ୍ୟ ଧରି ଅଛି ସେଗୋ ଆବୋରି / ସ୍ନେହ ଯେ ଜୀବନେ କରିଦିଏ ପାପ ମାର୍ଜଣା; / ନାହିଁ ଜାଣେ ସଖି, ମୂର୍ଖ ଜନତା / ପାପ ବୋଲି କହେ ପ୍ରଣୟ-ମମତା ... ।" ତେଣୁ ଏପରି ପ୍ରେମରେ ଗର୍ବିତ କବି କେବଳ କହି ପାରିବେ – 'ଆଦରେ ଆର୍ଦ୍ର ହେଉ ମୋର ପାପ-ରଜନୀ / ପାପ ଦେଇ ମୋତେ ପୀୟୁଷ ପିଆଅ ସଜନି !' ଏ ପ୍ରେମ ଦେହରେ ନୁହେଁ, ଏହା ଦେହାତୀତ ମାତ୍ର ଦେହ ହୀନ ନୁହେଁ ଏ ପ୍ରେମ ପାପ ଗରଳ

Digitized by srujanika@gmail.com

ସୃଷ୍ଟି କରେନି । ସୃଷ୍ଟି କରେ 'ପୀୟୁଷ' । ଏହି ଅମୃତମୟ ପବିତ୍ର ପାପର ପୂର୍ଣ୍ଣତା ଆସେ ପ୍ରିୟା ପାଖରେ ପ୍ରେମିକର ସଂପୂର୍ଣ୍ଣ ଆତ୍ମସମର୍ପଣରେ । ଏଠାରେ ପ୍ରେମିକ ଅହଂର ନିଜସ୍ୱ ସତ୍ତା ହରାଇ ପ୍ରିୟା ଠାରେ ଏକୀଭୂତ ହୋଇ ନୂଆ ପୂର୍ଣ୍ଣତା ଲାଭ କରେ ନୂତନ ଅହଂ । ଏହି ପୂର୍ଣ୍ଣତାର ଅନୁଭବ ପାଇଁ ସବୁକିଛି ଦେଇ ଦେବାକୁ ପଡ଼େ । ମିଳେ ସୁଖ, ଦୁଃଖ ରୂପରେ । ସେଥି ପାଇଁ ତ "ଭେଟୁ ଭେଟୁ ଦୁହେଁ ସରମ ଛାଡ଼ିଲୁ ପ୍ରଣୟ ପାଇଁ" ଆଉ ମିଳିଲା "ଜୀବନଟା ଯାକ ସହିବାକୁ ହେଲା ମିଳନ ଦାଉ ।" ଏହି ପ୍ରଣୟ ଦାଉ ସାଧେ ଅଶ୍ରୁର ଆନନ୍ଦ ଦେଇ । "ପ୍ରଣୟ ତୁମର ପାଏ ସେ ଅଶ୍ରୁତଳେ ।" କିଂବା "ପୀରତିରେ ଏତେ ବେଦନା ନ ଥିଲି ଜାଣି / ବେଦନାରେ ପୁଣି ସୁଖ ମିଳେ ଏତେ ରାଣୀ/ପ୍ରିୟା ଗୋ ମୋର /କିବା ଦେଲ ମତେ ପ୍ରଣୟର ବାଣ ହାଣି" ।

ପ୍ରେମର ଏହି ଦୁଃଖର ଆନନ୍ଦକୁ କବି ଅମୃତ ବୋଲି ଗ୍ରହଣ କରେ । ତାକୁ ସ୍ୱାଗତ କରେ । ଏଇ ପ୍ରେମ ସଂପର୍କରେ 'ପ୍ରେମର ଯଜ୍ଞ' ଯେଉଁଠି ଜଳୁଛି ବ୍ୟଥାର ନିର୍ମମ ଅଗ୍ନି' । ଏହି ଅଗ୍ନି ହିଁ ତ ଚନ୍ଦନ । ସେହିଁ ଦହନର ଉପସମ । ତେଣୁ କବିଙ୍କ ପାଖରେ - "ନାହିଁ ସଖୀ ନାହିଁ । ଚାହେଁ ମୁଁ ପରମ ବ୍ୟଥା / ନୟନେ ଲୋତକ, ମୁଖେ ଅବ୍ୟକ୍ତ କଥା, / ପ୍ରିୟାଗୋ ମୋର / ତହିଁରେ ପାଏ ମୁଁ ପୀରତିର ସଫଳତା ।" ତେଣୁ ଏପରି ପ୍ରେମରେ ବ୍ୟଥା ଓ ବିରହର ଅଙ୍ଗାଙ୍ଗୀ ବ୍ୟଥା ଜ୍ୱଳନ । ଫଳରେ କବିଙ୍କ ପାଖରେ ତାଙ୍କ ପ୍ରେମ ଦଗ୍ଧ ଜୀବନ ହେଉଛି "ବୈଶାଖ କାନନ" ଯଜ୍ଞ କୁଣ୍ଡ କିଂବା 'ଦଗ୍ଧ ବୃକ୍ଷ' । ତଥାପି ଏହା ଆଣି ଦିଏ ଜୀବନରେ ପୂର୍ଣ୍ଣତା ଆଉ ଏ ପୂର୍ଣ୍ଣତା ଆସେ- "ପାପ କି ପୁଣ୍ୟ ବୁଝେ ନାହିଁ ପ୍ରିୟା / ପ୍ରଣୟ ତାର / ସେ ଖାଲି ଜାଣଇ ପ୍ରିୟା ଲାଗି ତାର / ଲୁହେ ଦେବାର /" ଏପରି ଲୁହେ ଢ଼ାଳିବାର ଯୋଗ୍ୟତାର ପଟାନ୍ତର ନାହିଁ । ଏହାହିଁ ପ୍ରେମର ସାର୍ଥକତା- "ଉପଭୋଗ ପ୍ରଣୟର / ତାହା ଠାରୁ ବଳି ନାହିଁ ପ୍ରିୟତମ / ପବିତ୍ର ମନୋହର" ।

ବିରହ ତେଣୁ ପ୍ରେମର ଏକ ଦିଗ । ଏହା ପ୍ରେମକୁ ପୂର୍ଣ୍ଣ କରେ ଗାଢ଼ କରେ ପୁଣି କବିଙ୍କ ଭାଷାରେ ପବିତ୍ର କରେ । ମିଳନ ଯେତେ ନିବିଡ଼ ହେଲେବି ତହିଁରେ ଥାଏ ଦୂରତା, ସେ ଦୂରତା ଦେହର । ମାତ୍ର ବିରହ ତ ସବୁ ବ୍ୟବଧାନର ଅବସାନ । ଶରୀରର ଅନୁପସ୍ଥିତିରେ ପ୍ରେମର ସ୍ଥାନ ହୃଦୟରେ । ସେ ହୋଇଯାଏ

Digitized by srujanika@gmail.com

ସର୍ବବ୍ୟାପୀ "ମିଳନର କାଳେ / ଯେତେ ପାଖେ ଆସ / ଥାଏ ଦେହ ବ୍ୟବଧାନ, / ବରହରେ ପ୍ରିୟ !" "ମିଶି ଯେ ଯାଇଛ ଚିତ୍ତୋମମ" ତେଣୁ "ଅନ୍ତରେ ଯାର ନିବାସ ତାର ତ / ଦୂର ବା ନିକଟ ନାହିଁ । ତେଣୁ ସେ କିଶୋରୀ ମରମରେ ରହି / ମାରୁ ଅଛି ଅହରହ, / ବିଫଳ କହିବା ସିନା ତାକୁ ସତେ / ଦୂରେ ରହ ଦୂରେ ରହ ।" ତେଣୁ ବିରହ ହିଁ ତ ମିଳନର ନିବିଡ଼ ସ୍ୱୀକୃତି । ଅନୁପସ୍ଥିତି କିମ୍ବା ଦୂରତାର ଅର୍ଥ ପ୍ରେମ ପାଖରେ କିଛି ନାହିଁ । ଏହା ହୃଦୟର ଦିଆ ନିଆ । ଜଣଙ୍କଠାରେ ଅନ୍ୟଜଣଙ୍କର ଆତ୍ମ ସମର୍ପଣ । ତେଣୁ ପ୍ରେମ ଅନୁଭବ ପବିତ୍ର ତୀର୍ଥ ଯାତ୍ରା । "ତୀର୍ଥ ଟି ତହିଁ, ମାନବର ହିୟା / ଯଦି ଦିଏ ଆଉ ନିଏ ।" ଏହି ପ୍ରେମ କବିକୁ ଦେଲା ନୂଆ ରୂପ । "ସ୍ନେହ ତାର ମତେ ଦେଲା ନୂଆ ଅବତାର ।" ଏବଂ ପ୍ରିୟାର ଯୋଗ୍ୟ ହେବା ପାଇଁ ସେ ସବୁ ସହିବେ । ତା ପାଛର ଘାସ, ତା ବନ୍ଦୀଶାଳାର ପଥର ଚଟାଣ । କାରଣ ପ୍ରେମ । ମଙ୍ଗଳମୟ- "ସେଇ ମଙ୍ଗଳେ ବିଶ୍ୱାସ ମୋର ବଢ଼ / ସେଇ ସ୍ନେହ ଆଉ ନାହିଁ / ପବିତ୍ର ତର ସେହି ପ୍ରେମ ମତେ ଜୀବନ ଦେଇଛି ଆଜି / ବୀର ସମ ବାହି ଯିବି ଦୁର୍ଦ୍ଦିନ ରାଜି ।

କବିଙ୍କର ଏ ପ୍ରେମୋଚ୍ଛ୍ୱାସ ଏକ ଆତ୍ମିକ ଅନୁଭବ – ଏକ ନିଜସ୍ୱ ପୃଥିବୀ। ତାର ହସ, କାନ୍ଦ, ମିଳନ, ବିଚ୍ଛେଦ ସବୁ ନିଜସ୍ୱ । ଏହାର ରଜୁପଣକୁ ବାହ୍ୟ ସମାଜ ବୁଝିପାରେନା, ଗ୍ରହଣ କରିପାରେ ନା । ଏ ଅନୁଭବ ଏତେ ଏକାନ୍ତ ଯେ ଦୁଇଟି 'ମୁଁ' ର ବାହାରେ ଏହାର ଅସ୍ତିତ୍ୱ ନାହିଁ । ଏ ଉଚ୍ଛାସର ନିବିଡ଼ତା ଭିତରେ ସମୟ ମଧ୍ୟ ପଙ୍ଗୁ ହୋଇଯାଏ । କାଳ ଦେହକୁ ଖାଇଯାଏ ସିନା ପ୍ରେମକୁ ନୁହେଁ। ଗୋଟିଏ ମୁହୁର୍ତ୍ତରେ ଅନନ୍ତ କାଳ ଧରା ଦେଇପାରେ । ଗୋଟିଏ ଚୁମା ଭିତରେ ରହିଯାଇପାରେ ସାରା ସୃଷ୍ଟିର ରହସ୍ୟ । ତେଣୁ ଜରାମୃତ୍ୟୁ ଅର୍ଥହୀନ ଏ ପ୍ରେମ ଯେମିତି ମୁହୁର୍ତ୍ତେ ଚିରଂତନତା, ନିମିଷେ ଅମରତ୍ୱ । ତେଣୁ ଏ ପ୍ରେମ ଜୀବନର ଅର୍ଥ, ତାର ପୂର୍ଣ୍ଣତା । ଜରାଆଉ ମୃତ୍ୟୁ କାତର ନୁହେଁ – ଏହା ମୃତଞ୍ଜୟୀ ଏହା ତ୍ୟାଗ କରିଆରେ ମହାଗ୍ରହଣ । ମୃତ୍ୟୁକୁ ଜିଣି ଯିବାର ବହପ ।

"ଶୁଣିବ ଯେବେ ପ୍ରିୟା ଗୋ ମୋର / ପ୍ରଣୟୀ ତବ ଜଗତେ ନାହିଁ / ଆସିବ ମୋର ଭସ୍ମ ପାଶେ / ଦେବ ହେ ତାରେ ଦେହର ଛାଇ / ପାରିବ ଯଦି ଭସ୍ମପରେ / ପଦ୍ମ ପାଦ ଚାଳିବ ଧିରେ / ଜୀବନ ପୁଣି ଲଭିବି ସଖି / ନିଶ୍ଚୟ ମୁଁ

Digitized by srujanika@gmail.com

ମରଣ ତୀରେ ।”

ଧୂପ ଯୌବନର ଉଚ୍ଛ୍ୱାସର ଉଚ୍ଚାରଣ । ଏଥିରେ ପ୍ରେମର ଉଦ୍ଦାମତା ଅଛି ମାତ୍ର ବ୍ୟଭିଚାର ନାହିଁ । ଯୌବନରେ ପୃଥିବୀ ପ୍ରେମମୟ ସବୁଠି ପ୍ରେମ ସବୁଠି ସୌନ୍ଦର୍ଯ୍ୟ । ଯୁବକର ହୃଦୟ ଯେମିତି “ଅଳ ଜଳଧି ଏ ରହିଛି କୂଳ ଭରି / ବହିବ ବୁକୁପରେ ଲକ୍ଷ କୋଟି ତରୀ” । ଏହି ବିପୁଳତା ଏହି ବିଶାଳତା ହେଉଛି କବିର ହୃଦୟ । ମାତ୍ର ଏପରି ରସ ଶିକ୍ତ ହୃଦୟରେ କେବଳ ଜଣକର ‘ତୁମେ’ ଡ଼ାକ ଆଲୋଡ଼ନ ସୃଷ୍ଟିକରେ । କବି ଏହି ଆତ୍ମିକ ଆଲୋଡ଼ନର ବିଭିନ୍ନ ସୂକ୍ଷ୍ମତାକୁ ପ୍ରକାଶ କରିଛନ୍ତି କେତେବେଳେ ବିରହ ତ କେବେବେଳେ ଅଭିସାରିକାର ଆଗମନ। ହୃଦୟର ଆବେଗ ସୃଷ୍ଟି ହୋଇଛି ପ୍ରକୃତି ଜରିଆରେ । ପ୍ରକୃତି ପରିବେଶ ସୃଷ୍ଟି କରେ । ପ୍ରଣୟାନୁଭବର ଅଂଶ ହୋଇଯାଏ । ମଳୟ ପରଶରେ ‘ଚାନ୍ଦିନି ରାତି ମାତି ଉଠେ । ଜ୍ୟୋସ୍ନା ଆଉ ସହକାରର ଛାୟା ମାୟା ସୃଷ୍ଟି କରେ । ଆଉ ଏପରି ମାୟା ଜଗତରେ ଦୁଇଟି ଦେହ ଆଉ ମନ ହଜିଯାଏ ସତ୍ୟର ମାୟାରେ ପୁଣି ମାୟାର ସତ୍ୟ ଭିତରେ । ସେହିପରି ଆଷାଢ଼ ଅଭିସାର, ଆଉ ‘ବର୍ଷା ବିରହ’ କବିତା । ପ୍ରକୃତି ଏକାକାର ପ୍ରଣୟ ସହିତ । ପ୍ରକୃତି ଯେପରି ହୃଦୟର ଦର୍ପଣ। ପ୍ରେମ ଯେପରି ପ୍ରକୃତି ପରି ଉଦାର ଏବଂ ନିସ୍ୱାର୍ଥପର । “ପ୍ରିୟା ସ୍ନେହ ଖାଲି ମୋର ଯାଚନା ।” ଏହାହିଁ ଏକମାତ୍ର କାମ୍ୟ ଏପରି ଜଗତରେ । ଏହା ଆକର୍ଷଣ ଆଉ ସମର୍ପଣ ଉପରେ ପ୍ରତିଷ୍ଠିତ । ଏହା ପରକୀୟା ନୁହେଁ ଏହା ଯୌବନ ଓ ତାର ନିର୍ଯ୍ୟାସ ପ୍ରଣୟ । ଏଥିରେ ଅଧିକାର ଅବା ପ୍ରାପ୍ତି ନାହିଁ । ଅଛି ପ୍ରଭାତର ଆଶାରେ ରାତ୍ରିର ସ୍ୱୀକୃତି ।

‘ଧୂପ’ର କବିତାରେ ପ୍ରଣୟର ନୂଆ କାକଳୀ । ବୈଷ୍ଣବୀୟ ତାତ୍ତ୍ୱିକତା ଏବଂ ଅମାନବୀୟ ଆଧାତ୍ମିକତାର କୋଷା ଭିତରୁ ଯେପରି ପ୍ରଜାପତି ପରି ବାହାରି ଆସିଛି ମାନବୀୟ ପ୍ରେମର ଉଚ୍ଛ୍ୱାସ – ଇନ୍ଦ୍ରୀୟ ଆଶ୍ରିତ ଅବଶ୍ୟ ମାତ୍ର ଇନ୍ଦ୍ରିୟ ସର୍ବସ୍ୱ ନୁହେଁ । ଏ ପ୍ରେମ କଳ୍ପନା ଜରିଆରେ ଏକ ଆତ୍ମିକ ଜଗତକୁ ସୁରଭିତ କରେ ଯେଉଁଠି ପାପ, ପୂଣ୍ୟ ନୁହେଁ ଖାଲି ଅଛି ପ୍ରେମ । ପ୍ରେମର ଦହନ । ପ୍ରଣୟର ଭସ୍ମ।

“ମନେ ହୁଏ ଧୂପ ସମ ଦଗ୍ଧ ହୋଇ ବାଷ୍ପ ଯିବି ହୋଇ

Digitized by srujanika@gmail.com

ପ୍ରଣୟର ଅଗ୍ନି ଶେଷ ପ୍ରଣୟର ଭସ୍ମ ଯିବି ହୋଇ ।"

ପ୍ରେମ ଏକ ସ୍ୱୟଂ ସଂପୂର୍ଣ୍ଣ ଅନୁଭୂତି । ପ୍ରେମ, ପ୍ରେମ ବ୍ୟତୀତ ଆଉ କିଛି ଦିଏ ନାହିଁ । ଏଥିରେ ଜଳିଯିବା ହିଁ ପ୍ରେମତ୍ୱ । ଯେପରି ଜଳି ଯିବାରେ ଧୂପର ଧୂପତ୍ୱ। ପ୍ରେମର ଭସ୍ମ ବି ପ୍ରେମ । ପୂର୍ଣ୍ଣତାର ବିଭୁତି ।

ମାୟାଧରଙ୍କ ପାଖରେ ପ୍ରେମ ଏକ ଧାରା । ଏହା ଏକ ତୀର୍ଥ ଯାତ୍ରା । ଉଚ୍ଛ୍ୱାସ ରୁ ଆରମ୍ଭ ହୋଇ 'ଅଙ୍ଗୀକାର' ବୋଧରେ ସରେ । ଦେହରୁ ଆରମ୍ଭ ହୋଇ ଆଗେଇ ଯାଏ ଦେହାତୀତ ଆଡ଼କୁ । ସେ ହୋଇଯାଏ - "ରୂପପର ଥିଲା ଦିନେ ଆଜି ରୂପୋତ୍ତର ।" 'ଧୂପ' ପରେ କବିଙ୍କର 'ହେମଶସ୍ୟ' ଏହି ଯାତ୍ରାର ସୂଚକ । ଏଠାରେ ପ୍ରଣୟ ପରିଣତ ହୋଇଛି ପରିଣୟରେ । ପ୍ରଣୟର ଶ୍ରାବଣୀ ଆବେଗ ହୋଇଯାଇଛି ଧୀର ଓ ଗହୀର । ଧୂପର ନାୟିକା ସହ 'ହେମଶସ୍ୟ'ର ବଧୂର ପାର୍ଥକ୍ୟ ଦୁଇଟି ଅନୁଭୂତିର ପାର୍ଥକ୍ୟ; ପାର୍ଥକ୍ୟ ଦୁଇଟି ଜଗତର ଦୁଇଟି ଚେତନାର । ଏଠାରେ ଗିରିଝରର ଚପଳତା ନାହିଁ, ଅଛି ମନ୍ଥରତା, ଗଭୀରତା । ତେଣୁ ଧୂପର ଛନ୍ଦ, ତାର ଧ୍ୱନି ଏଠାରେ ସନେଟ୍‌ର ସଂଯମ ଭିତରେ ଆବଦ୍ଧ । ଫୁଲ ଉପରେ ଚରକା ପ୍ରଜାପତି ନୁହେଁ, ଏହା ଯେମିତି ପଦ୍ମ ପାଖୁଡ଼ାରେ ଆବଦ୍ଧ ଭ୍ରମର ।

ପ୍ରଣୟରୁ ପରିଣୟକୁ ରୂପାନ୍ତରର ପରିପ୍ରେକ୍ଷୀରେ ପ୍ରେମର ସଂଜ୍ଞା କବିଙ୍କ ପାଖରେ ଗୁରୁତ୍ୱପୂର୍ଣ୍ଣ । "ପ୍ରେମ ନାମ ପରିପୂର୍ଣ୍ଣ ଆତ୍ମ-ସମର୍ପଣ' କିଂବା "ରୂପେ ହେଲେ ଶେଷ / ପ୍ରେମ ନାମ ନୁହେଁ ତାର, ଅନ୍ୟ କି ବିଶେଷ / ନିକୃଷ୍ଟ ସମ୍ଭୋଗ ତାହା" କିଂବା "ସୁଖ ସେ ପ୍ରେମରେ / ଗ୍ରହଣ ନ କରି ଖାଲି ତ୍ୟାଗ ପରସ୍ପରେ ।" ଏହି ପରିପ୍ରେକ୍ଷୀରେ ଅଙ୍ଗୀକାର ହୋଇଉଠିଛି ମୁଖ୍ୟ । ମାୟାଧର ତାଙ୍କ ପ୍ରେମ ଚେତନାର ବଧୂ ଭିତରେ ଅରୋପିତ କରିଛନ୍ତ ପ୍ରିୟାର ଆକର୍ଷଣ । ହେମ ଶସ୍ୟରେ ଧୂପର ଶିହରଣ ନୂଆ ଦିଗନ୍ତର ସନ୍ଧାନ ପାଇଛି । ବିବାହ ଜୀବନର ଦୈହିକତାରୁ ଉର୍ଦ୍ଧ୍ୱକୁ ଟେକି ସ୍ୱପ୍ନହୀନ ବାସ୍ତବତାର ପ୍ରତୀକ ବଧୂକୁ ପୁଣି ଥରେ ପ୍ରଣୟୀର ସ୍ତରକୁ ଉତ୍ତୀର୍ଣ୍ଣ କରିଛନ୍ତି । ଏପରି ପ୍ରଣୟୀ ଇନ୍ଦ୍ରିୟାତୀତ ଜଗତକୁ ଉତ୍ତୀର୍ଣ୍ଣ ହୁଏ, ନିରୀହା ପଲ୍ଲୀବାଳା ଧୀରେ ଧୀରେ ବିଶ୍ୱାସ ଓ ଅଙ୍ଗୀକାର ଭିତରେ କବିଙ୍କୁ ପୁରଷାକାରର ସାମର୍ଥ୍ୟ ଦିଏ । କବି ପୁଣି ଥରେ ହୋଇଯାନ୍ତି ଦେହାତୀତ ପ୍ରେମର ନାୟକ ।

Digitized by srujanika@gmail.com

ଏହାହିଁ କବିଙ୍କର ପରାଜୟର ବିଜୟ । ଏଇଥିପାଇଁ ନାରୀ-ପୁରୁଷର ନିବିଡ଼ ସଂପର୍କର ଉଜ୍ଜ୍ୱଳତମ ପ୍ରକାଶ 'ରୁପାଲୋକ' ନାରୀ ହୋଇଛି ବପୂଳା, ରହସ୍ୟମୟୀ ପୁଣି ନିର୍ମଳ।  ତାର ରହସ୍ୟ, ଦେହର ନଗ୍ନତା, ତାର ସୌନ୍ଦର୍ଯ୍ୟ ପୁରୁଷର ଆବରଣ ଯାହା ଅନ୍ଧକାର ପରି ତାଙ୍କୁ ଢ଼ାଙ୍କି ଦିଏ ।  ଏ ଆବରଣ ପୁରୁଷର ପ୍ରେମ, ତାର ଅଙ୍ଗୀକାର । ବାସର ରାତିର ଘର ମଳିନ ପ୍ରଦୀପର ଶିଖାରେ ସେ ଦିନର ଚାନ୍ଦିନୀ ରାତି ପାରି ମାତି ଉଠିନାହିଁ ସତ ମାତ୍ର ଏହା ଭିନ୍ନ ଏକ ଅବବୋଧରେ ଗୁରୁଗମ୍ଭୀର। ଦେହର କାମନା ବାହାରେ ଦେହଡୋର ଅନୁଭବର ସିନ୍ଦୁରା ଫାଟିବା ।  ଦେହର ଶୀହରଣ ନୁହେଁ ତାର ଚିରଂତନତା, ତାର ରହସ୍ୟର ସତ୍ୟକୁ ଅନୁଭବି ବା ଏହି ସତ୍ୟ ମିଳେ ପୁରୁଷର ନାରୀ ପାଖରେ ସଂପୂର୍ଣ୍ଣ ଆତ୍ମସମର୍ପଣର ବିଜୟ ପାଖରୁ ତାର ଅଙ୍ଗୀକାରରୁ ।  ସେତେବେଳେ ନାରୀ ହୋଇଯାଏ ଅସାମାନ୍ୟା-ଦେହରେ ଏକାକାର ହୋଇଯାଏ ଆକାଶ ପୃଥିବୀ ।  ଉଷା ଆଉ ଅନ୍ଧାର ରାତି ।  ସେତେବେଳେ ପୁରୁଷ ସ୍ୱାମୀ ରୂପରେ କହିପାରେ "ଆସ ପାଶେ ତୁରିତ ଗମନେ / ଆଶ୍ରୟ ତାହାରେ ଦେବି ସ୍ନେହଆବରଣେ" 'ରୂପାଲୋକ' ଏହି ପରିବର୍ତ୍ତିତ ଚେତନାର ଶ୍ରେଷ୍ଠ ପ୍ରତିଧ୍ୱନି, ଏଠାରେ 'ରୂପ' ଆଉ 'ଆଲୋକ' ନୂଆ ସତ୍ୟର ରୂପକୁ ଆଲୋକିତ କରେ । ନାରୀ ପୁରୁଷର ସଂପର୍କକୁ ନୂଆ ସତ୍ୟର ରହସ୍ୟରେ ପୁଣି ଥରେ କରେ ରହସ୍ୟମୟୀ। ଏହି ନୂଆ ସଂପର୍କରେ ନାରୀ ହୋଇ ଉଠେ ଆହୁରି ଗରୀୟାନ୍, ଆହୁରି ରହସ୍ୟମୟୀ। ସେ ଆଦ୍ୟ ଯୌବନର ମାନସୀ ନୁହେଁ ଯିଏକି "ମାନସୀ ଆସନ୍ତା ହଲାଇ ବେଣୀ / ଚତୁରେ ଚଳାଇ ନୟନ ବେନି" ଏ ନାରୀ ଏକ ଅମର ଅସ୍ତିତ୍ୱ ଯାହା ତାର ଦେହ ଭିତରେ ସୀମିତ ନୁହେଁ ।  ଯାର ସଂପର୍କ ଖାଲି ଦେହ ନୁହେଁ ।  ସେ, ଏକ ଉତ୍ତରୀତ ସତ୍ତା ଯା'କୁ ବୁଝିବା ପାଇଁ ଲୋଡ଼ା ଏକ ଭିନ୍ନ ମନ ଆଉ ଚେତନା ଯାହା ସାନ୍ତ ନୁହେଁ ଅନନ୍ତକୁ ଧରିବାର ବହପ କରିବ ଲକ୍ଷେ ଆଖିରେ ରୂପାନ୍ତରିତ ହୋଇ । ଅନୁଭବ କରିପାରିବ ଦେହରୁ ଉତୁରି ମିଶି ପାରିବ ଜ୍ୟୋତ୍ସ୍ନାରେ ଆଉ 'ତାରାରେ ତାରାରେ' ।  ପ୍ରେମ ଏହି ସୌନ୍ଦର୍ଯ୍ୟ ଦିଏ ।  ଏହା ଦେହାତୀତ ।  "ଆସ ଗାଢ଼େ ଭୋଗିବା ଏ ଅତୀନ୍ଦ୍ରୀୟ କାଳ" ।

ମାୟାଧରଙ୍କ ପ୍ରେମ କବିତା ତତ୍ତ୍ୱ କ୍ଲିଷ୍ଟ ମଧ୍ୟ ଯୁଗୀୟ ପ୍ରେମରୁ ମୁକ୍ତି ଦେଇ ମାନବୀୟ ପ୍ରେମର ରସ ଚଖାଇବା ସଙ୍ଗେ ସଙ୍ଗେ ଦାମ୍ପତ୍ୟ ପ୍ରେମରେ ବଧୂ ପାଖରେ

Digitized by srujanika@gmail.com

ରାଧାତ୍ୱ ଆରୋପ କରି ଦେହାତୀତର ସନ୍ଧାନ ଦେବାରେ ଅନନ୍ୟ । ଏହା ତାଙ୍କର ମାୟାଧରତ୍ୱ । ଓଡ଼ିଆ ପ୍ରେମଚେତନାରେ ଏହି ଆତ୍ମିକ ଓଁକାର ନୂତନ । ଏହି ନୂତନତା ହିଁ ଓଡ଼ିଆ ପ୍ରେମ କବିତାକୁ "ଗୋଟିଏ ଗଛର ଜଙ୍ଗଲ"ରୁ ମୁକ୍ତି ଦେଇ ବ୍ୟକ୍ତିଗତ ବୈଚିତ୍ର୍ୟରେ ଭରି ଦେଇଛି । ଭରି ଦେଇଛି ଅନନ୍ୟ ପ୍ରାଣ ପ୍ରାଚୁର୍ଯ୍ୟରେ। ଏପରି ଅହଂ ସଚେତନ କବିଟିଏ ଯେତେବେଳେ କଲମ ଧରିଥିଲେ ସେତେବେଳେ ତାଙ୍କ ପୃଥିବୀରେ ରାଧାନାଥୀୟ ଚେତନା ତଥାପି ଦୁର୍ବଳ ନୁହେଁ, ସତ୍ୟବାଦୀର ଜାତୀୟତାବୋଧ ସବୁଜ ଯୁଗର କଳ୍ପନା ସହ ପ୍ରଗତି ସାହିତ୍ୟର ଧ୍ୱନୀ ଏକାକାର। ଜାତୀୟ ଜୀବନ ଗାନ୍ଧି ଧ୍ୱନିରେ ଧ୍ୱନିତ । ଏ ସବୁର ପ୍ରଭାବ ଏ ତରୁଣ ମନରେ ଗଭୀର ଏବଂ ଏସବୁର ସ୍ୱାକ୍ଷର ତାଙ୍କର କବିତାରେ ବିଭିନ୍ନ ପର୍ଯ୍ୟୟରେ ପ୍ରକାଶିତ। ମାତ୍ର ତାଙ୍କର କାବ୍ୟିକ ମନଟି କଳ୍ପନାସିକ୍ତ ଅହଂ ସଚେତନ । ପ୍ରାଣପ୍ରାଚୁର୍ଯ୍ୟରେ ଭରପୁର ଏ ମନ କଳ୍ପନା ଜଗତରେ ନୂଆ ସତ୍ୟ ଆଉ ସୌନ୍ଦର୍ଯ୍ୟର ସନ୍ଧାନୀ । ବାସ୍ତବ ଜର୍ଜରୀତ ଏ ସଚେତନ ମନ ପରମ୍ପରା, କଳ୍ପନା ପୁଣି ଏକ ଅତୀନ୍ଦ୍ରୀୟ ଜଗତରେ ଜୀବନର ଅର୍ଥ ଖୋଜିଛି । ଆଉ ଏଇ ଅର୍ଥ ଖୋଜିବାରେ ତାଙ୍କୁ ସାହାଯ୍ୟ କରିଛି ପ୍ରକୃତି । ମାୟାଧରଙ୍କ କବିତାରେ ପ୍ରକୃତି ଖାଲି ସୌନ୍ଦର୍ଯ୍ୟର ଗନ୍ଧାଘର ନୁହେଁ । ଏହା ଜୀବନକୁ ବୁଝିବାରେ ପୁଣି ମଣିଷ ମଣିଷ ଭିତରେ ଆତ୍ମିକ ସଂପର୍କ ସ୍ଥାପନ କରିବାରେ ଯୋଗସୂତ୍ର । ଏହା ଆନନ୍ଦ ଏବଂ ସତ୍ୟର ସଂଭାବନାରେ ଉଜ୍ଜ୍ୱଳ । ତାଙ୍କ ପ୍ରକୃତି କବିତାରେ ମୁଖ୍ୟତଃ ଦେଖୁ ଚିଲିକା, ପଲ୍ଲୀ ଏବଂ ବର୍ଷା ଏବଂ ଜ୍ୟୋତ୍ସ୍ନାର ବର୍ଣ୍ଣନା । ମାୟାଧର ଜ୍ୟୋତ୍ସ୍ନାର କବି । ଜ୍ୟୋତ୍ସ୍ନା ତାଙ୍କୁ ମତାଇ ଦିଏ । ଏହି ଜ୍ୟୋତ୍ସ୍ନା ପୁଣି ପାଷାଣ ମୂର୍ତ୍ତିଙ୍କୁ ଜୀବନ୍ୟାସ ଦିଏ । ସ୍ୱପ୍ନକୁ ସତ୍ୟ କରିଦିଏ । ଆଉ ଦେଖାଇ ଦିଏ ବାସ୍ତବତାର ଅନ୍ଧକାର । ଏହି ପ୍ରକୃତି ଦିଏ ଅସୀମର ଆହ୍ୱାନ ପୁଣି 'ସୁଦୂରର ସ୍ୱପ୍ନ' ଯାହା ସୁଚିତ 'ଦକ୍ଷିଣା' ପ୍ରତି କବିତାରେ । "ମହାନଦୀରେ ଜ୍ୟୋତ୍ସ୍ନା ବିହାର' ମାୟାଧରୀୟ ଚେତନାର ଏକ ସଫଳ ପ୍ରକାଶ । ପ୍ରଥମେ ଏହା ଗୋଟିଏ ଜ୍ୟୋତ୍ସ୍ନାରାତିର ବର୍ଣ୍ଣନା । ଜ୍ୟୋତ୍ସ୍ନାର କୁହୁକରେ ମହାନଦୀର ରୂପ ଅତୀତର ସ୍ମୃତି ସହ ଏକ ଅତୀନ୍ଦ୍ରୀୟ ଜଗତ ସହ ମୁଗ୍ଧ ପରିଚୟ । କେବଳ ପ୍ରକୃତି ବର୍ଣ୍ଣନା ନୁହେଁ, କାଳ ଏବଂ ନିଜ ମନ ଭିତରକୁ କବିଙ୍କ ଯାତ୍ରା ପୁଣି ଏକ ଉତ୍ତରୀତ ଚେତନାର ମିଶ୍ରଣରେ ଏକ ସୁନ୍ଦର ଜଟୀଳ

Digitized by srujanika@gmail.com

ଅନୁଭବର ସୁଚକ ଏ କବିତା ।

ଏ କବିତାର 'ଶିଳାଗୃହ-ଅନ୍ଧକାର ବାସୀ' କବି ନିଜକୁ ପାଇଛି ନୀଳ ଜ୍ୟୋତ୍ସ୍ନାର ରୁପ ଲୀଳାର 'ବିପୁଳ ଶୋଭା' ରେ ଏପରି ଶୋଭାରେ ସେ ମୁଗ୍ଧ । ସେ ଦେଖୁଛି ଜ୍ୟୋସ୍ନାର କୁହୁକରେ କିପରି "ପ୍ରକୃତି-ମଧୁର / ହୋଇଛି ମଧୁରତର ତା' ପରଶେ ଜାଗି ।" ପ୍ରକୃତିର ଏହି ସ୍ୱପ୍ନ-ପୁରୀର 'ଚିତ୍ରଗୃହେ' ମୁଗ୍ଧ କବି ନିଜର ଦୀନତା ଆବିଷ୍କାର କରେ । ଅନୁଭବ କରେ ଶିଳାର ଜଗତ ତାର ଅନ୍ଧକାରମୟ। ଏ ମୁଗ୍ଧତା, ଏ ଦୈନ୍ୟ ଆହୁରି ସୁଚାଇ ଦିଏ ତା' ଜନନୀ ଉତ୍କଳର ହତଶିରୀ କଥା। କବି ସମ୍ମୁଖୀନ ହୁଏ ଏକ ବିରାଟ ବିରୋଧାଭାଷ ରୂପେ ଆଗରେ । ଏକ ଦିଗରେ 'ସ୍ୱର୍ଗ ସୁଷମା' ଅନ୍ୟ ଦିଗରେ ଦୁର୍ଦ୍ଦିନ ଗ୍ରସ୍ତ ଅଭିଶପ୍ତା ଉତ୍କଳର ବ୍ୟଥା । କବିଙ୍କ ଆଗରେ ଅତୀତର ଗୌରବ ଝଲସି ଉଠେ । ବାରବାଟୀର ଶିଳା କଥା କହେ ସେ ଦିନର ସ୍ମୃତି କବିଙ୍କ ପ୍ରାଣରେ ଭରିଦିଏ କାଳର କ୍ରୁର ପରିହାସ । ଭିତରେ ସ୍ମୃତିର ଆଲୋଡ଼ନ ବାହାରେ 'କ୍ଲାନ୍ତ ଶିଶୁସମ ଶାନ୍ତ ମହାନଦୀ ଜଳ ।" ଏହାର ମଝିରେ ବାସ୍ତବତାର କ୍ରୁର ସ୍ୱାକ୍ଷର 'ଜୀବନର ହାହାକାର, ପ୍ରାଣର ଦହନ ।' ପ୍ରକୃତିର ବିପୁଳତା, ତାର ମହାନୀରବତା କବିଙ୍କ ପ୍ରାଣରେ ଜଣାଇ ଦେଇଛି ମହା ଅଜ୍ଞାତର ସ୍ପର୍ଶ । ସେ ସ୍ପର୍ଶରେ ସେ ପାଇଛନ୍ତି ସତ୍ୟ, ଶିବ, ସୁନ୍ଦରର ମହା ପୂଜା ବେଦୀ । ଜ୍ୟୋସ୍ନାର ଏହି ମହାଭୋଜୋ' ସେ ସବୁଦିନ ରହିଯିବାକୁ ଚାହିଁଛନ୍ତି । ମହାଅନ୍ଧକାରର ଭୟରେ ନା ତାର ଅର୍ଥହୀନତାରେ ? ମହା ଶବ୍ଦର ବ୍ୟବହାର ଏକ ଗାମ୍ଭିର୍ଯ୍ୟପୂର୍ଣ୍ଣ ସ୍ଥିତିର ସୂଚନା ଦିଏ । ସୂଚନା ଦିଏ ଏକ ଉତ୍ତରୀତ ଅବବୋଧର ।

ଏ କବିତା ଚେତନାର ବିଭିନ୍ନ ସ୍ତରକୁ ଛୁଇଁ ଯାଏ । ପ୍ରକୃତିର ମାୟା ଭିତରେ ଏ କବିତା ଅହଂର ଆବିଷ୍କାର । ଆବିଷ୍କାର ନିଜ ଦୁଃସ୍ଥିତିର ପୁଣି ନୂଆ ଚେତନାର । ଗୁରୁଗମ୍ଭୀର ଛନ୍ଦର ଏ କବିତା ମାୟାଧରଙ୍କ ମାନସିକତାର ପ୍ରତିଧ୍ୱନି। ଏହାର ଭିତରେ ଗୁଣ୍ଠିତ ବାସ୍ତବତା ଠାରୁ ପଳାୟନ ନୁହେଁ । ଏକ ନୂଆ ସତ୍ତାର ଆବିଷ୍କାର ର ସମ୍ଭାବନା । ଏକ ନୂଆ ଅବବୋଧ । ପ୍ରକୃତିର ସୁଷମା ଅସରନ୍ତି ହୁଅନ୍ତା କି ଏପରି ଏକ କାମନା ଶେଷ ପରିଣତି ନୁହେଁ । ଏହା ବାସ୍ତବ ଚେତନା ଦ୍ୱାରା ଋଦ୍ଧିମନ୍ତା ଶେଲିଙ୍କ ପରି ମାୟାଧର ମଧ୍ୟ ପ୍ରକୃତି ଭିତରେ ନିଜକୁ ପାଆନ୍ତି । ବିରହୀ ଘନ ଯେପରି ତାଙ୍କ ପ୍ରାଣର ପ୍ରତିଛବି "ତୁମ ପରି ବନ୍ଧୁ ଘନ ଏ ଦୀନର

Digitized by srujanika@gmail.com

ହଜିଛି ରତନ / ପ୍ରଣୟର ତାରା ଗୋଟି ହୃଦାକାଶ ଲଭିଛି ପତନ ।" ...ହେମ ଶସ୍ୟର ପ୍ରକୃତି କେବେ ସୌନ୍ଦର୍ଯ୍ୟ ନୁହେଁ ପ୍ରିୟାକୁ ବଧୂ କରିବାରେ ସହାୟକ । ଚିଲିକାର ସୌନ୍ଦର୍ଯ୍ୟ ଠାରୁ ବଧୂର କୌତୁହଳ ଅଧିକ । ଏହି କୌତୁହଳ ଅନ୍ୟର ରୁପାନ୍ତର ପାଇଁ କେବଳ ଉପଲକ୍ଷ ନୁହେଁ, ନିଜେ ମଧ୍ୟ ରୁପାନ୍ତରିତ ହୁଏ । ବଧୂ ଓ ପ୍ରକୃତି ଏକ ହୁଅନ୍ତି "ଭାବିଲି ସେ ଏକ ଅଂଶ ସ୍ୱର୍ଣ୍ଣ ହେମନ୍ତର ।" ମାତ୍ର ଏଠାରେ ଏକ ଉତ୍ତରଣର ମାର୍ଗର ସୂଚକ । ପ୍ରକୃତିର ଚେତନାର ବିଭିନ୍ନ ସ୍ତର କବିଙ୍କ କବିତାରେ ରୂପ ପାଇ ତାଙ୍କ ଉତ୍ତରୀତ ଚେତନାର ପ୍ରତୀକ ହୋଇ ଉଠିଛି । 'ସହକାର' 'ଚିଲିକା' 'ମହାନଦୀ' ଜ୍ୟୋସ୍ନା ରାତି, ବର୍ଷା କେବଳ ପ୍ରକୃତିର ଅଂଶ ନୁହଁନ୍ତି, ସେମାନେ କବିମାନସର ଅଂଶ ମଧ୍ୟ । ତାଙ୍କ ପ୍ରେମ ଆଉ ସଂପର୍କ ସହ ଅଙ୍ଗାଗୀ । ପ୍ରକୃତି ହିଁ ତାଙ୍କ ପ୍ରେମର ପୂର୍ଣ୍ଣତା । "ଜ୍ୟୋସ୍ନା ମଳୟରେ ମିଶି ମୁଁ ପ୍ରିୟାରେ / ଦେବି ମୋ ଆଶ୍ଲେଷ ଅଗଣା / ମିଳିଲେ ନୀଳାକାଶେ ତାରାରେ ତାରାରେ / ତୃପ୍ତ ହେବ ଅବଲୋକନ ।" ନାରୀର ରହସ୍ୟମୟତାର ଅସୀମତାକୁ ଅନୁଭବିବାକୁ ହେଲେ ପ୍ରୟୋଜନ ପ୍ରକୃତି ସହ ଏହି ମହାମିଳନ ।

ପ୍ରକୃତି ସହ ଏହି ସଂପର୍କ ଅହଂର ଅନ୍ୱେଷା । ଏହି ଅନ୍ୱେଷାର ଅନ୍ୟ ଏକ ଦିଗ ସ୍ମୃତି । କଳା ସହ ସଂପର୍କ । ସ୍ୱପ୍ନ ସହ ସଂପର୍କ । ସ୍ୱପ୍ନ ଆଉ କଳ୍ପନା ଜରିଆରେ ସୃଜନଶୀଳତାର ରହସ୍ୟର ଅନ୍ୱେଷା । କଳାର ଅବବୋଧ । କୋଣାର୍କ ଏହି କଳା ପୁଣି ସ୍ୱପ୍ନର ପ୍ରତୀକ । କୋଣାର୍କର ସୌନ୍ଦର୍ଯ୍ୟ କବିଙ୍କ ପାଖରେ 'ଅତୀତ'ର ସ୍ମୃତି । ସେ 'ବିଗତ ଯୌବନା' ତଥାପି ସେ ସୌନ୍ଦର୍ଯ୍ୟ ପିପାସୁ ଶିଳ୍ପୀମାନଙ୍କ ପାଇଁ ବିସ୍ମୟ ଚିର କାମ୍ୟ । ତାର ଜନ୍ମ ଲଗ୍ନରେ ବିଶ୍ୱବାସୀ ଚକିତ ପୁଲକେ ସ୍ତମ୍ଭୀଭୁତ ହୋଇଥିବେ । କାରଣ ତାର ସୌନ୍ଦର୍ଯ୍ୟ ଅଜ୍ଞାତ ରହସ୍ୟମୟ । କୋଣାର୍କ । ହେ ଚାରୁଭୈରବ କୀର୍ତ୍ତି ମନୁଷ୍ୟର ପାଖରେ କବିଙ୍କର ମୁଣ୍ଡ ନଇଁଯାଏ ରୂପର ଝଲକ ପାଇଁ । ସେହିପରି ବାରବାଟୀ ପାଖରେ ନଇଁ ଯାଇଛି ଅତୀତର ଗୌରବ ପାଇଁ । କୋଣାର୍କ ସୌନ୍ଦର୍ଯ୍ୟର ପୂର୍ଣ୍ଣତା । ଏଠାରେ କଳ୍ପନା ବାସ୍ତବ ସବୁ ଏକାକାର । ତାର ଭଗ୍ନାବଶେଷ କେବଳ ପୂର୍ଣ୍ଣତାର ସୂଚକ । କୋଣାର୍କ ଆଜି ନଷ୍ଟ 'ଅସ୍ଥିମାଳ' ସତ୍ୟ ମାତ୍ର ସେ ଅସ୍ଥି 'ଲାବଣ୍ୟର' ତା 'ଖଣ୍ଡିତ କଙ୍କାଳ ଶୋଭାର' । କୋଣାର୍କ କବିତାରେ କବି କଳ୍ପନାରେ ଦେଖିଛନ୍ତି ତାର ଅତୀତ ଯୌବନକୁ ।

Digitized by srujanika@gmail.com

ସ୍ୱପ୍ନରେ ବିଭୋର ହୋଇ କେବଳ ତାକୁ କଳ୍ପନାର ବାସ୍ତବତା ବୋଲି ମାନିନେଇଛନ୍ତି । କୋଣାର୍କ ଏପରି ଏକ ସତ୍ୟ ଯାହା କେବଳ କଳ୍ପନାରେ ହିଁ ମିଳିଥାଏ । ଆଜିର ମୁମୁର୍ଷ କୋଣାର୍କ' ସ୍ୱପ୍ନରେ ଜୀବନ୍ତ । ତାର ଅସ୍ତିତ୍ୱ କେବଳ କଳ୍ପନାରେ । ସେ ସତ୍ୟର ସ୍ୱପ୍ନ ନୁହେଁ, ସ୍ୱପ୍ନର ସତ୍ୟ ।" ଏହାହିଁ କଳାର କୋଣାର୍କର ରୂପ -" ପୁଣି ହେବ କଳ୍ପନାର ବାସନାର, ତୀବ୍ର ପିପାସାର/ବସ୍ତୁ ତୁମେ-ବାସ୍ତବରେ କିନ୍ତୁ ଅସଂଭବ ।" ତେଣୁ, କୋଣାର୍କ ଶୀଳିଭୁତ କଳ୍ପନା, ସ୍ୱପ୍ନାୟିତ ଶୀଳା । ଏହାହିଁ ତାର ଏକମାତ୍ର କବିସତ୍ୟ । ଏହାହିଁତ ସୂଚିତ କୋଣାର୍କର ରାସଲୀଳାରେ । କଳ୍ପନା ଜୀବନ୍ତ ହୋଇଛି । କଳ୍ପନା ଜରିଆରେ ଶୂନ୍ୟ ସୁପ୍ତ ମନ ହୋଇ ଉଠିଛି କ୍ରିୟାଶୀଳ ସୃଜନଶୀଳ "ଶୂନ୍ୟ ଏ ବେଳା / କର ସୃଜନରେ ଭରତି ।" କାରଣ କଳ୍ପନାତ ଜଡ଼ ବସ୍ତୁରେ ପ୍ରାଣ ସଞ୍ଚାର କରେ । ସ୍ୱପ୍ନରେ ଭରିଦିଏ ସତ୍ୟ । ତେଣୁ କୋଣାର୍କ କବିଙ୍କ ପାଖରେ "କଳ୍ପନା-ଗଙ୍ଗା" । ଏହି କଳ୍ପନା ଗଙ୍ଗା ମାୟାଧରଙ୍କ କବିତାର ମୂଳ ଉତ୍ସ । ଏହାହିଁ ତାଙ୍କର ନିଜ ଐତିହ୍ୟ ଏବଂ ପାଶ୍ଚାତ୍ୟ ଧାରା ସହ ଯୋଗସୂତ୍ର । ଏହା ବିଳାସ ନୁହେଁ, ଏହା ସୃଜନଶୀଳ ପ୍ରୟୋଜନୀୟତା । ସୌନ୍ଦର୍ଯ୍ୟ ଆଉ ସତ୍ୟକୁ ପାଇବାର ପୁଣି ତାକୁ ନିଜସ୍ୱ ଭାବରେ ରୂପ ଦେବାର ଅନନ୍ୟ ପରଶ ମଣିଟିଏ ।

କବିଙ୍କ ପାଖରେ ପ୍ରକୃତି ଖାଲି ଶୋଭାର ଗନ୍ତାଘର ନୁହେଁ, ଏହାକୁ ଖାଲି ମୁଗ୍ଧ ହୋଇ ବିସ୍ମୟ ଆଖିରେ ସେ ଦେଖିନାହାନ୍ତି କିଂବା ତାର ଶାନ୍ତ ପଲ୍ଲୀକୋଳରେ ଶିଶୁ ମନର ନିରୀହ ଶାନ୍ତି ପାଇନାହାନ୍ତି । ପ୍ରକୃତି କେତେବେଳେ ସଂପର୍କ ସ୍ଥାପନରେ ସହାୟକ ହୋଇଛିତ କେତେବେଳେ ନିରୀହା ପଲ୍ଲୀବଧୂଙ୍କୁ ପ୍ରଣୟୀ କରିବାରେ ସାହାଯ୍ୟ କରିଛି । ଏହା ବ୍ୟତୀତ ପ୍ରକୃତି ଅନ୍ୟ ଏକ ଉତ୍ତରୀତ ସତ୍ତାର ସନ୍ଧାନ ଦିଏ । ତାର ଜାଦୁକରୀ ସୌନ୍ଦର୍ଯ୍ୟ ଈଶ୍ୱରଙ୍କର ଅବତାର ହୋଇଯାଏ । ଜହ୍ନ ରାତିରେ ପାହାଡ଼ ହୋଇଯାଏ-ଚନ୍ଦ୍ରିକା ଚନ୍ଦନେ ଚର୍ଚ୍ଚିତ ନୀଳ କଳେବର ।" ଏପରି ବର୍ଣ୍ଣନା ଆଉ କେଉଁ ସତ୍ତାର ସୁଚନା ଦେଲା ବେଳେ - କୃଷ୍ଣ ହୋଇଯାନ୍ତି ବ୍ୟକ୍ତି ବିଶେଷ ନୁହେଁ ସାରା ବିଶ୍ୱମଣ୍ଡଳର ମାନବିକ ରୂପ, "ଯା' ନୀଳିମା ପରିବ୍ୟାପ୍ତ ମହା ଅନ୍ତରୀକ୍ଷେ / ଯେ ପୀତ -ଦୁକୁଳ ପିନ୍ଧେ ଉଷା, ପ୍ରଦୋଷରେ / ଯା' ଶିରେ ଚନ୍ଦ୍ରିକା-ଗୁଛ, ମେଘ, ବିଦ୍ୟୁତ୍ ବନ୍ତ / ସେ ସୁନ୍ଦର କୃଷ୍ଣ ପଦେ ମୁହିଁ ପୂଜା କରେ ।"

Digitized by srujanika@gmail.com

ପ୍ରକୃତି ପ୍ରତି ଏପରି ଚେତନାରେ ଊନବିଂଶ ଶତାବ୍ଦୀର ଇଂରାଜୀ କବିଙ୍କର ପ୍ରଭାବ ସ୍ପଷ୍ଟ । ତଥାପି ଏଥିରେ ନିହିତ ମାୟାଧରଙ୍କ ନିଜସ୍ୱପଣ । ଏହି ବିଭୂ ଚେତନା ଖାଲି / ପ୍ରକୃତି ନୁହେଁ ବିଭିନ୍ନ ମନସ୍ଥିତିରେ ବି ତାଙ୍କୁ ଆନ୍ଦୋଳିତ କରୁଥିଲା । ବୋଧହୁଏ ବିଭିନ୍ନ ମୁହୂର୍ତ୍ତରେ କବି ସେହି ସତ୍ତାକୁ ପାଇବାର ସ୍ୱପ୍ନ ଦେଖିଛନ୍ତି ଏବଂ ତାଙ୍କରି ଭାଷାରେ ଏହି ସ୍ୱପ୍ନ କବିତାର ମୁଖ୍ୟ ଅଂଶ ହୋଇଯାଇଛି । "ମନୁଷ୍ୟ ଯାହା ପାଇବାର ସ୍ୱପ୍ନ ଦେଖେ ତାହାରି ହିଁ ବର୍ଣ୍ଣନା ହୁଏତ କବିତା । ପୁଣି କବି ଇହ ଜୀବନର ଦୁଃଖ ସୁଖର ଏକ ଭୋକ୍ତା ମାତ୍ର' । ଏଇ ସୁଖ ଦୁଃଖର ଭୋକ୍ତା କବିଙ୍କ ନିରୋଳା ମୁହୂର୍ତ୍ତରେ ସେହି ଈଶ୍ୱର ନାମକ ଅଦୃଷ୍ଟ ପୁରୁଷ କେତେବେଳେ ବୁଦ୍ଧ କେତେବେଳେ ଯୀଶୁ ତ କେତେବେଳେ ଶ୍ରୀକୃଷ୍ଣ । ଏହି ଚେତନା କବିଙ୍କର ଏକ ମୁଖ୍ୟ ଚେତନା । ଏହା କବିମାନସର ଉତ୍ତରଣର ସୂଚକ । ଏଥିରେ ଦର୍ଶନ ଅବା ତତ୍ତ୍ୱ ଆରୋପିତ ନୁହେଁ । ଏହା ଜୀବନନୁଭବ ଏବଂ ସୃଜନଶୀଳତାର ସମନ୍ୱୟରୁ ହିଁ ଜାତ । ଯେତେବେଳେ କବି ନଜକୁ ନିହାତି ଏକାକୀ ଅନୁଭବ କରେ ଆଉ ଅନୁଭବ କରେ କାହାର ସ୍ଥିତି ଆଉ ଅଭାବ ।

"ମୁଗ୍ଧ ହୋଇ ସୃଷ୍ଟି କାବ୍ୟ କରୁଁ ଅଧୟନ / ଫିଙ୍ଗିଲିଣି ବହୁଦିନୁ ତତ୍ତ୍ୱ ବ୍ୟାକରଣ" କିମ୍ବା ମାୟାଞ୍ଜନ ମୋର ଲୋଡା ନାହିଁ, ଯହିଁ ତାହା ତମ-ଛଡ଼ା ।" ଏହି ଚେତନା 'ଜୀବନ ଚିତା' ଏବଂ 'କ୍ରୁଶ' କବିତାରେ ଧ୍ୱନିତ । କ୍ରୁଶର ସନେଟ୍ ଗୁଡ଼ିକରେ ସେହି ଏକାକୀ ପ୍ରାଣର ଅନନ୍ୟ ମୁହୂର୍ତ୍ତର ଦ୍ୱନ୍ଦ୍ୱ ଅତି ସୁନ୍ଦର ଓ ସଂଯତ ଭାବରେ ପ୍ରକାଶିତ । ଏଥିରେ କବି ଚେତନାଟି ନିହାତି ଏକାନ୍ତ । ସେ "ଏକାନ୍ତ ଏକାକୀ ମୁହିଁ ସଙ୍ଗୀହୀନ ପ୍ରାଣୀ" 'କ୍ଳାନ୍ତ ମୁଁ' ପୁଣି ଚିର ବିରହିତ । ସ୍ୱପ୍ନ ତାଙ୍କର ପାଇବାକୁ 'ଶୁଭ ଦୃଷ୍ଟି' । ଦିନେ ବଧୂର ସାନ୍ନିଧ କବିଙ୍କୁ 'ନବ ଦୃଷ୍ଟି' ଦେଇଥିଲା । ଆଉ ତାରି ସାହାଯ୍ୟରେ ସେ ବାହ୍ୟ ପୃଥିବୀକୁ ଦେଖିଥିଲେ । ମାତ୍ର ଆଜିର ଏ ଶୁଭ ଦୃଷ୍ଟିର ଲକ୍ଷ୍ୟ ଭିନ୍ନ ଏକ ଆତ୍ମାନ୍ୱେଷା । ତେଣୁ କବିଙ୍କର 'ଏକାନ୍ତ ଅରକ୍ଷ' 'ନିଃସଙ୍ଗ ଜୀବନ' ପାଖରେ ପ୍ରଣୟର ଅର୍ଥ 'ଆଜି ଭିନ୍ନ ଆଜି ଦେହ ଖୋଜେ ଏକ ଦୁର୍ଲଭ ବିଦେହୀ' ପୁଣି 'ଖୋଜେ ମୁଁ ଅରୂପେ ରୂପ-କ୍ଳାନ୍ତି ନେତ୍ର ଦେଇ / ସ୍ନାତ ହୋଇ ଉଠେ ଗଣ୍ଡ ଅନାସକ୍ତ ନୀରେ ।" ତେଣୁ ତାଙ୍କର କାମ୍ୟ "ସଞ୍ଚିବାକୁ ଚାହେଁ ସେହି ସ୍ୱତନ୍ତ୍ର ଶୂନ୍ୟତା / ତବ ପୂର୍ଣ୍ଣତାରେ ଭରି ଉଠିବ ଯା

Digitized by srujanika@gmail.com

ସତ୍ତା" । ଏପରି ସତ୍ତା କେତେ ଭିନ୍ନ 'ସଂସାର ଗହଳ ଠାରୁ, ତେଣୁ ଆଜି ସେ ଏକା ଏକା ମାତ୍ର ଏକାକୀ ନୁହଁନ୍ତି । ତାଙ୍କ ପାଖରେ ଯେ ଅଛନ୍ତି 'ଚକ୍ଷୁର ଚକ୍ଷୁ, ଶ୍ରୁତି ଶ୍ରବଣର' ଯାହା ସାହାଯ୍ୟରେ ସେ ଖୋଜନ୍ତି ଜୀବନର ଅର୍ଥ ମରଣ ମର୍ମରେ। ଅପୂର୍ଣ୍ଣତା ଖୋଜେ "ମଧୁର ପୂର୍ଣ୍ଣତା" । ଏହି ମଧୁର ପୂର୍ଣ୍ଣତା ପ୍ରାପ୍ତି ନୁହେଁ; ଏହାର ସନ୍ଧାନ ହିଁ ଆନନ୍ଦ । ଅମୃତ । ତେଣୁ 'ସତ୍ୟ ବୋଲି ଜାଣିଲେ ହେଁ ରହ ହେ ଅଜ୍ଞାତ / ସନ୍ଧାନର ସୁଖ ପାଏଁ ଜନ୍ମେ ଜନ୍ମେ ନାଥ । କାରଣ 'ପରମ ସୁଖଦ ଖାଲି ଚାହିଁବା ସୁନ୍ଦରେ । ଆଉ ସେଇଥି ପାଇଁ "ଗରୀ ଚାଟି କରେ ଠିଆ ନବ ବସ୍ତ୍ରରେ / ତେହ୍ନେ ପଙ୍ଗୁ ଦେହେ ବାହୁ ତବ କୃପା କର ।" ଏ ବିଭୁ ସଂପର୍କ ଏକାନ୍ତ ଆତ୍ମିକ। ଏହା ଯେମିତି ଏକ 'ଗୋପନ ପ୍ରଣୟ' । ଏ ସଂପର୍କରେ ବଧୂ ପ୍ରଣୟିନୀ ସହ ଆଉ ଏକ କା' କବିଙ୍କ ମନ ଧରି ରଖେ । ତା ହେଉଛି ଶିଶୁର ସରଳତା ନିରୀହତା । ତେଣୁ ଶିଶୁ ଚିତ୍ରକଳା ବାରଂବାର ଆସିଥାଏ । ଏ ସଂପର୍କ ଅନାବିଳ। ଏହି ଅନାବିଳ ସଂପର୍କ ହିଁ ବିଶ୍ୱବୋଧ । ସେଇଥିପାଇଁ "ହେ ଶିଶୁ ସ୍ୱଭାବ-କବି-କିଛିଯେ ବୁଝେନା" । ଏହି ଚେତନା ଭିତରେ ଆସେ ଜୀବନର ପ୍ରତୀକ 'ହଂସ' ଏହା ବି ପୁଣି ଆତ୍ମା । ସେ ନିରୀହତାର ଆକ୍ଷିରେ ନିଜକୁ ଦେଖେ ଆଉ ଦେଖେ ବିସ୍ମିତ ଆକ୍ଷିରେ ତାକୁ ଘେରିଥିବା ବିପୁଳ ସୃଷ୍ଟି ଯାହାର ଅଂଶ ସେ ନିଜେ । ତାରି ଭିତରେ ପୁଣି ଗୁମ୍ଫିତ ଅନନ୍ତ ବିଶ୍ୱ । ଏହି ଅବବୋଧ ମନରେ ଆଣେ ପ୍ରଶାନ୍ତି । ଏହାହିଁ କବିଙ୍କ 'ଅନ୍ତରାଲୋକ' ।

"ବିରାଟକୁ ଦେଖି ପାରି ଆପଣା ଅନ୍ତରେ
ଜୀବ-ହଂସ ଆତ୍ମ-ସରେ ଖେଳେ ସନ୍ତୋସରେ"

ଶ୍ରୀକୃଷ୍ଣ ରୂପି ବିଶ୍ୱ ପୁଣି 'ଚନ୍ଦ୍ରିକା ଚର୍ଚ୍ଚିତ ନୀଳ କଳେବର' ପର୍ବତ ସହ ଏକ ହୁଏ ଜୀବ ହଂସ । ସବୁ ଦୂରତା ଭାଙ୍ଗିଯାଏ । ଏହା ଏକ ଏକୀଭୂତ ସତ୍ତା । ଆନନ୍ଦର ସ୍ଥିତି । ପ୍ରତ୍ୟେକେ ଏକ ଗୋପନ ଈଶ୍ୱର', ଏହି ଈଶ୍ୱର ବୋଧ ଆସେ ଦେହେ ବଞ୍ଚିବାରୁ 'ଅଶ୍ରୁ-ଦଗ୍ଧ ଜୀବନ ହିଁ ଅଟେ ମୋ' ଈଶ୍ୱର ।" ଏହି ଈଶ୍ୱରବୋଧ ଜୀବନକୁ ତ୍ୟାଗ କରି ସନ୍ୟାସୀ ହେବାକୁ ନୁହେଁ, ତତ୍ତ୍ୱ ଚର୍ଚ୍ଚାରୁ ନୁହେଁ, ଜୀବନକୁ ଗ୍ରହଣ କରି ଈଶ୍ୱର ଯେପରି ନିବିଡ଼ ବଞ୍ଚିବାର ନିର୍ଯ୍ୟାସ ।

ମାୟାଧରଙ୍କ କବିତାର ଅହଂ ସନ୍ଧାନ ପାଇଁ ଅର୍ନ୍ତଯାତ୍ରା ଏହିପରି

Digitized by srujanika@gmail.com

ବିଭୁବୋଧରେ ଶେଷ ହୋଇଛି । ଯୌବନର ପ୍ରେମୋଚ୍ଛାସ ସୁଦୂର ଆଉ ଅଜ୍ଞାତର ମୋହ ଈଶ୍ୱରଙ୍କୁ 'ଜୀବହଂସ' ଭିତରେ ଅନୁସନ୍ଧାନ କରିପାରିଛି । ମାତ୍ର ଅନ୍ୟ ଏକ ଧରା ତାଙ୍କ ବହିଁଯାତ୍ରା । ତାଙ୍କ ଚାରିପାଖର ପୃଥିବୀ ଏବଂ ତହିଁରେ ଲାଗିଥିବା ଜୀବନଲୀଳା ତାଙ୍କୁ ଅଭିଭୂତ କରିଛି । ତାଙ୍କ ଜୀବନ କାଳରେ ଘଟିଥିବା କେତେ ଘଟଣା, କେତେ ବ୍ୟକ୍ତି ତାଙ୍କ ଅନୁଭୂତିକୁ ଆଲୋଚିତ କରିଛନ୍ତି । ନିଜ ସମୟ ଖଣ୍ଡରେ ନିଜ ପୃଥିବୀର ଅଂଶ ହୋଇ ସେ ଦେଖିଛନ୍ତି, ଅନୁଭବିଛନ୍ତି ମଣିଷର ଯନ୍ତ୍ରଣା, ଆଉ ତାଙ୍କ ପରିଚିତ ପୃଥିବୀର ଅବସ୍ଥା । ମାୟାଧରଙ୍କ ପରି ଜଣେ ସଚେତନ କବି ଏସବୁ ପ୍ରତି କେବେ ଉଦାସୀନ ହୋଇ ପାରେନା । ସେ ନିଶ୍ଚିତ ଭାବରେ ଶିଳାଗୃହ ବାସୀ ଏବଂ ଏହାର ଅନ୍ଧାର ସହ ଘନିଷ୍ଠ ଭାବରେ ପରିଚିତ । ଜହ୍ନ ରାତି ଏ ଜୀବନରେ ନାରୀକୀୟତାରୁ କ୍ଷଣିକ ମୁକ୍ତି ଦିଏ ସିନା ମାତ୍ର ସେ ଜାଣନ୍ତି ଏ ଅନ୍ଧାର ହିଁ ଜୀବନର ଏକ ସତ୍ୟ । ତା ପାଖକୁ ଫେରିଯିବାକୁ ହିଁ ପଡ଼ିବ । ଏହି ନିବିଡ଼ ବଞ୍ଚିବାଟା ହିଁ ତ ଆଣିଦିଏ ପକ୍ୱତା ମଣିଷର ନୂଆ ପରିଚୟ । କାରଣ ମଣିଷ ହିଁ ତ ଚଳନ୍ତି ଈଶ୍ୱର ତେଣୁ ତାଙ୍କ ପାଖରେ ମଣିଷ ହିଁ ବଡ଼ । କବି ହିସାବରେ ସେ ତାକୁ ହିଁ ପ୍ରଣାମ କରନ୍ତି । ତେଣୁ ଏହି ବହି ଯାତ୍ରାରେ ମଣିଷ ଆଉ ତା' ଗଢ଼ା ସମାଜ ଓ ତହିଁରେ ତାର ଯନ୍ତ୍ରଣା ସବୁ ଧରାପଡ଼ିଛି । କବି ତ ସଚେତନ । ସେ ତ ତାର କଳ୍ପନା ସାହାର୍ଯରେ ଏକ ବିକଳ୍ପ ସୃଷ୍ଟି ଈଶ୍ୱର । ଏହି ଚେତନା ନେଇ କବି ଗ୍ରହଣ କରିଛନ୍ତି ମଣିଷକୁ । ଆଉ ଏ 'ବିଶୃଙ୍ଖଳ ସୃଷ୍ଟି' କୁ ନିଜର ଚେତନା ଆଉ ଅନୁକମ୍ପା ସାହାଯ୍ୟରେ ନୂଆ ଭାବରେ ସଜାଡ଼ିବାର ପ୍ରୟାସ କରିଛନ୍ତି । ତେଣୁ ଏ "ବିଶୃଙ୍ଖଳ ସୃଷ୍ଟି, ତହିଁରେ "ଖାଲି ପଦ ଦଳିତ ଘାସ" ର ଜୀବନ ତାକୁ ବଞ୍ଚୁଥିବା ମଣିଷର ବର୍ଣ୍ଣନା । ସେ ଏପରି ଦୃଷ୍ଟିରେ ମଣିଷର କବି । ମଣିଷ ସମ୍ଭାବନା ଆଉ ରହସ୍ୟର ପ୍ରତୀକ । ସେ ପୁଣି ଚଳନ୍ତି ନାରକୀୟତା । ସେ ଏହି ମଣିଷକୁ ପ୍ରଣାମ କରନ୍ତି । "ନମସ୍କାର କରେ ମୁହିଁ ଚିର ମାନବରେ ।" ଏହି ମାନବର ଅଧପତନ କୁ ସେ ମଧ ଦୁଃଖର ସହ ଅଙ୍ଗେ ନିଭାନ୍ତି । ଆଉ ଖୋଜି ବୁଲନ୍ତି ଏହାର ସ୍ରଷ୍ଟା ଉଦାସୀନ ଈଶ୍ୱରଙ୍କୁ "ମୋ ଧୂଳି-ଧୂସର ଏଇ ଜୀବନର କ୍ଷୁଦ୍ର ଚାରି ଆଡ଼େ ।' ତେଣୁ ତାଙ୍କ କବିତାରେ ଏକ ଦୁଃଖର ସ୍ୱର । ମୃଦୁ ପ୍ରତିବାଦର ସ୍ୱର । ଏ ପ୍ରତିବାଦର ସ୍ୱର । ଏ ପ୍ରତିବାଦରେ ପୁଣି ଆତ୍ମ ନିରୀକ୍ଷା ପୁଣି

Digitized by srujanika@gmail.com

ଅନୁତାପ" କ୍ଷତ-ରକ୍ତ ମୋର ଧୁଏ, ମୋ' ଲୋତକ ପାତ," ଆଜିର ଜୀବନର ବିକଟ ବର୍ଣ୍ଣନା 'ଅର୍ଦ୍ଧ ଶତାବ୍ଦୀ'ର କବିତାରେ ମିଳେ । ଏହା ଆଜିର ଦୁଃସ୍ଥିତି ଯାହାର ନିର୍ଯ୍ୟାସ- ଦେବ ଶିଶୁ ଚଳେ ନରକର ଅଭିସାରେ, ଭଗବାନ ତୁମେ ନିଦ୍ରିତ କେଉଁଠାରେ ?

ମାୟାଧରଙ୍କ କବିତାରେ ଏହି ଜଗତର ଛବି ର ବିଶ୍ଳେଷଣ ଯେତେ ନାହିଁ ତହିଁରୁ ଅଧିକ ଅଛି ଏକ ଆବେଗ ଦଗ୍ଧ ମନର ପ୍ରତିକ୍ରିୟା । ସେ ମଣିଷର କବି ବୋଲି ବାରମ୍ବାର କହିଛନ୍ତି । ସେହି ମଣିଷର ଛବି ପୁଣି ସେହି ଆବେଗୀୟ । ନୂଆ ମଣିଷର ଛାତି ନୁହେଁ 'ଦେବଶିଶୁ'କୁ ସେ ଖୋଜିଛନ୍ତି । ଦେଖିଛନ୍ତି ତାର ଅଧପତନ, ତାଙ୍କ ପାଖରେ ଦଳିତ ମଣିଷର ଯନ୍ତ୍ରଣା, ଗ୍ରାମୀଣ ଜୀବନର ସରଳତା ପୁଣି ଗାନ୍ଧି, ଗୋପବନ୍ଧୁଙ୍କର ମହନୀୟତାର ପ୍ରକାଶ ଏକ ଆବେଗୀୟ ଆଦର୍ଶ ଦୃଷ୍ଟିକୋଣରୁ । ତେଣୁ ତାଙ୍କ ଦୃଷ୍ଟିକୋଣରେ ଉଭୟ ଶେଲି ଓ ରବୀନ୍ଦ୍ର ଅଙ୍ଗାଗୀ । ମାତ୍ର ତାଙ୍କ କବିତାର ପ୍ରାଣ ତାଙ୍କ ନିଜସ୍ୱ ସ୍ୱର । ତାଙ୍କ କବିତାରେ ପ୍ରକୃତି ଚିତ୍ରଣରେ ଅହଂ ସନ୍ଧାନପରେ ଅନ୍ୟ ଏକଦିଗ ହେଉଛି ପଲ୍ଲୀ ଚିତ୍ର । ଏହାର ଛବି କଳ୍ପନା ଏବଂ ମୁଗ୍ଧ ଦୃଷ୍ଟିରେ ଋଦ୍ଧିମଂତ । ମାତ୍ର ତହିଁରୁ ଅଧିକ ତୀବ୍ର ପଲ୍ଲୀ ଜୀବନର ବର୍ଣ୍ଣନା ତାର ସରଳତା ଦୁଃଖ ସ୍ୱପ୍ନ ସବୁ ଜୀବନ୍ତ ଛବି । ଏ ବର୍ଣ୍ଣନା ଯେମିତି ତାଙ୍କ ଅନୁଭୂତି । ନନ୍ଦକିଶୋରଙ୍କ ପରେ ପଲ୍ଲୀ କଥା ଭାବିଲା ବେଳକୁ ମାୟାଧର ମନକୁ ଆସନ୍ତି ଆସନ୍ତି ପୁଣି ସଚ୍ଚି ରାଉତରାଏଙ୍କ 'ପଲ୍ଲୀଶ୍ରୀ' । 'ରେଙ୍ଗୁନ ଚିଠ' ଘର କଥା, ପଲ୍ଲୀପ୍ରିୟା ଆଦି ଏଥିରେ ଉଦାହରଣ, 'ଭଉଣୀର' ସ୍ନେହ ଠାରୁ ତାର ସରଳତା ପଲ୍ଲୀ ଜୀବନର ଜୀବନ୍ତ ଟୁକୁରା । ସେହିପରି ତକିଆ ଜୀବର ବିଳାପ" କବିତା ଗୁଡ଼ିକ ସମାଜର ତଳ ଶ୍ରେଣୀର ଅଭାବ ପ୍ରପିଡ଼ୀତ ଲୋକଙ୍କ ପାଇଁ କବିଙ୍କର ଦରଦୀ ଅନୁଭବ । ସେହିପରି ଶ୍ରଦ୍ଧା ଓ ସମ୍ମାନର ସହ ବର୍ଣ୍ଣନା ହୋଇଛି ଆଦର୍ଶ ପୁରୁଷ ମାନଙ୍କର । 'ଗୋପ ପ୍ରୟାଣ' ଅବା 'ବାପୁଜୀ' କବିତା ଏହାର ଉଦାହରଣ । ବ୍ୟକ୍ତି ସମ୍ମାନ ଏକାକାର ହୋଇଛି ଜାତୀୟତା ବୋଧରେ ।

ମାୟାଧର ତେଣୁ ଜଣେ ବିଦଗ୍ଧ କବି । ପ୍ରେମର କବି, ଜୀବନର କବି । ତାଙ୍କ କବିତାର କେନ୍ଦ୍ରରେ ତାଙ୍କ 'ମୁଁ' ଏବଂ ଏହି ମୁଁ ଦୃଷ୍ଟିରେ ମଣିଷ ଏବଂ ମଣିଷ ଗଢ଼ା ପୃଥିବୀ । ତାର ସୁଖ ଦୁଃଖ ପୁଣି ତାକୁ ନିଜ ଭାବରେ ଗଢ଼ିବାର ଏକ ସ୍ୱପ୍ନ ।

Digitized by srujanika@gmail.com

ତେଣୁ ତାଙ୍କ କବିତାର ବ୍ୟାପକତା ହିଁ ତାର ପ୍ରାଣ । ତାଙ୍କ ମନ ଜଟୀଳ ଏବଂ ତୀକ୍ଷଣତା ତାଙ୍କ କବିତାର ଏକ ବିଶେଷ ଲକ୍ଷଣ । ଏ ତୀକ୍ଷଣତା ଆସେ ଉଚ୍ଛାସର ପ୍ଲାବନରୁ ତ ବଞ୍ଚିବାର ଦହନରୁ ପୁଣି ଆଦର୍ଶ ସନ୍ଧାନର ତୀବ୍ର ଉତ୍କଣ୍ଠାରୁ । ଏହି ତୀବ୍ରତା ହିଁ ତାଙ୍କ କବିତାରେ ଭରି ଦେଇଛି ସତେଜତା । ଏହି ସତେଜତାରୁ ଆସିଛି କବିତାର ସ୍ୱର । ଧୂପର ଲିରିକ୍ ଚେତନା ଭିତରେ ଯେଉଁ ଅହଂଟି ଡହଳ ବିକଳ ହେଉଥିଲା ପରବର୍ତ୍ତୀ କାଳରେ ତାର ବିଭିନ୍ନ ରୂପ କବିତାରେ ଫୁଟି ଉଠିଛି । ସେହି ଚେତନାରୁ ହିଁ ଫୁଟି ଉଠିଛି କବି ଓ କବିତା ପ୍ରତି ତାଙ୍କ ଦୃଷ୍ଟିଭଙ୍ଗୀ । ତାଙ୍କ ପାଖରେ କବି –" ତୁମେ ଶେଲୀ ଶିଖାଇଛ କବି କିସ ହେବାର ଉଚିତ / କବି ଖାଲି ନରଚିବ ମଦ-ଉଠ-ସୁଆଦ ସଙ୍ଗୀତ / ବିଦ୍ରୋହୀ ସେ ଜଗତର ଦୀନ ଦୁଃସ୍ଥ ଦଳିତର ବନ୍ଧୁ / ତା ଲେଖନୀ ଅଶ୍ରୁ ତେଜେ ନେବ କେନ୍ଦ୍ରେ ଭାରା ଜନସ୍କନ୍ଧୁ କବିର ଏହି ବିଦ୍ରୋହୀପଣ ଆମେ ଦେଖୁଁ ମାୟାଧରଙ୍କ କବିତାରେ – ଏ ବିଦ୍ରୋହ ସ୍ଲୋଗାନର ନୁହେଁ, ମତବାଦର ନୁହେଁ ଏକ ସଚେତନ ପ୍ରେମଦଗ୍ଧ ଶିଳ୍ପୀର ଅଂସଯତ ସୃଷ୍ଟି ପ୍ରତି । ମାୟାଧରଙ୍କ କବିତାରେ ଯେପରି ସେ ନିଜ ସହ ନିଜ ସ୍ୱପ୍ନ ସହ ସଂଘର୍ଷ ରତ । ଏ ସଂଘର୍ଷ ଆସେ ଗ୍ରହଣରୁ ଦହନରୁ । ମଣିଷ ଭିତରେ ଦେବତାକୁ ଆରୋପ କରିବାର ମୋହରୁ । "ମାଗେ ନା ମୁଁ ନିଜ ମୁକ୍ତି, ସନ୍ତୋଷ ବିଳାସ / ହେ କବି କରାଅ ମୋତେ କବି ଜନ୍ମେ ଜନ୍ମେ / ଗୀତେ ଫୁଟାଇବି ସତ୍ୟ ଶିବର ବିକାଶ / ଜଗାଇବି ଦେବତାରେ ମାନବ ମରମେ ।" ଏହି ସତ୍ୟ ଆଉ ଶିବ ହିଁ କବିଙ୍କର କାମ୍ୟ, କାରଣ ଏ ଉଭୟର ମିଳନରୁ ହିଁ ଜନ୍ମ ନିଏ ସୌନ୍ଦର୍ଯ୍ୟ । ଏହି ସତ୍ୟ ପାଇଁ କବିଙ୍କ ପାଖରେ ଗୋପାଳ କୃଷ୍ଣ ଏତେ ପ୍ରିୟ । ଦେଇଅଛ କବି ନିଜ ସତ୍ୟ ଅନୁଭବ / ତେଣୁ ହେ ଦରଦୀ ମୋର ପ୍ରିୟ କାବ୍ୟ ତବ ।" ଏହି ସୌନ୍ଦର୍ଯ୍ୟ କବିତା, ସ୍ୱର୍ଗ । ଏହାହିଁ ଦେବତା, ଈଶ୍ୱର । ମଣିଷ ମନରେ ଏହାର ସ୍ଥାପନା କବିର ସ୍ୱପ୍ନ । ତାହାରି ପାଇଁ ସେ ନିଜ ଭିତରେ ବିଦ୍ରୋହୀ । ଆଉ ସେଇଥିପାଇଁ କବିଙ୍କ ପାଖରେ ରବୀନ୍ଦ୍ର ନାଥ ବିରାଟ, ଆଦର୍ଶ "ତୁମେ ଥିଲ କବି, ଆଣୁଥିଲ କିଛି ନରେ ଦେବତାର ଆଶା / କିଏ ତୁମ ପରେ ପୀଡ଼ିତ ଧରାରେ କହିବ ମୁକ୍ତି ଭାଷା ?" ଏହି ପୀଡ଼ିତ ଧରା ଆଉ ତହିଁରୁ ମୁକ୍ତି ପାଇଁ ପ୍ରେମ ଆଉ ଅଜ୍ଞାତର ସ୍ୱପ୍ନ । କାରଣ ସେ ହିଁ ସ୍ୱପ୍ନର ସମ୍ଭାବନା । ସମ୍ଭାବନାର ସ୍ୱପ୍ନ । ରବୀନ୍ଦ୍ରଙ୍କ କବିତାରେ ଏହି ସମ୍ଭାବନାର ସ୍ୱପ୍ନ ।

Digitized by srujanika@gmail.com

ଏହି ସମ୍ଭାବନାର ଅନ୍ୱେଷା ମାୟାଧରଙ୍କ କବିତା । "ଆଉ ଯେତେ କବି ଆଙ୍କିଛନ୍ତି ଛବି ଦିନ ଦେଖା ଜଗତର / ତୁମେ ତ ଆଙ୍କିଛ ହେ ବର ସ୍ରଷ୍ଟା ଅଦେଖା ଅଜ୍ଞାତର ।" କବି ଏହି ଅଦେଖାକୁ ଦେଖାକରେ । ସ୍ୱପ୍ନକୁ କରେ ସତ୍ୟ । ଏହି ସ୍ୱପ୍ନକୁ ସତ୍ୟ ରୂପେ ପରିଣତ କରିବାକୁ ଯାଇ ସେ ଆଣିବାକୁ ଚାହିଁଛନ୍ତି ମଣିଷ ଚେତନାରେ ବିପ୍ଳବ । ଏହି ବିପ୍ଳବ ପାଇଁ ନିଜକୁ ଚିହ୍ନିବା ଦେଶ ପରମ୍ପରାକୁ ଚିହ୍ନିବା ତାର ବରପୁତ୍ରଙ୍କ ଆଦର୍ଶରେ ନିଜକୁ ଗଢ଼ିବା ପାଇଁ ଚାହିଁଛନ୍ତି । ପରମ୍ପରା ପ୍ରବଣତା ନୁହେଁ, ଐତିହ୍ୟ ସଚେତନତା ଏହି ବିପ୍ଳବର ଓଁକାର ଧ୍ୱନି ।

ତେଣୁ ମଣିଷ ଓ ମଣିଷ ଜଗତର କବି ସେ । ସେ ଅହଂ ସଚେତନ ବିଶ୍ୱରେ ମାତ୍ର ତାଙ୍କର ଅହଂ 'ସମଗ୍ର'ରେ ଏକୀଭୂତ ତେଣୁ ତାଙ୍କ ଭାଷାରେ ତାଙ୍କ କବିପଣ- "ମୁକ୍ତ ମୁଁ ଚିର ଜାଗ୍ରତ ଚିର / ଗତିଶୀଳ, ଶେଷ ନାହିଁ ମୋର, / ସୃଷ୍ଟିର ମହା ପଥିକ ମୁଁ ମହା-/ସୃଜନ ଚିତ୍ତ ମୋର ଭୋଳ । ଏକକର ନୁହେଁ ସମଗ୍ରର ମୁଁ / ଦେଶ କାଳାତୀତ, ମୁକ୍ତହିୟ / ଦେଶେ ଦେଶେ ନୁହେଁ, ଲୋକେ ଲୋକେ ପ୍ରେମ / ବିତରିବି ମୁଁ ଯେ ବିଶ୍ୱ ପ୍ରିୟ । ଏତେ ଦିନେ ନିଜ ପଥ ପାଇଁ / ମହାବିହଙ୍ଗ ପ୍ରାଣର ଆବେଗ / ମହା ବ୍ୟୋମେ ଯାଏ ଗାଇ ଗାଇ ।" ଏହି 'ବିଶ୍ୱ ପ୍ରିୟ' ସମଗ୍ରର କବି ତେଣୁ ନିଜ ଅହଂକୁ ବ୍ୟାପକ କରି ମୁକ୍ତ ହିୟ । ସେ 'ମୁଁ' ର ଅନ୍ଧ ସ୍ୱାର୍ଥ ନୁହେଁ, ତାର ଉଦାର ଦୈବତ୍ୱର ସନ୍ଧାନୀ । ତେଣୁ ନିଜେ ଜଳି ଅନ୍ୟପାଇଁ ବଞ୍ଚିବାରେ ତାଙ୍କର ସ୍ୱାର୍ଥକତା । ଏକ ସୁନ୍ଦର ଛବି ଦ୍ୱାରା କବି ଏହା ପ୍ରକାଶ କରିଛନ୍ତି । ନିଜକୁ ଭଗ୍ନବୃକ୍ଷ ମନେକରି ଅନ୍ୟକୁ ଇନ୍ଧନ ଯୋଗାଇବା ପାଇଁ ସେ ପ୍ରସ୍ତୁତ - "ହେଉ ତା ଏକହିଁ ସିଦ୍ଧି, ଏ ବ୍ୟର୍ଥ ଜୀବନେ / ଭଗ୍ନ ବୃକ୍ଷ ଲାଗୁ ହେଲେ କାହାର ଇନ୍ଧନେ ।"

ଏହିପରି କବି ଚେତନା 'ମୁଁ' ରୁ ଆରମ୍ଭ ହୋଇ 'ଆମେ' ରେ ପୁଣି ବ୍ୟକ୍ତି ପ୍ରେମର ଆରମ୍ଭ ହୋଇ ବିଶ୍ୱ ପ୍ରେମ ଆଡ଼କୁ ଧାବିତ ହୋଇଛି । ତାଙ୍କର ଅହଂ ଚେତନାର ନିର୍ଯ୍ୟାସ ଅହଂର ଅହଂକାର ନୁହେଁ, ଅହଂ ହୀନତା ମଧ୍ୟ ନୁହେଁ ଏହା ଅହଂର ବ୍ୟାପକତା । ତେଣୁ ନିଜ ପାଇଁ ତାଙ୍କର କାମନା କିଛି ନାହିଁ । ଭବିଷ୍ୟତ ସହ ଟିକିଏ ଖାଲି ମାର୍ମିକ ସଂପର୍କ । ସହୃଦୟ ପାଠକର ଟିକିଏ ଆଦର । "ସ୍ମରି କେବେ ମୋ ଦେଶର ଯୁବକ ଯୁବତୀ / ଆସି ସେ ସମାଧି ପରେ / ପୁଷ୍ପ ଢ଼ାଳି ପ୍ରୀତି

Digitized by srujanika@gmail.com

ଭରେ / କବିରେ ଦେବେ ସେ ଯଦି ଶ୍ରଦ୍ଧାର ଆରତି / ସେହି ସେ ହୋଇବ ମୋର ଶ୍ରେଷ୍ଠ ପୁରସ୍କାର / ସେହି ମୋର ମାନଦଣ୍ଡ ଜୀବନ ଯାତ୍ରାର ।”

ଏହାହିଁ କବି ଚେତନା । ନିଜ ସହ ନିଜ କବିତା ସହ ପୁଣି ତାଙ୍କ ପୃଥିବୀ ଓ ସମାଜ ସହ । ଧୂପର ଚଳଚଞ୍ଚଳ ଯୁବକର ଉଚ୍ଛ୍ୱାସ ବଞ୍ଚିବାର ଧାରାରେ ଶତ କ୍ଷତାକ୍ତ ସ୍ୱପ୍ନ ଖଣ୍ଡିତ । ମନରେ ଅସୁମାରୀ ପ୍ରଶ୍ନ । ସେ ତାର ଉତ୍ତର ଖୋଜିଛନ୍ତି ତାଙ୍କ ଲେଖାରେ । ଜୀବନର ବହୁ ସୂକ୍ଷ୍ମ ଅନୁଭବକୁ ଧରିବାକୁ ଚେଷ୍ଟା କରିଛନ୍ତି । ମଣିଷର ସଂପର୍କ ଆଉ ତାର ଦୁଃଖ ଓ ସମ୍ଭାବନାକୁ ରୂପ ଦେଇଛନ୍ତି ବିଭିନ୍ନ ଭାବରେ । ମାୟାଧରଙ୍କ କବି ଚେତନା ଓ ପ୍ରକାଶଭଙ୍ଗୀ ବିଭିନ୍ନ । ଆତ୍ମିକ ଗୀତି କବିତାର ଉଚ୍ଛ୍ୱାସରୁ ଆରମ୍ଭ କରି ଦୀର୍ଘ କାବ୍ୟ, ସଂଜନ ସେନେଟ୍‌ରୁ କାବ୍ୟ ନାଟିକା ପର୍ଯ୍ୟନ୍ତ ବ୍ୟାପ୍ତ । କଥିତ ଭାଷା ଓ ଛନ୍ଦ ସହ ଗୁରୁଗମ୍ଭୀର ଆଭିଜାତ୍ୟ ଭରା ଭାଷା ଛନ୍ଦାଛନ୍ଦି । କବିତାର ବିଷୟରୁ ପ୍ରକାଶଭଙ୍ଗୀର ସ୍ୱାଚ୍ଛନ୍ଦ ଏବଂ ସତେଜତା ମାତ୍ର ସବୁଥିରେ ସଙ୍ଗୀତମୟତା ଏବଂ କାବ୍ୟିକତା । ବିଶେଷକରି ଧୂପ କବିତାରେ ପ୍ରେମର ଉଚ୍ଛ୍ୱାସକୁ ପ୍ରକାଶ କରିବାକୁ ଯାଇ ସେ ଯେଉଁ ଛନ୍ଦ ଏବଂ ଶବ୍ଦ ବ୍ୟବହାର କରିଛନ୍ତି ତାହା ନିଜସ୍ୱ । ଏପରି ନିଜସ୍ୱତା ଆସିଛି ସୂକ୍ଷ୍ମ ଆତ୍ମିକ ଅନୁଭବର ତୀବ୍ରତାରୁ । ଏ ତୀବ୍ରତା ହେଉଛି ଶ୍ରାବଣୀ ଆବେଗର ବେଗ ଆଉ ଗତି । ଏହା ତତ୍ତ୍ୱ ଓ ଦର୍ଶନ ଗମ୍ଭୀର ନୁହେଁ ଏଥିରେ ପ୍ରେମ ବିଶ୍ଳେଷଣ ନାହିଁ ଅବା ବ୍ୟଙ୍ଗ ନାହିଁ ଏହା ଏକ ସରଳ ନିରୀହ ଆବେଗ । ଏପରି ପ୍ରେମର ନିର୍ଯ୍ୟାସ ଯେମିତି “ଉପଭୋଗ ପ୍ରଣୟର / ତାହା ଠାରୁ ବଳି ନାହିଁ ପ୍ରିୟତମ / ପବିତ୍ର ମନୋହର ।” ଏ ପ୍ରଣୟ ସବୁ ବିଚାରଉର୍ଦ୍ଧ୍ୱରେ । ଆନ୍ତରିକ ଆତ୍ମିକତା ହିଁ ଏହାର ପରିଚୟ । ଏ ଆତ୍ମିକତାରେ ସୁଖ, ଦୁଃଖ ସବୁ ଏକ ହୋଇଯାଏ । ପ୍ରେମ, ପାପ ପୁଣ୍ୟ ସବୁ ମିଳିଯାଇ ହୁଏ ପ୍ରଣୟ । “ପାପ କି ପୁଣ୍ୟ ବୁଝେ ନାହିଁ ପ୍ରିୟା / ପ୍ରଣୟ ତାର / ସେ ଖାଲି ଜାଣଇ ପ୍ରିୟା ଲାଗି ତାର ଲୁହ ଦେବାର ।”

ଛନ୍ଦର ସରଳତାରେ ଆସିଛି ପ୍ରେମର ନିବିଡ଼ତା । ପ୍ରାଣ ପ୍ରାଚର୍ଯ୍ୟ ଏହାର ସୌନ୍ଦର୍ଯ୍ୟ । ଏହାର ଗୌରବ । ଏପରି ଅନାବିଳ ସ୍ୱଚ୍ଛନ୍ଦ ପ୍ରେମ ଜୀବନ ରୂପମୟ କରେ, କରେ ଅର୍ଥମୟ ।

ମାୟାଧରଙ୍କ କବିତା ଏହି ପ୍ରାଣ ପ୍ରାଚୁର୍ଯ୍ୟର କବିତା ଏହା ଜୀବନର

Digitized by srujanika@gmail.com

କବିତା । ପ୍ରାଣ ଖାଲି ଜୈବିକ ବଞ୍ଚିଛି ନୁହେଁ । ପ୍ରେମ ମଧ୍ୟ କେବଳ ଦେହ ସର୍ବସ୍ୱ ନୁହେଁ । ବଞ୍ଚିବା ଅର୍ଥ ଜୀବନକୁ ପ୍ରେମମୟ କରି ବିଶ୍ୱମୟ କରିଦେବା । ଏହାହିଁ ଜୀବନର ସୌନ୍ଦର୍ଯ୍ୟ । ଏପରି ପ୍ରାଣ ସୁନ୍ଦର ହୁଏ ପ୍ରେମରୁ । ପ୍ରେମ ପୁଣି ଶକ୍ତି ଏବଂ ସତ୍ୟ ହୁଏ ଆନ୍ତରିକତାରୁ । ଏପରି ପ୍ରାଣ ସୀମିତ ନୁହେଁ, ଏହା ବ୍ୟାପ୍ତ ସ୍ୱାର୍ଥହୀନ । ଏହା ବିଶ୍ୱମାନବିକତା । ଏହି ବିଶ୍ୱମାନବିକତାର ଧ୍ୱନି କବିଙ୍କର କମଳାୟନ କାବ୍ୟରେ । "ପ୍ରେମ ନୁହେଁ ଦେହୁଁ-ଦେହୁଁ ଭୋଗ ଅନ୍ୱେଷଣ / ପ୍ରେମ ଏକ ଆତ୍ମା ପ୍ରତି ଅନ୍ୟର ବନ୍ଧନ / ପ୍ରେମ, ପୂର୍ଣ୍ଣ, ସମର୍ପଣ ଏକ ଆନ ପାଇଁ / ପ୍ରେମ ଅନ୍ୟ ପାଇଁ ଦେବା ନିଜକୁ ହଜାଇ ।" ଏହିପରି "ପ୍ରାଣ ରୂପେ ରୂପବାନ" ମାୟାଧରଙ୍କ କବିତା । ଏହା ପୁଣି ତାଙ୍କରି ଭାଷାରେ 'ସୁନ୍ଦର ପ୍ରାଣର ରୂପେ' ଏହି ପ୍ରାଣର ଝଲକ ଆଦି ସ୍ୱପ୍ନ ଆଉ ତରୁଣ ବିସ୍ମୟରେ ଆରମ୍ଭ ହୋଇ ପରିଣତ ବୟସରେ ମଣିଷ ପାଇଁ ଅନୁକମ୍ପାରେ ପକ୍ୱତା ଲାଭ କରିଅଛି । ଏକ ଅଜ୍ଞାତସତ୍ତାକୁ ମୁହାଁଇଛି। ଗଛଟିଏ ମୁହାଁଏ ଯେପରି ସୂର୍ଯ୍ୟଙ୍କ ଆଡ଼କୁ ।

ସେଦିନ, ମୋ କଲେଜ ଜୀବନରେ ଏକ ଖଣ୍ଡିତ ଚେତନାର ନିର୍ଦ୍ଦିଷ୍ଟତା ଭିତରୁ ମୁଁ ମାୟାଧରଙ୍କ ପ୍ରେମ କବିତାକୁ ଦେଖିଥିଲି । ତାର ପ୍ରାଣର ପ୍ରାଚୁର୍ଯ୍ୟକୁ ନ ବୁଝି ମୋତେ ଛାଇଥିବା ଅବକ୍ଷୟ ସଂପର୍କର ନୂତନତା କୁ ଖାଲି ଖୋଜୁଥିଲି ପ୍ରେମର ଉଚ୍ଛ୍ୱାସ, ତାର ସ୍ୱପ୍ନ, ଆଉ ଆକାଶୀ ଆଲିଙ୍ଗନର ସତ୍ୟତାକୁ ଭାବ ପ୍ରବଣତା କହିଥିଲି । ବାସ୍ତବତାର ଦ୍ୱାହି ଦେଇ 'ରୋମାଣ୍ଟିକ' କହିଥିଲି ଉଚ୍ଛ୍ୱାସ କିନ୍ତୁ ଭାବ ପ୍ରବଣତା ନୁହେଁ । ଏହା ଯେତେବେଳେ ଗଭୀର ଅନୁଭବର ପଥ ପ୍ରଦର୍ଶକ ନହୋଇ କେବଳ ଉଚ୍ଛ୍ୱାସରେ ଶେଷ ହୁଏ ସେତେବେଳେ ଏହା ଭାବପ୍ରବଣ ହୁଏ। ମାୟାଧରଙ୍କ କବିତା ଯୌବନର ଉଚ୍ଛ୍ୱାସ । ଏହା ମଧ୍ୟରେ ପ୍ରେମର ବାସ୍ତବତା । ଏହା ବିନା ପ୍ରେମ ଯେ ପ୍ରେମ ନୁହେଁ । ଏପରି ପ୍ରେମରେ ଉଚ୍ଛ୍ୱାସ ଏବଂ ସ୍ୱପ୍ନ ଠାରୁ ଅଧିକ ବାସ୍ତବ ଆଉ କଣ ଯେ ? ମାନସିଂହ ତ ସ୍ୱପ୍ନ ଦ୍ୱାରା ହିଁ ବାସ୍ତବତାକୁ ବୁଝିଥିଲେ । ନିଜ ଭିତରେ ସ୍ୱପ୍ନ ଓ ବାସ୍ତବତାର ଦ୍ୱନ୍ଦ୍ୱକୁ ସମାହିତ କରିଥିଲେ । ସ୍ୱପ୍ନ ବାସ୍ତବ ଏବଂ ବାସ୍ତବ ସ୍ୱପ୍ନ ହେବାତ ଧୂପ ଆଉ ହେମ ଶସ୍ୟର ସତ୍ୟ । ଏହି ସତ୍ୟକୁ ତାଙ୍କରି ସମୟଖଣ୍ଡରେ ତାଙ୍କରି ଭାବରେ ବୁଝିଲେ ସେ କବିତା ହୁଏ ।

"ଅମର ଯେ ଆମେ ମାନସ ଲୋକର ସୃଜନା / ସ୍ଥୁଳ ଧରଣୀର ମୃତ୍ୟୁ

Digitized by srujanika@gmail.com

ଆମରେ ଅଜଣା ।” ପ୍ରେମର ଆତ୍ମିକତା, ପ୍ରେମର ବିଶ୍ୱମାନବତା ସହ ମାୟାଧରଙ୍କ କବିତା କଳା ଏବଂ ସୌନ୍ଦର୍ଯ୍ୟର ଅମରତ୍ୱ କଥା ଏହିପରି କହିଥାଏ । ଜୀବନର ବିକଟତା ଓ ବିକଳତାକୁ କଳା ଖାଲି ଫୁଟାଏ ନାହିଁ, ତା ଭିତରୁ ସୌନ୍ଦର୍ଯ୍ୟର ପଦ୍ମଟିକୁ ଉକୁଟାଇ ଦିଏ । ମନରେ ଭରିଦିଏ ଆନନ୍ଦ । ଶିଳାଗୃହ ଅନ୍ଧାର ଭିତରେ ଆଣିଦିଏ ସାନ୍ତ୍ୱନା । ଏ ଆନନ୍ଦ ଅନୁଭବର । ଏ ଅନୁଭବ ପୁଣି ଅହଂ ସହ ନାହଂର, କ୍ଷଣ ସହ ଚିରନ୍ତନର ଉଚ୍ଛ୍ୱାସ ସହ ପ୍ରଶାନ୍ତିର । ଏହାହିଁ ତ ସୂଚିତ କରେ ତାଙ୍କ 'ଏଲିଫାଣ୍ଟା' କବିତା –

ବିକଳ ନଗର ପାଶେ ଶାଶ୍ୱତ ସୁନ୍ଦର
ଏଲିଫାଣ୍ଟା, ଆଦର୍ଶ ତୁ ଇହ ଜଗତର ।”

ମାୟାଧରଙ୍କ କବତା ଏହି ଆଦର୍ଶର କବିତା । ତାଙ୍କ କବିତାରେ ତାଙ୍କ ଆଦର୍ଶ ଦୃଷ୍ଟିରେ ସେ ଜୀବନକୁ ସଜାଡ଼ିବାକୁ ଚେଷ୍ଟା କରିଛନ୍ତି । କେତେଦୂର ସଫଳ ହୋଇଛନ୍ତି ତାହା ବଡ଼କଥା ନୁହେଁ, ଏହି ଚେଷ୍ଟା ହିଁ ବଡ଼ । ତାଙ୍କ କବିତାର ସବୁଠାରୁ ବଡ଼କଥା ହେଉଛି, ସେ ଆଜିର ଯୁକ୍ତି ପ୍ରବଣ ନୈର୍ବ୍ୟକ୍ତିକ ଜଗତରେ ପ୍ରେମକୁ ଆଉଥରେ ରସସିକ୍ତ କରିପାରିଛନ୍ତି । ପ୍ରେମ ଜରିଆରେ ସଂପର୍କର ସ୍ୱର୍ଗ ସ୍ଥାପନାର ସ୍ୱପ୍ନ ଦେଖିଛନ୍ତି । ଯୁକ୍ତି ନୁହେଁ ଆବେଗୀୟ ଅନୁଭବର ଗୁରୁତ୍ୱ ଆରୋପ କରିଛନ୍ତି । ଏହାହିଁ ତାଙ୍କର ବିଶେଷତ୍ୱ । ତେଣୁ ଏହା ପାଖରେ "ସ୍ଥୁଳ ଧରଣୀର ମୃତ୍ୟୁ ଅଜଣା” ।

Digitized by srujanika@gmail.com

# ସତ୍ୟାନୁସନ୍ଧାନୀ-କବି ମାୟାଧର ମାନସିଂହ

**ଶ୍ରୀ ପଠାଣି ପଟ୍ଟନାୟକ**

## ଖତ ଗଦାରେ ପଦ୍ମ ଫୁଲ :

ଇଂରାଜୀରେ ଗୋଟିଏ କଥା ଅଛି – 'Poets are born, not made' କବି ହେଉଛି ନୈସର୍ଗିକ ପ୍ରତିଭାର ଅଧିକାରୀ । ପ୍ରତିକୂଳ ପରିବେଶ, ଅନୁର୍ବର ପାଣିପାଗ, ଜୀବନ ସଂଗ୍ରାମର ତିକ୍ତ ଅନୁଭୂତି ମଧ୍ୟରେ ସାଂସାରିକ କବି ମଣିଷର ସନ୍ତୁଳିତ ଜୀବନ ପରାଭବ ସ୍ୱୀକାର କରେନାହିଁ, ବରଂ ସେ ପ୍ରଜ୍ୱୋଳିତ ଅଙ୍ଗାର କଣା ମଧ୍ୟରେ ସ୍ୱର୍ଣ୍ଣଖଣ୍ଡ ପରି ଅତ୍ୟନ୍ତ ଉଜ୍ଜଳ ଏବଂ ରସାଣିତ ହୋଇଥାଏ । ଚିଲିକା ହଦ୍ର ମଧ୍ୟରେ ଏକ ଦ୍ୱୀପଖଣ୍ଡର ନନ୍ଦଳା ଗ୍ରାମରେ କବି ମାନସିଂହ ଜନ୍ମଗ୍ରହଣ କରିଥିଲେ ଏକ ଅନଗ୍ରସର ପରିବାରରେ । ମାତ୍ର ଚାରିବର୍ଷର ବାଳକ ବୟସରେ ସେ ହୋଇଥିଲେ ବାପଛେଉଣ୍ଡ । ପିତାଙ୍କ ମୃତ୍ୟୁଜନିତ ଦୁଃଖକୁ ସହ୍ୟ କରି ନ ପାରି ମାତା ତାଙ୍କର ଆତ୍ମହତ୍ୟା କରିଥିଲେ । ଏକାନ୍ନବର୍ତ୍ତୀ ପରିବାର ମଧ୍ୟରେ ଏହି ଅସହାୟ ଶିଶୁଟିର ବ୍ୟକ୍ତିତ୍ୱ ନାନା ଝଡ଼ଝଞ୍ଜା ମଧ୍ୟରେ କିପରି ବିକାଶପ୍ରାପ୍ତ ହେଲା, ତାହା ଚିନ୍ତାକଲେ ବିସ୍ମିତ ହେବାକୁ ପଡ଼େ । ଅବହେଳିତ ପଲ୍ଲୀଗ୍ରାମର ପରିବେଶରେ ନା ଥିଲା ଶିକ୍ଷାଲାଭର ସୁଯୋଗ, ନା ଥିଲା ଉଚ୍ଚାଙ୍ଗ ସାଂସ୍କୃତିକ ମୂଲ୍ୟବୋଧର ସ୍ପର୍ଶ-ସୁଖ । ଅଥଚ ଏହି ପରି ଅଭିଶପ୍ତ ପରିବେଶର ସନ୍ତାନ ମାନସିଂହ ସେକାଳରେ ନିଜର ପ୍ରତିଭାର ବିଚ୍ଛୁରିତ ଆଲୋକରେ ବିଶ୍ୱବିଦ୍ୟାଳୟର କେବଳ ସର୍ବୋଚ୍ଚ ଡିଗ୍ରୀ ହାସଲ କରି ସନ୍ତୁଷ୍ଟ ହୋଇନଥିଲେ, ସମ୍ବଳହୀନ ମାନସିଂହ ସାତସମୁଦ୍ର ପାରି ହୋଇ ଇଂଲଣ୍ଡର ଡରହାମ ବିଶ୍ୱବିଦ୍ୟାଳୟରେ ଗବେଷଣା କରି ସେକ୍ସପିୟର ଓ କାଳିଦାସଙ୍କ ବିଷୟରେ ତୁଳନାତ୍ମକ ଅଧ୍ୟୟନ କରିଥିଲେ ଏବଂ ପି.ଏଚ.ଡ଼ି. ଡିଗ୍ରୀରେ ଭୂଷିତ ହୋଇଥିଲେ । ତତ୍କାଳୀନ ଓଡ଼ିଶାର ଉଚ୍ଚଶିକ୍ଷିତ ସମାଜରେ ଏହି ଗୌରବରେ ଅଧିକାରୀ ହେବାର ବିଦ୍ୱାନ କ୍ୱଚିତ ଦୃଷ୍ଟିଗୋଚର ହୋଇଥାଆନ୍ତି ।

ଖୋର୍ଦ୍ଧାସ୍କୁଲର ଛାତ୍ର ଥିବା ଅବସ୍ଥାରେ ସାହିତ୍ୟ ସାଧନା ପାଇଁ ଲେଖନୀ ଧାରଣ କରିଥିଲେ । ଲକ୍ଷ୍ମୀନାରାୟଣ ସାହୁଙ୍କ ସଂପାଦିତ ସହକାର ପତ୍ରିକାରେ ସେ

Digitized by srujanika@gmail.com

ଲେଖିଲେ କବିତା ଓ କ୍ଷୁଦ୍ରଗଳ୍ପ । ଜୀବନବ୍ୟାପି ସାଧନା କରି ସେ ହେଲେ ଅପୂର୍ବ ସିଦ୍ଧିର ଅଧିକାରୀ । ଆଧୁନିକ କାଳର ଓଡ଼ିଆ ସାହିତ୍ୟରେ କବି ମାୟାଧର ମାନସିଂହ ଏକ ଲୋକପ୍ରିୟ ଏବଂ ଅବିସ୍ମରଣୀୟ ନାମ । ନିଜର କବି ଜୀବନର ସ୍ମୃତିଚାରଣ କରି ସେ ଲେଖିଥିଲେ.......... "ବର୍ତ୍ତମାନ ବିଶ୍ଳେଷଣ ପ୍ରୟାସରେ ମୋର ଲେଖକ ଜୀବନର ସମଗ୍ର ଅତୀତକୁ ଚାହିଁବାକୁ ପଡୁଛି । ମୁଁ ସେହି ଦୀର୍ଘପଥର ଆରମ୍ଭ ପର୍ଯ୍ୟନ୍ତ ପଳାଇ ଦେଖୁଛି, ଯେ ଯେଉଁ ସ୍ଥାନ ବା ଗୋଷ୍ଠୀରେ ମୋର ଜନ୍ମ ଓ ବାଲ୍ୟକାଳ କଟିଯାଇଛି, ସେଠି ଲେଖକରେ ସ୍ଥାନ ନ ଥିଲା କି ଲେଖକ ହେବାକୁ ମୋତେ କେହି ଲୋକ ଉତ୍ସାହିତ କିମ୍ବା ପ୍ରଣୋଦିତ କରିବାର ଲୋକ ନ ଥିଲା । ଏ ପର୍ଯ୍ୟନ୍ତ ବି ମୋର ଗାଁର ଦାଦା, ଖୁଡ଼ୀ, ଭାଇବନ୍ଧୁମାନେ ଜାଣନ୍ତି ନାହିଁ ଯେ ମୁଁ ଏକ ତଥାକଥିତ ଲେଖକ । ଅସ୍ପଷ୍ଟ ଭାବରେ କିଛି ଗୋଟାଏ ଶୁଣାଶୁଣିରୁ ଧାରଣା ଥିଲେ ମଧ, ମୁଁ କଣ ଲେଖେ, ସେ ସମ୍ପର୍କରେ ସେମାନେ ଏକାବେଳକେ ଅଜ୍ଞ । କିନ୍ତୁ ଏଥିରେ ସେମାନଙ୍କ ଅପେକ୍ଷା ମୋର ଲଜ୍ଜା ହିଁ ଅନେକ । ମୁଁ କଣ କିପରି କବି ବା ଲେଖକ ହୋଇଛି, ଅଥଚ ମୋର କୁଟୁମ୍ବ ବା ଗ୍ରାମବାସୀ ମୋର ପୁସ୍ତକ ପଢ଼ି ଆନନ୍ଦ ଲାଭ କରିପାରିଲେ ନାହିଁ, ଏହାଠାରୁ ମୋର ଲେଖକ ଜୀବନର ଅଧିକ ବ୍ୟର୍ଥତା, ଅଧିକ ଶରମ ଥାଇପାରେ କି ? ମୁଁ ଅନେକବେଳେ ଏହି ଚିନ୍ତାରେ ମଧ ମୁହ୍ୟମାନ ହୁଏ ଏବଂ ନିଜକୁ ଧିକ୍କାର କରେ । ତଥାପି ଲେଖେ କାହିଁକି ?" (୧)

ଲେଖକଙ୍କର ବାଲ୍ୟକାଳର ଦୁଇଟି ଅନୁଭୂତି ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଏବଂ ଅବିସ୍ମରଣୀୟ । ଇଂଲଣ୍ଡର ସିଂହାସନରେ ସପ୍ତମ ଏଡୋଓ୍ୟାର୍ଡଙ୍କ ସିଂହାସନ ଆରୋହଣ ଉତ୍ସବ ଉପଲକ୍ଷେ ପାରିକୁଦ ଦରବାରରେ ଏକ ସଭା ହେଉଥାଏ । କେଉଁ ଆବେଗରେ ଅନୁରୋଧରେ କେଜାଣି ବାଳକ ମାନସିଂହ ଗଦ୍ୟରେ ଲେଖିଲେ ଏକ ପ୍ରଶଂସାସୂଚକ ଲେଖା ଯାହାକୁ ସେ ପ୍ରବୀଣମାନଙ୍କ ସମ୍ମୁଖରେ ପାଠ କରିଥିଲେ । ଏହା ତାଙ୍କର ଜୀବନର ପ୍ରଥମ ଲେଖା । ଏହି ସଂପର୍କରେ ଲେଖକଙ୍କର ପ୍ରତିକ୍ରିୟା ହେଲା ...." ହୁଏତ ଏହାହିଁ ମୋର ଜୀବନର ପ୍ରଥମ ଲେଖା – ଗଦ୍ୟରେ ଆରମ୍ଭ, ଏକ ଦୈବ୍ୟ ସୂଚନା ଯେ ଜୀବନଟା ନିରାଟ ଗଦ୍ୟମୟ ହେବ – ଯାହାହିଁ ହୋଇଛି ।"(୨)

Digitized by srujanika@gmail.com

ସେହିପରି ଅହେତୁକ ଭାବରେ ଏହି ବୟସରେ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ଏକ ଛବିର ଖାଲିଥିବା ପୃଷ୍ଠପଟରେ ଅମିତ୍ରାକ୍ଷର ଛନ୍ଦରେ ଲେଖିପକାଇଲେ ସରସ୍ୱତୀଙ୍କ ବନ୍ଦନା ଏବଂ କାହିଁକି ପତ୍ରିକା ଗାରେଇଲୁ ବୋଲି ଦାଦାଙ୍କ ଠାରୁ ଗାଳି ଶୁଣିଲେ । ଏହି ବିଷୟରେ କବି ଲେଖିଛନ୍ତି - "ଅକ୍ଷର ଚର୍ଚ୍ଚା ଯୋଗୁଁ ଉତ୍କଳରେ ମିତ୍ର ଅପେକ୍ଷା ଅଧିକ ଅମିତ୍ରହିଁ ପ୍ରାପ୍ତ ହୋଇ ଆସିଛି । ଜୀବନ ହିଁ ହୋଇଛି ଯତିହୀନ । ଛାପା ବହିରେ କାହିଁକି ପେନ୍‌ସିଲ ଗାରଉଛି କହି ଦାଦା ମୋତେ ସେହି ମୁହୂର୍ତ୍ତରେ ହିଁ ଗାଳି ଦେଇଥିଲେ । ଲେଖିସାରିବା ପରେ କବିତାର ଖବର ଭୁଲିଯିବା ଏବେ ବି ମୋର ସ୍ୱାଭାବିକ ଅଭ୍ୟାସ । ତେଣୁ ମୋର ସେହି ଆଦି କବିତାଟି କୁଆଡ଼େ ଗଲା, ମୁଁ କହିପାରିବିନି, କିନ୍ତୁ ସଦ୍ୟପୁରସ୍କାରଟା ମନେ ଅଛି । ଲେଖକ ପାଇଁ ସେହି ଶ୍ରେଣୀକ ପୁରସ୍କାର ହିଁ ମୁଁ ବିଶେଷ ଭାବରେ ପାଇ ଆସୁଛି" । (୩)

କଥାରେ କହନ୍ତି - "ତୁଳସୀ ଦୁଇପତ୍ରରୁ ବାସେ" । ବାସ୍ତବିକ, କବି ମାନସିଂହଙ୍କ ଜୀବନପ୍ରତି ଏହା ଅକ୍ଷରେ ଅକ୍ଷରେ ସତ୍ୟ । ତାଙ୍କ ପିଲାଦିନେ ଓଡ଼ିଶା ଭୂଖଣ୍ଡରେ ବିଶେଷ ଶିକ୍ଷାନୁଷ୍ଠାନ ନଥିଲା । ଓଡ଼ିଆ ଭାଷାରେ ମୁଦ୍ରଣଶିଳ୍ପ ଥିଲା ଅତ୍ୟନ୍ତ ଅନଗ୍ରସର । ସାଧାରଣ ପାଠାଗାରର ବ୍ୟବସ୍ଥା ଥିଲା ସ୍ୱପ୍ନ ପ୍ରାୟ । ସାମୟିତ ସାହିତ୍ୟ ପତ୍ରିକାର ସଂଖ୍ୟା ଥିଲା ଅଙ୍ଗୁଳିମେୟ । ଏହିପରି ଅନ୍ଧକାର ଯୁଗରେ ସାରସ୍ୱତବ୍ୟାକୁଳତା ଚରିତାର୍ଥ କରିବା ଥିଲା ଅତ୍ୟନ୍ତ ଆୟାସସାଧ୍ୟ । ନିପଟ ପଲ୍ଲୀ ଅଞ୍ଚଳରେ ଜନ୍ମଗ୍ରହଣ କରିଥିବା ବାଳକ ମାନସିଂହ କିପରି ଏହି କ୍ଷୁଧାକୁ ନିବାରଣ କରୁଥିଲେ, ତାହା ତାଙ୍କରି ଭାଷାରେ ହିଁ ପାଠ କରାଯାଇପାରେ..."

ଦୁଃଖ - ଅଭାବ ବା ଜୀବନରେ ଅପୂର୍ଣ୍ଣତାର ତୀବ୍ର ଅନୁଭବ ଭିତରେ ବଢ଼ି ଚାଲିଥିବାରୁ ଆଲୋକ ଓ ଆନନ୍ଦର ପ୍ରତିଶ୍ରୁତି ପାଇଁ ଯେଉଁ ଅନୁସନ୍ଧାନ ତାହା ଯେ, ଯେ କୌଣସି ଲୋକର ନିଜ ଧର୍ମରୁ ହିଁ ଆରମ୍ଭ ହେବ, ଏହାତ ସ୍ୱଭାବିକ କଥା।

ମନେ ପଡୁଛି, ମିଡଲ ସ୍କୁଲର ଛାତ୍ର ଥିଲାବେଳେ ହିଁ, ସେ କାଳରେ ପରିପ୍ରଚାରିତ - ମହିମ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀଙ୍କର ବଙ୍ଗଭାଷା ଲିଖିତ ପ୍ରାୟ ସମସ୍ତ, ପୁସ୍ତକ ନିଜ ବ୍ୟୟରେ ସୁଦୂର ଆସାମରୁ ମଗାଇ, ଅତ୍ୟନ୍ତ ମନଯୋଗ

Digitized by srujanika@gmail.com

ଦେଇ ଏ ଲେଖକ ପଢ଼ି ଚାଲିଥିଲା । ତା'ପରେ ଆସିଲା ରାମକୃଷ୍ଣ - ବିବେକାନନ୍ଦଙ୍କ ପ୍ରଭାବ । ମୂଳ ବଙ୍ଗଳାରେ ରାମକୃଷ୍ଣ କଥାମୃତ ଓ ବଙ୍ଗଳା ଓ ଇଂରାଜୀରେ ଲିଖିତ ରାମକୃଷ୍ଣ ବିବେକାନନ୍ଦଙ୍କ ଜୀବନକୁ, ଲେଖକ କେତେଥର ଯେ ପୁନରାବୃତ୍ତିର ଦୁଃସହତା ପରିବର୍ତ୍ତରେ ଆନନ୍ଦୋଜ୍ଜଳ ଉତ୍ସାହରେ ପାଠ କରିଛି, ତାହା ଅଗଣ୍ୟ କହିଲେ ମଧ, ବୋଧହୁଏ ଅତ୍ୟୁକ୍ତି ହେବ ନାହିଁ । (୪)

ଏହି ସବୁ କାରଣରୁ କବି ମାନସିଂହଙ୍କର ପ୍ରତିଭାର ଆକଳନ ଅତ୍ୟନ୍ତ ବିସ୍ମୟକର ମନେ ହୋଇଥାଏ ।

## କ୍ଷତବିକ୍ଷତ ଜୀବନର ବିକଳ ଅନୁଭୂତି :

ନିଜ ଜୀବନ କାଳର ହିସାବନିକାଶ କରି ମାନସିଂହ ଲେଖିଥିଲେ - "ମାନସିକ ଜଗତରେ ଘଟିଲା ବହୁ ବିକ୍ଷୋଭ, ବ୍ୟର୍ଥତା ଓ ବିପ୍ଳବ । ଜୀବନରେ ରହିଗଲା ବହୁ ତିକ୍ତ ସ୍ମୃତି ।" (୫)

କବି ମାନସିଂହ ଜନ୍ମ ହୋଇଥିଲେ ଏକ ଦରିଦ୍ର ପରିବାରରେ, ଓଡ଼ିଶାର ଅତ୍ୟନ୍ତ ଅନଗ୍ରସର ଅଞ୍ଚଳରେ । ବାଲ୍ୟକାଳରେ ସେ ପିତାମାତାଙ୍କୁ ହରାଇ ଛେଉଣ୍ଡ ହୋଇ ଯାଇଥିଲେ । କିନ୍ତୁ ସେ ଥିଲେ ଆଜନ୍ମରୁ ଉଚ୍ଚାଭିଳାଷୀ । ତେଣୁ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଡିଗ୍ରୀ ହାସଲ କରିବାପାଇଁ ସେ ସମର୍ଥ ହୋଇଥିଲେ । କୌଣସି ପ୍ରତିକୂଳ ଅବସ୍ଥାକୁ ମୁଣ୍ଡପାତି ଆଦରି ନେବାର ବ୍ୟକ୍ତିତ୍ୱ ସେ ନଥିଲେ । ମହାତ୍ମାଗାନ୍ଧୀଙ୍କ ଆତ୍ମଚରିତ ପାଠ କରି ସେ ଜାଣିଲେ - ହେମଚନ୍ଦ୍ର ନାମରେ ଜଣେ ଇଂରେଜୀ ଅନଭିଜ୍ଞ ଗୁଜରାଟୀ ଯୁବକ ଜଳ-ଜାହାଜରେ କାମ କରି ପୃଥିବୀର ଅର୍ଦ୍ଧେକ ବୁଲି ଆସିଥିଲେ । ସେ ହେଲେ ମାନସିଂହଙ୍କ ପ୍ରେରଣା । ତେଣୁ ସମ୍ବଳହୀନ ମାନସିଂହ କୌଣସି ପ୍ରକାର ଘରୋଇ ବା ସରକାରୀ ପ୍ରୋତ୍ସାହନ ନ ଥାଇ ସେକାଳରେ ବିଲାତର ଡ଼ରହାମ ବିଶ୍ୱବିଦ୍ୟାଳୟରୁ ପି.ଏଚ.ଡ଼ି ଡିଗ୍ରୀ ଲାଭ କରିବାରେ ଆଶ୍ଚର୍ଯ୍ୟ କଣ ଅଛି ?

କିନ୍ତୁ ଅତ୍ୟନ୍ତ ପରିତାପର ବିଷୟ ଯେ ବିଦେଶୀ ବିଶ୍ୱବିଦ୍ୟାଳୟର ପି.ଏଚ.ଡ଼ି. ଡିଗ୍ରୀଟିଏ ଥାଇ ସୁଦ୍ଧା ମାନସିଂହ ଯୋଗ୍ୟତାର ମାପକାଠିରେ ସରକାରୀ ଚାକିରୀଟିଏ ପାଇଲେ ନାହିଁ । ସେହି ସମୟରେ ଉଚ୍ଚଶିକ୍ଷିତ ମାନସିଂହ ଅତ୍ୟନ୍ତ ସହଜରେ

Digitized by srujanika@gmail.com

ଡ଼େପୁଟି ଚାକିରୀରେ ଅବସ୍ଥାପିତ ହୋଇପାରିଥାଆନ୍ତେ । ମାତ୍ର ତାହା ହୋଇପାରି ନଥିଲା । ରେଭେନ୍ସା କଲେଜରେ ଅଧ୍ୟୟନ କାଳରେ କଲେଜ ମୁଖପତ୍ର 'ରେଭେନ୍ସାଭିଆନ' ରେ ସେ ଲେଖିଲେ ଉତ୍କଳମଣି ଗୋପବନ୍ଧୁଙ୍କ ବିଷୟରେ ଏକ ପ୍ରବନ୍ଧ । ଗୋପବନ୍ଧୁଙ୍କ ମୃତ୍ୟୁପରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ଲେଖିଲେ 'ଗୋପତର୍ପଣ' ଏବଂ 'ସମାଜ' ପୃଷ୍ଠାରେ 'ଗୋପପ୍ରୟାଣ' । ପରାଧୀନ ଭାରତରେ ଜାତୀୟବାଦୀ ନେତାଙ୍କର ସ୍ତବଗାନ ଅତ୍ୟନ୍ତ ଅପରାଧ ମନେ ହେଉଥିଲା ବିଦେଶୀ ଇଂରେଜ ପ୍ରଶାସକଙ୍କ ଦୃଷ୍ଟିରେ । ରେଭେନ୍ସା କଲେଜର ଅଧ୍ୟକ୍ଷ ମି. ଅର୍ଗିଲ ମାନସିଂହଙ୍କ ବିରୁଦ୍ଧରେ ଲେଖିଲେ ସରକାରଙ୍କୁ - "He Wants to be in both the Camps" ମାନସିଂହ ଡ଼େପୁଟୀ ହେବା ନୋହିଲା "ଇଂରେଜ ସରକାର ଅବିଶ୍ୱାସୀ ଲୋକଙ୍କୁ ଶାସନ ବିଭାଗରେ ପୂରାଇଲେ ନାହିଁ ।" (୬) ତାଙ୍କ ଜୀବନର ଏହି ପ୍ରକାର କରୁଣ ଅନୁଭୂତି ପ୍ରାଞ୍ଜଳ ଭାବରେ 'ଶିକ୍ଷାବିଦ୍‌ର ଗାଥା' ରେ ବର୍ଣ୍ଣନା କରାଯାଇଛି । ବି.ଇଡ଼ି. ପାଶ୍ କରି ସେ ହେଲେ ବାଣପୁର ଉଚ୍ଚଇଂରାଜୀ ବିଦ୍ୟାଳୟର ସହକାରୀ ଶିକ୍ଷକ । ତାଙ୍କର ସ୍ୱାଧୀନ ଓ ମୌଳିକ ମତ କର୍ତ୍ତୃପକ୍ଷଙ୍କର ଅସହ୍ୟ ହେଲା । ତେଣୁ ସେ ବାଧହେଲେ ଇସ୍ତଫା ଦେବାପାଇଁ । ପରବର୍ତ୍ତୀ କର୍ମକ୍ଷେତ୍ର ହେଲା ନମାପଡ଼ା ହାଇସ୍କୁଲ । ଏହି ଶିକ୍ଷକତା କାଳରେ ସତ୍ୟବାଦୀ-ସାହିତ୍ୟ ଆନ୍ଦୋଳନରେ ବିଶିଷ୍ଟ ପ୍ରାବନ୍ଧିକ ଶ୍ରୀ ବାସୁଦେବ ମହାପାତ୍ର ତାଙ୍କର ସହକର୍ମୀ ଥିଲେ ଏହି ସମୟରେ ଶିକ୍ଷକ ମାନସିଂହଙ୍କର ଗୋଟିଏ ଇଂରାଜୀ ଲେଖା ମାନ୍ଦ୍ରାଜ ସହରରୁ ପ୍ରକାଶିତ ବିଖ୍ୟାତ ଇଂରାଜୀ ମାସିକ "Indian Review" ପତ୍ରିକାରେ ପ୍ରକାଶିତ ହୋଇଥିଲା । ତାହା ପାଠ କରି ସ୍କୁଲର ପ୍ରଧାନଶିକ୍ଷକ ମନମୋହନ ଘୋଷ କହିଥିଲେ - "ମାୟାଧର, ତୁମ ସ୍ଥାନ ଏଠି ନୁହେଁ, କଲେଜରେ ।" ମାତ୍ର ଏ ଦେଶର ଦୁର୍ଭାଗ୍ୟ, ତାଙ୍କ ପରି ଗୁଣୀ ଲୋକ ଏ ଦେଶରେ ଅଧିକକାଳ କଲେଜରେ ରହିପାରିଲେ ନାହିଁ । ପୂର୍ବତନ ପୂର୍ବାଞ୍ଚଳ ଗଡ଼ଜାତ ରାଜ୍ୟର ଶିକ୍ଷା ପରାମର୍ଶଦାତା ଥିବା ସମୟରେ ତତ୍‌କାଳୀନ ଡ଼ି.ପି.ଆଇଙ୍କର ଏକ ନୀତିଗତ ପ୍ରମାଦ ପ୍ରତି ଦୃଷ୍ଟି ଆକର୍ଷଣ କରିଥିବାରୁ ତାଙ୍କୁ ଗଡ଼ଜାତ - ଚାକିରୀ ହରାଇବାକୁ ପଡ଼ିଥିଲା । ୧୯୪୮ ସାଲରେ ବେସିକ ଶିକ୍ଷା ପ୍ରଣାଳୀକୁ ସମାଲୋଚନା କରି ସେ ହରାଇଥିଲେ ଶିକ୍ଷା ବିଭାଗର ପରିଦର୍ଶକ ପଦବୀ । ପରେ ସମ୍ବଲପୁର ଗଙ୍ଗାଧର ମେହେର କଲେଜରେ

Digitized by srujanika@gmail.com

ସେ ଦୀର୍ଘକାଳ ଅଧ୍ୟକ୍ଷ ଥାଇ ଅଭାବନୀୟ ପରିବର୍ତ୍ତନ ଆନୟନ କରିଥିଲେ । କିନ୍ତୁ ଏଠାରୁ ମଧ୍ୟ ତାଙ୍କୁ ଅତର୍କିତ ଅବସ୍ଥାରେ ବିଦାୟ ନେବାକୁ ପଡ଼ିଥିଲା । ସ୍ୱାଧୀନ ଭାରତବର୍ଷରେ ବାକ୍‌ସ୍ୱାଧୀନତା ଅଭ୍ୟାସ କରି ସେ ଅସୀମ ଦୁଃଖ ଓ ଅପମାନ ଭୋଗ କରିଥିଲେ । ଏହି ସଂପର୍କରେ ଲେଖକଙ୍କର ମତ ଏହିପରି .........

"ଦେଶର ଲେଖକ, ଶିକ୍ଷାବିଦ୍ ଓ ବୁଦ୍ଧିଜୀବୀଗଣ ଯଦି ସ୍ପଷ୍ଟ କଥା କହିବାର ଅଧିକାର ନ ପାଆନ୍ତି, ବା କହିବାକୁ ଭୟ କରନ୍ତି, ବା କହିଲେ ସରକାରୀ କର୍ମଚାରୀ ଥିବା ବାହାନାରେ ଦଣ୍ଡିତ ହୁଅନ୍ତି, ତେବେ ଡ଼ିମୋକ୍ରାଶିର (ଲୋକପ୍ରତିନିଧି ଶାସନର) ନାମ ଉଚ୍ଚାରଣ ହିଁ ଭଣ୍ଡ ଛଦ୍ମତା ।" (୭)

"ବେସିକ୍ ବିରୁଦ୍ଧରେ ଲେଖିବାରୁ ମୁଁ ତ ଦିନେ ଦଣ୍ଡ ଭୋଗିଲି, କିନ୍ତୁ କର୍ତ୍ତାଏ କହନ୍ତୁ ଆଜି ଏ ଦେଶରେ କାହିଁ ?" (୮)

## ଜଣେ ଶିକ୍ଷକର ସ୍ୱାଭିମାନ :

ମାନସିଂହ ଆଜୀବନ ଶିକ୍ଷକ ହୋଇ ସ୍ମରଣୀୟ ହୋଇ ପାରିଲେ ନିଜକୁ ଭାଗ୍ୟବାନ ମନେ କରିବେ ବୋଲି ବାରମ୍ବାର ଲେଖିଯାଇଛନ୍ତି । ଯେଉଁ ଦେଶରେ ଆଦର୍ଶ ଶିକ୍ଷକ ନାହାନ୍ତି, ସେ ଦେଶର ଭବିଷ୍ୟତ କେବେହେଲେ ଉଜ୍ଜ୍ୱଳ ହେବ ନାହିଁ । ଆଲୋଚନା ପ୍ରସଙ୍ଗରେ ସେ ଚୀନ ଦେଶର ଗୋଟିଏ 'ଢ଼ଗ' କଥା ଉଲ୍ଲେଖ କରିଥିଲେ । ତାହା ଏହିପରି........ "If your plant for a year, plant rice. If your plant for ten years, plant trees. If your plant for 100 years plant men" ଆଦର୍ଶ ଶିକ୍ଷକମାନେ ହିଁ ଜାତିକୁ ଗଠନ କରନ୍ତି । କ୍ଷମତାଶୀଳ ରାଜନୀତିକ ଲୋକେ ବିଚାରନ୍ତି ଯେ ଜାତି ଗଠନର ଚାବିକାଠି ସେମାନଙ୍କର ହାତରେ । ସ୍ୱାଧୀନ ଭାରତର ଏହି ଅର୍ଦ୍ଧଶତାବ୍ଦୀ ରାଜପଥରେ ଜାତୀୟ ସଂହତି ଓ ଜାତୀୟ ଜୀବନର ଅବକ୍ଷୟ ସହିତ ଜାତିଗତ, ଗୋଷ୍ଠୀଗତ ଓ ସଂପ୍ରଦାୟଗତ ସଂଘର୍ଷର ଭସ୍ମାସୁର ପ୍ରଭାବଶାଳୀ ହୋଇଅଛି । ଜନଜୀବନ ଆଜି ଭୀତତ୍ରସ୍ତ ଏବଂ ସମାଜଜୀବନ ଅତ୍ୟନ୍ତ ବିଡ଼ମ୍ବିତ । ଚତୁର୍ଦ୍ଦିଗରେ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଦୁର୍ଗତିର ହୋଲିରଖେଳ । ଦକ୍ଷିଣାଞ୍ଚଳ ପ୍ରଧାନଶିକ୍ଷକ ସମ୍ମିଳନୀରେ ଶିକ୍ଷାବିଦ୍ ମାନସିଂହ ଅତ୍ୟନ୍ତ ଆନ୍ତରିକତାର ସହିତ ଉଦ୍‌ବୋଧନ

Digitized by srujanika@gmail.com

ଦେଇଥିଲେ ...... ।

"ଆଜି ପୃଥିବୀ ଘୃଣା, ଅବିଶ୍ୱାସରେ ବହୁଧା ବିଭକ୍ତ । ଧର୍ମାନ୍ଧତା ଯୋଗୁଁ ଆମ ଜନ୍ମଭୂମି ଭାରତ ମଧ୍ୟ ଆଜି ବିଭକ୍ତ ଓ ମନୁଷ୍ୟର ରକ୍ତ ଓ ଲୋତକରେ ତାର ମାଟି ଆର୍ଦ୍ର । ଏଣେ ଆମ ଭିତରେ ଭାଷା ଓ କାଷ୍ଟ (ଜାତି) ଓ ପ୍ରାଦେଶିକ ଜାତୀୟ ତାର ଅନ୍ଧତା ମଧ୍ୟ ଅନୁକୂଳ ବେଳ ପାଇଁ ଅପେକ୍ଷା କରି ରହିଛନ୍ତି; ସୁବିଧା ପାଇଲେ ବିଦେଶର ଅଗ୍ନିକାଣ୍ଡକୁ ସାହାଯ୍ୟ କରିବେ । ଈଶ୍ୱର ଓ ଆମର ପ୍ରିୟ ଐତିହାସିକ ଗୌରବମୟ ଏହି ଜନ୍ମଭୂମିକୁ ସ୍ମରଣ କରି ଆମେ ଶିକ୍ଷକମାନେ ଏହି ମାରାତ୍ମକ ଅନ୍ଧତା ସବୁର ଗଜା ଯେପରି ନଷ୍ଟ କରିପକାଉଁ ।

ଜାତୀୟ ଚରିତ୍ରର ଅଧଃପତନ ଦେଖି ସେ ବିକଳ ଓ ବିଚଳିତ ହେଉଥିଲେ । ଏ ଦେଶରେ ଶିକ୍ଷକମାନଙ୍କୁ ଉପଯୁକ୍ତ ସମ୍ମାନ ନଦେଲା ପର୍ଯ୍ୟନ୍ତ ଏହି ଅବସ୍ଥାର ନିରାକରଣ ହେବନାହିଁ । କ୍ଷମତାଶୀଳ ରାଜନୀତିଜ୍ଞମାନେ ଯୋର କରି କ୍ଷମତାର ବଳୟ ମଧ୍ୟରେ ସମ୍ମାନ ଦାବୀ କରିଥାଆନ୍ତି । ମାତ୍ର ଜାତିଗଠନ ଦିଗରେ ସେମାନଙ୍କର ନା ଥାଏ ଯୋଗ୍ୟତା ବା ଆନ୍ତରିକତା । ହୀନ ସ୍ୱାର୍ଥସାଧନ ପାଇଁ ସେମାନେ ପ୍ରାୟତଃ ତତ୍‌ପର ରହିଥାଆନ୍ତି । ଜଣେ ଶିକ୍ଷକ ଅପେକ୍ଷା ଶିକ୍ଷାବିଭାଗରେ ହାକିମ ଅଧିକ ସମ୍ମାନିତ ହେଉଥିବାର ଦେଖାଯାଏ । ମାତ୍ର "ଏକ ପ୍ରକୃତ ସଭ୍ୟଜାତି ନିକଟରେ ଜଣେ ପ୍ରକୃତ 'ଶିକ୍ଷକ' ର ସମ୍ମାନ କୌଣସି ଡ଼ି.ପି.ଆ.ଇ. ବା ଶିକ୍ଷାମନ୍ତ୍ରୀ ପାଇ ନ ପାରନ୍ତି ବୋଲି" ମାନସିଂହ ବିଶ୍ୱାସ କରୁଥିଲେ । ଶିକ୍ଷକମାନଙ୍କ ଜୀବନରେ ସ୍ୱାଧୀନ ଚିନ୍ତାରେ ବିକାଶ ନ ହେଲେ ସେମାନେ କିପରି ଏହି ଜାତିଗଠନରେ ସହାୟକ ହେବେ । ଜଣେ ଆଦର୍ଶ ଶିକ୍ଷକ ଭାବରେ ଅଧ୍ୟକ୍ଷପଦରେ, ପରିଦର୍ଶକ ପଦରେ ଅଥବା ଶିକ୍ଷା ପରାମର୍ଶଦାତା ଭାବରେ ସେ ଯେଉଁ ପରିବର୍ତ୍ତକ କରିବାପାଇଁ ଉଦ୍ୟମ କରିଥିଲେ, ପ୍ରତିକ୍ରିୟାଶୀଳ ଶାସନକଳେ ତାହାଙ୍କୁ ବରଦାସ୍ତ କରିପାରିଲା ନାହିଁ । ତଥାପି ମାନସିଂହଙ୍କର ଲେଖନୀ ନୀରବ ହୋଇଯାଇ ନ ଥିଲା । ସେ ନିର୍ଭୀକ ମନରେ ନିଜର ମତକୁ ଉଦ୍‌ଘୋଷଣା କରି ଚାଲିଥିଲେ ।

ଜଣେ ଶିକ୍ଷକ ଭାବରେ ଲୋକସ୍ମୃତିରେ ବଞ୍ଚିପାରିଲେ ସେ ନିଜକୁ ଧନ୍ୟ ମନେ କରିବେ ବୋଲି ଲେଖିଯାଇଛନ୍ତି । କେତେଜଣ ଶିକ୍ଷକ ଏ ଦେଶରେ

Digitized by srujanika@gmail.com

ଏହିପରି ସ୍ୱାଭିମାନର ଅଭିଳାଷୀ ହୋଇଛନ୍ତି ? ସେ ଲେଖିଥିଲେ........... "ମଲାବେଳକୁ ଯଦି ମତେ କବି ଓ ଲେଖକ ଭାବରେ ମୋ ଜାତି ସ୍ୱୀକାର କରିଥିବ, ଭଲ କଥା । କିନ୍ତୁ ତା ନ ହୋଇଥିଲେ ମଧ ବା ତାହା ସଙ୍ଗେ ସଙ୍ଗେ ମତେ ଜାତି ତାର ଜଣେ 'ଶିକ୍ଷକ' ଭାବରେ ମଧ ଯେପରି ଗଣିବ । ଏଇ ମୋର ଆଶା ।" (୧୦)

## ସବୁଜ ସାହିତ୍ୟ - ଆନ୍ଦୋଳନ ବିରୁଦ୍ଧରେ ବିଦ୍ରୋହ

ଓଡ଼ିଆ ସାହିତ୍ୟର ଆଲୋଚକଗଣ ଆଧୁନିକ କାଳରେ ଓଡ଼ିଆ ସାହିତ୍ୟର ବିଚାରବିଶ୍ଳେଷଣ କଲାବେଳେ ସତ୍ୟବାଦୀ ଯୁଗ, ସବୁଜ ଯୁଗ ଏବଂ ପ୍ରଗତି ଯୁଗ ବୋଲି ନାମିତ କରିଥିବା ଜଣାଯାଏ । ମାତ୍ର କେତୋଟି ବର୍ଷରେ କେତେଜଣ ସାହିତ୍ୟସାଧକ ଯେଉଁ ଦିଗଦର୍ଶନ ଦେଇଗଲେ, ତାହାକୁ ଯୁଗ ଭାବରେ ନାମିତ ନ କରି ଏକ ସାରସ୍ୱତ - ଆନ୍ଦୋଳନ ଭାବରେ ଆଖ୍ୟାତ କରାଯାଇ ପାରେ । ପ୍ରସଙ୍ଗକ୍ରମେ ଏଠାରେ ସବୁଜ ଯୁଗର ବିଷୟ ଆଲୋଚନା କରାଯାଉ । ତଥାକଥିତ ସବୁଜ ଯୁଗର ଅନ୍ୟତମ ସାରଥୀ ଏବଂ ସବୁଜ ଆନ୍ଦୋଳନର ମୁଖପତ୍ର "ଯୁଗବୀଣା" ର ସଂପାଦକ ନ୍ୟାୟମୂର୍ତ୍ତି ହରିହର ମହାପାତ୍ରଙ୍କର ଜୀବନ ସ୍ମୃତିର କିଛି ଅଂଶ ଏଠାରେ ଉଦ୍ଧାର କରାଯାଇପାରେ । ତାଙ୍କର ବକ୍ତବ୍ୟରୁ ଜଣାଯାଉଛି ଯେ "ସବୁଜ ସାହିତ୍ୟ ସମିତି" ଏକ ପ୍ରକାଶନ ସଂସ୍ଥା ଥିଲା, ସାହିତ୍ୟ ଅନୁଷ୍ଠାନ ନଥିଲା ।" ଶରତ (ମୁଖାର୍ଜୀ) ବୈଷୟିକ ଅଭବୃଦ୍ଧିର ଚାତକ । ବିଶେଷ କରି ତାଙ୍କରି ପ୍ରରୋଚନାରେ ସ୍ଥିର ହେଲା ସାହିତ୍ୟ ସମ୍ପର୍କିତ ପୁସ୍ତକ ଓ ପତ୍ରିକା ପ୍ରକାଶନ ପାଇଁ ଏକ ସହଯୋଗ ସମିତି ସ୍ଥାପନ କରିବା ପ୍ରକାଶନ ସଂସ୍ଥାର ନାମକରଣ ହେଲା ସବୁଜ ସାହିତ୍ୟ ସମିତି । ସେଥିରେ ନୂତନତ୍ୱ କିଞ୍ଚିତ ପ୍ରତିଭାତ ହେଲା ସବୁଜ ଶବ୍ଦ ସଂଯୋଗରେ । ଆମ୍ଭମାନଙ୍କ ସାହିତ୍ୟ ଚର୍ଚ୍ଚା ବା ସୃଷ୍ଟିକୁ ସବୁଜ ଆଖ୍ୟା ଦେବା, ନା କଲେଜରେ, ନା ପରେ କଦାପି ଆମ ମନରେ କେବେ ଉଠି ନଥିଲା ।" ଓଡ଼ିଆ ସାହିତ୍ୟରେ ସବୁଜ ଶବ୍ଦର ପ୍ରଚଳନ ପ୍ରାୟ ନ ଥିଲା । ବଙ୍ଗଳାରେ ସେତେବେଳେ ସବୁଜପତ୍ର ବୋଲି ଏକ ପତ୍ରିକା ବାହାରୁଥାଏ । ରବୀନ୍ଦ୍ରନାଥଙ୍କ କବିତାରେ 'ସବୁଜ' ଶବ୍ଦ କେତେ ସ୍ଥାନରେ ଥିଲା । ଅନ୍ନଦା (ଅନ୍ନଦାଶଙ୍କର ରାୟ) ଙ୍କ ରଚିତ

Digitized by srujanika@gmail.com

କବିତାରେ 'ସବୁଜ ପରୀ' ବୈକୁଣ୍ଠଙ୍କ (ପଟ୍ଟନାୟକ) କବିତାରେ 'ସବୁଜବନ୍ଧୁ' ପ୍ରକାଶ ପାଇଥିଲା ପ୍ରାୟ ୧୯୨୫ ମସିହାରେ ଆମେ କଲେଜରେ ପଢୁଥିଲା ବେଳେ । କଥିତ ଓଡ଼ିଆର 'ସବ୍‌ଜା ସବଜି' ର ଅର୍ଥ ତଟକା ପରିବା । ସତେଜ ଅର୍ଥରେ ସବୁଜ ଶବ୍ଦ କିଛି ଅପ୍ରାସଙ୍ଗିକ ନୁହେଁ । ଆମେ ସେ ଶବ୍ଦ ବଙ୍ଗଳାରୁ ଆଣିଛୁ ବୋଲି ଅଭିଯୋଗ ବରାବର ହୋଇ ଆସିଛି । ପ୍ରକାଶନ ସମିତି ଗଠନ ବେଳେ 'ସବୁଜ ସାହିତ୍ୟ ସମିତି' ନାମକରଣ କରିଥିଲୁ ସତ, କିନ୍ତୁ ଆମ ଗୋଷ୍ଠୀକୁ 'ସବୁଜ ଗୋଷ୍ଠୀ' ଓ ଆମ ଲେଖାକୁ 'ସବୁଜ ସାହିତ୍ୟ' ଓ ସେହି ସମୟକୁ 'ସବୁଜଯୁଗ' ଆଖ୍ୟା ଦେଇଛନ୍ତି ଅନ୍ୟମାନେ । ଓଡ଼ିଆ ସାହିତ୍ୟରେ 'ସବୁଜ' ଶବ୍ଦ ସ୍ୱୀକୃତି ଲାଭ କରିଛି । (୧୧)

ସବୁଜ ସାହିତ୍ୟ ସମିତିର ଉଦ୍ୟମ ପୁରା ଦମରେ ମାତ୍ର ସାତ ବର୍ଷ ଚାଲିଥିଲା ବୋଲି ଶ୍ରୀଯୁକ୍ତ ମହାପାତ୍ର ଉଲ୍ଲେଖ କରିଛନ୍ତି ।

ତେବେ ଏହି ସବୁଜ ଦଳ ଗଳ୍ପ, ଉପନ୍ୟାସ ଓ କବିତା କ୍ଷେତ୍ରରେ କିଛି ନୂତନତ୍ୱର ସ୍ୱାକ୍ଷର ପ୍ରଦାନ କରିଥିଲେ । ସେତେବେଳେ ବଙ୍ଗଭାଷୀ ଅଞ୍ଚଳରେ ରବୀନ୍ଦ୍ରସୂର୍ଯ୍ୟ ପ୍ରଚଣ୍ଡକିରଣ ପ୍ରଦାନ କରି ପ୍ରତିଭାତ । ଓଡ଼ିଆଭାଷୀ ଅଞ୍ଚଳର କେତେ ଜଣ ତରୁଣ ସାହିତ୍ୟସେବୀ ଅତି ଭୟଙ୍କର ଭାବରେ ରବୀନ୍ଦ୍ର ପ୍ରଭାବିତ ହେଉଥିଲେ ବୋଲି ଅଭିଯୋଗ ହୋଇଥାଏ । ଏମାନଙ୍କ ଲେଖାରେ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଯଥାର୍ଥ ପ୍ରତିଫଳନ ହେଉନଥିଲା ବୋଲି କବି ମାନସିଂହ ପ୍ରତିବାଦ କରିଥିଲେ ତାଙ୍କର "ପରଧର୍ମ" ପ୍ରବନ୍ଧରେ ।

"ଏହି ବଙ୍ଗ ପ୍ରଭାବ ଓଡ଼ିଆ ଭାଷାରେ ଏପରି ପରିବ୍ୟାପ୍ତ ହୋଇ ରହିଛି ଯେ ଆଜିକାଲି ବିଶୁଦ୍ଧ ଓଡ଼ିଆ ଲେଖା ଆଖିରେ ଦେଖିବାକୁ ବିରଳ ହୋଇ ଉଠୁଛି । ଗଦ୍ୟ, ପଦ୍ୟ, ଗଳ୍ପ, କବିତା, ଉପନ୍ୟାସ, ଚିଠିପତ୍ର, ନାୟକ-ନାୟିକା, ସମାଜଚିତ୍ର, ସର୍ବତ୍ର କେବଳ ବଙ୍ଗ ସାହିତ୍ୟର ପ୍ରତିବିମ୍ବ ହିଁ ଆମ୍ଭେମାନେ ଦେଖିବାକୁ ପାଉଁ । ଓଡ଼ିଆ ଭାଷା, ଓଡ଼ିଆ ନାଆଁ, ଓଡ଼ିଆ ସମାଜ, ଓଡ଼ିଆ ଚରିତ୍ର, ଲେଖକମାନଙ୍କ ଆଖି ଆଗରେ ପଡୁନାହିଁ, ପଡୁଛି ବଙ୍ଗାଳୀ ସମାଜ, ବଙ୍ଗାଳୀ କବିତା, ବଙ୍ଗାଳୀ ଚରିତ୍ର । ସରସ୍ୱତୀ ଫକୀରମୋହନଙ୍କ ସେହି ନିଖୁଣ ଓଡ଼ିଆ ଭାଷାରେ ନିଖୁଣ

Digitized by srujanika@gmail.com

ଓଡ଼ିଆ ଚରିତ୍ର ଆଉ ସମ୍ଭବ ହେଉନାହିଁ । ଫକୀରମୋହନ ତାଙ୍କର ଉପନ୍ୟାସମାନଙ୍କର ନାମ ରଖିଲେ ମାମୁଁ, ଛମାଣ ଆଠଗୁଣ୍ଠ, ରାଣ୍ଡୀପୁଅ ଅନନ୍ତା । ତାଙ୍କ ଚରିତ୍ରମାନଙ୍କର ନାମ ହେଲା ଭଗିଆ, ସାରିଆ, ରାମଚନ୍ଦ୍ର ମଙ୍ଗରାଜ, ରାଜୀବଲୋଚନ, ନାକଫୋଡ଼ିଆ, ଚ୍ରିତା, ଗୋପ ସାହୁ ଇତ୍ୟାଦି । ଏ ଗୁଡ଼ିକ ଖାଣ୍ଟି ଓଡ଼ିଆ ଜିନିଷ । କିନ୍ତୁ ଅଧୁନା ଲିଖିତ ଓଡ଼ିଆ ଗଳ୍ପ, କବିତାମାନଙ୍କର ନାମ ହେଲା 'ସବୁଜ କବିତା', 'ଦେଶର ଡାକ', 'ପାଷାଣୀର ପ୍ରତୀକ୍ଷ', ମୁକ୍ତାଗଡ଼ର କ୍ଷୁଧା, ଓ ନାୟକ୍ ନାୟିକାଙ୍କର ନାମ ହେଲା ବାସନ୍ତୀ, ନିରୁପମା, ଚାମେଲୀ, ରମେଶ ଇତ୍ୟାଦି । ସାଧୁ ଭାବରେ ବିଚାର କରି ଦେଖନ୍ତୁ । ଏ ଗୁଡ଼ିକ ଓଡ଼ିଆ ନା ବଙ୍ଗଳା ? (୧୨)

ସବୁଜଦଳର ବଙ୍ଗାନୁସରଣକୁ ତୀବ୍ର ସମାଲୋଚନା କରି ମାନସିଂହ ଲେଖିଥିଲେ ଯେ ସଂପୂର୍ଣ୍ଣ ଓଡ଼ିଆ ରୀତିରେ ଲିଖିତ ଫକୀରମୋହନଙ୍କ ଉପନ୍ୟାସ, ଗୋପବନ୍ଧୁଙ୍କର ପ୍ରବନ୍ଧ, ନୀଳକଣ୍ଠଙ୍କ କାବ୍ୟ, ଗୋଦାବରୀଶଙ୍କ ନାଟକ ଓ ଗାଥା କବିତା ପ୍ରଭୃତି ଯଦି ସମ୍ଭବ ହୋଇପାରିଲା, ତେବେ ବଙ୍ଗଳାଭାଷାରୁ ଅନାବଶ୍ୟକ ଋଣଗ୍ରହଣ କାହିଁକି ବୋଲି ମାନସିଂହ ପ୍ରଶ୍ନ କରିଥିଲେ । ସବୁଜଦଳର ଅତ୍ୟନ୍ତ ପ୍ରଭାବଶାଳୀ ଲେଖକ ଶ୍ରୀ କାଳିନ୍ଦୀଚରଣ ପାଣିଗ୍ରାହୀ ତାଙ୍କର "ସବୁଜ ସ୍ୱପ୍ନ" ପ୍ରବନ୍ଧରେ "ସବୁଜ ସାହିତ୍ୟ" ସପକ୍ଷରେ ଯୁକ୍ତି କରିଥିବାର ଜଣାଯାଇଛି । (୧୩)

ମାନସିଂହ ଥିଲେ ସମ୍ପୂର୍ଣ୍ଣ ଭାବରେ ଓଡ଼ିଶା ମାଟିର କବି । ଓଡ଼ିଶା ସମାଜ, ସଂସ୍କୃତି ଓ ତାର ଗୌରବମୟ ଐତିହ୍ୟ ଥିଲା ମାନସିଂହଙ୍କ କାବ୍ୟକୋଣାର୍କର ମୂଳଭିତ୍ତି । ତେଣୁ ତାଙ୍କର କେତୋଟି ଅମର କୃତି ହେଲା ଜେମା, ସାଧବଝିଅ, କୋଣାର୍କ ଓ କମଳାୟନ । ଓଡ଼ିଶାର ସାଂସ୍କୃତିକ ଜୀବନରେ ଏମାନଙ୍କୁ ଚିହ୍ନାଇବାର ଆବଶ୍ୟକତା ନ ଥାଏ । ସେଥିପାଇଁ ସମାଲୋଚକର ଦୃଷ୍ଟିରେ ଓଡ଼ିଆ ମହାଭାରତକୁ ଆଲୋଚନା କଲାବେଳେ ସେ ନାମିତ କଲେ "ମାଟିର ମହାକବି ସାରଳା ଦାସ୍ ମାନସିଂହଙ୍କର ରୋମାଣ୍ଟିକ କାବ୍ୟ-ଚେତନା ଜାତିର ଐତିହାସିକ ଓ ସାମାଜିକ ବିଭବକୁ ଉଦ୍‌ଘାଟନ କରିବାରେ ଅତ୍ୟନ୍ତ ସହାୟକ ହୋଇଥିଲା । ତାଙ୍କର କାବ୍ୟସାଧନାକୁ ଅଭିନନ୍ଦନ ଜଣାଇ ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ବଳିଷ୍ଠ

Digitized by srujanika@gmail.com

ପ୍ରତିଭା ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ ଯଥାର୍ଥରେ ଲେଖିଥିଲେ......" ଏ କଥା ସତ ଯେ, ଆମ ସମସ୍ତଙ୍କ ଅପେକ୍ଷା ମାନସିଂହ ଥିଲେ ଅତି ଅଧିକମାତ୍ରରେ ଓଡ଼ିଶାର ସ୍ଥାୟୀ ବାସୀନ୍ଦା । ତାଙ୍କୁ ମନେହୁଏ, ସେ ଯେପରି ଏଠାରେ ପ୍ରାଚୀନତମ ଅଧିବାସୀ ଆଉ ଆମେ ସମସ୍ତେ ଯେପରି କେହି ପରବର୍ତ୍ତୀ ପର୍ଯ୍ୟାୟର ଲୋକ ଏଠିକି ଆସି ଆସ୍ଥାନ ଜମାଇଛୁ । ପୈତୃକ ଭିଟାଭୂମିକୁ ଶେଷ ପର୍ଯ୍ୟନ୍ତ ଏପରି ଜାବୁଡ଼ି ଧରି ପଡି ରହିବାର ଧୈର୍ଯ୍ୟ ଓ ପ୍ରବୃତ୍ତିରେ ସେ ଥିଲେ ସତରେ ଅଟଳ ଓ ଅପରିବର୍ତ୍ତନୀୟ । ସମୟର କ୍ଷିପ୍ର ପ୍ରଭଞ୍ଜନକୁ ଏଡ଼ାଇ ଦେଇ ମାଟି କାମୁଡି ପଡିରହିବାର ଲୋକ ମାନସିଂହଙ୍କ ଛଡ଼ା ମୁଁ ଆଉ କାହାକୁ ଦେଖିନାହିଁ । (୧୪)

## ସଂପାଦନା ଓ ସାହିତ୍ୟ ସଂଗଠନ :

୧୯୪୦ ମସିହାର କଥା ଦ୍ୱିତୀୟ ମହାଯୁଦ୍ଧ ଆରମ୍ଭ ହୋଇଯାଇଥାଏ । ଓଡ଼ିଶାରେ ପୂର୍ବରୁ ପ୍ରକାଶିତ ସହକାର, ନବଭାରତ, ଉତ୍କଳସାହିତ୍ୟ, ବାରୁଣୀ, ଡଗର ପ୍ରଭୃତି ସାହିତ୍ୟ ପତ୍ରିକା ଏକପ୍ରକାର ନୀରବ ହୋଇଯାଇଥାଆନ୍ତି । ଏହି ପରି ସାମାଜିକ ସନ୍ଧିକ୍ଷଣରେ କବି ମାନସିଂହ ସଂପାଦନା କଲେ "ଆରତି" ପତ୍ରିକା ଏହି ପତ୍ରିକାର ପ୍ରକାଶକ ଥିଲେ ଚାନ୍ଦବାଲିର ଧନୀଯୁବକ ଛାତ୍ର ଶ୍ରୀ ଉପେନ୍ଦ୍ରନାଥ ସାମଲ । ଛଅଟି ମାସ ସଂପାଦନା ଦାୟିତ୍ୱ ଗ୍ରହଣ କରି ମାନସିଂହ ଓହରି ଯାଇଥିଲେ ହେଁ ଶେଷ ପର୍ଯ୍ୟନ୍ତ ସେ ଥିଲେ ଏହାର ଅନ୍ତରଙ୍ଗ ପୃଷ୍ଠପୋଷକ । 'ଆରତି' ଥିଲା ଓଡ଼ିଶାର ପତ୍ରିକା ସଂସାରରେ ଏକ ବ୍ୟତିକ୍ରମ । ପୂର୍ବ ପ୍ରକାଶିତ ପ୍ରତିକା ଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ଲେଖକ ଗୋଷ୍ଠୀ ଥିଲେ ଏବଂ ପ୍ରାୟତଃ ସେହିମାନଙ୍କର ଲେଖାହିଁ ଉକ୍ତ ପତ୍ରିକାରେ ସ୍ଥାନିତ ହେଉଥିଲା । ମାତ୍ର 'ଆରତି' ହେଲା ଓଡ଼ିଶାର ସବୁ ଗୋଷ୍ଠୀ ଓ ନାନା ମତବାଦୀ ଲେଖକମାନଙ୍କର ମୁଖପତ୍ର । ଏଥିରେ ଲେଖୁଥିଲେ - ସବୁଜ ଗୋଷ୍ଠୀର କାଳିନ୍ଦୀ ପାଣିଗ୍ରାହୀ, ବୈକୁଣ୍ଠ ପଟ୍ଟନାୟକ, ଏହିକାଳର ମାୟାଧର ମାନସିଂହ, ଗୋଦାବରୀଶ ମହାପାତ୍ର, କ୍ଷିତୀଶ ଚନ୍ଦ୍ର ଦେ, ଉପେନ୍ଦ୍ର କିଶୋର ଦାସ, ନିକୁଞ୍ଜ କିଶୋର ଦାସ, ଓ ପ୍ରଗତି ସାହିତ୍ୟର ସଚ୍ଚିଦାନନ୍ଦ ରାଉତରାୟ । ଶିଳ୍ପୀ ବିମ୍ବାଧର ବର୍ମାଙ୍କର ଚିତ୍ର ନିୟମିତ ଭାବରେ ଏହି ପତ୍ରିକାର ଶ୍ରୀବର୍ଦ୍ଧନ କରୁଥିଲା । 'ଆରତି' ର ଆଭିମୁଖ୍ୟ ଆଲୋଚନା କରି ଏକ ସଂପାଦକୀୟରେ କୁହାଯାଇଥିଲା.....

Digitized by srujanika@gmail.com

"ଓଡ଼ିଶାର ଲେଖକ ଲେଖିକା ଓ ଶିଳ୍ପୀମାନଙ୍କ ମଧ୍ୟରେ ଦୃଢ ଐକ୍ୟ ପ୍ରତିଷ୍ଠ କରିବାହିଁ 'ଆରତି' ର ଏକମାତ୍ର ଉଦ୍ଦେଶ୍ୟ । 'ଆରତି' ତାର ଉଦ୍ଦେଶ୍ୟ ସାଧନରେ କେତେଦୂର କୃତକାର୍ଯ୍ୟ ହେବ, ତାହା 'ଆରତି' ର ବିଚ୍ଛିନ୍ନ ପ୍ରୟାସ ଅପେକ୍ଷା ଓଡ଼ିଶାର ଲେଖକ ଲେଖିକାମାନଙ୍କର ସମ୍ମିଳିତ ସହଯୋଗ ଉପରେ ହିଁ ଅଧିକ ପରିମାଣରେ ନିର୍ଭର କରେ । 'ଆରତି' ଓଡ଼ିଶାର ସବୁ ସାହିତ୍ୟିକମାନଙ୍କର ମୁଖପତ୍ର ହେଉ-ଏହାରି ମୁଖରେ ଓଡ଼ିଶାର ଅବହେଳିତ ସୁଖ, ଦୁଃଖ, ଅଭାବ, ଅଭିଳାଷ, ସ୍ୱପ୍ନ, ଅନୁଭୂତି ପରସ୍ପର ସହିତ ଗଭୀର ସାମଞ୍ଜସ୍ୟ ଓ ସୁନିବିଡ଼ ସମ୍ପର୍କ ବଜାୟ ରଖି ଭାଷା, ବର୍ଣ୍ଣ ଓ ରୂପ ପାଆନ୍ତୁ ଏହି କାମନା ଛଡା 'ଆରତି'ର ବଡ କାମ୍ୟ ଆଉ କିଛି ନାହିଁ । (୧୫)

ଓଡ଼ିଶାରେ ଲେଖକ ଲେଖିକାମାନେ ପ୍ରାୟତଃ ଶୋଷିତ ଓ ଲାଞ୍ଛିତ । ସେମାନଙ୍କ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ହେଉ ଏବଂ ସେମାନେ ନିଜର ନ୍ୟାଯ୍ୟ ଦାବି ହାସଲ କରିବାପାଇଁ ଆଗଭର ହେବାକୁ 'ଆରତି' ଆହ୍ୱାନ ଜଣାଇଥିଲେ ।

ପୂର୍ବାଞ୍ଚଳ ପୂର୍ବତନ ଗଡ଼ଜାତ ରାଜ୍ୟଗୁଡ଼ିକର ଶିକ୍ଷା ପରାମର୍ଶଦାତା ଥିବା କାଳରେ ମାନସିଂହ ସଂପାଦନା କରିଥିଲେ 'ଶଙ୍ଖ' ସାହିତ୍ୟ ମାସିକ । ତତ୍କାଳୀନ ବାମଣ୍ଡାରାଜା ଏହି ପତ୍ରିକାର ଥିଲେ ପୃଷ୍ଠପୋଷକ । ଏହି ପତ୍ରିକାରେ ସଂପାଦକ ମାନସିଂହ ଲେଖକମାନଙ୍କୁ ପାରିତୋଷିକ ଦେବାର ବ୍ୟବସ୍ଥା କରାଇପାରିଥିଲେ । ମାନସିଂହ ଥିଲେ ନିର୍ଭୀକ ସଂପାଦକ । ଏହି ପତ୍ରିକାର ସଂପାଦକୀୟରେ 'ତ୍ରୀପାଠୀଙ୍କ ଗଣିତ' ସଂପାଦକୀୟ ଲେଖି ସେ ଡି.ପି.ଆଇ ଶ୍ୟାମସୁନ୍ଦର ତ୍ରିପାଠୀଙ୍କର କୋପଦୃଷ୍ଟିରେ ପଡ଼ିଥିଲେ ଏବଂ ଶିକ୍ଷାପରାମର୍ଶଦାତା ଚାକିରୀ ହରାଇଥିଲେ । ଅବସର ଜୀବନରେ ସେ କିଛି କାଳ 'ଦୈନିକ ସ୍ୱରାଜ୍ୟ' ର ସଂପାଦନା ଦାୟିତ୍ୱ ମଧ୍ୟ ଗ୍ରହଣ କରିଥିଲେ । ଏତଦ୍‌ବ୍ୟତୀତ ପ୍ରକାଶକ ନବ ମହାପାତ୍ରଙ୍କ ଦ୍ୱାରା ପ୍ରକାଶିତ 'ଆଲୋକ' ଡ଼ାଇଜେଷ୍ଟର ସଂପାଦନା ସହିତ ମଧ୍ୟ ସେ କିଛିକାଳ ସମ୍ପୃକ୍ତ ରହିଥିଲେ । ମାନସିଂହ ଥିଲେ ଜଣେ ନିର୍ଭୀକ ସଂପାଦକ । ପତ୍ରିକା ମାଧ୍ୟମରେ ଏକ ସାରସ୍ୱତ ପରିବାର ପ୍ରତିଷ୍ଠା ହେଉ ବୋଲି ସେ ସର୍ବଦା ସ୍ୱପ୍ନ ଦେଖୁଥିଲେ । ତାଙ୍କ ପରି ଜଣେ ଅଭିଜାତ ଓ ସ୍ୱାଭିମାନୀ ସମ୍ପାଦକ ଏକାନ୍ତ ବିରଳ ।

Digitized by srujanika@gmail.com

ଗଙ୍ଗାଧର ମେହେର କଲେଜରେ ଅଧ୍ୟକ୍ଷ ଥିଲାବେଳେ ମାନସିଂହ ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ମେହେର ପ୍ରଦୀପ' କୁ ମାସିକ ସାହିତ୍ୟ ପତ୍ରିକାରେ ପରିଣତ କରିଥିଲେ ଏବଂ ଓଡ଼ିଶାର ସର୍ବାଞ୍ଚଳର ଲେଖକମାନେ ନିମନ୍ତ୍ରିତ ହେଉଥିଲେ ଏଥିରେ ଲେଖିବାପାଇଁ । କେବଳ ଦ୍ୱାଦଶତମ ସଂଖ୍ୟାଟି ଉଦ୍ଦିଷ୍ଟ ଥିଲା କଲେଜର ଛାତ୍ରଛାତ୍ରୀମାନଙ୍କ ପାଇଁ । ଏହା ଥିଲା ଓଡ଼ିଶାର ଶିକ୍ଷାଜଗତରେ ଏକ ଅବିସ୍ମରଣୀୟ ପରୀକ୍ଷା । ପରିତାପର ବିଷୟ ଯେ ମାନସିଂହଙ୍କ ପରେ ଏହି ପରମ୍ପରା ରକ୍ଷାକରାଯାଇ ପାରିଲା ନାହିଁ । ଏହି ମେହେର କଲେଜରେ ଅବସ୍ଥାନ କାଳରେ କେତେଜଣ ସାହିତ୍ୟସେବୀ ସହକର୍ମୀ ଅଧ୍ୟାପକମାନଙ୍କ ସହଯୋଗରେ ମାନସିଂହ ପ୍ରକାଶ କଲେ 'ନମୁନା ଜ୍ଞାନ କୋଷ' ପରବର୍ତ୍ତୀକାଳରେ ସୁସାହିତ୍ୟିକ ବିନୋଦ କାନୁନଗୋ ଲୋକପ୍ରିୟ ଜ୍ଞାନ କୋଷ 'ଜ୍ଞାନ୍ ମଣ୍ଡଳ' ସଂପାଦନା କଲେ । ମାନସିଂହଙ୍କ ଦାୟିତ୍ୱରେ ଉତ୍କଳ ବିଶ୍ୱବିଦ୍ୟାଳୟ କେତେଖଣ୍ଡି ଜ୍ଞାନ କୋଷ ସଂକଳନ କଲେ । ମାତ୍ର ଏ କ୍ଷେତ୍ରରେ ନିଜର ସୀମିତ ପରିସର ମଧ୍ୟରେ ମାନସିଂହ ପ୍ରଥମେ 'ନମୁନା ଜ୍ଞାନକୋଷ' ପ୍ରକାଶ କରି ଗୌରାବାନ୍ୱିତ ହୋଇଥିଲେ ।

ସ୍ୱାଧିନ ଭାରତବର୍ଷରେ ଓଡ଼ିଶାରେ ଏକ ସାହିତ୍ୟ ଏକାଡେମୀ ହେଉ ବୋଲି ମାନସିଂହ ପ୍ରଥମେ ସ୍ୱପ୍ନ ଦେଖିଥିଲେ । ସାହିତ୍ୟ ଏକାଡେମୀ ଏକ ପୁସ୍ତକ ପ୍ରକାଶନ ଓ ପୁରସ୍କାର ପ୍ରଦାନ ସଂଗଠନ ହେଉ ବୋଲି ସେ ବିଚାର କରି ନଥିଲେ । ତାଙ୍କର ସାରସ୍ୱତ କଳ୍ପନା ଥିଲା ସୁଦୂର ପ୍ରସାରୀ । ତାଙ୍କରି ଭାଷାରେ- "ଓଡ଼ିଆ ସାହିତ୍ୟ ଏକାଡେମୀ, ଲେଖକର ଥିଲା ସେହି ସ୍ୱପ୍ନ । ଲେଖକ କଳ୍ପନା କରିଥିଲା ଯେ ଓଡ଼ିଶା ସାହିତ୍ୟ ଏକାଡେମୀ ଏକ ଓଡ଼ିଆ ଭାଷା ଓ ସାହିତ୍ୟ ବିଶ୍ୱବିଦ୍ୟାଳୟ ରୂପେ ଦଣ୍ଡାୟମାନ ହେବ; ଯାହାର ଏକ ବିଭାଗରେ ଚାଲିଥିବ ବିବିଧ ଅଭିଧାନ, ଜ୍ଞାନକୋଷ ଓ ଭାଷାତାତ୍ତ୍ୱିକ ଆଲୋଚନା ଓ ପ୍ରକାଶନାବଳି; ଆଉ ଏକ ବିଭାଗ ନେବ ସକଳ ବୈଜ୍ଞାନିକ ପ୍ରକାଶନର ଭାର । ଆଉ ଏକ ବିଭାଗରେ ଚାଲିଥିବ ଜନତାକୁ ନୂଆ କରି ଗଢିବାର ସାହିତ୍ୟ ରଚନା, ଆଉ ଏକ ବିଭାଗରେ ରହିବ ପ୍ରାଚୀନ ସାହିତ୍ୟର ନବସଂସ୍କରଣର ଆୟୋଜନ, ଆଉ ଏକ ବିଭାଗରେ ରହିବ ବିଶ୍ୱସାହିତ୍ୟର ଶ୍ରେଷ୍ଠ ପୁସ୍ତକମାନଙ୍କର ଅନୁବାଦ, ପୁଣି ଅନ୍ୟ ବିଭାଗ ନେଇପାରେ ଜାତିକୁ ଉତ୍କୃଷ୍ଟ ପାଠ୍ୟପୁସ୍ତକ ଯୋଗାଇବାର ଭାର ।" (୧୬)

Digitized by srujanika@gmail.com

୧୯୫୧ ମସିହା ମାର୍ଚ୍ଚ ୧୫ ତାରିଖ ଦିନ ଭାରତର ପାର୍ଲିଆମେଣ୍ଟ ଭବନରେ ଏକ ଲେଖକ ସମ୍ମିଳନୀ ହୋଇଥିଲା । ଭାରତର ସର୍ବାଞ୍ଚଳର ଏହି ସାହିତ୍ୟସେବୀଙ୍କ ସମ୍ମିଳନୀରେ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ ମୌଲାନା ଆବୁଲକଲାମ ଆଜାଦ୍ ସଭାପତିତ୍ୱ କରିଥିଲେ । ସ୍ୱାଧୀନ ଭାରତର ଏହି ପ୍ରଥମ ସାରସ୍ୱତ-ବୈଠକରେ ଓଡ଼ିଆ ସାହିତ୍ୟର ପ୍ରତିନିଧିତ୍ୱ କରିଥିଲେ ସ୍ୱନାମଧନ୍ୟ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତି ଏବଂ କବି ମାୟାଧର ମାନସିଂହ । ଏହି ଆଲୋଚନାରୁ ଜନ୍ମଗ୍ରହଣ କରିଥିଲା ଭାରତୀୟ ସାହିତ୍ୟ ଏକାଡେମୀ । ପ୍ରତିଷ୍ଠାକାଳରୁ ୧୯୬୩ ମସିହା ଯାଏଁ ମାନସିଂହ ଥିଲେ ଏହି ଅନୁଷ୍ଠାନର ବରେଣ୍ୟ ସଭ୍ୟ । ଏହି ଅନୁଦାନ ଦେଶରେ କିନ୍ତୁ କବି ମାନସିଂହଙ୍କୁ କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କୃତ କରିପାରିଲେ ନାହିଁ ।

## ମାନସିଂହ ସାହିତ୍ୟର ଆଭିମୁଖ୍ୟ – ସାର୍ବଜନୀନତା

କାହିଁକି କେଜାଣି, ମାନସିଂହଙ୍କ ବିଷୟରେ ଆଲୋଚନା ହେଲେ ଆଲୋଚକମାନେ ତାଙ୍କର ପ୍ରେମ କବିତା ବ୍ୟତୀତ ଆଉ କିଛି ଦେଖିପାରନ୍ତି ନାହିଁ । ଅତ୍ୟନ୍ତ ବିଶାଳ ଏବଂ ବିସ୍ତୃତ ଥିଲା ମାନସିଂହଙ୍କର କାବ୍ୟସାଧନା । ପ୍ରଥମ ଯୌବନରେ ସେ ଥିଲେ ଅତ୍ୟନ୍ତ ରୋମାଣ୍ଟିକ ଏବଂ ପ୍ରେମ ଓ ପ୍ରଣୟର କବି । ମାତ୍ର ତାହା ତାଙ୍କର ଏକମାତ୍ର ପରିଚୟ ନୁହେଁ । ସେ ଥିଲେ ଏକାଧାରରେ ପ୍ରେମ ପ୍ରଣୟର କବି, ସୌନ୍ଦର୍ଯ୍ୟ ପ୍ରବଣତାର କବି, ଆତ୍ମାନୁସନ୍ଧାନୀ କବି, ମାଧୁର୍ଯ୍ୟରସର କବି, ତତ୍ତ୍ୱଦର୍ଶନର କବି, ରହସ୍ୟବାଦୀ କବି, ସର୍ବୋପରି ଜୀବନଧର୍ମୀ କବି । ତାଙ୍କ ସାହିତ୍ୟ ସଂସାରରେ ମାନବଧର୍ମୀ ଅନୁଚିନ୍ତା ଏକ ଗୌରବମୟ ଆସନ ଦାବି କରିଥାଏ ।

କେହି କେହି ତାଙ୍କର ପ୍ରେମ କବିତା ମଧ୍ୟରେ ପରକୀୟାପ୍ରୀତିର ସ୍ପର୍ଶ ଅନୁଭବ କରିଥାଆନ୍ତି । ଏହି ପରିପ୍ରେକ୍ଷୀରେ ମାନସିଂହ ହୋଇଛନ୍ତି ଭାବପ୍ରବଣ ସଂସାରରେ କିମ୍ବଦନ୍ତୀପୁରୁଷ । ମାତ୍ର ଉଚିତ୍ ସାହିତ୍ୟ ସମୀକ୍ଷଣରେ ସେମାନେ କବି ମାନସିଂହଙ୍କ ପ୍ରତି ଅନ୍ୟାୟ କରିଥାଆନ୍ତି । ଏହା ସତ୍ୟ ଯେ ଅନେକ ଏହି ଧରଣୀର ଇନ୍ଦ୍ରିୟଗ୍ରାହ୍ୟ ସୌନ୍ଦର୍ଯ୍ୟକୁ ରୂପାୟିତ କରି ସୁଖୀ ହୋଇଥାଆନ୍ତି । ଏହି

Digitized by srujanika@gmail.com

ପ୍ରକାର ପାର୍ଥିବ ରସ ଆକର୍ଷଣ କରିଥାଏ ଭାବବିହ୍ୱଳିତ ଆଲୋଚକମାନଙ୍କୁ । କିନ୍ତୁ ଶ୍ରେଷ୍ଠ କବିମାନେ ଇନ୍ଦ୍ରିୟଗ୍ରାହ୍ୟ ଅନୁଭୂତିକୁ ଅତିକ୍ରମ କରି ଏକ ଚରମ ସତ୍ୟର ରାଜ୍ୟରେ ପଦାର୍ପଣ କରନ୍ତି । ଏମାନଙ୍କ କବିତାରେ ସୁଦୂରର ବଂଶୀସ୍ୱନ, ଅରୂପ ରାଜ୍ୟର ଆକର୍ଷଣ ଅନେକ ବେଶୀ । କବି ମାନସିଂହ ଥିଲେ ବାସ୍ତବବାଦୀ ମାନବବାଦୀ କବି । ସେ ଏହି ମାଟି ଗୋଡି ଧରାର ମଣିଷକୁ ଭଲ ପାଇଥିଲେ । ତାର ଦୁଃଖରେ ବିଚଳିତ ହୋଇ ବିଦ୍ରୋହ କରିଥିଲେ ଈଶ୍ୱରଙ୍କ ବିରୁଦ୍ଧରେ । ତାଙ୍କ ପାଇଁ କଳ୍ପନାର ସ୍ୱର୍ଗଭୂମି ଆକର୍ଷଣୀୟ ନଥିଲା, ତାଙ୍କର ଅତ୍ୟନ୍ତ ପ୍ରିୟ ଥିଲା ଏହି ମରଣଶୀଳ ପୃଥିବୀ । କବି ରବୀନ୍ଦ୍ରନାଥ ଯେପରି ଗାଇଥିଲେ :-

"ମରିତେ ଚାହିନା ଆମି ସୁନ୍ଦର ଭୁବନେ
ମାନୁଷେର ମାଝେ ଆମି ବାଞ୍ଚିବାର ଚାଇ ।
ଏଇ ସୂର୍ଯ୍ୟ କରେ ଏଇ ପୁଷ୍ପିତ କାନନେ
ଜୀବନ୍ତ ହୃଦୟ ମାଝେ ଯଦି ସ୍ଥାନ ପାଇ ।
ଧରାର ପ୍ରାଣେର ଖେଳା ଚିର ତରଙ୍ଗିତ
ବିଶ୍ୱର ମିଳନ କତ ହାସି ଅଶ୍ରୁମୟ
ମାନବେର ସୁଖେ ଦୁଃଖେ ଗାଁଥିୟା ସଙ୍ଗୀତ
ଯଦି ଗୋ ରଚିତେ ପାରି ଅମର ଆଳୟ ।"

କବି ମାନସିଂହଙ୍କ ବିଶ୍ୱାସ - ଏହି ଜୀବନ ଅମୃତରୁ ଜାତ । ମାତ୍ର ଏହି ଧରଣୀ ଜୀବନକୁ କଳୁଷିତ କରିଦିଏ । ମୋ'ହର ଅଧୀନ ହୋଇ ସେ ପରମକୁ ଭୁଲିଯାଏ । ତେଣୁ କବିଙ୍କର ପ୍ରଶ୍ନ :-

"ହାୟ ଲୋ ଧରଣୀ ! ତୋର ସ୍ପର୍ଶ ଏତେ ଅଶିବ କିପାଇଁ
ନିସର୍ଗ-ଅତିଥି ଆସି ତୋ ବାୟୁର ତପ୍ତ-ପ୍ରାଣ ପାଇ
ଜୀବନେ ମରଣ ଭୋଗେ; ମୃତ୍ତିକାର କାମନା ବାସନା
ଅନ୍ଧକରେ ଚିତ୍ତ ତାର । ଦେବତା ସେ ଅମୃତ-ଚେତନା
ପଦେ ପଦେ ମୃତ୍ୟୁ ଲଭେ ।" (ଧରଣୀ ବାସ)

ଏହିଠାରେ ସେ ସତ୍ୟର ସନ୍ଧାନ କରିବାକୁ ଭୁଲିଯାଏ, ସତ୍ୟବୋଲି ଭାବି ମିଥ୍ୟା ପଛରେ ଧାବମାନ ହେଉଥାଏ । ତଥାପି ଏହି ଧରଣୀ ଅତ୍ୟନ୍ତ ପ୍ରିୟ ।

Digitized by srujanika@gmail.com

କାରଣ ଜୀବନ ସଂଗ୍ରାମରେ ଭଗ୍ନଜାନୁ  ହୋଇ ଫେରି ଆସିଲେ ପିତାମାତା, ବନ୍ଧୁଜନ, ଭଗିନୀ, ପତ୍ନୀ, ପ୍ରତିବେଶୀ ମାନଙ୍କର ସ୍ନେହ ସହାନୁଭୂତି ଜୀବନକୁ କରେ ଧନ୍ୟ । ସେଠାରେ କରୁଣା ଝରିପଡ଼େ ।

ତେଣୁ "ସର୍ବ ଅକଲ୍ୟାଣ ମେଳେ ହେ ଧରଣି; ତେଣୁ ତୋ ଆଶ୍ରୟ ପ୍ରିୟ ଏତେ ।"

## ମାନବବାଦୀ କବି ମାନସିଂହ :

ଆମ ସାହିତ୍ୟର ଅଧିକାଂଶ ଆଲୋଚକ କବି ମାନସିଂହଙ୍କର ଯୌବନକାଳରେ ଲିଖିତ କିଛି ପ୍ରେମାପ୍ଲୁତ କବିତା ପ୍ରତି ଅଧିକ ଆକୃଷ୍ଟ ହେବା ଜଣାଯାଏ । ତେଣୁ ପ୍ରେମ-ସାଧନାର କବି ଭାବରେ ମାନସିଂହ-ଆଲୋଚନା ଅଧିକ ଦୃଷ୍ଟି ଆକର୍ଷଣ କରିଥାଏ । ମାତ୍ର କବି ମାନସିଂହ ଥିଲେ ମୁଖ୍ୟତଃ ମାନବବାଦୀ। ତାଙ୍କ କାବ୍ୟରାଜ୍ୟରେ ଜାତୀୟତା ଭାବନା ଯେତିକି ପ୍ରାଞ୍ଜଳ, ମାନବବାଦୀ ଅନୁଚିନ୍ତା ତତୋଧିକ ସ୍ପଷ୍ଟ ଓ ପ୍ରଭାବଶାଳୀ । ସେ ଥିଲେ ଅତ୍ୟନ୍ତ ସାମାଜିକ ଏବଂ ଏହି ତେଲ ଲୁଣ ସଂସାରର ଦରଦୀ କବି । ସେ କୌଣସି ଦଳ, ମତ ଅଥବା ରାଜନୈତିକ ଗୋଷ୍ଠୀର ଅନୁଗାମୀ ନଥିଲେ । ସେ ସର୍ବତ୍ର ଭଲପାଇଛନ୍ତି ମଣିଷକୁ । ତାର ଦୁଃଖରେ ବିଚଳିତ ହୋଇଛନ୍ତି । ତାହାର ଅନ୍ଧଭାବନା ଓ କୁସଂସ୍କାର ଜନିତ ବିଶ୍ୱାସ ବିରୁଦ୍ଧରେ ବିଦ୍ରୋହ କରିଛନ୍ତି । ତେଣୁ କବିଙ୍କ ସାଧନାର ଆଭିମୁଖ୍ୟ ହୋଇଛି ଲାଞ୍ଛିତ ଓ ଅବହେଳିତ ମଣିଷର ଲୋତକ ପୋଛିବା ।

"ମୋର ଜନ୍ମାନ୍ତର
ଜଗତର କୋଟି କୋଟି ଦୁଃଖୀ ଦରିଦ୍ରର
ନୟନ ଲୋତକେ ମୋର ଲୋତକ ମିଶାଇ
ହେଉ ଗୋ ପବିତ୍ରତର ।
କବିତାରେ ଗାଇ ଦଳିତ ଲାଞ୍ଛିତ ଯେତେ
ତାଙ୍କ ଦୁଃଖ ବ୍ୟଥା;
ଅବଜ୍ଞାତ, ସୁଖ ଦୁଃଖମୟ ପ୍ରାଣ କଥା
ଲେଖନୀ ମୋ ଧନ୍ୟ ହେଉ ।" (ମୁକ୍ତିମାଗେ)

Digitized by srujanika@gmail.com

ଓଡ଼ିଆ ସାହିତ୍ୟରେ ମାନସିଂହ ଅତ୍ୟନ୍ତ ରୋମାଣ୍ଟିକ୍ କବି ଭାବରେ ଖ୍ୟାତି ଅର୍ଜନ କରିଛନ୍ତି । ପ୍ରଗତୀବାଦୀ ଆନ୍ଦୋଳନ ମାର୍କ୍ସୀୟ ଆଦର୍ଶରେ ପରିଚାଳିତ ହେଉଥିଲା । ମାନସିଂହ ପ୍ରଗତିବାଦୀ ଆନ୍ଦୋଳନ ସହିତ ସାମିଲ ନ ହୋଇ ମଧ୍ୟ ସେ ଥିଲେ ଅଧିକ ପ୍ରଗତିବାଦୀ ଓ ମାନବପ୍ରେମୀ । ଦୀନ, ଦୁଃଖୀ, ସର୍ବହରା ପାଇଁ ତାଙ୍କର ଲେଖନୀ ସତତ୍ ବ୍ୟାକୁଳ ହୋଇଛି । ତାଙ୍କ ନିକଟରେ ମଣିଷ ଓ ଦେଶ ହିଁ ଏକମାତ୍ର ସତ୍ୟ, କୌଣସି ରାଜନୈତିକ ସ୍ଲୋଗାନ୍ ନୁହେଁ । ତେଣୁ ସେ ଲେଖିଥିଲେ ନିଜ ବିଷୟରେ - "କୌଣସି ଗୋଷ୍ଠୀ, ଦଳ ବା ଇଜମ୍‌ର ପ୍ରଚାରକ ରୂପେ ଠିଆ ହେବା ମୋର ସ୍ୱଭାବ ବିରୁଦ୍ଧ । ମୁଁ ମୋର କମଳାୟନ କାବ୍ୟରେ ଏହାହିଁ ଦେଖାଇବାକୁ ଯାଇଛି ଯେ ଦଳ ଓ ଦେଶ ଅପେକ୍ଷା ବ୍ୟକ୍ତି ଓ ମାନବ ବଡ଼ । ସେଥିପାଇଁ କମଳ ତାର ରାଜନୈତିକ ଦଳ ଛାଡ଼ି ବିରାଟ ମାନବ ଜାତିର ସେବାରେ ବାହାରି ପଡିଛି । କୌଣସି ଶ୍ଲୋଗାନ୍ ମନୁଷ୍ୟର କଲ୍ୟାଣ ଆଣିପାରିବ ନାହିଁ, ଯେପରି ଆଣିବ ବ୍ୟକ୍ତିର ଚାରିତ୍ରିକ ଶୁଦ୍ଧତା, ନିଃସ୍ୱାର୍ଥପରତା, ସତ୍ୟ ପ୍ରତି ବିଶୁଦ୍ଧ ଅନୁରାଗ ।" (ମୁଁ କାହିଁକି ଲେଖେ)

"ମୋ ଦେଶ ମୋ ଜାତି
ହେଉ ତୋର ପରିବାର ସାରା ଦେଶ ମାଟି
ହେଉ ତୋର କ୍ରୀଡ଼ା କ୍ଷେତ୍ର, ଗୌରବ ସେ ବଡ଼,
ତା ଠାରୁ କି ବଡ଼ କଥା ଭାର୍ଯ୍ୟା, ଜମି, ଘର ।" (କମଳାୟନ)

ମାନିସିଂହ ତ କମ୍ରେଡ-କବି ନଥିଲେ । ଅଥଚ ସେ ତାଙ୍କର "ସେଦିନର କବିତା" ରେ ଲେଖିଥିଲେ ରିକ୍ସାବାଲା, ମଜଦୁର, କୃଷକ, ବଢ଼େଇ, କିରାଣୀ, ସ୍କୁଲ ମାଷ୍ଟର, କଳାସେବକ ପ୍ରଭୃତିଙ୍କ ବିଷୟରେ, ଯେଉଁମାନଙ୍କର ସାଧନା ସମାଜ ଜୀବନକୁ ସମୃଦ୍ଧ କରି ଆସୁଥିଲେ ହେଁ ସେମାନେ ଚିରକାଳ ଅବହେଳିତ । ଏ କ୍ଷେତ୍ରରେ ମାନସିଂହ ଥିଲେ ସ୍ୱତନ୍ତ୍ର ଓ ଅନନ୍ୟସାଧାରଣ । ତେଣୁ ସେ ଅତ୍ୟନ୍ତ ଆନ୍ତରିକ ଭାବରେ "ଗୀତାମହାତ୍ମ୍ୟ" ପୁସ୍ତକରେ ଲେଖିଥିଲେ -

"ଆମର ଦୈନନ୍ଦିନ ଜୀବନର ପ୍ରତ୍ୟେକଟି କର୍ମରେ ଆମେ ଯେପରି ଅନ୍ୟର କଥା, ପ୍ରତିବେଶୀର କଥା, ଆମ ଠାରୁ ଯେଉଁମାନେ ହୀନତର ଓ ଦୀନତର

Digitized by srujanika@gmail.com

ଅବସ୍ଥାରେ ଅଛନ୍ତି, ସେମାନଙ୍କର କଥା ମନରେ ସ୍ଥାନ ଦେଉଁ । ସାଧାରଣ ଗୃହସ୍ଥ ଓ ଗୃହିଣୀ, ହାକିମ ଓ ହାକିମାଣୀ, ହଷ୍ଟେଲ ଓ ମେସରେ ଥିବା ପିଲା ଏ ସମସ୍ତେ ତେଣୁ ସ୍ମରଣ ରଖିବେ, ଗୀତାର ତୀବ୍ର ସତ୍ୟ-ଭୁଂଜତେ ତେ ତ୍ୱଘଂ ପାପା ଯେ ପଚନ୍ତ୍ୟାତ୍ମାକାରଣାତ୍ ।" (୧୭)

କବି ମାନସିଂହଙ୍କର ଏହି ଭାବନାର ଅଭିବ୍ୟକ୍ତି ଅନେକ କବିତାରେ ଅନୁଭବ କରାଯାଇପାରେ । ଦୀନ ଓ ଦଳିତ ପାଇଁ ତାଙ୍କର କାରୁଣ୍ୟ ସୀମାହୀନ। ସମାଜରେ ଅସମାନତା, ଶୋଷଣ ଓ ଅତ୍ୟାଚାର ଦୃଶ୍ୟ କବିଙ୍କୁ ବିଚଳିତ କରିଛି। ସେ କହିଛନ୍ତି –

" ନରର ଦୁଃଖ ବୁଝେନା ନର
  ବୁଝିବ କିଏ ଆଉ,
ବାବୁ ଏ କଣ ଜାଣିବେ କେବେ
  ଭୋକିଲା ପେଟ ଦାଉ । (ରିକ୍ସାବାଲା)
ଜଣେ ଲୋକର ଏତେ ଯେ ଧନ
  ଶୂନ୍ୟ କୋଟି ଲୋକ
ଜଣେ ଲୋକର ଭୋଜି ବିଳାସ
  ଆଉ ସବୁର ଭୋକ ।" (ମଜଦୁର)

କବି ମାନସିଂହ ବିଦେଶରୁ ଆମଦାନୀ ହୋଇଥିବା କୌଣସି ଆଦର୍ଶ ବା ରାଜନୈତିକ ମତବାଦ ଦ୍ୱାରା ପ୍ରଭାବିତ ହୋଇ ଏପରି କଥା କହିନାହାନ୍ତି । ସେ ଥିଲେ ସମ୍ପୂର୍ଣ୍ଣ ସ୍ୱଦେଶୀ । ଏହି ଦେଶର "ବହୁଜନହିତାୟ" ଆଦର୍ଶ ନବ୍ୟ ବସ୍ତୁବାଦୀ ସଭ୍ୟତାରେ ବିସ୍ମୃତ ହେବାକୁ ବସିଥିଲା । କବି ସେହି ସ୍ୱଦେଶୀ-ଦର୍ଶନକୁ ସ୍ମରଣ କରାଇଦେଇଛନ୍ତି । ବିଦେଶୀ ଧାରକରା ବିଚାରକୁ ସେ ଆଦୌ ସ୍ୱାଗତ କରିପାରିନାହାନ୍ତି । ତାଙ୍କର ଏହି ମନୋଭାବ ପ୍ରତିଫଳିତ ହୋଇଛି "କମଳାୟନ" କାବ୍ୟରେ ।

"ବିଚଳିତ ମନ ଏବେ ଏସିଆ ଯୁବକେ
ନ ପଚାରି ନିଜ ରନ୍ଧ୍ରେ ଧାଆନ୍ତି ପୁଲକେ ।

Digitized by srujanika@gmail.com

ଦେଖିବାକୁ ଇସ୍ପାତୀୟ କୁତ୍ସିତ ସଭ୍ୟତା
ଇଉରୋପର ଦେଶେ ଫେରି ବର୍ଣ୍ଣି ସେହି କଥା”
(କମଳାୟନ-ନବମ ସର୍ଗ)

ଏହି ପ୍ରକାର ମାନବବାଦୀ ଚେତନାହିଁ କବିଙ୍କୁ ପ୍ରେରଣା ଦେଇଛି ଈଶ୍ୱରଙ୍କ ନାମରେ ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୁଦ୍ଧରେ ବିଦ୍ରୋହ କରିବାପାଇଁ । ତାଙ୍କରି ଭାଷାରେ “ହିନ୍ଦୁ ଦେବଦେବୀଙ୍କର ପ୍ରତିମାକୁ ମୁଁ ନମସ୍କାର କରେନା । ମୋର ବର୍ତ୍ତମାନ ବଦ୍ଧ ଧାରଣା ଯେ ଏହି ଅପୌତ୍ତଳିକତା ଓ ବ୍ରାହ୍ମଣ ନିର୍ଭର ସାମାଜିକ ଜୀବନ ପରିତ୍ୟାଗ ନକଲେ ସାମାଜିକ ଭାବରେ ହିନ୍ଦୁ ସମାଜ କେବେହେଲେ ସଭ୍ୟ ବା ଉନ୍ନତ ହୋଇପାରିବ ନାହିଁ ।” (ମୁଁ କାହିଁକି ଲେଖେ-ଡଗର-ଜୁଲାଇ-୧୯୭୫) ମତାନ୍ଧ ହୋଇ ଈଶ୍ୱର ଉପାସନା କରିବାକୁ କବି ପସନ୍ଦ କରୁ ନଥିଲେ। କେତେ ଶ୍ରମ ଓ ଅର୍ଥ ବ୍ୟୟ କରି ଏ ଦେଶର ଲୋକେ ତୀର୍ଥ ଭ୍ରମଣ କରନ୍ତି ଓ ଭକ୍ତି ଛଳରେ ଶକ୍ତିର ପ୍ରଦର୍ଶନ କରିଥାଆନ୍ତି । ଅଥଚ ସେମାନଙ୍କର ହୃଦୟରେ ଜନସାଧାରଣଙ୍କ ପାଇଁ ସାମାନ୍ୟତମ ସହାନୁଭୂତି ମଧ୍ୟ ନଥାଏ । ତୀର୍ଥ ଭ୍ରମଣ ନୁହେଁ, ମାନବ ସେବାହିଁ ମାଧବସେବା ବୋଲି ଜନସାଧାରଣ ହୃଦୟଙ୍ଗମ କରିବା ଆବଶ୍ୟକ । ତେଣୁ ସେ ଘୋଷଣା କରିଥିଲେ- “ମୁଁ ଚାହେଁ ଆମ ଦେଶର ଲୋକେ ଶ୍ରମ ଓ ଅର୍ଥ ବୃଥା ବ୍ୟୟ କରି ଦେବତାଙ୍କୁ ଦେଖିବାପାଇଁ ସୁଦୂର ତୀର୍ଥସ୍ଥଳ ମାନଙ୍କୁ ଯିବା ଯେପରି ବନ୍ଦ କରିବେ ଓ ଦେବତାଙ୍କୁ ଦେଖିବାକୁ ଶିଖିବେ ପ୍ରତିବେଶୀଠାରେ ବା ଦ୍ୱାରସ୍ଥ ଦରିଦ୍ରନାରାୟଣଙ୍କ ଭିତରେ ।” (ଶିକ୍ଷାବିତ୍‌ର ଗାଥା-୧୯୬୫-ପୃ୭୧)

କବିକଣ୍ଠର ବ୍ୟାକୁଳ ନିବେଦନ ହେଲା-

“ଏବେ କାଠ ପଥର ନ ପୂଜି, ଆସ ପୂଜ ଜୀବନ୍ତ ଦେବତା
ଯା ଆଖିରୁ ଲୁହ ଯିବ ବହି, କହିଦେଲେ ପଦେ ମଧୁ କଥା ।
ବନ୍ଦ କର ମନ୍ତ୍ର ପାଠ ତବ, ବନ୍ଦ କର କର୍ପୁର ଆରତି,
ଦେଉଳର ବାହାରେ ଦେବତା ହାତପାତି ଉଭା ରହିଛନ୍ତି ।
ଦେବ-ଭୋଗ ନିରନ୍ନରେ ଦିଅ, ଦେବ ସେବା ହେଉ ମାନବରେ

Digitized by srujanika@gmail.com

ଦେବତାର ଦରଶନ ଲଭ, ମାନବର ପ୍ରତି ଘରେ ଘରେ ।" (ଦେବପୂଜା)

କବି ଦରିଦ୍ର ଓ କ୍ଷୁଧାତୁର ଲୋକର ଦୁଃଖରେ ବିଚଳିତ ହୋଇଛନ୍ତି । ପୌରୋହିତ୍ୟ ପ୍ରଥାକୁ ସେ ନିନ୍ଦା କରିଛନ୍ତି । ମଣିଷର ଶକ୍ତି ଉପରେ ତାଙ୍କର ଅଗାଧ ବିଶ୍ୱାସ । ସେ ଇଚ୍ଛାକଲେ ଏହି ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ଅବିଳମ୍ବେ ଏଡ଼ାଇ ଚାଲିପାରିବ । ଚତୁର୍ଦ୍ଦିଗରେ ଶୋଷଣ ଓ ଅତ୍ୟାଚାରର ରାଜପଣ । ଦରିଦ୍ରର ବିଳାପ, ଅଭିଜାତ ଓ ଧନୀକର ଅତ୍ୟାଚାର କାହାରି ମନରେ ଉଚ୍ଚାଟ ସୃଷ୍ଟି କରୁନାହିଁ । ସବୁଆଡେ ଜୀବନର ଦୁଃଖ ଛିନ୍ନଭିନ୍ନ ଜୀବନ । ଜୀବନରେ ପରାଜୟ ସ୍ୱୀକାର କରି ମଥାନତ କରି ସମସ୍ତ ଅତ୍ୟାଚାର ଓ ଅବହେଳା ବରଦାସ୍ତ କରିବାକୁ ସେ ପ୍ରସ୍ତୁତ ନୁହନ୍ତି । କବି ଆହ୍ୱାନ ଜଣାଇଛନ୍ତି ଦଳିତ ଓ ଲାଞ୍ଛିତମାନଙ୍କୁ ଏକାଠି ହେବାପାଇଁ; ଜାଗ୍ରତ ହୋଇ ନିଜର ଅଧିକାର ସାବ୍ୟସ୍ତ କରିବାପାଇଁ । ତେଣୁ କବିବାଣୀ ହେଲା -

"ଆଭିଜାତ୍ୟ ଚୂର୍ଣ୍ଣ ହେଉ, ଧନ ହେଉ ସମାନ ବଣ୍ଟିତ,
ଜୀବନର ସର୍ବ ସୁଖୁ ଦୀନ ଦୁଃଖୀ ନୁହନ୍ତୁ ବଞ୍ଚିତ ।
ବିଜ୍ଞାନ ସମୃଦ୍ଧ କରୁ ନାନା ସୁଖେ ମାନବ ଜୀବନେ
ଉପେକ୍ଷିତ ଭଗବାନ, ଚାହିଁଥାନ୍ତୁ ନବ ବାତାୟନେ ।" (ବିଶୃଙ୍ଖଳ ସୃଷ୍ଟି)

କବି ନାସ୍ତିକ ନୁହନ୍ତି । ସେ ସର୍ବଦା ଏକ ଅରୂପ ଶକ୍ତିର ଉପସ୍ଥିତି ଅନୁଭବ କରିଛନ୍ତି । ତେଣୁ କାମନା କରିଛନ୍ତି -

"ଦିଅ ମୋତେ ଶକ୍ତି ଦିଅ, ଦୀନ ଦୁଃଖୀ ଜନେ
ସୁଖୀ ମୁଁ କରାଏ ତ୍ୱରା, ତିକ୍ତ ଅନସନେ,
ଅମୃତ ମୁଁ ଦିଏ ଆଣି, ବାସ-ବସ୍ତ୍ରହୀନେ"
"ଜଗତର ଦୁଃଖ ମୁହିଁ ପୋଛି ଦେବି କରେ
ଦେଖିବି ଆନନ୍ଦ ରେଖା ନିଖିଳ-ମୁଖରେ" (ସୁଖ ଦୁଃଖ)

ଏହି କାରଣରୁ ଶ୍ରୀଜଗନ୍ନାଥଙ୍କୁ ପତତପାବନ ବୋଲି କବି ନମସ୍କାର କରିଛନ୍ତି । ଜଗନ୍ନାଥ-ସଂସ୍କୃତିର ମହାନ୍ ବାର୍ତ୍ତା ତାଙ୍କୁ ବିଚଳିତ କରିଅଛି । ପ୍ରଭୁ ଜଗନ୍ନାଥ ମହନ୍ତ ବା ମାହାତ୍ମା ମାନଙ୍କର ନୁହଁନ୍ତି, ଭଣ୍ଡ ସ୍ୱାର୍ଥାନ୍ୱେଷୀ ପୁରୋହିତ ବା

Digitized by srujanika@gmail.com

ସନ୍ୟାସୀର ନୁହଁନ୍ତି, ସେ ହେଉଛନ୍ତି ଅଗଣିତ ଅବହେଳିତ ଜନମାନସର ପ୍ରାଣର ଦେବତା । "Jagannath, The Splendid Synthesis" ପ୍ରବନ୍ଧରେ ମାନସିଂହ ଯଥାର୍ଥରେ ଲେଖିଥିଲେ -

"He is not really so much a God for monks and mahatmas as of the common man and we shall see how he has allowed himself to slowly evolve entirely out of considerations for the common man's needs. And in this historic process of adjustments, Jagannath has assimilated strange contradictions age after age, in a manner that might appear as the most amazing in the history of religious thought of the whole humanity." (Orissa review-June-1968)

ଏହା ସତ୍ୟ ଯେ କବି ମାନସିଂହ ତାଙ୍କର ଈଶ୍ୱରଙ୍କୁ ଶାସ୍ତ୍ର ପୁରାଣରେ, ମନ୍ଦିର ମସଜିଦରେ, ଗୀର୍ଜା, ଗୁରୁଦ୍ୱାରରେ ପାଦ୍ରୀ, ପୁରୋହିତ ଅଥବା ମୁଲ୍ଲାଙ୍କ ନିକଟରେ ଖୋଜି ନାହାନ୍ତି । ବରଂ ସେ ତାଙ୍କୁ ଖୋଜିବୁଲିଛନ୍ତି "ମୋ-ଧୂଳି-ଧୂସର ଏହି ଜୀବନର କ୍ଷୁଦ୍ର ଚାରିଆଡ଼େ ।" ସେ ଦିନ ଚଣ୍ଡୀଦାସ କହିଥିଲେ - "ଶୁନରେ ମାନୁଷ ଭାଇ, ସବାଇ ଉପରେ ମାନୁଷ ସତ୍ୟ, ତାର ଉପରେ ନାଇଁ ।"

କବିଗୁରୁ ରବୀନ୍ଦ୍ରନାଥଙ୍କ ଭାବନା ଥିଲା ଏହିପରି ।

ବାହିର ହଇତେ ଦେଖା ଏମନ୍-କରେ
ଅମାୟ ଦେଖୋନା ବାହିରେ ।
ଅମାୟପାବେନା ଆମାର ସୁଖେ ଓ ଦୁଃଖେ,
ଆମାର ବେଦନା ଖୁଁଜେ ନା ଆମାର ବୁକେ
ଆମାୟ ଦେଖିତ ପାବେନା ଆମାର ମୁଖେ,
କବିରେ ଖୁଁଜିଛ ଯେଥାୟ ସେଥା ସେ ନାହିଁରେ ।
ସାଗରେ ସାଗରେ କଳରବେ ଯାହା ବାଜେ
ମେଘ ଗର୍ଜନେ ଛୁଟେ ଝଞ୍ଜାର ମାଝେ
ନୀରବ ମନ୍ଦେ ନିଶୀଥ ଆକାଶେ ରାଜେ

Digitized by srujanika@gmail.com

ଆଁଧାର ହଇତେ ଆଁଧାରେ ଆସନ ପାତିୟା -
ଆମି ସେଇ ଏଇ - ମାନବେର ଲୋକାଲୟେ
ବାଜିୟା ଉଠେଛି ସୁଖେ ଦୁଃଖେ ଲାଜେ ଭୟେ
ଗରଜି ଛୁଟିୟା ଧୟି ଜୟେ ପରାଜୟେ
ବିପୁଳ ଛନ୍ଦେ ଉଦାର ମନ୍ଦେ ମାତିୟା ।"

ଯେଉଁମାନେ କବି ମାନସିଂହଙ୍କୁ ରୋମାଣ୍ଟିକ ଚେତନା ମଧ୍ୟରେ ଅଥବା ପରକୀୟା - ପ୍ରଣୟବିଳାସରେ ଅନୁସନ୍ଧାନ କରିଛନ୍ତି, ସେମାନେ ତାଙ୍କର କବି - ପୁରୁଷର ପ୍ରକୃତ ପରିଚୟ ଲାଭ କରିପାରିନାହାନ୍ତି । ମାନସିଂହ ଥିଲେ ଅବହେଳିତ ଜନସାଧାରଣର କବି । ତାଙ୍କରି ଦୁଃଖରେ ବିଚଳିତ ହୋଇ ସେ ସ୍ୱାର୍ଥପ୍ରଣୋଦିତ ପୁରୋହିତ - ସେବିତ ଈଶ୍ୱରଙ୍କୁ ନମସ୍କାର କରିବାକୁ କୁଣ୍ଠିତ ହୋଇଛନ୍ତି । ତାଙ୍କର 'ନମସ୍କାର' କବିତାରେ କବି ଲେଖିଛନ୍ତି ..........

"ପୁରୋହିତ, କ୍ଷତ୍ରିୟ, ବୈଶ୍ୟର
ପ୍ରୟୋଜନ - ଜନିତ ଈଶ୍ୱର,
ହେ ଈଶ୍ୱର ଗୀର୍ଜା ଦେଉଳର,
ହେ ପ୍ରତୀକ ଅନ୍ଧ ଭଣ୍ଡତାର,
ଚିର ନିକ୍ଷେଷିତ, ଚିର ଦୁଃଖୀ, ଅଭିଶପ୍ତ
ମୁହିଁ ଜଣେ ଶୂଦ୍ର ଜନତାର
ନାହିଁ କରେ ଦୁଃଖେ ନମସ୍କାର ।"

କବି ନମସ୍କାର କରିଛନ୍ତି ସେହି ନିଃସ୍ୱ ଜନତାକୁ ଯେଉଁମାନେ ନିଜର ଶ୍ରମ ଓ ସାଧନା ଜରିଆରେ ଏହି ପୃଥିବୀକୁ କରିଛନ୍ତି ସୁନ୍ଦର ଓ ସମୃଦ୍ଧ । କବି ମାନସିଂହଙ୍କ କାବ୍ୟସାଧନାର ଏକମାତ୍ର ଲକ୍ଷ୍ୟ ଥିଲା "ମଣିଷକୁ ଭଲ ପାଇବା, ମଣିଷଜୀବନକୁ ଅମୃତମୟ କରିବା" ତେଣୁ ସେ କେଉଁ ଅଦୃଶ୍ୟ ଅରୂପ ଶକ୍ତି ନିକଟରେ ପ୍ରାର୍ଥନା କରିଛନ୍ତି ।........

"ମାଗେ ନା ମୁଁ ନିଜ ମୁକ୍ତି, ସନ୍ତୋଷ, ବିଳାସ
ହେ କବି, କରାଅ ମତେ କବି ଜନ୍ମେ ଜନ୍ମେ,
ଗୀତେ ଫୁଟାଇବି ସତ୍ୟ, ଶିବର ବିକାଶ

Digitized by srujanika@gmail.com

ଜଵି ହୃଦେ ବାସ ତବ, କବି ଲେଖନୀରେ
ଉହମା ତୁମର ସ୍ଫୁଟ ମାଟି ଧରଣୀରେ ।"

## କବି ଜୀବନର ଜାତୀୟତା ବୋଧ :

୧୯୧୬ ମସିହାର କଥା । ପୁରୀ ସହରରେ ଉତ୍କଳ ସମ୍ମିଳନୀର ଅଧିବେଶନ ହେଉଥାଏ । ଏଠାରେ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ନେତୃବୃନ୍ଦ ଯୋଗଦାନ କରିଥାଆନ୍ତି । ସଭାପତି ଥାଆନ୍ତି ସମ୍ବଲପୁରର ଗଣ୍ୟମାନ୍ୟ ନେତା ଚନ୍ଦ୍ରଶେଖର ବେହେରା । ଜାତୀୟ ଜାଗରଣ ପାଇଁ ଅପୂର୍ବ ଉତ୍ସାହ ଓ ଆନ୍ଦୋଳନ। ଏହି ସମ୍ମିଳନୀକୁ ନିଜର ସାଆନ୍ତାବାପା (ତତ୍କାଳୀନ ପାରିକୁଦ ରାଜାଙ୍କର ଦେବାନ) ଶ୍ରୀ ଅଗାଧୁ ନାୟକଙ୍କ ସହିତ ଏଗାର ବର୍ଷର ତରୁଣ ମାନସିଂହ ଯୋଗ ଦେଇଥିଲେ ଏବଂ ନେତୃମଣ୍ଡଳୀର ଭାଷଣ ଶୁଣି ଅନୁପ୍ରାଣିତ ହୋଇଥିଲେ । ଏହି କଅଁଳ ବୟସରେ ସେ ଅନୁଭବ କରିଥିଲେ ଦେଶମାତୃକାର ଦୁଃଖ ଓ ଅବହେଳା । ଖୋର୍ଦ୍ଧା ସ୍କୁଲର ଛାତ୍ର ଥିଲାବେଳେ ସେ "ସହକାର" - ୪ର୍ଥ ଭାଗ - ଷଷ୍ଠ ସଂଖ୍ୟାରେ "ମା ଓଡ଼ିଶା" ବୋଲି କବିତାଟିଏ ଲେଖିଥିଲେ । ସେଥିରୁ କବିଙ୍କର ଆଦ୍ୟ ଯୌବନର ମନୋଭାବ କଳନା କରାଯାଇପାରେ ।

"କବିଭୂମି, ଶିଳ୍ପଧାତ୍ରୀ, ତୁହିଟି ମା' ବିଶ୍ୱେ ଗରବିଣୀ
ବୀରମାତା ଉତ୍କଳ ଜନନୀ,
ଆଦିମ ତାମସ ଗର୍ଭୁ ଯେବେ ଗୋ ମା, ବିକାଶ ତୋହରି,
ପ୍ରଥମ ଚୁମ୍ବନ - କ୍ରୀଡ଼ା ରବି ଦେଲା ତୋ ଅଙ୍ଗରେ ଭରି,
ଆସିଲା ବସନ୍ତ ତୁହୁଁ କରିବାକୁ ତୋ ବକ୍ଷରେ ଲୀଳା
ସାଜିଲା ପ୍ରକୃତି ତହୁଁ କରି ତୋତେ ଏମନ୍ତ ଛବିଳା,
ପାତାଳ ଫୁଟାଇ ତହୁଁ ବହିଲେ ଏ ନଦୀ ଶତଶତ,
ବ୍ୟଗ୍ର ଅବିରତ ।"

ଏହି ପବିତ୍ର ଭୂମିରେ ସମ୍ରାଟ ସାଧାରଣର ସେବକ ଭାବରେ ରଥ ଉପରେ ଚଣ୍ଡାଳର ଭୂମିକା ଗ୍ରହଣ କରେ । ଭାରତର ବିଭିନ୍ନ ଧର୍ମ ମତବାଦର ସମନ୍ୱୟ ଦେଖିବାକୁ ମିଳେ ଶ୍ରୀ ପୁରୁଷୋତ୍ତମ ପୀଠରେ । ବୌଦ୍ଧର ଅହିଂସାନୀତି ଓ

Digitized by srujanika@gmail.com

ଜୈନମାନଙ୍କର ଦୟାର୍ଦ୍ରଭାବ ଏହି ଓଡ଼ିଶା ମାଟିରେ ଶତଶତ ବର୍ଷ ଧରି ପରୀକ୍ଷିତ ଓ ଆଦୃତ । ବୀରତ୍ୱ ଓ ନୌବାଣିଜ୍ୟର ଗୌରବମୟ ପରମ୍ପରାରେ ଉତ୍କଳଭୂମି ଗରୀୟାନ। ପ୍ରାଚୀନ ଇତିହାସ ତାହାର ମୂକସାକ୍ଷୀ, ଅଥଚ ସେହି ଭୂମିର ଦୁର୍ଦ୍ଦଶା ଅବଲୋକନ କଲେ ଦୁଃଖରେ ମନ ଅବିଭୂତ ହୋଇଥାଏ । ତେଣୁ କବି କଣ୍ଠରେ 'ମା-ଓଡ଼ିଶା' ର ରୂପ ଏହିପରି .......

"ଛିନ୍ନ ଭିନ୍ନ ଅଙ୍ଗ ତୋର ବିଦେଶୀର ନିର୍ମମ ଶାସନେ
ସନ୍ତାନ ମରଇ ନିତି ଦାରିଦ୍ର୍ୟର କ୍ରୁର ନିପୀଡ଼ନେ ,
ବିଧାତାର ବାମନେତ୍ର ପଡିଛି ମା' କପାଳେ ତୋହରି
ନିଅ ଆଉ କେତେଦିନ ଭଗବାନ ଆଦେଶେ ଏ ବରି,
ଭାବେ ମନେ, ପାହିଲାଣି ତୋର ଦୁଃଖ ତମିସ୍ର ସଂହତି, ଅଧମ ସନ୍ତତି।"

ତରୁଣ ମାନସିଂହ "ଦୁଃଶାସନ ନାୟକ" ଛଦ୍ମନାମରେ 'ସରକାରୀ' ୧୯୨୫-ପଞ୍ଚମଭାଗ-ତୃତୀୟ, ଚତୁର୍ଥ ସଂଖ୍ୟାରେ 'ଜନ୍ମଭୂମି' ଶୀର୍ଷକ ଏକ ଗଳ୍ପ ଲେଖିଥିଲେ । ସେହି ଗଳ୍ପରେ ବିଦେଶରେ ରହିଥିବା ଜଣେ ଓଡ଼ିଆ ଯୁବକକୁ ଅନୁପ୍ରାଣିତ କରିବାପାଇଁ ଜଣେ ସନ୍ନ୍ୟାସୀ ମୁଖରେ ଗୀତଟିଏ ଖଞ୍ଜିଦେଇଥିଲେ । ତାହା ଥିଲା ଏହିପରି........

"ସନ୍ନ୍ୟାସୀ ଅବା ସଂସାରୀ ହୁଅ କେ ଅଛ କେଉଁଠି ଜନନୀ ସୁତ
ପରାଣର ମାୟା ଫିଙ୍ଗି ହେ ଦୂରେ ମାଆ ପାଇଁ କର ଜୀବନପାତ ।
ମୋଗଲ ପଠାଣ ଆସି ଝନଝନେ ବଧିର ହେଲାଣି ଜନନୀ କର୍ଣ୍ଣ,
ଉତ୍କଳୀ ଏବେ ହୀନ ଦରିଦ୍ର କିଏ ବା ଦେଖିବ ରୌପ୍ୟ ସ୍ୱର୍ଣ୍ଣ ?
ଦୁର୍ଗ ଦେଉଳ ହୋଇଛି ଚୂର୍ଣ୍ଣ ଜଙ୍ଗଲେ କରେ ଓଡ଼ିଆ ବାସ,
ଶିଳ୍ପୀ ବସିଛି ଘରେ ଡରି ମରି କୃଷକ ନ କରେ ଜମିରେ ଚାଷ,
ଦେଶର ଲକ୍ଷ୍ମୀ କରଇ ବିଳାପ ଭିକ୍ଷାର ଭାଣ୍ଡ ଧରେ ବଣିକ,
ସମରକ୍ଷେତ୍ରେ ଶୁଅଇ ରାଜନ ରାଜାଘରେ ଉଠେ ଏବେ ବଲ୍ମିକୀ ।

ତରୁଣ ବୟସର ଏହି ଜାତୀୟ ଭାବନାରେ ପରିପୁଷ୍ଟ ମାନସିଂହଙ୍କ କାବ୍ୟସାଧନା ସୁଦୂରପ୍ରସାରୀ ହୋଇଅଛି । ତାଙ୍କର କାବ୍ୟକବିତାର ଛତ୍ରେ ଛତ୍ରେ ଅନୁରଣିତ ହୋଇଛି ଉତ୍କଳପ୍ରୀତି ଓ ମାତୃଭୂମି ପାଇଁ ଚରମ ବ୍ୟାକୁଳତା । ଏ

Digitized by srujanika@gmail.com

ଜାତିର ଅଧଃପତନ ଦେଖି କବି ହୋଇଛନ୍ତି ବିଚଳିତ ଓ ଅତ୍ୟନ୍ତ ମର୍ମାହତ । ଓଡ଼ିଆଙ୍କ ମଧ୍ୟରେ ଜାତୀୟ ଚେତନାର ଅଭାବ ଦେଖି କବି ଦୁଃଖ କରିଛନ୍ତି । ସେ ଥରେ ଲେଖିଥିଲେ - "ଓଡ଼ିଆ ନେତାଠାରୁ ଓଡ଼ିଆ ଚଷା ଓ ଶ୍ରମିକ ଯାଏ ଆଜିର ଓଡ଼ିଆ ଯେତେ ଅବାଧରେ ଓ ସହଜରେ ନିଜର ଜାତୀୟତାକୁ ପଦାଘାତ ଓ ପରିତ୍ୟାଗ କରିପାରେ । ତାର ପଟାନ୍ତର ସାରା ଭାରତ ଓ ପୃଥିବୀରେ ଖୋଜି ପାଇବାନି ।" (୧୮)

"ଆଜି ଆମର ଜନତା ନିରକ୍ଷର, ଦରିଦ୍ର, ଅକର୍ମା, କୁସଂସ୍କାରାଛନ୍ନ, ଆଶାହୀନ, ନିରନ୍ନ, ନିବସ୍ତ୍ର ହୋଇ ପଡି ରହିଛନ୍ତି । ଏହି ଐତିହାସିକ ସ୍ୱର୍ଣ୍ଣପ୍ରସ୍ତ ଭାରତ ଆମର ନିଜର ଖାଦ୍ୟପାଇଁ ଅନ୍ୟର ଦ୍ୱାରସ୍ଥ ହେଉଛି, ପ୍ରାଦେଶିକ ଭାବ, ଗୋଷ୍ଠୀଭାବ ଓ ଜାତିଆଣ ଭାବର କ୍ଷୁଦ୍ର ସଙ୍କୀର୍ଣ୍ଣତା ଯୋଗୁ ଦେଶର ରାଜନୀତି ମଧ୍ୟ ବିଭସ୍ସ ହୋଇ ଉଠୁଛି । ଗଣତନ୍ତ୍ର ଏକ ଦୁରାଚାରରେ ପରିଣତ ହୋଇ ଜାତିର ନୈତିକ ଚେର ଗୁଡ଼ିକୁ ହୁଗୁଳା କରିସାରିଲାଣି । କଳାବଜାର ସର୍ବତ୍ର; ବ୍ୟକ୍ତିତ୍ୱର ସାଧୁତା ଓ ଦ୍ରବ୍ୟର ଶୁଦ୍ଧତା ବର୍ତ୍ତମାନ କେବଳ କବି କଳ୍ପନାରେ ହିଁ ସୀମିତ ରହିବା ଉପରେ । ଏ ଜାତି କଣ ଏଇମିତି ପଚି - ସଢି ଧ୍ୱଂସ ହୋଇଯିବ ? କଣ ଯାର ପ୍ରତିକାର ?" (୧୯)

ଜନ୍ମଭୂମିର ଦୁର୍ଦ୍ଦଶା ଅବଲୋକନ କରି ସର୍ବତ୍ର କବିଚିତ୍ତ ହାହାକାର କରି ଉଠିଛି । ଏହି ଜାତୀୟଭାବନାର ଉଚ୍ଛ୍ୱାସହିଁ କବିଙ୍କ ଲେଖନୀରୁ ଜନ୍ମ ଦେଇଥିଲା 'କୋଣାର୍କ', ବାରବାଟୀ, ସାଧବଝିଅ, ଉତ୍କଳ ବନ୍ଦନା, କମଳାୟନ ପ୍ରଭୃତି ଅମରକୃତି । କବିଙ୍କର ସ୍ୱଦେଶପ୍ରେମ ଅତୁଳନୀୟ । ସେ ଥରେ ଲେଖିଥିଲେ.....

"ହାୟରେ ଉତ୍କଳଭୂମି ପ୍ରକୃତି ସୁନ୍ଦର,
ମନ୍ଦାକିନୀ ସମ ନଦୀ ଶିବ ସମ ଗିରି,
କାନନେ କେଦାରେ ଲକ୍ଷ୍ୟ ଶୋଭାର ବହର,
ଥାଉଁ ତୋର କହ କିମ୍ପା ଏତେ ହତଶିରୀ,
ଏ ସ୍ୱର୍ଗ ସୁଷମା ଯାର କରିବି ବିଶ୍ୱାସ,
କେମନ୍ତେ କହଲୋ ତାର ଅନ୍ନର ଅଭାବ,
ସୁରା ସମ ମୁଗ୍ଧ କରେ ଯା ନିଃଶ୍ୱାସୁ,

Digitized by srujanika@gmail.com

ତା ଦେହେ ସମ୍ଭବ କାହୁଁ ଦୁର୍ଦ୍ଦିନ ଅଭାବ ।"

(ମହାନଦୀରେ ଜ୍ୟୋତ୍ସ୍ନାବିହାର)

## ଅରୂପ ରାଜ୍ୟରେ ରୂପାଲୋକର ଅନ୍ୱେଷଣ :

କବି ମାନସିଂହ ହିନ୍ଦୁ ପରମ୍ପରାରେ ପ୍ରତିପାଳିତ ହୋଇଥିଲେ ହେଁ ପ୍ରତିମା ପୂଜାକୁ ଆଦୌ ସ୍ୱାଗତ କରିନାହାନ୍ତି । ମାତ୍ର ଏଥିପାଇଁ ତାଙ୍କୁ ନାସ୍ତିକ କହିବା ସମୀଚୀନ ହେବ ନାହିଁ । ତାଙ୍କର କବିତା - ସଂସାରରେ ଜନଗଣର ପାର୍ଥିବଯନ୍ତ୍ରଣା ଯେତିକି ଉଚ୍ଚାରିତ, ଅପାର୍ଥିକ ସ୍ୱର୍ଗୀୟଲୋକରେ ତାଙ୍କ ମନ ସେହି ପରିମାଣରେ ଆନ୍ଦୋଳିତ । ଶ୍ରୀମଦ୍ ଭାଗବତଗୀତାର ଆର୍ଦ୍ଦଶରେ କବିଚିତ୍ତ ସର୍ବଦା ଆଲୋଡ଼ିତ ହୋଇଥାଏ ; "ଆଦର୍ଶ ସୁଖ" ବିଷୟରେ ଆଲୋଚନା କରିବା ଅବସରରେ ମାନସିଂହ "ଗୀତା ମାହାତ୍ମ୍ୟ" ପୁସ୍ତକରେ କହିଅଛନ୍ତି- "ଗୀତା ବାରମ୍ବାର ବାହ୍ୟାନନ୍ଦ ପରିବର୍ତ୍ତେ ଅନ୍ତରାନନ୍ଦର ଅନ୍ୱେଷ ପାଇଁ ଉପଦେଶ ଦେଇ ଆସିଛନ୍ତି । ଯେଉଁ ସୁଖ ସବୁ 'ଅନ୍ତବନ୍ତ' ଅର୍ଥାତ, ଯେଉଁ ସବୁର କେତେକ୍ଷଣ ବା କେତେ ଦିନରେ ଶେଷ ଘଟିବ, ସେ ପ୍ରକାର ସୁଖ ସବୁରେ ଉନ୍ମତ୍ତ ନ ହେବାକୁ ଗୀତାର ଉପଦେଶ । ଗୀତାର ଆଦର୍ଶ ସୁଖର ବର୍ଣ୍ଣନା ହେଉଛି ।

"ଯୋଽନ୍ତଃ ସୁଖୋଽନ୍ତରା ରାମସ୍ତଥାନ୍ତୁ ର୍ଜ୍ୟୋତିରେବ ଯଃ
ସଯୋଗୀ ବ୍ରହ୍ମନିର୍ବାଣଂ ବ୍ରହ୍ମଭୂତୋଽଧି ଗଛତି ।"

"ଯେ ନିଜକୁ ଅନ୍ତଃସୁଖ, ଅନ୍ତରାରାମ ଓ ଅନ୍ତର୍ଜ୍ୟୋତିମୟ କରିପାରନ୍ତି, ସେହି ହିଁ ପ୍ରକୃତ ଯୋଗୀ (ବା ଈଶ୍ୱର-ସହିତ ଯୁକ୍ତ) ପୁରୁଷ ଏବଂ ସେ ଶେଷରେ ବ୍ରହ୍ମଭୂତ ହୋଇ ବ୍ରହ୍ମନିର୍ବାଣ ଭୋଗ କରନ୍ତି ।" (ପୃ ୧୯୩ - ୧୯୪)

କବି ହୋଇଛନ୍ତି ଅନେକ ସମୟରେ ମିଷ୍ଟିକଧର୍ମୀ । ମରମ ଭାବନାରେ କବିଙ୍କର ହୃଦୟ ସଂପ୍ରସାରିତ ଓ ସଂବେଦନଶୀଳ ହୋଇ ଉଠିଅଛି । ଅରୂପର ଆକର୍ଷଣ, ଅଜ୍ଞାତର ଆଲୋଡ଼ନ, ଅଦୃଶ୍ୟ ଶକ୍ତିର ଅନୁଭବ କବିଙ୍କୁ କରିଛି ଦାର୍ଶନିକ ଏବଂ ଇନ୍ଦ୍ରିୟାତୀତ ରାଜ୍ୟର ପଥିକ । ମାନସିଂହ ଲେଖିଥିଲେ.............

"ନିତି ନିତି ସେଥିପାଇଁ ଆସେ ପ୍ରାଣେ ନିମନ୍ତ୍ରଣ କାର,
ସେଥିପାଇଁ କ୍ଷୁଦ୍ର ହିଆ ଉଡ଼ିବୁଲେ ସମସ୍ତ ସଂସାର,

Digitized by srujanika@gmail.com

ହୃଦୟ ଆଲୋକ
ନ ପାଇଲେ ପୁଣି କାହିଁ ଖୋଜିବାକୁ ବିଶ୍ୱରେ ବାହାର ।"
(ହୃଦୟର ଡ଼ାକ)

"ହେ ଅଜ୍ଞାତ ସଖା ମମ, ତମେ ଅଛ କାହିଁ,
ଦିଅ ମତେ ତବ ସ୍ପର୍ଶ ପ୍ରଣୟ କୋମଳ,
କ୍ଳାନ୍ତ ମୁଁ ସଂଧାନେ ମୋର ଆଉ ଶକ୍ତି ନାହିଁ,
ତୁମକୁ ନ ପାଇ କିନ୍ତୁ ଜୀବନ ବିଫଳ ।"
(ଏକାନ୍ତ ଏକାକୀ)

କବି ମାନସିଂହ ତାଙ୍କର "ଅକ୍ଷତ" ପୁସ୍ତକର ଭୂମିକାରେ ଲେଖିଥିଲେ- "ମନୁଷ୍ୟର ଚିତ୍ତ ସବୁବେଳେ ଏକ ଅଦୃ୍ୟଶ୍ୟଶକ୍ତି ସଙ୍ଗେ ନିଜକୁ ସଂପର୍କିତ ରଖି ଏକପ୍ରକାର ମାନସିକ ସୁଖ ଆସ୍ୱାଦନ କରିବାକୁ ଚାହେଁ ।" ଜୀବନଚିତା, କୂଶ, ସିନ୍ଧୁ ଓ ବିନ୍ଦୁ" ପ୍ରଭୃତି କବିତା ସଂଗଳନରେ କବି ଏକ ଅରୂପର ଆକର୍ଷଣରେ ମୁଗ୍ଧ, ଚକିତ ହୋଇଛନ୍ତି । କବି ପୃଥିବୀର ପାର୍ଥିବ ଯନ୍ତ୍ରଣାରେ କାତର ହୋଇ ପଡିବା ସମୟରେ ଦିବ୍ୟଚେତନାର ସାହାଯ୍ୟ ଲୋଡ଼ିଛନ୍ତି ଅତ୍ୟନ୍ତ ଆନ୍ତରିକ ଭାବରେ। କବି ଲେଖିଛନ୍ତି ଏକ ସ୍ଥାନରେ ..........

"ଚିତ୍ତ ମୋର ଭାବ ଛଳ ଛଳ
ମିଶିବାକୁ ତବ ମହାଜୀବନରେ ଯାଇ ।"
(ଉଦ୍‌ଗମନ - କୂଶ)

କବିଙ୍କର ପାର୍ଥିବ ଯନ୍ତ୍ରଣାବୋଧ ଆଧ୍ୟାତ୍ମିକ ଯନ୍ତ୍ରଣାରେ ରୂପାନ୍ତରୀତ ହୋଇଯାଇଅଛି । ନିଜର ସୀମିତ ଜୀବନରେ ସେ ଦେଖିଛନ୍ତି ଭୂମାର ବିସ୍ତୃତି । "ଅକ୍ଷତ" ପୁସ୍ତକର ମୁଖବନ୍ଧରେ କବି ଲେଖିଥିଲେ....... "ମନୁଷ୍ୟ ନିଜର ଅନ୍ତରର ଦୁଃଖସୁଖ ଅନ୍ୟ ଆଗରେ କହି ସୁଖପାଏ । ଲେଖକ ଅନ୍ୟଗତି ନ ଦେଖି ଈଶ୍ୱର ନାମକ ସେହି ଶାଶ୍ୱତ - ରହସ୍ୟମୟ ଅଦୃଷ୍ଟ ପୁରୁଷ ନିକଟରେ ତାହାହିଁ କରିବାକୁ ଯାଇଛି ।" ତେଣୁ କବିଙ୍କର ପ୍ରାର୍ଥନା ହେଲା.....

"କବି କିନ୍ତୁ ଯଶ, ବିତ୍ତ କିଛି ମାଗେ ନାହିଁ
ଫୁଲଟିଏ ହୋଇ ଫୁଟୁ ତବ ସୁଖ ଚାହିଁ ।"
(ଉତ୍ଥାନ ପତନ)

Digitized by srujanika@gmail.com

କିଏ ସେହି ଅରୂପ ଚିତ୍ରକର, ଯେ ଏହି ସଂସାରକୁ କରିଛି ଶ୍ୟାମଳ, ଶାଦ୍ୱଳ ଓ ଅତ୍ୟନ୍ତ ସୁନ୍ଦର । ନାନା ବର୍ଣ୍ଣିଳ ରୂପଶୋଭା କାହାର ସ୍ପର୍ଶରେ ପ୍ରାଣବନ୍ତ ହୋଇ ଉଠିଛି ? କିଏ ସେ ଯାଦୁକର ଯାହାର ଇଙ୍ଗିତରେ ଏହି ମର୍ତ୍ତ୍ୟଭୂମି ହୋଇଛି ନାନା ବିଚିତ୍ର ସୁଷମାରେ ମହିମାମଣ୍ଡିତ । ତେଣୁ କବି କହନ୍ତି ..........

"ଯୁଗ ଯୁଗ ଧରି କେଉଁ ମହା ଚିତ୍ରକର
ମାଟିକ ଖଚଇ ଶ୍ୟାମ ଶସ୍ୟର ବସନେ ।
କୁସୁମେ କରାଏ ବର୍ଣ୍ଣ ଗନ୍ଧ ଜରଜର,
ଆଲୋକ ଛାୟାର ଛବି ଚିତ୍ରଇ ଗଗନେ ।"
(ରୂପଭିକ୍ଷା)

ଅଜଣା ଦେଶର ଏପରି ଆହ୍ୱାନ କାହିଁକି ? କାହିଁକି ଏହି ଅରୂପ ରାଜ୍ୟ ବିଷୟରେ ଏତେ ବ୍ୟାକୁଳତା ? ଅଥର୍ବବେଦରେ କୁହାଯାଇଛି............

"କଥଂ ବାତୋ ନେଳୟତି କଥଂ ନରମତେ ମନଃ
କି ମାପଃ ସତ୍ୟଂ ପ୍ରେମସନ୍ତୀ ର୍ନିଳୟନ୍ତି କଦାଚନ ।"

ପବନ କାହିଁକି ସ୍ଥିର ରହି ପାରୁନାହିଁ ? ମନୁଷ୍ୟ ମନର ବିଶ୍ରାମ ନାହିଁ କାହିଁକି ? ସେ ଶାନ୍ତି ଠାରୁ ଏତେ ଦୂରରେ କିପରି ? ପାଣିର ସ୍ରୋତ କାହିଁକି ଧାଉଁଛି ନିରୁଦ୍ଦେଶ୍ୟ ପଥରେ ? ଏହାର ଏକମାତ୍ର ଉତ୍ତର ହେଲା – ସମସ୍ତେ ସେହି ଅରୂପ ରାଜ୍ୟର ଉଦ୍ଦେଶ୍ୟରେ ଧାବମାନ । ସୃଷ୍ଟିର ଏହାହିଁ ହେଉଛି ଧର୍ମ ।

କବିଗୁରୁ ରବୀନ୍ଦ୍ରନାଥ ସେହି ଅନନ୍ତ ଅରୂପ ଶକ୍ତି ର ପ୍ରଚ୍ଛନ୍ନ ହସ୍ତର ସ୍ପର୍ଶ ଅନୁଭବ କରିଥିଲେ ବିଶ୍ୱର କୋଣେ ପ୍ରତିକୋଣେ । ତେଣୁ ସେ ଲେଖିଥିଲେ......

"ତାଁହାର ଦେଖିୟାଛେନ – ବିଶ୍ୱ ଚରାଚର
ଝରିଛେ ଆନନ୍ଦ ହତେ ଆନନ୍ଦ – ନିର୍ଝର ।
ଅଗ୍ନିତେ ପ୍ରତ୍ୟେକ ଶିଖା ଭୟେ ତବ କାଁପେ
ବାୟୁର ପ୍ରତ୍ୟେକ ଶ୍ୱାସ ତୋମାରି ପ୍ରତାପେ,
ତୋମାର ଆଦେଶ ବହି ମୃତ୍ୟୁ ଦିବାରାତ,
ଚରାଚର ମର୍ମରିୟା କରେ ଯାତାୟାତ,
ଗିରି ଉଠିୟାଛେ ଉର୍ଦ୍ଧେ ତେମାର ଇଙ୍ଗିତେ,

Digitized by srujanika@gmail.com

ନଦୀ ଧାୟ ଦିକେ ତୋମାରି ସଙ୍ଗୀତେ,
ଶୂନ୍ୟେ ଶୂନ୍ୟେ ଚନ୍ଦ୍ରସୂର୍ଯ୍ୟ ଗ୍ରହ ତାରା ଯତ
ଅନନ୍ତ ପ୍ରାଣେର ମାଝେ କାଁପିଛେ ନିୟତ ।"

କବି ମାନସିଂହ ଶ୍ରୀମଦ୍ ଭାଗବତ୍ ଗୀତାର ଥିଲେ ପରମଭକ୍ତ । ସେ କିନ୍ତୁ ଅନ୍ଧବିଶ୍ୱାସୀ ନ ଥିଲେ । "ବୁଝ ନ ବୁଝ ପଢ଼ ଗୀତା" ଭାବନାକୁ ସେ ନିନ୍ଦା କରିଛନ୍ତି । ଗୀତା ଧର୍ମ ଶାସ୍ତ୍ର ନୁହେଁ । ତାହା ହେଉଛି ମଣିଷର ଜୀବନ-ବେଦ । ଏଥିପାଇଁ ସେ ଲେଖିଥିଲେ- "ଗୀତାର ସଂସ୍କୃତ ଶ୍ଳୋକ ଗୁଡ଼ିକୁ ବୁଝ ବା ନ ବୁଝ, କେବଳ ବୋଲି ଚାଲିଲେ ହିଁ ପୁଣ୍ୟ ଲାଭ ହୋଇଯିବ ବୋଲି ଲେଖକ ଆଦୌ ବିଶ୍ୱାସ କରେ ନାହିଁ । ଏହା ଏକ ଘୋର ମାରାତ୍ମକ ପ୍ରଚାର । ଗୀତାର ବାଣୀ ଆମର ଦୈନିକ ଜୀବନର ପ୍ରତ୍ୟେକଟି କର୍ମରେ ଫୁଟି ଉଠୁ, ଏହାହିଁ ପ୍ରକୃତ ଗୀତାପାଠ ଓ ଗୀତାପୂଜା । ପାଠକ ମାନଙ୍କର ଜୀବନରେ ସେହିପ୍ରକାର ଧର୍ମସାଧନା ଜାଗ୍ରତ କରାଇବାହିଁ ଏ ଗ୍ରନ୍ଥର ଏକ ମାତ୍ର ଲକ୍ଷ୍ୟ, ଏବଂ ସେହି ଲକ୍ଷ୍ୟରେ ହିଁ ଗୀତାର ଗଭୀର ଶାସ୍ତ୍ରୀୟ ପ୍ରଜ୍ଞା ରାମକୃଷ୍ଣ ପରମହଂସ ଓ ଅନ୍ୟାନ୍ୟ ସିଦ୍ଧ ପୁରୁଷଙ୍କର ଉଚ୍ଚ ଆଧ୍ୟାତ୍ମିକ ଅଭିଜ୍ଞତା ଦ୍ୱାରା କିପରି ସମ୍ପୂର୍ଣ୍ଣ ସମର୍ଥିତ ହୋଇଛି, ତାହା ମଧ୍ୟ ଯଥାସ୍ଥାନରେ ଜଣାଇ ଦିଆଯାଇଛି । ସେହି ସମର୍ଥନ ହିଁ ଗୀତାବାଣୀର ପରମ ପ୍ରମାଣ । (୨୦)

ସେଥିପାଇଁ "ଗୀତାମାହାତ୍ମ୍ୟ" ଗ୍ରନ୍ଥରେ ମାନସିଂହ ଗୋଟିଏ ଶ୍ଳୋକର ବ୍ୟାଖ୍ୟା କରି ଗୀତାର ଉଦ୍ଦେଶ୍ୟ ପ୍ରତିପାଦନ କରିଥିଲେ । ଶ୍ଳୋକଟି ହେଲା - "ଅନିତ୍ୟଂ ଅସୁଖଂ ଲୋକଂ ଇମଂ ପ୍ରାପ୍ୟଭଜ ସ୍ୱମାଂ ।" (୯, ୩୩) ଅନିତ୍ୟ ଓ ଦୁଃଖମୟ ଏହି ସଂସାରକୁ ଜାଣି ସାରିଲାପରେ ହେଲେ ହେ ମନୁଷ୍ୟ ମୋତେ ସ୍ମରଣ କର ।

ଏହି ଅନ୍ୱେଷଣ ହେଲା ଯୋଗ । ଯୋଗଃ ଭଗତି ଦୁଃଖେହା (୬/୧୭) ଯୋଗ ହିଁ ମନୁଷ୍ୟର ଦୁଃଖ ହରଣ କରିବ । ଯୋଗ କେବଳ ଦୁଃଖ ହରଣ କରିବ ନାହିଁ, ଏହା ସୁଖ ଓ ଆନନ୍ଦ ପ୍ରଦାନ କରିବ । "ଆମେ ମାନୁ ବା ନମାନୁ, ଏହା ନିଷ୍ଠୁରତମ ବାସ୍ତବ ସତ୍ୟ ଯେ ବାହ୍ୟସ୍ପର୍ଶ ଜନିତ ଭୋଗ, ଇଚ୍ଛା-ଦ୍ୱେଷ-ସମ୍ମୋହଜାତ ତଥାକଥିତ ଆନନ୍ଦ, ଇହ ଜଗତରେ ସକଳ ଦୁଃଖର ଉର୍ବରାଜନନୀ । ନ ତେଷୁ

Digitized by srujanika@gmail.com

ରମତେ ବୁଧଃ । ପ୍ରକୃତ ବୃଦ୍ଧିମାନ ଲୋକ ସେଥିପ୍ରତି ଆଶକ୍ତ ହୁଅନ୍ତି ନାହିଁ।"(୨୧)

ତେଣୁ କବି ମାନସିଂହ ସର୍ବତ୍ର ଏକ ଅଜ୍ଞାତ ହସ୍ତର ମାଙ୍ଗଳିକ ସ୍ପର୍ଶ ଅନୁଭବ କରିଅଛନ୍ତି । ପ୍ରତ୍ୟେକ ବ୍ୟକ୍ତିଗତ ଜୀବନକୁ ଏହି ଅଜ୍ଞାତ ହସ୍ତ କେବଳ ନିୟନ୍ତ୍ରଣ କରେ ନାହିଁ, ଏହା ସମଗ୍ର ସୃଷ୍ଟି ସଂସାରରେ ମଧ୍ୟ ଏହି ରହସ୍ୟର ଲୀଳା ଅନବରତ ଚାଲୁଅଛି । ଥରେ ଏହି ଅରୂପ ଶକ୍ତିର ମହିମା ଉପଲବ୍ଧ ହେଲେ ମାନବର ଅହଂଭାବ ଦୂର ହୋଇଯାଏ ଏବଂ ସେହି ସ୍ଥାନରେ ଖେଳିବୁଲେ ଅପୂର୍ବ ବିଭୂକୃପାର କରୁଣାର ଧାରା ।

ସେହି ସମୟରେ ଅଶାନ୍ତ ପୃଥିବୀରେ ଅମୃତର ଫଲ୍ଗୁ ପ୍ରବାହିତ ହୁଏ । ମାନବ ଅନୁଭବ କରେ, ସେ ହେଉଛି ସେହି ଅନନ୍ତ ଶକ୍ତିର ଅଂଶ ବିଶେଷ । ଜୀବନ ହେଉଛି ଅମୃତମୟ । ତେଣୁ କବିଙ୍କର ବ୍ୟାକୁଳ-ପ୍ରାର୍ଥନା ହେଲା-ଅଳୀକ ସ୍ୱାର୍ଥପାଇଁ ଚିରନ୍ତନ ଆତ୍ମାର ଅପମାନ କରନାହିଁ ।

"ଭୂମାରୁ ଆସିଛ, ଭୁମାରେ ମିଶିବ
ଚିନ୍ମୟ ବିଗ୍ରହ
କିପାଇଁ କରିବ ଜୀବକୁ ତବ
ନୀଚ, କ୍ଷୁଦ୍ରତାମୟ
ସୁରଧୁନୀ ଭୁଲି ମାଟି ଜଗତର
ପଲ୍ୱଳେ ଯାଅ ଭୁଲି,
ମାଟି ଜଗତକୁ ବଥାଇବା ପାଇଁ
ପତାଉଛି ଭିଖ ଝୁଲି;
ସେହି ଜୀବନର କର ଜୟ ଜୟକାର
ସବୁଠାରୁ ସେହି ବଡ଼ପାପ ଜାଣ
ଆତ୍ମାର ଅପଚାର ।

ଉପନିଷଦର ସେହି ବାଣୀ ସ୍ମରଣ ହେଉଥାଉ...........

"ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରା
ଆୟେ ଧାମାନି ଦିବ୍ୟାନି ତସ୍ଥୁଃ ।"

Digitized by srujanika@gmail.com

# ଆଧୁନିକ ଓଡ଼ିଆ ସାହିତ୍ୟର ମାନବବାଦୀ ସ୍ରଷ୍ଟା ମାୟାଧର ମାନସିଂହ

**ସୌରୀବନ୍ଧୁ କର**

ସମସାମୟିକ ଯୁଗ ଓ ମାନବଜୀବନର ବିଶ୍ୱସ୍ତ ଲିପିକାର ହେଉଛନ୍ତି ମାନସିଂହ । ଏ ଯୁଗର ବିପର୍ଯ୍ୟସ୍ତ ସମାଜବାସ୍ତବତା ଓ ସମ୍ଭାବନା ପ୍ରତି ଶିଳ୍ପୀ ଅନନ୍ୟ ସହାନୁଭୂତି ଓ ସମ୍ବେଦନଶୀଳ । ଓଡ଼ିଆ ସାହିତ୍ୟରେ ତାଙ୍କର ରଚନା ସମ୍ଭାର ପର୍ଯ୍ୟାପ୍ତ, ବହୁବିଧ ଓ ବୈଚିତ୍ରମୟ । କିନ୍ତୁ ତାଙ୍କୁ କବି ଭାବରେ ସର୍ବାଗ୍ରେ ମାନ୍ୟତା ଦିଆଯାଇ କୁହାଯାଇଛି ସେ 'ଧୂପ' ର କବି ।

ଏଇ 'ଧୂପ'ର କବିଙ୍କ ସହିତ ମୋର ପରିଚୟ ହୋଇଥିଲା, ମୁଁ ହାଇସ୍କୁଲରେ ପଢ଼ିବାବେଳେ । କୌଣସି ଏକ ପତ୍ରିକାରେ ଏଇ କବିତାଟି ଦେଖି ତାକୁ କାଗଜରେ ଟିପି ଆଣିଥିଲି ଏବଂ ବାରମ୍ବାର ମୋର ପ୍ରେମିକାକୁ ଚାହିଁ ଉଚ୍ଚସ୍ୱରରେ ତାକୁ ଶୁଣାଯିବା ପରି ବୋଲୁଥିଲି,

"ଏଇ ସହକାର ତଳେ
ସେଦିନ ପ୍ରିୟାର କର-କଂକଣ ଭିଡ଼ିଥିଲା ମୋର ଗଳେ ।

ଜ୍ୟୋତ୍ସ୍ନା ଓ ଛାୟା ରଚିଥିଲା ମାୟା
ଚିତ୍ର ଏ ତରୁତଳେ
ସହଚରୀ ମୋର ପ୍ରଣୟ ବିଭୋର
ଭିଡ଼ିଥିଲା ମୋର ଗଳେ
ଏଇ ସହକାର ତଳେ ।"

ସେତେବେଳେ ଏଇ କବତାଟିକୁ ପଢ଼ି, ବାରମ୍ବାର ଉଚ୍ଚାରଣ କରି ଭାବୁଥିଲି କବି ଏଇଟିକୁ ମୋ ପାଇଁ ହିଁ ଲେଖିଛନ୍ତି, କାରଣ ମୁଁ ସେତେବେଳେ ନୂଆ ନୂଆ ପ୍ରେମ କରୁଥିଲି । ପ୍ରେମ କହିଲେ ଠିକ୍ ହେବନି ବରଂ ମୁଁ କହିବି ମୋ ପ୍ରେମିକାର ସେହି ଲାସ୍ୟମୟୀ ଶରୀରଟିକୁ ମୋ ଦେହରେ ଜଡ଼ାଇ ଦେବାକୁ ଚାହୁଁଥିଲି । ସେହି

Digitized by srujanika@gmail.com

ପ୍ରଥମ କବିତା ପଢ଼ାରୁ ମୋର ଯାତ୍ରା ଆରମ୍ଭ ହେଲା ଏବଂ ମୁଁ ତାଙ୍କର ଜଣେ ଅନୁଗାମୀ ଯାତ୍ରୀ ଭାବରେ ତାଙ୍କର ଚାଲିଥିବା ପଥ ଓ ଦେଖାଇଥିବା ବାଟକୁ ଅନୁଧ୍ୟାନ, ଅନୁଶୀଳନ ଓ ଅନୁଚିନ୍ତନ କରି ପରିଚିତ ହେଲି ତାଙ୍କର ମାନବବାଦୀ ଦୃଷ୍ଟିକୋଣ, ମାନବବାଦୀ ବିଚାର ଓ ମାନବିକତା ସହିତ ।

ପ୍ରଥମେ ମନରେ ପ୍ରଶ୍ନ ଆସେ ମାନବବାଦୀ ଦୃଷ୍ଟିଭଙ୍ଗୀ, ମାନବବାଦୀ ବିଚାର ଓ ମାନବିକତା କଣ ? ଜଣେ ସ୍ରଷ୍ଟା ପାଇଁ ଏ ଗୁଡ଼ିକ କି ପ୍ରକାର ମୂଲ୍ୟବୋଧ ବହନ କରନ୍ତି ? କିମ୍ବା ଜଣେ ସ୍ରଷ୍ଟା ମୂଲ୍ୟବୋଧ ପ୍ରତି ସଚେତନ ହେବା ଉଚିତ କି ? ମୂଲ୍ୟବୋଧ ସ୍ଥାୟୀ କି ? ଯଦି ମୂଲ୍ୟବୋଧ ସ୍ଥାୟୀ ନୁହେଁ, ତେବେ ସେଥିରେ କି ପ୍ରକାର ପରିବର୍ତ୍ତନ ଘଟେ ଓ ସେହି ପରିବର୍ତ୍ତନ ସହିତ ସ୍ରଷ୍ଟାର ସୃଷ୍ଟି ଧର୍ମ ସହିତ କି ପ୍ରକାର ସଂପର୍କ ରହିଛି ।

ମାନବବାଦୀ ଦୃଷ୍ଟିଭଙ୍ଗୀ ସଂପର୍କରେ ବିଚାର କରିବାର କାରଣ ହେଉଛି ତାହାହିଁ କେବଳ ଏକ ଶାଶ୍ୱତ, ଚିରନ୍ତନ ମୂଲ୍ୟବୋଧ ତାହା ସମୟ ସହିତ ପରିବର୍ତ୍ତନ ହୁଏନାହିଁ । ସମୟ ସହିତ ତାଳ ଦେଇଚାଲେ । ସମୟର କଷଟି ପଥରରେ ଉତ୍ତୀର୍ଣ୍ଣ ହୁଏ ।

ମନୁଷ୍ୟ ଭିତରେ ଦେବତ୍ୱ ସନ୍ଦର୍ଶନ କରିବା ଓ ମନୁଷ୍ୟର ଦୁଃଖ, ଶୋକ, ବିରାଗ ପ୍ରତି ସଚେତନ ହେବାରୁ ଆରମ୍ଭ ହୁଏ ମାନବବାଦୀ ଚେତନା । ପୁରୁଷ ଓ ନାରୀ, ପଶୁପକ୍ଷୀ, ଗଛଲତା ଠାରୁ କୀଟ ପତଙ୍ଗ ପର୍ଯ୍ୟନ୍ତ ସେହି ଏକ ବ୍ରହ୍ମର ପରିପ୍ରକାଶ । ଏବଂ ସେହିମାନଙ୍କର ସେବା, ସେହିମାନଙ୍କ ପ୍ରତି ହୃଦୟ ଖୋଲି ଦେବା, ସେମାନଙ୍କ ଦୁଃଖରେ ନିଜକୁ ହଜାଇ ଦେବା ମଧ୍ୟରେ ବ୍ୟକ୍ତି ପାଏ ଆନନ୍ଦ, ବ୍ୟକ୍ତି ଜୀବନର ସାର୍ଥକତା ଆସେ । ଆମର ଏ ସମାଜ ବହୁ ବିଚିତ୍ର । ଏଠି ମଣିଷମାନଙ୍କ ମଧ୍ୟରେ ଅନ୍ଧ, ଛୋଟା, କାଲ, ରୋଗିଣା, ଦୀନ, ଦୁଃଖୀ ଓ ଦରିଦ୍ର ଠାରୁ ଅସହାୟ, ନିଃସହାୟ ଓ ନିର୍ଯ୍ୟାତିତ ମଧ୍ୟ ରହିଛନ୍ତି । ଧର୍ମ ପୁସ୍ତକରେ ଏମାନଙ୍କ ପ୍ରତି ଦୟା, ଅନୁକମ୍ପା, ପ୍ରେମ ଓ ସମବେଦନା ଭାବନା ଭିନ୍ନ ଭିନ୍ନ ଢ଼ଙ୍ଗରେ ଉପସ୍ଥାପିତ ହୋଇଥିବା ବେଳେ ଆଧୁନିକ ସ୍ରଷ୍ଟା ନିକଟରେ ଏହା ମାନବିକ ସଂବେଦନର ରୂପ ପରିଗ୍ରହ କରିଛି । ଯେ ଦୀନ, ଦୁଃଖୀ, ଦରିଦ୍ର, ନିଷ୍ପେସିତ୍ତ ଓ

Digitized by srujanika@gmail.com

ନିର୍ଯ୍ୟାଚିତ ଭିତରେ ଈଶ୍ୱରଙ୍କୁ ଦେଖିଛି, ସେ କେବଳ ମାନବିକ ଦରଜକୁ ପ୍ରକାଶ କରିବାକୁ ସକ୍ଷମ । ତେଣୁ ଯେ କେହି ସ୍ରଷ୍ଟା ମାନବବାଦୀ ସ୍ରଷ୍ଟା ହୋଇପାରେନା ଯଦି ତା ହୃଦୟରେ ସେହି ଦୁଃଖ ରୂପ ପରିଗ୍ରହ ନକରେ । ପୁଞ୍ଜିଭୂତ ଦୁଃଖ, ବେଦନା ଓ ଅସହାୟତାରେ ବିଳପି ଉଠୁଥିବା ହୃଦୟ ବା କେବେ କେବେ ଲେଲୀହାନ ଶିଖାପରି ଜଳି ଉଠୁଥିବା ବହ୍ନିମାନ ଆଲୋକର ରୂପ ପ୍ରକାଶ ପାଏ ସ୍ରଷ୍ଟାଠାରେ । କ୍ରୌଞ୍ଚ ପକ୍ଷୀ ଦଉଁକର ମୈଥୁନ ରତ ଅବସ୍ଥାରେ ଶରବିଦ୍ଧ ହୋଇ ମୃତ୍ୟୁବରଣ କରିବା ଏବଂ ସେହି ଘଟଣାର ଦୃଶ୍ୟ ହୋଇ ନିଜର ସମଗ୍ର ଚେତନାରେ ପରିବର୍ତ୍ତନ ଘଟି ମହାନ୍ ମହାକାବ୍ୟର ସ୍ରଷ୍ଟା ହେବା, କେବଳ ଏହି ସଂବେଦନରୁ ହିଁ ଜନ୍ମ ନିଏ । ସାଧାରଣ ସ୍ରଷ୍ଟା ପାଖରେ ଏହା ସମ୍ଭବ ନ ହେବାବେଳେ ମାନସିଂହଙ୍କ ପରି ହୃଦୟର ଆବେଗରେ ସଦାସର୍ବଦା ଅବଗାହନ କରୁଥିବା ସ୍ରଷ୍ଟା ପାଇଁ ଏହା ସମ୍ଭବ । ବୋଧହୁଏ ସେଇ ସଂବେଦନର ସାକାର ରୂପ ତାଙ୍କ ପ୍ରେମ କବିତା । ସତ୍ୟକୁ ସାମନା କରୁଥିବା ମଣିଷ ନିର୍ଭୀକ ହୁଏ ଏବଂ ରୋକଠୋକ ଭାବରେ ଜଣେ ଦୁଃସ୍ଥ, ନିରାଶ୍ରୟ ମଣିଷ ଠାରୁ କୀଟପତଙ୍ଗ ପର୍ଯ୍ୟନ୍ତଙ୍କ ପାଖରେ ଠିଆ ହୋଇ ସେମାନଙ୍କୁ ଅଭୟ ଓ ଆଶ୍ୱାସନା ଦେଇପାରେ ଏବଂ ଯେଉଁମାନେ ନିଜକୁ ମୁରବୀ ସାଜି ସମାଜର ପଥରୋଧ କରି ଠିଆ ହୋଇଥାନ୍ତି, ତାଙ୍କୁ ମୁହେଁ ମୁହେଁ ଜବାବ ଦେଇପାରେ । ସେହି ମଣିଷ ହିଁ ମାନବବାଦୀ ସପକ୍ଷ ମଣିଷ । ମଣିଷର ବ୍ୟକ୍ତିଗତ ସ୍ୱାଧୀନତା, ସାମାଜିକ ମୂଲ୍ୟବୋଧ ପ୍ରତି ସଦାସର୍ବଦା ଜାଗରୁକ ବ୍ୟକ୍ତି ହିଁ ସମାଜକୁ ଆହ୍ୱାନ କରି କହିପାରେ ଯେ ମୁଁ "ମୋ ସତ୍ୟ ପରଖର ଜୀବନୀ କହିବି ।" ହୁଏତ ଏ ଗାନ୍ଧୀ ହୋଇ ପାରନ୍ତି ବା ଗୋପବନ୍ଧୁ କିମ୍ବା ଗାନ୍ଧୀ ଓ ଗୋପବନ୍ଧୁଙ୍କର କେବଳ ଉତ୍ତର ପୀଢ଼ି ହେତୁ ଦାୟାଦ ନହୋଇ ସେମାନଙ୍କର ଆଦର୍ଶ ଓ ମୂଲ୍ୟବୋଧକୁ ଗ୍ରହଣ କରିଥିବା ଓ ବାରମ୍ବାର ଜୀବନରେ ପ୍ରୟୋଗ କରିବାକୁ ଚେଷ୍ଟା କରିଥିବା କାରଣରୁ ହୁଏତ ମାନସିଂହ "ମୁଁ କାହିଁକି ଲେଖେଁ !" ର ଅବତାରଣା କରିପାରନ୍ତି ।

"ମୁଁ କାହିଁକି ଲେଖେଁ !" ରୁ କେତେଗୁଡ଼ିଏ ଅଂଶକୁ ଏଠାରେ ଉଦ୍ଧୃତ କରି ତାଙ୍କର ଆଦର୍ଶ ଓ ମୂଲ୍ୟବୋଧର ସମ୍ୟକ ପରିଚୟ ପ୍ରଥମେ ଗାଇବା । 'ମୁଁ ବା ମୋ ପରି ସାରସ୍ୱର ପୀଠରେ ଅନଧିକାର ପ୍ରବେଶକାରୀମାନେ ଯଦି ନିଜକୁ

Digitized by srujanika@gmail.com

ନିଜେ ଏହି ପ୍ରଶ୍ନ ପଚାରନ୍ତେ ବା ପଚାରୀ ଆସୁଥାନ୍ତେ, ତେବେ ସାହିତ୍ୟ ବହୁ ଆବର୍ଜନାର ଅନାଙ୍କାକ୍ଷିତ ପୂତି ଗନ୍ଧ ଓ ଧୂଳିମଳିରୁ ରକ୍ଷାପାନ୍ତା । ସେକ୍‌ସପିୟର, ରବୀନ୍ଦ୍ରନାଥ ସିନା ଲେଖିବେ, ଆମର ସେହି ନିଷିଦ୍ଧ, ମହାଜନ ସ୍ଥଳିରେ ନିର୍ଭୀକ ପଦଚାରଣା କରିବାରେ କି ଦରକାର ? କି ବା ଫଳ ? ସେ ଯାଦୁକରୀ ଲେଖନି କଣ ଆମର ଅଛି ? ରବୀନ୍ଦ୍ରନାଥ ବା କାଳିଦାସଙ୍କ ସୃଷ୍ଟିର ସୌରଭ ଓ ମାଧୁର୍ଯ୍ୟର କଥା ଭାବିଲେ ମନରେ ଏପରି ନୈରାଶ୍ୟ ଆସେ ଯେ ସେମାନଙ୍କର ଉପସ୍ଥିତିରେ ନିଜକୁ ଲେଖକ ଶ୍ରେଣୀରେ ଗଣନା କରିବାକୁ ଲଜ୍ଜା ହୁଏ ଏବଂ ଯାହା ଲେଖିଛି ତାର ଅପଦାର୍ଥତା ପାଇଁ ଚିତ୍ତ ତିକ୍ତ ହୋଇଉଠେ ।"

"ନିଜର ସମସ୍ତ ଅକର୍ମଣ୍ୟତା ଠାରେ ଜୀବନରେ ଯାହ ମହତ୍, ଯାହା ସୁନ୍ଦର, ଯାହା ସତ୍ୟ ମୁଁ କିନ୍ତୁ ରହିଆସିଛି କେବଳ ତାହାର ହିଁ ଭକ୍ତ ଓ ଉପାସକ । କୌଣସି ଗୋଷ୍ଠୀ, ଦଳ ବା ଇଜମ୍ ର ପ୍ରଚାରକ ରୂପେ ଠିଆ ହେବା ମୋର ସ୍ୱଭାବ ବିରୁଦ୍ଧ । ମୁଁ ମୋର "କମଳାୟନ" କାବ୍ୟରେ ଏହାହିଁ ଦେଖାଇବାକୁ ଯାଇଛି ଯେ ଦଳ ଓ ଦେଶ ଅପେକ୍ଷା ବ୍ୟକ୍ତି ଓ ମାନବ ବଡ଼ । ସେଥିପାଇଁ କମଳ ତାର ରାଜନୈତିକ ଦଳ ଛାଡ଼ି ବିରାଟ ମାନବଜାତିର ସେବାରେ ବାହାରି ପଡ଼ିଛି । କୌଣସି ସ୍ଲୋଗାନ ମନୁଷ୍ୟର କଲ୍ୟାଣ ଆଣିପାରିବ ନାହିଁ, ଯେପରି ଆଣିବ ବ୍ୟକ୍ତିର ଚାରିତ୍ରିକ ଶୁଦ୍ଧତା, ନିଃସ୍ୱାର୍ଥପରତା, ସତ୍ୟ ପ୍ରତି ବିଶୁଦ୍ଧ ଅନୁରାଗ ।"

"କବି ଓ ସାହିତ୍ୟିକ ଗୋଷ୍ଠୀଭାବରେ ଓ ବ୍ୟକ୍ତିଗତ ଜୀବନରେ, ନିଃସ୍ୱାର୍ଥ ବିଶୁଦ୍ଧତା ପ୍ରଚାର କରିବା ଏକାନ୍ତ କର୍ତ୍ତବ୍ୟ । ଯେ ପର୍ଯ୍ୟନ୍ତ ମୁଁ ସ୍ୱାର୍ଥର ଉପରକୁ, ସାମାଜିକ ଓ ବ୍ୟକ୍ତିଗତ ଜୀବନର ନାନା କ୍ଷୁଦ୍ର ଲାଳସାର ଉପରକୁ ଉଠିପାରିନାହିଁ, ସେ ପର୍ଯ୍ୟନ୍ତ କେବଳ କୌଣସି ସ୍ଲୋଗାନ ଗାଇ, କୌଣସି ଉଜିମ୍‌ର ପଣ୍ଡା ହୋଇ ଜନସାଧାରଣଙ୍କୁ ସେହି ଲକ୍ଷରେ ମତାଇବା ଏକାନ୍ତ ଗର୍ହିତ କର୍ମ ବୋଲି ମୋର ମତ । ବ୍ୟକ୍ତିର ସମାଜକୁ ପ୍ରଧାନତମ ଦାନ ହେଉଛି ତାର ଅକଳୁଷ ଚରିତ୍ର, ଅନିନ୍ଦ୍ୟ ସାଧୁତା ଓ ସ୍ୱାର୍ଥଲେଶହୀନ ଉପଚିକୀର୍ଷା । ଯେତେ 'ଇଜିମ୍', ଯେତେ ସ୍ଲୋଗାନ, ତାହା ସବୁ ଏ ପ୍ରକାର ଶୁଭନିଷ୍କଳଙ୍କ ବ୍ୟକ୍ତିତ୍ୱର ପଛକୁ । ତେଣୁ ହିଁ ମୁଁ ଗାନ୍ଧୀ, ଗୋପବନ୍ଧୁଙ୍କର ସ୍ତାବକ । ମୁଁ ସେମାନଙ୍କର ଦଳର ନୁହେଁ ବା ସେମାନଙ୍କର

Digitized by srujanika@gmail.com

କର୍ମ ବା ଚିନ୍ତାରଧାରା ସମ୍ବନ୍ଧରେ ମୋର କୌଣସି ମତାନ୍ଧତା ନାହିଁ । ଦରକାର ବେଳେ ସେମାନଙ୍କର କର୍ମ ଓ ଚିନ୍ତାଧାରାର ସମାଲେଚନା କରିଛି ଓ କରିପାରେ, କିନ୍ତୁ ତାଙ୍କ ବ୍ୟକ୍ତିତ୍ୱ ନିକଟରେ ମୁଁ ନତମସ୍ତକ କାରଣ ସେହି ବ୍ୟକ୍ତିର ଭିତରେ ମୁଁ ସତ୍ୟ, ଶିବ, ସୁନ୍ଦରର ବିକଚ ବିକାଶ ଦେଖିବାକୁ ପାଏ ।"

"ମୁଁ ମନେକରେ କବି ଓ ଲେଖକ ପକ୍ଷରେ, ସାହିତ୍ୟ ଓ କବିତା, ଏହି ଆତ୍ମଉନ୍ନୟନର ଏକ ପରମ ଉପାୟ । କବି, ତାର ସୃଷ୍ଟିକୁ ନିଜକୁ ଓ ତାର ଜାତିକୁ ବିବର୍ତ୍ତନର ବାହନରୂପେ ବ୍ୟବହାର କରିପାରେ ଓ କରିବା ଉଚିତ । ସାହିତ୍ୟ କେବଳ ଜୀବିକାର ବା ଚାଟୁକାର ବା ଶସ୍ତା ନାମର ଉପାୟ ରୂପେ ବ୍ୟବହୃତ ହେବା, ରେଶମର ରସିକୁ ମଇଁଷିର ବେକରେ ପଘାରୂପେ ବ୍ୟବହାର କରିବାଠାରୁ ମଧ୍ୟ ନୀଚତର କର୍ମ । ମୋ ନିକଟରେ ସାହିତ୍ୟର ଏହି ମହତ୍ ଆଦର୍ଶ କିନ୍ତୁ ନିକଟ ଅତୀତରେ ହିଁ ଧୀରେ ଧୀରେ ପ୍ରକଟିତ ହୋଇଛି । ଏ ଯାବତ୍, ମଧୁର ମାନବିକ ବ୍ୟକ୍ତିର, ମନୁଷ୍ୟ ହୃଦୟର ଆଲୋଡ଼ନ, ସତ୍ୟର ମହିମା ଏବଂ ପ୍ରକୃତି ଓ ମନୁଷ୍ୟର ରୂପ ଯେତେବେଳେ ଯେପରି ଭାବରେ ମତେ ପ୍ରଭାବିତ କରିଛନ୍ତି, ମୁଁ ସେହିପରି ଲେଖିଆସିଛି ।"

ମାନସିଂହଙ୍କର ଏହି ଆଦର୍ଶ ବ୍ୟକ୍ତି ଜୀବନର ଚରମ ଓ ଶେଷ ସିଦ୍ଧାନ୍ତ ବୋଲି କହିଲେ ଭୁଲ ହେବନି । ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ, ଆତ୍ମା ମାତ୍ରେ ହିଁ ଅବ୍ୟକ୍ତ ବ୍ରହ୍ମ ବାହ୍ୟ ଓ ଅନ୍ତଃ ପ୍ରକୃତିକୁ ବଶୀଭୂତ କରି ଆତ୍ମାର ଏହି ବ୍ରହ୍ମଭାବ ବ୍ୟକ୍ତ କରିବାହିଁ ଜୀବନର ଚରମ ଲକ୍ଷ୍ୟ । କର୍ମ, ଉପାସନା, ମନଃ ସଂଯମ ଅଥବା ଜ୍ଞାନ-ଏମାନଙ୍କ ମଧ୍ୟରୁ ଏକ, ଏକାଧିକ ବା ସକଳ ଉପାୟ ଦ୍ୱାରା ନିଜର ବ୍ରହ୍ମଭାବ ବ୍ୟକ୍ତ କର ଓ ମୁକ୍ତ ହୁଅ । ଏହା ହିଁ ଧର୍ମର ପୂର୍ଣ୍ଣାଙ୍ଗ । ମତବାଦ, ଅନୁଷ୍ଠାନ ପଦ୍ଧତି, ଶାସ୍ତ୍ର, ମନ୍ଦିର ବା ଅନ୍ୟ ବାହ୍ୟ କ୍ରିୟା କଳାପ ଏହାର ଗୌଣ ଅଙ୍ଗ ପ୍ରତ୍ୟଙ୍ଗ ମାତ୍ର ।" ଶ୍ରଦ୍ଧା ଓ ପ୍ରେମ ମାଧ୍ୟମରେ ଏହି ଅବ୍ୟକ୍ତ ବ୍ରହ୍ମର ହିଁ ପରିପ୍ରକାଶ ଘଟେ । ମାନସିଂହଙ୍କର କବିତାରେ ଏହି ଅବ୍ୟକ୍ତ ବ୍ରହ୍ମର ପରିପ୍ରକାଶ ଘଟିଛି। ସେ ନିଜ ସୃଷ୍ଟି ମାଧ୍ୟମରେ ସଦାସର୍ବଦା ଅନୁସନ୍ଧାନରେ ବ୍ୟସ୍ତ । ଯଦି ଆମେ ଭାରତର ଇତିହାସକୁ ପର୍ଯ୍ୟବେକ୍ଷଣ କରିବା ତେବେ ଜଣାଯାଏ ଯେ କି ଜଡ଼

Digitized by srujanika@gmail.com

ବିଜ୍ଞାନ, କି ମନୋବିଜ୍ଞାନ, କି ଭକ୍ତିତତ୍ତ୍ୱ, କି ଦର୍ଶନ-ସର୍ବବିଭାଗରେ ସେହି ସମଷ୍ଟିଭୂତ କୁ ଜାଣିବାର ପ୍ରଚେଷ୍ଟା । ଏବଂ ତାଙ୍କୁ ଜାଣି ପାରିଲେ ହିଁ ବିଶ୍ୱବ୍ରହ୍ମାଣ୍ଡ ପ୍ରତି ଭଲ ପାଇବା ଜନ୍ମିଥାଏ ।

ମାନସିଂହ ସୃଷ୍ଟିର ପ୍ରାରମ୍ଭ ପ୍ରେମରୁ । ଏହି ପ୍ରେମ ଦେହରୁ ଦେହାତୀତ ହୋଇ ମାନବିକ ପ୍ରେମ ବା ସାର୍ବଜନୀନ ପ୍ରେମର ରୂପ ପରିଗ୍ରହ କରିଛି । ଆମେ ଅଧିକାଂଶ ମଣିଷ ଦେହ ସର୍ବସ୍ୱ । ଦେହ ହିଁ ଆମମାନଙ୍କ ଚକ୍ଷୁରେ ସମଗ୍ର ଜଗତ ତୁଲ୍ୟ, ଦେହର ସୁଖ ହିଁ ଆମମାନଙ୍କର ଚରମଲକ୍ଷ୍ୟ । ଏହି ଦେହ ଓ ଦୈହିକ ଭୋଗ୍ୟ ବସ୍ତୁର ଉପାସନାରୂପକ ଆସୁରିକଭାବ ଆମ ସମସ୍ତଙ୍କ ଭିତରେ ପ୍ରବେଶ କରିଛି । ଆମେ ଖୁବ ବଡ଼ ବଡ଼ କଥା କହିପାରୁ, ଉଚ୍ଚ ଉଚ୍ଚ ଆଦର୍ଶର କଥା ଉଲ୍ଲେଖ କରିପାରୁ, କିନ୍ତୁ ତଥାପି ଆମେ ସମସ୍ତେ ଶକୁନି ପରି । ଆମେ ଯେତେ ଉଚ୍ଚକୁ ଉଠିଛୁଁ ବୋଲି ମନେ କରୁନା କାହିଁକି, ଆମର ମନ କିନ୍ତୁ ଶକୁନି ପରି ଶବର ଗଳିତ ମାଂସଖଣ୍ଡ ପ୍ରତି ଆକୃଷ୍ଟ । ଆମେ ଆମ ଭିତରେ ଥିବା ଅହଂକୁ ସମ୍ପୂର୍ଣ୍ଣରୂପେ ନାଶ କରିପାରୁନୁ । ଯେତେବେଳେ ଏହି ଅହଂ ଓ ଦେହଚେତନା ଦୂର ହୋଇ ମନୁଷ୍ୟ ଆତ୍ମତ୍ୟାଗ ପାଇଁ ସର୍ବାନ୍ତଃକରଣରେ ପ୍ରସ୍ତୁତ ହେବ, ସେତେବେଳେ ସେ ପ୍ରେମର ଶୀର୍ଷସ୍ଥାନରେ ପହଞ୍ଚିବ । ପ୍ରେମ ମନରେ ସୃଷ୍ଟି କରିବ ଅହିଂସା, ସତ୍ୟନିଷ୍ଠ, ପବିତ୍ରତା, ଦୟା ଓ ଦେବଭାବ । ପ୍ରେମ ହିଁ ସର୍ବଶ୍ରେଷ୍ଠ। ଅତୀତ, ବର୍ତ୍ତମାନ ଓ ଭବିଷ୍ୟତରେ ଏହି ପ୍ରେମ ଅପେକ୍ଷା ଆଉ ମହତ୍ତର କିଛି ନାହିଁ। ଯେଉଁ ବ୍ୟକ୍ତି ଜୀବନରେ ଏହି ପ୍ରେମଭାବର ଉଦୟ ହୁଏ, ପ୍ରକାଶ ହୁଏ ଓ ବିକାଶ ଲାଭ କରେ ସେ ବ୍ୟକ୍ତି ଅନନ୍ୟ ଓ ଅନନ୍ୟ ସାଧାରଣ ।

ମାନସିଂହଙ୍କର ପ୍ରେମ କବିତା କଣ ଏହି ପର୍ଯ୍ୟାୟଭୁକ୍ତ ନୁହେଁ କି ? ତାଙ୍କ ପ୍ରେମ କବିତାରେ ଶରୀର ସମ୍ଭୋଗ ଉପଲକ୍ଷ ମାତ୍ର କିନ୍ତୁ ସୂକ୍ଷ୍ମ ପ୍ରେମାନୁଭୂତି ତାଙ୍କ ଆତ୍ମତ୍ୟାଗର ସାର୍ଥକ ସାଧନା କହିଲେ ଅତିଶୟୋକ୍ତି ହେବନାହିଁ ।

"ପ୍ରେମ ନୁହେଁ ଦେହ - ଦେହୁଁ ଭୋଗ ଅନ୍ୱେଷଣ,
ପ୍ରେମ, ଏକ ଆତ୍ମା ପ୍ରତି ଅନ୍ୟର ବନ୍ଧନ

Digitized by srujanika@gmail.com

ପ୍ରେମ, ପୂର୍ଣ୍ଣ ସମର୍ପଣ ଏକ ଅନ୍ୟ ପାଇଁ
ପ୍ରେମ, ଆନ ପାଇଁ ଦେବା ନିଜକୁ ହଜାଇ ।
ନୈରାଶ, କଷଣ, ଅଶ୍ରୁ, ସାଥୀ ପ୍ରଣୟର
ପ୍ରେମିକ ପ୍ରେମିକା ପୋଛେ ଅଶ୍ରୁ ଅନ୍ୟୋନ୍ୟର ।।" (କମଳାୟନ)

ଅଶରୀରୀ ହୋଇ ଥରେ ମିଶନ୍ତି କି ତବ ଦେହ ସାଥେ
ନଥାନ୍ତା ବାସନା କ୍ଷୁଧା, ନ ଥାନ୍ତା ଏ ଶୋଣିରେ ପୀଡ଼ା
ଅତିନ୍ଦ୍ରୀୟ ହୋଇ ଏହି ସଂସାରରେ ଫିଙ୍ଗି ପଦାଘାତେ
ଭୋଗନ୍ତି ତୋ ସଙ୍ଗେ ମିଶି ଦେହହୀନ ସୌନ୍ଦର୍ଯ୍ୟର କ୍ରୀଡା ।
(ଦକ୍ଷିଣା ପ୍ରତି)

କବି ନିଜେ ପ୍ରେମର ସଂଜ୍ଞା ନିର୍ଣ୍ଣୟ କରି କହିଛନ୍ତି, "ଗଭୀର ସୁଖ ଦୁଃଖ ମଧ୍ୟ ଦେଇ ନବ ନବ ଅନୁଭୂତି ମଧ୍ୟଦେଇ ମାନବାତ୍ମାର ଯେଉଁ ଜନ୍ମ ଲାଭ ହୁଏ, ତାହାହିଁ ପ୍ରେମ ।"

"ପ୍ରେମକି କେବଳ ଭୋଗେ, ଅଙ୍ଗେ ଅଙ୍ଗ ମେଳେ,
ଅଧରୁ ଅଧର ପାନେ, ଶରୀର ଆଘ୍ରାଣେ,
ଏ ଦେହର ରସଭୋଜ୍ୟେ ? ପ୍ରିୟଜନ ଲାଗି
ଜାଳିବା ଜାଗର ବସି ନିଶୀଥେ ନିଶୀଥେ
ତେଜି ଧୀରେ ପ୍ରେମଦୀପ ନୀଃସଙ୍ଗ କୁଟୀରେ
ଶୁଖାଇବା ନେତ୍ରୁ ନୀର, ଶୁକ୍ଲାଇବା କେଶ
ସେ କି ନୁହେଁ ପ୍ରେମ ସତେ ?....." (ପରପାକ ହେମପୁଷ୍ପ)

ପ୍ରେମ ଶବ୍ଦଟି ହୃଦୟଙ୍ଗମ କରିବା ବଡ଼ କଠିନ । ସ୍ୱାଧୀନତା ନ ଥିଲେ କେବେହେଲେ ପ୍ରେମ ଆସିନପାରେ । ଜଣେ କ୍ରୀତଦାସ କଣ ଯଥାର୍ଥ ପ୍ରେମ କରିବା ସମ୍ଭବ ? ମାନସିଂହଙ୍କର ସୃଷ୍ଟି ସ୍ୱାର୍ଥରହିତ, ଦେହ ରହିତ । କାରଣ ଏହି କାବ୍ୟଗ୍ରନ୍ଥ ପାଠକକୁ କେବଳ ଆନନ୍ଦ ପ୍ରଦନା କରେନି ବଂର ହୃଦୟରେ ପ୍ରେମଚ୍ଛ୍ୱାସର ଭାବାବେଗ ଜନ୍ମାଏ । କୁହାଯାଏ ପ୍ରକୃତ ସତ୍ତା, ପ୍ରକୃତ ଜ୍ଞାନ ଓ ପ୍ରକୃତ ପ୍ରେମ

Digitized by srujanika@gmail.com

ଅନନ୍ତକାଳ ପାଇଁ ପରସ୍ପରର ସମ୍ବନ୍ଧ ଦ୍ୱାରା ସଂଯୁକ୍ତ; ଆଉ ପ୍ରକୃତରେ ଏ ତିନିହେଁ ଏକ । ଏମାନଙ୍କ ମଧ୍ୟରୁ ଯେଉଁଠି ଗୋଟିଏ ଅଛି, ଅନ୍ୟ ଗୁଡ଼ିକ ସେଠାରେ ଅବଶ୍ୟ ଥିବ । ଏମାନେ ସେହି ଅଦ୍ୱିତୀୟ ସଚ୍ଚିଦାନନ୍ଦଙ୍କର ତ୍ରିବିଧ ରୂପ। ଯେତେବେଳେ ସେହି (ନିରପେକ୍ଷ) ସତ୍ତା ଆପେକ୍ଷିକ ଭାବାପନ୍ନ ହୁଏ ସେତେବେଳେ ଆମେ ତାହାକୁ ଜଗତ୍‌ରୂପରେ ଦେଖୁ । ସେହି ଜ୍ଞାନ ପୁଣି ଜାଗତିକ ବସ୍ତୁ ବିଷୟକ ଜ୍ଞାନରେ ପରିଣତ ହୁଏ, ଏବଂ ସେହି ଆନନ୍ଦ ହିଁ ମାନବ ହୃଦୟରେ ସର୍ବବିଧ ପ୍ରେମର ଭିତ୍ତିସ୍ୱରୂପ । ଅତ ଏବ ପ୍ରକୃତ ପ୍ରେମ କେବେହେଲେ ପ୍ରେମିକ ଅଥବା ପ୍ରେମାସ୍ପଦ କାହାରି ଦୁଃଖର କାରଣ ହୋଇ ନପାରେ ।

ପ୍ରଣୟର ବିଭିନ୍ନ ବିଭାଗର ସମଗ୍ରତା ମାନସିଂହଙ୍କର କବିତାରେ ପରିଦୃଶ୍ୟ। ମାନସିଂହଙ୍କର ଏହି ପ୍ରେମ କବିତା ଗୁଡ଼ିକୁ ବୁଝିବାକୁ ହେଲେ, କବିତା ମାଧ୍ୟମରେ ମାନବିକ ଚେତନାରେ ଉତ୍ତରଣ ପ୍ରତି ସଚେତନତାରେ ଅବଗାହନ କରିବାକୁ ହେଲେ, 'ପ୍ରେମ' ସଂପର୍କରେ ଧାରଣାକୁ ସ୍ପଷ୍ଟ ହେବା ଉଚିତ । ପ୍ରେମକୁ ଆମେ ଗୋଟିଏ ତ୍ରିକୋଣ ସ୍ୱରୂପରେ ପ୍ରକାଶ କରିବା ତାହାର ପ୍ରତ୍ୟେକ କୋଣ ତାହାର ଗୋଟିଏ ଗୋଟିଏ ଅବିଭାଜ୍ୟ ବୈଶିଷ୍ଟ୍ୟର ପ୍ରକାଶକ । କୌଣସି ତ୍ରିକୋଣ ବା ତ୍ରିଭୁଜ ପାଇଁ ତିନୋଟି କେଣ ଦରକାର । ପ୍ରକୃତ ପ୍ରେମ ତାର ନିମ୍ନଲିଖିତ ତିନିଟି ଲକ୍ଷଣ ବ୍ୟତୀତ କୌଣସି ପ୍ରକାରେ ରହିପାରେ ନାହିଁ । ପ୍ରଥମତଃ ଏଠାରେ କୌଣସି ପ୍ରତିଦାନର ଆଶା ନଥାଏ । ଏହା କୌଣସି ପ୍ରକାର ଦରକଷା କଷି ବା କିଣାବିକାର ଭାବ ନୁହେଁ । ଦ୍ୱିତୀୟତଃ ପ୍ରେମରେ କୌଣସି ପ୍ରକାର ଭୟ ନାହିଁ । ଯେତେଦିନ ଯାଏ ହୃଦୟରେ ଭୟ ଥାଏ, ସେତେଦିନ ଯାଏ ପ୍ରେମ-ବିକାଶର ସମ୍ଭାବନା କାହିଁ ? ପ୍ରେମ ସ୍ୱାଭାବତଃ ଭୟକୁ ନାଶ କରିଦିଏ । ତୃତୀୟତଃ ପ୍ରେମରେ ପ୍ରତିଦ୍ୱନ୍ଦ୍ୱୀର ସ୍ଥାନ ନାହିଁ । ପ୍ରେମିକର ଅନ୍ୟ ଦ୍ୱିତୀୟ ଭଲ ପାଇବାର ପାତ୍ର ରହିବ ନାହିଁ, କାରଣ ତାହା ହିଁ ପ୍ରେମିକର ସର୍ବୋଚ୍ଚ ଆଦର୍ଶ ହେବ । ଯେତେଦିନ ପର୍ଯ୍ୟନ୍ତ ଆମ ଭଲ ପାଇବାର ପାତ୍ର ଆମର ସର୍ବୋଚ୍ଚ ଆଦର୍ଶ ହୋଇନାହିଁ, ସେତେଦିନ ଯାଏ ପ୍ରକୃତ ପ୍ରେମ ଆସିପାରିବ ନାହିଁ । ପ୍ରେମ ତ୍ରିଭୁଜର ପ୍ରେମ, ପ୍ରେମିକ ଓ ପ୍ରେମାସ୍ପଦ ଏକ-ଏହାହିଁ କବି ମାୟାଧର ମାନସିଂହଙ୍କ ପ୍ରେମ କବିତାର ବିଶେଷତ୍ୱ।

Digitized by srujanika@gmail.com

ମାନବବାଦୀ ଦୃଷ୍ଟିଭଙ୍ଗୀର ଏହି ପ୍ରଥମ ବିଚାର 'ପ୍ରେମ' ଦେହରୁ ଦେହାତୀତ ଓ କଳ୍ପନାରୁ କଳ୍ପନାତୀତ ହୋଇ ସ୍ରଷ୍ଟାର ସୃଷ୍ଟିକୁ ସାର୍ଥକତାରେ ରୂପାନ୍ତରିତ କରିଛି। ମାନସିଂହ ଯେତେବେଳେ ପ୍ରଥମେ ରଚନା ଆରମ୍ଭ କରିଥିଲେ, ହୁଏତ ସେ ଏହିପରି ସ୍ୱପ୍ନ ଦେଖିଥିବେ ଏବଂ ୧୯୩୧ ରେ ଧୂପ, ୧୯୩୩ରେ ହେମଶସ୍ୟ ଓ ୧୯୩୫ରେ ହେମପୁଷ୍ପ ପ୍ରକାଶିତ ହୋଇ ମାନସିଂହଙ୍କ ପ୍ରୀତିର ଆନ୍ତରିକତା, ଗଭୀରତା, ବୈଚିତ୍ର୍ୟ, ପ୍ରାଣପ୍ରାଚୁର୍ଯ୍ୟ ଓ ମାନବିକ ପ୍ରେମର ସମ୍ପୂର୍ଣ୍ଣ ପରିପୂର୍ଣ୍ଣ ଓ ପରିସ୍ଫୁଟ ପରିପ୍ରକାଶ ।

ମଣିଷକୁ ଅତି ନିବିଡ଼ ଭାବରେ ଭଲ ପାଉଥିବା ହେତୁ, ଶାରିରୀକ ପ୍ରେମର ବିଚାର ଓ ଭାବନାକୁ କବି ଅତ୍ୟନ୍ତ ସ୍ପଷ୍ଟ ଭାବରେ ପ୍ରକାଶ କରିଛନ୍ତି । କାରଣ କବିଙ୍କର ମନଃ ଚେତନା ଅତ୍ୟନ୍ତ ପରିଷ୍କାର, ପବିତ୍ର ଓ ଉର୍ଦ୍ଧ୍ୱମୁଖୀ ।

ପ୍ରଣୟିନୀ ହୃଦୟର ସରସ ପ୍ରୀତି ଫଲ୍‌ଗୁକୁ ସେ ସ୍ୱାଭାବିକ ଢ଼ଙ୍ଗରେ ଉପସ୍ଥାପିତ କରିଛନ୍ତି ।

"ତଥାପି ରୂପସୀ କିଶୋରୀ ତୁମର ଉଚ୍ଛଳ ଯୌବନ, ଏକ ଗଣ୍ଡୁଷେ ପାନ କରିବାର ବାସନା ଜାଗଇ ମନେ ।" (ଦୂରେ ରହ)

"କିଶୋରୀ ଗୋ ତ ବନ୍ଧ କମଳ ମୋ ହୃଦକମଳ ପରେ
ରଖିଲ ଯା, ଟିକେ ରହ ଥିର ହୋଇ ଅନୁଭବ ତାହା କହେଁ,
ପୁଲକିତ ଦେହ, ପୁଲକିତ ମନ, ଆଲୋକିତ ଅନ୍ତର,
କ୍ଷୁବଧ-ଶୋଣିତ, ଅଙ୍ଗେ ଅଙ୍ଗେ ଆନନ୍ଦ ଥରଥର ।" (ମିଳନ ମାଧୁରୀ)

"ଭୁଜେ ଭୁଜ ଭିଡାଭିଡି, ହୃଦେ ହୃଦ ଧରି
ଚରଣେ ଚରଣ ଥାପି ନିବିଡ଼ ସୋହାଗେ
ଚୁମ୍ବନ୍ତି ସେ ପରସ୍ପରେ ଜଗତ ବିସ୍ମରି
ଛାଡ଼ି ପୁଣି ଚୁମ୍ବଦ୍ୟନ୍ତି ଗାଢ଼ ଅନୁରାଗେ,
ଇନ୍ଦ୍ରିୟେ ଇନ୍ଦ୍ରିୟେ ହୁଏ ପ୍ରାଣ ବିନିମୟ

Digitized by srujanika@gmail.com

ମୁଖେ ନ ଆସଇ ଭାଷା ଭରା ଯେ ହୃଦୟ ।" (ସାଧବ ଝିଅ)

"ଅସ୍ଫୁଟ କଳିକାସିନା ମୌନ ଅନାହତ ବୀଣା
ଫୁଟିବ, ବାଜିବ ଯେବେ ଚିତ୍ତ କିପରି
ହରିବ, ରସିକ ତା'କି ବୁଝିବାରେ ରହେ ବାକି
ଦେଖିବା ଭବିଷ୍ୟ ବର୍ତ୍ତମାନକୁ ଧରି
ଧରି ଯୁବା ପଦ୍ମର କର
କଳପନା କରୁଥାନ୍ତି ଜେମା ରୂପର ।" (ଜେମା)

ଆଚାର୍ଯ୍ୟ ରଜନୀଶ ତାଙ୍କର ସେକ୍ସ ଟୁ ସୁପରକନସସନେସ୍ ପୁସ୍ତକରେ କହିଛନ୍ତି :

"Man ought to be so simple that he should be able to stand up naked-unclad-innocent and full of bliss. A person like Mahavir subscribed to rise unclothed. Likewise every person should cultivate a mentality whereby he could stand up uncovered. People, the religious people, say that Mahavir discarded clothes, abandoned garments, but I deny it. His chitta-conscience become so clear and when there is nothing left at all to conceal the man can lay bare - that he rose up in the nude to face the world".

କବି ମାନସିଂହଙ୍କର ସମଗ୍ର ପ୍ରେମ ଚେତନା ଏହି ପର୍ଯ୍ୟାୟଭୁକ୍ତ ନୁହେଁ କି ? ଏପରି ପରିପ୍ରକାଶ କରିବା ଦ୍ୱାରା ସେ ସେହି ସମୟର ଆବଶ୍ୟକତାକୁ ପୂରଣ କରିବା ସହିତ ଚିରନ୍ତନ ମାନବିକ ମୂଲ୍ୟବୋଧକୁ ମନୁଷ୍ୟଚେତନା ମଧ୍ୟରେ ଜାଗ୍ରତ କରିବାକୁ ସକ୍ଷମ ହୋଇଛନ୍ତି । କାରଣ ମାନସିଂହଙ୍କର ସମୟକୁ ଫ୍ରୟେଡ୍ ଓ ୟଙ୍ଗ୍ ପ୍ରକୃତି ମନସ୍ତାତ୍ତ୍ୱିକ ପଣ୍ଡିତମାନଙ୍କର ବିଚାର ଆଲୋଚନା ଆରମ୍ଭ ହେଲାଣି ଏବଂ ବହୁ ଲେଖକ ଓ କବି ମଧ୍ୟ ସେହି ବିଚାର ଦ୍ୱାରା ପ୍ରଭାବିତ । ଫ୍ରୟେଡ୍ଙ୍କର ଯୌନ ଚେତନାର ବିଚାର ଓ ଭାରତୀୟ ଆଧ୍ୟାତ୍ମିକ ଦର୍ଶନର ମୂଲ୍ୟବୋଧର ସଫଳ ପ୍ରୟୋଗ

Digitized by srujanika@gmail.com

ଓ ପରୀକ୍ଷା ହେଉଛି କବି ମାନସିଂହର 'ପ୍ରେମ' କବିତା; ଯାହା କାଳୋତୀର୍ଣ୍ଣ, ଏବଂ ଏହା ଓଡ଼ିଆ କାବ୍ୟ ସାହିତ୍ୟରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଦ୍ୱାର ଉନ୍ମୁକ୍ତ କରିପାରିଛି ।

ସାହିତ୍ୟ ସମାଜର ଦର୍ପଣ ଏବଂ ସମାଜର ପ୍ରତିଛବି ଏହି ସାହିତ୍ୟ ମାଧ୍ୟମରେ ପରିଦୃଶ୍ୟ ହୁଏ ଏକଥା କୁହାଯାଇଛି । ମାନସିଂହଙ୍କ ସାହିତ୍ୟରେ ସମାଜର ଯେଉଁ ନିଛକ ପ୍ରତିଛବି ପ୍ରତିଫଳିତ ଓ ପ୍ରତିବିମ୍ବିତ ହୋଇଛି, ତାହା ତାଙ୍କର ସମକାଳୀନ ବ୍ୟବସ୍ଥାକୁ ଗଭୀର ଉପଲବ୍ଧି କରିବାର ଫଳ । ଚିଲିକାର ସୌମ୍ୟ ସ୍ନିଗ୍ଧ ପ୍ରାକୃତିକ ପରିବେଶରେ ୧୯୦୫ ମସିହାରେ ଜନ୍ମଲାଭ କରିଥିବା ମାନସିଂହ ୧୯୭୩ ରେ ଆମକୁ ଛାଡ଼ି ଯାଇଛନ୍ତି । ଏହି ସମୟ ମଧ୍ୟରେ ତିନିଗୋଟି ଉଲ୍ଲେଖନୀୟ ଘଟଣା ଘଟେ । ସ୍ୱାଧୀନତା ଆନ୍ଦୋଳନ, ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ପରିଶେଷରେ ଦେଶର ସ୍ୱାଧୀନତା ପ୍ରାପ୍ତି । ମାନସିଂହଙ୍କର ସୃଷ୍ଟି ସମ୍ଭାର ସାମାଜିକ ପରିସ୍ଥିତି ସହିତ ସମ୍ପୂର୍ଣ୍ଣ ଅବଗତ । କାରଣ ଏହି ସମୟ ଓଡ଼ିଆ ସାହିତ୍ୟରେ ସବୁଜ ଯୁଗ ଓ ପ୍ରଗତିଶୀଳ ଆଭିମୁଖ୍ୟର ନିନାଦିଦ ସ୍ୱର ପର୍ଯ୍ୟାପ୍ତ ନଥିଲେ ମଧ୍ୟ ସମାଜ ଓ ସ୍ରଷ୍ଟାମାନଙ୍କ ଉପରେ ବେଶ୍ ଶକ୍ତ ପ୍ରଭାବ ପକାଇଥିଲା । ସ୍ୱାଧୀନଚେତା ମାନସିଂହଙ୍କ ଲେଖନୀ ଥିଲା ନିର୍ଭୀକ ଏବଂ କୌଣସି ରାଜନୈତିକ, ଆର୍ଥିକ ବା ସାମାଜିକ ବନ୍ଧନୀ ମଧ୍ୟରେ ବାନ୍ଧି ହେବା ତାଙ୍କ ପାଇଁ ଥିଲା ଏକ ଦୁରୂହ ବ୍ୟାପାର । ସେ ନିଜେ ନିର୍ଭୀକ ଥିଲେ ମଧ୍ୟ ତାଙ୍କୁ ବାରମ୍ବାର ସଂଗ୍ରାମରେ ଲିପ୍ତ ହେବାକୁ ପଡୁଥିଲା । ସରକାରୀ ଚାକିରୀରୂପକ ଅଙ୍କୁଶ ତାଙ୍କୁ ବହୁଥର ଅସ୍ତବ୍ୟସ୍ତ କରି ପକାଉଥିଲା । ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତାର ପ୍ରଶ୍ନ ଉଠିଲା କାରଣ ଏକ ନୂଆ ସମାଜ ବ୍ୟବସ୍ଥା ଗଠନ ପାଇଁ କବି ପ୍ରାଣ ବ୍ୟଗ୍ର ହୋଇଉଠିଲା । ମାନସିଂହଙ୍କୁ ଯଦିଓ ପ୍ରଗତିଶୀଳ କବି ବୋଲି କହିବାକୁ ସମାଲୋଚକମାନେ କୁଣ୍ଠା ପ୍ରକାଶ କରନ୍ତି, କିନ୍ତୁ ମାନସିଂହ ନିଜର ନିର୍ଭୀକ କଲମ ଚାଳନାରେ ଯେଉଁ ଚେତନା ଜାଗ୍ରତ କରିଛନ୍ତି, ତାହା ମାନବବାଦୀ ଚେତନା ଏବଂ ମାନବବାଦୀ ଚେତନା ପ୍ରଗତିଶୀଳ ବିଚାର ଠାରୁ ଭିନ୍ନ ନୁହେଁ । ସ୍ୱାଧୀନତା ଆନ୍ଦୋଳନ ସମୟର ପ୍ରତ୍ୟେକ ସ୍ରଷ୍ଟା ସ୍ୱାଧୀନତାକୁ ହିଁ ନିଜ ସୃଷ୍ଟିର ମାଧ୍ୟମ କରିଛନ୍ତି । ହୁଏତ ଆମେ ଏହାକୁ ଦେଶାତ୍ମବୋଧ

Digitized by srujanika@gmail.com

ବା ଜାତୀୟତାବୋଧ ବୋଲି କହିପାରୁ । କାରଣ ସେ ଜାଣିଥିଲେ ଏକ ପରାଧିନ ରାଷ୍ଟ୍ରରେ ପ୍ରେମ ମଧ ଏକ ବିଡ଼ମ୍ବନା । ମନୁଷ୍ୟ ମନୁଷ୍ୟକୁ ଭଲ ନ ପାଇଲେ ପ୍ରେମ ଭାବ ଜାଗ୍ରତ ହୁଏ ନା । ମାନସିଂହଙ୍କ ନିକଟରେ ଜାତୀୟତାର ସଂଜ୍ଞା ଭିନ୍ନ । ତାଙ୍କ ଭାଷାରେ, "ବିଶ୍ୱମାନବକୁ ନିକଟରୁ ନିକଟତର କରିବା ପାଇଁ ବିଜ୍ଞାନ ଆମ ହାତରେ ଯେତେ ସୁବିଧା ଦେଲେ ହେଁ ମାନବଜାତି ଆଜି ଏପରି ଭାବରେ ଛିନ୍ନଭିନ୍ନ ହୋଇ ପଡ଼ିଛି, ଯାହା ଇତିହାସରେ କେବେ ଘଟିନଥିଲା । ମନୁଷ୍ୟକୁ ମନୁଷ୍ୟ ଠାରୁ ଯାହା ଦୂରରେ ରଖେ, ଯାହା ମନୁଷ୍ୟକୁ ତାର ପ୍ରତିବେଶୀକୁ ଘୃଣା, ବିଦ୍ୱେଶ, ଅବିଶ୍ୱାସ କରିବାକୁ ଶିଖାଏ, ତାହା ଘୃଣାର ବିଷୟ । ୟୁରୋପୀୟ ନାସନାଲଜିମ୍ ପ୍ରତ୍ୟକ ଜାତି ଭିତରେ ବୃଥା ଅହଙ୍କାର ପୂରେଇ ଜଗତର ବାର୍ତ୍ତମାନିକ ସକଳ ଅନିଷ୍ଟର କାରଣ ହୋଇଅଛି । ମିଷ୍ଟର ରୁଜଭେଲଟ୍ ଡିମୋକ୍ରାସି ପାଇଁ ନିଦରେ ଶୋଉ ନାହାନ୍ତି; କିନ୍ତୁ ଶ୍ୱେତାଙ୍ଗୟାଙ୍କି, କୃଷ୍ଣାଙ୍ଗ ନିଗ୍ରୋ ପ୍ରତି କି ବ୍ୟବହାର କରେ, ତାହା ଆମେ ଭୁଲିଯିବା ନାହିଁ । ଏହି ଅସତ୍ୟ ମନୋବୃତ୍ତିର କୁତ୍ସିତ ଓ ହାସ୍ୟକର ଫଳ ଆଜି ଆମେ ଜର୍ମାନୀ ଓ ଜାପାନରେ ଦେଖୁଁ । କାରଣ ଏ ଦୁଇଟି ଦେଶର ଅଧିବାସୀ ମନେ କରନ୍ତି ଯେ, ସେମାନେ ଜଗତରେ ଶ୍ରେଷ୍ଠ ଜାତି ଓ ସାରା ପୃଥିବୀ ଶାସନ କରିବାକୁ ଜଗନ୍ନିୟନ୍ତା ପରମେଶ୍ୱରଙ୍କର ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଗୁପ୍ତ ନିର୍ଦ୍ଦେଶ ଅଛି । ପଶୁବଳର ଦର୍ପଛଡା ଏ ଧାରଣାକୁ ସମର୍ଥନ କରିବାକୁ ଆଉ କିଛି ନାହିଁ । ପ୍ରକୃତ ସତ୍ୟ ଏହି ଯେ, କୌଣସି ମନୁଷ୍ୟର କୌଣସି ଅନ୍ୟ ମନୁଷ୍ୟ ଉପରେ କର୍ତ୍ତୃତ୍ୱ କରିବାର ନୈସର୍ଗିକ ଅଧିକାର ନାହିଁ ଏବଂ ଜାତୀୟତାର ଅର୍ଥ ଏହା ନୁହେଁ ଯେ ଗୋଟିଏ ଜାତି ଅନ୍ୟ ଜାତି ଠାରୁ ନିଜକୁ ମହତ୍ତର ମନେ କରି ଅବଜ୍ଞା କରିବ । ଆମ୍ଭମାନଙ୍କ ନିକଟରେ ଜାତୀୟତାର ଅର୍ଥ ଏହା ହେବା ଉଚିତ ଯେ, ଯେହେତୁ ସମଗ୍ର ମାନବ ଜାତିର ସେବା କରିବାର ଶକ୍ତି ଓ ସୁଯୋଗ ବିଧାତା ଆମ୍ଭମାନଙ୍କୁ ଦେଇ ନାହାନ୍ତି, ତେଣୁ ଗୋଟିଏ ଛୋଟ ଅଂଶକୁ ଆମର ସେବାଦାନ କରି ଆମ ହୃଦୟର ସେବାତୁଷ୍ଣା ଆମେ ମେଣ୍ଟାଇବା । ଯେଉଁ ଦେଶରେ ମୋର ଜନ୍ମ ଏବଂ ଯେଉଁମାନେ ମୋର ଭାଷା ବୁଝିପାରନ୍ତି; ସେମାନଙ୍କ ପ୍ରତି ମୋର ପ୍ରତିବେଶୀ ଭାବ ହିଁ ମୋର ଜାତୀୟତା । ଏହି ଦୃଷ୍ଟିକୋଣରୁ ମୁଁ ପ୍ରତ୍ୟେକ

Digitized by srujanika@gmail.com

ମନୁଷ୍ୟଙ୍କୁ ପ୍ରଥମେ ମନୁଷ୍ୟ ଭାବରେ ବିଚାର କରିବି ।"

"କିନ୍ତୁ ଓଡ଼ିଆ ଜାତି ଓ ଦେଶକୁ ମୁଁ ଆପଣଙ୍କ ପରି ଭଲ ପାଏ ବୋଲି ଦୃଢ଼ ଭାବରେ ଦାବି କରିପାରେ । ମୋର ଭଲ ପାଇବାରେ କୌଣସି ଅହମିକାର ଆସ୍ଫାଳନ ନାହିଁ । ମୋର ଜାତି ପ୍ରତି ସ୍ନେହ ଅନ୍ୟ କୌଣସି ଜାତି ପ୍ରତି ମୋର ଶ୍ରଦ୍ଧାଭାବକୁ ଅବରୋଧ କରେ ନାହିଁ । ମୁଁ ଓଡ଼ିଆ ଜାତିକୁ ତିନିଗୋଟି କାରଣରୁ ଭଲ ପାଏ ! ପ୍ରଥମ କାରଣ ଅବଶ୍ୟ ଏହି ଯେ, ମୋର ଜନନୀ ମତେ ଯେଉଁ ଭାଷା ଶିଖାଇ ଥିଲେ, ଓଡ଼ିଆ ଜାତି ସେହି ଭାଷା କହେ । ଏହି ଭାଷା ମୋର ରକ୍ତରେ ମିଶି ଯାଇଛି । ଅନ୍ୟ ଯେତେଲୋକଙ୍କ ରକ୍ତରେ ଏ ଭାଷା ମିଶିଛି, ସେମାନଙ୍କ ପ୍ରତି ମୋର ଆକର୍ଷଣ ହେବା ସ୍ୱାଭାବିକ । ସେହିମାନେ ହିଁ ଓଡ଼ିଆ ଜାତି ।"

"ପ୍ରଥମ କାରଣ ଠାରୁ ଆଉ ଟିକିଏ ବଳବତ୍ତର କାରଣ, ଅର୍ଥାତ୍ ଓଡ଼ିଆ ଜାତି ପ୍ରତି ମୋର ଆକର୍ଷଣର ଦ୍ୱିତୀୟ କାରଣ, ଗୋଟିଏ ସ୍ୱଚ୍ଛନ୍ଦ, ଉନ୍ନତ ସଭ୍ୟଜାତିର ଅଧଃପତନ । ......ମୋର ସେ ଗ୍ରାମବସୀ, ଉତ୍କଳ ପ୍ରାଚୀନ ଯୋଦ୍ଧାବର୍ଗଙ୍କର ଅଧଃପତିତ ବଂଶଧର ଗଣ ଆଜି ଭୋକ ଉପାସରେ କାହିଁ ରେଙ୍ଗୁନ୍, କଲିକତା, ଆସାମରେ ମାଟିକାମ କରିବାକୁ ବାଧ ହେଉଛନ୍ତି । ସେମାନେ ଏତକ ବିଶ୍ୱାସ କରିବେ ନାହିଁ ଯେ, ତାଙ୍କରି ପୂର୍ବପୁରୁଷ କାଞ୍ଚି, ବାରଙ୍ଗନା ପ୍ରଭୃତି ଦୂରଦେଶରେ ଯୁଦ୍ଧକରି ଜୟମାଲ୍ୟ ନେଇ ଫେରିଥିଲେ । ମହତର ପତନରେ ଯେଉଁ କରୁଣା ଉଦ୍ରେକ ହୁଏ, ନୀଚର ପତନରେ ତାହା ହୁଏ ନାହିଁ । ଓଡ଼ିଆ ଜାତିର ଆଧୁନିକ ଦୁଃଖ, ଦାରିଦ୍ର୍ୟ, ମୂର୍ଖତା ମତେ ଏ ଜାତି ପ୍ରତି କରୁଣାମୟ କରି ରଖେ । ନର ନାରାୟଣ ସେବା କରିବାରେ ଯଦି ମୋ ଜୀବନର ସାର୍ଥକତା ତେବେ ମୁଁ ଆଉ କୁଆଡେ ଯିବି ? ଏହି ଓଡ଼ିଶା ଦେଶ ତ ତାର ପ୍ରକୃତ କ୍ଷେତ୍ର । ଏହି ଅଧଃପତିତ ଓଡ଼ିଆ ଜାତି ପ୍ରତି ଦୁଇଟୋପା ଲୁହ ଅନ୍ତତଃ ଢ଼ାଳିଥିଲେ ମୋର ମନୁଷ୍ୟତ୍ୱ ବ୍ୟର୍ଥ ହୋଇନାହିଁ ବୋଲି ମୁଁ ମନେ କରିବି ।"

"ଓଡ଼ିଆ ଜାତିକୁ ମୁଁ ଭଲ ପାଇବାର ତୃତୀୟ ଓ ଶ୍ରେଷ୍ଠ କାରଣ ଏହି ଯେ,

Digitized by srujanika@gmail.com

ଓଡ଼ିଆ ଜାତି ଏକ ସ୍ରଷ୍ଟାର ଜାତି । ଓଡ଼ିଆର ସ୍ୱପ୍ନ ଅଛି ଓ ଏବଂ ସେ ତାର ସ୍ୱପ୍ନକୁ ଏପରି ଭାବରେ ରୂପଦେଇ ପାରିଛି, ଯାହା କେବଳ ସଭ୍ୟତମ ମାନବ ହିଁ କରିପାରେ । ......ଓଡ଼ିଆ ତାର ଇତିହାସ ଲେଖିଛି ପଥରରେ । ଏ ଇତିହାସରେ ସନ ନାହିଁ, ତାରିଖ ନାହିଁ । ....ଯେଉଁ କୋଣାର୍କରେ ଗୋଟିଏ ଗୋଟିଏ ମୂର୍ତ୍ତିର ସ୍ରଷ୍ଟାହେବାକୁ ବିଶ୍ୱର ଶ୍ରେଷ୍ଠ ଶିଳ୍ପୀଗଣ ଜୀବନର ଶ୍ରେଷ୍ଠ ସିଦ୍ଧି ବୋଲି ମନେ କରନ୍ତେ, ତାକୁ ଯେଉଁ ପ୍ରସ୍ତର-କବିଗଣ ଲେଖିଯାଇଛନ୍ତି, ତାଙ୍କର ନାମଧାମ କାଳ ଦେହରେ ଲୀନ । ଓଡ଼ିଆ ଶିଳ୍ପୀ ନିଜ ସୃଷ୍ଟିରେ ହିଁ ନିଜକୁ ମିଶାଇ ଦେଇଯାଇଛି । ବୀଜ ନିଜକୁ ନଷ୍ଟ କରି ବୃକ୍ଷରେ ପରିଣତ ହେଲା ପରି, ଓଡ଼ିଆ ଶିଳ୍ପୀକଳାରେ ନିଜର ସମଗ୍ର ଅସ୍ତିତ୍ୱକୁ ସମର୍ପଣ କରି ଯାଇଛି । କଳାସୃଷ୍ଟିର ଇତିହାସରେ ଏ ଅବଦାନ ଅତୁଳନୀୟ । ମୁଁ ତେଣୁ ଓଡ଼ିଆ ଶିଳ୍ପୀକୁ ବାରମ୍ବାର ନମସ୍କାର କରେ ଏବଂ ସେହି ସୂତ୍ରରେ ଓଡ଼ିଆ ଜାତିକୁ ଭଲ ପାଏ ।"

"ମାନବ ସଭ୍ୟତାର ମୂଳରେ ଏହି ସୃଜନଶକ୍ତି । ଇତର ପ୍ରାଣୀମାନେ ପୁରୁଷରୁ ପୁରୁଷ ମରନ୍ତି ପଛରେ ତାଙ୍କର କିଛି ରହେ ନାହିଁ । କିନ୍ତୁ ଏହି ସୃଜନଶକ୍ତି ବଳରେ ମନୁଷ୍ୟ ଜୀବନର ଯାହା କ୍ଷଣିକ, ତାହା ଚିରନ୍ତନ ହୋଇ ପାରୁଛି । ପ୍ରତ୍ୟେକ ବ୍ୟକ୍ତି ଓ ଜାତିର ଏହା ହିଁ ଶ୍ରେଷ୍ଠ ସମ୍ପଦ ।" ....ମାନବ ସମାଜର ସେବା ଲାଗି ବିଧାତା କବିହସ୍ତରେ ଭାଷାର ଯେଉଁ ବ୍ୟାପକ ଅସ୍ତ୍ର ଦେଇଛି, କବି ତାର ସଦ୍‌ବ୍ୟବହାର କରିବା ଉଚିତ । ଓଡ଼ିଆ ଲେଖକମାନଙ୍କୁ ମୋର ଅନୁରୋଧ, ସେମାନେ ସୁନ୍ଦରର ସୃଷ୍ଟି କଲାବେଳେ ସତ୍ୟ ଓ ଶିବକୁ ଯେପରି ନ ଭୁଲନ୍ତି ଏବଂ ସାହିତ୍ୟକୁ ଜାତିର କଲ୍ୟାଣ ପାଇଁ ଅସ୍ତ୍ରରୂପେ ଯେପରି ବ୍ୟବହାର କରନ୍ତି ।"

ମାନସିଂହଙ୍କର ଜାତୀୟତାବୋଧର ଏହି ମାର୍ମିକ ବିଚାରର ପ୍ରତିଫଳନ ତାଙ୍କର ସମସ୍ତ ରଚନାରେ, ଜାତୀୟତାବୋଧ ମାନବବାଦୀ ବିଚାରର ଗୋଟିଏ ଅଙ୍ଗ । ନିଜ ଭାଷା, ନିଜ ଲୋକମାନଙ୍କ ପ୍ରତି ଏହି ଗଭୀର ପ୍ରେମ ଯଦି ନ ଥାନ୍ତା, ତେବେ ସ୍ରଷ୍ଟାର ସୃଷ୍ଟି କେବେ ସଫଳ ହୋଇ ପାରିନଥାନ୍ତା । ସେଥିପାଇଁ ସେ କହିଥନ୍ତି "ମୁଁ ମୋର ତୂଳୀକୁ ମହନ୍ତ-ର ଲେଖା ଠାରୁ ବଡ଼ ମନେ କରେ ନା ।" (ଅନ୍ୱେଷଣ ଉପନ୍ୟାସ - ପୃଷ୍ଠା ୬୩)

Digitized by srujanika@gmail.com

ଜାତୀୟତାବୋଧ ଓ ସ୍ୱଦେଶପ୍ରେମରେ ମଣିଷ ନିଜ ଚିନ୍ତା ଓ ଚେତନାରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଅନ୍ୟର ଦୁଃଖ ପ୍ରତି ସଚେତନ ହୁଏ ଓ ନିଜ ଦେଶର ଦାରିଦ୍ର୍ୟ ଓ ଅବହେଳିତ ବର୍ଗ ପ୍ରତି ବେଶି ବେଶି ସହାନୁଭୂତି ଓ ଅନୁକମ୍ପା ଜାଗେ। ଦେଶପ୍ରେମ କହିଲେ ପ୍ରଥମେ ବୁଝିବାକୁ ହୁଏ ଯେ ଆମେ ଏକଥା ହୃଦୟରେ ଅନୁଭବ କରୁଛନ୍ତି କି କୋଟି କୋଟି ଲୋକ ଯେଉଁମାନଙ୍କୁ ଆମେ ଦେବତା ବା ଋଷିମାନଙ୍କର ବଂଶଧର ବୋଲି କହିପାରୁ, ସେମାନେ ପଶୁପରି ଜୀବନ ବିତାଉଛନ୍ତି ! ସେମାନେ ଅନାହାର ଓ ଅର୍ଦ୍ଧାହାରରେ ରହୁଛନ୍ତି; ଏହା ଯଦି ମନକୁ ଅସ୍ଥିର କରେ, ଏହି ଭାବନା ହୃଦୟ ସ୍ପନ୍ଦନ ସହିତ ମିଶିଯାଏ, ଏହି ଏକମାତ୍ର ଚିନ୍ତା ସମସ୍ତ ଧ୍ୟାନ ଓ ଧାରଣାର ବସ୍ତୁ ହୁଏ, ତେବେ ତାହା ପ୍ରକୃତ ଦେଶପ୍ରେମର ଲକ୍ଷଣ ।

ସ୍ରଷ୍ଟା ମାନସିଂହ ଜୀବନର ପ୍ରାକ୍ କାଳରୁ ମଣିଷ ଭୋଗୁଥିବା ଯାବତୀୟ ଦୁଃଖକଷ୍ଟ ପ୍ରତି ଏତେ ସଚେତନ ଓ ସଂବେଦନଶୀଳ ଯେ ସେ ମଣିଷର ଭଲ ପାଇଁ ଈଶ୍ୱରଙ୍କୁ ପ୍ରଶ୍ନ କରିଛନ୍ତି ଓ ଈଶ୍ୱରଙ୍କ ପ୍ରତି ବିଦ୍ରୋହ ମନଭାବ ମଧ୍ୟ ପ୍ରକାଶ ପାଇଛି। ବିଶ୍ୱଦଳିତ ମାନବର ମୁକ୍ତି ପାଇଁ ତାଙ୍କର ଆବେଦନ ମାର୍କସୀୟ ଭାବାଦର୍ଶ ଉପରେ ପ୍ରତିଫଳିତ ନ ହୋଇ ଗାନ୍ଧୀବାଦ ଉପରେ ଆଧାରିତ । ସେ ଅତୀତର ଐତିହ ଓ ପରମ୍ପରାକୁ ଖୋଜିବା ବେଳେ ବର୍ତ୍ତମାନର ଅବସ୍ଥା ଓ ଭବିଷ୍ୟତର ସ୍ୱପ୍ନ ମଧ୍ୟରେ ଐକ୍ୟ ସ୍ଥାପନ କରିଛନ୍ତି । ତାଙ୍କର ଏହି ସ୍ୱଦେଶ ପ୍ରୀତି କୋଣାର୍କ ଠାରୁ ବାରବାଟୀ, ସାଧବ ଝିଅ, ଜେମା, ମା ଓଡ଼ିଶା, ମାଟିବାଣୀ ଠାରୁ କମଳାୟନ, ପର୍ଯ୍ୟନ୍ତ ବ୍ୟାପୀ ଯାଇଛି ।

ଜାତୀୟତାବୋଧର ଅନ୍ୟ ଏକ ଚେତନା ହେଉଛି ସର୍ବଧର୍ମ ସମନ୍ୱୟର ବାର୍ତ୍ତା । କବି ମାନସିଂହ ଶ୍ରୀଜଗନ୍ନାଥ ସଂସ୍କୃତିର ମହାନତା ପ୍ରତିପାଦନର ନିଷ୍ଠାପର ପ୍ରୟାସ କରିଛନ୍ତି ଏବଂ ଏପରିକି ସାଂସ୍କୃତିକ ଚେତନାର ପ୍ରମୂର୍ତ୍ତ ପ୍ରତୀକ ଜଗନ୍ନାଥ ସଂସ୍କୃତିର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବା ନିମନ୍ତେ ଏବଂ ତାଙ୍କୁ ବିଶ୍ୱ ଦରବାରରେ ପ୍ରତିଷ୍ଠା କରିବା ପାଇଁ (Saga of the Land of Jagannath) ପୁସ୍ତକ ରଚନା କରିଛନ୍ତି ।

କବି ମାନସିଂହଙ୍କ ପାଇଁ ଧର୍ମ ହେଉଛି ମାନବସେବା । ଧର୍ମ ମଧ୍ୟରେ

Digitized by srujanika@gmail.com

ସମନ୍ୱୟ ଭାବ ସ୍ଥାପିତ ନ ହେଲେ ମାନବସେବା ଯେ ସମ୍ଭବ ନୁହେଁ ଏକଥାକୁ ସେ ଅନୁଭବ କରି ପାରିଥିବାରୁ ସେ ପ୍ରତ୍ୟେକ ମଣିଷକୁ ଭଲ ପାଇବାକୁ ଓ ମଣିଷ ଭିତରେ ଈଶ୍ୱର ଦର୍ଶନ କରିବାକୁ ଆମକୁ ସଚେତନ କରିଛନ୍ତି ।

"ଏବେ କାଠ ପଥର ନ ପୂଜି ଆସ ପୂଜ ଜୀବନ୍ତ ଦେବତା
ଯା ଆଖିରୁ ଲୁହ ଯିବ ବହି, କହି ଦେଲେ ପଦେ ମଧୁକଥା
ବନ୍ଦକର ମନ୍ତ୍ର ପାଠ ତବ, ବନ୍ଦକର କର୍ପୂର ଆରତି
ଦେଉଳ ବାହାରେ ଦେବତା ହାତପାତି ଉଭା ହୋଇଛନ୍ତି ।
ଦେବଭୋଗ ନିରନ୍ନରେ ଦିଅ, ଦେବସେବା ହେଉ ମାନବରେ
ଦେବତାର ଦରଶନ ଲଭି, ମାନବର ପ୍ରତି ଘରେ ଘରେ ।
ସେ ପୂଜାରେ ମୂଳ ଭଗବାନ, ବାକ୍‌ମୟ ତୁରିତେ ହୋଇବେ
ଦିଅଁ ହୋଇ ପ୍ରତି ପ୍ରତିବେଶୀ ନାରାୟଣୀ ବାଣୀ ଶୁଣାଇବେ ।"
(ଦେବପୂଜା - ପୃଷ୍ଠା ୪୦୩)

ସାହିତ୍ୟ ଜୀବନ ସହିତ ଓ ମଣିଷ ସହିତ ସଂପର୍କ ରଖେ । ମଣିଷ ଜୀବନର ବାସ୍ତବତା ଯଦି ସାହିତ୍ୟରେ ପ୍ରତିଫଳିତ ନ ହୁଏ, ତାହା ତାର ମୂଲ୍ୟବୋଧକୁ ହ୍ରାସ କରେ । କବି ମାନସିଂହଙ୍କୁ ପ୍ରଗତିଶୀଳ ମାନବଧର୍ମୀ ସ୍ରଷ୍ଟା ଉଲ୍ଲେଖ କରିବାବେଳେ ପ୍ରଗତିଶୀଳ ସ୍ରଷ୍ଟା କାହାକୁ କୁହାଯାଏ, ତାହାର ସମ୍ୟକ୍ ବିଚାର ରଖିବା ଉଚିତ । କାରଣ ପ୍ରଗତିଶୀଳ ଭିନ୍ନ ଭିନ୍ନ ଲୋକଙ୍କ ପାଇଁ ଅଲଗା ଅଲଗା ଅର୍ଥ ବହନ କରେ । ଯେଉଁ ସାହିତ୍ୟ ନୂତନ ଦିଗ୍‌ବଳୟ ଉନ୍ମୋଚିତ କରେ, ସ୍ୱାଧୀନତାର ଚେତନା ଜାଗ୍ରତ କରିବାକୁ ସକ୍ଷମ ହୁଏ, ଜୀବନର ବାସ୍ତବତାର ଆଲୋକକୁ ଆଲୋକିତ କରେ ଏବଂ ଆମ୍ଭମାନଙ୍କୁ କାର୍ଯ୍ୟ କରିବା ଅଭିମୁଖେ ପ୍ରେରଣା ଦିଏ, ତାହାକୁ ଆମେ ପ୍ରଗତିଶୀଳ ବୋଲି କହିପାରିବା ।

ଏଠାରେ ମାକ୍‌ସିମ୍ ଗର୍କିଙ୍କର ମତକୁ ଉଦ୍ଧାର କରିବା : "Man is not slime underfoot as the upperclasses find it convenient to see him man is a miracle; the only miracle on earth, all the rest is an outcome of his will, his reason, his imagination",

Digitized by srujanika@gmail.com

ସ୍ରଷ୍ଟା ମାନସିଂହ ଏହି ଅବହେଳିତ, ନିଷ୍ପେସିତ, ନିର୍ଯ୍ୟାତିତ, ନିଗୃହୀତ ମଣିଷମାନଙ୍କର ମନର ଭାଷାକୁ ବ୍ୟକ୍ତ କରିବା ସହିତ ସେମାନଙ୍କ ପ୍ରତି ଅନ୍ୟମନରେ ସମବେଦନା ଜାଗ୍ରତ କରିବା ପାଇଁ ସେମାନଙ୍କର ଚେତନାକୁ ଛୁଇଁ ପାରିଛନ୍ତି ।

ମାନସିଂହଙ୍କର ଓଡ଼ିଆ ପ୍ରୀତି ତାଙ୍କର ଭାରତୀୟତାର କେବଳ ଅଂଶ ବିଶେଷ ନୁହେଁ ବରଂ ବିଶ୍ୱମାନବତାର ଅଂଶ ମଧ । କାରଣ ସେ ସେହି ସମୟରେ ଗାନ୍ଧୀ ବିଚାର ଦ୍ୱାରା, ଗାନ୍ଧୀଦର୍ଶନ ଦ୍ୱାରା ବେଶ୍ ପ୍ରଭାବିତ । ଗାନ୍ଧୀଜୀ କହିଥିଲେ, "ସତ୍ୟର ଅନ୍ୱେଷଣକାରୀ ଜଣେ ବ୍ୟକ୍ତି କଦାପି ଅହଂକାରୀ ହୋଇପାରିବ ନାହିଁ । ଅନ୍ୟମାନଙ୍କ ନିମନ୍ତେ ନିଜର ଜୀବନକୁ ଉତ୍ସର୍ଗ କରିବାକୁ ପ୍ରସ୍ତୁତ ରହିଥିବା ଜଣେ ମନୁଷ୍ୟ ଏହି ଧରଣୀ ଉପରେ ନିଜ ନିମନ୍ତେ ଏକ ସ୍ୱତନ୍ତ୍ର ସ୍ଥାନ ସୁରକ୍ଷିତ କରି ରଖିବା ଲାଗି କ୍ୱଚିତ ସମୟ ପାଇବ ।" ଗାନ୍ଧୀଜୀଙ୍କର ଏ ବକ୍ତବ୍ୟ ସ୍ରଷ୍ଟା ମାନସିଂହଙ୍କ ପ୍ରତି ବେଶ ପ୍ରଯୁଜ୍ୟ । ସେ ସୃଜନଶୀଳତା ମଧରେ ସତ୍ୟର ଅନ୍ୱେଷଣ କରିଛନ୍ତି। ସତ୍ୟ ପ୍ରକୃତି ଠାରୁ ମଣିଷ ପର୍ଯ୍ୟନ୍ତ ସବୁଠାରେ ବିଦ୍ୟମାନ ଥିବା ମଧରେ ସତ୍ୟର ଅନ୍ୱେଷଣ କରିଛନ୍ତି । ସତ୍ୟ ପ୍ରକୃତି ଠାରୁ ମଣିଷ ପର୍ଯ୍ୟନ୍ତ ସବୁଠରେ ବିଦ୍ୟମାନ ଥିବା ହେତୁ, ସେ ପ୍ରତ୍ୟେକ ସ୍ତରରେ ସେହି ସତ୍ୟର ହିଁ ଉପାସନା କରିଛନ୍ତି । ସେଥିପାଇଁ ସେ ସବୁଠାରୁ ଦୀନତମ ମନୁଷ୍ୟ ନିକଟରେ ଛିଡା ହେବାକୁ ଚାହିଁଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ମାଧମରେ ତାଙ୍କର ସେବା ପ୍ରତିଫଳିତ ହୋଇଛି । ସେ ତ ନିଜେ କହିଛନ୍ତି, "ଆମେ ଛୋଟ-ତେଣୁ ନିଜକୁ ଛୋଟ ବୋଲି ସ୍ୱୀକାର କରି ଆମର ଏହି ଛୋଟ ଭାଷାଟିର ହିଁ ଉନ୍ନତିରେ ଲାଗିବା ବୁଦ୍ଧିମାନର କାର୍ଯ୍ୟ ।" ତେଣୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ଆଧାରିତ ତାଙ୍କର ଜାତୀୟତାବୋଧ ତାଙ୍କୁ ମହାନ୍ ମାନବବାଦୀ ସ୍ରଷ୍ଟାଭାବେ ଚିହ୍ନିତ କରୁଛି ।

ଯଥାର୍ଥ କଳା କେବଳ ବାହ୍ୟ ଅଙ୍ଗିକର ଖିଆଲ ରଖିନଥାଏ । ଯାହା ତାହାର ପଛଭାଗରେ ରହିଛି ସେଥିପ୍ରତି ମଧ ତାର ଖିଆଲ ଥାଏ । ହୃଦୟର ପବିତ୍ରତାରେ ଯଥାର୍ଥ ସୌନ୍ଦର୍ଯ୍ୟ ନିହିତ ରହିଥାଏ । ମାନସିଂହ କଳାର ଏହି ଦିଗପ୍ରତି ନିଜର ଏକାନ୍ତ ଆନୁଗତ୍ୟ ପ୍ରକାଶ କରିଛନ୍ତି , ସାହିତ୍ୟ ସୃଜନଶୀଳତା

Digitized by srujanika@gmail.com

କ୍ଷେତ୍ରରେ ସେ ଲିଙ୍କନ୍ ଓ ମହମ୍ମଦଙ୍କ ବାଣୀକୁ ନିଜର ଏକମାତ୍ର ପ୍ରେରଣା ଓ ଭରସା କରିଛନ୍ତି । ଲିଙ୍କନ୍ କହିଥିଲେ, "କେହି କେତେ ଲୋକଙ୍କୁ, କେତେ କାଳ ପାଇଁ ମିଥ୍ୟା କଥାରେ ଭୁଲାଇ ଥାଇପାରେ । କିନ୍ତୁ ସବୁଲୋକଙ୍କୁ ସବୁକାଳ ପାଇଁ ନୁହେଁ।

ମହମ୍ମଦଙ୍କର ଉତ୍ତର ଥିଲା, "ମୁଁ ଯେଉଁ ସତ୍ୟର ଉପଲବ୍ଧି କରିଛି, ତାକୁ କେବଳ ତମେ ନୁହଁ, ମୋର ଏକ ପାଖେ ସୂର୍ଯ୍ୟ ଓ ଆରପାଖେ ଚନ୍ଦ୍ର ଆସି ଅନୁରୋଧ କଲେ ମଧ୍ୟ ମୁଁ ସେ ସତ୍ୟର ପ୍ରଚାର ବନ୍ଦ କରିପାରିବି ନାହିଁ ।"

ସ୍ରଷ୍ଟା ମାନସିଂହ ତାଙ୍କର ସତ୍ୟପ୍ରତି ଏହି ଏକାନ୍ତ ଅନୁରକ୍ତି ଫଳରେ ସେ ବିଶ୍ୱକବି ରବୀନ୍ଦ୍ରନାଥଙ୍କର ପ୍ରକୃତ ଦାୟାଦ ବୋଲି ଆମେ ଗ୍ରହଣ କଲେ ଦ୍ୱିରୁକ୍ତି ହେବ ନାହିଁ । ମହାକବିଙ୍କର ମହାନ୍ ଆଦର୍ଶ ଥିଲା । ମାନବିକତାର ଆଦର୍ଶ । କାରଣ ମନୁଷ୍ୟର ଦୁଃଖ କବିଟିଏ ଛଡା ଆଉ ଅଧିକ କିଏ ବୁଝିପାରେ । ରବୀନ୍ଦ୍ର ନାଥଙ୍କ ଆତ୍ମା ଯେପରି ମନୁଷ୍ୟର ଅପମାନରେ ବ୍ୟଥିତ ହୋଇ ଯାଉଥିଲା ଏବଂ ତାଙ୍କର ଲେଖନୀ ଅଗ୍ନିବର୍ଷଣ କରୁଥିଲା, କବି ମାନସିଂହଙ୍କ ଠାରେ ଏହା ପରିଲକ୍ଷିତ ହୋଇ ନାହିଁ କି ? ସ୍ରଷ୍ଟା ମାନସିଂହ ଅସାଧାରଣ ଶବ୍ଦଶିଳ୍ପୀ ଓ ଭାବଶିଳ୍ପୀ । ତାହୋଇ ନଥିଲେ ଏତେ ପର୍ଯ୍ୟାପ୍ତ ପରିମାଣର ଉଚ୍ଚକୋଟୀର କାବ୍ୟକବିତା ଠାରୁ ଗଦ୍ୟ ପର୍ଯ୍ୟନ୍ତ ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ବୃଦ୍ଧିମନ୍ତ କରିନଥାନ୍ତା । ଓଡ଼ିଆ ସାହିତ୍ୟରେ ଯଦି ଶ୍ରେଷ୍ଠତ୍ୱର ମାନଦଣ୍ଡରେ ମାପିବା, ତେବେ ମାନସିଂହ ମଧ୍ୟ ସେଥିରେ ଅନ୍ତର୍ଭୁକ୍ତ ହେବେ । ସେ ନିଜେ ଶ୍ରେଷ୍ଠତ୍ୱର ମାପକାଠି ରୂପେ ପ୍ରତିଭା, ସାଧନା, ତ୍ୟାଗ, ଐଶ୍ୱର୍ଯ୍ୟମୟ ବ୍ୟକ୍ତିତ୍ୱ ଓ ସାଧୁତା ଏହି ପାଞ୍ଚଗୋଟିକୁ ଗ୍ରହଣ କରିଛନ୍ତି । ଆମେ ଯଦି ଏହି ପାଞ୍ଚଗୋଟି ମାନଦଣ୍ଡକୁ ତାଙ୍କ ବ୍ୟକ୍ତିତ୍ୱ ଉପରେ ପ୍ରୟୋଗ କରିବା, ତେବେ ସେ ନିଶ୍ଚେ ଏଥିରେ ସଫଳତା ପାଇବେ । ତାଙ୍କ ପ୍ରତିଭାର ସର୍ବାଗ୍ରେ ନିଦର୍ଶନ ହେଉଛି ଓଡ଼ିଆ ସାହିତ୍ୟର ଇତିହାସ । ଓଡ଼ିଆ ଭାଷା ଓ ଓଡ଼ିଆ ସାହିତ୍ୟର ଇତିହାସ ଲେଖକ ପଣ୍ଡିତ ବିନାୟକ ମିଶ୍ରଙ୍କର ଏ ସଂପର୍କରେ ମନ୍ତବ୍ୟକୁ ଏଠାରେ ଉଦ୍ଧାର କରିବା ସମୀଚିନ ହେବ । ସେ ଲେଖିଛନ୍ତି, ପ୍ରତ୍ୟେକ ଲେଖାର ନୂତନତ୍ୱ ଖୋଜି ତାହାର ଆଦର କରିବା ଉଚିତ । ........ଆଚାର୍ଯ୍ୟ ମାନସିଂହ ଓଡ଼ିଶାର

Digitized by srujanika@gmail.com

ବାହାର ରାଜ୍ୟର ପାଠକମାନଙ୍କୁ ଜଣାଇ ଦେଇ ଅଛନ୍ତି ଯେ, ଓଡ଼ିଆ ଜାତି ଶିଶୁ ବା ମୃତ ନୁହେଁ । କାରଣ ତାହାର ସାହିତ୍ୟ ଥିଲା ଓ ଏବେ ବି ପ୍ରଗତିଶୀଳ, ଏ କଥା ମାନସିଂହଙ୍କର ଓଡ଼ିଆ ସାହିତ୍ୟର ଇତିହାସ ପଢ଼ି ପ୍ରତ୍ୟେକ ପାଠକ ଉପଲବ୍ଧି କରିବେ। ତାହାଙ୍କର ଭାଷା ସୁଖପାଠ୍ୟ ବୋଲି ସମସ୍ତେ ସ୍ୱୀକାର କରିବେ। "ଏହି ସାହିତ୍ୟର ଇତିହାସ ପାଇଁ ମାନସିଂହଙ୍କୁ ମଧ୍ୟ କଟୁ ସମାଲୋଚନା ଓ ଆକ୍ଷେପ କରାଯାଇଛି । କିନ୍ତୁ ଏ ସବୁ ସତ୍ତ୍ୱେ ଏହା ଏକ ତଥ୍ୟ ପଞ୍ଜିକା ନ ହୋଇ ସାମଗ୍ରିକ ଓଡ଼ିଆ ସାହିତ୍ୟର ମର୍ଯ୍ୟାଦାର ଗୌରବ ଗାଥା ହୋଇଛି । ଏହାକୁ ଯଦି ଆମେ ତାଙ୍କ ଅସାମାନ୍ୟ ପ୍ରତିଭାର ସ୍ୱାକ୍ଷର ଭାବେ ନେବା, ତେବେ ତାଙ୍କର ଦ୍ୱିତୀୟ ମାନଦଣ୍ଡ 'ସାଧନା' ରେ ଓଡ଼ିଆ ସାହିତ୍ୟ ଋଦ୍ଧିମନ୍ତ ଅନେକ କାବ୍ୟକବିତା, ନାଟକ, ଉପନ୍ୟାସ, ପ୍ରବନ୍ଧ ଭ୍ରମଣ ସାହିତ୍ୟ ଓ ଶିଶୁ ସାହିତ୍ୟରେ । ଏହା ଛଡ଼ା ରହିଛି ବହୁ ଇଂରାଜୀ ରଚିତ ପୁସ୍ତକ । ଏତଦ୍‌ବ୍ୟତୀତ ସେ ଉର୍ମି, ଆରତି, ଶଙ୍ଖ, ଉତ୍କଳ ସାହିତ୍ୟ (ନୂତନପ୍ରସ୍ଥ), ସ୍ୱରାଜ୍ୟ ଇତ୍ୟାଦି ପତ୍ରିକାର ସଂପାଦନ କରିବା ସହିତ ଶ୍ରୀମଦ ଭାଗବତ ଗୀତା ର ଟୀକା କରିଛନ୍ତି । ଏହି ଗୀତାରେ ସେ ଆଧୁନିକ ମଣିଷ ପାଇଁ ଗୀତାର ସାର୍ବଜନୀନ ଆବଶ୍ୟକତା ଉପରେ ସ୍ୱଷ୍ଟ ମତ ଦେଇଛନ୍ତି । ଗୀତା ଭାସ୍ୟ ରଚନା କରିବା କୌଣସି ସାଧାରଣ ସ୍ରଷ୍ଟା ପକ୍ଷରେ ସମ୍ଭବ ନୁହେଁ । ଏଥି ପାଇଁ ଆବଶ୍ୟକ ସାଧନା । ଭାରତରେ ଯେଉଁ ମହାମନିଷୀମାନେ ଗୀତା ଭାଷ୍ୟ ଲେଖିଛନ୍ତି ସେମାନଙ୍କ ମଧ୍ୟରେ ତିଳକ, ଗାନ୍ଧୀ, ବିନୋବା, ପଣ୍ଡିତ ନୀଳକଣ୍ଠ ଇତ୍ୟାଦି ଯେଉଁ ମୌଳିକତା ଦେଖାଇଛନ୍ତି, ମାନସିଂହଙ୍କ ଗୀତାଭାବ୍ୟରେ ସେହି ଅନନ୍ୟ ମୌଳିକତା ପ୍ରକାଶ ପାଇଛି । ମାନସିଂହଙ୍କର ଗୀତାର ବିଶ୍ଳେଷଣ ସ୍ୱାମୀ ବିବେକାନନ୍ଦଙ୍କର ଗୀତା ସଂପର୍କରେ ଦେଇଥିବା ବକ୍ତବ୍ୟର ଅନୁରୂପ । ଭାରତୀୟ ବେଦାନ୍ତ ଦର୍ଶନରେ ବିପ୍ତ୍ୟୁତି ଲାଭ କରିନଥିବା କୌଣସି ସାଧକ ସାଧାରଣତଃ ଏହି ଦୁରୂହ ଓ ଦୁଃସାଧ୍ୟ ଗୀତାର ସାର୍ବଜନୀନ ବିଶ୍ଳେଷଣ କରିନପାରେ । ଉପନିଷଦରେ କୁହାଯାଇଛି ପୃଥିବୀର ଶ୍ରେଷ୍ଠ, ସବୁଠାରୁ ତଟକା ଓ ସୁନ୍ଦର ଫୁଲ ହିଁ ପୂଜା ବେଦୀରେ ଅର୍ପଣ କରିବା କର୍ତ୍ତବ୍ୟ । ମାନସିଂହଙ୍କର ସତ୍ୟଲାଭର ପ୍ରଚେଷ୍ଟା ହେଉଛି ଗୀତା ଭାଷ୍ୟରଚନା ଏବଂ କର୍ମ ଉପରେ ଗୁରୁତ୍ୱଆରୋପ । ସାଧକ ସାଧନାରେ ବ୍ରତୀ

Digitized by srujanika@gmail.com

ହେବା ବେଳେ ଏହି ଅନାସକ୍ତ କର୍ମ ଉପରେ ହିଁ ଗୁରୁତ୍ୱ ଦିଏ । ତାହାକୁ କୁହାଯାଏ କର୍ମବିଜ୍ଞାନ । "ଯୋଗଃ କର୍ମସୁ କୌଶଳମ୍ ।"

ତୃତୀୟ ସ୍ତମ୍ଭଟି ହେଉଛି 'ତ୍ୟାଗ' । ମାନସିଂହଙ୍କ ଜୀବନ ଏକ ତ୍ୟାଗର ଜୀବନ । ଯେଉଁମାନେ ତାଙ୍କ ବ୍ୟକ୍ତିଗତ ଜୀବନକୁ ଅବଗାହନ କରିଛନ୍ତି ଓ ଯେଉଁମାନେ ତାଙ୍କର ଆତ୍ମଜୀବନୀ ପୁସ୍ତକ 'ଶିକ୍ଷାବିତ୍‌ର ଗାଥା' କୁ ଅଧ୍ୟୟନ କରିଥିବେ, ସେମାନେ ମର୍ମେ ମର୍ମେ ଉପଲବ୍ଧି କରିଥିବେ ତାଙ୍କ ତ୍ୟାଗପୂତ ଜୀବନର ଝଲକ । ସେ ନିଜେ କହିଛନ୍ତି, "ସକଳ ଅପୂର୍ଣ୍ଣତାକୁ ପୂରଣ କରିକରି ପୂର୍ଣ୍ଣତା ଆଡ଼କୁ ଯିବା ହିଁ ଜୀବନ" । ଏହି ପୂର୍ଣ୍ଣତା ମିଳେ ତ୍ୟାଗରେ, ଭୋଗରେ ନୁହେଁ । ଭାରତର ଆଦର୍ଶ ତ୍ୟାଗ ଓ ସେବା । ମାନସିଂହ ଓଡ଼ିଆ ଭାଷା ସାହିତ୍ୟ ପାଇଁ ଯେଉଁ ଅନବରତ ସାଧନାରେ ବ୍ୟାପୃତ ଥିଲେ, ତାହା କଣ ତାଙ୍କର ତ୍ୟାଗର ଜ୍ୱଳନ୍ତ ଦୃଷ୍ଟାନ୍ତ ନୁହେଁ କି ? ସେ ନିଜର ଆତ୍ମଜୀବନୀ ଲେଖିବା ବ୍ୟତୀତ ଫକୀର ମୋହନଙ୍କ ଜୀବନକୁ ଭିତ୍ତିକରି ସରସ୍ୱତୀ ଫକୀରମୋହନ ମଧ୍ୟ ଲେଖିଛନ୍ତି । ଜୀବନୀ ଓ ଆତ୍ମଜୀବନୀ ଲେଖିବା କୌଣସି ସ୍ରଷ୍ଟା ନିକଟରେ ଏତେ ସହଜସାଧ୍ୟ ସୃଜନଶୀଳ କର୍ମ ନୁହେଁ । ଏହି ପୁସ୍ତକ ଦ୍ୱୟରେ ସମକାଳୀନ ଓଡ଼ିଶାର ରାଜନୀତି, ଶିକ୍ଷା, ସଂସ୍କୃତି, ଇତିହାସ ଓ ସାମାଜିକ ଜୀବନ ସମ୍ବନ୍ଧରେ ବହୁକଥା ଦେଖିବାକୁ ମିଳେ । ଏହା ବ୍ୟକ୍ତି କୈନ୍ଦ୍ରିକ ଦସ୍ତାବିଜ ନୁହେଁ, ଓଡ଼ିଆ ସାହିତ୍ୟର ପ୍ରାଣସ୍ପନ୍ଦନ, ଏଥିରୁ ମହାନ୍ ସାଧକ ଦ୍ୱୟଙ୍କର ଆଦର୍ଶ ବୁଝାପଡ଼େ ।

ଇଉକ୍ଲିଡ୍ କହିଥିଲେ ଗୋଟିଏ ରେଖାର କୌଣସି ପ୍ରସ୍ଥ ନାହିଁ । ମାତ୍ର ଏପର୍ଯ୍ୟନ୍ତ କୌଣସି ବ୍ୟକ୍ତି ସେଭଳି ରେଖାଟିଏ ଟାଣି ପାରିନାହିଁ । କେବେ ମଧ୍ୟ ଟାଣି ପାରିବ ନାହିଁ । ତଥାପି ଆଦର୍ଶ ରେଖାଟିକୁ ମନ ମଧ୍ୟରେ ରଖିଥିବା ହେତୁ ଜ୍ୟାମିତିରେ ଅଗ୍ରଗତି କରିହେଉଛି । ପ୍ରତ୍ୟେକ ଆଦର୍ଶ କ୍ଷେତ୍ରରେ ଏହା ହିଁ ସତ୍ୟ । ସରଳରେଖାକୁ ଅନନ୍ତ ପର୍ଯ୍ୟନ୍ତ ବର୍ଦ୍ଧିତ କଲେ, ତାହା ଗୋଟିଏ ବୃତ୍ତରେ ପରିଣତ ହୁଏ । ଶୁଭର ସନ୍ଧାନ ଆତ୍ମାନୁସନ୍ଧାନରେ ହିଁ ପର୍ଯ୍ୟବେସିତ ହୁଏ । 'ମୁଁ' ହିଁ ବିଶ୍ୱର ପରମେଶ୍ୱର ।

ମନୁଷ୍ୟ ପବିତ୍ର ଓ ନୀତି ପରାୟଣ ହେବ କାହିଁକି ? କାରଣ ଏହାଦ୍ୱାରା

Digitized by srujanika@gmail.com

ତାହାର ଇଚ୍ଛାଶକ୍ତି ଦୃଢ଼ ହେବ । ଯାହା କିଛି ମନୁଷ୍ୟର ଯଥାର୍ଥ ସ୍ୱରୂପ ପ୍ରକାଶିତ କରି ମନନ ଓ ଇଚ୍ଛାଶକ୍ତିକୁ ସତେଜ କରେ ତାହା ନୈତିକ । ଦେହ ମଧ୍ୟରେ ଆବଦ୍ଧ ହୋଇ ମୁକ୍ତି ପାଇଁ କାତର କ୍ରନ୍ଦନ ହିଁ ତ୍ୟାଗ ଯୋଗୁଁ ହିଁ ସମ୍ଭବ । ତ୍ୟାଗ ହେଉଛି ମାନସିକ । ତ୍ୟାଗ ଭାବ ହିଁ ଇଚ୍ଛାଶକ୍ତିକୁ ବୃଦ୍ଧି କରିବାରେ ସାହାଯ୍ୟ କରେ। ସ୍ରଷ୍ଟା ମାନସିଂହ ଏହି ତ୍ୟାଗପୂତ ଜୀବନର ଅଂଶ ଭାବେ ଆମ ଆଗରେ ଚିରଜାଜ୍ୱଲ୍ୟମାନ ।

ବର୍ତ୍ତମାନ ମାନସିଂହଙ୍କର ବ୍ୟକ୍ତିତ୍ୱଟିକୁ ବିଚାର କରିବା । ଓଡ଼ିଆ ସାହିତ୍ୟର ଆଧୁନିକ ଆଲୋଚକମାନେ ମାନସିଂହଙ୍କ ସୃଜନଶୀଳତା ସଂପର୍କରେ ବହୁ ପ୍ରକାର ବିଶେଷଣ ପ୍ରୟୋଗକରି ତାଙ୍କୁ ପଲ୍ଲୀକବି, ସ୍ୱଦେଶ କବି, ପ୍ରେମ ଓ ପ୍ରଣୟର କବି, ଧୂପର କବି, ଆର୍ତ୍ତମାନବାତ୍ମାର କବି ଇତ୍ୟାଦି ଉଲ୍ଲେଖ କରିଛନ୍ତି । ବ୍ୟକ୍ତିଠାରୁ ବ୍ୟକ୍ତତ୍ୱ ବଡ଼ । ବହୁ କମ୍ ବ୍ୟକ୍ତିଙ୍କ ଠାରେ ଐଶ୍ୱର୍ଯ୍ୟମୟ ବ୍ୟକ୍ତିତ୍ୱର ପ୍ରକାଶ ଘଟେ। ଆମେ ଯଦି ମାନବଜାତିର ଇତିହାସକୁ ଆଲୋଚନା କରିବା ତେବେ ଦେଖିବା ବହୁ ବ୍ୟକ୍ତି ଜନ୍ମ ଠାରୁ ସେମାନେ ସେମାନଙ୍କ ଜୀବନରେ କଅଣ କରିବାକୁ ହେବ ବୁଝିଥାନ୍ତି । ସେମାନଙ୍କ ଜୀବନରେ କି କି କାର୍ଯ୍ୟ କରିବାକୁ ହେବ, ତାହା ସୁନିର୍ଦ୍ଦିଷ୍ଟ ହୋଇଥାଏ । ସେମାନେ ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟପ୍ରଣାଳୀରୁ କେବେହେଲେ ବିନ୍ଦୁମାତ୍ର ବିଚ୍ୟୁତ ହୁଅନ୍ତି ନାହିଁ । ଏହାର କାରଣ କ'ଣ ? କାରଣ ସେମାନେ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ଆସିଥାଆନ୍ତି , ସେମାନେ ଜଗତକୁ କିଛି ଦେବା ପାଇଁ - ଜଗତ ନିକଟକୁ କୌଣସି ଗୋଟିଏ ବିଶେଷ ବାର୍ତ୍ତା ବହନ କରିଆସନ୍ତି । ଏହି ବ୍ୟକ୍ତି ବିଶେଷମାନଙ୍କ ଠାରେ ନିଜ ପ୍ରତି ଅଗାଧବିଶ୍ୱାସ ଦେଖିବାକୁ ମିଳେ । ଶ୍ରୀମଦ୍‌ଭାଗବଦ୍ ଗୀତାର ୧୮ ଅଧ୍ୟାୟ ୪୮ ଶ୍ଳୋକରେ କୁହାଯାଇଛି,

"ସହଜଂ କର୍ମକୌନ୍ତେୟ ସଦୋଷମପି ନ ତ୍ୟଜତ୍
ସର୍ବାରମ୍ଭା ହି ଦୋଷେଣ ଧୂମେନାଗ୍ନିରିବାବୃତାଃ ।।

ଏହାର ଅର୍ଥ ହେଉଛି, "ଯେଉଁ କର୍ମ ତୁମମାନଙ୍କୁ କରିବାକୁ ହେଉଛି, ସେଥିରେ ଯଦି କୌଣସି ଦୋଷ ଥାଏ, ତଥାପି ଭୟ କରନାହିଁ କାରଣ ଏପରି କୌଣସି କାର୍ଯ୍ୟ ନାହିଁ, ଯେଉଁଥିରେ କିଛି ନା କିଛି ଦୋଷ ନାହିଁ ।" ଭଗବାନ

Digitized by srujanika@gmail.com

ବୁଦ୍ଧ ତାଙ୍କର ଅମୃତମୟ ବାଣୀରେ କହିଛନ୍ତି, ଏ ଜଗତ ଦୁଃଖ ପୂର୍ଣ୍ଣ । ସେହି ଦୁଃଖ ମଧ୍ୟରେ ତୁମେ ଲକ୍ଷ ଲକ୍ଷ ଲୋକ ଅନାହାରରେ ପ୍ରାଣତ୍ୟାଗ କରୁଛନ୍ତି, ସେ ବିଷୟରେ ଭାବୁଛ କି ? ବୁଦ୍ଧ ନିଃସ୍ୱାର୍ଥପର ହୋଇ ସ୍ୱାର୍ଥପର ଭାବନାକୁ ତ୍ୟାଗ କରିବାକୁ କହିଛନ୍ତି । କ'ଣ କହୁଛନ୍ତି ଈଶା ମସିହା । "ପ୍ରସ୍ତୁତ ହୁଅ, କାରଣ ସ୍ୱର୍ଗରାଜ୍ୟ ଅତି ନିକଟରେ ।" ମହମ୍ମଦ ସାମ୍ୟ ଓ ଭାତୃଭାବର କଥା କହିଛନ୍ତି । ଯେଉଁ ବ୍ୟକ୍ତି ନିଷ୍କାମ ଭାବରେ କର୍ମ ସଂପାଦନ କରେ ଏବଂ ତାଙ୍କର କର୍ମ ସମଗ୍ର ମାନବ ଜାତି ପାଇଁ ନୂତନତାର ଭାବ ବହନ କରି ଆଣେ, ସେହି ବ୍ୟକ୍ତି ହିଁ ଐଶ୍ୱର୍ଯ୍ୟଶାଳୀ ବ୍ୟକ୍ତି। ମାନସିଂହ ନିଜର ଅନାସକ୍ତ କର୍ମ ମାଧ୍ୟମରେ ଯେଉଁ ସୃଜନଶୀଳତାର ପରିଚୟ ଦେଇଛନ୍ତି ତାହାକୁ ନେଇ ସମଗ୍ର ଓଡ଼ିଆ ଜାତି ଗର୍ବ କରେ । ସେ ନିଜ ମଧ୍ୟରେ କୃଷ୍ଣ, ବୁଦ୍ଧ, ଯୀଶୁ ଓ ମହମ୍ମଦଙ୍କର ବାଣୀକୁ ସାକାରରୂପ ଦେବାକୁ ସକ୍ଷମ ହୋଇଛନ୍ତି। 'କବି ଓ ଲେଖକର ଲକ୍ଷ୍ୟ' ରେ ସେ ନିଜେ କହିଛନ୍ତି "ମୁଁ ଚାହେଁ କବି ଓ ଲେଖକ ଓ ଶିଳ୍ପୀ ସାଧାରଣ ମନୁଷ୍ୟର ଅଭିଜ୍ଞତା ପାଇଁ ସାଧାରଣ ଜୀବନ ହିଁ ଯାପନ କରିବେ। ସେମାନେ ଜୀବନ ସଂଗ୍ରାମକୁ ଭୟ କରିବା ଉଚିତ ନୁହେଁ । ଭୟରେ ଏହି ଜୀବନ ଯୁଦ୍ଧ ଠାରୁ ଦୂରରେ ରହିଲେ, ଜୀବନର କେଉଁ ପ୍ରତ୍ୟକ୍ଷ ଅଭିଜ୍ଞତା ସେମାନେ ପାଇବେ ? ପ୍ରତ୍ୟକ୍ଷ ଅଭିଜ୍ଞତା ନ ଥିଲେ ସେ ଜୀବନକୁ ଚିତ୍ରିବେ କିପରି ? ସେମାନେ ମନେ ରଖିବା ଉଚିତ ଯେ ସେମାନେ ମନୁଷ୍ୟ ଦେହ ଧରି ଜନ୍ମ ହୋଇଛନ୍ତି, ମନୁଷ୍ୟମାନଙ୍କୁ ସେହି ମନୁଷ୍ୟମାନଙ୍କର ଅଭିଜ୍ଞତା, ସୁଖ ଦୁଃଖ, ସ୍ୱପ୍ନ, ଚିନ୍ତାକୁ ଶୁଣେଇବାକୁ । ...ମଣିଷ ମନର କଥା ଜାଣିବାକୁ ହେଲେ ଏବଂ ମଣିଷ ବୁଝିବା ଭଳି ଭାଷାରେ ତାକୁ ବ୍ୟକ୍ତ କରିବାକୁ ହେଲେ କବି ଓ ଲେଖକକୁ ଜଣେ କେବଳ ସାଧାରଣ ମଣିଷ ପରି ବଞ୍ଚିବାକୁ ହେବ ନାହିଁ, ତା'ଠାରୁ ଅଧିକ ଗଭୀର, ନିବିଡ଼ ଅର୍ଥମୟ ଜୀବନଯାପନ କରିବାକୁ ପଡ଼ିବ । ...ତୁମେ ଅବିନାଶୀ, ତେଣୁ ତୁମେ ଅକୁତୋଭୟ । ଅନ୍ୟାୟର ମୁକ୍ତ ପ୍ରତିବାଦ କର, ଲାଞ୍ଛିତ, ନିର୍ଯ୍ୟାତିତ ହେବାକୁ ଭୟ କରନା । ଇହ ଜୀବନର ସମସ୍ତ ଧୂଳି ମଳିନତା ତମର ପ୍ରତିଭାର ଜ୍ୟୋତ୍ସ୍ନାରେ କେବଳ ଆବୃତ୍ତ ହେବ ନାହିଁ, ରହସ୍ୟମୟ ଓ ବିସ୍ମୟକର ହୋଇ ଉଠିବ । ତମର ଅଶ୍ରୁ ଦେଇ ଜନ୍ମ ନେବ ଜାତିର । ତମର ଲାଞ୍ଛନାରେ ନ୍ୟାୟ

Digitized by srujanika@gmail.com

ହେବ ସମାଜରେ ପ୍ରତିଷ୍ଠିତ । ଉତ୍ତିଷ୍ଠ ହୁଅ, ଜାଗ୍ରତ ହୁଅ ଏବଂ ବରେଣ୍ୟଙ୍କୁ ପାଇବା ପାଇଁ ଚେଷ୍ଟା କରି ନିଜେ ବରେଣ୍ୟ ହୁଅ ।"

ଜଣେ ଐଶ୍ୱର୍ଯ୍ୟଶାଳୀ ବ୍ୟକ୍ତିତ୍ୱ ହିଁ ଏପରି ଆହ୍ୱାନ ଓ ଉପଦେଶ ଦେଇପାରେ ଯେପରି ଦେଇ ଯାଇଛନ୍ତି ଶ୍ରୀକୃଷ୍ଣ, ଯୀଶୁ, ବୁଦ୍ଧ ଓ ସ୍ୱାମୀ ବିବେକାନନ୍ଦ। ଅନନ୍ତ, ପବିତ୍ରତା, ଅନନ୍ତ ସହନଶୀଳତା ଓ ଅନନ୍ତ ତିତିକ୍ଷା ସହିତ ପ୍ରେମ ହିଁ ବ୍ୟକ୍ତିକୁ ଐଶ୍ୱର୍ଯ୍ୟଶାଳୀ ବ୍ୟକ୍ତିତ୍ୱରେ ପରଗଣିତ କରେ । ସ୍ରଷ୍ଟା ମାନସିଂହଙ୍କର ବ୍ୟକ୍ତିତ୍ୱକୁ ଆମେ ଐଶ୍ୱର୍ଯ୍ୟବିମଣ୍ଡିତ ବ୍ୟକ୍ତିତ୍ୱ ଛଡ଼ା ଆଉ କ'ଣ କହିପାରିବା କି ? ମାନସିଂହ ବ୍ୟକ୍ତି ଜୀବନକୁ ମାପିବାର ଆଉ ଯେଉଁ ମାନଦଣ୍ଡଟିକୁ ରଖିଛନ୍ତି, ତାହା ହେଉଛି ସାଧୁତା । ସାଧୁତାର ଅନ୍ୟ ନାମ ପବିତ୍ରତା । ପବିତ୍ରତାରୁ ଜନ୍ମ ନିଏ ଆତ୍ମବିଶ୍ୱାସ। ଆତ୍ମବିଶ୍ୱାସ ବଳରେ ଜଣେ ସବୁ କିଛି କାର୍ଯ୍ୟ କରିପାରେ । ଯେ ନିଜକୁ ବିଶ୍ୱାସ ନ କରେ ସେ ନାସ୍ତିକ । ଏହି ବିଶ୍ୱାସ କେବଳ ନିଜର 'ମୁଁ' କୁ ନେଇ ନୁହେଁ । ଏହି ବିଶ୍ୱାସର ଅର୍ଥ ସମସ୍ତଙ୍କ ପ୍ରତି ବିଶ୍ୱାସ । ଆତ୍ମ ପ୍ରୀତିର ଅର୍ଥ ସର୍ବଭୂତରେ ପ୍ରୀତି, ସକଳ ଜୀବଜନ୍ତୁଙ୍କ ଉପରେ ପ୍ରୀତି, ସକଳ ବସ୍ତୁ ପ୍ରତି ପ୍ରୀତି । କଠୋପନିଷଦରେ କୁହାଯାଇଛି, "ବହୁ ମଧ୍ୟରେ ଏକକୁ ଦେଖିବାକୁ ବା ସର୍ବଭୂତରେ ପ୍ରୀତି କରିବା କେବଳ ସାଧୁତା ଶକ୍ତି ଉପରେ ହିଁ ପ୍ରତିଷ୍ଠିତ । ସାଧୁତା ଶକ୍ତିର ଅଭାବ ହେଲେ ପ୍ରେମ ଜାତ ହୁଏ ନାହିଁ ।

କାରଣ ଏହି ପବିତ୍ରତା ହିଁ ମନୁଷ୍ୟକୁ ବହିର୍ଜଗତ ଅଥବା ଅନ୍ତର୍ଜଗତ ସଂପର୍କରେ ଜ୍ଞାନ ପ୍ରଦାନ କରିବାରେ ସାହାଯ୍ୟ କରେ ଯାହାକୁ କୁହାଯାଏ ମନସଂଯୋଗ । ଯେତେବେଳେ ମନୁଷ୍ୟର ଅନ୍ତଃସ୍ଥଳ ପବିତ୍ର ହୁଏ, ହୃଦୟରେ ବିନ୍ଦୁମାତ୍ର ଘୃଣାଭାବ ନଥାଏ, ସେତେବେଳେ ସବୁ ପ୍ରାଣୀ ହିଂସାଦ୍ୱେଷ ପରିତ୍ୟାଗ କରନ୍ତି । ମାନସିଂହ ଯେଉଁ ସାଧୁତା କଥା ଉଲ୍ଲେଖ କରିଛନ୍ତି, ତାହା ବାହ୍ୟ ପବିତ୍ରତା ନୁହେଁ, ତାହା ହେଉଛି ଅନ୍ତଃପବିତ୍ରତା । ବର୍ତ୍ତମାନ ବାହ୍ୟ ପବିତ୍ରତା ପାଇଁ ସମସ୍ତେ ଚାହୁଁଛନ୍ତି । କିନ୍ତୁ ଦରକାର ହୃଦୟର ଶିକ୍ଷା ।

ଏହି ପାଞ୍ଚଗୋଟି ମାନବିକ ଶ୍ରେଷ୍ଠତ୍ୱର ମାନଦଣ୍ଡରେ ମାନସିଂହ ମାପିଛନ୍ତି ବିଭିନ୍ନ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ । ସାଧୁତା ଓ ପ୍ରତିଭାର ପରିପୂର୍ଣ୍ଣ ମିଳନ

Digitized by srujanika@gmail.com

ସେ ପାଇଛନ୍ତି ସାମନ୍ତ ଚନ୍ଦ୍ରଶେଖର ଓ ଗଙ୍ଗାଧର ମେହେରଙ୍କ ଠାରେ । ମାନସିଂହଙ୍କ ବ୍ୟକ୍ତିତ୍ୱରେ ଏହି ସମସ୍ତଗୁଣ ବିକଶିତ ହୋଇଥିବା ହେତୁ ସେ ପ୍ରକୃତିର, ମଣିଷର ପୂଜାରୀ ହୋଇ ପାରିଛନ୍ତି ।

ସ୍ରଷ୍ଟା ମାନସିଂହଙ୍କର ରଚନା ସମ୍ଭାରକୁ ଅନୁଶୀଳନ କଲେ, ତାଙ୍କର ପାଣ୍ଡିତ୍ୟର ପରିଚୟ ମିଳେ । ଏହି ପାଣ୍ଡିତ୍ୟରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନ ଓ ସାହିତ୍ୟର ସମନ୍ୱୟ ଘଟିଛି । ଭାରତୀୟ ଦର୍ଶନ ଓ ସାହିତ୍ୟ ସଂପର୍କରେ ଅତ୍ୟଧିକ ଅଭିନିବେଶ ନଥିଲେ, ତାଙ୍କର ସୃଜନଶୀଳତାର ଚମତ୍କାରିତା, ଗଭୀରତା ଓ ବ୍ୟାପକତା ଏତେ ବ୍ୟାପ୍ତି ଓ ବିସ୍ତୃତି ଲାଭ କରିନଥାନ୍ତା । ସେହି ଚିରନମସ୍ୟ ସାରସ୍ୱତ ସାଧକଙ୍କର ବ୍ୟକ୍ତିତ୍ୱ ଓ ସୃଷ୍ଟିଶୀଳତା ସଂପର୍କରେ ଅବଧାରଣ କରିବା ପାଇଁ ତାଙ୍କର ଦର୍ଶନକୁ ଜାଣିବା ଓ ତାର ମୌଳିକତାର ଗଭୀରତାକୁ ଉପଲବ୍ଧି କରିବା ପ୍ରତ୍ୟେକ ପାଠକଙ୍କର ପ୍ରଥମ ଆବଶ୍ୟକତା । ସେ ଭାରତୀୟ ବେଦାନ୍ତ ଦର୍ଶନର ମହାନ ସାହିତ୍ୟିକ ପ୍ରବକ୍ତା । ତାଙ୍କ ଠାରେ ମନୁଷ୍ୟର ସାମଗ୍ରିକ ବ୍ୟକ୍ତିତ୍ୱରେ ଆମେ ସ-ଆଦ୍ୟ ତିନୋଟି ବ୍ୟକ୍ତିତ୍ୱର ମିଶ୍ରଣ ଦେଖିବାକୁ ପାଉଁ । ସେ ସ୍ରଷ୍ଟା, ସୈନିକ ଓ ଶିକ୍ଷକ ।

ପରିଶେଷରେ ଇଗଲ ମହାବିହାୟସରେ ଉଡ଼ିଲା ପରି, କୋକିଳ ଆପେ ଗାଇଲା ପରି, ଫୁଲ ଆପେ ଫୁଟିଲା ପରି, ମାୟାଧର ମାନସିଂହ ନିଜର ସହଜାତ ପ୍ରତିଭାର ପ୍ରେରଣାରେ ହିଁ ସ୍ରଷ୍ଟ୍ର, ସୈନିକ ଓ ଶିକ୍ଷକ ରୂପେ ଆମ ଆଗରେ ମହିମୋଜ୍ୱଳ ପରିଗ୍ରହରେ ଦଣ୍ଡାୟମାନ । ଆମ୍ଭେମାନେ ଆଜି ସେହି ପ୍ରତିଭାକୁ ନମସ୍କାର କରୁ, କାରଣ ସେ ପ୍ରତିଭା ତା'ର ସକଳ ସୃଷ୍ଟି ଓ ସକଳ କର୍ମ ଭିତରେ କେବଳ ପରମ ମାନବିକତାକୁ ହିଁ ନମସ୍କାର ଜଣାଇଛି-ପଦକୁ ନୁହେଁ, ପଦାର୍ଥକୁ ନୁହେଁ, ପଦାଧିଷ୍ଟକୁ ନୁହେଁ । ମାନବିକତାର ବରେଣ୍ୟ ସ୍ରଷ୍ଟା ମାନସିଂହଙ୍କୁ ସାଷ୍ଟାଙ୍ଗ ପ୍ରଣାମ ଜଣାଉଛି ।

Digitized by srujanika@gmail.com

# ସୌକୁମାର୍ଯ୍ୟର କବି ମାନସିଂହ

**ଚନ୍ଦ୍ରଶେଖର ରଥ**

ଶ୍ରଦ୍ଧେୟ ସଭାପତି ମହାଶୟ ଓ ରସଗ୍ରାହୀ ବିଦଗ୍ଧ ଶ୍ରୋତୃମଣ୍ଡଳୀ ବିନୟର ସହିତ ମୁଁ ଆରମ୍ଭରୁ ହିଁ ସୂଚାଇ ଦେବାକୁ ଚାହେଁ ଯେ ମୁଁ କୌଣସି ବିଜ୍ଞ ସମୀକ୍ଷକ ନୁହେଁ ବା ଜ୍ଞାନୀ ଗବେଷକ ନୁହେଁ । ମୁଁ ଜଣେ ମୁଗ୍ଧ ବିଭୋର ପାଠକ ମାତ୍ର । କେତେ ମାତ୍ରରେ ସହୃଦୟ ସଂବେଦନଶୀଳ ଓ ସାମାଜିକ ତା ମଧ୍ୟ ବିଚାର କରିବାର ପ୍ରୟୋଜନ କେବେହେଲେ ଅନୁଭବ କରିନାହିଁ । ଏଣୁ ବିନା ଦ୍ୱିଧା ବା ସଂକୋଚରେ ମୁଁ ସ୍ୱୀକାର କରିବାକୁ ଚାହେଁ ଯେ ଯଦି କେହି କାବ୍ୟପ୍ରବାହର ବିପୁଳ ପ୍ଲାବନରେ ମୋତେ ଆଲୋଡ଼ିତ ପ୍ରକମ୍ପିତ ସ୍ତବ୍ଧ ଚକିତ କରିଥାନ୍ତି ସେ ହେଉଛନ୍ତି ସାରଳା ଦାସ, ଯେ ସ୍ୱଚ୍ଛତା, ଶୁଦ୍ଧତା ସରଳତା ଓ ଅପ୍ରମେୟ ଗଭୀରତାରେ ମୋତେ ବିହ୍ୱଳ, ବିସ୍ମୟ ବିମୂଢ଼ କରିଥାନ୍ତି । ସେ ଜଗନ୍ନାଥ ଦାସ, ଯେ କାବ୍ୟ ନୈପୁଣ୍ୟର ହୀରକଦ୍ୟୁତିରେ ହତବାକ ଚମତ୍କୃତ ଓ ପରାସ୍ତ କରିଥାନ୍ତି ସେ ଉପେନ୍ଦ୍ର, ଯେ ଲଳିତ ମଧୁର ଭାବସଂପଦ ଓ ସଂଗୀତମୟତାରେ ବିହ୍ୱଳ ବିଭୋର କରିଥାନ୍ତି ସେ କବିସୂର୍ଯ୍ୟ ଏବଂ ଯେ ଗିରିଝର ପରି ଅବାଧ ସ୍ୱଚ୍ଛନ୍ଦ କବିତାର ଭାବମୟତା ପ୍ରାଣମୟତା ଅନାବିଳ ତାରୁଣ୍ୟର ଆବେଗମୟତାରେ ପରିଣତ ବୟସରେ ସୁଦ୍ଧା ମୋତେ ଆକୁଳିତ, ଉଚ୍ଚାଟିତ ଓ ତରୁଣାୟିତ କରଥାନ୍ତି, ସେ ହେଉଛନ୍ତି ପ୍ରଣୟ ସୁରଭିତ କୋମଳ ସୌକୁମାର୍ଯ୍ୟର କବି ମାୟାଧର ମାନସିଂହ ।

ଯେଉଁଠି ଭାବ ଭାଷା ରୂପକଳ୍ପ ବା ବିମ୍ବନିର୍ମାଣରେ କୌଣସି ଜଟିଳତା କଠିନତା, ରୁକ୍ଷତା ବା ଗମ୍ଭୀରତା ନ ଥାଏ, ସହଜ, ସରଳ, ହୃଦ୍ୟଗ, ଚାରୁତା ରପଣୀୟତା ଥାଏ, ପରିପକ୍ୱତା ଅପେକ୍ଷା ଉଦ୍ଗମତା, ଉଦାମତା ଅପେକ୍ଷା ଚପଳତା, ଗଭୀରତା ଅପେକ୍ଷା ପ୍ରବହମାନତା, ପ୍ରାପ୍ତି ଅପେକ୍ଷା ପ୍ରବଣତା ଅଧିକ ଥାଏ, ଯାହା ବିମୂଢ଼ ନ କରି ବିମୁଗ୍ଧ କରେ, ପ୍ରଭାବିତ ନ କରି ସଂକ୍ରମିତ କରେ, ପ୍ଲାବିତ ନ କରି ଅତିସିକ୍ତ କରେ, ଯାହା ଦ୍ରୁମ ନୁହେଁ; ପଲ୍ଲବ; ପଲ୍ଲବ ନୁହେଁ, କିଶଳୟ, କିଶଳୟ ନୁହେଁ କୁସୁମ; କୁସୁମ ନୁହେଁ ସୌରଭ ଯାହା ଆଘାତ ନ କରି ଛୁଇଁ ଦିଏ,

Digitized by srujanika@gmail.com

ଯାହା ଶୃଙ୍ଗାର ଘନରସରେ ଆପ୍ଲୁତ ଯୌବନ ନୁହେଁ, ପ୍ରଣୟ ଧୂପିତ, ଅନଭିଜ୍ଞ ତାରୁଣ୍ୟ, ଯାହା ବୁଦ୍ଧିରେ ବୋଧଗମ୍ୟ ହେବା ପୂର୍ବରୁ ପ୍ରାଣକୁ ସଂଚରି ଯାଏ (Communicates before it is understood - T.s. Eliot) ଯାହା ସ୍ଥୁଳ ରୂପରେ ସରଳ ସୂକ୍ଷ୍ମରୂପରେ ତରଳ, ଯାହା ପ୍ରଥମ ସ୍ପର୍ଶରେ ପୁଲକିତ କରେ, ରୋମାଞ୍ଚିତ ଓ ପରିତୃପ୍ତ କରେ, ତାହା କାବ୍ୟ ଭାଷାରେ ଛଣା ଅମୃତ ପରି ସୌକୁମାର୍ଯ୍ୟ ।

ଉତ୍ସଙ୍ଗେ ବା ମଳିନବସନେ ସୌମ୍ୟ ନିକ୍ଷିପ୍ୟ ବୀଣାମ୍
ମଦ୍‌ଗୋତ୍ରାଙ୍କାମ୍ ବିରଚିତ ପଦ ଗେୟମୁଦ୍‌ଗାତୁ କାମାମ୍
ତନ୍ତ୍ରୀମାଦ୍ରାଂ ନୟନ ସଲିଳୈଃ ସାରୟିତ୍ୱା କଥଞ୍ଚିତ୍
ଭୂୟୋଭୂୟଃ ସ୍ୱରମପିକୃତା ମୂର୍ଚ୍ଛନାଂ ବିସ୍ମରନ୍ତି ।

(ମେଘଦୂତମ୍ - ଉତ୍ତରମେଘ)

ବିରହିଣୀ ଯକ୍ଷିଣୀ ମଳିନବସନା ଆନମନା, ନିଜ କୋଳରେ ବୀଣାଟିକୁ ପକାଇ ଦେଇ ବସିଛି । ବାରମ୍ବାର ବିରଚିତ ପଦକୁ ଗାଇବାକୁ ଉଦ୍ୟମ କରି ଗାଇ ପାରୁନାହିଁ । ଲୁହ ଧାରରେ ବୀଣାର ତନ୍ତ୍ରୀ ଓଦା ହୋଇଯାଇଛି । ସୁର ବାନ୍ଧିଲା ପରେ ବି ମୂର୍ଚ୍ଛନା ଭୁଲି ଯାଉଛି । ଗାଇ ପାରିଥିଲେ ଅନ୍ୟ ରସର ସଂଚାର ହୋଇଥାନ୍ତା । କିନ୍ତୁ ଗାଇ ନ ପାରିବାର କୋହ ଅପ୍ରକଟ ସଂଗୀତର ସୂକ୍ଷ୍ମ ଆବେଦନ ଅତ୍ୟନ୍ତ ସୁକୁମାର କାବ୍ୟିକ ସ୍ପର୍ଶ ।

ଯଦି ବାରନ କରୋ ତବେ ଗାହିବ ନା
ଯଦି ସରମ ଲାଗେ ମୁଖେ ଚାହିବ ନା
ଯଦି ବିରଲେ ମାଲା ଗାଁଥା ସହସା ପଡ଼େ ବାଧା
ତୋମାର ଫୁଲ ବନେ ଯାଇବ ନା ।
ଯଦି ଥମକି ଥେମେ ଯାଏ ପଥ୍ ମାଝେ
ଆମି ଚମକି ଚଲେ ଯାବ ଆନ କାଡେ.
ଯଦି ତୋମାର ନଦୀ କୂଲେ ଭୁଲିଆ ଢ଼େଉ ତୁଲେ
ଆମାର୍ ତରୀଖାନି ବାହିବ ନା

Digitized by srujanika@gmail.com

ଯଦି ବାରନ୍ କରୋ ତବେ ଗାହିବ ନା ।
(ରବୀନ୍ଦ୍ରନାଥ)

ଅତ୍ୟନ୍ତ କୋମଳ ପରିବେଶ ଓ ତଦ୍ରୂପ କୋମଳ ଆବେଦନ ବାରଣ କଲେ ଗାଇବ ନାହିଁ, ଲାଜ ମାଡ଼ିଲେ ମୁହଁକୁ ଚାହିଁବ ନାହିଁ ଏବଂ ନଈ କୂଳରେ ଢ଼େଉ ଉଠିଲେ ଜୀବନ ତରୀଟିକୁ ସୁଦ୍ଧା ବାହିବ ନାହିଁ । ସୁକୁମାର ଇଙ୍ଗିତ କିନ୍ତୁ ଲଜ୍ଜାବନତ ମୁହଁକୁ ଚାହିଁରହିବା ଝଂକୃତ ପ୍ରାଣକୁ ମଧୁର ମୂର୍ଚ୍ଛନା ଦେବା, ନିରୋଳା ସମୟରେ ଫୁଲଗୁନ୍ଥା ବେଳେ ଆସି ଆଗରେ ଠିଆ ହେବା ଏବଂ ନଈଧାରରେ ନାଆ ବାହି ତରଙ୍ଗ ସୃଷ୍ଟି କରିବା । ପ୍ରକାଶଭଙ୍ଗୀରେ ଚାରୁତା ଓ ଭାବବିମ୍ବ ନିର୍ମାଣରେ ସୂକ୍ଷ୍ମ କୋମଳ ସୌକୁମାର୍ଯ୍ୟ ଲକ୍ଷଣୀୟ ।

ଜଣା ନ ଥିଲା ମାଜଣା ହେବେ ବୋଲି ଜେମା
କର କ୍ଷମା ରେ ।

ଭିଡ଼ି ଦଶନେ ବସନାଞ୍ଚଳ
ତଡିଲ୍ଲତାରୁ ହୋଇ ପ୍ରବଳ
ବଳା ଶିଞ୍ଜନୀ କରି ଚଞ୍ଚଳ
ପଳାଇଲୁ ଯା ମଣ୍ଡି ମଣ୍ଡପ ସୀମା    କର କ୍ଷମା ରେ ।
ରତି ପ୍ରତିମାତୁ ତନୁ ମଧ୍ୟମାରେ    କର କ୍ଷମା ।
(କବିସୂର୍ଯ୍ୟ)

ମାଜଣା ବେଳେ କବିର ଅପ୍ରତ୍ୟାଶିତ ଆବିର୍ଭାବ ଏବଂ ଅପସୃୟମାଣା ସଦ୍ୟସ୍ନାତା ରତିପ୍ରତିମା ରାଜଜେମାର ରୂପ ସମ୍ଭାର ପାଖରେ ଅପରାଧୀ କବିର କ୍ଷମା ଯାଚନା ଏକ ରମଣୀୟ ଭାବଜ୍ୟୋତନା । କ୍ଷମା ମିଳୁ ନ ମିଳୁ ଦଣ୍ଡ ଯେତେ କଠୋର ହେଉ ପଛକେ ରାହୁ ଅମୃତ ଭକ୍ଷଣ କଲାପରି ମୁଣ୍ଡ ଛିଡ଼ି ଗଲେ ସୁଦ୍ଧା, ଏ ଅପରାଧ ବାରମ୍ବାର ଆହ୍ୱାନ କରିବାର ଅପ୍ରକାଶିତ ବାସନା ଏକ ସୁକୁମାର ଇଙ୍ଗିତ ।

ମୁଁ ଗୋ ଆସିଅଛି ନବ ଯୌବନ, ନବଯୌବନ

Digitized by srujanika@gmail.com

ମୁଁ ଗୋ ମଧୁ ସହଚର ଆସିଅଛି ଭାସି
ଭରି ଅଛି କରେ କୁସୁମ ରାଶି
ମୁଁ ମଧୁ ତୁଲେ ନିତି ହସଇ
ରସଇ ସ୍ୱପ୍ନେ, ଭାସଇ ସ୍ୱପ୍ନେ ଲସଇ
ସ୍ୱପ୍ନକୁ କରେ ଚୁମ୍ବନ ।
ମୁଁ ଗୋ ଯୌବନ ନବଯୌବନ ।

(ନବଯୌବନ - ବୈକୁଣ୍ଠନାଥ ପଟ୍ଟନାୟକ)

ବସନ୍ତର ସହଚର ଏ ତାରୁଣ୍ୟ । ଏଥିରେ ସ୍ୱପ୍ନ ହିଁ ସ୍ୱପ୍ନ । ସ୍ୱପ୍ନର ମାଦକତା ସ୍ୱପ୍ନର ମଧୁରତା ତାର ଉପଜୀବ୍ୟ । ଏ ତାରୁଣ୍ୟ ସ୍ୱୟଂ ସଂପୂର୍ଣ୍ଣ, ଧରଣୀକୁ ଛୁଇଁ ଦେଇ ପୁଷ୍ପିତ କରୁଥିବା ଆକାଶ ଓ ପବନରେ ଏକ କୋମଳ ଗନ୍ଧ ପରି ପ୍ରସରି ଯାଉଥିବା ସେଥିରେ ଦିଗ୍‌ବିଦିଗ ଚକିତ ସୁରଭିତ ହେଉଥିବା ,ଏକ ଅମଳିନ ପୁଷ୍ପମାଲ୍ୟ ।

ପ୍ରତ୍ୟେକ ତରୁଣ ଏକ କବି । ପ୍ରତ୍ୟେକ କବି ଏକ ତରୁଣ । ଯେ ଅମୃତ ଦେଖେ, ଚାଖେ ଓ ବିତରଣ କରେ ସେ ତରୁଣ, ସେ କବି । ତାରୁଣ୍ୟ ହିଁ ଅମୃତ । ଅମୃତ ପ୍ରକଟିତ ହୁଏ ପ୍ରଣୟରେ । ପ୍ରଣୟ ଆଦିରସର ଆଦିପର୍ବ । ଆଦ୍ୟ ଯୌବନର ଆଦ୍ୟ ପ୍ରଣୟ ଏକ ଆଲୌକିକ ବିଭବ । ଏକ ପୁଲକିତ କୁସୁମାୟିତ ସୁକୁମାର ଉପଲବ୍ଧି, ଏକ ମାନସିକତା । ମଧୁମାସ ପରି ତାରୁଣ୍ୟ, ପୃଥିବୀରେ କେବେହେଲେ ଅନୁପସ୍ଥିତ ନୁହେଁ, ତାହା କେବଳ ଅପସାରିତ ହେଉଥାଏ ଏକ ମଧୁର ଛନ୍ଦରେ ଦୋଳାୟିତ ହେଉଥାଏ । ଫଗୁଣର ମଳୟକୁ, ଚଇତର ଚଇତାଳିକୁ ବାନ୍ଧିରଖି ହୁଏ ନାହିଁ ସତ, କିନ୍ତୁ ସେଥିରେ ଚିରକାଳ ପାଇଁ ତାର ଆତ୍ମାକୁ ଛନ୍ଦି ଦେଇପାରେ କବି । ତେଣିକି ସେ ଯେତେ ନିଦାଘ ବା ବର୍ଷା ଦେଇ ପାରି ହୋଇଗଲେ ସୁଦ୍ଧା ତା ଅନ୍ତରରୁ ବସନ୍ତ ଓହ୍ଲେଇ ଯାଏ ନାହିଁ, ତା ଆଖିରୁ ତାରୁଣ୍ୟ ଓହରି ଯାଏ ନାହିଁ । ପ୍ରଥମ ପ୍ରଣୟରେ ଯେଉଁ ତାରୁଣ୍ୟର ଅମାପ ସ୍ୱପ୍ନ ସେ

Digitized by srujanika@gmail.com

ଦେଖୁଛି, ତାହା ସେ ଦେଖି ଚାଲିଥାଏ ଭାଷା ଦେଇ ଚାଲିଥାଏ ଚିରକାଳ ।

ଏତେ ବିରାଟ ସେ ପାଏକି ଭାଷା
ହାୟରେ ତରୁଣ କବିର ଆଶା
ଭାବିଥିଲି ଯିବି ଅସୀମ ପଥେ
ସୁରଭି-ଶୀତଳ ମଳୟ ରଥେ
କୁସୁମ-ଫଗୁଳ ଫଗୁଣ ପୁରେ
ବାହି ଗୋ ଦୂରେ ।

କବିର ଅପରିମେୟ ଆଶା ଓ ସ୍ୱପ୍ନ । ତାରୁଣ୍ୟ ସହିତ ପ୍ରଣୟ ଉଦ୍ଦୀପକ ପରିମଳ, ଜ୍ୟୋସ୍ନା, ଚଇତିପବନ, କୋକିଳ ସ୍ୱପ୍ନଭୂମି ସୃଷ୍ଟି କରିଛନ୍ତି । କବି ଚାହିଁଛି, ସମଗ୍ର ଜଗତରୁ ଦୂର କରିଦେବ ବ୍ୟଥା, ନିଜେ ହୋଇ ଉଠିବ ଆନନ୍ଦ ବିଭୋର, ମାନସୀ ପ୍ରଣୟିନୀର ପ୍ରଣୟ ପ୍ରତିଦାନରେ । ସେ କଠୋର ବାସ୍ତବତା ଓ ଜଗତର ବିରୋଧ ବିଷୟରେ ସଚେତନ, ନିଜର ଦୈନୀ ବିଷୟରେ ସଚେତନ କିନ୍ତୁ ଏ ସଚେତନତା ତରୁଣ ସୁଲଭ । ସ୍ୱପ୍ନ ପରି ଅଭିମାନ ଓ ହପଶା ମଧ୍ୟ ପ୍ରଣୟୀ ସୁଲଭ । କବିର ଆଖିରେ ତାରୁଣ୍ୟର ଅଂଜନ, ହାତରେ ପ୍ରଣୟର ସ୍ପର୍ଶ, ପ୍ରାଣରେ ଆବେଗ, ମନରେ କଳ୍ପନା ସବୁ ଏକ ସୁକୁମାର ଜଗତର ଉପାଦାନ । ଏ ଭାବାବେଗରେ ବ୍ୟକ୍ତି ନିର୍ଜିତ କିନ୍ତୁ ଏହାର ସ୍ୱପ୍ନ ସୌରଭ ବ୍ୟକ୍ତି ସର୍ବସ୍ୱ ନୁହେଁ । ବ୍ୟକ୍ତ ନିରପେକ୍ଷ ଏ ସୂକ୍ଷ୍ମ ଅଥଚ ପରିବ୍ୟାପ୍ତ ଆବେଦନ ।

ମଣିଷ ହୋଇ ତା ଏତେ ବିଚାର
ଧରାରେ ସରଣ ସୃଜନା ତାର !
ଏକଳପନାକୁ ପାଏ କି ଭାଷା
ହାଇରେ ତରୁଣ କବିର ଆଶା !

ଏପରି ମାନସିଂହ କାବ୍ୟକୃତିରେ ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିଭଙ୍ଗୀ ଓ ଆବେଦନ

Digitized by srujanika@gmail.com

ତାଙ୍କର ବିଶିଷ୍ଟ ପରିଚୟ । ସର୍ବତ୍ର ଧୂପର ସୁରଭି ସର୍ବତ୍ର ତାରୁଣ୍ୟ ଓ ପ୍ରଣୟର ସ୍ପର୍ଶ ବାରି ଜାଣିଲେ କୋମଳ ସୌକୁମାର୍ଯ୍ୟର ପ୍ରଲେପ ।

ବାରବାଟୀ ଦୁର୍ଗର ଅବଶେଷ । ଆକାଶରେ ଜ୍ୟୋତ୍ସ୍ନା । ମହାନଦୀର ବିପୁଳ ଜଳରାଶି । ପରିବେଶ ସ୍ୱପ୍ନମୟ । "ଐତିହାସିକ ଏ ଦୁର୍ଗ ବାରବାଟୀ ବୀର ରକ୍ତ ପିଣ୍ଡେ ଗଢ଼ା ଯାଉ ମାଟି" କିନ୍ତୁ କବିଙ୍କୁ ଦିଶୁନାହିଁ । ଅସ୍ତ୍ରର ଝଣତ୍କାର ଶୁଭୁନାହିଁ ।

ସେ ଦିନ କାହିଁ ଗୋ ଶିଳା ଏ ଦୁର୍ଗର ଛାୟା
ପଡ଼ିଏ ତଟିନୀ ଜଳେ ଚକୋରୀ ଚକୋରେ
ଆଣେ ଯେବେ ନିଶା ଭୀତି......

ସ୍ୱପ୍ନାବିଷ୍ଟ କବି ଚକ୍ରବାକୁକୁ ଚକୋର କହିଦେବା ସେପରି କିଛି ଦୁଷଣୀୟ ନୁହେଁ । ଅଭିଶପ୍ତ ପକ୍ଷୀଦଂପତିର ନିଶା କାଳରେ ବିଚ୍ଛେଦ ଘଟିବା ହିଁ କବି ଦୃଷ୍ଟିରେ ମୁଖ୍ୟ ଭାବ ବାରବାଟୀର ବିଶାଳ ଛାୟାପାତ କରୁଥିବା ଦୁର୍ଗତ୍ୱ ଗୌଣ । କବିଙ୍କ ଆଖିରେ ତାରୁଣ୍ୟର ଅଂଜନ, ପ୍ରାଣରେ ପ୍ରଣୟର ସ୍ପର୍ଶ ।

ସେ ଦିନ ଏ ଶିଳା ପରେ ଅବଗାହେ ଆସି
ସୁକୁମାରୀ ରାଜବାଳା ଆଙ୍କିଥିବ ତାର
ଲାକ୍ଷାରକ୍ତ ପଦଛବି କରି ମଉକାଶୀ
କଠିନ ପାଷାଣ ଦେହେ ଆନନ୍ଦ ସଂଚାର ।

ବାରବାଟୀର ଇତିହାସ ବିଗ୍ରହରେ ଶିହରଣ ସଂଚାର କରୁଥିବା ସୁକୁମାରୀ ରାଜବାଳା ପ୍ରଣୟୀ କବିର କଳ୍ପନା । ପ୍ରଣୟ ଓ ତାରୁଣ୍ୟର କିଛି କିଛି ସ୍ଥୁଳ ଓ ଦୃଢ଼ ଅଂଗ ଅଛି । କିନ୍ତୁ କଞ୍ଚାଡ଼ାଳର ଅଗ୍ରଭାଗରେ ଅଙ୍କୁରିଥିବା ନୂତନ କିଶଳୟ ହିଁ ସୌକୁମାର୍ଯ ।

ଜୋଛନା ଜୋଛନା ନୁହେଁ - "ଧବଳ ଉତ୍ତରା ସମ ରଜନୀବଧୂର ଜୋଛନା ବ୍ୟାପିଛି ଦୂର ଦିଗଚକ୍ର ଲାଗି ।"

Digitized by srujanika@gmail.com

ମହାନଦୀର ବାରିରାଶି କିପରି ତରୁଣାୟିତ ଓ ପ୍ରଣୟସିକ୍ତ ହୋଇପାରେ ତାର ଏକ ଦୃଷ୍ଟାନ୍ତ :-

ଆକାଶର ଖଣ୍ଡ ସମ ମହାନଦୀ ବାରି
ଚନ୍ଦ୍ରିକା ଚୁମ୍ବନ ପାଇ ଧବଳ ଚପଳ
ତରଳ ମୁକୁର ଅବା ଦେଇଛି କେ ପାରି
ଦେଖିବେ ବଦନ ନଭସୀମନ୍ତିନୀ ଦଳ ।

ଆକାଶକୁ ଭୂମିଭାଗକୁ ଓହ୍ଲେଇ ଆଣିବା କବି ପକ୍ଷରେ କିଛି ନୂଆ କଥା ନୁହେଁ କିନ୍ତୁ ମହାନଦୀବାରିକୁ ଆକାଶ ଭ୍ରମରେ ରୂପସୀ ଚନ୍ଦ୍ରିକା ଚୁମ୍ବିବା ତରୁଣ ପ୍ରଣୟୀର ସୁକୁମାର ପ୍ରତିବିମ୍ବ । ତାରୁଣ୍ୟାଛନ କବି ଦୃଷ୍ଟିରେ ସର୍ବତ ରାଜବାଳା ରଜନୀବଧୂ ଓ ସୀମନ୍ତିନୀ ଦିଶିବା ହିଁ ସୌକୁମାର୍ଯ୍ୟ ।

କୋଣାର୍କର ଭଗ୍ନସ୍ତୂପ । କୋଣାର୍କ ଏକ ପ୍ରସ୍ତରୀଭୂତ ମହାକାବ୍ୟ । ତାର ନାଟୀଶାଳାରେ ବିଭିନ୍ନ ଭଙ୍ଗୀରେ ନର୍ତ୍ତକୀ ବା ମୃଦଙ୍ଗିନୀ ଶାଳଭଞ୍ଜିକା କିମ୍ବା ପ୍ରଣୟିନୀ ନାୟିକା କବି ପ୍ରାଣ ଅସଂଖ୍ୟ ଦର୍ଶକଙ୍କୁ ସଜୀବ ସରଳ ହୋଇ ବିମୁଗ୍ଧ କରିବା ସାଧାରଣ କଥା । କିନ୍ତୁ କୋଣାର୍କକୁ ନାରୀ ରୂପରେ ଦେଖିବା ଏକ ବିଶେଷ ମାନସିକତାର ପରିଣାମ

ହେ କୋଣାର୍କ ବିଗତ ଯୋଜନା
ମୌନ ଦୁଃଖେ ସୈକତ ଶୟନା ।
ଜଗତର ଶିଳ୍ପୀ କବି ରୂପରାଗ ଦେଖି ତୋହଠାରେ
ଆଶ୍ଳେଷ ଇଛଇ ତୋର ବୃଦ୍ଧଦେହେ, ଶୋଭା ପିପାସାରେ
ଅଙ୍ଗେ ଅଙ୍ଗେ ଚୁମ୍ବିବାକୁ ନିରବଧି କରଇ ଭାବନା
ତୋହରେ ଗୋ ଗତଯଉବନା ।

ରବୀନ୍ଦ୍ରନାଥ ତାଜମହଲକୁ ଦେଖି ସୁଦ୍ଧା ଶାହାଜାହାଁ ଓ ମମତାଜଙ୍କ ଅମର ପ୍ରଣୟରେ ତାକୁ ରୂପସୀ ରୂପେ କଳ୍ପନା କରିନାହାନ୍ତି ।

Digitized by srujanika@gmail.com

କାଳେର କପୋଲ ତଳେ ଏକ ବିନ୍ଦୁ ନୟନେର ଜଲ
ଶୁଭ୍ର ସୁନିର୍ମଳ, ହେ ତାଜମହଲ !
ବରଂ ତାଙ୍କ ଆଖିରେ ଉର୍ବଶୀ ଯେପରି ଅନିନ୍ଦ୍ୟସୁନ୍ଦରୀ
ନହ ମାତା, ନହ କନ୍ୟା, ନହ ବଧୂ ସୁନ୍ଦରୀ ରୂପସୀ
ହେ ନନ୍ଦନବାସିନୀ ଉର୍ବଶୀ
ଆଦିମ ବସନ୍ତ ପ୍ରାତେ ଉଠେଛିଲେ ମନ୍ଥିତ ସାଗରେ
ଡ଼ାନ୍ ହାତେ ସୁଧା ପାତ୍ର ବିଷଭାଣ୍ଡ ଲୟେ ବାମ୍ କରେ
କୁନ୍ଦଶୁଭ୍ର ନଗ୍ନକାନ୍ତି ସୁରେନ୍ଦ୍ର ବନ୍ଦିତା
ତୁମି ଅନିନ୍ଦିତା

ମାନସିଂହଙ୍କ ରସାଣିତ ଆଖିରେ ନିଷ୍ପ୍ରାଣ କୋଣାର୍କ ସେପରି-

ଅନିନ୍ଦତେ ହେ ବେଳା ଶୋଭନେ
ଯେବେ ତୁମେ ଉଠିଲ ଗଗନେ
ଭେଦିଣ ସହସା ନଦୀ ନୀଳ ବେଣୀ ସ୍ୱର୍ଣ୍ଣସଇକତ
କ୍ଷୀରୋଦ ପ୍ରଶାନ୍ତ ଗର୍ଭୁ ବିଶ୍ୱରମା ବିଷ୍ଣୁପତ୍ନୀବତ ।

କାନ୍ତାସମ୍ମତ ଚାରୁ କାବ୍ୟ ରଚନା ମାନସିଂହଙ୍କ ମୌଳିକ ପରିଚୟ । ସଖାସମ୍ମତ ଏବଂ କ୍ୱଚିତ ଟୁରୁ ସମ୍ମତ ଉଚ୍ଚାରଣରେ ମଧ୍ୟ ଏ ମୌଳିକତା, ସୁଗନ୍ଧର ପ୍ରଲେପ ପରି ବିଦ୍ୟମାନ ।

ପାଗଳ ଘନରାତି – ଆଗୁଳହୀନ ଗୀତି
ପ୍ରାଣେ ମୋ ଉପୁଜାଏ ବିପୁଳ ଗାନ ପ୍ରୀତି
ଜୋଛନା ମୋ ଅଗଣା ଶୋଭନା କରି ଆସେ
ମଲ୍ଲୀ ଫୁଟି ଉଠେ, ବକୁଳ ଟୁଟେ ବାସେ,
ଆକୁଳ ସହକାରେ ଦୁକୂଳ ପରି ଘେରି
ଶୁକ୍ଳ କଉମୁଦୀ, ମଳୟେ ନାଚେ ଥରି
କାମିନୀ ଛାୟା ନାଚେ, ନାଚଇ ମାଧବିକା

Digitized by srujanika@gmail.com

ଲାଗଇ ଶୋଭାପୁରେ ପ୍ରମୋଦ କିଣାବିକା
(ବୀଣା ଭିକ୍ଷା- ଜୀବନ ଚିତା)

ମଲ୍ଲୀ ମାଧବିକା କୌମୁଦୀ ଓ କାମିନୀ କୁନେଇ ଶୋଭାପୁର ବାସୀଙ୍କ ପ୍ରମୋଦ କିଣା ବିକା ରେ ଧୂପର ସ୍ୱଷ୍ଟ ସୌରଭ ଓ ସୌକୁମାର୍ଯ ବାରି ହୋଇ ଯାଉ ନାହିଁ କି ?

ସେଇ ସଂକଳନରେ ଅନ୍ୟତ୍ର :-

ଅପସରା ଦେହ ଆଶ୍ଳେଷ ଧରି ଦେହେ
ଆସିଥିଲି ପରା ସେ ଦିନ ଏ ଭବ ଗେହେ !
ଏ ବପୁ ଘେନି କି ସ୍ବର୍ଣଦୀ ବନ ପଥେ
ଗନ୍ଧ ବ୍ୟାକୁଳ, ଚନ୍ଦ୍ରଚକିତ ରାତେ
ତିଳ ତଣ୍ଡୁଳ ଛାୟା ସଂକୁଳ ଘାସେ
ଅଳସେ ଆଉଜି, ଶମାଇ ଚରଣ ପ୍ରାସେ,
ଚୁମ୍ବିଥିଲି ମୁଁ ଲାଜନତ ସୁରବାଳା ?
ଆଲିଙ୍ଗନେ ତା ବାଜୁଥିଲା କରବଳା
(ନିଦ୍ରିତ ଭଗବାନ)

ମାନସିଂହଙ୍କ ବିଖ୍ୟାତ ପଂକ୍ତି "ଏଇ ସହକାର ତଳେ, ସେଦିନ ପ୍ରିୟାର କରକଙ୍କଣ ଭିଡ଼ିଥିଲା ମୋର ଗଳେ । ଚାନ୍ଦିନୀରାତି ଉଠିଥିଲା ମାତି ମଳୟ ପରଶ ପାଇଁ, ବନପକ୍ଷୀ ଦୂରେ କରୁଣ ମଧୁରେ ଯାଉଥିଲା କିନା ଗାଇ । ଜ୍ୟୋତ୍ସ୍ନା ଓ ଛାୟା ରଚିଥିଲା ମାୟାଚିତ୍ର ଏ ତରୁତଳେ, ସହଚରୀ ମୋର ପ୍ରଣୟ ବିଭୋର ଭିଡ଼ିଥିଲା ମୋର ଗଳେ, ଏହି ସହକାର ତଳେ ।" ଆଉ ଥରେ ଅନୁରଣିତ ହେଉ ନାହିଁ କି ? ମଧୁଝରା ଜ୍ୟୋତ୍ସ୍ନା ମଧୁର ପ୍ରଣୟ, ମଧୁସ୍ନାତ ଆକାଶ ଓ ପୃଥ୍ୱୀ । ଏଠି ମନେ ପଡ଼ି ଯାଉ ନାହିଁ କି ?

ବୈଦିକ ଋଷିର ସାମଗାନ -

Digitized by srujanika@gmail.com

ମଧୁବାତା ଋତାୟନ୍ତେ, ମଧୁକ୍ଷରନ୍ତି ସିନ୍ଧବଃ
ମାଧ୍ୱୀର୍ଣ୍ଣୋ ସନ୍ତ୍ୱୋଷଧିଃ ।

ତାରୁଣ୍ୟ, ପ୍ରଣୟ ଓ ଜୋଛନାରେ ନିମଗ୍ନ ମଧୁସ୍ନାତ, ମୁହୂର୍ତ୍ତରେ ବାରି ହେଉ ନାହିଁ କି ଅତୀତ ଓ ବର୍ତ୍ତମାନ, କଳ୍ପନା ଓ ବାସ୍ତବତାର ବ୍ୟବଧାନରୁ ଅତି ସୂକ୍ଷ୍ମ, ଶାଣିତ ଅଥଚ ଅତି ପ୍ରିୟ ଓ କାମ୍ୟ ବିଗ୍ରହର ମଧୁରବେଦନା ? ଏଇତ ସେଇ ବେଦନାନନ୍ଦ, ସେଇ ବ୍ରହ୍ମାନନ୍ଦ ସହୋଦର, ମର୍ତ୍ତ୍ୟଭୂମିରେ ସ୍ୱର୍ଗର ଅମୃତ ରସାୟନ, ଯାହାକୁ ଆହା ଆହା କହି ହୃଦୟରେ ଜଡ଼େଇ ନେବାକୁ ସ୍ୱତଃ ବାହୁ ପ୍ରସାରିତ ହୋଇଯାଏ । କବି ସହିତ ନିଶାଗ୍ରସ୍ତ ହୋଇଯାଏ ରସଗ୍ରାହୀ ପାଠକ । ଏଇ ସେଇ ସୌକୁମାର୍ଯ୍ୟ ଯାର ପଟାନ୍ତର ନାହିଁ ।

ପଦ୍ମବନରେ ଜଉରୀର ପ୍ରବେଶ ନିଷେଧ । ତଥାପି ସେ ତାର ମାପଦଣ୍ଡ ଧରି ବାଟ ଜଗି ଠିଆ ହେଉଛି । ସୌରଭ ବାରି ପାରୁ ନାହିଁ, କୋମଳତା, ଚାରୁତା ଜାଣିପାରୁନାହିଁ । ସୌକୁମାର୍ଯ୍ୟ ବୁଝିପାରୁ ନାହିଁ । କହୁଛି, ହେଇ ପଦ୍ମରାଗ ମଣି । ଖଣି ଗହ୍ୱରରେ ସିନା ମଣିର ସନ୍ଧାନ କରନ୍ତା । ଏ ପଦ୍ମପୋଖରୀର ମଧୁର ନିର୍ମଳ ଜଳ ରାଶିରେ ସେ କ'ଣ ଖୋଜୁଛି ?

କହୁଛି, ଶେଲି, କିଟ୍ସ, ବାଇରନ୍ ଆଦି ମାପଦଣ୍ଡ ପକାଇ ମୁଁ ପରଖି ନେଲି । ମାନସିଂହଙ୍କ ଧୂପାଦି ସୃଷ୍ଟି ସମଗ୍ର କେବଳ ରୋମାଣ୍ଟିକ୍ । ଏଠି ସ୍ୱପ୍ନ ଅଛି, ପ୍ରେମ ବିରହ ଅଛି, ପ୍ରଣୟୀ ପ୍ରଣୟିନୀ ଅଛନ୍ତି, ଅଗଷ୍ଟ ଦୂରତା ଅଛି, କମନୀୟ କଳ୍ପନା ଅଛି । ବେଦନା ଭରା ନାଇଟିଙ୍ଗେଲ୍‌ର ସ୍ୱନ, ହୁ ହୁ ପଶ୍ଚିମା ପବନ, ଆକାଶରେ ବିଲୀନ ହୋଇଯାଉଥିବା ଲାର୍କ ପକ୍ଷୀର ଛାୟାପାତ ଅଛି । ଆଉ କ'ଣ ପ୍ରମାଣ ପ୍ରୟୋଜନ ନିଜେ କବି ସ୍ୱୀକାର କରୁଛନ୍ତି । "କାବ୍ୟଯୋଗ୍ୟ ଅନୁଭୂତି ଲେଖକର ଜୀବନରେ ଘଟିଥିଲେ ହେଁ, ଇଂରେଜ କବିମାନଙ୍କ ସଙ୍ଗେ ପରିଚୟ ଘଟି ନଥିଲେ ସେ ଅନୁଭୂତି ଏ ପ୍ରକାର ଆତ୍ମପ୍ରକାଶ କରି ନଥାନ୍ତା ।"

କବିଙ୍କର ସ୍ୱୀକାରୋକ୍ତି ଏବଂ ପଣ୍ଡିତ ସମାଲୋଚକଙ୍କ ତଥ୍ୟ ପ୍ରମାଣରୁ

Digitized by srujanika@gmail.com

କେବଳ ଏତିକି ହୁଏତ ନିଷ୍କର୍ଷ ମିଳୁଛି ଯେ ନିଜର ବିପୁଳ କାବ୍ୟଯୋଗ୍ୟ ଅନୁଭୂତି, ଆବେଗ, ଶିହରଣ ଓ ଆଲୋଡ଼ନକୁ ଏଇଭଳି ଅର୍ଥାତ୍ ଏଇ ଢ଼ଙ୍ଗରେ ଅର୍ଥାତ୍ ଏପରି ଅବାଧ, ମୁକ୍ତ ଓ ଏକାନ୍ତ ବ୍ୟକ୍ତିଗତ ଅଭିବ୍ୟକ୍ତି ମାଧମରେ କବିତା ରଚନା କରି ନଥାନ୍ତେ । କିନ୍ତୁ ସେ ନିଜେ ସୂଚନା ଦେଇଛନ୍ତି ଯେ "ନିଜର ଅଭିଜ୍ଞତାକୁ ନିଜର ସ୍ୱତନ୍ତ୍ର ରୀତିରେ" ସେ ପ୍ରକାଶ କରିଛନ୍ତି । ଅଭିବ୍ୟକ୍ତି ଏକାନ୍ତ ବ୍ୟକ୍ତିଗତ ମନେ ହେଲେ ସୁଦ୍ଧା "ଏ କବିତାରେ ବ୍ୟକ୍ତିର ସଂପର୍କ ନିମିତ୍ତମାତ୍ର" । ତାରୁଣ୍ୟର କବି ଶେଲି । ରୂପ ସୁଷମାର କବି କିଟ୍ସ । କିନ୍ତୁ କେବଳ ଯାହା ବାହ୍ୟତଃ ଦିଶୁଛି କେବଳ ସେତିକିରେ ଭରା ଦେଇ ମାନସିଂହଙ୍କୁ ଇଂରାଜୀ ମାନଦଣ୍ଡରେ ରୋମାଣ୍ଟିକ କହିବା ଏକ ଅପୂର୍ଣ୍ଣ ଓ ଆଂଶିକ ମନ୍ତବ୍ୟ ହୋଇଯିବ । କାରଣ ଯାହା ଦୃଶ୍ୟ ନୁହେ, ଯାହା ରସ ରୂପେ ଆସ୍ୱାଦ୍ୟ, ଯାହ ଯୁକ୍ତ ମନ ପ୍ରାଣରେ ଭାବ ରସଗ୍ରାହୀ ପାଠକ ମାନସିଂହ କବିତା ସମଭାବାପନ୍ନ ହୋଇ ପାଠ କଲା ବେଳେ ଲାଭ କରେ ସେଇ ସୂକ୍ଷ୍ମ ସୁକୁମାର ସ୍ପର୍ଶ ଓ ଜ୍ୱେନିତ ଶିହରଣ, ରୋମାଣ୍ଟିକ ସଂଜ୍ଞାର ଚୌହଦୀ ଭିତରେ ନାହିଁ । ଲୌକିକ ଶୃଙ୍ଗାର ବା ଶୋକ ଯେପରି ଶୃଙ୍ଗାର ବା କରୁଣ ରସ ନୁହେଁ, ସେପରି ରୋମାଣ୍ଟିକ କବିତାର ପ୍ରଣୟ, ସୌନ୍ଦର୍ଯ୍ୟବୋଧ ବା କଳ୍ପନାବେଗ, ମାନସିଂହ କବିତାର ମନପ୍ରାଣ ଚେତନାକୁ ଆବିଷ୍ଟ କରୁଥିବା ରସାମୋଦ, ରସାସ୍ୱାଦ, ହୃଦୟକୁ ଦ୍ରବୀଭୂତ କରୁଥିବା ଦ୍ରବଣ ନୁହେଁ । ସେ ଏକ ଆଲୌକିକ ଉପାଦାନ ।

ଯେପରି ମାନସିଂହ କବିତାରେ ସୌକୁମାର୍ଯ୍ୟରେ ଅନୁଭବ ପାଇଁ ଏଫ. ଏଲ. ଲୁକାସ୍, ମାରିଓ ପାଜ୍ ବା ଜେ.ଜି. ରବର୍ଟସନ୍ ଆଦି ରୋମାଣ୍ଟିକ୍ ତତ୍ତ୍ୱର ପ୍ରବକ୍ତାଙ୍କର ଆଶ୍ରିତ ହେବାର ପ୍ରୟୋଜନ ନାହିଁ, ସେପରି ତାର ରସାସ୍ୱାଦ ପାଇଁ ବିଶ୍ୱନାଥ କବିରାଜ, ଆନନ୍ଦବର୍ଧନ କିମ୍ୱା ପଣ୍ଡିତରାଜ ଜଗନ୍ନାଥଙ୍କ ଶାସ୍ତ୍ର ଅରଣ୍ୟରେ ପ୍ରବେଶ କରିବାର ଅନିବାର୍ଯ୍ୟତା ମଧ୍ୟ ନାହିଁ । କାରଣ ଯେ ସଦା ପ୍ରସ୍ଫୁଟିତ ଗୋଲାପକୁ ଦେଖି ଛୁଇଁ ଆଘ୍ରାଣ କରି ଆସ୍ୱାଦ କରି ଜାଣେ ତା' ପାଇଁ ଉଦ୍ଭିଦ ବିଜ୍ଞାନର ବିବିଧ ତତ୍ତ୍ୱ ଅବାନ୍ତର । ରସାନୁଭବ ସ୍ୱୟଂ ହିଁ ଜ୍ଞାନ ଓ ଆନନ୍ଦସ୍ୱରୂପ । ତାହା କସ୍ମିନ୍ କାଳେ ପାଣ୍ଡିତ୍ୟ ସାପେକ୍ଷ ନୁହେଁ । ରସ ବ୍ୟାଖ୍ୟାରେ ଯଦିବା କିଛି ନୂତନ ବିଭବ

Digitized by srujanika@gmail.com

ଆବିଷ୍କୃତ ହୋଇଗଲା । ତାହା ସାମଗ୍ରିକ ଆନନ୍ଦର ସହାୟକ ନହୋଇ ବରଂ ବାଧକ ହୁଏ । ନାୟିକାର ରୂପ ସଂଭାରରେ ବିମୁଗ୍ଧ ପ୍ରେମିକ ପାଇଁ ଅଂଗର ହିସାବ ତାଲିକା ବିରକ୍ତିକର ନୁହେଁ କି ? କିଛି ବରଂ ଅଜ୍ଞାତ ରହିଯିବା ବାଞ୍ଛନୀୟ ଏବଂ ଶୋଭନୀୟ ନୁହେଁ କି ? ଏଣୁ ଶାସ୍ତ୍ର ବ୍ୟବଚ୍ଛିନ୍ନ ରସବ୍ୟୁତ୍ପତ୍ତି ରସାସ୍ୱାଦର ପରିପନ୍ଥୀ। ରସାସ୍ୱାଦକ, ନିରାଲମ୍ବ ପ୍ରତ୍ୟକ୍ଷ ସହଜ ଓ ସ୍ୱାଭାବିକ ପ୍ରଣୟ ଏକ ଅଗୁରୁ ବିଦ୍ୟା । ଏଣୁ ସହକାର ତଳକୁ ଚାନ୍ଦିନୀ ରୀତିରେ ବ୍ୟାଖ୍ୟାକାର, ଭାଷ୍ୟକାର ପଣ୍ଡିତ ଶାସ୍ତ୍ରୀମାନଙ୍କୁ ଆଣିବା ବାଞ୍ଛନୀୟ ହେବ କି ?

ମାନସିଂହଙ୍କ କବିତା ସ୍ୱୟଂସିଦ୍ଧ ରସଧାର । ତାକୁ ଆସ୍ୱାଦ କରିବାର ଯୋଗ୍ୟତା ଓ ଅଧିକାର ଅର୍ଜନ କରିବାକୁ ପଡ଼େ ନାହିଁ । ସେ ଅନବଦ୍ୟ କବିତା ହିଁ ତାହା ପାଠକକୁ ଦାନ କରେ । ତା ଭିତରେ ବିସ୍ମୃତ ବା ସୁପ୍ତ ତାରୁଣ୍ୟକୁ ଜାଗ୍ରତ କରେ, ଆବେଗକୁ ତରଳ ଚଞ୍ଚଳ କରେ । ଆଖିରେ ତାରୁଣ୍ୟର ଅଂଜନ ବୋଳିଦିଏ । ଫଳରେ ପ୍ରଣୟ ପ୍ରବଣ ହୋଇଉଠେ ପ୍ରାଣ । କବି ସହିତ ପାଠକର ଏକାତ୍ମବୋଧ ପ୍ରତିଷ୍ଠିତ ହୁଏ ଏବଂ ଯେଉଁ ମହାର୍ଘ ସୁକୁମାର ଅନୁଭବ ଓ ସ୍ୱପ୍ନ ଏକାନ୍ତ ବ୍ୟକ୍ତିଗତ ମନେ ହେଉଥିଲା ତାହା ସାର୍ବଜନୀନ ହୋଇଯାଏ । ବ୍ୟକ୍ତି ସ୍ୱତନ୍ତ୍ର ହୋଇଯାଏ । ଶରୀରାଶ୍ରୟୀ ଶୃଙ୍ଗାର, ପ୍ରାଣପ୍ରଧାନ ଶୃଙ୍ଗାର ରସରେ ପରିଣତ ହୁଏ । ରସର ତାରଲ୍ୟରେ ସିକର ପରି ସୌକୁମାର୍ଯ୍ୟ ରମଣୀୟ ଭାବ ସଂପଦ, କମନୀୟ ଭାଷା ଧ୍ୱନି, ଆବେଗ ସଂଚାରୀ ଛନ୍ଦରେ ପୁଷ୍ପର ସୌରଭ ପରି ଭାସି ବୁଲେ । ଭୂତ ଭବିଷ୍ୟତ ଓ ବର୍ତ୍ତମାନକୁ ଅତିକ୍ରମ କରି ଏବଂ ଏକତ୍ର ଧାରଣ କରି କବିତାର ରସ ମୃତ୍ୟୁକୁ ସୁଦ୍ଧା ପ୍ରେମ ଜର୍ଜର କରିଦିଏ ।

ଶୁଣିବ ଯେବେ ପ୍ରିୟା ଗୋ ମୋର ପ୍ରଣୟୀ ତବ ଜଗତେ ନାହିଁ
ଆସିବ ତାର ଭସ୍ମ ପାଶେ ଦେବ ଗୋଡାରେ ଦେହର ଛାଇ
ପାରିବ ଯଦି ଭସ୍ମପରେ ପଦ୍ମପାଦ ଚାଳିବ ଧୀରେ
ଜୀବନ ପୁଣି ଲଭିବି ସଖୀ, ନିଶ୍ଚୟ ମୁଁ ମରଣ ତୀରେ ।

ଏ ପ୍ରଣୟର କି'ଣ ସାମାଜିକ ବା ନୈତିକ ସଂଜ୍ଞା ଥାଇପାରେ ? ଏହା

Digitized by srujanika@gmail.com

ତା' ମୃତ୍ୟୁଞ୍ଜୟୀ । ଇତର ଜନ ମାନେ ତାକୁ ଯାହା ମନ ତାହା ବୁଝିଲେ ନ ବୁଝିଲେ ବା କହିଲେ ନ କହିଲେ କଣ ଯାଏ ଆସେ ?

ଯେ ଯେତେ କରନ୍ତୁ ନିନ୍ଦା କୁବଚନ
ଗଣ୍ଠିଧନ ମୋର କାଳିଆ କାଞ୍ଚନ
ମୁଁତ କିଣା କିଙ୍କରୀ ତାହାର ଲୋ
ମୁଁ ତ କୁଳରୁ ହେଲି ବାହାର ଲୋ ।

(ବନମାଳୀ)

ମାନସିଂହ କାବ୍ୟକୃତି ଏକ ବିଶାଳ ଦ୍ରୁମ । ସେଥିରେ ମୂଳ ଠାରୁ ଚୂଳ ଯାଏଁ ଅସଂଖ୍ୟ ଶାଖା ପ୍ରଶାଖା ଓ ପଲ୍ଲବ । କେଉଁଠି ହେମ ଶସ୍ୟ ହେମ ପୁଷ୍ପ ମଣ୍ଡିତ ପ୍ରକୃତିର ବିଭବ, କେଉଁଠି ଅକ୍ଷତ ଚନ୍ଦନରେ ଦେଶାତ୍ମବୋଧ ମନ୍ତ୍ରିତ ଦାପୁତପଣ କେଉଁଠି ମାଟିର ଆକର୍ଷଣ, ମାଟିବାଣୀର ସ୍ୱର, କେଉଁଠି ମାନବବାଦ, ଦୁଃଖ ଦୈବ୍ୟ ଇନ୍ଧନରେ ପ୍ରଜ୍ୱଳିତ ଜୀବନ ଚିତା ସିନ୍ଧୁ ଓ ବିନ୍ଦୁର ସୀମା ନିର୍ଦ୍ଦେଶ, କେଉଁଠି ଅଶ୍ରୁଳ ଗୋପ ପ୍ରୟାଣ ତା' କେଉଁଠି ବିଭୋର ଜ୍ୟୋତ୍ସ୍ନା ବିହାର । କିନ୍ତୁ ଦ୍ରୁତର ଆପାଦ ଶୀର୍ଷ ଏକ ଦିବ୍ୟ କୁସୁମର ଗନ୍ଧ, ସେହି କୋମଳ ସୁକୁମାର ସୌରଭରେ ଧୂପିତ ଏ ସମଗ୍ର ବିରଳ ବନସ୍ପତି । ଏହି କୁଣ୍ଡ ପାଉ ନଥିବା ବପୁ ଓ ଆଖି ପାଉନଥିବା ଶୀର୍ଷକୁ ପ୍ରଣାମ ।

କବିଙ୍କର ଯେଉଁ କେତେ ପଂକ୍ତି ପଢ଼ିଲେ ଆଖି ଛଳଛଳ ହୋଇଯାଏ, ବୁକୁ କୋହରେ ଭରିଯାଏ ତାକୁ ଶେଷରେ ଉଦ୍ଧାର କରୁଛି ।

ଛୋଟ ଏକ ସମାଧିଟି ଶ୍ୟାମ ଘାସ ପରେ
ଥାଇପାରେ ପଲ୍ଲୀ ବା ନଗରେ
ଏକମାତ୍ର ଚିହ୍ନ ରୂପେ ଦୀନ ଏଇ ପୃଥିବୀବାସୀର
ମୃତ୍ୟୁ ରାଜ୍ୟେ ଯିବି ଯେବେ ଛାଡ଼ି କୋଳ ମାଆ ଧରିତ୍ରୀର
ବସନ୍ତର ପୁଷ୍ପୋତ୍ସବେ, ଶାରଦ ଜ୍ୟୋତ୍ସ୍ନାରେ
ସ୍ମରି କେବେ ମୋ ଦେଶର ଯୁବକ ଯୁବତୀ

Digitized by srujanika@gmail.com

ଆସି ମୋ ସମାଧି ପରେ ପୁଷ୍ପ ଢ଼ାଳି ପ୍ରୀତିଭରେ
କବିରେ ଦେବେ ସେ ଯଦି ଶ୍ରଦ୍ଧାର ଆରତି
ସେହି ସେ ହୋଇବ ମୋର ଶ୍ରେଷ୍ଠ ପୁରସ୍କାର
ସେହି ମୋର ମାନଦଣ୍ଡ ଜୀବନ ଯାତ୍ରାର ।

କଣ୍ଠ ବାଷ୍ପ ରୁଦ୍ଧ; କଣ ବା କହିବି ? ଜୀବଦ୍ଦଶାରେ ଦେବଶିଶୁକୁ ଚିହ୍ନି ନ ପାରି କୁଶବିଦ୍ଧ କରିଥିବା ପରଂପରା ନେଇ ମାନବ ଜାତି ଅମର ପ୍ରଣୟର ଏ ସୁକୁମାର କବିଙ୍କର ଅତୁଳନୀୟ ଐଶ୍ୱର୍ଯ୍ୟର ପ୍ରତିଦାନରେ ଆଉ କ'ଣ ବା ଦେଇଥାନ୍ତା ? ନିନ୍ଦା ଅପବାଦ କୁବଚନ ଯାହାରେ ବୁକୁ ପାତି ସହିଛନ୍ତି, ତାହା ଏ ଜାତିର ଲଲାଟରେ କଳଙ୍କର ଟିକା ହୋଇ ରହିଗଲା । ସେହି କ୍ଷୋଭରେ ଅବିଶ୍ୱାସ ଓ ସଂକୋଚରେ କବିଙ୍କର ଏ ଶେଷ ଅଭିଳାଷ ଉଚ୍ଚାରିତ ହୋଇଛି । କିନ୍ତୁ ହେ ଅମର କବି ମଳୟ ସ୍ପର୍ଶ ଇତର ବୃକ୍ଷରାଜି ଚନ୍ଦନାୟିତ ହେଲା ପରି ତୁମ କବିତାର କାଉଁରୀ ସ୍ପର୍ଶରେ କିଏ ବା ତରୁଣାୟିତ ନ ହୋଇଛି । କିଏ ବା ଚିର ତାରୁଣ୍ୟ ମାଧ୍ୱରେ ଦେବତ୍ୱ ପ୍ରାପ୍ତ ନ କରିଛି ? ପଲ୍ଲୀ ବା ନଗରରେ ନୁହେଁ ସମାଧିରେ ନୁହେଁ ସହସ୍ରେ ଅନ୍ତରରେ ତୁମେ ଅଧିଷ୍ଠିତ । ଅଜସ୍ର ଶ୍ରଦ୍ଧା ଅହରହ ନିବେଦିତ ହେଉଛି ଓ ହୋଇ ଚାଲିଥିବା ତୁମ ଉଦ୍ଦେଶ୍ୟରେ । ତୁମକୁ ଶ୍ରଦ୍ଧା ଅର୍ପଣ କରିବା ଏ ଜାତିର ଯୋଗ୍ୟତା ତା'ର ଜୀବନଯାତ୍ରାର ମାନଦଣ୍ଡ !

Digitized by srujanika@gmail.com

# କବି ମାନସିଂହଙ୍କ ପ୍ରେମଚେତନା

**ପ୍ରଫେସର ଡ଼ଃ ଦାଶରଥି ଦାସ**

କବି ମାୟାଧର ମାନସିଂହଙ୍କ କାବ୍ୟ କବିତା ପର୍ଯ୍ୟାଲୋଚନା କଲେ ଦେଖାଯାଏ ଏଥିରେ ସ୍ୱଦେଶପ୍ରୀତି ଅଛି । ଶିଳ୍ପକଳା ବନ୍ଦନା ଅଛି । ମହତ୍ ବ୍ୟକ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅଛି । ପ୍ରକୃତି ଉପାସନା ଅଛି । ମର୍ତ୍ତ୍ୟ ଓ ମଣିଷଙ୍କ ପ୍ରତି ମମତ୍ୱବୋଧ ଅଛି । ଆଧ୍ୟାତ୍ମିକ ଭାବନା ଅଛି, ମଣିଷ ଚରିତ୍ର ବିଶ୍ଳେଷଣ ଓ ସତ୍ୟ ଉଦ୍‌ଘାଟନ ଅଛି । ଅଛି ବି ଜୀବନର ସମୁନ୍ନତ ଆଦର୍ଶର ଅନୁଧ୍ୟାନ । ଆଉ ଏସବୁର ପାଖେ ପାଖେ ଅନେକାଂଶରେ ସମାନ୍ତରାଳ କେବେ ବା ଉଚ୍ଚତର ଭୂମିକାରେ ଯେଉଁ ବିଷୟଟି ତାଙ୍କ କାବ୍ୟରେ ପୂର୍ବପର ପ୍ରାଣରସ ସଂଜୀବିତ ରଖିଛି ତାହା ପ୍ରେମ। ଏପରି ଅନେକ ପାଠକ ଅଛନ୍ତି ଯେଉଁମାନଙ୍କ ପାଖରେ ମାନସିଂହଙ୍କ କାବ୍ୟ କବିତାର ମୁଖ୍ୟ ଆବେଦନ ଏହି ପ୍ରେମ । ପ୍ରକୃତରେ ପ୍ରେମର ସବୁ ଲକ୍ଷଣ ଅଛି ତାଙ୍କ କାବ୍ୟ କବିତାରେ ଯେଉଁ ପ୍ରେମ ପରିଣାମରେ ଖୋଜେ ନିବିଡ଼ ବନ୍ଧନକୁ। ପ୍ରେମ ଅଛି, ଯେଉଁ ପ୍ରେମର ଆବେଦନ ଦେହ ପାଖରେ ସେ ପ୍ରେମର ଅଭିବ୍ୟକ୍ତି ଅଛି, ଯେଉଁ ପ୍ରେମର ଭିତ୍ତି ଚିତ୍ର ପ୍ରକର୍ଷ ତାହା ବି ଅଛି, ଆଉ ଅଛି ସାବେଗ ପ୍ରେମ ଯେଉଁଠି ନିଷିଦ୍ଧତା ମଧ୍ୟରେ ନୀତି ଉପସ୍ଥିତ ରହି ତାହାକୁ ଘନୀଭୂତ ପ୍ରେରଣା ଯୋଗାଏ ।

କବି ମାନସିଂହ ପ୍ରେମକୁ ଯେଉଁ ଦୃଷ୍ଟିରେ ଦେଖିଛନ୍ତି ତାହାକୁ ସମ୍ୟକ୍ ଭାବରେ ବୁଝିବାକୁ ହେଲେ ଓଡ଼ିଆ କବି ଏ ଯୁଗେ ଯୁଗେ ପ୍ରେମକୁ କିପରି ଦେଖିଛନ୍ତି ତାହାର କିଞ୍ଚିତ ପରିଚୟ ଲୋଡ଼ା । ଶ୍ରୀ ଜୟଦେବଙ୍କ ରାଧାକୃଷ୍ଣଙ୍କ ପ୍ରେମର ଶାରୀରିକତା ଆବେଗବହ ନୁହେଁ । ଶାରୀରିକତା ସହିତ ଆବେଗର ଶତ୍ରୁତା ନାହିଁ। ତେବେ ତାହାର ସୀମା ଥିବା ଆବଶ୍ୟକ । ଉପେନ୍ଦ୍ରଙ୍କ ରୂପ ବର୍ଣ୍ଣନାରେ ବିଶ୍ୱ ମନ୍ଥନ ଆମକୁ ବିଶେଷ ଚକିତ କରେ ନାହିଁ ମଧ୍ୟ - ରୂପଜ ଆବେଗର ଆକାଶ ଏମିତି ପରିବ୍ୟାପ୍ତ ଅଛି ଯେ ଦିଗନ୍ତ ଅନୁପସ୍ଥିତ । ରାଧାକୃଷ୍ଣଙ୍କ ପ୍ରେମରେ ନିଷିଦ୍ଧତା

Digitized by srujanika@gmail.com

ଆବେଗକୁ ସମୃଦ୍ଧ କରିବା କଥା - କିନ୍ତୁ ସବୁ ଓଡ଼ିଆ ବୈଷ୍ଣବ କବି ତାହାର ସଦ୍‌ବ୍ୟବହାର କରିପାରି ନାହାନ୍ତି - ଅଭିମନ୍ୟୁ ଓ ଗୋପାଳକୃଷ୍ଣ ଅବଶ୍ୟ ବ୍ୟତିକ୍ରମ ସେ ଦୁହେଁ ଯଥାସମ୍ଭବ ନିଷିଦ୍ଧ ପ୍ରେମର ବେଦନାର୍ତ୍ତ ଆବେଗକୁ ମହତ୍ତମ କବି କୀର୍ତ୍ତିରେ ପରିଣତ କରିଛନ୍ତି । ପାଖେ ପାଖେ ଅଛି ସମାଜ ସ୍ୱୀକୃତ ଲୌକିକ ପ୍ରେମର କଥା - କବି ଉପେନ୍ଦ୍ର ଅନପତ୍ୟ ଦାମ୍ପତ୍ୟ ପ୍ରଣୟର କବି କିନ୍ତୁ ପ୍ରାଚୀନ ଓଡ଼ିଆ କବିତାରେ କ୍ୱଚିତ ବ୍ୟକ୍ତିଗତ ଅଭିଜ୍ଞତା ଅନୁଭୂତିମୟ ସ୍ମୃତି କାର୍ଯ୍ୟକାରୀ ହୋଇଛି । ଅଧିକାଂଶ ପ୍ରେମ କବିତାରେ ପ୍ରେମ ପାଇଁ ଆକୁଳତା ଆବେଗର ବିକଳ୍ପ ହେବାକୁ ଉଦ୍‌ଯୋଗ କରିଛି । କାହାର କିଛି ବ୍ୟକ୍ତିଗତ ପ୍ରେମ ଅଭିଜ୍ଞତା ନଥିବ ନୁହେଁ । କବିସୂର୍ଯ୍ୟ ବଳଦେବ ରଥ ଓ କୁନ୍ତଳା କୁମାରୀଙ୍କର ହୁଏତ ଥିଲା - କିନ୍ତୁ ସେମାନେ ତାହାକୁ ଭକ୍ତ ଭଗବାନ କି ରାଧାକୃଷ୍ଣଙ୍କ ପ୍ରେମ ସମ୍ପର୍କ ଭିତରେ ଏପରି ବ୍ୟଞ୍ଜିତ କରିଛନ୍ତି ଯେ, ତାଙ୍କ କବିତାରୁ ବାସ୍ତବ ରସ ବି ପ୍ରତ୍ୟକ୍ଷ ମାନବିକ ଓ ବ୍ୟକ୍ତିଗତ ଅଭିଜ୍ଞତା ଖୋଜିଲେ ନିରାଶ ହେବାକୁ ହେବ । କବି ମାନସିଂହ ତେଣୁ ପ୍ରେମ କବିତାରେ ମର୍ତ୍ତ୍ୟ ଜୀବନର ସବୁ ଫୁଟାଇବା କ୍ଷେତ୍ରରେ ଅଗ୍ରଗଣ୍ୟ କବି - ତାଙ୍କ କବିତାରେ ସର୍ବତ୍ର ଶୁଣାଯାଏ ସରଳ ସ୍ୱକଣ୍ଠ ନିର୍ଭର ଚରିତାର୍ଥ ରୂପ - ଅନୁଭୂତି ବ୍ୟକ୍ତିକ ବିଚିତ୍ର ବି ଏହା ପଛରେ ପଶ୍ଚିମର ପ୍ରଭାବ କବି ସ୍ୱୀକାର କରିଛନ୍ତି - କେବଳ ଛନ୍ଦରେ ନୁହେଁ ଭାବରେ ବି ।

ପ୍ରେମ ପ୍ରସଙ୍ଗରେ 'ଧୂପ' ତାଙ୍କର ପ୍ରବଳ ପରିଚିତ ଗ୍ରନ୍ଥ । 'ଧୂପ' ର ନାୟକ ସ୍ୱୟଂ କବି ମାନସିଂହ - ବଡ଼ ରୋମାଣ୍ଟିକ-ରେନେସାଁସୀ ବ୍ୟକ୍ତିତ୍ୱ - ଯେମିତି ସୌନ୍ଦର୍ଯ୍ୟମୁଗ୍ଧ ସେମିତି ଯଶୋଲୁବ୍ଧ - ଯିଏ ନୈତିକବୋଧ ଉପରେ ସ୍ଥାନ ଦିଅନ୍ତି ସୌନ୍ଦର୍ଯ୍ୟବୋଧକୁ - ଶରୀର ଦେହ ଓ ମନର ସୌନ୍ଦର୍ଯ୍ୟ ପ୍ରତି ତାଙ୍କର ଆକର୍ଷଣ ବି ଥିଲା ତର୍କାତୀତ । କବିତାଗୁଡ଼ିକରେ ବ୍ୟକ୍ତିଗତ ଆବେଗାନୁଭୂତିର ସ୍ୱର ସାବଲୀଳ ସ୍ୱଚ୍ଛତାରେ ଶ୍ରୁତ । ତେବେ ସାଧାରଣ ପ୍ରେମ ବିଳାସରେ ପ୍ରେମର ଗୌରବ ଯେତେ, ଗଭୀରତା ସେତେ ନାହିଁ । ଗଭୀରତା ଅଭାବର କ୍ଷତିପୂରଣ ଅବଶ୍ୟ ଅଛି ଅନୁଭୂତିର ସରଳତାରେ - ସାରଲ୍ୟ ସଂପଦରେ କବିତାଗୁଡ଼ିକ ବେଶ

Digitized by srujanika@gmail.com

ସଂପନ୍ନ ଓ ସମୃଦ୍ଧ - ସବୁଗୁଡ଼ିକ ମଧ୍ୟ ସ୍ମୃତିମୟ ଓ ପ୍ରତ୍ୟାଶା ଉତ୍କଣ୍ଠିତ । ତେଣୁ ପ୍ରୀତିକର, ନିଷିଦ୍ଧତା ଅଛି, କିନ୍ତୁ ନୈତିକତା ଅନୁପସ୍ଥିତ । ତତ୍ତ୍ୱର ବିଶେଷ ଆବରଣ ନାହିଁ କି ଆଧ୍ୟାତ୍ମିକତାର ଆଭରଣ ମଧ୍ୟ ନାହିଁ । ଉତ୍ତାପ ଅଛି, କିନ୍ତୁ ନିଷ୍ଠା ଅନୁପସ୍ଥିତ । ସବୁ ତରଳ ଓ ଉଚ୍ଛଳ । ରୂପ ଲୋଲୁପ ଅବ୍ୟବସ୍ଥିତ । ଭାଷା ସାବେଗ ଉଷ୍ଣ । ତେଣୁ ମର୍ତ୍ତ୍ୟ ଜୀବନରସ ସେଥିରେ ସୁନ୍ଦର ଭାବରେ ଫୁଟିଛି । ପଢ଼ିଦେଲେ ତରୁଣ ପାଠକ ଭାବେ, ଏ ଯେମିତି ତାହାର ହୃଦୟ ମଧ୍ୟରେ ଥିଲା, ମାନସିଂହ କେବଳ ରୂପ ଦେଇଛନ୍ତି । କୁହାଯାଏ ଏହି 'ଧୂପ'ର ନାୟିକା ପରକୀୟା ପ୍ରଣୟିନୀ - କବିଙ୍କ ସମବୟସୀ ଅନ୍ୟର ଗୃହିଣୀ । କଥାଟା ସତ ପୂରା ନୁହେଁ । ଧୂପରେ ଅନେକ ନାୟିକା - ଗୋଟିଏ ପ୍ରାଣରେ ଯାର କୋଟିଏ ମୁଖ୍ୟ ଡାକ ତାଙ୍କ ପକ୍ଷରେ ଏକନିଷ୍ଠତା ଶୋଭାପାଏ ନାହିଁ । ଧୂପରେ ଅନେକ ପ୍ରିୟତମା (୧) କାହାର ପ୍ରାଙ୍ଗଣରେ ଧନିକ ସୁଭଗ ରସିକଙ୍କ ଭିଡ଼ ଘଟୁଥିଲେ ବି ସେହି ରାଣୀ ସମ୍ରାଟ କରି ଦେଇଛନ୍ତି ଆମ ଦରିଦ୍ର କବିଙ୍କୁ, (୨) ଆଉ କେଉଁ ତରୁଣୀ ପ୍ରେମ ଲାଗି ବର୍ଷାରାତି ମାନୁନାହିଁ, (୩) ଆଉ କିଏ ଏକଦା କବିଙ୍କୁ ଭଲପାଉଥିଲା ଏବେ ଅନ୍ୟର ବଧୂ ହୋଇଯାଇଛି; ଆଉ କିଏ ବା ଚାରୁକେଶୀ ବାଳିକାଟିଏ, (୪) ଆଉ କିଏ ନବବଧୂ କବିଙ୍କ ଗୃହାଙ୍ଗନରେ ଫୁଟି ଉଠିଛନ୍ତି ଆଉ କିଏ ରୂପସୀ କିଶୋରୀ କବିଙ୍କୁ ଭଲ ପାଇ ବସିଛନ୍ତି । କାହା କଥା ମଧ୍ୟ ପାଶୋରି ଯିବାକୁ ବସିଲାଣି । ସଂଖ୍ୟା ଆହୁରି ବଢ଼ିପାରେ । କବି ପ୍ରାଣ ଏତେ ଉଚ୍ଚାଟ ଯେ ବକ୍ଷଭରା ପ୍ରଣୟରେ ଯେ ଯେତେବେଳେ ଆସିଛନ୍ତି ତାଙ୍କୁ ଦେଇ ଦେଇଛନ୍ତି - ତରୁଣୀ ଆସିଲେ ଟୋକି ନେବେ ତାଙ୍କୁ ବକ୍ଷରେ - ତରୁଣ ଆସିଲେ ଗୀତେ ତାର ଗୁଣ ଗୁଣିବେ - ଏମାନଙ୍କ ମଧ୍ୟରୁ କିଏ ବାସ୍ତବ କିଏ କାଳ୍ପନିକ ସେ ବିଚାର ନିରର୍ଥକ - ଦାତବ୍ୟ ହୃଦୟର ବିଶାଳତା ଓ ଉଷ୍ଣତା ଉପଲବ୍ଧ ହେଲେ ଯଥେଷ୍ଟ । ବୈଚିତ୍ର୍ୟ ଓ ବର୍ଣ୍ଣାଢ଼୍ୟତା କିଛି କମ୍ କଥା ନୁହେଁ । ଅନୁଭୂତିର ସତ୍ୟତା ଓ ଗଭୀରତା ଘେନି କିନ୍ତୁ ଅଛି । ସବୁ ଆବେଗାନୁଭୂତିକୁ ସତ୍ୟ ବୋଲି ଭାବିଲେ ଭୁଲ ହେବ - କିଛି କିଛି ଶିଖା କଥା ଅଛି । ଏଇ ଯେମିତି 'ପ୍ରେମ ଓ ମୃତ୍ୟୁ' କବିତାର ଅନୁଭୂତି -

Digitized by srujanika@gmail.com

"ଶୁଣିବ ଯେବେ ପ୍ରିୟା ଗୋ ମୋର
ପ୍ରଣୟୀ ତବ ଜଗତେ ନାହିଁ
ଆସିବ ମୋର ଭସ୍ମ ପାଶେ
ଦେବ ଯେ ତାରେ ଦେହର ଛାଇ
ପାରିବ ଯଦି ଭସ୍ମ ପରେ
ପଦ୍ମପାଦ ଚାଳିବ ଧୀରେ
ଜୀବନ ପୁଣି ଲଭିଚି ସଖି
ନିଶ୍ଚୟ ମୁଁ ମରଣ ତୀରେ ।"

ଟେନିସନ୍‌ଙ୍କ Maud କବିତାରୁ ଏହି ଭାବଚେତନାଟିକୁ କବି ସଂଗ୍ରହ କରିଛନ୍ତି ବୋଲି ଏହି ଲେଖକ ୧୯୭୩ରେ ଦର୍ଶାଇଥିଲା । (ରୂପ ଓ ସୌନ୍ଦର୍ଯ୍ୟର କବି ମାନସିଂହ ପ୍ରକାଶ କାଳ ୧୯୭୫) – "Had I lain for a century dead / would start and tremble under her feet / and blossom in purple and red." ପଂକ୍ତି ଏଠାରେ ସ୍ମର୍ତ୍ତବ୍ୟ । (Part -I, XX, XI)ଏବେ ଦେଖୁଛି ଏ ଚିନ୍ତା ଆହୁରି ପୁରୁଣା – ପାରସ୍ୟ ସାହିତ୍ୟର ସୈୟଦ ଆବିଲ୍ ଖୟେର ତାକି ବନ୍ଦାଇଛନ୍ତି । "ମୃତ୍ୟୁପରେ ମୋ ନାମ ଧରି ଡାକିଲେ ମୁଁ ଓ କରିବା, ତୁମ ପବିତ୍ର ପଦସ୍ପର୍ଶରେ ମୋର ଅସ୍ଥି ଚୂର୍ଣ୍ଣ ରଙ୍ଗିନ୍ ହୋଇ ଉଠିବ – ନୀରବ କ୍ରନ୍ଦନରେ ଜଣାଇ ଦେବ ଯେ, ଅଛି ଆଗୋ ଅଛି । ଏବେ ବି ପ୍ରାଣମୟ ହୋଇଅଛି ।"

କବି କହନ୍ତି, ତାଙ୍କର ପ୍ରିୟତମ ଗ୍ରନ୍ଥ 'ଧୂପ' । କିନ୍ତୁ ତା'ର ପ୍ରିୟତମାଗୁଡ଼ିକ ଅଚିରେ ବିସ୍ମୃତି ଗର୍ଭରେ ଲୀନ ହୋଇଯାଇଛନ୍ତି । ତଦ୍ୱାରା କବିତାର ବିଶେଷ କ୍ଷତି ହୋଇନାହିଁ, ସାବେଗ ଅନୁଭୂତିର ସ୍ୱତଃସ୍ଫୂର୍ତ୍ତ ଉଚ୍ଛ୍ୱାସ ନିତ୍ୟତା ପାଇଗଲା ପରେ ଆଲମ୍ବନର ଥିବା କି ନଥିବା ଘେନି କବିତାର କିଛି ଯାଏ ଆସେ ନାହିଁ । ପ୍ରେମର କିନ୍ତୁ ସେ ଘେନି ମୁଣ୍ଡ ବ୍ୟଥା ଅଛି । ଶାଶ୍ୱତ ସ୍ମରଣ କ'ଣ ଅସମ୍ଭବ ବ୍ୟାପର ? ହଁ । ପ୍ରେମ ନଶ୍ୱର । ସେ ଦିନର ପ୍ରିୟତମାଗୁଡ଼ିକୁ କବି ମାନସିଂହ କେବଳ ଭୁଲି ନାହାନ୍ତି, କାହାରି କାହାରି ପ୍ରତି ପ୍ରବଳ ବିଦ୍ୱେଷ ମଧ୍ୟ ପୋଷଣ କରିଛନ୍ତି । ତାକି

Digitized by srujanika@gmail.com

କହିଛନ୍ତି, 'ହେ ପୁରାତନି, ତୁମ ପାଇଁ ଖାଲି ଘୃଣାରେ ଚମକେ ମୋର ଧନୀ / ମିଥ୍ୟାଚାରିଣୀ ପାପବିଳାସିନୀ ତବ ଭୁଲାଣରେ ପୂଜା ହେଲା ଯାହା ଲେଖନୀ (ହିସାବ ନିକାଶ) ।' ପ୍ରେମର ଏ ଅଧୋଗତି ଦେଖିଲେ ସେଦିନର ଆବେଗରେ ଛିଦ୍ର ଲକ୍ଷ୍ୟ କରାଯାଏ । ପ୍ରେମ ଥିଲା ଭାସମାନ ସ୍ତରର । ଦେବା ଅପେକ୍ଷା ନେବାରେ ଆଗ୍ରହୀ । ପ୍ରେମ କେବଳ ଦିଏ । ହୃଦୟ ଦାତବ୍ୟ । ପ୍ରତ୍ୟାଶାହୀନ ସବୁ । ତେଣୁ ପରବର୍ତ୍ତୀ କାଳରେ ଘୃଣାର ପ୍ରଶ୍ନ ଉଠେ ନାହିଁ । ଆନନ୍ଦର କଥା କବି ମାନସିଂହ କିନ୍ତୁ ପ୍ରେମ କ୍ଷେତ୍ରରେ 'ଧୂପ' ସ୍ତରରେ ଅଟକି ରହି ଯାଇନାହାନ୍ତି- 'ହେମ ପୁଷ୍ପ', 'ହେମଶସ୍ୟ' ବାଟ ଦେଇ 'ନିକ୍ୱଣ', 'ଉପେକ୍ଷିତା', 'ଶୁଭଦୃଷ୍ଟି', 'ଜେମା', 'ସାଧବ ଝିଅ', 'ପୂଜାରିଣୀ' ଓ 'କମଳାୟନ' ମଧ୍ୟରେ ପ୍ରେମ ଚେତନାଟିକୁ ସେ କ୍ରମବିବର୍ତ୍ତିତ ରୂପ ଦାନ କରିଛନ୍ତି । ପ୍ରେମ ସଂପର୍କରେ ଧାନ ଧାରଣା ବଦଳିଛି । ବୟୋବୃଦ୍ଧି, ଅନୁଶୀଳନ ବିସ୍ତାର ଓ ଭାବନାର ପରିଣତି ଦୃଷ୍ଟିରୁ ପ୍ରେମ ସମ୍ପର୍କରେ ତାଙ୍କର ବିଚାର ବଦଳିବା ସ୍ୱାଭାବିକ । ବରଂ ବଦଳି ନଥିଲେ ଭଲ ହୋଇନଥାନ୍ତା ଯାହାର ମତ ପରିବର୍ତ୍ତିତ ନ ହୁଏ, ସେ ହୁଏତ ଅଭ୍ରାନ୍ତ ଜୈବଜ୍ଞାନ ବିଶିଷ୍ଟ, ନହେଲେ ମୂର୍ଖ ବୁଦ୍ଧିହୀନ ।

ପ୍ରେମ ଚିରକାଳ ରୂପ ଯୌବନରୁ ଉତ୍ସାହ ପାଏ, ଦୈହିକ ଭୋଗକ୍ଷୁଧାରୁ ଜନ୍ମ ଘେନେ ଓ ଚୁମ୍ବନ ଆଲିଙ୍ଗନ ଆସି ସ୍ପର୍ଶ ସୁଖରେ ଚରିତାର୍ଥ ହୁଏ । ବାସନାର ଉଦ୍‌ବେଳନରେ ଦେହ ମିଳନ ପରିପୂର୍ଣ୍ଣ ହେବାକୁ ବ୍ୟାକୁଳ ହୋଇଉଠେ । କିନ୍ତୁ ଦେହ ମିଳନ ପ୍ରେମ ପାଇଁ ଯଥେଷ୍ଟ ନୁହେଁ । ଦେହର ମୋହ ଅଳ୍ପକେ ଭାଙ୍ଗିଯାଏ, ବ୍ୟକ୍ତି ବିରକ୍ତିକର ହୋଇଉଠନ୍ତି ଅଚିରେ । ଦେହ ଓ ବ୍ୟକ୍ତିକୁ ଅବଲମ୍ବନ କରି ଯେଉଁ ପ୍ରେମ ଭୂମିଷ୍ଠ ହୁଏ ଦେହ ଓ ବ୍ୟକ୍ତିକୁ ନ ଛାଡ଼ିଲେ ତାହାର ସଦ୍‌ଗତି ନଥାଏ । ପ୍ରଥମେ ହୃଦୟର ପ୍ରେମ ଦୈହିକ ମିଳନକୁ ସୁସଂପନ୍ନ କରେ, ଆଉ ପ୍ରେମ ସୁସଂପନ୍ନ ହେଲେ ବ୍ୟକ୍ତି ଓ ଦେହ ଅନ୍ତର୍ହିତ ହୋଇଯାନ୍ତି । ବ୍ୟାପାର ଶୂନ୍ୟ ଆରୋହଣ ଠାରୁ କଠିନ ଅବଶ୍ୟ । କବି ମାନସିଂହ ପ୍ରେମର ଏହି ଅତୀନ୍ଦ୍ରିୟ ଭାବ ବିଳାସ ଲକ୍ଷ୍ୟ କରିଛନ୍ତି । ସବୁଠି ହୃଦୟକୁ ଖୋଜିଛନ୍ତି । ଦେହକୁ ତାହା ଅନ୍ତରାଳରେ ରଖି

Digitized by srujanika@gmail.com

ଅଭିନବ ମଧୁ ଅନୁଭବ ଉତ୍ସବରେ ପ୍ରେମକୁ ଶ୍ରୀ ଓ ସାର୍ଥକତା ଦେଇଥାଏ । ହୃଦୟର ତଥାପି ଦୁର୍ବଳତା ଅଛି । କବି ସେ କଥା ବୁଝିଲେ 'ହେମଶସ୍ୟ' ରେ । ବାର୍ଦ୍ଧକ୍ୟ ପ୍ରତି ପ୍ରେମର ବୃଥା ଭୟ କଟିଗଲା - ଦିନୁଦିନ ପ୍ରେମ ପରିଣତ ହୁଏ, ଜୀର୍ଣ୍ଣ ହୁଏ ନାହିଁ । ଅଧିକନ୍ତୁ ପ୍ରବୃତ୍ତି ତରଳ ହୃଦୟର ଯଥେଚ୍ଛା ପ୍ରେମାର୍ପଣ ଆଉ ସମ୍ଭବ ହେଲା ନାହିଁ । ଅସଂଯତ ଉନ୍ମାଦନାମୟ ଯୌବନଲୀଳା ବର୍ଣ୍ଣନା କରିବାକୁ କବି ବି କୁଣ୍ଠିତ ହେଲେ । ଫୁଲପରି ନାରୀ - ତାଙ୍କୁ ଭୋଗ କରାଯାଇପାରେ, କରାଯାଇପାରେ ବି ଦେବପୂଜାରେ ବ୍ୟବହାର । 'ଧୂପ' ର ଭୋଗ ପରେ ଏବେ ପୂଜାର ଆୟୋଜନ । ପରକୀୟାରୁ ପ୍ରେମ ବି ସ୍ୱକୀୟା କ୍ଷେତ୍ରକୁ ଉତ୍ତୀର୍ଣ୍ଣ ହୋଇଛି । ଉଚ୍ଛୃଙ୍ଖଳତାରୁ ଗୃହବନ୍ଧନର ସ୍ୱୀକରଣ । ପ୍ରେମର ପୂର୍ଣ୍ଣତା ଗୃହସଂସାରରେ, ବନ୍ଧନରେ ତା'ର ଯଥାର୍ଥ ଶ୍ରୀ । ଏଣିକି ନିତ୍ୟସ୍ୱୟମ୍ବର - ପ୍ରେମ ଆଉ ପୁରୁଣା ହୋଇ ନ ପାରେ । ପ୍ରୀତିର ଆଦି ଅଛି ଶେଷ ତ ନାହିଁ / ନିତି ସେ ନୂଆ ଭାଷା ପରି ସେ / ବନ୍ଧନେ ତହିଁ ଏକା ମୁକତି ପାଇ / ସ୍ମରଣ ଅନୁଭୂତି ଶରୀରେ । ପ୍ରେମାନୁଭୂତି ନୂଆ । ଏହି ପ୍ରସଙ୍ଗରେ ନାରୀ ପ୍ରତି କବିଙ୍କ ଦୃଷ୍ଟିକୋଣ ନ ବୁଝିଲେ ପ୍ରେମକୁ କଳି ହେବ ନାହିଁ । କବି ଥିଲେ ନାରୀଙ୍କର - ତେଣୁ କବିତା ବିଳାସରେ ଶ୍ରଦ୍ଧା ସମଧିକ । ନାରୀ ରୂପ ଓ ନାରୀ ବୁକୁ ଘେନି ତାଙ୍କ କବିତା ବ୍ୟବସାୟ ଆରମ୍ଭ । ସେଦିନ ନାରୀ ମାତ୍ରେ ଅବଶ୍ୟ ଷୋଡ଼ଶୀ ରୂପସୀ । ସେ ତାଙ୍କ ଜୀବନର ଧ୍ରୁବତାରା ଆଉ କବିତାର ଆତ୍ମା । ଯେବେ ଈଶ୍ୱର ଥାଆନ୍ତି ତେବେ ଠିକ୍ ତାଙ୍କରି ତଳକୁ ନାରୀର ଆସନ । ନାରୀ - ମା ରୂପରେ ଜନ୍ମ ଦିଏ, ଆଉ ପ୍ରେୟସୀ ରୂପରେ ସେହି ଜୀବନକୁ ଧନ୍ୟ କରେ । ତେବେ ଗୋଟିକରେ ପ୍ରେମ ତୃପ୍ତି ପାଏ ନାହିଁ -'ଏକଇ ଫାଲ୍ଗୁନେ ଲକ୍ଷ ଫୁଲ ଫୁଟେ /ଭ୍ରମର ଗୋଟିକରୁ ଗୋଟିକୁ ଚୁମି ଛୁଟେ ।' ସୌନ୍ଦର୍ଯ୍ୟବୋଧ ଲୋଭ ବା ବାସନା ଆତ୍ମରକ୍ଷା କରିପାରି ନାହିଁ । ଏବେ କିନ୍ତୁ ଅବସ୍ଥା ବଦଳିଛି । ସ୍ତବ୍ଧ ଭାବରେ ନିବିଷ୍ଟ ନ ହୋଇ ପାରିଲେ କ'ଣ ସୌନ୍ଦର୍ଯ୍ୟର ମର୍ମ ସ୍ଥାନରୁ ରସ ଉଦ୍ଧାର କରିହୁଏ ? ଏକ ପରାୟଣା ସତୀ ସ୍ତ୍ରୀ ହିଁ ତ ପ୍ରେମର ସୌନ୍ଦର୍ଯ୍ୟ ଉପଲବ୍ଧି କରିପାରେ । ସ୍ୱୈରିଣୀ ପାରେ ନାହିଁ । ତେଣୁ କବିଙ୍କ

Digitized by srujanika@gmail.com

ସୌନ୍ଦର୍ଯ୍ୟ-ବୋଧ ସ୍ତ୍ରୀ ... ସହିତ ହୋଇଛି, କୋତ୍ତା ଓ ବାହନ ହାତରୁ ମୁକ୍ତ ହୋଇଛି । ଏହି ଦୃଷ୍ଟି ଭୂମିତଳେ ନାରୀର ରୂପ ମହିମା ଭିନ୍ନ ଏକ ରୂପ ପରିଗ୍ରହ କରିଛି । ନାରୀ ଗୃହାଙ୍ଗନରେ ବଧୂ - ଜଞ୍ଜାଳ ଭିତରେ ନୂଆ ସୌନ୍ଦର୍ଯ୍ୟର ପ୍ରତିଭାତ । ନାରୀତ୍ୱ ହିଁ ନାରୀର ସୌନ୍ଦର୍ଯ୍ୟ – 'ଯଥାସ୍ଥାନ' କବିତାଟି ସ୍ମର୍ତ୍ତବ୍ୟ । ପ୍ରେମ ତେଣୁ ନାରୀକୁ ଗୃହର ପରିଧିରେ ଦେଖିବାକୁ ଭଲପାଏ, କମଳ ତେଣୁ କରୁଣାକୁ ସନ୍ତ୍ରାସବାଦୀ ଦଳ ହାତରୁ ଉଦ୍ଧାର କରି ଗୃହକୋଣରେ ମୁକ୍ତି ଦେଇଛି । ଗୃହର ପରିଧିରେ କବି ନାରୀ ଠାରୁ ନିବିଡ଼ ପ୍ରଣୟ, ସୁମଧୁର ଛଳନା ଇନ୍ଦ୍ରଧନୁର କିଛି ଭଙ୍ଗିମ, ସରମଭରା ସ୍ନେହ ସୋହାଗ ଓ କଲ୍ୟାଣ କୋମଳ ସେବା ଶୁଶ୍ରୁଷା ଆଦି ଆଶା ରଖନ୍ତି – ପ୍ରେମ ଓ ସୌନ୍ଦର୍ଯ୍ୟ ଅତିରିକ୍ତ କୌଣସି ମୂଲ୍ୟ ସେ ନାରୀକୁ ଦିଅନ୍ତି ନାହିଁ ପ୍ରାୟ – ସତୀତ୍ୱ ହରାଇଥିବା ଗାଁ ଭୂଇଁର ମଣି ଲାଗି ସେ (ତୀର୍ଥଯାତ୍ରା) କାନ୍ଦନ୍ତି ଅବଶ୍ୟ, କିନ୍ତୁ ବହୁ ତୁଠରୁ ପାଣି ପିଇଥିବା ଅହଲ୍ୟା ପ୍ରଧାନ ସହିତ କଥା କହିବାକୁ ସଂକୋଚ କରନ୍ତି ଆଉ 'ଡିଗ୍ରୀ ଓ ଗାଉନ' ର ଏମ୍.ଏ.ରେ ଫାଷ୍ଟକ୍ଲାସ ଫାଷ୍ଟ ମିସ୍ ଲେଙ୍କାଙ୍କୁ ଅଭିନନ୍ଦନ ଜଣାଇପାରନ୍ତି ନାହିଁ । ଜୀବିକା ପାଇଁ ବ୍ୟାକୁଳ ଏହି ନାରୀତ୍ୱ ହୀନ ନାରୀମାନଙ୍କୁ ସେ ଶ୍ରଦ୍ଧା ସମ୍ମାନ ଜଣାନ୍ତି ନାହିଁ । ତେବେ ନାରୀକୁ ପୂର୍ଣ୍ଣ ଶକ୍ତି ର ନାରୀ ହେବାକୁ ହେଲେ ତାହାର ସମସ୍ତ ମାନବିକ ଶକ୍ତିର ପୂର୍ଣ୍ଣ ବିକାଶ ଆବଶ୍ୟକ। ପୂର୍ଣ୍ଣ ମନୁଷ୍ୟତ୍ୱର ମହିମା ଲାଭ କଲେ ସେ ପୁରୁଷ ପୂର୍ଣ୍ଣତା ପାଇବ । କବିଙ୍କର କିନ୍ତୁ ନାରୀର ପ୍ରେମ ଉପରେ ଆସ୍ଥା ଓ ବିଶ୍ୱାସ ବେଶି। ମଧୁର ସଂଗୀତ ଯେପରି ଜଳ ସ୍ଥଳ ଅନ୍ତରୀକ୍ଷକୁ ସୌନ୍ଦର୍ଯ୍ୟମଣ୍ଡିତ କରିଥାଏ । ନାରୀ ପ୍ରେମ ସେପରି ପୁରୁଷର ସକଳ ଅସ୍ତିତ୍ୱକୁ ପୁଷ୍ପିତ କରାଏ । ନାରୀ କେବଳ ପୁରୁଷର ପ୍ରେମକୁ ସାର୍ଥକ କରେ ନାହିଁ । ସାର୍ଥକ କରେ ବି ତାହାର ଶୌର୍ଯ୍ୟବୀର୍ଯ୍ୟ, ଶିକ୍ଷାଦୀକ୍ଷା, ବୁଦ୍ଧି ବିଦ୍ୟା, ସଂପଦ ତପସ୍ୟା ଓ ସୌନ୍ଦର୍ଯ୍ୟବୋଧକୁ ମଧ୍ୟ । ସବୁକାଳେ କବିଙ୍କ କବିତ୍ୱ ପ୍ରସରି ଥାଏ ନାରୀ ପ୍ରେମକୁ ଆଶ୍ରୟ କରି । ମାୟାଧର ମାନସିଂହଙ୍କ କବିତ୍ୱର ମୂଳ ଉତ୍ସ ବି ନାରୀ ପ୍ରେମ । ସେ କହନ୍ତି, "Great poetry is generally constituted of these main ingredients. It starts with

Digitized by srujanika@gmail.com

man which embroces woman." (Kalidas and Shakespeare, ପୃ.୪୪) ନାରୀ ବଂଦନାରୁ କବିତା ଆରମ୍ଭ - ପ୍ରତିଷ୍ଠିତ ଏହି ସତ୍ୟଟିକୁ କବି ସ୍ୱୋପାର୍ଜିତ ଜୀବନ୍ତ ଅନୁଭୂତିରୁ ଖୋଜି ପାଇଛନ୍ତି। ନାରୀ ସ୍ୱର୍ଗର ଦ୍ୱାର । ସେହି ନାରୀର ନବ ଦୃଷ୍ଟିପାତରେ କବିଙ୍କର ଜନ୍ମାନ୍ତର ଘଟିଛି (ହେମଶସ୍ୟ) । ବିଶ୍ୱଚରାଚର ଏବେ ଆନନ୍ଦ କଳରୋଳରେ ପରିପୂର୍ଣ୍ଣ - ପୂର୍ବାପରାଧଭୀତ ସେ ପତ୍ନୀ ପଦପ୍ରାନ୍ତରେ ଅତୀତ ଜୀବନର ପ୍ରେମ ଦର୍ଶନର ଦୋଷ ପାଇଁ କ୍ଷମା ଚାହିଁଛନ୍ତି, - "କ୍ଷମା କର ସଖୀ କ୍ଷମା କର / ଝୁଁଟି ପଡ଼ିଥିବା ସାଥିକୁ ସେନେହ ତୋଳି ଧର। ....ପ୍ରଣୟ ପରଶେ ପଙ୍କ ପୋଛି ଦେଇ / ଏ ଦେହକୁ ତୁମେ ଯୋଗ୍ୟ କର" (କ୍ଷମା କର) । ଏଣିକି ପ୍ରେମ ଦର୍ଶନ ବଦଳିଛି । ଶରୀର ମହିମା ସେ ବୁଝିଛନ୍ତି, ପୁରୁଷ ଗର୍ବ ଓ ମନ୍ତ, ଶାନ୍ତ ସାପ ପରି ନଇଁ ଯାଇଛି । ଉଦ୍ଦାମ ବାସନା ମଧ୍ୟ ଶାନ୍ତ ସମାହିତ-ଶୁଚିସ୍ନାତ । ପତ୍ନୀଙ୍କୁ କୃତଜ୍ଞତାରେ ଜଣାଇଛନ୍ତି, 'ଶାସନେ ତୁମ୍ଭର / ଜାଗ୍ରତ ଦେବତା ମୋର ହୃଦସିଂହାସନେ ବହୁଦିନ ସୁପ୍ତିପରେ ।' ନାରୀ ପ୍ରେୟସୀ ପତ୍ନୀ ଯେ ବିବାହକୁ କବିତା ମସୃଣ କରିପାରନ୍ତି - "It is in married love that the noblest blooming of love is found." (Tennyson)

ନାରୀ ବୀଣାଟିଏ ପରି ବଜାଇ ପାରିବାର ଶିକ୍ଷା ଓ ଦକ୍ଷତା ଥିବାରୁ ସେ ତାଙ୍କ ଠାରୁ ନାନା ସ୍ୱରର ସୁନ୍ଦର ସଂଗୀତ ଝରାଇ ପାରିଛନ୍ତି-ତେଣୁ ତାଙ୍କ ନାରୀ ବିଧାତାର ସୃଷ୍ଟି ମାତ୍ର ନୁହେଁ, କବି ନିଜର ଅନ୍ତରର ସବୁ ସୌନ୍ଦର୍ଯ୍ୟ ସଂଚାରି ଓ ପ୍ରଦୀପ୍ତ ସବୁ ବାସନା ଢ଼ାଳି ତାଙ୍କ ଉପରେ ନୂତନ ମହିମା ଅର୍ପଣ କରିଛନ୍ତି ।

କବିଙ୍କର ପ୍ରଣୟାନ୍ତର ଗମନ ବିଶ୍ୱାସଘାତକତାର କଥା କି ? ନାରୀ ଚିରନ୍ତନ ପ୍ରିୟା । ପ୍ରଣୟିନୀ ଏବେ ପତ୍ନୀ । ଏତିକି ମାତ୍ର ପାର୍ଥକ୍ୟ । ପତ୍ନୀ ଦିନେ ଅଭିମାନ କଲେ, ପ୍ରେମରେ ସନ୍ଦେହ ପ୍ରକାଶ କଲେ। କବି ବୁଝାଇଛନ୍ତି, ପ୍ରଥମା ତାଙ୍କୁ ପ୍ରଣୟ ମନ୍ତରେ ଅଭିଷିକ୍ତ କରାଇଥିଲେ । ସେହି ପୁଣ୍ୟ ବଳରେ ସେ ପତ୍ନୀ ପଦ ପ୍ରାନ୍ତରେ ବସି ପ୍ରେମ ଆରାଧନା କରିବାକୁ ଯୋଗ୍ୟ ହୋଇଛନ୍ତି (ଅଭିମାନ) । ପ୍ରଥମ

Digitized by srujanika@gmail.com

ପ୍ରଣୟ ଥିଲା ମଦ୍ୟ ପରି ଜୀବନ ପାତ୍ରରେ ଝରି ପଡ଼ିଥିଲା - ପତ୍ନୀ ଆସିଲେ ଜାହ୍ନବୀ ସ୍ରୋତ ପରି - ସୁରାପାନ ପରେ ଏ ଯେପରି ସୁଧାସମ ପ୍ରାଣରେ କାର୍ଯ୍ୟ କରିଛି । ସୁରାର ଜ୍ୱାଳା ଥିବାରୁ ସିନା ସୁଧାର ଏଡ଼େ ପ୍ରଶାନ୍ତି ! ପ୍ରଥମା ତେଣୁ ପ୍ରଧାନ । ସେଥିରେ ପରକୀୟା ହୋଇଛନ୍ତି ସ୍ୱକୀୟା - ମୂଳତଃ ନାରୀ ଚିରନ୍ତନ ପ୍ରିୟା - ରତି ରୂପେ ଦେଲା ସୁଖ ରାଣୀ ରୂପେ ଢାଳିଲା ସମ୍ମାନ । ଗିରି ନଦୀ ଏବେ ସମତଳ ପ୍ରଦେଶରେ ପ୍ରବହମାନା - ଶାନ୍ତ ଶୀତଳ - ସ୍ନିଗ୍ଧ ମଧୁର । ପ୍ରେମର ସଂଜ୍ଞା ବଦଳିଲା - କବି ଥିଲେ 'ଜେମା'ର ରସିକ ବଣିକ ହେଲେ 'କମଳାୟନ' ର କମଳ - କାମନା ତପସ୍ୟାରେ ପରିଣତ । କବି ସେଦିନ ଉଲ୍ଲସିତ କଣ୍ଠରେ ପଚାରିଥିଲେ -

"ପ୍ରେମ କି କେବଳ ଭୋଗେ ଅଙ୍ଗେ ଅଙ୍ଗମେଳେ
ଅଧରୁ ଅଧର ପାନେ, ଶରୀରେ ଆଘ୍ରାଣେ
ଏ ଦେହର ରସ ଭୋଜ୍ୟେ ? ପ୍ରିୟଜନ ଲାଗି
ଜାଳିବା ଜାଗର ବସି ନିଶୀଥେ ନିଶୀଥେ
ତେଜି ଧୀରେ ପ୍ରେମଦୀପ ନିଃସଙ୍ଗ କୁଟୀରେ
ଶୁଖାଇବା ନେତ୍ରୁ ନୀର, ଶୁକ୍ଲାଇବା କେଶ
ସେ କି ନୁହେଁ ପ୍ରେମ ସତେ ?" (ଶୁଭ ଦୃଷ୍ଟି)

ତାହାହିଁ ତ ପ୍ରେମ - ସଂସାର, ସନ୍ତାନ ଓ ବାର୍ଦ୍ଧକ୍ୟ ପ୍ରେମର ଅନ୍ତରାୟ ନୁହନ୍ତି, ସଦା ଅନୁକୂଳ । 'ଧୂପ'ର ପ୍ରେମ ସଂସାର ଭୂମିରୁ ବିଚ୍ଛିନ୍ନ ଥିଲା, ତେଣୁ ନିଜର ରସ ନିଜେ ଯୋଗାଇ ପାରିନାହିଁ । ବିସ୍ମୃତି ଓ ବିରକ୍ତି ତେଣୁ ଅବଧାରିତ । ସ୍ୱାସ୍ଥ୍ୟ ଯେପରି ପ୍ରାଣର ପୂର୍ଣ୍ଣତା ଠିକ୍ ସେପରି ପ୍ରେମ ଅନୁଭୂତିର ପୂର୍ଣ୍ଣତା - କି ସବୁ ସଂଶୟ ତେଜି 'କମଳାୟନ' କାବ୍ୟର ଅଧ୍ୟାପକ ଭାବରେ ପ୍ରେମର ସଂଜ୍ଞା ନିରୂପଣ କରିଛନ୍ତି ।

"ପ୍ରେମ ନୁହେଁ ଦେହ ଦେହୁଁ ଭୋଗ ଅନ୍ୱେଷଣ
ପ୍ରେମ ଏକ ଆତ୍ମା ପ୍ରତି ଅନ୍ୟର ବନ୍ଧନ
ପ୍ରେମ ପୂର୍ଣ୍ଣ ସମର୍ପଣ ଏକ ଅନ୍ୟ ପାଇଁ

Digitized by srujanika@gmail.com

ପ୍ରେମ ଆନ ପାଇଁ ଦେବା ନିଜକୁ ହଜାଇ
ନୈରାଶ୍ୟ କଷଣ ଅଶ୍ରୁ ସାଥି ପ୍ରଣୟର
ପ୍ରେମିକ ଅଛନ୍ତି ଖାଲି ଅଶ୍ରୁ ଅନ୍ୟାଽନ୍ୟର
ସୁଖ ଦୁଃଖ ଭୋଗ ବ୍ୟାଧି ଥିଲା ନ ଥିଲାରେ
ସେହି ଏକା ଛଡ଼ା ଆନେ ନ ଚାହିଁ ଧରାରେ
ଦୁର୍ଗମ ଜୀବନ ପଥ କାଟିଚାଲ ଦୁହେଁ
ଧରି ହାତ ପରସ୍ପର ଗାଇ ଦୁଇ ମୁହେଁ
ତାଙ୍କ ନାମ, କରନ୍ତ ଯେ ସୃଜନ ବିକାଶ
ସମସ୍ତର ପଛେ ଯେହୁ ନିତ୍ୟ ଅବିନାଶ ।"

କବି ଘରୁ ପ୍ରେମର ଧ୍ରୁବୋଜ୍ଜ୍ୱଳ ରୂପ ଦେଖିଛନ୍ତି । ପୁରୁଷର ଏହି ପ୍ରେମ ନାରୀକୁ ଆଶ୍ରୟ କରି ଦେବତାଙ୍କୁ ଜଗାଏ । ନାରୀ ତେଣୁ ସ୍ୱର୍ଗର ନିଃଶ୍ରେଣୀ, ନରକର ଦ୍ୱାର ନୁହେଁ କେବେ । ଗୃହାଙ୍ଗନ ଏବେ କଲ୍ୟାଣେ ହସିଲା । ଯୁଗଳ ଜୀବନ ଦାରିଦ୍ର୍ୟରୁ ନିଗାଡ଼ି କାଢ଼ିଲା ପରମ ଆନନ୍ଦର ରସ । ଅଭାବ ପରାଭୂତ । ଦରିଦ୍ର କୁଟୀର ସ୍ୱର୍ଗ ଭୂମି । ବିବାହରେ ପୁଣି ଏତେ ପ୍ରେମ ଥାଏ।' ଏତେ କବିତା ଥାଏ ? କାଳିଦାସ, ଭବଭୂତି ଓ ଉପେନ୍ଦ୍ର ଦିବ୍ୟ ଦୃଷ୍ଟିରେ ତାହାର ବର୍ଣ୍ଣାଢ଼୍ୟ ଦିଗନ୍ତକୁ ଦୂରରୁ ଛୁଇଁ ଛୁଇଁ ଯାଇଛନ୍ତି – ଏବେ ସୁଖ ଦୁଃଖ ହସ କାନ୍ଦର ଲୁଚକାଳି ଖେଳ ଭିତରୁ କବି ସେହି ପ୍ରେମକୁ ଜୀବନ୍ତ ଜୀବନର ଅଭିଜ୍ଞତାରୁ ଖୋଜିଛନ୍ତି. । ଅନୁଭୂତି ବଡ଼ ରସାଳ । 'ପ୍ରେମ ସ୍ପର୍ଶ', 'ସରମ', 'ହେମନ୍ତ ପ୍ରଭାତ', 'ରୂପାଲୋକ', ପ୍ରକୃତିର ଦ୍ୱୈତ୍ୟ', 'ବସନ୍ତ ଅଭିସାର', 'ସୋଭାଗ', 'ଜୟ ପରାଜୟ', 'ଦାନ ପ୍ରତିଦାନ', 'ପ୍ରାର୍ଥନା', 'ନୀଶୀଥ ଅଳାପ' ଆଦି କବିତାରେ କବି ବିବାହ ଜୀବନକୁ ସୁଖସୌଭାଗ୍ୟ ଓ ଆନନ୍ଦ ଆଶୀର୍ବାଦରେ ସୁନ୍ଦର ମଧୁର କରି ଗଢ଼ିଛନ୍ତି । ଉଙ୍ଗାର ଦଉଡ଼ିଟା କେବଳ ଉଙ୍ଗାକୁ ବାନ୍ଧି ରଖେ ନାହିଁ, ଟାଣେ ମଧ୍ୟ । ବିବାହ ବିଶ୍ୱ ପ୍ରତି ମଣିଷକୁ ଉନ୍ମୁଖ କରିଥାଏ । ପତ୍ନୀ ଶିକ୍ଷା ଦିଏ – (୧) ଆତ୍ମାର ନିର୍ମଳ ପ୍ରେମ ଢ଼ାଳ ମୋ ଆତ୍ମାରେ / ସେହି ମୋ ପରମ ଭୋଗ । (୨) ଦିଅ ତବ ଚିତ୍ତ ହତଭାଗ୍ୟ ନିଃସହାୟ ଦରିଦ୍ର

Digitized by srujanika@gmail.com

ସେବାରେ / ଜୀବନର ମୂଲ୍ୟ ଦିଅ ସେହି ବଞ୍ଚିବାରେ” (ଭୋଗ ଓ ତ୍ୟାଗ) । ପ୍ରେମର ସଂଜ୍ଞା ପୁଣି ବଦଳିଲା । ସେ ନିଜେ ‘ପ୍ରେମର ସଂଜ୍ଞା’ ଠିକ୍ କଲେ ।

“ପ୍ରେମ ସେ କିପରି କଥା ? କିବା ସଂଜ୍ଞା ତାର ?
କିପରି ହୁଅଇ ତା’ର ପ୍ରାଣରେ ସଞ୍ଚାର ?
କିବା ସଂଜ୍ଞା ଦେବି ପ୍ରିୟେ ? ବିଶ୍ୱ ଆକର୍ଷଣ
ପ୍ରେମ ନାମ ପରିପୂର୍ଣ୍ଣ ଆତ୍ମସମର୍ପଣ ।
ତରୁଣ ତରୁଣୀ ପ୍ରାଣ ଏହି ଯାଦୁକର
ଅନ୍ୟୋଽନ୍ୟେ ଟାଣଇ ଆଦ୍ୟେ, ରଂଜନ ରୂପରେ
ଲଗାଇ ଦୁହିଁଙ୍କ ନେତ୍ରେ । ରୂପେ ହେଲେ ଶେଷ
ପ୍ରେମ ନାମ ନୁହେଁ ତାର ଅନ୍ୟ କି ବିଶେଷ
ନିକୃଷ୍ଟ ସମ୍ଭୋଗ ତାହା ଦେହ ଅବସାନେ
ଯେ ମିଳନ ପ୍ରତିଷ୍ଠିତ ଅନ୍ୟୋଽନ୍ୟ କଲ୍ୟାଣେ
ସେହି ସେ ପ୍ରକୃତ ପ୍ରେମ ବିଶ୍ୱାସ ପରମ
ଆବୃତ କରଇ ତାରେ ଦୃଢ଼ ବର୍ମ୍ମ ସମ
ଆଶଙ୍କା ସନ୍ଦେହ ଜ୍ୱାଳୁଁ ସୁଖ ସେ ପ୍ରେମରେ
ଗ୍ରହଣ ନ କରି ଖାଲି ତ୍ୟାଗ ପରସ୍ପରେ ।”

ପ୍ରେମ ଥିଲା ରୂପପର, ହେଲା ରୂପୋତ୍ତର । (ଦେହ ଓ ସ୍ନେହ) ଦେହ ଅପସରି ଗଲେ ପ୍ରେମ ଶ୍ରୀପୂର୍ଣ୍ଣ ହୋଇଉଠେ । ଉନ୍ମତ୍ତ ପ୍ରେମ ପ୍ରିୟଜନ ଛଡ଼ା ଆଉ ସମସ୍ତଙ୍କୁ ଭୁଲିଯାଏ । ଫଳରେ ବିଶ୍ୱନୀତିକୁ ଆପଣାର ପ୍ରତିକୂଳ କରିଦିଏ । ତେଣୁ ସମସ୍ତଙ୍କ ବିରୋଧରେ ନିଜକୁ ରକ୍ଷା କରିପାରେ ନାହିଁ । ଉତ୍ତୀର୍ଣ୍ଣ ପ୍ରେମ ନରନାରୀଙ୍କ ଅନ୍ତର୍ଲୋକରେ ସମାହିତ ନ ହୋଇ ବିଶ୍ୱପ୍ରୀତିରେ ପରିଣତ ହେବାକୁ ଉନ୍ମୁଖ ହୋଇଉଠେ । କବିଙ୍କ ପ୍ରେମ ଏବେ ଗୃହବନ୍ଧନକୁ ଅତିକ୍ରମ କରି ବିଶ୍ୱ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଗଲା । ପ୍ରେମରୁ ଜନ୍ମନେଲେ ବିଶ୍ୱାମିତ୍ର । (କମଳାୟନ) ନାରୀ ହୋଇଉଠେ ସେବା ଓ ପ୍ରେମର ପ୍ରତୀକ – ସମାଜ ନିରପେକ୍ଷ ପ୍ରେମ ପ୍ରେମ

Digitized by srujanika@gmail.com

ନୁହେଁ, ନିଃସଙ୍ଗ ନିର୍ଜନରେ ପ୍ରେମର ସୃଷ୍ଟି କ୍ଷେତ୍ର ସମ୍ଭବ ନୁହେଁ, ସେହି କ୍ଷେତ୍ର ବିଶ୍ୱରେ । ତ୍ୟାଗ ସହିତ ପ୍ରେମର ନିଗୂଢ଼ ସମ୍ପର୍କ ଅଛି । ତ୍ୟାଗ ଭିନ୍ନ ପ୍ରେମର ଅସ୍ତିତ୍ୱ ନାହିଁ, ଆଉ ପ୍ରେମ ନ ଥିଲେ ତ୍ୟାଗ କରିହୁଏ ନାହିଁ । କେବଳ ପରସ୍ପର ପାଇଁ ତ୍ୟାଗ ଯଥେଷ୍ଟ ନୁହେଁ, - ବିଶ୍ୱ ପାଇଁ ସେବା ତ୍ୟାଗରେ ତାହାର ଉତ୍ତୀର୍ଣ୍ଣତା ନାରୀ ପ୍ରେମ ଶେଷ ପର୍ଯ୍ୟନ୍ତ ବିବର୍ତ୍ତିତ ହୁଏ ବିଶ୍ୱପ୍ରୀତି ଓ ମାନବ ପ୍ରେମରେ ଓ ଈଶ୍ୱରାନୁରାଗରେ ବି । 'ଜୀବନପଥ' କବିତାରେ ଏହି କଥାଟି ଉଦ୍ଗୀତ ।

"ଆଣ ତବ କର ସଖି, ଧରେ ମୁଁ ନିବିଡ଼େ
ଚାଲିବା ସରଣୀ ଖୋଜି, ଏ ସଂସାରୁ ଭିଡ଼େ ।
ଜୀବନ ସଂଗ୍ରାମ କାଟି ମିଥ୍ୟାଙ୍କ ବ୍ୟଭିଚାର
ଦାରିଦ୍ର୍ୟ ଲାଞ୍ଛନା ଦୁଃଖ ଦୈନ୍ୟ ଅବିଚାର
ସମସ୍ତ ଜାଣିବା ଆତ୍ମା ଆତ୍ମାରେ ମିଶାଇ
ଦୁର୍ଦ୍ଦିନ କାଟିବା ପରସ୍ପର ସୁଖ ଚାହିଁ ।

*

ପ୍ରେମ ହୀନ ସଂସାରରେ ବିତରି ପ୍ରଣୟ
ଆଘାତକୁ ଆଶୀର୍ବାଦ ଦେଇ ବିନିମୟ
ବଞ୍ଚିବା ଜୀବନ ଯଦି, ଆମ୍ଭ ଯିବା ପଥେ
ଈଶ୍ୱର ଫୁଟିବେ ପୁଷ୍ପ ସମ ପଛେ ପଛେ ।"

ଜୀବନର ପଥର ଗତି ସତ୍ୟକୁ । ପ୍ରେମ କବିଙ୍କୁ ସତ୍ୟରେ ଉପନୀତ କରାଇ ଦେଇଛି । ମିଥ୍ୟା ସବୁ - ଧନମାନ ଓ ବାସନା, ସସ୍ତ୍ରୀକ ସେ ମିଥ୍ୟା ତ୍ୟାଗ କରିବେ - ଏକମାତ୍ର ସତ୍ୟ ସୁଖ ଭୁଂଜିବେ ଭୁବନେ (ସତ୍ୟ ସୁଖ) ।

ଏବେ ସତ୍ୟସୁଖ ଭୁଂଜିବା ପଥରେ କବିଙ୍କ ପ୍ରେମ ଜିଜ୍ଞାସା ସାର୍ଥକ ହେଲା । ଏବେ ଏହି ପ୍ରେମକୁ ମୃତ୍ୟୁ କି ବାର୍ଦ୍ଧକ୍ୟ କେହି ଖର୍ବ କରିପାରିବେ ନାହିଁ । ବାର୍ଦ୍ଧକ୍ୟ ଆସିବ, ରୂପ ମଉଳିବ, କିନ୍ତୁ ଆତ୍ମାର ସୌନ୍ଦର୍ଯ୍ୟ ବିକଶି ଉଠିବ । ମଣିଷର ଆତ୍ମା

Digitized by srujanika@gmail.com

ଠାରୁ ବଳି ଆଉ ସୁନ୍ଦର କିଛି ଅଛି କି ? ରୂପ ଅବଶ୍ୟ କବିଙ୍କ ପାଇଁ ଘୃଣାର କଥା ନୁହେଁ, ରୂପ ଥିବାରୁ ତ ରୂପାତୀତରର ସଂଧାନ ମିଳେ । କବି କହିଛନ୍ତି,

ରୂପ ବା କି ଘୃଣା କଥା ? ନର ସୌନ୍ଦର୍ଯ୍ୟରେ
ଭକ୍ତ ସମ ଅଛି ଚାହିଁ ମୁଗ୍ଧ ନୟନରେ
କେତେ ବାର ସଖି ମୁହିଁ, ବିଦଗ୍ଧ ସ୍ରଷ୍ଟାର
ସୃଷ୍ଟିର ମହିମା ସ୍ମରି, କିନ୍ତୁ ଗୋ ଆତ୍ମାର
ସୌନ୍ଦର୍ଯ୍ୟ ତହିଁରୁ ବଳି, ଯାର ସମ୍ମୁଖରେ
ମନୁଷ୍ୟ ନୁଆଁଏ ମଥା, ତବ ରୂପ ତଳେ
ସେ ରୂପରେ ସଂଧାନ ମୁଁ ପାଇଛି ସୁନ୍ଦରି,
ଗୋ ପ୍ରେମ ସରସ ଦେହ ଅନ୍ତର ସଞ୍ଚରି ।

(ଆତ୍ମାର ସୌନ୍ଦର୍ଯ୍ୟ)

ପ୍ରେମ ମୃତ୍ୟୁଞ୍ଜୟ - ଆତ୍ମାର ସୌନ୍ଦର୍ଯ୍ୟରେ ନିର୍ଭୟ ଓ ନିରୁପଦ୍ରବ । ଅମ୍ଳାନ ବିରହ ତାହାକୁ ବିବଶ କରିପାରେ ନାହିଁ । ପ୍ରେମ ବିରହକୁ ଡାକି କହେ, 'ଚିନ୍ତା ନାହିଁ, ପ୍ରାଣ ଲଭେ ପ୍ରସାର ବିଧି ହେ ।' ପ୍ରେମ ପରିପୂର୍ଣ୍ଣ - ଜୀବନ ପରିପୂର୍ଣ୍ଣ । ଆମେ ଏଇ ଯେ ଏକ ଅନ୍ୱେଷଣଶୀଳ ପରାପର ଅଭିଜ୍ଞତା ଦେଇ ସଦା ପରିବର୍ତ୍ତିତ ଓ କ୍ରମ ପ୍ରସାରିତ ବିବର୍ଦ୍ଧିତ ମାନବାତ୍ମାର ପ୍ରଲମ୍ବିତ ପ୍ରେମ ଗ୍ୟାଲେରୀ ଭେଟିଲେ ତାହା ଅନ୍ୟତ୍ର ଦୁର୍ଲଭ । (ଅନେକ କବି ମୂଳରେ ଯାହା ଶେଷରେ ତାହା) ଏହା ଯେପରି ବିସ୍ମୟଜନକ, ସେପରି ବି ଉପଭୋଗ୍ୟ ।

ନାରୀକୁ ଭଲପାଇଲେ ବିଶ୍ୱକୁ ଭଲ ପାଇହେବ । ନାରୀ ପ୍ରେମରେ ମାନବ କଲ୍ୟାଣ । କଥାଟାକୁ ବୁଝିବାକୁ ହେଲେ ଜଣେ ଆଧୁନିକ କବିଙ୍କୁ ଶୁଣନ୍ତୁ । ଏଇ ସେ ତ ଜୀବନାନନ୍ଦ ଦାସ ସ୍ପଷ୍ଟ କରିଛନ୍ତି, 'ମାନବକେ ନୟ ନାରୀ ଶୁଧୁ ତୋମାକେ ଭାଲୋ ବେସେ ବୁଝେଛି ନିଖିଳ ବିଷ କୀ ରକମ ମଧୁର ହତେ ପାରେ ।' (ତୋମାକେ) 'ମାନବ କେ ୟେ ନାରୀ' କଥାଟି ଗୁରୁତ୍ୱପୂର୍ଣ୍ଣ । ସମକାଳ

Digitized by srujanika@gmail.com

ଓ ଯୁଗପ୍ରତିବେଶବଦ୍ଧ ମଣିଷକୁ କବି ମାନବତାବର୍ଜିତ ଓ ଜୈବ ଜୀବନରେ ଅବଧାପତିତ ବୋଲି ଲକ୍ଷ୍ୟ କରିଛନ୍ତି । ଅଥଚ ଚାରିପାଖରେ ଏହି ମଣିଷଙ୍କ ଭିଡ଼ ଭିନ୍ନ ଆଉ କ'ଣ ଅଛି ସେ ? ତେଣୁ କବିଙ୍କୁ ମାନବ ଆଡୁ ଦୃଷ୍ଟି ଫେରାଇ ନାରୀ ମଧ୍ୟରେ ସ୍ୱାଧି ଶୁଭ ପ୍ରେରଣାର ଆଶ୍ୱାସ ଓ ଉଦ୍ଦୀପ୍ତିର ବାଣୀ ଖୋଜିବାକୁ ହୁଏ ।

ମଳିନ ଇତିହାସରେ ଅନ୍ତର ଧୁଯେ ଚେନା ହାତେର ମତନ !
ଆଖି ଯାକେ ଭାଲୋବେସେଛି ଆବହମାନ କାଲ ସେଇ ନାରୀର ।

ତେଣୁ ନାରୀର ଶରଣ ସବୁଠାରୁ ଭଲ । ସେହି ଶରଣ ବାଛି ନେଇଛନ୍ତି ବିଂଶ ଶତାବ୍ଦୀର କବି ଏ । ସେହି ପ୍ରେମ ବାରମ୍ବାର ପୃଥିବୀକୁ ଘେନି ଆସେ 'କ୍ରମାୟାତ ଆଁଧାରକେ ଆଲୋକିତ କରାଇ ପ୍ରମିତି ।' ଭିନ୍ନ ଭାବରେ କଥାଟିକୁ ବ୍ୟାଖ୍ୟା କରିଛନ୍ତି ଏରିକ ଫ୍ରମ୍, "The fean of freedom" ଗ୍ରନ୍ଥରେ "The basic affirmation contained in love is directed towards the beloved person an incarnation of essentially human qualities. Love for one person implies love for man as such." ଜଣକୁ ଭଲ ପାଇଲେ ସମସ୍ତଙ୍କୁ ଭଲ ପାଇ ହୁଏ, ଯହିଁରେ ଆତ୍ମାର ଆନନ୍ଦ ତାହାର ବିଶ୍ୱାତ୍ମୀୟତାର ସୀମା ନଥାଏ । ମଣିଷ ପ୍ରଥମେ ଜଣକୁ ହେଲେ ଭଲ ପାଉ । ପାଖରେ ପତ୍ନୀକୁ ।

Digitized by srujanika@gmail.com

# ପ୍ରାକ୍-ସ୍ୱାଧୀନତା କାବ୍ୟଚେତନା ପୃଷ୍ଠପଟ୍ଟରେ କବି ମାନସିଂହ

ପ୍ରଫେସର ନିତ୍ୟାନନ୍ଦ ଶତପଥୀ

ମାନସିଂହ ସବୁଜ ସମସାମୟିକ କବି ହେଲେବି ସବୁଜର ପ୍ରତିକ୍ରିୟାରେ ତାଙ୍କ କାବ୍ୟମାନସ ସଂଗଠିତ । ଏ ଆଭିମୁଖ୍ୟ ତାଙ୍କ ଲିଖିତ ପରଧର୍ମ ପ୍ରବନ୍ଧରେ ପ୍ରତିପାଦିତ ହୋଇଛି -

"ଏ ଦେଶରେ ଯେ କିଆ, ପୋଲାଙ୍ଗ ଫୁଟି ଝଡ଼ି ପଡୁଛି, ସେ ଖବର ନରଖି ଏମାନେ ଚାମେଲୀ, ଗୋଲାପ, ବେଲଫୁଲ ଓ ହାସ୍ନାହେନାର ଗନ୍ଧ ଆଣି ଆମକୁ ଶୁଙ୍ଘାଇଲେ । ସାଧବ ଝିଅ ନଈରେ ଗାଧୋଇଲା ବେଳେ ଛିଣ୍ଡି ପଡ଼ିଥିବା ବାରହାତ ଲମ୍ବ ବାଳକୁ ସୁନା ଫରୁଆରେ ପୂରେଇ ପାଣିରେ ଭସାଇ ଦେଇ ଅନାଇ ରହିଛି । ସେ ଦୃଶ୍ୟ କବିମାନେ ଦେଖିପାରୁନାହାନ୍ତି; ସେମାନେ ସବୁଜପରୀ ଓ ଆସ୍‌ମାନପରୀର ଦୃଶ୍ୟ ଆମକୁ ଦେଖାଉଛନ୍ତି" ।

(ପରଧର୍ମ-ସହକାର ୧୩/୧୧ ସଂ, ମାର୍ଚ୍ଚ ୧୯୩୩)

ଏଇ ପ୍ରତିକ୍ରିୟାରୁ ସ୍ୱାଭାବିକ ସେ ଓଡ଼ିଶାର ଗୌରବାବହ ପରଂପରା ଓ ଅତୀତ ଆଡକୁ ଆକୃଷ୍ଟ ହୋଇଛନ୍ତି । ଏପରି ଦୃଷ୍ଟିଭଙ୍ଗୀ ରୋମାଣ୍ଟିକ୍ ଚେତନାର ଅଂଶବିଷେଶ ହେଲେ ବି ମାନସିଂହ ରାଧାନାଥଙ୍କ ପରି ଅତୀତକୁ ନେଇ ଭ୍ରମାତ୍ମକ କଳ୍ପନିକ ଗଳ୍ପ ସୃଷ୍ଟି କରିନାହାନ୍ତି । ବରଂ ତାଙ୍କ ଉପରେ ସତ୍ୟବାଦୀର ପ୍ରଭାବ ଅକ୍ଷୁଣ୍ଣ ଥିବା ଉପଲବ୍ଧି ହୁଏ । ତେଣୁ ସାଧବ ଝିଅ ଠାରୁ କୋଣାର୍କ ବାଟଦେଇ ବାରବାଟୀ ପର୍ଯ୍ୟନ୍ତ ଜାତୀୟ ଜୀବନର ନାନାଦି ସ୍ମୃତିକୁ ସେ କବିତାରେ ରୂପାନ୍ୱିତ କରିଛନ୍ତି । କଳ୍ପନାର ଅତିରିକ୍ତତା ଅବଶ୍ୟ ତାଙ୍କୁ ଜଣେ ରୋମାଣ୍ଟିକ୍ କବି ଭାବେ ଚିହ୍ନାଏ । କିନ୍ତୁ କବିତାର ଭାବଭୂମି ଗଢ଼ି ଉଠେ ଜାତୀୟତାର ଅନୁପ୍ରେରଣାରୁ । ଫଳରେ ଏସବୁ କବିତାରେ ଅତୀତ ପ୍ରତି ଝୁରି ହେବାର ଭାବ ସହିତ ନିଃସାର ନିଃଶେଷିତ ବର୍ତ୍ତମାନ ପାଇଁ କାରୁଣ୍ୟ ମଧ୍ୟ ବାରି ହୋଇପଡ଼େ । ସବୁଜମାନେ

Digitized by srujanika@gmail.com

ଯେଉଁ ସମୟରେ ଓଡ଼ିଶାର ଜାତୀୟ ସ୍ୱପ୍ନ, ଆଙ୍କାଂକ୍ଷା ଓ ଆକୃତି ସହିତ ସାମିଲ୍ ହେବାକୁ ମାନସିଂକ କୁଣ୍ଠା ପ୍ରକାଶ କରିଛନ୍ତି ମାନସିଂହ ସେହି ସମୟରେ "ମହାନଦୀର ଜ୍ୟୋସ୍ନାବିହାର" କବିତାରେ ଲେଖିଛନ୍ତି –

"ହାୟରେ ଉତ୍କଳ ଭୂମି !ପ୍ରକୃତି ସୁନ୍ଦର
ମନ୍ଦାକିନୀ ସମ ନଦୀ, ଶିବସମ ଗିରି,
କାନନେ କେଦାରେ ଲକ୍ଷେ ଶୋଭାର ବହର
ଥାଉ ତୋର କହ କିଂପା ଏତେ ହତଶିରୀ ?
ଏ ସ୍ୱର୍ଗ ସୁଷମା ଯା'ର କରିବି ବିଶ୍ୱାସ
କେମନ୍ତେ କହଲୋ ତା'ର ଅନ୍ନର ଅଭାବ ?
ସୁରାଗମ ମୁଗ୍‌ଧକରେ ମୋରେ ଯା ନିଃଶ୍ୱାସ
ତା' ଦେହେ ସମ୍ଭବ କାହୁଁ ଦୁର୍ଦ୍ଦିନ ପ୍ରଭାବ ?"

ଏ କବିତାଟି ଉତ୍କଳ ସାହିତ୍ୟ ୩୩ ଭାଗ /୬ସଂ, ନଭେମ୍ବର ୧୯୨୯ରେ ପ୍ରକାଶ ପାଇଥିବାରୁ ସବୁଜମାନଙ୍କ ସମସାମୟିକ କବିତା ଓ କାବ୍ୟ ଚେତନା ଠାରୁ କେତେ ଦୂରବର୍ତ୍ତୀ ପାଠକ ମାତ୍ରେ ଅନୁଭବ କରିପାରିବେ । ଏହି ମର୍ମରେ ବିଭିନ୍ନ ସମୟରେ ରଚିତ 'ମା ଓଡ଼ିଶା', 'ଉତ୍ତିଷ୍ଠ ଉତ୍କଳ', 'ବନ୍ଦେଉତ୍କଳ ଜନନୀ', 'ବୋଇତ ବନ୍ଦାଣ', 'ତଅପୋଇ ବିଳାପ', 'ବିଜୟ ଲକ୍ଷ୍ମୀ' ଆଦି ଏହିପରି କିଛି କବିତା ସେତେବେଳେ ତାଙ୍କ ଜାତୀୟବାଦୀ ଚେତନାକୁ ସ୍ପଷ୍ଟ କରି ଦେଇଛି । ସବୁଜମାନେ ଯଦି ଏହିପରି କିଛି କବିତା ଲେଖିଥାନ୍ତେ ଆମ୍ଭମାନଙ୍କ ବନ୍ଦନୀୟ ହୋଇ ନଥାନ୍ତେ କି ? କାରଣ ଏହାହିଁ ଥିଲା ସେତେବେଳେ ପରାଧୀନ ଓଡ଼ିଶାର ଜାତୀୟ ଆଙ୍କାଂକ୍ଷା ଓ ଅଭିଳାଷ । କବିଏ ସେଥିପ୍ରତି ବା ଯୁଗର ଆହ୍ୱାନପ୍ରତି ଉଦାସୀନ ରହିଲେ ଯୁଗ କାହିଁକି ତାଙ୍କୁ ଯୁଗସ୍ରଷ୍ଟାର ସମ୍ମାନ ଦେବ ? ତେଣୁ ସବୁଜ ସମସାମୟିକ କବିଭାବେ ମାନସିଂହ ଓ ସେହି କ୍ରମରେ କୁନ୍ତଳା କୁମାରୀ, ରାଧାମୋହନ ଗଡ଼ନାୟକ, ଗୋଦାବରୀଶ ମହାପାତ୍ର ଓ କାନ୍ତକବି ଲକ୍ଷ୍ମୀକାନ୍ତ ପ୍ରମୁଖ କବିମାନେ ଏକକଭାବେ ବହୁ ବିପୁଳ ସଫଳତା ଓ ସ୍ୱୀକୃତିର ଅଧିକାରୀ ହୋଇନାହାନ୍ତି କି ? ପୁଣି ତାଙ୍କ

Digitized by srujanika@gmail.com

ସଶ୍ରଦ୍ଧ କବିଚେତନା ମଧ୍ୟକୁ ଓଡ଼ିଶାର ବହୁ ପୁଣ୍ୟକର୍ମା ମନୀଷୀ ସ୍ୱତଃ ପଶି ଆସିଛନ୍ତି । ସ୍ୱଭାବ କବି ଗୋପାଳକୃଷ୍ଣଙ୍କ ଠାରୁ ରାଧାନାଥ, ରାଜକୁମାର ଶୁଭେନ୍ଦ୍ର, ଗୋପବନ୍ଧୁ ଓ ଭାଗବତୀ ଚରଣଙ୍କ ସଂପର୍କରେ ରଚିତ କବିତା ତାଙ୍କ ବ୍ୟକ୍ତି ନିରାଜନର କାବ୍ୟିକ ଦୃଷ୍ଟିକୁ ମହିମାନ୍ୱିତ କରିଛି । ଏ ମନୀଷୀମାନେ ହିଁ ଏଇ ମାଟିର ବାଣୀକୁ ମୁଖର କରି ଯାଇଛନ୍ତି ଓ କବିପ୍ରାଣରେ ଛାଡ଼ିଯାଇଛନ୍ତି ସେମାନଙ୍କ ପାଇଁ ଗଭୀର ଶ୍ରଦ୍ଧାଶୀଳ ମମତ୍ୱବୋଧ ।

ଭାରତୀୟତା :- କବି ମାନସିଂହ କେବଳ ଓଡ଼ିଶାର ଜାତୀୟ ଭାବନା ଭିତରେ ନିଜ କାବ୍ୟ ପ୍ରୟାସକୁ ସୀମିତ ନରଖି କ୍ରମେ ମହାଭାରତୀୟ ଜାତୀୟ ସ୍ପନ୍ଦନ ମଧ୍ୟରେ ମିଶାଇ ଦେଇଛନ୍ତି । ପରିଣତ ବୟସରେ ମହାତ୍ମାଗାନ୍ଧୀ ଓ ସ୍ୱରାଜ୍ୟ ସଂଗ୍ରାମକୁ ନେଇ ରାଶିରାଶି କବିତା ରଚନା କରିଛନ୍ତି । ହୁଏତ ତାହା ମଧ୍ୟରୁ ଅନେକ କବିତା ପାଂକ୍ତେୟ ହୋଇନାହିଁ । କିନ୍ତୁ ସ୍ୱରାଜ୍ୟ ସଂଗ୍ରାମର ପୃଷ୍ଠଭୂମିରେ ବିରଚିତ 'କମଳାୟନ' କାବ୍ୟ ନିଶ୍ଚିତ ଭାବେ କାବ୍ୟ ବିଷୟର ନୂତନତା ଓ କରିକଳ୍ପନାର ପରିବ୍ୟାପ୍ତି ପାଇଁ ଓଡ଼ିଆ ସାହିତ୍ୟର ଇତିହାସରେ ଗୌରବପୂର୍ଣ୍ଣ ସ୍ଥାନ ଅଧିକାର କରିବ । ଏଠାରେ ତାଙ୍କର କାବ୍ୟଚେତନାର ସଂଚାର ପଥ ଦୂର ଅତୀତ ନୁହେଁ, ବରଂ ଜାତୀୟ ସଂଗ୍ରାମର ପୃଷ୍ଠଭୂମିରେ ନିଜ ସମୟର ଓ ସମାଜର ଚିତ୍ର କେତୋଟି ବାସ୍ତବ ଓ କାଳ୍ପନିକ ଚରିତ୍ର ମଧ୍ୟରେ ଆରୋପିତ ହୋଇଛି । ମାନସିଂହ ନିଜେ ଏ କାବ୍ୟ ସମ୍ପର୍କରେ କହିଛନ୍ତି - "ଜୀବନରେ ଯାହା ମହତ, ଯାହା ସୁନ୍ଦର ଓ ଯାହା ସତ୍ୟ ମୁଁ କେବଳ ତାହାର ଉପାସକ ଓ ଭକ୍ତ । କୌଣସି ଗୋଷ୍ଠୀ ଦଳ ବା ଇଜମ୍‌ର ପ୍ରଚାରକ ରୂପେ ଠିଆହେବା ମୋର ସ୍ୱାଭାବ ବିରୁଦ୍ଧ । ମୁଁ ମୋର 'କମଳାୟନ' କାବ୍ୟରେ ତାହାହିଁ ଦେଖାଇବାକୁ ଯାଇଛି ଯେ ଦଳ ବା ଦେଶ ଅପେକ୍ଷା ବ୍ୟକ୍ତି ଓ ମାନବ ବଡ଼ । ସେଥିପାଇଁ କମଳ ତା'ର ରାଜନୀତିକ ଦଳ ଛାଡି ବିରାଟ ମାନବ ଜାତିର ସେବାରେ ବାହାରି ପଡ଼ିଛି । କୌଣସି ଶ୍ଳୋଗାନ ମନୁଷ୍ୟର କଲ୍ୟାଣ ଆଣିପାରିବ ନାହିଁ ଯେପରି ଆଣିବ ବ୍ୟକ୍ତିର ଚାରତ୍ରିକ ଶୁଦ୍ଧତା, ନିଃସ୍ୱାର୍ଥପରତା, ସତ୍ୟପ୍ରତି ବିଶୁଦ୍ଧ ଅନୁରାଗ" । (ମୁଁ କାହିଁକି ଲେଖେ, 'ଡଗର' ୧୪/୧ସଂ-୧/୭/୧୯୫୦) ପ୍ରାକ୍-ସ୍ୱାଧିନତା କାଳରେ ଯେତେବେଳେ କବି

Digitized by srujanika@gmail.com

ରାଉତରାୟ, ଅନନ୍ତ ପଟ୍ଟନାୟକ ପ୍ରମୁଖ କବିମାନେ ବାମପନ୍ଥୀ ଚେତନା ଓ ମାର୍କ୍ସିଷ୍ଟ ମତବାଦକୁ ନେଇ କବିତା ଓ କାବ୍ୟ (ବାଜି ରାଉତ) ରଚନା କରୁଛନ୍ତି ମାନସିଂହ ସେତେବେଳେ ମଣିଷ ଜୀବନର ମହିମା ଗାନପାଇଁ କମଳ ଓ କରୁଣାର ପ୍ରେମ କାହାଣୀ ଓ ଦେଶସେବାର ଆନୁବ୍ରତ୍ୟକୁ ନେଇ ରଚନା କରୁଛନ୍ତି 'କମଳାୟନ'- କାରଣ ତାହାହିଁ ସେତେବେଳେ ଥିଲା ଆମ ଦେଶ ପାଇଁ ଖୁବ୍ ବଡ଼ ଆହ୍ୱାନ । ଜଣେ ଗାନ୍ଧୀଙ୍କ ଅହିଂସା ସଂଗ୍ରାମରେ ଦେଶର ଅନେକ ବଡ଼ ବଡ଼ ଚିନ୍ତାଶୀଳ ଲୋକ ଯୋଗ ଦେଇଥିଲେ ଓ ଭାରତ ସ୍ୱାଧୀନତା ଆଡ଼କୁ କ୍ରମେ ଆଗେଇ ଯାଉଥିଲା । ତେଣୁ କବି ମାନସିଂହଙ୍କ ଦୃଷ୍ଟିରେ ଶ୍ରେଣୀ ସଂଘର୍ଷ ଅପେକ୍ଷା ଗାନ୍ଧୀବାଦ ଓ ଭାରତର ସ୍ୱାଧୀନତା ସଂଗ୍ରାମ ଅଧିକ ଗୁରୁତ୍ୱବହନ କରିଥିଲା । ପୁଣି ତାଙ୍କ ଚେତନାରେ ଭାରତୀୟତା ବିଶ୍ୱ-ଆତ୍ମୀୟତାର ଦ୍ୱାର ଖୋଲିଦେବା ପାଇଁ ହୋଇ ଉଠୁଥିଲା ଉନ୍ମୁଖ । ତେଣୁ ଗାନ୍ଧୀ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ ଓ ଆଦର୍ଶରେ ପ୍ରଭାବିତ କମଳଲୋଚନ ଓ କରୁଣା ସେହି ମହାନ୍ ମାନବିକ ବାର୍ତ୍ତାକୁ ପ୍ରଚାର କରିବାକୁ ଭାରତ ବାହାରକୁ ଚାଲିଯିବା ଖୁବ୍ ତାତ୍ପର୍ଯ୍ୟର ବିଷୟ ନୁହେଁ କି ? ବୋଧହୁଏ ଏହାହିଁ କବି ମାନସିଂହଙ୍କର ମାନବ ସମାଜ ପାଇଁ ପ୍ରତିବଦ୍ଧତା ବୋଲି ଗ୍ରହଣ କରିବାକୁ ହେବ । କବି ଶ୍ରୀ ରାଉତରାୟ ଯଥାର୍ଥରେ କହିଛନ୍ତି- "ମାନସିଂହ ଥିଲେ ସେହି ମୂହୁର୍ତ୍ତ, ଯାହା ଏକ ଐଶ୍ୱର୍ଯ୍ୟମୟ ଅତୀତକୁ ଏକ ବିଚ୍ଛିନ୍ନ ଦୂରତ୍ୱରୁ ନିରୀକ୍ଷଣ କରିବାର ଆନନ୍ଦ ଓ ଅଭିମାନରେ ପୂର୍ଣ୍ଣ । ଅଥଚ ଯାହା ବର୍ତ୍ତମାନର ଯନ୍ତ୍ରଣା ଓ ଜଟିଳତାରୁ ଯଥାସମ୍ଭବ ବିଚ୍ଛିନ୍ନ ହୋଇ ରହିବାକୁ ନିଜର କାବ୍ୟତୀର୍ଥ ବୋଲି ମନେ କରି ଆସିଛି" । (କବି ମାୟାଧର ମାନସିଂହ-ଏକ ସ୍ୱପ୍ନ ପ୍ରୟାଣ-ମାନସିଂହ ପରିକ୍ରମା ପୃ-୧୭)

ଓଡ଼ିଶା ପ୍ରତି ଏକାନ୍ତି ଆତ୍ମୀୟତାରୁ ଓଡ଼ିଶାର ବିପୁଳଯଶା ମନୀଷୀ କେତେଜଣଙ୍କୁ ନେଇ ଯେଉଁପରି ସେ କେତୋଟି କବିତା ରଚନା କରିଥିଲେ ଭାରତପ୍ରତି ତାଙ୍କର ଉଚ୍ଛ୍ୱସିତ ଦେଶପ୍ରାଣତାର ନିଦର୍ଶନ ସ୍ୱରୂପ 'ଅଗ୍ରଣୀ ଭାରତ', 'ଭବିଷ୍ୟତ ଭାରତ ବର୍ଷ', 'ରହ ଭାରତୀୟ' ଓ 'କମଳାୟନ' କାବ୍ୟ ସମେତ ଗାନ୍ଧୀ, ରବୀନ୍ଦ୍ରନାଥ ଓ ବିନୋବାଙ୍କ ପ୍ରତି ଅନ୍ତରର ଗଭୀର ଶ୍ରଦ୍ଧା ନିବେଦନରେ

Digitized by srujanika@gmail.com

କେତୋଟି କବିତା ରଚନା କରିଛନ୍ତି । ଏପରି କାବ୍ୟର ଚେତନାରେ ସବୁଜ ଠାରୁ କବି ମାନସିଂହ ଯେ ଏକାନ୍ତ ଦୂରବର୍ତ୍ତୀ ଏକଥା ଦୁହାଇ କହିବାର ଆବଶ୍ୟକତା ନାହିଁ ।

ମାନସିଂହଙ୍କ ପ୍ରେମ କବିତାକୁ ଓ ପ୍ରକୃତି ଚେତନା ସମ୍ବଳିତ କବିତାକୁ ଲକ୍ଷ୍ୟକରି ଅନେକେ ତାଙ୍କୁ ରୋମାଣ୍ଟିକ୍ କବି ଭାବେ ଚିହ୍ନିତ କରିଥାନ୍ତି । କିନ୍ତୁ ଯେଉଁ ଦୃଷ୍ଟିରୁ ସବୁଜମାନେ ରୋମାଣ୍ଟିକ୍ ମାନସିଂହ ସେହି ଦୃଷ୍ଟିରୁ ରୋମାଣ୍ଟିକ୍ ନୁହନ୍ତି । ସବୁଜ କବିମାନେ ଯୌବନରେ ତାଡ଼ନାରେ ଏକ ଅବାସ୍ତବ ପରୀରାଜ୍ୟକୁ ପଳାୟନ କରିଛନ୍ତି । ନିଜେ ଅନ୍ନଦା ଶଙ୍କର ତାଙ୍କ 'ପରୀମହଲ' କବିତାରେ ସବୁଜପରୀର ଆଗମନୀ ପାଇଁ ସ୍ୱାଗତିକା ରଚନା କରିଛନ୍ତି ଏବଂ ଦୂରବର୍ତ୍ତୀ ନୈରାଜ୍ୟକୁ ପଳାୟନର ପ୍ରୟାସ ରଖିଛନ୍ତି-

"ସବୁଜପରି, ଆସ/ପତ୍ର ରହେ କାନ ଡ଼େରି/ଉର୍ଦ୍ଧ୍ୱେ ଚାହେଁ ଘାସ
ଶୀତ ଗଲା ବନେ ବନେ ପଲ୍ଲବ ଝଡ଼ାଇ/ଉତ୍ତରା ପବନେ ତାର ଉତ୍ତରୀ ଉଡ଼ାଇ
ଦିଗେ ଦିଗେ ସଂଚରିଲା ଶୁଷ୍କତାର ଶ୍ୱାସ/ସବୁଜପରି, ଆସ ।
ଯୌବନର ମନ୍ତ୍ରେ ସଖି; ଜୀର୍ଣ୍ଣ ଜରା ନାଶ" । କିମ୍ବା
"ଚାଲ ପଳାଇ ଯିବା ସୁଦୂରେ
ସପନଲୋକେ ଗୋପନପୁରେ ଗ୍ରହତାରକା ଏଡ଼ାଇ
ଯୌବନର ଝରଣା କୂଳେ ମଳୟ ନାହିଁ ନିୟତ ଝୁରେ/କୁସୁମ କେତୁ ଉଡ଼ାଇ ।"

ତାଙ୍କରି ପ୍ରଭାବରେ କବି ବୈକୁଣ୍ଠନାଥ ମଧ ତାଙ୍କ ପ୍ରଣୟୀର ସ୍ୱପ୍ନ କବିତାରେ ଏକ କାଳ୍ପନିକ ନୈରାଜ୍ୟର ସ୍ୱପ୍ନ ଦେଖିଛନ୍ତି-

ଯହିଁ ସଂଧ୍ୟା ସ୍ନିଗ୍ଧ ଅଳସ ନୟେନ ଚାହେଁ
ଯହିଁ ମଳୟ ଅସୀମ ପ୍ରଣୟର ଗୀତ ଗାଏ
ଯହିଁ ନିତ୍ୟ ନବୀନ ଯୌବନ ବୀଣା ବାଏ
ସେ ଦେଶେ ଯିବି ମୁଁ ସେ ଦେଶେ ଯିବି"।

ତେଣୁ ନିକଟବର୍ତ୍ତୀ ପୃଥିବୀକୁ ଏକ ମୃତଦେଶ ମନେକରି କଳ୍ପନାରେ ଅନ୍ୟ ଏକ

Digitized by srujanika@gmail.com

ରାଜ୍ୟକୁ ଉଡ଼ିଯିବାକୁ ବ୍ୟଗ୍ର ହୋଇ ଉଠିଛନ୍ତି ବୈକୁଣ୍ଠନାଥ-

"କଳ୍ପନା ଚାଲ ପବନ ସହିତେ, ଏଇ ମୃତଦେଶେ ଜୀବନ ନାହିଁ ଗୋ ଜୀବନ ନାହିଁ" । (ନବ ବର୍ଷ ସଂଗୀତ) । କବି କାଳିନ୍ଦୀଚରଣଙ୍କ କବିତାରେ ଏହି ଦୂରସଂଚାରୀ ସ୍ୱପ୍ନ ଅତୀତ ବିଧୁରତାର ଆଭିମୁଖ୍ୟ ନେଇ ଠିଆ ହୁଏ ତାଙ୍କ 'ଲୋହିତ ବ୍ୟଥା' କବିତାରେ ।

"ଦୂର ଅତୀତର ଶୁଭୁଥିଲା ଭାଷା/କି ଗହଳ ବ୍ୟଥା ଦୁରନ୍ତ ଦୂରାଶା
ସଂଧ୍ୟା ସୁନ୍ଦରୀ ସ୍ୱର୍ଣ୍ଣ ମେଘର ରଥେ/ସଜଳ ନୟନେ ଚାହିଁ ଥିଲା ବନ ପଥେ ?"

ମୋଟ ଉପରେ ସବୁଜ କବିମାନେ ଯେତେବେଳେ ଏକ କାଳ୍ପନିକ ବାୟବୀୟ ସ୍ଥିତି ପାଇଁ ମନରେ ସ୍ୱପ୍ନ ଓ ଆକୁଳତା ପ୍ରକାଶ କରୁଥିଲେ ସେମାନଙ୍କୁ ରୋମାଣ୍ଟିକ୍ କହିବା ଛଡ଼ା ଅନ୍ୟ କିଛି ପରିଭାଷା ନାହିଁ । କିନ୍ତୁ ମାନସିଂହ ଯେଉଁଠି ତାଙ୍କ କବିତାରେ ଅତୀତ ଆମୁଖତା ଦେଖାଇଛନ୍ତି ତାହା ସ୍ୱପ୍ନ ପ୍ରୟାଣ ନ ହୋଇ ଜାତୀୟ ଭାବନାର ବେଦନାଦାୟକ ଚିତ୍ର ବହନ କରିଛି । ହେଲେହେଁ କୁତ୍ରାପି ସେ ନିକଟକୁ ଉପେକ୍ଷା କରି ଦୂରବର୍ତ୍ତୀ କାଳ୍ପନିକ ଭୂମିପ୍ରତି ଆକୃଷ୍ଟ ହୋଇନାହାନ୍ତି । ସବୁଜ କବିମାନଙ୍କ ପରି ସେ ପ୍ରେମ ଓ ଯୌବନର ଉପାସନା ନିଶ୍ଚୟ କରିଛନ୍ତି- କିନ୍ତୁ ସେ ପ୍ରେମ ଓ ଯୌବନ-ପୂଜା ବାସ୍ତବତାର ଭାବଭୂମି ଉପରେ ପିଣ୍ଡିତ । ତେଣୁ କବିତା ସବୁଜ କବିତା ପରି ସମ୍ପୂର୍ଣ୍ଣ ରୂପେ ବାସ୍ତବତା ବିରହିତ ନୁହେଁ । ଧରନ୍ତୁ 'ହେମଶସ୍ୟ'ରେ ସେ ଯେଉଁ ପ୍ରିୟଭୂମିର ସ୍ୱପ୍ନରେ ଅବଗାହାନ କରିଛନ୍ତି ତାହା କାଳ୍ପନିକ ପରୀରାଜ୍ୟ ନୁହେଁ ବରଂ ସମୁଦ୍ର ବେଳାରେ ବିସ୍ତୀର୍ଣ୍ଣ ଦିଗମ୍ବରା ପ୍ରକୃତିକୁ ଦେଖି ସେ ମନ୍ତ୍ରମୁଗ୍ଧ ହୋଇ ଗାଇ ଉଠିଛନ୍ତି –

"ବିସ୍ତୀର୍ଣ୍ଣ ପ୍ରକୃତି ଯହିଁ ଦିଗମ୍ବର ବେଶେ
ବୃକ୍ଷହୀନ-ହେମକାନ୍ତ-ସିକତା ବିସ୍ତାରେ
ମହୋଦଧି ତଟ ପ୍ରାନ୍ତେ । ସିନ୍ଧୁ ସିକତାରେ
କ୍ରୀଡ଼ନ୍ତି ନିଶୀଥେ ଯହିଁ ଜଳ କନ୍ୟାଗଣ
କିଆକୁଞ୍ଜେ ଲୁଚକାଳି, କୋମଳ ଚରଣ

Digitized by srujanika@gmail.com

ବୁଡ଼େ ନାହିଁ ବାଲୁକାରେ । ବର୍ଷାରମ୍ଭେ ତହିଁ
ପୁନ୍ନାଗ କୁସୁମ ଗଂଧ ପ୍ରାଣ ଦିଏ ଦହି
ବିରହୀ ତରୁଣଙ୍କର । କ୍ଷୁବ୍‌ଧ ପାରାବାର
ଢ଼ାଳେ ଚୂର୍ଣ୍ଣ-ମଣି-ଚୂଡ଼ ଦୀର୍ଘ ଉର୍ମିବାର
ସେ ଭୂମିର ପଦତଳେ; ତା' ଗୁରୁ ଗର୍ଜନ
ରଚେ ତହିଁ ଶାଶ୍ୱତିକ ମୃଦଙ୍ଗ ଘୋଷଣ ।"

'ପ୍ରିୟଭୂମି' (ହେମଶସ୍ୟ)

ଏଠି କଳ୍ପନା ନାହିଁ କହିଲେ ଠିକ୍ ହେବ ନାହିଁ, କିନ୍ତୁ କଳ୍ପନା ଯେପରି ବାସ୍ତବତା ସହିତ କବି ମାନସରେ ବିଜଡ଼ିତ ହୋଇ ରହିଛି-କବିର ଚେତନା ବେଦୀରେ ପ୍ରତିଷ୍ଠା ଲୋଡୁଛି । କୋଣାର୍କର ଭଗ୍ନ ମନ୍ଦିର ଗାତ୍ରରୁ ମୃଦଙ୍ଗ ମୁରଜ ବାଦିନୀ ସୁନ୍ଦରୀ ତନ୍ୱୀ ସୁକୁମାରୀମାନେ ରାକାନିଶୀଥରେ ଉଲ୍ଲସିତ କୌଳୁସରେ ନୃତ୍ୟ ରଚନା କରିବା ଓ ସାଗର ଅପ୍ସରୀ ସେମାନଙ୍କ ସହିତ ଆସି ମିଳିତ ହେବା ସେହିପରି ଉଦ୍‌ଭଟ ପରିକଳ୍ପନା ହେଲେବି ଭଗ୍ନ ମନ୍ଦିରକୁ ନେଇ ତାଙ୍କର କାରୁଣ୍ୟ ତାଙ୍କୁ ରୋମାଣ୍ଟିକ୍ ବାସ୍ତବବାଦୀ କବି ଭାବେ ପରିଚିତ କରେ । ମାନସିଂହଙ୍କ ବିଷାଦବୋଧ ଜାତୀୟ ଜୀବନର ଦୁର୍ଗତିରେ ସଂଗଠିତ-ସେଠି ନିରୁତା ରୋମାଣ୍ଟିକ୍ କବିର ବ୍ୟକ୍ତିଗତ ବିଷାଦବାଦ (melancholy) ନାହିଁ କିମ୍ବା ସବୁଜ କବିମାନଙ୍କ ପରି ପରିଦୃଶ୍ୟମାନ ପରିସ୍ଥିତିକୁ ଅସ୍ୱୀକାରର ଉତ୍‌କଣ୍ଠା ନାହିଁ । ସବୁଜମାନଙ୍କୁ ସେଥିପାଇଁ ରୋମାଣ୍ଟିକ୍ କାବ୍ୟାଦର୍ଶର ଶେଷ ଦୀପଶିଖା ଭାବେ ଚିହ୍ନିତ କରାଯାଇଛି ଅଥଚ କବି ମାନସିଂହ ସମସାମୟିକ ଭାବେ ଲେଖୁଥିଲେବି ତାଙ୍କ କବିତାରେ ରୋମାଣ୍ଟିକ୍ ବିଷାଦବାଦ ପରିବର୍ତ୍ତେ ରୋମାଣ୍ଟିକ୍ ବାସ୍ତବତାର ସ୍ୱର ପ୍ରକଟିତ ହୋଇ ଉଠୁଛି । ଏହାହିଁ ତାଙ୍କୁ ସବୁଜ କବିମାନଙ୍କ ଠାରୁ ନିରାପଦ ଦୂରତ୍ୱରେ ଅବସ୍ଥାପିତ କରି ଓଡ଼ିଶା-ମନସ୍କ କରିପାରିଛି ।

ଆଗରୁ ସୂଚନା ଦେଇଛି ପ୍ରେମାନ୍ୱେଷଣରେ ସବୁଜ କବିମାନେ ନିତ୍ୟ ପ୍ରାତ୍ୟହିତକତା ଓ ନିକଟବର୍ତ୍ତୀ ସତ୍ୟକୁ ଉପେକ୍ଷା କରି ଦୂରବର୍ତ୍ତୀ ସ୍ୱପ୍ନରେ ପ୍ରମତ୍ତ ହୋଇଛନ୍ତି । କବିମାନସିଂହ ତାଙ୍କ ଆଦ୍ୟ ତରୁଣ୍ୟରେ ଲେଖିଥିବା 'ତରୁଣ କବିର

Digitized by srujanika@gmail.com

ଆଶା' (ଉ.ସା. ଏପ୍ରିଲ ୧୯୨୮) ରେ ସେମିତି କିଛି ଚିନ୍ତାଧାରା ଯେ ପୋଷଣ କରିନାହାନ୍ତି, ତା' ନୁହେଁ ।

"ଭାବିଥିଲି ଯିବି ଅସୀମ ପଥେ
ସୁରଭି ଶୀତଳ ମଳୟ ରଥେ
କୁସୁମ ଫଗୁଳ ଫଗୁଣ-ପୁରେ / ବାହି ଗୋ ଦୂରେ"

କିନ୍ତୁ ପରେ ପରେ ସଚେତନ ହୋଇ ବାସ୍ତବତାର ଉପଲବ୍ଧି କରିଛନ୍ତି । ତେଣୁ ସେଇ କବିତାରେ ପୁଣି ଲେଖିଛନ୍ତି-

"ଭାବିଥିଲି ଦୂରି ମଣିଷପ୍ରାସ
ମଧୁର କରିବି ଧରଣୀ ବାସ
ଏକଇ ଆବେଶେ, ଜୀବର ହିତେ / ଧରଣୀ ପୀଠେ ।"

ସେଇଠି କିନ୍ତୁ ସଶରୀର ବାସ୍ତବ ନାରୀର ପ୍ରୀତି ତାଙ୍କୁ କରିଛି ମାଟି-ମନସ୍କ । ଯେଉଁ ପ୍ରେୟସୀର ସାନ୍ନିଧିରେ ସେ ପୃଥିବୀର ବାଧାବିଘ୍ନକୁ ଅତିକ୍ରମ କରି ଯିବାକୁ ପ୍ରୟାସ ରଖିଛନ୍ତି ପରେ ପରେ ବାସ୍ତବତାକୁ ଉପଲବ୍ଧି କରି ସେ ମଧ କହିଛନ୍ତି-

ହାଇରେ ତରୁଣ କବିର ଆଶା
ଏଡ଼େ ବିରାଟ ସେ, ପାଏକି ଭାଷା
ଆକାଶ ବସୁଧା କେତେ ସେ କରେ/ନିମିଷକରେ ।"

ତେଣୁ ସବୁଜର କାବ୍ୟସ୍ୱରକୁ ରୋମାଣ୍ଟିକ୍ ବିଳାସ କୁହାଗଲେ ଏ କାବ୍ୟସ୍ୱରକୁ ରୋମାଣ୍ଟିକ୍ ବାସ୍ତବତା ବୋଲି କହିବାକୁ ହେବ । ନିଜ କଥା ତୁଳାଇ ପାରୁ ନଥିବା ଗରିବ କବିଟିଏ ତା ବ୍ୟକ୍ତିଗତ କରୁଣ ସ୍ଥିତି ପ୍ରତି ଏତେ ସଚେତନ ଯେ ସେ କହିବାକୁ ଦ୍ୱିଧା ରଖିନି ଜଗତର ବ୍ୟଥା ଦୂରେଇବା ଓ ଧରାରେ ସ୍ୱର୍ଗ ସୃଷ୍ଟି କରିବା ତା'ପାଇଁ ସୁଦୂର ସ୍ୱପ୍ନମାତ୍ର । ତା'ର କଳ୍ପନା ଓ ବିଚାର ଏତେ ବଡ଼ ଯେ ସେଥିପାଇଁ ସେ ଭାଷା ପାଏ ନାହିଁ । 'ଧୂପ' ସଂସ୍କରଣର ଶେଷ କବିତା 'ପ୍ରେମ ଓ ମୃତ୍ୟୁ'- ଯେଉଁ କବିତାରେ କବି ଆଉଥରେ ରୋମାଣ୍ଟିକ୍ ସ୍ୱପ୍ନ ଦେଖିଛନ୍ତି-

"ଶୁଣିବ ଯେବେ ପ୍ରିୟା ଗୋ ମୋର

Digitized by srujanika@gmail.com

ପ୍ରଣୟୀ ତବ ଜଗତେ ନାହିଁ
ଆସିବ ମୋର ଭସ୍ମ ପାଶେ
ଦେବ ସେ ତା'ର ଦେହର ଛାଇ
ପାରିବ ଯଦି ଭସ୍ମପରେ
ପଦ୍ମପାଦ ଚାଳିବ ଧୀରେ
ଜୀବନ ପୁଣି ଲଭିବି ସଖି,
ନିଶ୍ଚୟ ମୁଁ ମରଣ ପରେ ।"

ଖୁବ୍ ଦୂରବର୍ତ୍ତୀ ସ୍ୱପ୍ନଟିଏ ନିଶ୍ଚୟ । ମୃତ୍ୟୁପରେ ଆଉଥରେ ଜୀବନଧରି ଫେରି ଆସିବା ଅସମ୍ଭବ ବ୍ୟାପାର । ଏଇ ଦୁଇଟି କବିତାକୁ ଛାଡ଼ି ଦେଲେ 'ଧୂପ'ର ଅନ୍ୟ କୌଣସି କବିତାକୁ ରୋମାଣ୍ଟିକ୍ କୁହାଯାଇପାରିବ ନାହିଁ ବୋଲି ମୋର ଦୃଢ ବିଶ୍ୱାସ । ଅବଶ୍ୟ ଏ ପ୍ରେମରେ କେତେବେଳେ କେତେବେଳେ ଆଦର୍ଶର ପରିପ୍ରଚାର ନ ଘଟିଛି ନୁହେଁ, ତଥାପି ତାକୁ ରୋମାଣ୍ଟିକ୍ କହିହେବ ନାହିଁ । ତା'ହେଲେ ସବୁଜ କବିମାନଙ୍କ ଠାରୁ ନିଜର ପ୍ରେମଭାବନା, ପ୍ରଣୟ ଭାବନା, ଚିନ୍ତା ଓ ଚେତନାରେ କବି ମାନସିଂହ ଏତେ ସ୍ୱତନ୍ତ୍ର ଓ ନିଆରା ଜଣା ଯାଆନ୍ତେ ନାହିଁ । ଏଇ ଦୃଷ୍ଟିରୁ ମାନସିଂହଙ୍କ ପଲ୍ଲୀ କବିତାର ସ୍ୱରୂପ ଉଦ୍‌ଘାଟନ ପ୍ରାସଙ୍ଗିକ ହେବ ନିଶ୍ଚୟ ।

ସବୁଜର ପ୍ରତିକ୍ରିୟାରେ ତାଙ୍କ କାବ୍ୟମାନସ ସଂଗଠିତ ବୋଲି ଆଗରୁ ସୂଚନା ଦିଆଯାଇଛି । ସବୁଜ କବିମାନେ ପଲ୍ଲୀ ବହୁଳ ଓଡ଼ିଶାର ବିପୁଳ ଜୀବନଗାଥା ଓ ରୂପବିଭବକୁ ଭୁଲି ସୁଦୂରର ଆକର୍ଷଣରେ ଉଚ୍ଛ୍ୱସିତ ହୋଇ ଉଠିଥିଲେ । ଅବଶ୍ୟ ସେମାନଙ୍କ ବହୁପୂର୍ବରୁ କବି ନନ୍ଦକିଶୋର ପଲ୍ଲୀର ଐଶ୍ୱର୍ଯ୍ୟମୟ ସୌନ୍ଦର୍ଯ୍ୟକୁ ଦେଖି ନାନାଦି ସ୍ୱପ୍ନ ଓ କଳ୍ପନାର ଚିତ୍ର ଅଙ୍କନ କରିଥିଲେ । କବି ମାନସିଂହ କିନ୍ତୁ ପ୍ରଥମରୁ ପଲ୍ଲୀର ଦୁଃଖଦ ସ୍ଥିତିପ୍ରତି ଦୃଷ୍ଟିପାତ କରିଛନ୍ତି । କିନ୍ତୁ ରୋମାଣ୍ଟିକ୍ କାବ୍ୟଚେତନାର ଭାଷାରେ ସେ ଅତୀତ ବିଧୁର ନୁହନ୍ତି ବରଂ ଅତୀତ ଆମୁଖ ବୋଲି କହିବାକୁ ହେବ । ପଲ୍ଲୀର ଅଗଣିତ ଦୁଃଖ ଦୁର୍ଗତିର ଚିତ୍ର ପ୍ରଦାନ ବେଳେ ସେ ମଣିଷମାନଙ୍କ ଅସହାୟତା ସହିତ ଆତ୍ମୀୟତା ସ୍ଥାପନ କରିଛନ୍ତି, ସେମାନଙ୍କୁ ଅଜସ୍ର ସହାନୁଭୂତି ଜଣାଇଛନ୍ତି । 'ରେଙ୍ଗୁନ ଚିଠି', 'ବର୍ଷା ସଂଧ୍ୟା', 'ଘରପଶା',

Digitized by srujanika@gmail.com

'ବିଲଲକ୍ଷ୍ମୀ',ନଷ୍ଟପଲ୍ଲୀ, ଆଦି 'ମାଟିବାଣୀ'ରେ ସଂକଳିତ କବିତାଗୁଡ଼ିକ ବସ୍ତୁତଃ ମାଟିର ପ୍ରାଣଉଚ୍ଛଳ କାରୁଣ୍ୟର ବାଣୀ । 'ଜେମା' କାବ୍ୟ (୧୯୩୭ ରେ ଲିଖିତ ୧୯୪୭ରେ ପ୍ରକାଶିତ) ସାମଗ୍ରିକଭାବେ ଏଇ ଦୃଷ୍ଟିଭଙ୍ଗୀର ପ୍ରତିନିଧିତ୍ୱ କରେ । ପଲ୍ଲୀର ବର୍ଷକାଳୀନ ଦୃଶ୍ୟ ବର୍ଣ୍ଣନାରେ ତଥା ପଲ୍ଲୀର ଶ୍ୟାମଳ ପ୍ରାନ୍ତର ତଥା ପ୍ରକୃତିର ବିପୁଳ ବିଭୂତିର ଚିତ୍ରରେ ସେ ଅଗ୍ରଜ କବି ନନ୍ଦକିଶୋରଙ୍କ ପଦାଙ୍କ ଅନୁସରଣ କରିଥିଲେ ମଧ ପଲ୍ଲୀଚିତ୍ରର ପ୍ରାଣପ୍ରାଚୁର୍ଯ୍ୟ ତାଙ୍କ କବିତାରେ ପ୍ରକାଶ ପାଇନାହିଁ । କାରଣ ସେ ପଲ୍ଲୀର ଅଗଣିତ ସମସ୍ୟାପ୍ରତି ସଚେତନ ହୋଇ ଉଠିଛନ୍ତି ଏବଂ ଏହି ସଚେତନତା ତାଙ୍କ କାବ୍ୟସ୍ୱରକୁ ବେଦନା ବ୍ୟଥିତ କରିଛି । ସାହୁକାରର ଶୋଷଣ ଓ ସେଥିରୁ ଆତ୍ମରକ୍ଷା କରିବାକୁ ପଲ୍ଲୀ କୃଷକ ଓ ଦରିଦ୍ର ଜନତାର ବିଷାଦପୂର୍ଣ୍ଣ ମୁହୂର୍ତ୍ତର ଚିନ୍ତାରେ ତାଙ୍କ କବିତାର ମାନବବାଦୀସ୍ୱର ସତ୍ୟବାଦୀ କାବ୍ୟସ୍ୱର ସହିତ ସମତା ରକ୍ଷା କରେ । କେତେ ଗୋକୁଳି ନାଏକ ଓ ଦୀନା ପ୍ରଧାନଙ୍କ କାତର ଦୃଷ୍ଟି କବିର ସମମର୍ମୀ ଅନ୍ତରକୁ ଥରାଇଦିଏ । ପୁଣି ସେଇ ଶୋଷଣ ପିଷ୍ଟ ଜୀବନକୁ ଶ୍ୟାମଳ ଧାନକ୍ଷେତ ଓ ପକ୍ୱ ଶସ୍ୟର ମୋହ ମୁହୂର୍ତ୍ତକପାଇଁ ଆନନ୍ଦମୁଖର କରେ ମଧ । ସେଇଠି କେତେ ପୁନିଅଁ ପରବ, କେତେ ବୋଇତ ବନ୍ଦାଣର ସାଂସ୍କୃତିକ ପଦଚିହ୍ନ, କେତେ ଆନନ୍ଦ ଉତ୍ସାହର କଳରବ ପୁଣି କୁଟିଳ ପ୍ରକୃତିର କ୍ରୂର ଦୃଷ୍ଟିରେ ନଷ୍ଟ ପକ୍ଷ ମୈନାକପରି ସେଇ ପଲ୍ଲୀର ବାତ୍ୟା ବିଧ୍ୱସ୍ତ ଶ୍ମଶାନିତ ବିରୂପ ମଧ ତାଙ୍କ କବିତାରେରୂପନିଏ । ସେଠି ଗ୍ରାମଦାଣ୍ଡରେ ଶିଶୁର କ୍ରୀଡ଼ା, ଗ୍ରାମ୍ୟ ନାରୀର ନିତିଦିନିଆ ଝଗଡା, ମାଟି ସଙ୍ଗେ ମାଟି ହେଉଥିବା କୃଷକର ଚିରନ୍ତନ ଜୀବନ ସଂଗ୍ରାମ, ଭୋଜିଭାତ, ଗୀତ ଓ ଭାଗବତ ସବୁ ଯେପରି ନିସ୍ତବ୍ଧ ହୋଇଯାଏ । ପଲ୍ଲୀର ନିରୀହ ମଣିଷଟି ବିଚରା ପ୍ରକୃତିର ତାଣ୍ଡବ ଦେଖି ଦେଖି ଭଗବାନଙ୍କୁ ହିଁ ସ୍ମରଣ କରୁଥାଏ । ଚିଲିକାର ଜଳାବର୍ତ୍ତ ମଧରେ ଅବସ୍ଥିତ ଦ୍ୱୀପପୁଞ୍ଜରେ କବି ଆଜନ୍ମରୁ ଯୌବନ ପର୍ଯ୍ୟନ୍ତ ବହୁ ବର୍ଷ ଅତିବାହିତ କରି ବହୁ ଦୁର୍ଲଭ ଅନୁଭୂତି ସଂଗ୍ରହ କରିଥିଲେ । ସେଇ ଅନୁଭୂତି ମଧରେ ସମାଜ ପରିତ୍ୟକ୍ତା ନାରୀ ଓ ବୈଧବ୍ୟ ବରଣ କରିଥିବା ନାରୀର ଶୋକାୟିତ ମୁହୂର୍ତ୍ତମାନ ମଧ ପ୍ରତିଫଳିତ ହୋଇଅଛି । ଠାଏଠାଏ ତାଙ୍କ କବି ଆତ୍ମାର ଆକୁତି ଓ ବିଦ୍ରୋହ କିପରି ପ୍ରକାଶ

Digitized by srujanika@gmail.com

ପାଇଛି ଗୋଟିଏ ଉଦାହରଣରୁ ତାହା ସ୍ପଷ୍ଟ ହେବ । ଅବଶ୍ୟ ଭାବଭୂମି ସହିତ ବାସ୍ତବତାର ଚମତ୍କାର ସହାବସ୍ଥାନରେ 'ମାଟିର ସତୀତ୍ୱ' କବିତାଟି ଖୁବ୍ ଆବେଦନକ୍ଷମ ହୋଇ ଉଠିଛି ।

"ରାଜ ଅତ୍ୟାଚାରରେ ପ୍ରପୀଡିତ କୌଣସି ଗରିବ ଚାଷୀ ଗ୍ରାମ ଓ କ୍ଷେତ ଛାଡ଼ି ଚାଲିଯାଏ । ଅନେକ ଦିନ ପରେ ଭିଟାମାଟି ଓ ଜନ୍ମଭୂମିର ମମତାମୋହରେ ଫେରିଆସି କୃଷକଟି ଦେଖେ ଯେ ପ୍ରଚୁର ଫସଲରେ ତା' କ୍ଷେତ ଫାଟି ପଡୁଛି ରାଜାର ଚାଷୀ ପ୍ରଚୁର ସାର ଦେଇ ତା' ଠାରୁ ଯଥେଷ୍ଟ ଅଧିକ ଫଳାଇ ପାରିଛି । ଚାଷୀର-ମନେହେଲା-ଏ ବସୁଧା ଗୋଟିଏ ଗଣିକା । ସେ ନିର୍ବିଚାରରେ ସମସ୍ତଙ୍କୁ ତା' ଦେହ ଦାନ କରିପାରେ । ଯେ ରଖିଲା ସେ ତାଆରି, ପୁରାତନ ପ୍ରିୟ ମଣିଷକୁ ପୂରାପୁରି ପାଶୋରି ବସେ ।"

ଏଇ ପ୍ରତିକ୍ରିୟାରୁ ତାଙ୍କ କବିତାରେ ପରେ ପରେ ଅଧଃପତିତ ଅବହେଳିତ ଶ୍ରେଣୀପ୍ରତି ପ୍ରଚୁର ସହାନୁଭୂତିର ଚିତ୍ର ଉତ୍କୀର୍ଣ୍ଣ ହୋଇଛି । ରିକ୍ସାବାଲା, ମଜ୍‌ଦୂର, କୃଷକ, ବଢ଼େଇ, କିରାଣି, କଳାକାର, ସ୍କୁଲଶିକ୍ଷକ ପରି ଆର୍ଥନୈତିକ ବୈଷମ୍ୟ ତଳେ ସମାଜର ନିତ୍ୟପେଷିତ ଏଇ ତଳିଆଜୀବମାନେ ତାଙ୍କ କବିତାରେ ଜୀବନ୍ୟାସ ନେଇଛନ୍ତି । ସେମାନଙ୍କ ପ୍ରତି କବିକଣ୍ଠର ଦରଦ ଓ ଆତ୍ମୀୟତା ପ୍ରକୃତରେ ଏକ ବିସ୍ମୟର ବ୍ୟାପାର । ଏ କବିତାଗୁଡ଼ିକ ପାଠକଲେ ସ୍ୱତଃ ମନେହେବ ଏ ରଚନା 'ଧୂପ' ବା 'ସାଧବଝିଅ' ପ୍ରଣେତା କବିଙ୍କର ସ୍ୱର ନୁହେଁ-ଆଉ କୌଣସି ବାସ୍ତବବାଦୀ ବା ସାମ୍ୟବାଦୀର ଏ ସ୍ୱର । ଅଥଚ ସେତେବେଳକୁ କବି ସଚ୍ଚିଦାନନ୍ଦଙ୍କ କବିତାରେ ସମାଜର ଏଇ ବୈଷମ୍ୟ ବିରୁଦ୍ଧରେ ଉଗ୍ର ଅବତାରଣା ତଥାପି ସ୍ପଷ୍ଟ ହୋଇ ନଥାଏ । ଏସବୁକୁ ୧୯୩୪-୩୫ରେ ଲିଖିତ କବିତା ବୋଲି ନିଜେ କବି ସୂଚନା ଦେଇଛନ୍ତି-ଯଦିଓ କବିତାଗୁଡ଼ିକର ପ୍ରକାଶକାଳ ୧୯୪୨ । ଏପରି କାବ୍ୟଚେତନା ସମୟର ସ୍ପନ୍ଦନ ତଥା ତାଙ୍କ ପ୍ରଣୟମୂଳକ କବିତାର ବାହ୍ୟ ପ୍ରତିକ୍ରିୟାରେ ସଂଗଠିତ ହୋଇଥିବା ଅନୁମାନ କରାଯାଇପାରେ । ତେଣୁ ଏକ ସାମୟିକ ଉଚ୍ଛ୍ୱାସ ଭାବେ ମାନସିଂହଙ୍କ ଯୁବସୁଲଭ ଚେତନାରେ ଥରକପାଇଁ ମାତ୍ର

Digitized by srujanika@gmail.com

ଏ ଭାବଧାରା ଜନ୍ମନେଇ ପୁଣି ସବୁଦିନପାଇଁ ନିଭିଯାଇଥିବା ଅତ୍ୟନ୍ତ ତାତ୍‌ପର୍ଯ୍ୟର ବିଷୟ । ନିଜେ କବି ସ୍ୱୀକାର କରିଛନ୍ତି ସେ କୌଣସି ମତବାଦ ଦ୍ୱାରା ପ୍ରଭାବିତ ନୁହନ୍ତି, ତେଣୁ ସାମ୍ୟବାଦ ତାଙ୍କ କବିତାର ମନ୍ତ୍ର ବା ସାଧନ ନୁହେଁ । କେବଳ ବିପନ୍ନ ମଣିଷର ଛବି ଯାହା ତାଙ୍କ ମନରେ ରେଖାପାତ କରିଛି ତାହାହିଁ ଏ କବିତାଗୁଡ଼ିକର ବିଷୟବସ୍ତୁ ହୋଇପାରେ। ତଥାପି କହିବାକୁ ହେବ ଏ କବିତାଗୁଡ଼ିକର ସ୍ୱର ପ୍ରଚ୍ଛନ୍ନ ବିଦ୍ରୋହ ମୁଖର । କୃଷକର ମିହନ୍ତରେ ଯେଉଁ ଶସ୍ୟ ଉତ୍ପନ୍ନ ହୁଏ ତାକୁ ଲୁଣ୍ଠନ କରେ ମଧ୍ୟସ୍ୱତ୍ତ୍ୱାଧିକାରୀ। ଖରା, ବର୍ଷା, କାକରରେ ପଳପଳ ରକ୍ତ ଢ଼ାଳି ଯେ ଉତ୍ପାଦନ କରେ ସେ ତା'ର ଉପଭୋକ୍ତା ନୁହେଁ । ସେହିପରି ଶ୍ରମିକ ଓ ମଜଦୁରମାନେ ମଧ୍ୟ ଉତ୍କଟ ଆର୍ଥନୀତିକ ଶୋଷଣ ଓ ବୈଷମ୍ୟରେ ପ୍ରପୀଡ଼ିତ । ସମାଜର ଏହି ଉତ୍କଟ ବିଷମ ବ୍ୟବସ୍ଥା ବିରୁଦ୍ଧରେ ମାନସିଂହଙ୍କ ସ୍ୱରରେ ଆଗ୍ନେୟ ଆହ୍ୱାନ ନଥିଲେ ମଧ୍ୟ ରହିଛି ଗଭୀର ମାନବିକ ଅନ୍ତର୍ଦାହ । ତେଣୁ ଚିରଦିନ ଅଭାବରେ ସନ୍ତୁଳିବା କିରାଣି, ସ୍କୁଲ ଶିକ୍ଷକ, କଳାକାର ଆଦିଙ୍କ ପାଇଁ ତାଙ୍କ ସ୍ୱରରେ ଦରଦ ପୂରି ରହିଛି । ମାନବିକତାର ଅମ୍ଳାନ ଚିରନ୍ତନତାରେ ଏ ସ୍ୱର ଅତିମାତ୍ରାରେ ସାର୍ବଜନୀନ । ଏହା ସଚ୍ଚିରାଉତରାୟଙ୍କ କବିତାପରି ଝଡର ଝଙ୍କାର କିମ୍ୱା ବାତ୍ୟାର ବିଷାଣ ନ ହୋଇପାରେ, କିନ୍ତୁ ଅପାଂକ୍ତେୟ ମଣିଷମାନଙ୍କ ପାଇଁ ଏହି କାବ୍ୟପୁରୁଷର ଅଭିବ୍ୟକ୍ତିରେ ଯେ ଭରି ରହିଛି ଆନ୍ତରିକ ସମ୍ବେଦନା- ଏହା ଭୁଲିବାର ନୁହେଁ । କବି ରାଉତରାୟ ବୋଧହୁଏ ସେଇଥିପାଇଁ ମାଟିକାମୁଡି ପଡି ରହିଥିବା ପ୍ରତିକ୍ରିୟାହୀନ ଜନତାପ୍ରତି ମାନସିଂହଙ୍କ ଦରଦକୁ ଲକ୍ଷ୍ୟ କରି କହିଥିଲେ- "ମୁଁ ଅତୀତକୁ ରୂପାନ୍ତର ମଧ୍ୟରେ ପାଇବାକୁ ଚାହୁଁଥିଲା ବେଳେ ସେ ଅତୀତକୁ ଅତୀତ ମଧ୍ୟରେ ହିଁ ଖୋଜୁଥିଲେ । ଏହାହିଁ ଥିଲା ଆମ ଦୁଇଜଣଙ୍କ ଦୃଷ୍ଟିକୋଣ ମଧ୍ୟରେ ଏକ ବିରାଟ ବ୍ୟବଧାନ ।" (ମାନସିଂହ ପରିକ୍ରମା - କବି ମାନସିଂହ : ଏକ ସ୍ୱପ୍ନ ପ୍ରୟାଣ-ସଚ୍ଚିଦାନନ୍ଦ)

ସଚ୍ଚିବାବୁଙ୍କ କବିତାରେ ଥିଲା ସମାଜର ପରିବର୍ତ୍ତନ ପାଇଁ ବୈପ୍ଳବିକ ଆହ୍ୱାନ, ରକ୍ତାକ୍ତ ସଂଗ୍ରାମର ଆଦ୍ୟ ଆବାହନୀ; କିନ୍ତୁ ମାନସିଂହଙ୍କ କବିତାରେ ଥିଲା ସାମାଜିକ ବାସ୍ତବତାର କାରୁଣ୍ୟ-ବିମର୍ଷ ଯଥାଯଥ ଚିତ୍ରଲିପି ଓ ଦୁଃସ୍ଥପ୍ରତି

Digitized by srujanika@gmail.com

ସମ୍ଭେଦନା । କିନ୍ତୁ ଅତି କ୍ଷୋଭର କଥା ମାନସିଂହ କାବ୍ୟଚେତନାରେ ଉପ୍ତବୀଜ ଏହି ଆଭିମୁଖ୍ୟଟି ଅଗ୍ରସାରିତ ହେଲାନାହିଁ । ବରଂ ତାଙ୍କ କାବ୍ୟଚେତନାକୁ ପ୍ରଣୟସୁଲଭ ଅନୁଚିନ୍ତା ଓ ଆଧିଭୌତିକ ଭାବନା ଅଧିକ ଭାବେ ଆଚ୍ଛନ୍ନ କରି ରଖିଲା ଓ ଇନ୍ଦ୍ରିୟଗ୍ରାହ୍ୟ ଜଗତରୁ ତାଙ୍କ କବିତାକୁ ଅତୀନ୍ଦ୍ରିୟ ଚେତନା ଆଡକୁ ମୁହାଇଁ ନେଲା । ତେଣୁ ଓଡ଼ିଆ ସାହିତ୍ୟର ଇତିହାସ ତାଙ୍କୁ ସାମ୍ୟବାଦୀ ଭାବଧାରାର କବିଭାବେ ମାନ୍ୟତା ଦେଇ ନାହିଁ । ତାଙ୍କ କାବ୍ୟସାଧନାର ଏକ ପ୍ରମୁଖ ଅଂଶ ପ୍ରେମଭାବନାରେ ନିଷିକ୍ତ ହୋଇଥିବାରୁ ସାହିତ୍ୟର ଇତିହାସ ତାଙ୍କୁ ପ୍ରେମର କବିଭାବେ ସନାକ୍ତ କରିଅଛି । ବୋଧହୁଏ ତାହାହିଁ ମାନସିଂହ କାବ୍ୟକବିତାର ସର୍ବଶ୍ରେଷ୍ଠ ପରିଚୟ ନୁହେଁ ।

**ମାନସିଂହଙ୍କ କବିତାରେ ପ୍ରେମଭାବନା :** ସବୁଜ କବିତାରେ ସଶରୀରୀ ନାରୀପ୍ରେମର ଚିତ୍ର ଗୌଣ; କାରଣ ସେମାନେ ଏକ କାଳ୍ପନିକ ଓ ନିରାଧାର ପ୍ରେମରାଜ୍ୟରେ ସଂଚରଣ କରିବାକୁ ଅଧିକ ପସନ୍ଦ କରିଛନ୍ତି । କେଉଁଠି କଦବା ଯଦି ପ୍ରେମିକା ପାଇଁ ଅଳ୍ପ କିଛି କବିତା ରଚନା କରିଛନ୍ତି ତାହା ନିଜର ବିବାହିତା ନାରୀଟି ପାଇଁ ଅଭିପ୍ରେତ । ଖୁବ୍‌ବେଶୀ ହେଲେ ସେହି ହୋଇପାରେ 'କବିପ୍ରେୟସୀ' (ବୈକୁଣ୍ଠନାଥ) । କିନ୍ତୁ ମାନସିଂହଙ୍କ ରଚିତ ରାଶିରାଶି କବିତାରେ ପ୍ରେମର ବିକାସ ଓ ବିକାଶ ବିବିଧ ଓ ବିଚିତ୍ର ରୀତିରେ ନିର୍ଣ୍ଣିତ । ପରକୀୟାରୁ ସ୍ୱକୀୟା ବାଟ ଦେଇ କ୍ରମେ ଏକ ଇନ୍ଦ୍ରିୟାତୀତର ଅନୁଚିନ୍ତାରେ ଏ କବିତା ଯେତିକି ଦୈହିକ ଓ ଭୌତିକ; ସେତିକି ଦେହାତୀତ ଓ ଆଧିଭୌତିକ । ଯେପରି ମନେହୁଏ ସବୁଜର ପ୍ରତିକ୍ରିୟାରେ ହିଁ ଏହି ପ୍ରେମାନୁଚିନ୍ତା ସଂଗଠିତ । କାରଣ ସବୁଜ ମାଟିର ମୋହକୁ ତ୍ୟାଗକରି ପ୍ରେମ ପାଇଁ ପରୀ ରାଜ୍ୟକୁ ହିଁ ପଳାୟନ କରିଥିଲା । ତେଣୁ ପ୍ରେମିକା ପରିଚିତ ମାଟିର ନଥିଲା; ଥିଲା କଳ୍ପଲୋକର । କବିମାନସିଂହଙ୍କ କବିତାରେ ସବୁଜର ଏଇ ଯୌବନ ସୁଲଭ ଦିଶାହୀନ ବାୟବୀୟ କାବ୍ୟଚିନ୍ତା ବିରୁଦ୍ଧରେ ଉଗ୍ର ପ୍ରତିବାଦର ସ୍ୱର ପ୍ରକାଶ ପାଇଥିଲା;

"ଉତ୍ତରଳ ଯଉବନ କେତେକାଳ ଥିବ ଉତ୍ତରଳ

Digitized by srujanika@gmail.com

ପରୀରାଣୀ ଦେଉଥିବ କେତେକାଳ ଚୁମ୍ବନ କୋମଳ
କେତେଦିନ କ୍ରୀଡ଼ାକରି ସ୍ୱପ୍ନ ସଙ୍ଗେ ତେଜି ବାସ୍ତବତା
ଲଘୁ ମଧୁରତା/ପାଉଥିବ ଜ୍ୟୋତ୍ସ୍ନା ସଙ୍ଗେ ରତିକ୍ରୀଡ଼ା ନୀରବ ତରଳ
(ଉତ୍ତରଳ ଯୌବନ – ସେଦିନର କବିତା)

ତେଣୁ ସମ୍ଭବତଃ କୌଣସି ଦୈହିକ ଅନୁଭୂତିକୁ ନେଇ ପରିପୁଷ୍ଟ ତାଙ୍କର ଆଦ୍ୟଯୌବନର କେତେକ କବିତା 'ଧୂପ' (୧୯୩୧) ନାମରେ ସଂକଳିତ ହୋଇ ମାନସିଂହ କାବ୍ୟପ୍ରତିଭାର ଚୂଡ଼ାନ୍ତ ସ୍ୱାକ୍ଷର ବହନ କରିଛି । କିନ୍ତୁ କବି ମାନସିଂହ ପ୍ରେମଭାବନାରେ ରୀତିଯୁଗୀୟ ପ୍ରଭାବ ବିଶେଷତଃ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି'ର ପ୍ରଭାବରୁ ମୁକ୍ତ ହୋଇ ପାରିନାହାନ୍ତି । ତେଣୁ ବିଦଗ୍ଧ ଚିନ୍ତାମଣିର କୃଷ୍ଣଙ୍କ ରାଧା ବିରହ ବ୍ୟଥା ତାଙ୍କ ଭାବନାକୁ ଅନୁପ୍ରେରିତ କରିଥିବା ନିମ୍ନ ପଂକ୍ତିମାନଙ୍କରୁ ସ୍ପଷ୍ଟ ହେବ ।

"ଧନ୍ୟ ମୁଁ ହେବି/ପ୍ରିୟା ଯହିଁ ଅଛି/ ହେଲେ ତହିଁ ଶିଳାତଳ
ତା ପଦ ପରେ/ପାଷାଣ ମୋ ହିୟା/ଚମକିବ ଥରଥର"

କିମ୍ବା କୌଣସି ପ୍ରେମଦୂତୀକୁ ମଧ୍ୟଯୁଗୀୟ ରୋମାଣ୍ଟିକ୍ କବି ପରି ସେ ସମ୍ବୋଧନ କରି ବାର୍ତ୍ତା ପଠାଇଛନ୍ତି-

"କହିବ ହେ ପୁଣି/ତୋର ଗୁଣ ଗୁଣି/ନସରଇ ତା'ର ଦିନ
ଯହିଁ ବସେ ଖାଲି/ତୋର ନାମଲେଖି/ଶୋକ କରେ ତା'ର କ୍ଷୀଣ
ତୋର ପରିଧେୟ/ଦେହେ ଯାକିଧରି/ଅସୀମ ସେ ସୁଖପାଏ
ତୋର ନାମ ପୁଣି/ଖୋଳି ଦେଉଅଛି/ଶରୀରର ଠାଏ ଠାଏ ।"
(ବନ୍ଦିନୀ ପ୍ରିୟା – ଧୂପ)

ବନ୍ଦିନୀପ୍ରିୟା ପାଖକୁ ମଳୟ ହୋଇ ଲଘୁପକ୍ଷ ବିସ୍ତାର କରି ଉଡିଯିବାର ପରିକଳ୍ପନା କେତେ ରୋମାଣ୍ଟିକ୍ ତାହା ଅଧିକ କହିବା ବାହୁଲ୍ୟ ହେବ । ଓଡ଼ିଆ କାବ୍ୟଚେତନାର ଇତିହାସରେ ମାନସିଂହଥିଲେ ରୋମାଣ୍ଟିକ୍ କାବ୍ୟ ଶୈଳୀର ଅଭ୍ୟୁତ୍‌ଥାନ ପନ୍ଥୀ । ଇଂରାଜୀ ସାହିତ୍ୟର ରୋମାଣ୍ଟିକ୍ ଯୁଗର କବିତା ସଂପର୍କରେ ଆସି ରାଧାନାଥଙ୍କ

Digitized by srujanika@gmail.com

କାବ୍ୟ ଦୃଷ୍ଟିଭଙ୍ଗୀ ଯେପରି ଭିନ୍ନବାଟରେ ପରିଚାଳିତ ହୋଇଥିଲା କବି ମାନସିଂହଙ୍କ କାବ୍ୟାନୁଭୂତିରେ ତାହା ସୁସ୍ପଷ୍ଟ । ତେଣୁ ସେ କହିଛନ୍ତି- "କାବ୍ୟଯୋଗ୍ୟ ଅନୁଭୂତି ଲେଖକର ଜୀବନରେ ଘଟିଥିଲେ ହେଁ ଇଂରେଜ କବିମାନଙ୍କ ସଙ୍ଗେ ପରିଚୟ ଘଟି ନଥିଲେ ସେ ଅନୁଭୂତି ଏ ପ୍ରକାର ଆତ୍ମପ୍ରକାଶ କରି ନଥାନ୍ତା । ଆମ ସାହିତ୍ୟରେ ପ୍ରେମ କବିତାର ଅରଣ୍ୟ ରହିଛି; କିନ୍ତୁ ସେଥିରେ ବିଚିତ୍ରତା ନାହିଁ । ସେ ଜଙ୍ଗଲ ଯେପରି ଗୋଟିଏ ଜଙ୍ଗଲ । କିନ୍ତୁ ଇଂରେଜୀ ସାହିତ୍ୟ ପ୍ରତ୍ୟେକ କବିର ବ୍ୟକ୍ତିଗତ ବିଭିନ୍ନ ଅଭିଜ୍ଞତାରେ ଶବଳିତ । ('ଧୂପ'ର ମୁଖବନ୍ଧ) । ତେଣୁ ଇଂରେଜ ସାହିତ୍ୟର ତତ୍‌କାଳୀନ ଛାତ୍ର ମାନସିଂହ କୀଟସ୍, ବାଇରନ୍, ୱାର୍ଡସ୍‌ୱାର୍ଥ ପ୍ରମୁଖ କବିଙ୍କ ପରି ନିଜର ବ୍ୟକ୍ତିଗତ ପ୍ରେମପ୍ରଣୟ ଓ ବିରହର ଉଚ୍ଛ୍ୱାସପୂର୍ଣ୍ଣ ଭାବନାଗୁଡ଼ିକୁ ଏକ ଉପଯୋଗୀ ଆନ୍ତରିକ ଶୈଳୀରେ ପ୍ରକାଶ କରିବାକୁ କୁଣ୍ଠା ରଖିନାହାନ୍ତି । ତାଙ୍କ କବିତାର ପଂକ୍ତିମାନଙ୍କରୁ ସ୍ପଷ୍ଟ ହୁଏ ଯେ କୌଣସି ବିବାହିତା ଗୃହିଣୀ ପରକୀୟା ପ୍ରେମରେ ସେ ଇନ୍ଦ୍ରିୟାଚ୍ଛନ୍ନ ଭାବେ ଆସକ୍ତ ଥିଲେ । ସେଇ 'ବନ୍ଦନୀପ୍ରିୟା' କବିତାର ନିମ୍ନ କେତୋଟି ପଂକ୍ତିକୁ ଲକ୍ଷ୍ୟ କରନ୍ତୁ -

> "ଦୂରବାସୀ ପ୍ରିୟ/ଭରେ ନିତି ବ୍ୟଥା/ତୁମ ପାଇଁ ବନ୍ଦିନୀ
> ଉପାୟ କି ଅଛି/ନେଇଛିତ ଆନ/ଶରୀର ତୁମର କିଣି
> ରୂପତାରେ ଦିଅ/ସ୍ନେହ ମାଗେ ପ୍ରିୟ/ଲକ୍ଷ ଯୋଜନ ଦୂରୁ
> ଦିନେ ଦିନେ ଖାଲି/ମଙ୍ଗଳ ଧୂପ/ମୋ ନାମେ ଉଠୁ ସେ ପୁରୁ ।"

ତେଣୁ କୌଣସି ପରକୀୟା ହିଁ 'ଧୂପ' କବିତାର ପ୍ରେରଣା ଉତ୍ସ । କିନ୍ତୁ କେବଳ କ'ଣ ଏଇ ପ୍ରେରଣା ? ମାନସିଂହ ନିଜେ ସ୍ୱୀକାର କରିଛନ୍ତି- "କୌଣସି ନିର୍ଦ୍ଦିଷ୍ଟ ନାରୀ ବା ପୁରୁଷ ଯେ ମୋର ସାହିତ୍ୟିକ ଜୀବନର ମୂଳଉତ୍ସ-ଏକଥା ସ୍ୱୀକାର କରିବାର କୌଣସି କାରଣ ମୁଁ ଦେଖୁନାହିଁ । ଜୀବନ ପଥର ବହୁ ଅଭିଜ୍ଞତା ମଧ୍ୟରେ ସେମାନଙ୍କ ସହିତ ଦେଖାଦେଖି ଓ ଚିହ୍ନାଚିହ୍ନି । ସେହି ସ୍ଥାନ ଓ ସେହି କାଳରେ, ସେହି ଅବସ୍ଥାରେ ଅନ୍ୟ କେହି ଆସିଥିଲେ ମଧ୍ୟ ହୁଏତ ସେଇ ଆତ୍ମିକ ଆଲୋଡ଼ନ ଘଟିଥାନ୍ତା । ଗୋଲାପ ଓ ପଦ୍ମ ତୋଳିବାକୁ ଗଲେ, ରୂପ ଓ ସୌରଭ ଭୋଗ ସଙ୍ଗେ କିଛି ପଙ୍କ ଲେପନ ଓ କଣ୍ଟକାଘାତ ଯେପରି ସହିବାର ହିଁ କଥା, ମୋ

Digitized by srujanika@gmail.com

ଭାଗ୍ୟରେ ତାହାହିଁ ଘଟିଥିବାରୁ ଜଗତର ପ୍ରତ୍ୟେକ ଜିନିଷକୁ ଆଲୋକ ଅନ୍ଧକାରର ମିଶ୍ରଣ ବୋଲି ମୁଁ ଦେଖିବାକୁ ଶିଖିଛି । କବିର ମଧ୍ୟ ଜ୍ଞାନଦନ୍ତ ଦିନେ ଉଠେ ।"

(ମୁଁ କାହିଁକି ଲେଖେ - 'ଡଗର' ୧୪ / ୧ମ, ୧/୭/୫)

ମାନସିଂହଙ୍କ ଏହି ଅଭିବ୍ୟକ୍ତିର ବୈଶିଷ୍ଟ୍ୟ 'ଧୂପ'ର ପ୍ରଥମ କବିତା 'ତରୁଣ କବିର ଆଶା' ରୁ ସ୍ପଷ୍ଟ ପ୍ରତିପନ୍ନ ହେବ । ଏଠାରେ ଯେଉଁ ସ୍ମୃତିର କ୍ଷତଚିହ୍ନ ପ୍ରକାଶିତ କୈଶୋର ସାଥୀ କୌଣସି ବାଳିକା ଉଦ୍ଦେଶ୍ୟରେ ତାହା ନିବେଦିତ । (୧) ପରବର୍ତ୍ତୀ ପର୍ଯ୍ୟାୟରେ 'ଧୂପ' ନାୟିକା ପରକୀୟା ସହିତ ସାକ୍ଷାତ୍ ତାଙ୍କ ଆଦ୍ୟ କାବ୍ୟଚେତନାର ଓମରଖାଏମୀ ଦୃଷ୍ଟିଭଙ୍ଗୀକୁ (୨) ପରିବର୍ତ୍ତିତ କରିଦେଇ ଓଡ଼ିଆ ସାହିତ୍ୟର ମଧ୍ୟଯୁଗ ଆଡ଼କୁ ସ୍ୱତଃ ଅଭିସାରିତ ହୋଇଯାଇଛି । ସମ୍ଭବତଃ ତରୁଣ ବୟସରେ ତାଙ୍କ ଚିନ୍ତାରେ ଆସିଥିବା ଅନେକ ଅପ୍ରତିହତ ପ୍ରଭାବ ତାଙ୍କ କବିତାରେ ସ୍ୱତଃ ପ୍ରତିଫଳିତ ହୋଇ ତାଙ୍କ ଆସକ୍ତ ପ୍ରେମ (Passionate) ଚେତନା ଭିତରେ ଏକାଧିକ ନାରୀଙ୍କର ଯେ ଅଭ୍ୟୁଦୟ ଘଟିଛି ତାହା ତାଙ୍କ କବିତା ପଂକ୍ତିରୁ ସ୍ପଷ୍ଟ ହୁଏ। ଏପରିକି ତାଙ୍କ ରୋମାଣ୍ଟିକ ଦୃଷ୍ଟିବଳୟ ମଧ୍ୟରୁ ଅନୁପମ ସୁନ୍ଦରୀ ଭ୍ରାମ୍ୟମାଣ ଇରାନୀ କିଶୋରୀ ମଧ୍ୟ ବାଦ୍‌ଯାଇନାହିଁ । (୩)

ତେଣୁ ମଧ୍ୟଯୁଗୀୟ ବୈଷ୍ଣବ ପ୍ରେମ କବିତା ପରି ତାଙ୍କ ପ୍ରେମ କବିତା ବିରହ ମିଳନରେ, ଅଶ୍ରୁ ଉଚ୍ଛ୍ୱାସରେ, କାମନା ଓ ଆସକ୍ତିରେ ରସସିକ୍ତ। ନାରୀ ରୂପର ଆକଣ୍ଠ ଉପଭୋଗର ପ୍ରଲୁବ୍ଧତା ସହିତ କାମନା ନିର୍ବହଣ ଜନିତ ବହୁ ଗୈରିକ ଚିନ୍ତା ତାଙ୍କ କବିତାରେ ଦ୍ୱୈତ ସ୍ୱର ସୃଷ୍ଟି କରିଛି । କେତେବେଳେ ସେ ପ୍ରବାହରେ ଭାସି ଯାଇଛନ୍ତି ତ କେତେବେଳେ ସଚେତନ ହୋଇ ଆପଣାକୁ ସନ୍ଧାନ କରିଛନ୍ତି । ପୁଣି ଦ୍ୱିତୀୟାର ଆଗମନରେ ତାଙ୍କ ପ୍ରେମ କବିତା ଯେଉଁ ଐଚ୍ଛିକ ଭିନ୍ନଗତିଧାରଣ କରିଛି ସେଥିରେ ଏକଦା ଉଚ୍ଛଳ ପ୍ରଣୟାନୁଚିନ୍ତା ପ୍ରତି ଆଉ ସ୍ୱୀକୃତି ନାହିଁ, ବରଂ ଅଛି-ତୀବ୍ର କଟାକ୍ଷ ଓ ବିରୋଧାଭାସ । ଅନ୍ତତଃ 'ଦେହ ଓ ସ୍ନେହ', 'ହିସାବ ନିକାଶ' ଏବଂ 'ଶେଷ କଥା' କବିତା ତିନୋଟିକୁ ଲକ୍ଷ୍ୟ କଲେ ଏହା ପ୍ରତିପନ୍ନ ହେବ ।

Digitized by srujanika@gmail.com

"ଟାଉଳି ମୁଁ ସ୍ନେହରତ୍ନ ଦେହେ ଅବଗାହି
ମୁକ୍ତାପାଇ ଫେରିଚି ମୁଁ ଗୁଞ୍ଜା ଖୋଜି ଯାଇ ।"

(ଦେହ ଓ ସ୍ନେହ - ହେମଶସ୍ୟ)

"ମରମେ ନେଲତ ମୋର ସେନେହର ଭାଦ୍ରବ-ଜାହ୍ନବୀ
ଅକାଳେ, ଅକ୍ଷେତ୍ରେ କିନ୍ତୁ ଅବିଚାରେ ଗଲି ମୁହିଁ ପ୍ଲାବି
କାହା ସ୍ନେହ କା'ରେ ଦେଲି, କାହା ପାଇଁ କଲି ଅଭିସାର,
ଯୋଗ ଦୋଷେ ସ୍ନେହ ମୋର ହୋଇଗଲା ଘୃଣ୍ୟ ବ୍ୟଭିଚାର ।"

'ଶେଷ କଥା' - ଜୀବନ ଚିତା

"ରାଗ ଅଭିମାନ କରୁଛି ଭାବୁଛ ? - ହେ ପୁରାତନୀ
ତୁମପାଇଁ ଖାଲି ଘୃଣାରେ ଚମକେ ମୋର ଧମନୀ ।
ମିଥ୍ୟାଚାରିଣୀ, ପାପ ବିଳାସିନୀ,
ତବ ଭୁଲାଣରେ ପୂଜା ହେଲା ଯାହା କବି ଲେଖନୀ ।"

(ହିସାବ ନିକାଶ - ସହକାର ୨୩ / ୧ମ ଏପ୍ରିଲ ୧୯୪୨)

'ଧୂପ'ରୁ 'ହେମଶସ୍ୟ' (୧୯୩୩) କୁ ଯାତ୍ରାକାଳରେ ଏକ ସ୍ୱାଭାବିକ କାବ୍ୟ-ଆଲୋଡ଼ନ ତାଙ୍କର ବହୁ କବିତାରେ ପ୍ରତିଫଳିତ । କାରଣ ଏ ଯାତ୍ରା ପରକୀୟା ଚେତନାରୁ ସ୍ୱକୀୟାର ପ୍ରଣୟମୁଗ୍ଧ ନିରୂପିତ ପରିସର ମଧ୍ୟକୁ ଏକ ପ୍ରତିବଦ୍ଧ ଯାତ୍ରା । 'ନିଦ୍ରିତ ଭଗବାନ' କବିତାଟି ସତେ ଯେପରି ଏହି କାବ୍ୟ ପ୍ରତିକ୍ରିୟାର ଆତ୍ମବାଣୀ ବହନ କରେ । (୪) ଏହି ନୂତନ ଯାତ୍ରାର ସ୍ୱର 'ବଧୂ ପ୍ରବେଶ', 'ଯୁଗଳଜୀବନ', 'ପ୍ରେମସ୍ପର୍ଶ', 'ଦେହ ଓ ସ୍ନେହ' ଆଦି 'ହେମଶସ୍ୟ'ର ବିଂଶାଧିକ ସନେଟ୍ ମଧ୍ୟରେ ପ୍ରମୂର୍ତ୍ତ । ପୁଣି ତାରୁଣ୍ୟର ତରଳ ଇନ୍ଦ୍ରିୟପର ପ୍ରେମ ମିଳନ ବିରହର ଉତାପରେ ପରିପକ୍ୱ ହୋଇ କ୍ରମେ ରୂପୋତ୍ତର ଓ ଇନ୍ଦ୍ରିୟାତୀତ ହୋଇ ଉଠିଛି । ଏଥିପାଇଁ ମାନସିଂହଙ୍କ 'ଧୂପ' କବିତା ସଂକଳନରେ ଯେଉଁ ମାନସିକ ସଂଘର୍ଷ ସୃଷ୍ଟି ହୋଇଛି ତାହା ଏକାନ୍ତ ଅବଧାରଣୀୟ । ତାଙ୍କ ମତରେ ପ୍ରେମ ଜୀବନରେ ଥରେ ନୁହେଁ ଅନେକ ଥର ଆସିପାରେ ।

"ପ୍ରେମ କି ଥରେ ଆସି ଥରକେ ହୁଏ ଶେଷ

Digitized by srujanika@gmail.com

ଜଣକୁ ଦେଲେ ସଁପି, ନରହେ ଅବଶେଷ ? ('ପ୍ରେମର ପରିମାପ'-ଧୂପ)

ଏ ସଂଶୟ ଓ ମାନସିକ ଦୋଳନ ଏକ ବାସ୍ତବ ଅନୁଭୂତିର ଅଭିବ୍ୟକ୍ତି ମାତ୍ର । ତେଣୁ ଏହି ଆତ୍ମକଥନକୁ ମାନସିଂହଙ୍କ ଇନ୍ଦ୍ରିୟ ଲବ୍ଧ ପ୍ରେମ ଚେତନାର ଏକ ଚୂଡ଼ାନ୍ତ ଦୃଷ୍ଟିଭଙ୍ଗୀ ଭାବେ ଧରି ନିଆଯାଇପାରେ । କବିଙ୍କର ପ୍ରେମଭାବନା 'ଧୂପ'ରେ ଯେପରି ଉଦ୍ଦାମ ଓ ଉଦ୍‌ବେଳ, 'ହେମଶସ୍ୟ'ରେ ସେହପରି ଶାନ୍ତ ଓ ସମାହିତ । ତେଣୁ ତାଙ୍କ ପ୍ରଣୟଚେତନାର ପୃଷ୍ଠଭୂମିରେ ପରିବର୍ତ୍ତନର କୌଣସି ବିପର୍ଯ୍ୟୟ ଆସିନାହିଁ । ସତେ ଯେପରି ଏକଇ କଣ୍ଠରୁ 'ଧୂପ' ଓ 'ହେମଶସ୍ୟ' ର ସଙ୍ଗୀତ ସମାନ ଆବେଗ, ଯତି ଓ ଆନ୍ତରିକତାରେ ନିସୃତ ହୋଇ ଆସିଛି । ସ୍ୱକୀୟା ଓ ପରକୀୟା ପ୍ରେମାନୁଭୂତିକୁ ଏତେ ସାର୍ଥକ ଭାବରେ ଏବଂ ସମଆନ୍ତରିକତାରେ ଧରି ରଖିଥିବା କାବ୍ୟାନୁଚିନ୍ତା ଓଡ଼ିଆ ସାହିତ୍ୟରେ ବିରଳ । ତେଣୁ ଏହା ନିଃସନ୍ଦେହରେ କୁହାଯାଇପାରିବ ଯେ କବି ମାନସିଂହ ଆଗେ ପ୍ରେମିକ ଓ ପରେ କବି । ପ୍ରେମ ହିଁ ତାଙ୍କ କବିତାର ଅନ୍ତର୍ନିହିତ ଉତ୍ସ । ଏ ପ୍ରେମସାଧନା ବୟସର ବୃଦ୍ଧି ସହିତ ବହୁ ବିଚିତ୍ର ବିଭୂତିରେ ପର୍ଯ୍ୟବସିତ ହୋଇଥିଲେ ବି ନାରୀ ଠାରୁ ହିଁ ଏ ପ୍ରେମ ସାଧନାର ଆରମ୍ଭ । ମହାପାତ୍ର ନୀଳମଣୀ ସାହୁଙ୍କ ଆକଳନ ଅନୁସାରେ- "କବି ଭଲ ପାଇଛନ୍ତି ରୂପବତୀ ଓ ରସବତୀ ନାରୀର ସାକାର ରୂପ ଓ ନିରାକାର ରସ ମାଧୁର୍ଯ୍ୟକୁ; ସେଇ ନାରୀ ହିଁ ତାଙ୍କ ଦେହଜ ପ୍ରେମକୁ ମୁକ୍ତି ଦେଇଛି; ମାନସିକ ଅବଚେତନକୁ ଦେଇଛି ଗତି ଓ ଶକ୍ତି ।" (୫) ମାନସିଂହଙ୍କ ବହୁ କବତାରେ ପରିଣିତା ବଧୂଙ୍କ ଉଦ୍ଦେଶ୍ୟରେ ଗଭୀର କୃତଜ୍ଞତା ଓ ସମ୍ମାନବୋଧ ଜ୍ଞାପିତ ହୋଇଛି । ଏଠାରେ ତାଙ୍କ କାବ୍ୟ ଚିନ୍ତାରେ ଆଉ ଦ୍ୱନ୍ଦ୍ୱ ବା ବିଚ୍ୟୁତି ନାହିଁ, ବରଂ ପ୍ରାକ୍-ବିଚ୍ୟୁତି ପ୍ରତି ରହିଛି ଗଭୀର ଅନୁଶୋଚନା । ତେଣୁ ଏ ପର୍ଯ୍ୟାୟର ପ୍ରେମକବିତାରେ ଆସିଛି ସମାହିତ ଆନୁପାତିକତା । ପୁନଶ୍ଚ ପ୍ରେମଭାବନାକୁ କବିମାନେ ଯୁଗେଯୁଗେ ସନେଟ୍‌ର ଆଙ୍ଗିକରେ ପ୍ରକାଶ କରିଥିବା ପରି କବି ମାନସିଂହ ମଧ୍ୟ ସେହି ଛାଞ୍ଚକୁ ଅବଲମ୍ବନ କରିଛନ୍ତି । ପ୍ରଣୟିନୀ Lauraଙ୍କ ଉଦ୍ଦେଶ୍ୟରେ ରଚିତ ପେଟ୍ରାର୍କଙ୍କ ସନେଟ୍ ଠାରୁ ସାର୍ ଫିଲିପ୍ ସିଡ୍‌ନୀଙ୍କ "Astrophel and Stella" ବାଟଦେଇ ୱାଡସୱାର୍ଥଙ୍କ ସନେଟ୍ ପର୍ଯ୍ୟନ୍ତ ଇଂରାଜୀ ସାହିତ୍ୟରେ ଯେଉଁ

Digitized by srujanika@gmail.com

ଗତିଶୀଳତା ପରିଲକ୍ଷିତ ହୁଏ ଓଡ଼ିଆ ସାହିତ୍ୟରେ ଫକୀରମୋହନଙ୍କ ପରେ କବି ମାନସିଂହ ହିଁ ଯଥାର୍ଥରେ ତାହାର ଯୋଗସୂତ୍ର ରକ୍ଷା କରିପାରିଛନ୍ତି । ଓଡ଼ିଆ ସନେଟ୍‌ର ପ୍ରଥମ ମାଙ୍ଗଳିକ ଯେଉଁ କବିଙ୍କ କାବ୍ୟରଚନାରେ ଶୁଣାଯାଇଥିଲା ସେହି ଭକ୍ତକବି ମଧୁସୂଦନ କିନ୍ତୁ ସନେଟ୍‌ର ଏହି ଆତ୍ମଧର୍ମ ପ୍ରତି ଅବହେଳା କରି କେବଳ ଚଉଦପାଦୀ ରଚନା ପ୍ରତି ଦୃଷ୍ଟି ଦେଇଥିଲେ । କିନ୍ତୁ ଇହଜୀବନରେ ସୁଖଦୁଃଖର ଭୋକ୍ତାଭାବେ ଅନ୍ତରର ଅନନ୍ତ ଆକୁଳତାକୁ ଆମ ଆଗରେ ପ୍ରକାଶ କରିବାପାଇଁ ମାନସିଂହଙ୍କ ସନେଟ୍‌ଗୁଡ଼ିକରେ ହିଁ ରହିଛି ଜାଗ୍ରତ ଆକୁଳତା । ବେଳେବେଳେ ପୁଣି ଏକ ଶାଶ୍ୱତ ଅଦୃଶ୍ୟ ଶକ୍ତି ପାଖରେ ବେଦନାର୍ତ୍ତ ହୃଦୟର ଆକୁତି ନିବେଦିତ କରି କବି ଅଧିଭୌତିକ ରହସ୍ୟ ସମୀପସ୍ଥ ହୋଇଛନ୍ତି । 'ଅକ୍ଷତ' ର ୮ଟି ସନେଟ୍ ଓ 'ଜୀବନଚିତା'ର ୨ଟି ସନେଟ୍‌ରେ ଈଶ୍ୱରଙ୍କ ପ୍ରତି ପ୍ରେମର ଭାବ ପ୍ରକଟିତ । ଇଂରେଜ କବି ଦଂପତି ରସେଟିଙ୍କ ସନେଟ୍ ମାଳାପରି ପ୍ରେମ ଓ ଆଧିଭୌତିକ ଭାବଧାରାର ଏକ ମୁଗ୍ଧ ସମନ୍ୱୟ ମାନସିଂହଙ୍କ ସନେଟ୍‌ଗୁଡ଼ିକରେ ଉପଲବ୍ଧ ହେବ। (୬) 'ହେମଶସ୍ୟ' ର ସନେଟ୍‌ଗୁଡ଼ିକ ଏକ ଦାମ୍ପତ୍ୟ ଜୀବନର ଆନନ୍ଦ ଉତ୍ସାହ ବ୍ୟଥା ବେଦନା, ସାମୟିକ ମାନଅଭିମାନର କ୍ରମିକତାକୁ ରକ୍ଷା କରି ଯଥାର୍ଥତଃ ଏକ କାବ୍ୟ ଆବେଗରେ ସଂପ୍ରସାରିତ ଓ ସମୃଦ୍ଧ । ପ୍ରଣୟର ଶାନ୍ତ ସ୍ନିଗ୍ଧ ବାରିଧାରାରେ ଏ କାବ୍ୟଚେତନା ପରିପୁଷ୍ଟ, ମାର୍ଜିତ ଓ ରୁଚିଶୀଳ । 'ଧୂପ'ର ପ୍ରେମ ଯଦି ହୁଏ ବର୍ଷାକାଳୀନ ନଦୀ ପ୍ରବାହପରି କ୍ଷିପ୍ର ଓ ଖରସ୍ରୋତା, 'ହେମଶସ୍ୟ'ର ପ୍ରେମ ହେବ ଶରତ୍‌କାଳୀନ ନଦୀପ୍ରବାହ ପରି ନିର୍ମଳ ଓ ମୃଦୁ ପ୍ରବାହିନୀ । କିନ୍ତୁ ଭାବ, ଭାଷା ଓ ଛନ୍ଦ ଦୃଷ୍ଟିରୁ 'ହେମଶସ୍ୟ' ସଂଯମ ଗୌରବ ଅର୍ଜନ କରିଥିଲେ ହେଁ 'ଧୂପ' ସେଇ ସରସ ଶିଳ୍ପ ଗୌରବ ଏଥିରେ ସନ୍ଧାନ କରିହୁଏ ନାହିଁ । ସମାଲୋଚକ ଚିନ୍ତାମଣି ବେହେରା ଯଥାର୍ଥରେ କହନ୍ତି- "ପ୍ରଣୟର ସରସ ପୀୟୁଷ ରତ୍ନ ଏଇଯେ କବି ହରାଇ ବସିଲେ ତା'ର କ୍ଷତିପୂରଣ ପରବର୍ତ୍ତୀ ସୃଷ୍ଟିରେ ବହୁ ଦିଗରୁ କରିଥିଲେ ହେଁ ପ୍ରେମାମୃତର ସ୍ୱାଦୁ ଲାଭ କରିବାକୁ ଏହି ରୂପପ୍ରାଣ କବି ଆଉ ସମର୍ଥ ହୋଇ ପାରିନାହାନ୍ତି । ଏହାର ଏକ ମୁଖ୍ୟ କାରଣ ରୂପଜ ପ୍ରେମ ପ୍ରତି କବିଙ୍କ ଶିଳ୍ପ ଚେତନାରେ ସଚେତନ ବିଦ୍ରୋହ ।" (୭) ତେଣୁ ପରେ ନାରୀକୁ କେବଳ

Digitized by srujanika@gmail.com

ପୁରୁଷର ପ୍ରଣୟିନୀ ସର୍ବଂସହା ଧରିତ୍ରୀରୂପିଣୀ ବୋଲି ପରିକଳ୍ପନା କରି ତାରି ପାଦ ଦେଶରେ ପ୍ରଣତି ବାଢ଼ିଛନ୍ତି-

"ଜନୟିତ୍ରୀ ମାନବଜାତିର
ହେ ନାରୀ ! କରଇ ନମସ୍କାର ।" ('ନବଜନନୀ' - ହେମଶସ୍ୟ)

ଏହି ପର୍ଯ୍ୟାୟରେ ତେଣୁ କବି ଦେହର ସୌନ୍ଦର୍ଯ୍ୟ ଅପେକ୍ଷା ଆତ୍ମାର ସୌନ୍ଦର୍ଯ୍ୟ ପ୍ରତି ଅଧିକ ଧ୍ୟାନ ନିବିଷ୍ଟ ହୋଇଥିବା ଲକ୍ଷ୍ୟ କରାଯିବ । ଏଣିକି ପାଠକେ ଏକ ଆତ୍ମାନୁସନ୍ଧାନୀ ତଟସ୍ଥ ମନର ସନ୍ଧାନ ପାଇପାରିବେ -ଯାହା 'ଧୂପ' ର ମୋହମୁକ୍ତି ପରେ 'ହେମଶସ୍ୟ'ର ଶୃଙ୍ଖଳିତ ଅଭିବ୍ୟକ୍ତି ମଧ୍ୟରେ 'ନିତ୍ୟସ୍ୱୟଂବର'ର ମୁହୂର୍ତ୍ତ ଯୋଡ଼ିଛି । ମାନସିଂହ ନିଜେ ସ୍ୱୀକାର କରିଛନ୍ତି- "ପ୍ରୀତିର ଆଦି ଅଛି, କିନ୍ତୁ ଶେଷ ନାହିଁ । ପ୍ରତ୍ୟେକ ଦିନର ଉଷାପରି ପ୍ରୀତି ନିତ୍ୟ ନୂତନ । ବନ୍ଧନରେ ତାର ମୁକ୍ତି ଏବଂ ଏହି ବନ୍ଧନ ବା ସ୍ୱୀକାର ହିଁ ପ୍ରୀତିପ୍ରଦ ପ୍ରତି ସ୍ୱର୍ଗର ଅନୁଭୂତି ଢାଳିଦିଏ ।" (ନିତ୍ୟସ୍ୱୟଂବର) । ଏଥିପାଇଁ ଯୁଗେ ଯୁଗେ ରୂପପ୍ରାଣ କବି ଚାହେଁ ଧରାବତରଣ । ଧନମାନ, ପରିବାର ଓ ଜୀବନର ସମସ୍ତ ବିଜୟ ସ୍ମୃତି ଅପେକ୍ଷା ସେଇ ପ୍ରଣୟାନୁଭୂତି ତା' ପାଇଁ ଅତି ମୂଲ୍ୟବାନ ଐଶ୍ୱର୍ଯ୍ୟଭାବରେ ସ୍ମୃତିକୋଷରେ ସଂଚିତ ରହିଯାଏ । ପ୍ରକୃତରେ ଏ ସ୍ୱର ଓଡ଼ିଆ କବିତାରେ ସଂପୂର୍ଣ୍ଣ ନୂତନ ନୁହେଁ କି ?

କବି ପ୍ରେମାନୁଚିନ୍ତାରେ ରବୀନ୍ଦ୍ରନାଥଙ୍କ ପରି ଦ୍ୱୈତବାଦୀ । ନାରୀ ପୁରୁଷର ପ୍ରେମ ମିଳନ ମଧ୍ୟରେ କବି ରବୀନ୍ଦ୍ରନାଥ ଅନୁଭବ କରିଛନ୍ତି ନିଖିଳର ସ୍ପନ୍ଦନ, ଅନନ୍ତର ଅନୁଭୂତି । ବିଚ୍ଛେଦରେ ମଧ୍ୟ ତା'ର ଅବସାନ ନାହିଁ । ଅନାଦିକାଳର ହୃଦୟଉତ୍ସରେ ସେହି ଯୁଗଳପ୍ରେମର ପ୍ରଣୟସ୍ରୋତ ଚିରଚଞ୍ଚଳ । ଜନ୍ମ ଜନ୍ମଧରି ପ୍ରିୟ ତା'ର ପ୍ରିୟାକୁ ବିଭିନ୍ନ ରୂପରେ ଭଲପାଇ ଆସିଛି । ପୁରାତନ ନୂତନ ରୂପରେ ଆତ୍ମପ୍ରକାଶ କରିଛି । ସେ ଭଲପାଇବାର ମୃତ୍ୟୁ ନାହିଁ । ତାର ରୂପଗାନସ୍ପର୍ଶ ଲଭି ମରଣଶୀଳସ୍ତରରୁ ମରଣାତୀତ ହୋଇ ପାରିଛି । ନିଖିଳର ବେଦନାରେ ହୋଇଛି କାଳଜୟୀ ଓ ସମୟ ନିର୍ବିଶେଷ । ରବୀନ୍ଦ୍ରନାଥଙ୍କ 'ଅନନ୍ତପ୍ରେମ' କବିତାକୁ ଲକ୍ଷ୍ୟ କରନ୍ତୁ-

Digitized by srujanika@gmail.com

"ଆମରା ଦୁଜନେ ଭାସିୟା ଏସେଛେ ଯୁଗଲ ପ୍ରେମେର ସ୍ରୋତେ
ଅନାଦି କାଲେର ହୃଦୟ ଉସ୍ସ ହତେ ।
ଆମରା ଦୁଜନେ କରିଅଛି ଖେଲା କୋଟି ପ୍ରେମିକର ମାଝେ
ବିରହ ବିଧୁର ନୟନ ସଲିଲେ, ମିଲନ୍ ମଧୁର ଲାଜେ
ପୁରାତନ ପ୍ରେମ ନିତ୍ୟ ନୂତନ ସାଜେ ।"

ରବୀନ୍ଦ୍ରନାଥ ଜଣେ ପ୍ରକୃତ ବୈଷ୍ଣବଭାବରେ ପ୍ରେମର ଏଇ ବ୍ୟାପକତାକୁ ସ୍ୱୀକାର କରି କହିଛନ୍ତି- "ଯାହାକୁ ଆମେ ଭଲପାଉ କେବଳ ତାଆରି ମଧ୍ୟରେ ଆମେମାନେ ଅନନ୍ତର ପରିଚୟ ପାଉ । ଏପରିକି ଜୀବ ମଧ୍ୟରେ ଏହି ଅନନ୍ତକୁ ଅନୁଭବ କରିବାର ଅନ୍ୟନାମ ହେଉଛି ପ୍ରେମ । ପ୍ରବୃତ୍ତି ମଧ୍ୟରେ ଅନୁଭବ କରିବାର ନାମ ସୌନ୍ଦର୍ଯ୍ୟ-ସମ୍ଭୋଗ । ସମସ୍ତ ବୈଷ୍ଣବଧର୍ମ ମଧ୍ୟରେ ପ୍ରେମର ଏଇ ଗଭୀର ତତ୍ତ୍ୱଟି ନିହିତ ରହିଅଛି ।" ପ୍ରେମର ଚିରନ୍ତନତା ଓ ସନାତନୀ ସ୍ଥିତିକୁ କବି ମାନସିଂହ ବହୁ ପଂକ୍ତିରେ ସ୍ୱୀକାର କରିଯାଇଛନ୍ତି ।

"ଅୟୁତ ଅୟୁତ ଜନମ ବିତାଇ/ପୁଣିଗୋ ପୁରୁଣା ଧରଣୀ ତଳେ
ଜନମକି ଆମେ ଯୁଗଳ ପରାଣ/ମାନବ ଶରୀରେ ମାନବ ଘରେ ।
ତୁମେଇ ମୋହର ସଖୀ ସନାତନୀ ଜନମେ ଜନମେ ସାନ୍ତ୍ୱନା ।"

(ବିରହୀଗାଥା - ହେମଶସ୍ୟ)

ତେଣୁ ମୃତ୍ୟୁରେ ମଧ୍ୟ ଏ ପ୍ରେମର ଅବସାନ ନାହିଁ; ତେଣୁ ତାହା ଅମର ଓ ଅବିନଶ୍ୱର । ମୃତ୍ୟୁର ଧ୍ରୁବ ଶାସନକୁ ଭେଦ କରି ଦୁର୍ଭେଦ୍ୟ ଏକ ସ୍ଥିତିର ସଂଗ୍ରାମରେ ଏ ପ୍ରେମ ଚିରଚଞ୍ଚଳ ଓ ସ୍ମୃତି ଉଚ୍ଛଳ ହୋଇ ଉଠେ ।

"ମରଣ କପାଟ ପଡ଼ିବ ଯେବେ ଗୋ/ଏଇ ଜନମର ସରଣୀ ଶେଷେ
ନୂତନ ପଥରେ ଯାତ୍ରା କି ହେବ/ପୁଣିଗୋ ନୂତନ ଯୁଗଳ ବେଶେ
ତାରାରେ ତାରାରେ ଯିବାକି ମିଶିଗୋ/ବିପୁଳ ବ୍ୟୋମର ସଂଗତେ,
ଭ୍ରମିବା ଯୁଗଳ ଜ୍ୟୋତିର୍ମନ୍ତ ଅଗଣ ତାରକା ସଙ୍ଗତେ ।"

(ବିରହୀ ଗାଥା - ହେମଶସ୍ୟ)

Digitized by srujanika@gmail.com

ପ୍ରବୃଦ୍ଧ ବୟସରେ ପ୍ରେମ ସଂପର୍କରେ କବି ମାନସିଂହଙ୍କ ଚେତନାରେ ଯେଉଁ ଚିରନ୍ତନତା ପ୍ରତ୍ୟକ୍ଷୀଭୂତ ହୋଇଛି ତାହା 'ଜେମା' ଓ 'କମଳାୟନ' କାବ୍ୟରେ ଲକ୍ଷ୍ୟ କରାଯିବ। ଏ କାବ୍ୟରେ ପ୍ରେମର ଉଚ୍ଛ୍ୱାସ ପରିବର୍ତ୍ତେ ଏକ ଦୁଃଖକାତର କାରୁଣ୍ୟ ଭୋଗର ସମସ୍ତ ଉତ୍ସକୁ ପ୍ରତ୍ୟାଖ୍ୟାନ କରି ଭାରତୀୟ ନାରୀର ତ୍ୟାଗରେ ବରଂ ସୂର୍ଯ୍ୟସ୍ନାତ ହୋଇଉଠିଛି । 'କମଳାୟନ' କାବ୍ୟରେ ସେ ଅଧ୍ୟାପକ ଅବିନାଶଙ୍କ ମୁହଁରେ ଯାହା କହିଛନ୍ତି ତାହା ଜେମା ଜୀବନର ଅନୁଭବର ସାମଗ୍ରୀ ମଧ୍ୟ ହୋଇପାରେ ।

"ପ୍ରେମ ନୁହେଁ ଦେହ, ଦେହୁଁ ଭୋଗ ଅନ୍ୱେଷଣ  
ପ୍ରେମ ଏକ ଆତ୍ମା ପ୍ରତି ଅନ୍ୟର ବନ୍ଧନ  
ପ୍ରେମ ପୂର୍ଣ୍ଣ-ସମର୍ପଣ ଏକ ଅନ୍ୟ ପାଇଁ  
ପ୍ରେମ ଆନ ପାଇଁ ଦେବା ନିଜକୁ ହଜାଇ ।" (କମଳାୟନ)

ଜେମା ଜୀବନରେ ପ୍ରେମର ଏଇ ତ୍ୟାଗପୂତ ଅଭିଜ୍ଞାନ ତା'ର କୁମାରୀ ଜୀବନର ସମସ୍ତ ସ୍ୱପ୍ନ ଓ ସମ୍ଭାବନାକୁ ଲୁଣ୍ଠିତ କରି ତାକୁ କଠୋର ପରୀକ୍ଷାର ସମ୍ମୁଖୀନ କରାଇଛି । ଗୁରୁଜନଙ୍କ ଇଚ୍ଛାର ସ୍ୱୀକୃତିରେ ସେ ମୃତା ଭଗ୍ନୀର ସ୍ୱାମୀକୁ ବିବାହ କରିଥିଲା; କିନ୍ତୁ ତାରୁଣ୍ୟର ସୋହାଗ ସ୍ନିଗ୍ଧ ସ୍ୱପ୍ନିଳ ଜୀବନ ତା'ପାଇଁ ଅପହଞ୍ଚ । ସ୍ୱାମୀ ହେଲେ ପଳାତକ । ଆଉ ଫେରିଲେନି । ଭାଉଜଙ୍କ ଭାଇ ଜେମାପ୍ରତି ମମତାପ୍ରବଣ ହୋଇ ଉଠନ୍ତି; କିନ୍ତୁ ଦୃଢ଼ତାନିଷ୍ଠ ପଲ୍ଲୀତରୁଣୀ ସେପରି ଆସକ୍ତିରେ ପ୍ରେମ ଅପେକ୍ଷା ଇନ୍ଦ୍ରିୟ-ଭୋଗ-ଲିପ୍ସା ଅଧିକ ଥିବା ସନ୍ଧାନ କରେ । ତେଣୁ ଜୀବନରେ ସମସ୍ତ ଦୈହିକ ଆକର୍ଷଣକୁ ବିସର୍ଜନ ଦେଇ ଭଉଣୀର ସନ୍ତାନ ଓ ବୃଦ୍ଧା ଶାଶୁଙ୍କ ସେବାରେ ମୃତ୍ୟୁ ପର୍ଯ୍ୟନ୍ତ ଜେମା ପ୍ରାଣ ଓ ମନ ଢ଼ାଳି ଦିଏ । ଏହି ସଂକଳ୍ପ ପଛରେ ଏକ ଭାରତୀୟ ନାରୀର ଯେଉଁ କଠୋର ଆତ୍ମତ୍ୟାଗର ଦୃଷ୍ଟାନ୍ତ ମିଳେ ତାହାର ପଟାନ୍ତର ନାହିଁ ।

ସେହିପରି କମଳଲୋଚନ ଓ କରୁଣାର ପ୍ରେମ ଭିତରେ ପ୍ରେମର ସାଧନା ଓ ତପସ୍ୟା ଦେଖିବା ପାଇଁ କରୁଣାର ପିତା ଅବିନାଶଙ୍କ ଅଭିଳାଷ ପରିଣତ ହୋଇଛି ପିତୃଆଶୀର୍ବାଦର ଉଜ୍ଜ୍ୱଳ ଆଲୋକରେ । ମନରୁ ଅନ୍ଧକାର ଓ ହୃଦୟରୁ ଆଶଙ୍କା ଓ

Digitized by srujanika@gmail.com

ଦ୍ୱନ୍ଦ୍ୱ ତୁଟି ଯାଇଛି । ତରୁଣତରୁଣୀ ସତେ ଯେପରି ଉପଲବ୍ଧି କରିଛନ୍ତି-ଦେଶଜାତି ଓ ଧର୍ମ ଠାରୁ ପ୍ରେମ ବଡ଼ । କାରଣ ପ୍ରେମ ହିଁ ଅପରିଚିତକୁ ପରିଚିତ କରେ, ଦୂରକୁ କରେ ନିକଟତର, ଦୁଇଟି ହୃଦୟକୁ ନିବିଡ଼ ମମତାରେ ନିକ୍ଷିପ୍ତ କରିଦିଏ, ଯାହା କରୁଣାର ପ୍ରାକ୍-ମୃତ୍ୟୁକାଳୀନ କାରୁଣ୍ୟରେ ଫୁଟି ଉଠିଛି -

"କାହିଁଥିଲ ତମେ, ଆଉ କାହିଁଥିଲି ମୁହିଁ
ଦୁଇ ଅଜ୍ଞାତରେ ଆଣି କେ ଦେଲା ମିଶାଇ
ସୁଧା ଉତ୍ସ ଏ ଜଗତେ ପ୍ରୀତିର ବନ୍ଧନ
ଛାତିରେ ଲଗାଏ ଆଣି ଦୂର ପରଜନ ।" (କମଳାୟନ)

ଏଠି ରୂପରେ ଉତ୍ସ ନାହିଁ, ଆତ୍ମାର କଥା ହିଁ କୁହାଯାଇଛି । 'କମଳାୟନ' କାବ୍ୟରେ ପ୍ରେମର ଶକ୍ତି ଓ ସାମର୍ଥ୍ୟ ପରୀକ୍ଷିତ ହୋଇ ତାହା ଆଧ୍ୟାତ୍ମିକ ଆସ୍ପୃହାରେ ଶେଷ ପରିଣତି ଲାଭ କରିଛି - ଯେଉଁଠି ବ୍ୟକ୍ତିଗତ ପ୍ରେମ ମାନବ କଲ୍ୟାଣରେ ହୋଇଛି ଉତ୍ସର୍ଗୀକୃତ ।

କବି ମାନସିଂହଙ୍କ ପ୍ରେମଜଗତ ଯେତିକି ବିଚିତ୍ର ଓ ବିବିଧ ସେତିକି ବର୍ଣ୍ଣାଢ୍ୟ ମଧ୍ୟ । ଏହି-ପ୍ରେମ ଚେତନାକୁ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ, ଇଂରାଜୀ ରୋମାଣ୍ଟିକ୍ ଯୁଗର ସାହିତ୍ୟ, ରାଧାନାଥଙ୍କ ରୂପପ୍ରାଣତା ଓ ବିଂଶଶତାବ୍ଦୀର ପ୍ରଥମ ତିନିଦଶକ ମଧ୍ୟରେ ପରିପୁଷ୍ଟ ରବୀନ୍ଦ୍ରନାଥଙ୍କ ଚିନ୍ତାସ୍ରୋତ ପରିପୁଷ୍ଟ କରିଅଛି । ତାଙ୍କ ପ୍ରେମଚେତନା ପରମ୍ପରାରେ ପରିପୁଷ୍ଟ ହୋଇଥିଲେ ବି ସେଥିରେ ଥିଲା ନୂତନ ଉଚ୍ଛ୍ୱାସର ଆବହବାର୍ତ୍ତା । ଅଭିମନ୍ୟୁ, ରାଧାନାଥ, ବାଇରନ, କୀଟସ୍ ଓ ରବୀନ୍ଦ୍ରନାଥ ହିଁ ସମଭାବରେ ଏପରି ଏକ ସମନ୍ୱୟକ୍ଷମ କାବ୍ୟମାନସରେ ପୁନର୍ଜନ୍ମ ନେଇପାରନ୍ତି । ଇରାନୀ କିଶୋରୀର ଗୁଲ୍‌ବଦନ ଠାରୁ ପରକୀୟା ପ୍ରିୟାର କରକଙ୍କଣର ରୁଣୁଝୁଣୁ ଶବ୍ଦର ଆସକ୍ତ ଇନ୍ଦ୍ରିୟାଚ୍ଛନ୍ନତା ବାଟଦେଇ ସ୍ୱକୀୟାର ଧୀରଚାଲି, ଆଳାପ ଓ ଦେହମୁକ୍ତି ପର୍ଯ୍ୟନ୍ତ ରାଶି ରାଶି କବିତାରେ ଯେଉଁ ମଧୁର ଆସକ୍ତି ମାନସିଂହ ପ୍ରକାଶ କରିଛନ୍ତି ତାହା ଯେ କିପରି ଓ କେଉଁ ପରିବେଶରେ ଏକ ମହାନ୍ ଆଧିଭୌତିକ ଅନୁଭୂତି ଆଡ଼କୁ ମୁହାଁଇ ଯାଇଛି ତାହା ନିର୍ଣ୍ଣୟ କରିବାକୁ ଗଲେ ବିସ୍ମିତ ହେବାକୁ

Digitized by srujanika@gmail.com

ହୁଏ । ଦେହଜ ପ୍ରେମ ଓ ପରିପାର୍ଶ୍ୱ ଠାରୁ ପଳାୟନର ସ୍ୱର ଅନ୍ତତଃ 'ସମରବିମୁଖ' ଓ 'ଦକ୍ଷିଣାପ୍ରତି' କବିତା ଦୁଇଟିରେ ସ୍ପଷ୍ଟ ବାରି ହୋଇଯାଉଛି ।

"ସେହି ଦେଶେ ନିଅ ମୋତେ, ଭୁଜପାତି ଧର ମତେ ଧର
ସନାତନ ସ୍ୱପ୍ନେ ଯିବି ଏ ଜଂଜାଳ ତେଜି ସଂସାରର
x x x ବିଦ୍ରୋହେ ଉଠୁଛି ମନ ହେ ଦକ୍ଷିଣେ ଇଚ୍ଛା ତେଜି ଦୂରେ
ଏ ସମାଜ, ଏ ଅନୀତି, ଯା'ନ୍ତି ଚାଲି ତବ ସିନ୍ଧୁକୂଳେ ?"
(ଦକ୍ଷିଣା ପ୍ରତି -ଜୀବନଚିତା)

ଜଗତର ଅଜାଣତେ ଆପଣା ସ୍ୱପନେ
କୁଟୀର ତୋଳିବି ବୋଲି ପୋଷିଥିଲି ମନେ,
x x x ଯାଏଁ ଚାଲି ସେହି ସ୍ଥାନେ ପାଇବି ନିସ୍ତାର
ନଥିବ ଯେଉଁଠି ଜୀବନର ଅତ୍ୟାଚାର ।" (ସମର ବିମୁଖ - ଜୀବନଚିତା)

କିନ୍ତୁ ସବୁଜର ପଳାୟନ ଠାରୁ ଏ ପଳାୟନ - ଚିନ୍ତାରେ କିଛି ମୌଳିକ ପ୍ରଭେଦ ଅଛି। ଗୋଟିଏ ସ୍ୱର ପୃଥିବୀର ଓ ସଂସାରର କୌଣସି ଜଟିଳ ପରିସ୍ଥିତି ସହିତ ପରିଚିତ ନ ହେଉଣୁ ପଳାୟମାନ; ଆଉ ଗୋଟିଏ ସ୍ୱର ନିଜ ପ୍ରେମ ଓ ପୃଥିବୀ ସହିତ ପରିଚୟର ପ୍ରତିକ୍ରିୟାରେ ଆତ୍ମସମର୍ପଣକାମୀ । ସିନ୍ଧୁକୂଳ, ନୀଳ ଆକାଶ, ଦିଗ୍‌ବଳୟ ଆଦି ପରିକଳ୍ପନା (concept) ସେହି ପଳାୟନର ଆଧିଭୌତିକ ଉତ୍ତାପ ବହନ କରି ମାନସିଂହଙ୍କ ପ୍ରେମଚେତନାକୁ ଏକ ନୂତନ ପର୍ଯ୍ୟାୟରେ ପହଞ୍ଚାଇ ଦେଇଛି ଓ କାବ୍ୟଚେତନାର ଉତ୍ତରଣ ସାଧିତ ହୋଇଛି ।

**ଆଧିଭୌତିକ ଚେତନା :** ରାଧାନାଥ ଓ ତାଙ୍କ ସମସାମୟିକ କବିମାନଙ୍କ ଭାବନାରେ ଯେଉଁ ତିନୋଟି ଚେତନା ଉନବିଂଶ ଶତାବ୍ଦୀର ଶେଷଭାଗରୁ ଉପ୍ତବୀଜ ହୋଇ କ୍ରମେ ବନସ୍ପତିରେ ପରିଣତ ହୋଇଥିଲା ସେ ସବୁକୁ ରୋମାଣ୍ଟିକ୍, ଜାତୀୟତାବାଦୀ ଓ ଆଧିଭୌତିକ ଚେତନାଭାବେ ବିନା ଦ୍ୱିଧାରେ ନାମିତ କରାଯାଇ ପାରିବ । କବି ରାଧାନାଥ ରୋମାଣ୍ଟିକ୍ ଓ ଜାତୀୟତାବାଦୀ ଚେତନାର ପଥିକୃତ୍ ଥିଲାବେଳେ କବି ମଧୁସୂଦନ ଓ ଭୀମଭୋଇଙ୍କ କବିତାରେ ଆଧିଭୌତିକ ଚେତନା

Digitized by srujanika@gmail.com

ସଂପ୍ରସାରିତ ହୋଇଥିଲା । ଏହି ଚେତନାଟି ସତ୍ୟବାଦୀ ଯୁଗର କବି ଗୋପବନ୍ଧୁ, କୁନ୍ତଳାକୁମାରୀ, କାନ୍ତକବି ଲକ୍ଷ୍ମୀକାନ୍ତ ଓ କିଛି ପରିମାଣରେ ସବୁଜକବି ବୈକୁଣ୍ଠନାଥଙ୍କ କାବ୍ୟକବିତାରେ ପ୍ରତିଭାତ ହୋଇ କବି ମାନସିଂହଙ୍କ ଉତ୍ତର-କାଳୀନ କବିତାରେ ବିସ୍ଫୋରିତ ହୋଇ ଉଠିଛି - ଅନ୍ତତଃ 'ଜୀବନଚିତା', 'ଅକ୍ଷତ' ଓ 'କୃଶ' ର ଅନେକ କବିତା ଏହାର ସାକ୍ଷ୍ୟ ବହନ କରିବେ । ତାରୁଣ୍ୟର ଉଚ୍ଛଳ ପ୍ରଣୟ ମଧ୍ୟରେ ଦିନେ କବି ମାନସିଂହ ଏକ ସର୍ବଶକ୍ତିମାନ ପାରମାର୍ଥିକ ଶକ୍ତି ସଂପର୍କରେ ଯେଉଁ ସଂଶୟ ଓ ଜିଜ୍ଞାସା ପ୍ରକାଶ କରିଥିଲେ ତାହା ତାଙ୍କ ନାସ୍ତିକ୍ୟ ମନୋବୃତ୍ତିର ପରିଚୟ ଥିଲା । କଠୋର ଜୀବନଯୁଦ୍ଧରେ ନତ୍ୟପରାହତ, ଦୁର୍ବଳ, ଦରିଦ୍ର, ଦୀନ କବି ବିଧାତାର କୌଣସି ଅନୁଗ୍ରହ ଲାଭରୁ ବଞ୍ଚିତ ବୋଲି ମନେ ମନେ ଅନୁଭବ କରୁଥିଲେ । 'ବିଶୁଦ୍ଧ ସନ୍ଦେହ' ଓ 'ଜିଜ୍ଞାସା' - କବିତା ଦୁଇଟିର ନାମକରଣରୁ ତାର ଥିମ୍ ସଂପର୍କରେ ସୂଚନା ମିଳେ ।

"ମାନବର ଦୁଃଖ କଷ୍ଟ, ଜଗତର ପ୍ରାସ/କ୍ରମେ କ୍ରମେ ନିଏ ମୋର ଈଶ୍ୱର ବିଶ୍ୱାସ
ଗଭୀର ନିରାଶାମୟ ଏ ଜୀବ ସଂସାରେ ଏକମାତ୍ର ଆଶାଖାଲି ମାନବ ଆତ୍ମାରେ"

ବିଶୁଦ୍ଧ ସନ୍ଦେହ (ହେମଶସ୍ୟ)

କିମ୍ବା

"ସେ ଦିନ ବିଶ୍ୱାସେ କରି ସ୍ନିଗ୍ଧ ପରିହାସ
ବହୁଦୂରେ ରଖିଅଛି ସେଦିନ ଈଶ୍ୱରେ
କବିର କଳ୍ପନା ବୋଲି ଆଜି ମୁଁ ଚିତ୍ତରେ
ଭାଳେ ଖାଲି ଦୁଇ ମଧ୍ୟେ ସତ୍ୟକୁ ପଥରେ ।"

ଚତୁର୍ଦ୍ଦିଗରେ ଉଠୁଥିବା ନିତ୍ୟ ହାହାକାରକୁ ଦେଖି କବି କେଉଁ ଶିବ, ଶୁଭଙ୍କର ଦେବତାର ବିଶ୍ୱାସ ବା ମନରେ ପୋଷଣ କରିପାରିଥାନ୍ତା ? କିନ୍ତୁ ସେଇ ସଂଶୟ ମଧ୍ୟରେ କବି ବେଳେ ବେଳେ ଭଗବାନଙ୍କ ପ୍ରତିଯେ ଆସ୍ଥାଶୀଳ ହୋଇ ଉଠିନାହାନ୍ତି, ସେପରି ନୁହେଁ ।

"ସନ୍ଧାନ ମିଳଇ ଏଇ ବିରାଟ ସ୍ରଷ୍ଟାର
ହୃଦୟ ଚିତ୍ତବୃତ୍ତି କରେ ମହିମା ଯାହାର ।" 'ବିରାଟସ୍ରଷ୍ଟା' (ହେମଶସ୍ୟ)

Digitized by srujanika@gmail.com

ଏସବୁ ଚିନ୍ତାଧାରାରୁ ସ୍ପଷ୍ଟ ପ୍ରତୀତ ହେବ ଯେ କବି ମାନସିଂହ ଥିଲେ ସମନ୍ୱୟବାଦୀ। ଈଶ୍ୱରଙ୍କ ସଂପର୍କରେ ତାଙ୍କର କୌଣସି ଏକମୁଖୀ ନିର୍ଦ୍ଦିଷ୍ଟ ମତାମତ ନାହିଁ । ଯଦିଓ ବେଳେବେଳେ କାବ୍ୟ ପ୍ରତିକ୍ରିୟା ପ୍ରକାଶପାଇଛି । କିନ୍ତୁ ଏହି ସମୟରେ ସବୁଜ କବିମାନେ ରବୀନ୍ଦ୍ରନାଥଙ୍କ କାବ୍ୟଭାବନା ସଂପର୍କରେ ଆସି ନିଜ ଚିନ୍ତାରେ ପ୍ରତିଫଳିତ କରିଥିବା ଉପାଦାନ ଗୁଡ଼ିକ ପ୍ରତି କବି ମାନସିଂହ ସଚେତନ ହୋଇଛନ୍ତି । ତେଣୁ "ଦେହର ଜଡ ଅନୁଭୂତିରୁ ଆତ୍ମାର ଚେତନା ଲୋକକୁ, ରୂପର ପୁଷ୍ପିତ ପ୍ରାଙ୍ଗଣରୁ ଅରୂପର ଅଳକାପୁରୀକୁ ଏବଂ ସୀମାର ସଂକୀର୍ଣ୍ଣ ନିଗଡ଼ରୁ ବୃହତ୍ତର ଭୂମା ପରିସରକୁ ପଙ୍କ ଅନ୍ତରର କବି ମନୁଷ୍ୟଟି କ୍ରମଶଃ ଗତିଶୀଳ ହୋଇଛି ଓ ପ୍ରଣୟିନୀର ରୂପାଲୋକରେ ମଧ୍ୟ ଅରୂପର ସନ୍ଧାନ କରିଛି । କବିପ୍ରାଣର ପ୍ରଣୟାଭିସାର ଦେହକାରାଗାରର ଇନ୍ଦ୍ରିୟ ବଂଧନୀ ମଧ୍ୟରେ ଆରମ୍ଭ ହୋଇଥିଲେ ହେଁ ପରିଣତିରେ ଏକ ସିଦ୍ଧିଧାମରେ ଆସି ପହଞ୍ଚିଛି; ଯେଉଁ ଧାମ କି ମୁକ୍ତି, ସୌନ୍ଦର୍ଯ୍ୟ ଓ ନତ୍ୟ ଆନନ୍ଦର ଗୋଲୋକ । (୮) ଏକ ନୂତନ ପ୍ରଣୟର ଆଧିଭୌତିକ ଚିତ୍ର ତାଙ୍କ ରଚିତ 'କୃଷ୍ଣ' ର ବହୁ ସନେଟ୍‌ରେ ସ୍ପଷ୍ଟ । ଏହି ପ୍ରଣୟରେ ଆଉ ରୂପର ମୋହ ବା ଜୈବିକ ଲାଳସାର ଚିହ୍ନ ନାହିଁ; ଅଛି ଏକ ଅବର୍ଣ୍ଣନୀୟ, ଅନନୁଭୂତ ଆତ୍ମାସ୍ଫୀତିର ସ୍ୱପ୍ନ । ପାର୍ଥିବ ଅପ୍ରାପ୍ତିରେ ନୁହେଁ ବରଂ ଅପାର୍ଥିବ କାମନାରେ ବିରହୀ କବି ଏଠାରେ ଅଶ୍ରୁ ବର୍ଷଣ କରେ । ଜୀବନର ବହୁ ସୁଖଦୁଃଖର ଅନୁଭୂତିକୁ ସେଇ କଳ୍ପିତ ଈଶ୍ୱରଙ୍କ ପାଖରେ ସମର୍ପି ଦେବାକୁ ବ୍ୟାକୁଳ ହୋଇ ଉଠେ । (୯)

ମାନସିଂହ ନିଜେ ସ୍ୱୀକାର କରିଛନ୍ତି- "ନିଜ ଜୀବନର ଓ ସହଯାତ୍ରୀ ଜୀବଗ୍ରାମର ଦୁଃଖ ଦୁର୍ଦ୍ଦଶାର କଥା ଭାବୁଁ ଭାବୁଁ ଲେଖକ ବେଳେବେଳେ ଗୌତମ ବୁଦ୍ଧଙ୍କ ସଙ୍ଗେ ନରୀଶ୍ୱର ହେଲାବେଳକୁ ତେଣେ ରାମକୃଷ୍ଣ ପରମହଂସଙ୍କ ଈଶ୍ୱର କୁଟୁମ୍ବିତା ଦେଖି ସ୍ତବ୍ଧ ହୁଏ । ଏ ରହସ୍ୟର ଠିକ୍ ଉତ୍ତର କିଏ ଦେବ ? x x x ବୁଦ୍ଧ ଏଥିପାଇଁ ସୃଷ୍ଟି ଓ ସ୍ରଷ୍ଟାର ତତ୍ତ୍ୱ ନେଇ ସମୟ ବୃଥା ନଷ୍ଟ ନକରି ଆତ୍ମକର୍ଷଣ ଦ୍ୱାରା ସଂସାର ଦୁଃଖରୁ ନିର୍ବାଣ ଲାଭ କରିବାକୁ ଉପଦେଶ ଦେଇଥିଲେ । କିନ୍ତୁ ମନୁଷ୍ୟର ଚିତ୍ତ ସବୁବେଳେ ଏକ ଅଦୃଶ୍ୟ ଶକ୍ତି ସଙ୍ଗେ ନିଜକୁ ସମର୍ପିତ ରଖି ଏକ ପ୍ରକାର ମାନସିକ ସୁଖ ଆସ୍ୱାଦନ କରିବାକୁ ଚାହେଁ । x x x ଆଗେତ କହିଛି

Digitized by srujanika@gmail.com

ଲେଖକ ଭକ୍ତ ବା ସାଧକ ନୁହେଁ । ସେ ଇହ ଜୀବନର ସୁଖଦୁଃଖର ଏକ ଭୋକ୍ତାମାତ୍ର । ମନୁଷ୍ୟ ନିଜ ଅନ୍ତରର ଦୁଃଖ ଅନ୍ୟ ଆଗରେ କହି ସୁଖ ପାଏ । ଲେଖକ ଅନ୍ୟଗତି ନ ଦେଖି ଈଶ୍ୱର ନାମକ ସେହି ଶାଶ୍ୱତ ରହସ୍ୟମୟ ଅଦୃଷ୍ଟ ପୁରୁଷ ନିକଟରେ ତାହାହିଁ କରିବାକୁ ଯାଉଛି ।" (୧୦) ଏହି ଭାବଧାରା 'ଅକ୍ଷତ'ର ବହୁ କବିତାରେ ଉଚ୍ଚାରିତ ।

"ନାନା ଧର୍ମ, ନାନା ଶାସ୍ତ୍ର, ନାନା ଦରଶନ
ପଢ଼ିମାତ୍ର ଭାରାକ୍ରାନ୍ତ କଲି ମୋର ଶିରେ
କସ୍ତୁରିକା ମୃଗସମ ଭ୍ରାନ୍ତ ଅନ୍ୱେଷଣ
କରି ମୁଁ ଫେରିଛି ଶେଷେ ତବ ସନ୍ନିଧିରେ ।" (ଏକ ଓ ବହୁ -ଅକ୍ଷତ)

ପୁଣି ସେଇ ବିଶ୍ୱ ସ୍ରଷ୍ଟାଙ୍କୁ କବି ଚତୁର୍ଦ୍ଦିଗରେ ସନ୍ଧାନ କରନ୍ତି । ରେଣୁ ଠାରୁ ଆରମ୍ଭ କରି ନଭମଣ୍ଡଳର ତାରକାରାଶି ପର୍ଯ୍ୟନ୍ତ ସବୁଠାରେ ସେ ପରିବ୍ୟାପ୍ତ ହୋଇ ରହିଛନ୍ତି-

"ଏ ଧରଣୀ ରନ୍ଧ୍ରେ ରନ୍ଧ୍ରେ, ଅଣୁ ଅଣୁ ଭେଦି
ଅଛନ୍ତି ସେ, ଖିଳବିଶ୍ୱ ତାଙ୍କ ପୂଜାବେଦୀ ।" (ବିଶ୍ୱରୂପ - ନକ୍ଷତ୍ର)

ମୋଟ ଉପରେ କବି ମାନସିଂହଙ୍କ ପରିଣତ କାବ୍ୟସ୍ୱରରେ ଈଶ୍ୱରାନୁଭୂତି ଓ ଆଧିଭୌତିକ ଭାବ ବିଳାସ ଅନୁଧ୍ୟାନ କଲେ ପାଠକମାତ୍ରେଇ ବିସ୍ମୟରେ ଅଭିଭୂତ ହେବ । ଉଦ୍ଦାମ ଦେହଜ ପ୍ରଣୟରୁ ଏହି ଅତୀନ୍ଦ୍ରିୟ ଚେତନା ଆଡ଼କୁ ଦ୍ରୁତ ପଳାୟନ ବୋଧହୁଏ ତାଙ୍କ ପାଇଁ ଥିଲା ଏକ ମାତ୍ର ସମାଧାନ; ତେଣୁ ପରବର୍ତ୍ତୀ କାବ୍ୟ ସ୍ୱରରେ ଏଇଯେ ଉତ୍ତରଣ ଓଡ଼ିଆ ସାହିତ୍ୟକୁ 'ଧୂପ'ର ଧୂଆଁ ଓ ଅଗୁରୁ ଗନ୍ଧରେ ନୁହେଁ ଯଜ୍ଞର ପରମ ପବିତ୍ର ହବିଃ ଗନ୍ଧରେ ଆମୋଦିତ କରି ରଖିଛି । କବି ମାନସିଂହ ଏହି ପର୍ଯ୍ୟାୟରେ ତେଣୁ ଜଣେ ଯାଜ୍ଞିକ ଭାବେ ଆତ୍ମପ୍ରକାଶ କରିଛନ୍ତି । ସେଇ ପରମ ହୋତାର ବାଣୀ 'ଅକ୍ଷତ' (୧୯୪୬) 'ଜୀବନଚିନ୍ତା' (୧୯୪୭), 'କ୍ରୁଶ' (୧୯୪୪ ରୁ ୫୬ ମଧ୍ୟରେ ରଚିତ) ର ରାଶିରାଶି କବିତାରେ ଏକ ପୋଖତ ଓ ପରିପୁକ୍ତ କାବ୍ୟମାନସର ପରିଚୟ ବହନ କରିଛି । ପୁଣି ଅତୀନ୍ଦ୍ରିୟ ଜଗତର ନିବିଡ଼ ରହସ୍ୟାନୁଭୂତି ଓ ଆଧିଭୌତିକ ଭାବ ବିଳାସ ମଧ୍ୟରେ ସେ

Digitized by srujanika@gmail.com

ଜୀବନ ଓ ଜଗତ ପ୍ରତି ଶିଳ୍ପୀ ପ୍ରାଣର ମୌଳିକ ସମ୍ବେଦନଶୀଳତାକୁ କେଉଁଠି କ୍ଷୁଣ୍ଣ ହେବାକୁ ଦେଇନାହାନ୍ତି । ସାଧାରଣ ମଣିଷ ପ୍ରତି ସତ୍ୟବାଦୀ ଯୁଗର କବି ଓ କବିଗୁରୁ ରବୀନ୍ଦ୍ରନାଥଙ୍କ ପରି ତାଙ୍କ କବିତାରେ ସର୍ବତ୍ର ସହାନୁଭୂତିର ସ୍ୱର ପ୍ରକଟିତ ହୋଇଅଛି । ଆତ୍ମଶକ୍ତିରେ ଗରୀୟାନ ହୋଇ ଅସହାୟମାନଙ୍କ ସେବାରେ ଜୀବନ ବିନିଯୋଗ କରିବାକୁ ସେ ପରମ ସ୍ରଷ୍ଟାଙ୍କ ଆଶିଷ ଭିକ୍ଷା କରିଛନ୍ତି ।(କବିତା 'ଶେଷକଥା' - ଜୀବଚିତା ଦ୍ରଷ୍ଟବ୍ୟ)

କବି ମାନସିଂହଙ୍କ କାବ୍ୟସ୍ୱରରେ ଏ ଯେ ପରିବର୍ତ୍ତନ ତାହା ବହୁମାତ୍ରାରେ ରବୀନ୍ଦ୍ରନାଥଙ୍କ ଚିନ୍ତାଧାରା ଦ୍ୱାରା ପରିପୁଷ୍ଟ ହୋଇଛି - ଏ କଥା ସ୍ୱୀକାର ନ କଲେ ସତ୍ୟର ଅପଳାପ ହେବ । ରବୀନ୍ଦ୍ରନାଥଙ୍କ ଅଧ୍ୟାତ୍ମ ଚିନ୍ତାରେ ଯେଉଁ ରହସ୍ୟବାଦୀ ଉପାଦାନ ପରିଲକ୍ଷିତ ହୁଏ ବାସ୍ତବଜୀବନର ପ୍ରାତ୍ୟହିକ ପ୍ରସଙ୍ଗରେ ତାହାର ଯଥାର୍ଥ୍ୟ ସୁସ୍ପଷ୍ଟ । ତେଣୁ ତାଙ୍କ ମତରେ ବ୍ୟକ୍ତି ବା ଜାତିର ମୁକ୍ତିମାର୍ଗ ସୁଖ ଦୁଃଖ ସମ୍ବଳିତ ଆମର ପ୍ରାତ୍ୟହିକ ଜୀବନ ମଧ୍ୟରେ ହିଁ ଉପଲବ୍ଧି କରାଯାଇପାରିବ । ତେଣୁ ଆମ ଦୈନନ୍ଦିନ ଜୀବନରେ ଅଭିବ୍ୟକ୍ତି ଲାଭ କରୁଥିବା ମମତା, ଆତ୍ମପ୍ରକାଶ, ପ୍ରତିବେଶୀ ପ୍ରୀତି ଓ ଦରିଦ୍ରଜନତାର ସେବା ହିଁ ତାଙ୍କ ନିକଟରେ ଏକ ବଳିଷ୍ଠ ମୁକ୍ତିମାର୍ଗୀ ମାନବଧର୍ମ ଭାବେ ଗୃହୀତ । ରବୀନ୍ଦ୍ରନାଥଙ୍କ 'ମୁକ୍ତି' କବିତାର (ନୈବେଦ୍ୟ) ଓ ଗୀତାଞ୍ଜଳିର ଭାବଧାରାକୁ କବି ମାନସିଂହ ତାଙ୍କର ବହୁ କବିତାରେ ଆତ୍ମସାତ କରିଛନ୍ତି । ସମସାମୟିକ କାବ୍ୟିକ ପଟ୍ଟଭୂମିରୁ କବି ରବୀନ୍ଦ୍ରନାଥଙ୍କ କଦାପି ଉପେକ୍ଷା କରାଯାଇ ପାରିବ ନାହିଁ; କାରଣ ମାନସିଂହଙ୍କ ସମେତ ବହୁ ଓଡ଼ିଆ କବି ଏପରିକି ପ୍ରଗତିବାଦୀ କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ସୃଷ୍ଟିରେ ରବୀନ୍ଦ୍ରନାଥଙ୍କ କାବ୍ୟଚେତନାର ମୁଦ୍ରାଙ୍କ ସ୍ପଷ୍ଟ ବାରି ହୋଇଯାଏ । ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି' ୧୯୧୬ ମସିହାରେ ନୋବେଲ ପୁରସ୍କାର ପାଇବା ପରେ ଏପରି ପ୍ରଭାବ ବହୁ ପ୍ରାନ୍ତୀୟ ସାହିତ୍ୟ ସମେତ ଓଡ଼ିଆ ସାହିତ୍ୟରେ ଅଧିକମାତ୍ରାରେ ଉପଲବ୍ଧ ହେବା ସ୍ୱାଭାବିକ । (୧୧) ଏଠାରେ ଲକ୍ଷ୍ୟକରିବାର କଥା ଯେ ମାନସିଂହଙ୍କ କବିତାର ପ୍ରେମ-ପ୍ରଣୟ-ଦେହସର୍ବସ୍ୱ ଚିନ୍ତାଧାରାର ଏ ପରିବର୍ତ୍ତନ କଣ ସ୍ୱାଭାବିକ ନା ଏକ ବାହ୍ୟ ଶକ୍ତିର ପ୍ରତିଘାତ ଜନିତ ପରିଣତି ? ତାଙ୍କ କବିତାର ଉଚ୍ଛଳ ପ୍ରଣୟମୂଳକ

Digitized by srujanika@gmail.com

ଚେତନା ଓ ଅନୁଷଙ୍ଗ ଠାରୁ 'ଅକ୍ଷତ', 'ଜୀବନଚିତା' ଓ 'କ୍ରୁଶ'ର ଆଧ୍ୟାତ୍ମିକ ଜୟଯାତ୍ରା ପଛରେ ରବୀନ୍ଦ୍ର ଚେତନାର ସଂକ୍ରମଣକୁ ପାଠକମାତ୍ରେ ସ୍ୱୀକାର କରିବେ। କାରଣ ଭାବନା ଓ ଭାବ-ସଂପ୍ରେକ୍ଷଣରେ ଏତେ ସାମଞ୍ଜସ୍ୟ କେବେହେଲେ ଆକସ୍ମିକ ହୋଇ ନପାରେ । ଲକ୍ଷ୍ୟ କରିବାର କଥା ଯେ ଏ ସଂକ୍ରମଣରୁ ୧୯୨୫-୪୭ ଓଡ଼ିଆ କବିତା ଆଦୌ ମୁକ୍ତ ନୁହେଁ । ଏହି ଦୃଷ୍ଟିରୁ ରବୀନ୍ଦ୍ରନାଥଙ୍କ କବିତାର ଅନେକ ଆଭିମୁଖ୍ୟ ମଧ୍ୟରୁ କେବଳ ମଣିଷ ଦେବତାର ବା ଲାଞ୍ଛିତ ନରନାରାୟଣଙ୍କ ଉପାସନା ଓ ସମକାଳୀନ ଓଡ଼ିଆ କବିତାରେ ଏହାର ଅନୁବର୍ତ୍ତନ ସଂପର୍କରେ ସାମାନ୍ୟ ସୂଚନା ଦେଇ ଏ ଆଲୋଚନା ଶେଷ କରିବି ।

ରବୀନ୍ଦ୍ରନାଥ ମାର୍କ୍ସିଷ୍ଟ ଚିନ୍ତାଧାରା ଦୃଷ୍ଟିରୁ ବିପ୍ଳବୀ ନଥିଲେବି ତାଙ୍କ କବିତାରେ ସାଧାରଣ ମଣିଷ ପ୍ରତି ଅସୀମ ମମତାର ସ୍ୱାକ୍ଷର ସ୍ପଷ୍ଟ । ସେମାନଙ୍କ ମଧ୍ୟରେ ସେ ଜୀବନର ନିରଳସ ଓ ଅକୃତ୍ରିମ ପ୍ରକାଶ ଦେଖି ମୁଗ୍ଧ ହେଉଥିଲେ । ସେହିମାନଙ୍କ ଜୀବନଯାତ୍ରାରୁ ପାଉଥିଲେ ସୃଷ୍ଟିର ବିପୁଳ ପ୍ରେରଣା । ତାଙ୍କର 'ଦୁଇବିଘା ଜମି', 'ପତିତା', 'କାଙ୍ଗାଳିନୀ ମେୟେ', 'ଦେବତାର ଗ୍ରାସ' ଓ ଆଗରୁ ସୂଚନା ଦିଆଯାଇଥିବା 'ଗୀତାଞ୍ଜଳି'ର ବହୁ କବିତାରେ ନିମ୍ନ ଶ୍ରେଣୀର ମଣିଷର ଦୁଃଖ ଓ ବେଦନାର ଚିତ୍ର ଭରି ରହିଛି । କବି ପ୍ରାଣର ଅଫୁରନ୍ତ ସହାନୁଭୂତିର ସ୍ରୋତ ସେମାନଙ୍କ ଆଡ଼କୁ ଲମ୍ବିଯାଇଛି । ସେ ନରଠାରେ ନାରାୟଣଙ୍କ ସନ୍ଧାନ କରିଛନ୍ତି। ତାହାହିଁ ତାଙ୍କ କବିତାରେ ମଣିଷ ଦେବତା ଉପାସନାର ବୈପ୍ଳବିକ ଭୂମିକା ।

"ଶତେକ ଶତାବ୍ଦୀ ଧରେ ନାମେ ଶିରେ ଅସମ୍ମାନ ଭାର
ମାନୁଷେର ନାରାୟଣେ ତବୁଓ କରନା ନମସ୍କାର
ତବୁ ନତ କରି ଆଁଖି, ଦେଖିବାରେ ଯାଓନାକି
ନେମେଛେ ଧୂଳାର ତଳେ ହୀନ ପତିତେର ଭଗବାନ
ଅପମାନ ହତେ ହବେ ସେଥା ତୋରେ ସବାର ସମାନ ।"

(ଅପମାନିତ- ଗୀତାଞ୍ଜଳି)

କିମ୍ବା

Digitized by srujanika@gmail.com

'ଭଜନ, ପୂଜନ, ସାଧନ, ଆରାଧନ ସମସ୍ତ ଥାକ୍‌ପଡ଼େ
ରୁଦ୍ଧଦ୍ୱାରେ ଦେବାଲୟେର୍ କୋନେ କେନ୍ ଆଛିସ୍ ଓରେ !
ଅନ୍ଧକାରେ ଲୁକିୟେ ଆପନ ମନେ/କାହାର ତୁଇ ପୂଜିସ୍ ସଂଗୋପନେ ?
ନୟନ ମେଲେ ଦେଖ୍ ଦେଖି ତୁଇ ଚେୟେ/ଦେବତା ନାଇ ଘରେ ।"

(ଧୂଳାମନ୍ଦିର -ଗୀତାଞ୍ଜଳି)

କବି ମାନସିଂହଙ୍କ ବହୁ କବିତାରେ ଏହି ଭାବଧାରା ବିଚ୍ଛୁରିତ ହୋଇ ପଡ଼ିଥିଲେ ବି 'ଦେବପୂଜା' କବିତାରେ ଏହାର ଶାଣିତ ଅଭିବ୍ୟକ୍ତି କିପରି ରବୀନ୍ଦ୍ର କବିତାର ଭାରସାମ୍ୟ ରକ୍ଷା କରିଛି ଲକ୍ଷ୍ୟ କରନ୍ତୁ -

"ପୁରୋହିତ; ଶୁଦ୍ଧପୂତ ହୋଇ ଦେଉଳରେ କା' ପୂଜା କରହେ
ସୃଷ୍ଟି ଯାର ଉଦାର ଆଲୋକ ସେ ଦିଅଁକି ଅନ୍ଧକାରେ ରହେ ?
ଅନ୍ତରରୁ ଅନ୍ତରୀକ୍ଷେ ବ୍ୟାପି ବିରାଜିତ ଯେ ଭୁବନେଶ୍ୱର
କ୍ଷୁଦ୍ର ରୁଗ୍‌ଣ ଅନ୍ଧକାର ଗୃହେ, ତା'ର କିଂପା ଆରାଧନା କର ?
ଦେଖ ଦେଖ ଆଗେପଛେ ତବ, ଶତଶତ ନରନାରାୟଣ
ଯାଙ୍କୁ ତୁମେ ପଛେ ଦେଇ ପେଲି, ଦେବତାରେ ଲଭିବ ବ୍ରାହ୍ମଣ ?
ଦେବତାଙ୍କୁ ବାହାରେ ରଖିଲ, ଛୁଇଁବାକୁ ଡରିଲ ତାହାରେ
କାରେ ତୁମେ ଗଲ ପୂଜିବାକୁ ଦେଉଳର କ୍ଷୁଦ୍ର ଅନ୍ଧକାରେ ?
ଏବେ କାଠ ପଥର ନ ପୂଜି, ଆସ ପୂଜ ଜୀବନ୍ତ ଦେବତା
ଯା' ଆଖିରୁ ଲୁହ ଯିବ ବହି, କହି ଦେଲେ ପଦେ ମଧୁ କଥା ।
ବନ୍ଦକର ମନ୍ତ୍ରପାଠ ତବ, ବନ୍ଦକର କର୍ପୂର ଆଳତି
ଦେଉଳର ବାହାରେ ଦେବତା, ହାତ ପାତି ଉଭା ହୋଇଛନ୍ତି ।"

(ଦେବପୂଜା - ଜୀବନ ଚିତା)

ଆଉ ଅଧିକ ଉଦାହରଣ ଦେବା ଆବଶ୍ୟକତା ନାହିଁ । ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି'ର ଏ ଭାବ ଭାବନା ରାଧାମୋହନ ଗଡ଼ନାୟକଙ୍କ 'ଅର୍ଘ୍ୟ', କବି ସଚ୍ଚିଦାନନ୍ଦଙ୍କ ଆଦ୍ୟ ଯୌବନର ରଚନା 'ପାଥେୟ', କବି ବିନୋଦ ନାୟକଙ୍କ 'ମନ୍ଦିର ଭଗ୍ନ'

Digitized by srujanika@gmail.com

ଓ ଅମୁହାଁ ଦେଉଳ', ବୈକୁଣ୍ଠ ନାଥଙ୍କ 'ମୂକ ଭଗବାନ', କାଳିନ୍ଦୀ ଚରଣଙ୍କ 'ପୁରୀ ମନ୍ଦିର', ଜ୍ଞାନୀନ୍ଦ୍ର ବର୍ମାଙ୍କ 'ମୂର୍ତ୍ତି ଓ ମନ୍ଦିର', ଡ଼ମ୍ବରୁଧର ପରିଡ଼ାଙ୍କ 'ମାନବ ଦେବତା' ଏପରିକି ମାର୍କ୍ସିଷ୍ଟ କବି ଅନନ୍ତ ପଟ୍ଟନାୟକଙ୍କ 'ଅଲୋଡା ଲୋଡା' କବିତା ସଂକଳନର 'ବୁଦ୍ଧ ତୁମର ଦିବସ ଯାଇଛି ଚାଲି'ରେ ସ୍ପଷ୍ଟ ପ୍ରତିଫଳିତ ହୋଇଛି । (୧୨) ପୁନଶ୍ଚ ପରିଣତ କାଳରେ କବି ମାନସିଂହ ସ୍ୱରାଜ୍ୟ ସଂଗ୍ରାମ ଓ ମହାତ୍ମାଗାନ୍ଧୀଙ୍କୁ ନେଇ ରାଶି ରାଶି କବିତା ରଚନା କରିଥିଲେ ହେଁ ସେସବୁ କବିତାରେ ତାଙ୍କ ସୁକୁମାର ଓ ସରସ ଚିନ୍ତାର ଅବକ୍ଷୟହିଁ ପ୍ରକଟିତ ହୋଇଛି । ଏହି ଅବକ୍ଷୟ, ପରେ ବୁଦ୍ଧଙ୍କୁ ନେଇ ରଚିତ ଉତ୍ତର ପଚାଶର କବିତାମାନଙ୍କରେ ଆହୁରି ସ୍ପଷ୍ଟ ବାରିହୁଏ। ଅବଶ୍ୟ ଏ ପର୍ଯ୍ୟାୟରେ କବି ନିଜକୁ ନିରୀଶ୍ୱରବାଦୀ ବୋଲି ପ୍ରମାଣ କରିବାକୁ ଉଦ୍ୟମ କରିଛନ୍ତି; କିନ୍ତୁ ତାଙ୍କ କାବ୍ୟକଳାର ସେଇ ସୁକୁମାର ଆବେଦନଶୀଳତା ଅତି ଦ୍ରୁତ ଗତିରେ ହୋଇପଡ଼ିଛି କେନ୍ଦ୍ରଚ୍ୟୁତ । (୧୩) କବିତାରେ ବୌଦ୍ଧିକତାର ବିପୁଳ ବିଚ୍ଛୁରଣ ମଧ୍ୟ ତାଙ୍କୁ ତାଙ୍କର ପୂର୍ବ ଗୌରବ ଫେରାଇ ଦେଇପାରିନାହିଁ । ଏପରିକି ୧୯୬୨ରେ ପ୍ରକାଶିତ କ୍ଷୁଦ୍ର କବିତାବଳୀ 'ବିନ୍ଦୁ ଓ ସିନ୍ଧୁ'ର ଦାର୍ଶନିକ ମନନଶୀଳତା ଓ ପ୍ରଜ୍ଞାବାଦ ତାଙ୍କ କବିତାର ପୂର୍ବତନ ପ୍ରାଣପ୍ରାଚୁର୍ଯ୍ୟକୁ ପ୍ରତିରୋପିତ କରି ପାରିନାହିଁ, ଏହାହିଁ କ୍ଷୋଭର ବିଷୟ

ତଥାପି ଓଡ଼ିଆ ସାହିତ୍ୟର ଇତିହାସରେ ପ୍ରାକ୍-ସ୍ୱାଧୀନତା ଓ ଓଡ଼ିଆ କାବ୍ୟଧାରାରେ କବି ମାନସିଂହ ଏକ ଅଭ୍ରାନ୍ତ ଓ ଅମଳିନ ସ୍ୱାକ୍ଷର ଭାବେ ଚିର ଜାଜ୍ୱଲ୍ୟମାନ ରହିବେ । କାରଣ ଓଡ଼ିଆ କବିତାକୁ ସେ ଯେଉଁ ଉତ୍ସାହ, ପ୍ରାଣିତ ଆବେଗ ଓ ବେଦନା ବିଧୁର ମାଧୁର୍ଯ୍ୟ ପ୍ରଦାନ କରିଯାଇଛନ୍ତି ତାହା ପ୍ରଗତିଶୀଳ କବିତାର ପ୍ରବଳ ଝଂଜାଘାତରେ କିମ୍ୱା ପ୍ରୟୋଗବାଦୀ କବିତାର ନାନାଦି ବୌଦ୍ଧିକ ପରୀକ୍ଷା ନିରୀକ୍ଷା ମଧ୍ୟରେ ତଥାପି ଏ ଯାବତ୍ ମଳିନ ହୋଇନାହିଁ । ପ୍ରୟୋଗବାଦୀ କାବ୍ୟଚେତନା (୧୯୫୦-୭୦) ଠାରୁ ଦୂରରେ ରହି ମଧ୍ୟ କବି ମାନସିଂହ ଆଜି ଐତିହାସିକ କାବ୍ୟପୁରୁଷ ଭାବରେ ତଥାପି ଦୀପ୍ତ ତେଜରେ ଦାଉଦାଉ ଜଳୁଛନ୍ତି- ତାହା ହିଁ ଆଶ୍ଚର୍ଯ୍ୟର ବିଷୟ । କାରଣ ଜୀବନରେ ଯାହା ମହତ, ଯାହା ସୁନ୍ଦର, ଯାହା ସତ୍ୟ କବି ଥିଲେ ତା'ର ଉପାସକ ଓ ଭକ୍ତ । କୌଣସି ଗୋଷ୍ଠୀ, ଦଳ ବା

Digitized by srujanika@gmail.com

ଇଜମ୍‌ର ପ୍ରଚାରକ ରୂପେ ଠିଆ ହେବା ତାଙ୍କର ନୀତିବିରୁଦ୍ଧ । 'କମଳାୟନ' କାବ୍ୟରେ କବି ତାହାହିଁ ପ୍ରମାଣିତ କରିବାକୁ ଯାଇଛନ୍ତି ଯେ ଦଳ ଓ ଦେଶ ଠାରୁ ବ୍ୟକ୍ତି ଓ ମାନବ ବଡ଼ । ସେଥିପାଇଁ କମଳଲୋଚନ ତାର ରାଜନୈତିକ ମତବାଦ ଛାଡି ବିରାଟ ମାନବଜାତିର ସେବାରେ ବାହାରିପଡିଛି । କବିଙ୍କର ଦୃଢ଼ ବିଶ୍ୱାସ ଯେ "କୌଣସି ଶ୍ଳୋଗାନ ମନୁଷ୍ୟ କଲ୍ୟାଣ ଆଣିପାରିବ ନାହିଁ, ଯେପରି ଆଣିବ ବ୍ୟକ୍ତିର ଚାରିତ୍ରିକ ଶୁଦ୍ଧତା, ନିଃସ୍ୱାର୍ଥପରତା ଓ ସତ୍ୟପ୍ରତି ବିଶୁଦ୍ଧ ଅନୁରାଗ । (୧୪) ଗୋଟିଏ ଦୃଷ୍ଟିରୁ ପ୍ରାକ୍-ସ୍ୱାଧୀନତା କାଳୀନ ଶ୍ଳୋଗାନଧର୍ମୀ ପ୍ରଗତିବାଦୀ କବିତା ୧୯୫୦ ପରେ ତା'ର ବତ୍ମ ପରିବର୍ତ୍ତନ କରି ବ୍ୟକ୍ତ ମଣିଷର ଚିନ୍ତା ଚେତନା ଓ ଅବଚେତନ ପ୍ରତି ଅଧିକ ଆସକ୍ତ ହୋଇ ପଡ଼ିଥିବା ଲକ୍ଷ୍ୟ କରାଯିବ । କିନ୍ତୁ କେଜାଣି କାହିଁକି କବି ମାନସିଂହ ନିଜକୁ ଆଧୁନିକ କବିତାର ଏଇ ବିପୁଳ ପରୀକ୍ଷାଗାରରୁ ଦୂରରେ ରଖି ବୁଦ୍ଧଙ୍କ ମାୟାବାଦ ଭିତରେ ହଜିଗଲେ ଓ ହରାଇ ବସିଲେ କାବ୍ୟ ନେତୃତ୍ୱ, ଅବଶ୍ୟ ଓଡ଼ିଆ ସାହିତ୍ୟର ଇତିହାସ ଏହାର କାରଣ ଦିନେ ନା ଦିନେ ନିର୍ଣ୍ଣୟ କରିବ ।

Digitized by srujanika@gmail.com

# ମାନସିଂହ-କବିତାର ଦିଗ ଓ ଦିଗନ୍ତ

ପ୍ରଫେସର ବୈଷ୍ଣବ ଚରଣ ସାମଲ

ଆଧୁନିକ ଓଡ଼ିଆ କବିତାର ସବୁଜ ସମସାମୟିକ ମାୟାଧର ମାନସିଂହ ଅନନ୍ୟ ପ୍ରତିଭାଧର କବି । ସବୁଜ କବିତାର ଶୀର୍ଷ କାଳରେ ତାଙ୍କର ଆବିର୍ଭାବ ଓ ସବୁଜ କବିତାର ଅସ୍ତରାଗ ସମୟରେ ତାଙ୍କର ଦୀପ୍ତ ପ୍ରକାଶ । ମାଟ୍ରିକରେ ପଢ଼ିବା ସମୟରେ ହିଁ ତାଙ୍କର କବି-ପ୍ରତିଭାର, ଆଦ୍ୟ ଉନ୍ମେଷ । 'ମୁକୁର' ପତ୍ରିକାର ୧୭ଶ ଭାଗ (୧୯୨୯)ରେ ପ୍ରକାଶିତ 'ଜନ୍ମାଷ୍ଟମୀ' ଓଡ଼ିଆ ସାହିତ୍ୟକୁ ତାଙ୍କର ପ୍ରଥମ ଅର୍ଘ୍ୟ । ଦ୍ୱିତୀୟ ଅର୍ଘ୍ୟ 'ସହକାର' ପତ୍ରିକାର ୬ଷ୍ଠ ସଂଖ୍ୟା (୧୯୨୫)ରେ ପ୍ରକାଶିତ 'ମା' ଓଡ଼ିଶା' କବିତା । ପ୍ରଥମଟିରେ ଐତିହ୍ୟ ଓ ପରମ୍ପରାର ମୁଗ୍ଧ ଅନୁସନ୍ଧାନ । ଦ୍ୱିତୀୟଟିରେ ଅଛି ସେ ଦିନର କିଶୋର ପ୍ରାଣର ଉତ୍କଳ-ପ୍ରୀତି ଓ ଗଭୀର ଜାତୀୟତାବୋଧ । ଏହା ପରେ ପରେ କବି-ପ୍ରତିଭା ଜୀବନ ଓ ଜଗତର ବହୁମୁଖୀ ଦିଗକୁ ଛୁଇଁ ଛୁଇଁ ଗତି କରିଛି ସ୍ୱକୀୟ ଦୀପ୍ତିରେ । ସେ ମାଟ୍ରିକ୍ ପାଶ୍ କରିଛନ୍ତି ୧୯୨୬ ମସିହାରେ । ତା'ପରେ ସେ ଆଇ.ଏ., ବି.ଏ. ଓ ଏମ୍.ଏ. (୧୯୩୨) ପାଶ୍ କରିଛନ୍ତି । ବସ୍ତୁତଃ ୧୯୨୫ ରୁ ୧୯୩୫- ଏହି ଦଶବର୍ଷ ହୋଇଛି ତାଙ୍କ କବି-ପ୍ରତିଭାର ଯଥାର୍ଥ ଉନ୍ମେଷ, ବିକାଶ ଓ ପ୍ରତିଷ୍ଠା କାଳ । ଏହାପରେ ମଧ ତାଙ୍କ କବି-ଲେଖନୀ ନୀରବ ହୋଇ ନାହିଁ । ୧୯୪୭ ମସିହା ପର୍ଯ୍ୟନ୍ତ ତାହା ଆଗେଇ ଚାଲିଛି ଜୀବନର ନାନା ଅନୁଭୂତିକୁ ପାଥେୟ କରି। ପ୍ରଥମ ଦଶବର୍ଷ ମଧ୍ୟରେ ଓଡ଼ିଆ ସାହିତ୍ୟକୁ ତାଙ୍କର ବିଶିଷ୍ଟ ଅବଦାନ ରାଜକବି (୧୯୨୮), କୋଣାର୍କ (୧୯୨୬), ବାରବାଟୀ (୧୯୨୬), କବିର ନିମନ୍ତ୍ରଣ (୧୯୨୭), ବଂଶୀର ଡାକ (୧୯୨୭), ତରୁଣ କବିର ଆଶା (୧୯୨୮), ଅନୂଢ଼ା (୧୯୨୭), ଗୋପ ତର୍ପଣ (୧୯୨୮), ରୂପସୀ ପୂଜା (୧୯୨୮), ଉପେକ୍ଷିତା (୧୯୨୮), ତ୍ୟକ୍ତପୁରୀ (୧୯୨୮), ନିଦ୍ରିତ ଭଗବାନ (୧୯୨୮), ପ୍ରଣୟୀ (୧୯୨୯), ପ୍ରେମର ପରିଣାମ (୧୯୨୯), ସାଧବ ଝିଅ (୧୯୨୯), ଦକ୍ଷିଣା ପ୍ରତି (୧୯୨୯), ମହାନଦୀରେ ଜ୍ୟୋସ୍ନାନଦୀରେ

Digitized by srujanika@gmail.com

ଜ୍ୟୋସ୍ନା ବିହାର (୧୯୨୯) 'ରେଙ୍ଗୁନ୍ ଚିଠି (୧୯୨୯), ଯଥାସ୍ଥାନ (୧୯୨୯),କୁଳଟା ରାଧା (୧୯୨୯), ପୁଷ୍ପିତା (୧୯୩୦), ଶୁଭଦୃଷ୍ଟି (୧୯୩୦), ସାଧବ ପୁଅ (୧୯୩୧), ମାଲୁଣୀ (୧୯୩୧), ଧୂପ (୧୯୩୧), ବିକ୍ରମ ସମ୍ବର୍ଦ୍ଧନା (୧୯୩୧), ରୂପ ଦେବତା (୧୯୩୨), ବର୍ଷା ସନ୍ଧ୍ୟା(୧୯୩୨), ପୂଜାରିଣୀ (୧୯୩୨) ହେମଶସ୍ୟ (୧୯୩୩), ଦେବପୂଜା (୧୯୩୪), କୋଣାର୍କର ଲାସ୍ୟଲୀଳା (୧୯୩୫), ହେମପୁଷ୍ପ (୧୯୩୫) ଆଦି କବିତା ଓ କାବ୍ୟ ନାଟିକା ପ୍ରକାଶିତ । ଏହି ସମୟ ହିଁ ମାନସିଂହଙ୍କ କବି-ପ୍ରତିଭାର ଭୂୟୋଦର୍ଶନ । ଏହାପରେ ଦଶବର୍ଷ ମଧ୍ୟରେ ଜେମା, ମାଟିବାଣୀ, ବାପୁଜୀ (ବାପୁତର୍ପଣ), ତିରସ୍କାରିଣୀ, ବିଲଲକ୍ଷ୍ମୀ, କବିଲକ୍ଷ୍ମୀ, ନାପିତୁଣୀର ଗାନ୍ଧୀପୂଜା, ଉତ୍କଳ ବନ୍ଦନା, ବୋଇତ ବନ୍ଦାଣ, ଦାନ, କ୍ଷୁଶ, ଜୀବନ ଚିତା ଆଦି ନାନା କବିତା ଓ କବିତା ପୁସ୍ତକ ତଥା କାବ୍ୟ ନାଟିକା ପ୍ରକାଶିତ । ୧୯୪୭ ମସିହା ପରେ ଅର୍ଥାତ୍ ସ୍ୱାଧୀନତା ପରେ ମଧ୍ୟ ସେ କବିତା ଲେଖିଛନ୍ତି ମାତ୍ର ତାଙ୍କର ପ୍ରକୃତ କବି-ପ୍ରତିଭା ପ୍ରଥମ ଦଶବର୍ଷର କବିତାଗୁଡ଼ିକରେ ଉପଲବ୍ଧ । ଦ୍ୱିତୀୟ ଦଶବର୍ଷର କବିତାଗୁଡ଼ିକରେ ତାଙ୍କର ପ୍ରଜ୍ଞା-ସଚେତନତା ଓ ନୈତିକ ଭାବାଦର୍ଶ ବିଶେଷ ଭାବରେ ପରିଲକ୍ଷିତ ।

ମାନସିଂହ ବହୁମୁଖୀ ପ୍ରତିଭାର ଅଧିକାରୀ । ସେ କବି, ନାଟ୍ୟକାର, କଥାକାର, ପ୍ରାବନ୍ଧିକ, ସମାଲୋଚକ, ଆତ୍ମଜୀବନୀକାର, ଅନୁବାଦକ, ଜୀବନୀ ଲେଖକ, ଶିଶୁ ସାହିତ୍ୟିକ, ଭ୍ରମଣ କାହାଣୀ ଲେଖକ । ମାତ୍ର ଓଡ଼ିଆ ସାହିତ୍ୟରେ ସେ ଜଣେ ବିଶିଷ୍ଟ କବି ଭାବରେ ସୁପ୍ରତିଷ୍ଠିତ । ସେହି କବି-ଦୃଷ୍ଟି ହିଁ ତାଙ୍କର ଅନ୍ୟାନ୍ୟ ସମସ୍ତ ସାରସ୍ୱତ କୃତିରେ ଉପଲବ୍ଧ । ସେହି କବି-ଦୃଷ୍ଟି ଯେପରି ଐତିହ୍ୟ ଓ ପରମ୍ପରା ପ୍ରତି ଶ୍ରଦ୍ଧାଶୀଳ ସେହିପରି ପ୍ରକୃତି ଓ ସୌନ୍ଦର୍ଯ୍ୟବୋଧ, ପ୍ରେମ ଓ ମାନବିକତା, ଇନ୍ଦ୍ରିୟ ଓ ଅତୀନ୍ଦ୍ରିୟତାବୋଧ, ସ୍ୱଦେଶପ୍ରୀତି ଓ ଜାତୀୟତାବୋଧ ପ୍ରତି ମଧ୍ୟ ଶ୍ରଦ୍ଧାଶୀଳ । ତଥାପି ମନେହୁଏ ଏହି କବି-ଦୃଷ୍ଟିଟି ଆଞ୍ଚଳିକତା ଓ ପ୍ରାଦେଶିକତାରୁ ମୁକ୍ତ ହୋଇ ବିଶ୍ୱପ୍ରସାରୀ ହୋଇଯାଇଛି । ଇଂରାଜୀ, ସଂସ୍କୃତ, ବଙ୍ଗଳା ଇତ୍ୟାଦି ସାହିତ୍ୟରୁ ଉପାଦାନ ଆହରଣ କରି ମଧ୍ୟ କବି ଯେପରି ସେସବୁକୁ

Digitized by srujanika@gmail.com

ଆପଣାର ବ୍ୟକ୍ତି-ସତ୍ତା ସହିତ ତଲ୍ଲୀନ କରି ତାହାକୁ ନୂଆ ରୂପରେ ପ୍ରକାଶ କରି ଇଥିବା ଦେଖାଯାଏ, ଯାହା ତାଙ୍କର ମୌଳିକ କବି-ପ୍ରତିଭାର ହୋଇଛି ଦ୍ୟୋତକ । ସେ ଭଲ ପାଇଛନ୍ତି ପ୍ରକୃତିକୁ ଓ ତାଙ୍କର ସେହି ସୌନ୍ଦର୍ଯ୍ୟ-ଦୃଷ୍ଟି ରୂପାନ୍ତରିତ ହୋଇଯାଇଛି ପ୍ରେମରେ । ତେଣୁ ପ୍ରେମର ଉତ୍ତରଣ ଘଟିଛି ଇନ୍ଦ୍ରିୟରୁ ଇନ୍ଦ୍ରିୟୋତ୍ତରକୁ । ଏଇଠି ପ୍ରକାଶ ପାଇଛି ଭୂମାବୋଧ । ଭୂମା-ଭାବନାରୁ ମାଟି ଓ ମାନବ-ବନ୍ଦନା ହୋଇଛି ଶାଣିତ । ଏହାରି ମଧ୍ୟରେ ଆସିଛି ଜାତି ଓ ଜାତୀୟତାର ପ୍ରାଣସ୍ପନ୍ଦନ । ବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିରୁ ପଞ୍ଚମ ଦଶନ୍ଧି ମଧ୍ୟରେ ଭାରତବର୍ଷରେ ସ୍ୱଦେଶ ପ୍ରେମର ଯେଉଁ ତରଙ୍ଗ ସୃଷ୍ଟି ହୋଇଥିଲା, ସେଥିରେ ମହାତ୍ମାଗାନ୍ଧୀ ଓ ଗୋପବନ୍ଧୁଙ୍କ ପରି ବ୍ୟକ୍ତିମାନଙ୍କର ତ୍ୟାଗ ଓ ସତ୍ୟନିଷ୍ଠତା ଜାତିପ୍ରାଣରେ ଯେଉଁ ଭାବ ସୃଷ୍ଟି କରିଥିଲା, ଯୁଗ ଯୁଗର ଦଳିତ, ଶୋଷିତ, ପତିତ ମଣିଷମାନଙ୍କର ଯେପରି ନୂତନ ଜାଗରଣ ଦେଖାଦେଇଥିଲା, ସ୍ୱତନ୍ତ୍ର ଉତ୍କଳ-ପ୍ରଦେଶ ଗଠନ ପାଇଁ ଆନ୍ଦୋଳନ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ଯେଉଁ ଜାତୀୟ ଚେତନା ସୃଷ୍ଟି କରିଥିଲା, ସେହି ସମୟର ପ୍ରାଣସ୍ପନ୍ଦନକୁ ମାନସିଂହ ଉପଲବ୍ଧି କରିଥିଲେ ଓ ତାଙ୍କର କାବ୍ୟ, କବିତା, କାବ୍ୟ-ନାଟିକାହିଁ ସେହି କାରଣରୁ ହୋଇଯାଇଛି ସମୟର ଯଥାର୍ଥ ବାର୍ତ୍ତାବହ । ତଥାପି ତାଙ୍କର କବିତା କାଳର କଥାରେ ଋଦ୍ଧିମନ୍ତ ହୋଇଥିଲେ ହେଁ ମାନବାତ୍ମାର ଆବିଷ୍କାର ହେତୁ ହୋଇଯାଇଛି କାଳାତୀତ ।

ଭାବ, ବିଷୟ ଓ ତତ୍ତ୍ୱକୁ ନେଇ କବିତାର ସୃଷ୍ଟି । ସେଥିରେ ହୁଏ ସୌନ୍ଦର୍ଯ୍ୟ ଓ ମଙ୍ଗଳର ମଧୁବିବାହ । ତେଣୁ କବିତାରେ ଦର୍ଶନ ଥାଏ ,ବିଜ୍ଞାନ ଥାଏ , ତତ୍ତ୍ୱ ଥାଏ ମାତ୍ର ତାହା କବିତାକୁ ଗିଳିପକାନ୍ତି ନାହିଁ । କବିତା ପାଖରେ ଏସବୁ ହୋଇଯାଆନ୍ତି ନତଜାନୁ । କବିତାର ଦୁଇଟି ପକ୍ଷ-କଳ୍ପନା ଓ ସୌନ୍ଦର୍ଯ୍ୟ । ସ୍କାଇଲାର୍କ ପରି ଆକାଶର ଅନନ୍ତ ନୀଳିମାକୁ ତାହା ଛୁଇଁଯାଏ; ଅଥଚ ଫେରିଆସି ବିଶ୍ରାମ ନିଏ ଧରଣୀର ସବୁଜ ସୁଷମା କୋଳରେ । କବିତାର ସ୍ୱଧର୍ମ ସଞ୍ଚାରିତ ହେବା । ତାହା ହୃଦୟରୁ ହୃଦୟକୁ ସଞ୍ଚାରିତ ହୋଇ ବିଶ୍ୱବୋଧ ସୃଷ୍ଟି କରିଦିଏ । କାଳରୁ କାଳାତୀତକୁ ଗତିକରି ତାହା ହୋଇଯାଏ ଶାଶ୍ୱତ କବିତା । ତାହା ନିର୍ମିତୀ କବିତା ନୁହେଁ; ସ୍ୱତଃ କବିତା, ହୃଦୟର କବିତା । ଅହଂରେ ଏହା ବନ୍ଦ ହୋଇଯାଏ

Digitized by srujanika@gmail.com

ନାହିଁ; ନା ହଂରେ ହୁଏ ଦୀପ୍ତ ଓ ପ୍ରସାରିତ । ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଭାଷାରେ- 'ଅନ୍ତରର ଜିନିଷକୁ ବାହାରର, ଭାବର ଜିନିଷକୁ ଭାଷାର, ନିଜର ଜିନିଷକୁ ବିଶ୍ୱ-ମାନବର ଏବଂ କ୍ଷଣକାଳର ଜିନିଷକୁ ଚିରକାଳର କରି ତୋଳିବାହିଁ ସାହିତ୍ୟର କାର୍ଯ୍ୟ ।' (ସାହିତ୍ୟ, ପୃ- ୨୬) କବିତା ଯଥେଚ୍ଛା ପରିପ୍ରକାଶ ନୁହେଁ । ଅସଂଯତ ବିଶୃଙ୍ଖଳ ମନର ଅଭିବ୍ୟକ୍ତ ନୁହେଁ; ସଂଯତ ମନର କଳାତ୍ମକ ପ୍ରକାଶ । ରବୀନ୍ଦ୍ରନାଥଙ୍କ ମତରେ ସାହିତ୍ୟର ଗମ୍ୟସ୍ଥାନ ହୃଦୟବୃତ୍ତି । ନୀତି ଓ ବୁଦ୍ଧି ତା'ର ସହାୟ । ବିଷୟଗତ ସତ୍ୟ ଓ ବିଷୟଗତ ନୀତି ଅପେକ୍ଷା ବିଷୟଗତ ସୌନ୍ଦର୍ଯ୍ୟ ହିଁ କବିତାର ମୁଖ୍ୟ । ସେହି ସୌନ୍ଦର୍ଯ୍ୟକୁ ସୁନ୍ଦର ଭାଷା ମାଧ୍ୟମରେ ପ୍ରାଣ ସଞ୍ଚାର କରିବାକୁ ହୁଏ । ଏହି ସୌନ୍ଦର୍ଯ୍ୟ ହିଁ ବାହାରର ପ୍ରକୃତି ଓ ମଣିଷର ମନ ମଧ୍ୟରେ ସଂଯୋଗ ସ୍ଥାପନ କରେ । କବିତା ହୃଦୟ ସମ୍ପର୍କିତ ହୋଇଥିବାରୁ ତାହା ହୃଦୟବୃତ୍ତିକୁ ଉତ୍ତେଜିତ କରେ, ପ୍ରସାରିତ କରେ, ହୃଦୟ ସହିତ ହୃଦୟକୁ ଯୋଡ଼ିଦିଏ । ଏହା ଦର୍ଶନର ନୁହେଁ, ଜ୍ଞାନର ନୁହେଁ; ଭାବର । ଅଥଚ ଜ୍ଞାନ ଓ ଦର୍ଶନ ଯେ ଏଥିରେ ରହେ ନାହିଁ; ନୁହେଁ । ତାହା କିନ୍ତୁ କବିତାକୁ ଗ୍ରାସ କରିଦିଏ ନାହିଁ, ବରଂ ତା'ପାଖରେ ରହିଯାଏ ନତଜାନୁ ହୋଇ । କବିତା ଯେ ବୁଦ୍ଧିଗ୍ରାହ୍ୟ ହେଲେ ତା'ର ମର୍ଯ୍ୟାଦା ଚାଲିଯାଏ, ନୁହେଁ ; ବରଂ ଏଥିସହିତ ମୁଖ୍ୟ ଭାବରେ ତାହା ହୁଏ ହୃଦୟଗ୍ରାହ୍ୟ ଓ ହୃଦୟ ସଂବେଦ୍ୟ । ହୃଦୟ ସମ୍ବେଦ୍ୟ ହୋଇଥିବାରୁ କବି ଖୋଜେ ହୃଦୟକୁ, ହୃଦୟର ନାନା ବୃତ୍ତି ଓ ପ୍ରବୃତ୍ତିକୁ, ଯେମିତି ପ୍ରେମ ସ୍ନେହ ମମତା ମାନବିକତାକୁ, ଯେମିତି ଅଶ୍ରୁ କାରୁଣ୍ୟ ସହାନୁଭୂତିକୁ, ଯେମିତି ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟକୁ, ଯେମିତି ଜାତୀୟତା, ଦେଶପ୍ରେମ ଓ ବିଶ୍ୱବୋଧକୁ, ଯେମିତି ଐତିହ୍ୟ ସଂସ୍କୃତି ଓ ପରମ୍ପରାକୁ ଓ ସର୍ବୋପରି ବିଭୁବୋଧକୁ । ଏସବୁ ଖୋଜିବା କବି-ସତ୍ତାରେ ଏକାକାର ହୋଇ, ହୋଇଯାଏ କେବଳ କବିତା, ଯାହା କୌଣସି ମୋହରକୁ ଧରି ଆପାଣକୁ ଚିହ୍ନାଏ ନାହିଁ, ଆପେ ଆପେ ତାହା ଯୋଡ଼ିହୋଇଯାଏ ପାଠକ ସହିତ, ମଣିଷ ସହିତ । କବି ମାୟାଧର ମାନସିଂହ ଏହି ଦୃଷ୍ଟିରୁ ଆଧୁନିକ ଓଡ଼ିଆ କବିତାର ମଧ୍ୟପର୍ବରେ ଜଣେ ମୂର୍ଦ୍ଧନ୍ୟ କବି ଭାବରେ କେବଳ ପ୍ରତିଷ୍ଠିତ ନୁହଁନ୍ତି; ଅନ୍ୟାନ୍ୟ ଅନେକ ଦୃଷ୍ଟିକୋଣରୁ ଜଣେ ଅନନ୍ୟ ସାଧାରଣ ପ୍ରତିଭାର ଅଧିକାରୀ ମଧ୍ୟ ।

Digitized by srujanika@gmail.com

ମାନସିଂହଙ୍କ କାବ୍ୟିକ ପ୍ରତିଭାର ଉନ୍ମେଷ ଘଟେ ସବୁଜ ସମକାଳରେ । ବିକାଶ ଘଟେ ବିଂଶ ଶତାବ୍ଦୀର ଚତୁର୍ଥ ଓ ପଞ୍ଚମ ଦଶକରେ । ୧୯୫୦ ମସିହା ପରେ ବ୍ୟକ୍ତିଗତ ପ୍ରତିକ୍ରିୟାରୁ ଯଦିଓ ସେ କିଛି କବିତା ଲେଖିଛନ୍ତି ତାହା କିନ୍ତୁ ତାଙ୍କର ପୂର୍ବ ଦୁଇ ଦଶନ୍ଧିର କାବ୍ୟ-ଜିଜ୍ଞାସାର ପ୍ରତିଧ୍ୱନି ମାତ୍ର । ସେ ଯେତେବେଳେ ତରୁଣ ସେତେବେଳେ ତାଙ୍କ ଚିତ୍ତ-ବୃତ୍ତିକୁ ଆଚ୍ଛନ୍ନ କରିଛି ପ୍ରେମ । ତେଣୁ ସେ ହୋଇଛନ୍ତି ଉଦାତ୍ତ, ସ୍ୱଚ୍ଛନ୍ଦ ଓ ମୁଗ୍ଧ ପ୍ରେମର କବି । ପ୍ରେମ ମାନସ-ପ୍ରତିମାର ଦେହ-ଲାବଣ୍ୟକୁ ନେଇ ସୃଷ୍ଟି ହୋଇଥିଲେ ହେଁ ତାହା କ୍ରମେ ଦେହାତୀତ ହୋଇଯାଇଛି । ଅଶ୍ରୁ କାରୁଣ୍ୟ ଓ ତ୍ୟାଗର ବେଦୀରେ ଦୀପ୍ତିମାନ ହୋଇଉଠିଛି ପ୍ରେମ । ସେଠି ଦେହ ଅଛି; ତାହା କିନ୍ତୁ କାମଗନ୍ଧହୀନ । ପ୍ରେମ ଏଥର ସଂକ୍ରମିତ ହୋଇଯାଇଛି ପ୍ରକୃତିରେ, ବୃକ୍ଷରେ, ଲତାରେ, ଫୁଲରେ, ମାଟିରେ, ଆକାଶରେ, ନଦୀରେ, ଜ୍ୟୋସ୍ନାରେ । ତେଣୁ ପ୍ରକାଶ ପାଇଛି ଗଭୀର ସୌନ୍ଦର୍ଯ୍ୟବୋଧ । ମାନସିଂହ ହୋଇଛନ୍ତି ସୌନ୍ଦର୍ଯ୍ୟର କବି । ପ୍ରେମ ଓ ସୌନ୍ଦର୍ଯ୍ୟ ମିଶି ପ୍ରଦାନ କରିଛି ମଙ୍ଗଳର ବାର୍ତ୍ତା । ତେଣୁ ସେ ହୋଇଛନ୍ତି ମଙ୍ଗଳର କବି, ମଙ୍ଗଳ-ଦୃଷ୍ଟି ସମ୍ପ୍ରସାରିତ ହୋଇଯାଇଛି ମଣିଷ ଅଭିମୁଖେ, ଫଳରେ ସାମଗ୍ରିକ ଭାବରେ ସେ ହୋଇଛନ୍ତି ମାଟିର କବି, ମଣିଷର କବି । ସେହି ମଣିଷ ନିର୍ଯ୍ୟାତିତ ମଣିଷ, ଶୋଷିତ ଓ ପୀଡ଼ିତ ମଣିଷ, ଦୁଃଖୀ ଓ ଆର୍ତ୍ତ ମଣିଷ । ସେହିମାନଙ୍କର ମଙ୍ଗଳ ହୋଇଛି ତାଙ୍କର କାମ୍ୟ । ମଣିଷ କଥା ଚିନ୍ତା କରୁ କରୁ ତାଙ୍କର ତୃତୀୟ ନୟନ ପ୍ରତିଲୋମ ଗତିରେ ଅତୀତକୁ ଚାହିଁଛି । ଐତିହ୍ୟ, ପରମ୍ପରା ଓ ଇତିହାସକୁ ଅନୁଧ୍ୟାନ କରି ସେଥିରୁ ଶାଶ୍ୱତ ମୂଲ୍ୟବୋଧକୁ ଖୋଜି ଆଣିଛି । ତେଣୁ ସେ ହୋଇଛନ୍ତି ଐତିହ୍ୟର କବି, ଜାତୀୟତାର କବି, ସ୍ୱାଭିମାନର କବି । ତାଙ୍କର ଜାତୀୟତା ସଂକୀର୍ଣ୍ଣ ନୁହେଁ । ଅନ୍ୟ ଜାତିକୁ ଈର୍ଷା କରି ଏହାର ପ୍ରତିଷ୍ଠା ନୁହେଁ । ତାହା ତେଣୁ ଦେଶପ୍ରେମରେ ହୋଇଛି ରୂପାନ୍ତରିତ ଓ ବିଶ୍ୱବୋଧର ହୋଇଛି ଉଦ୍‌ବୋଧକ । ତରୁଣ ବୟସରେ ପ୍ରେମ ଓ ସୌନ୍ଦର୍ଯ୍ୟର ଗୀତି ରଚନା କରୁଥିଲା ବେଳେ ପ୍ରୌଢ଼ାବସ୍ଥାରେ ଅନ୍ୟାୟ ଅବିଚାର ବିଦଳିତ ମଣିଷମାନଙ୍କ ପ୍ରତି ସହାନୁଭୂତି ଜଣାଇ ରଚନା କରିଛନ୍ତି କବିତା । ପରିଣତ ବୟସ ବେଳକୁ ଜଗତୋତ୍ତର ବିଭୁଚେତନାରେ ଉଦ୍‌ବୁଦ୍ଧ

Digitized by srujanika@gmail.com

ହୋଇଛି ତାଙ୍କର କବି-ସତ୍ତା । ସାମଗ୍ରିକ ଭାବରେ ମାନସିଂହଙ୍କ କାବ୍ୟ-ସଂସାରକୁ ବିଚାର କଲାବେଳେ ସେଥିରେ ଜୀବନ-ଦେବତା ଓ ବିଶ୍ୱ-ଦେବତାର ମହାମିଳନ ଘଟିଥିବା ଦେଖାଯାଏ । ମଣିଷର ଅଶ୍ରୁ, କାରୁଣ୍ୟ, ବ୍ୟଥା ଓ ବେଦନା ଯେପରି ତାଙ୍କ କବିତାରେ ପ୍ରତିଫଳିତ ସେହିପରି ଜାତୀୟ ଗୌରବ ମଧ୍ୟ ହୋଇଛି ପ୍ରକାଶିତ। ଲୋକ-ବିଶ୍ୱାସ ଓ ଲୋକାନୁଷଙ୍ଗ ତାଙ୍କ କାବ୍ୟ-ଦିଗନ୍ତକୁ ଆହୁରି ପ୍ରସାରିତ କରିଦେଇଛି। ଆଧାତ୍ମିକ ଅନ୍ୱେଷା ଓ ଦାର୍ଶନିକ ଅନୁଚିନ୍ତା ତାଙ୍କ କବିତାକୁ କରିଛି ଭାବ-ଗମ୍ଭୀର । ଗାନ୍ଧୀ, ରବୀନ୍ଦ୍ର ଓ ଗୋପବନ୍ଧୁଙ୍କ ମତାଦର୍ଶ ତାଙ୍କୁ ବହୁଭାବରେ ଅନୁପ୍ରାଣିତ କରିଛି । ସର୍ବୋପରି ଗୌତମ ବୁଦ୍ଧଙ୍କ ମାନବବାଦୀ ଦୃଷ୍ଟିକୋଣ ତାଙ୍କୁ ଅନୁପ୍ରେରିତ କରିଛି ଜାତି ଧର୍ମ ଭାଷା ଓ ଭୌଗୋଳିକ ସୀମା ଅତିକ୍ରାନ୍ତ ମଣିଷ ପ୍ରତି ଅନ୍ତରର ମୁଗ୍ଧ ଅଭିନନ୍ଦନ ଜଣାଇବା ପାଇଁ । ତାଙ୍କ କାବ୍ୟ-ମୁକୁରରେ ହିଁ ପ୍ରତିଫଳିତ ହୋଇଛି ତାଙ୍କ ବ୍ୟକ୍ତିତ୍ୱ ଓ ହୃଦୟବତ୍ତା ।

ହୃଦୟ-ଆନୁଗତ୍ୟ ଓ ହୃଦୟ-ଅନୁଭୂତି ମାନସିଂହଙ୍କ କାବ୍ୟର ବୈଶିଷ୍ଟ୍ୟ । ତାଙ୍କ ମତରେ- 'ସାହିତ୍ୟର ରାଜ୍ୟ ହେଲା ବୋଧି ଓ ଅନୁଭବଜନିତ ଆନନ୍ଦର ରାଜ୍ୟ ।' (କବି ଓ କବିତା, ପୃ-୧୪୫) କବିତା ବୌଦ୍ଧିକ ବିଳାସ ନୁହେଁ, ପାଣ୍ଡିତ୍ୟର ପ୍ରକର୍ଷ ନୁହେଁ, ବୀଜଗାଣିତିକ ଫର୍ମୁଲା ମଧ୍ୟ ନୁହେଁ । ତେଣୁ ମାନସିଂହ କହନ୍ତି- 'କବିତା ଛନ୍ଦରେ ନାହିଁ, ଅଭିଧାନରେ ନାହିଁ, ପାଣ୍ଡିତ୍ୟରେ ନାହିଁ । ତାହା ଏକ ରହସ୍ୟମୟ ବସ୍ତୁ । ସେହି ରହସ୍ୟ ଯୋଗୁଁ ହିଁ ତାହାର ସମାଜରେ ଏତେ ସମ୍ମାନ।' (କବି ଓ କବିତା, ପୃ-୧୪୫) କବିତା ରହସ୍ୟମୟ । ହୃଦୟର ବୀଣା ତନ୍ତ୍ରୀକୁ ଧ୍ୱନିତ କରି ସେହି ଅନିର୍ବଚନୀୟ ରହସ୍ୟ ଶବ୍ଦ-ଚିତ୍ର ମାଧ୍ୟମରେ କବିତା ହୋଇଯାଏ । ତାହାକୁ ଇଚ୍ଛାକୃତ ଭାବରେ ଦୁର୍ବୋଧ୍ୟ ବା ଅବୋଧ୍ୟ କରିଦେଲେ ବା ତା' ଉପରେ ଗଣ କବିତା, ନୂତନ କବିତା, ପ୍ରଗତିବାଦୀ କବିତା ଆଦି ମୋହର ମାରିଦେଲେ କବିତା ଆଉ କବିତା ହୋଇ ରହେନାହିଁ । ତାହା କୌଣସି ଏକ ତତ୍ତ୍ୱ ବା ଉଦ୍ଦେଶ୍ୟର ମୋହର ହୋଇଯାଏ । ତାହା ହୁଏ ପ୍ରଚାରଧର୍ମୀ । ମାନସିଂହଙ୍କ ମତରେ ଯାହା ନବଜାତ ଶିଶୁପରି, ନବ ପ୍ରସ୍ଫୁଟିତ ପୁଷ୍ପପରି, କୋଷୋଦ୍ ଭିନ୍ନ ନୂତନ ପ୍ରଜାପତି ପରି, ପ୍ରଥମ ପ୍ରାବୃଟର ଇନ୍ଦ୍ରଧନୁ ପରି ବିସ୍ମୟ ଓ ଚମତ୍କାରୀ

Digitized by srujanika@gmail.com

ଭାବ ଜାଗ୍ରତ କରି ନପାରେ ତାହା କବିତା ନୁହେଁ ।(କବି ଓ କବିତା, ପୃ-୧୩୦) କବିତାର ସ୍ୱଧର୍ମଚିତ୍ତ-ଚମତ୍କାରିତା ସୃଷ୍ଟି । ତାହା ଅନ୍ତରର ଶୁଦ୍ଧିକରଣ ବା ଉନ୍ନୟନ (Sublimation) କରେ । କବି ମାନସିଂହ ଘୃଣା କରନ୍ତି ଆଦେଶ ଚାଳିତ ଜୀବନକୁ, ସୀମିତ ଜୀବନକୁ । ସେ ଅସୀମତ୍ୱରେ ଆସ୍ଥାବାନ୍, ସ୍ୱାଚ୍ଛନ୍ଦମୟତାରେ ବିଶ୍ୱାସୀ । କବି ସ୍ୱାଧୀନ ଓ ସ୍ୱତନ୍ତ । ଅଗ୍ନିପରି ସେ ଦୀପ୍ତ ଓ ପବିତ୍ର, ବାୟୁପରି ବନ୍ଧନହୀନ, ସୂର୍ଯ୍ୟକିରଣ ପରି ଉଜ୍ଜ୍ୱଳ, ଆକାଶ ପରି ପ୍ରଶାନ୍ତ, ଜ୍ୟୋସ୍ନା ପରି ମଧୁର। ତା'ର ଅନ୍ତର୍ଲୋକରେ ପ୍ରତିଭାର ହୋମାଗ୍ନି ପ୍ରଜ୍ୱଳିତ । ସେ କହନ୍ତି-କବି କୌଣସି ଦେଶର ବା କାଳର ନୁହଁନ୍ତି । ସେ 'ସର୍ବଦେଶର, ସର୍ବମାନବର ଏବଂ ସର୍ବକାଳର । x x x ଦେଶ ଭିତର ଦେଇ ସେ ସର୍ବ ଦେଶ, ଯୁଗ ଭିତର ଦେଇ ସେ ସର୍ବକାଳ ଏବଂ ଜାତି ବା ଗୋଷ୍ଠୀ ଭିତର ଦେଇ ସର୍ବମାନବର ବାଣୀ ସର୍ବମାନବ ପାଇଁ କହେ । କବି କେବଳ ଅନ୍ୟାୟର ପ୍ରତିବାଦ କରେ ନାହିଁ, ଜାତିକୁ ମଧ ଦେଖାଇଦିଏ ନ୍ୟାୟ, ଧର୍ମ ଓ ଆଦର୍ଶର ପନ୍ଥା । ତେଣୁ ମାନସିଂହଙ୍କ ମତରେ- 'କବି ଓ ଲେଖକ, ସମାଜର ଦଶଜଣରୁ ଜଣେ ନୁହଁନ୍ତି; ସେ ଦଶଜଣର ମୁଖପାତ୍ର ।' (କବି ଓ କବିତା, ପୃ-୧୩୬) ସାଧାରଣ ଲୋକଙ୍କ ସହିତ ମିଶି ସାଧାରଣ ଜୀବନଯାପନ କଲେହିଁ ମନୁଷ୍ୟର ଅଭିଜ୍ଞତା ଲାଭ କରେ । ମନୁଷ୍ୟ ବୁଝିବା ଭଳି ଭାଷାରେ କବିତା ଲେଖିଲେ ତାହା ମଣିଷକୁ ସ୍ପର୍ଶ କରେ ଓ ଉଦ୍‌ବୋଧିତ କରେ । ଏହାଦ୍ୱାରା କବିତାର ସାମାଜିକ ଦାୟିତ୍ୱବୋଧ ପ୍ରକାଶ ପାଏ । ମାନସିଂହଙ୍କ କବିତାର ବିଚାର କଲାବେଳେ ତାଙ୍କର ଉପରୋକ୍ତ ଦୃଷ୍ଟିକୋଣ ପ୍ରତି ସଚେତନ ହେବାକୁ ହେବ । କାରଣ ମାନସିଂହ ଜଣେ ସାଧାରଣ କବି ନୁହଁନ୍ତି; ଜାତିର ଆତ୍ମା ସହିତ ଆପଣାର ସତ୍ତାକୁ ମିଶାଇ ଦେଇଥିବା ଜଣେ ଅସାଧାରଣ ପ୍ରତିଭାର କବି । ଜୀବନକାଳ ଭିତରେ ବାରମ୍ବାର ସେ କ୍ଷମତାଧାରୀମାନଙ୍କର ଅନ୍ୟାୟ/ଅବିଚାରର ସମ୍ମୁଖୀନ ହୋଇଛନ୍ତି, ମାତ୍ର ତାଙ୍କର ସ୍ୱାଭିମାନ ଦୀପ୍ତ କବି ବ୍ୟକ୍ତିତ୍ୱଟି ନତଜାନୁ ହୋଇନାହିଁ, ଏଇଥିପାଇଁ ସେ ବିଂଶ ଶତାବ୍ଦୀ କବିମାନଙ୍କ ମଧ୍ୟରେ ସ୍ୱତନ୍ତ ଓ ମହିମା ଦୀପ୍ତ । ମାନସିଂହଙ୍କ କାବ୍ୟ-ପ୍ରତିଭାର ପ୍ରଥମ ଓ ପ୍ରମୁଖ ଅର୍ଘ୍ୟ ପ୍ରେମ । ଏ ସମ୍ପର୍କରେ ଆମେ ପ୍ରଥମେ ଆଲୋଚନା କରୁଅଛୁ ।

Digitized by srujanika@gmail.com

-୧-

ପ୍ରେମ ଜୀବନର ଏକ ବଳିଷ୍ଠ ବିଭବ । ମଣିଷ ଜୀବନର ମଧ୍ୟ ଏହା ଏକ ପବିତ୍ର ତପସ୍ୟା । ଭୋଗରେ ଏହାର ସମାଧି । ତ୍ୟାଗରେ ଏହାର ଦୀପ୍ତି । ଦେହର ଆଶ୍ରୟରେ ପ୍ରେମର ବିକାଶ; ଅଥଚ ତାହା ଦେହସର୍ବସ୍ୱ ନୁହେଁ । ଦେହରୁ ଦେହାତୀତରେ ତାହାର ସମାହିତ ଦ୍ୟୁତି । ଅଶ୍ରୁରେ ପ୍ରେମର ସାଫଲ୍ୟ । ପ୍ରେମ ନିର୍ମଳ ଓ ସହଜ, ଅନନୁଭୂତ ଓ ସ୍ୱାଭାବିକ । ମାନସିଂହଙ୍କ ପ୍ରେମ-ଚେତନା ତାଙ୍କ ତାରୁଣ୍ୟର ବିଜୟ ଗୀତି । ଓଡ଼ିଆ ସାହିତ୍ୟରେ ତାହା ଥିଲା ଏକ ଦୁଃସାହସିକ ପରିପ୍ରକାଶ । ତାହା ଭୀରୁର ନୁହେଁ; ବୀର-ହୃଦୟର ରମ୍ୟ ରୂପାୟନ । ମାନସିଂହ ପ୍ରେମର କବି । ଏପରି ଗୌରବ ଆଉ କୌଣସି ଆଧୁନିକ କବିଙ୍କୁ ମିଳେ ନାହିଁ। ପ୍ରେମକୁ ଯେତେ ବିଚିତ୍ର ଭାବରେ ମାନସିଂହ ଅନୁଭବିଛନ୍ତି ସେପରି ଆଉ କେହି ଅନୁଭବି ଥିଲାପରି ମନେ ହୁଅନ୍ତି ନାହିଁ । କବିଙ୍କ ପ୍ରେମ ପୂର୍ଣ୍ଣତଃ ପରକୀୟା ବା ସ୍ୱକୀୟା ନୁହେଁ । ଦାମ୍ପତ୍ୟ ଓ ପରକୀୟାର ଏକ ଅପୂର୍ବ ମିଶ୍ରରାଗ । କାବ୍ୟପୁରୁଷ ମାନସ ସ୍ତରରେ ସ୍ୱକୀୟା ପ୍ରେମର ପରିକଳ୍ପନା କରିଛନ୍ତି । ବାହାରକୁ କିନ୍ତୁ ଜଣାଯାଆନ୍ତି ପରକୀୟା । ଏହା ଦେହଜ ସୁଖର ଇଙ୍ଗିତ ଦିଏ ନାହିଁ; ଦିଏ ଦେହାତୀତ ସୁଖର ସନ୍ଦେଶ । ମାନସିଂହଙ୍କ 'ରାଜକବି' ୧୯୨୫ ମସିହା ମଧ୍ୟରେ ରଚିତ ହୋଇ ୧୯୨୮ ମସିହାରେ ପ୍ରକାଶ ପାଇ ଗୋଟିଏ ନୂଆ କଥା ଓଡ଼ିଆ ସାହିତ୍ୟରେ ସୃଷ୍ଟି କରିଥିଲା ବୋଲି ପଦ୍ମଚରଣ ପଟ୍ଟନାୟକ ଉତ୍କଳ-ସାହିତ୍ୟ (୩୨/ ୯, ଡିସେମ୍ବର ୧୯୨୮) ରେ ମତ ଦେଇଥିଲେ । ଏହାପରେ ମାନସିଂହ ଆଉ ପଛକୁ ଫେରି ଚାହିଁ ନାହାନ୍ତି । ଯାହା ଉଚିତ ମନେ କରିଛନ୍ତି ତାହା ଲେଖିଛନ୍ତି । 'ଧୂପ' (୧୯୩୧) କବିତା ପୁସ୍ତକର ପ୍ରେମ ପରକୀୟା ଥିଲା ବେଳେ 'ହେମଶସ୍ୟ' (୧୯୩୩)ରେ ପ୍ରେମ ସ୍ୱକୀୟା ବା ପରିଣୀତା । 'ଇରାନୀ କିଶୋରୀ' ବେଳକୁ ପ୍ରେମ ନିବେଦିତ ଅନାସକ୍ତା ମାନସୀ ପ୍ରତି । 'ଧୂପ' କବିତା ଗ୍ରନ୍ଥର ଭୂମିକାରେ କବି କହନ୍ତି- 'କାବ୍ୟଯୋଗ୍ୟ ଅନୁଭୂତି ଲେଖକର ଜୀବନରେ ଘଟିଥିଲେ ହେଁ, ଇଂରେଜ କବିମାନଙ୍କ ସଙ୍ଗେ ପରିଚୟ ଘଟିନଥିଲେ, ସେ ଅନୁଭୂତି ଏକ ପ୍ରକାର ଆତ୍ମପ୍ରକାଶ କରିନଥାନ୍ତା । ଆମ ସାହିତ୍ୟରେ ପ୍ରେମ କବିତାର ଅରଣ୍ୟ ରହିଛି;

Digitized by srujanika@gmail.com

କିନ୍ତୁ ସେଥିରେ ବିଚିତ୍ରତା ନାହିଁ । ସେ ଜଙ୍ଗଲ ଯେପରି ଗୋଟିଏ ଗଛର ଜଙ୍ଗଲ। କିନ୍ତୁ ଇଂରେଜ ସାହିତ୍ୟ ପ୍ରତ୍ୟେକ କବିର ବ୍ୟକ୍ତିଗତ ବିଭିନ୍ନ ଅଭିଜ୍ଞତାରେ ଶବଳିତ। ତାହା ଦେଖିହିଁ, ନିଜର ଅଭିଜ୍ଞତାକୁ ନିଜର ସ୍ୱତନ୍ତ୍ର ରୀତିରେ ପ୍ରକାଶ କରିବାକୁ ଲେଖକର ସାହସ ହେଲା ।' ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ ଓଡ଼ିଆ ସାହିତ୍ୟରେ ପ୍ରେମର ଯେଉଁ ଚିତ୍ରଣ ପ୍ରାଚୀନ କାଳରୁ ମାନସିଂହଙ୍କ ପର୍ଯ୍ୟନ୍ତ ଚଳି ଆସିଥିଲା ସେଥିରେ ବୈଚିତ୍ର୍ୟ ନଥିଲା । ତାହା ଯେପରି ଥିଲା ଅଭିଜ୍ଞତାହୀନ ଗତାନୁଗତିକ ବର୍ଣ୍ଣନା । ମାନସିଂହ ହିଁ ପ୍ରେମ-ଚେତନାରେ ସୃଷ୍ଟି କଲେ ନୂତନ ଚମକ । ତାହାକୁ ଜୀବନ-ରସରେ ଜାରିତ କରିଦେଲେ । ସେଥିରେ ଭରିଦେଲେ ଧୂପ-ଗନ୍ଧ, ଫୁଟାଇ ଦେଲେ କନକ-କୁସୁମ ଓ ଫଳାଇ ଦେଲେ ହେମଶସ୍ୟ । ବ୍ୟକ୍ତିଗତ ପ୍ରେମାନୁଭୂତି କାବ୍ୟପୁରୁଷଙ୍କୁ ଉତ୍ତୀର୍ଣ୍ଣ କରାଇ ଦେଇଛି ଏକ ଶାଶ୍ୱତ ପ୍ରେମ ରାଜ୍ୟକୁ। ଦେହରୁ ଦେହାତୀତ ହୋଇଯାଇଛି ପ୍ରେମ । ଏହି ଦିବ୍ୟ ପ୍ରେମ-ଦୃଷ୍ଟିରେ ହୋଇଛି ସୌନ୍ଦର୍ଯ୍ୟ ଓ ମଙ୍ଗଳର ମଧୁବିବାହ । ଫଳରେ କାବ୍ୟପୁରୁଷ ସୀମାରୁ ଗତି କରିଛନ୍ତି ଅସୀମକୁ । ଅଶ୍ରୁ ହୋଇଛି ଏକ ଶୁଦ୍ଧ ତପସ୍ୟା । ସେହି ଅଶ୍ରୁ-ଦର୍ପଣ ଭିତରେ ପ୍ରତିବିମ୍ବିତ ହୋଇଛି ପ୍ରିୟତମାର ରୂପ । ତାହାହିଁ କାବ୍ୟପୁରୁଷଙ୍କ ମାନସ-ସ୍ତରରେ ହୋଇଛି ସାନ୍ତ୍ୱନା । ରୂପପ୍ରାଣତା କ୍ରମେ ହୋଇଯାଇଛି ଅରୂପ ରସ ଚେତନାରେ ରୂପାନ୍ତରିତ । ଡ଼.ମାନସିଂହଙ୍କ ମତରେ- 'ଗଭୀର ସୁଖଦୁଃଖ ମଧ୍ୟ ଦେଇ ନବ ନବ ଅନୁଭୂତି ମଧ୍ୟ ଦେଇ ମାନବାତ୍ମାର ଯେଉଁ ଜନ୍ମାନ୍ତର ହୁଏ ତାହାହିଁ ପ୍ରେମ ।' ଏହା ସୂଚେଇ ଦିଏ ଯେ ମାନସିଂହଙ୍କ ପ୍ରେମ ଆଉ ରୂପଜ ନୁହେଁ; ଅଥଚ ଏହା ରୂପକୁ ଅସ୍ୱୀକାର କରିନାହିଁ; ରୂପ ମଧ୍ୟ ଦେଇ 'ଅରୂପ-ରତନ' ଆବିଷ୍କାର ହିଁ ହୋଇଛି ମୁଖ୍ୟ ସ୍ପନ୍ଦନ । ତେଣୁ ପ୍ରେମ-ଚିନ୍ତନରୁ ତାଙ୍କର ସୃଷ୍ଟି ହୋଇଛି ଦାର୍ଶନିକ ଅନୁଚିନ୍ତନ।

ନାରୀ ଓ ପୁରୁଷଙ୍କ ପ୍ରେମ ଯେତେବେଳେ ଦିବ୍ୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଯାଏ ସେତେବେଳେ ତାହା ଆଉ ଇନ୍ଦ୍ରିୟ ସର୍ବସ୍ୱ ହୋଇ ରହେ ନାହିଁ । ତାହା ହୋଇଯାଏ ଅତୀନ୍ଦ୍ରିୟ ଓ ସେହି ପ୍ରେମ ଭାବରେ ଅନ୍ତର ଶୁଦ୍ଧୀକୃତ (Sublimed) ହୋଇଗଲେ ବ୍ୟକ୍ତି ବିଶ୍ୱବୋଧରେ ଉଦ୍‌ବୁଦ୍ଧ ହୋଇଉଠେ । ଏତିକିବେଳେ ତା'ର କ୍ଷୁଦ୍ର ବ୍ୟକ୍ତି-ସତ୍ତାଟି ବିଚ୍ଛୁରିତ ହୋଇଯାଏ ବିଶ୍ୱ-ସତ୍ତାରେ । ତା'ର କବିତା ତେଣୁ ହୋଇଯାଏ

Digitized by srujanika@gmail.com

ରୂପ ସହିତ ଅରୂପର, ସୀମା ସହିତ ଅସୀମର, ବ୍ୟକ୍ତି ସହିତ ବ୍ୟକ୍ତିର, ସମା ସହିତ ସମାଜର, ବିଶ୍ୱ-ବ୍ୟକ୍ତି ସହିତ ବ୍ୟକ୍ତି-ବିଶ୍ୱର ମଧୁର ସଂଯୋଗ ସେତୁ । ଏହି ସେତୁ ହିଁ ମାନବିକ ସମ୍ପର୍କର ସେତୁବନ୍ଧନ । ଫଳରେ କବି ଭଲପାଇ ବସେ ମଣିଷର ଦୁଃଖ, ଅଶ୍ରୁ ଓ ଅସହାୟତାକୁ । ମଣିଷର ମୁକ୍ତି ହୁଏ ତା'ର ଲକ୍ଷ୍ୟ । କ୍ଷୁଦ୍ରତା ଓ ସଂକୀର୍ଣ୍ଣତା ତାକୁ ସ୍ପର୍ଶ କରେ ନାହିଁ । ଗୋଟିଏ ଉଦାର ମାନବିକ ଭାବରେ ସେ ଉଦ୍‌ବୁଦ୍ଧ ହୋଇଉଠେ । ତା'ନିକଟରେ ତୁଚ୍ଛ ହୋଇଯାଏ ଯାବତୀୟ ନିନ୍ଦା, କୁତ୍ସା ଓ ଅପବାଦ । ସେ କବିବର ରାଧାନାଥ ରାୟଙ୍କ ପରି ଈର୍ଷା, ଅଜ୍ଞ ଓ ବିଜ୍ଞମ୍ମନ୍ୟଙ୍କୁ ଜାଣିଥିବାରୁ ବିଚଳିତ ହୁଅନ୍ତି ନାହିଁ କାହାର ନିନ୍ଦାରେ । ତେଣୁ ତାଙ୍କର କବି-ବ୍ୟକ୍ତିତ୍ୱଟି ଭାଗ୍ୟ,ପୌରୁଷ ଓ ମହାକାଳ ମଧ୍ୟ ଦେଇ ଗତି କରି ଯବତୀୟ ପ୍ରତିକୂଳ ପରିସ୍ଥିତି ଭିତରେ ଅସହାୟ ହୋଇଯାଇ ନାହିଁ, ବରଂ ପୌରୁଷର ଓଜଃ ଗୁଣରେ ଉଦ୍ଦୀପ୍ତ ହୋଇ ମହାକାଳ ଅଭିମୁଖୀନ ହୋଇଯାଇଛି । ବାରମ୍ବାର ଧରାବତରଣ କରି ପ୍ରେମର ଦିବ୍ୟ ସୁଖ ଲାଭ କରିବାକୁ ତାଙ୍କର ମନ୍ମୟ ଅଭିଳାଷ;

ନିଷ୍ପାପ ସେ, ସ୍ୱପ୍ନମୟ, ରସମୟ, ବିମଳ ଦି'ଆଖି
ପ୍ରାଣର ଦି'ବାତାୟନ, ଅନ୍ତରର ସତ୍ୟବାହୀ ସାକ୍ଷୀ
ପାଇବାକୁ ସେ ଦୁଇର ପରି ପୂର୍ଣ୍ଣ ଆତ୍ମସମର୍ପଣ
ହେ ସଖି, କରୁଛି ମୁଁ କି ଜନ୍ମେ ଧରାବତରଣ ।

(ଧରାବତରଣ)

କେତେ କବି ନାରୀ-ନୟନ-ରୂପ-ଭାବଭାବନାକୁ କେତେ କେତେ ଢ଼ଙ୍ଗରେ ବର୍ଣ୍ଣନା କରିଯାଇଅଛନ୍ତି ଯୁଗେ ଯୁଗେ । କାଳିଦାସ, ଶ୍ରୀହର୍ଷଙ୍କ ଠାରୁ ଆରମ୍ଭ କରି ସେକ୍‌ସପିୟର, ଜନଡନ ବା ରବୀନ୍ଦ୍ରନାଥଙ୍କ ପର୍ଯ୍ୟନ୍ତ ବା ଓଡ଼ିଆ ମଧ୍ୟଯୁଗୀୟ କବି ଉପେନ୍ଦ୍ର ଓ ଆଧୁନିକ କବି ରାଧାନାଥଙ୍କ ପର୍ଯ୍ୟନ୍ତ ନାରୀ-ନୟନର ଚାରୁଚିତ୍ର ଅଙ୍କନ କରିଯାଇଅଛନ୍ତି । ମାନସିଂହ କିନ୍ତୁ ମାନସୀର ଦୁଇ ନୟନ ନିକଟରେ ସଂପୂର୍ଣ୍ଣ ଆତ୍ମସମର୍ପଣ କରିଯାଇଅଛନ୍ତି ଓ ସେହି କାରଣରୁ ତାଙ୍କର ଜନ୍ମେ ଜନ୍ମେ ଧରାବତରଣ ହେଉଛି ବୋଲି ଅନୁଭବ କରିଛନ୍ତି । ଏପରି ଅନୁଭବ

Digitized by srujanika@gmail.com

ଅନ୍ୟତ୍ର ବିରଳ । ପ୍ରେମ ଅନ୍ତରକୁ କରିଦିଏ ଲଳିତ, କୋମଳ ଓ ମଧୁର । ତେଣୁ ତାହା ମଣିଷ ଭିତରେ ଭରିଦିଏ ପ୍ରକୃତି ଓ ମାଟି ପ୍ରତି ମମତା । ମାନସିଂହଙ୍କ କାବ୍ୟ-ଚେତନାରେ ତେଣୁ ଜନ୍ମାନ୍ତରବାଦ ନେଇଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ଏହି କାରଣରୁ ତାଙ୍କର ବାରମ୍ବାର ଜନ୍ମ ହେଉଛି ବୋଲି ଧାରଣା । ନିଜେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ମଧ ସେ ବିଶ୍ୱାସ କରିଛନ୍ତି କର୍ମଫଳ ଓ ଜନ୍ମାନ୍ତରବାଦ ଉପରେ । ଏହାହିଁ ତାଙ୍କର ଭାରତୀୟ ସଂସ୍କୃତିର ଅବବୋଧ । 'ପ୍ରେମ ଓ ଜରା' କବିତାରେ କାବ୍ୟପୁରୁଷଙ୍କର ଉକ୍ତି- 'ନୂତନ ପ୍ରଣୟ ପୁଣି ଭୋଗିବ ପରାଣ/ଦୁହିଁଙ୍କର ସେଦିନ ଗୋ/ତେବେ ରୂପଗତ ଦୁଃଖ କିବା ? ଜନ୍ମାନ୍ତରେ ପାଇବା ମମତା/ନୂଆ କରି/ଶୁଭ୍ର କେଶେ ଦେଖା କାହିଁ ପାଇଁ ? ନୂତନ ପ୍ରଭାତ ଆଶେ ନିଶା ଯାଉ ପାହି ।' ଏଥିରୁ ସ୍ପଷ୍ଟ ହୁଏ ଯେ ମାନସିଂହଙ୍କ ଜୀବନ-ଦର୍ଶନ ପ୍ରେମର ଦିବ୍ୟ ଆରାଧନା, ଜନ୍ମାନ୍ତରବାଦ ଓ ଆଶାବାଦରେ ବିଶ୍ୱାସ ସ୍ଥାପନ । ତାଙ୍କ ମତରେ ଅଶ୍ରୁ-ଧୌତ-ପ୍ରୀତି ପାପ ନୁହେଁ; ପୁଣ୍ୟ । ସେହି ପୁଣ୍ୟ ପ୍ରୀତି ଆସ୍ୱାଦନରେ ମଣିଷର ତ୍ରାସ ହରଣ କରିବା ସହିତ ଧରଣୀ-ବାସକୁ ମଧୁମୟ କରିବାକୁ ସେ ଚାହିଁଛନ୍ତି । ସେହି ପ୍ରୀତିବୋଧ ତାଙ୍କୁ ଜୀବର ମଙ୍ଗଳ ବିଧାନ କରିବାପାଇଁ ଅନୁପ୍ରେରିତ କରିଛି ଓ ଦେଶରୁ ଦେଶକୁ ଉଡ଼ିଯାଇ ପ୍ରାଣ ଭରି ପ୍ରେମ ଓ ଜ୍ଞାନର ପ୍ରଚାର ହୋଇଛି ତାଙ୍କର ଲକ୍ଷ୍ୟ । (ତରୁଣ କବିର ଆଶା) ପ୍ରାଣ ଥିଲେ ପ୍ରଣୟ ଥାଏ । ମୂର୍ଖ ଓ ଅଜ୍ଞ ଜନତା ପ୍ରେମର ଦିବ୍ୟ ଭାବକୁ ନ ବୁଝି ମିଥ୍ୟା କଳଙ୍କ ରଚନା କରେ । ଈଶ୍ୱରଙ୍କ ନାମରେ ହିଂସା ଆଚରଣ କରେ । ପ୍ରଣୟର ଯୋଗ୍ୟ ଅଧିକାରର ପାଇଁ ତାଙ୍କ ପ୍ରାଣର ଉଦାତ୍ତ ଉଦ୍‌ଘୋଷଣା ପ୍ରକାଶ ପାଇଛି 'ପାପ ଓ ପ୍ରେମ' କବିତାରେ । କାବ୍ୟପୁରୁଷଙ୍କ ପ୍ରେମ, ଯାହା ଥିଲା ରୂପପର ତାହା କ୍ରମେ ହୋଇଗଲା ରୂପୋତ୍ତର- 'ରୂପପର ଥିଲା ଦିନେ ଆଜି ରୂପୋତ୍ତର ।' (ଦେହ ଓ ସ୍ନେହ) ପ୍ରେମ ପ୍ରତି ଏପରି ଅବବୋଧ ପ୍ରକାଶ ପାଇଲା ପରେ କାବ୍ୟପୁରୁଷ ସନ୍ଧାନ ପାଇଛନ୍ତି 'ଏକ ବିରାଟ ସ୍ରଷ୍ଟାର' । ତାଙ୍କର ମହିମା କାବ୍ୟପୁରୁଷଙ୍କ ଚିତ୍ତବୃତ୍ତିକୁ ସ୍ତବ୍ଧ କରିଦେଇଛି । ପ୍ରେମସ୍ନାତ କାବ୍ୟପୁରୁଷ ସଂସାରକୁ ମନେ କରିଛନ୍ତି ଦୁଃଖମୟ । ରୋଗ ଶୋକ ଦାରିଦ୍ର୍ୟ, ମିଥ୍ୟାର ତାଣ୍ଡବଲୀଳା, ଅନ୍ୟାୟର ବିଜୟ, ଦୁର୍ବଳର କାକୁତି ଇତ୍ୟାଦି

Digitized by srujanika@gmail.com

କାବ୍ୟପୁରୁଷଙ୍କ ହୃଦୟକୁ ବିଦୀର୍ଣ୍ଣ କରିଦେଇଛି ଓ ତାଙ୍କ ଅନ୍ତର ଭିତରେ ପ୍ରବାହିତ ହୋଇଯାଇଛି କରୁଣାର ସ୍ରୋତ । ତାଙ୍କ ମନେହୋଇଛି ଏହି ସଂସାରର ସକଳ ଜୀବ 'ଅଶରଣ' ଓ ସମସ୍ତେ 'ଭୋଗୁଛନ୍ତି ଅର୍ଥହୀନ ଜୀବନ-ମରଣ' । (ଦୁଃଖମୟ ସୃଷ୍ଟି)

ସୃଷ୍ଟିକୁ ଅନୁସରଣ କରେ ଧ୍ୱଂସ, ଯେପରି ଜୀବନକୁ ଅନୁସରଣ କରେ ମୃତ୍ୟୁ । ତଥାପି ମଣିଷ ଏହି ସୃଷ୍ଟି ରେ ବଞ୍ଚିଛି ଓ ବଞ୍ଚିବ-ସମାଜବଦ୍ଧ ମଣିଷମାନଙ୍କୁ ନେଇ । ସ୍ୱାର୍ଥ କଳୁଷିତ ମଣିଷ ଭିତରେ ପ୍ରକାଶ ପାଏ ସନ୍ଦେହ । ସେହି ସନ୍ଦେହ କୀଟ ହୋଇ ଜୀବନ-ପ୍ରସୂନକୁ ଉଦ୍‌ଭିନ୍ନ କରିଦିଏ । ବିଶୁଦ୍ଧ ସନ୍ଦେହ ହିଁ ମଣିଷ ଭିତରେ ଭରିଦିଏ ଅନନ୍ତ ଜିଜ୍ଞାସା । ସଂକଟରୁ ମୁକ୍ତ ପାଇବାପାଇଁ ଦର୍ଶାଇଦିଏ ମାର୍ଗ । ତା'ପରେ ଆସେ ଆତ୍ମପରିଚୟ ବା ଆତ୍ମୋପଲବ୍ଧି । ଏହି ଉପଲବ୍ଧି ଆସିଲେ ସବୁ ମଣିଷ ହୋଇଯାଆନ୍ତି ଆପଣାର । ଅନ୍ଧଭାବରେ କୌଣସି କଥାକୁ ବିଶ୍ୱାସ କରିବା ଅପେକ୍ଷା ସଂଶୟବାଦୀ ବହୁଗୁଣରେ ଶ୍ରେୟସ୍କର ବୋଲି ସାଂଖ୍ୟଦର୍ଶନ କହେ । ମାନସିଂହ ଏଥିରେ ଆସ୍ଥାବାନ୍ । ତେଣୁ ତାଙ୍କ ହୃଦୟର ବାଣୀ- 'ବିଶୁଦ୍ଧ ସନ୍ଦେହ ଭଲ କ୍ଲିନ୍ନ ବିଶ୍ୱାସରୁ/ତେଣୁ ଏ ନାସ୍ତିକ ତର୍କ ଅଧମ ଚିତ୍ତରୁ ।' (ବିଶୁଦ୍ଧ ସନ୍ଦେହ) ସକଳ ଦୁଃଖ ନିର୍ଯ୍ୟାତନା ସତ୍ତ୍ୱେ ମଣିଷ ବଞ୍ଚିଛି । ତା'ର ଆତ୍ମାରେ ନିତ୍ୟ ବିରାଜିତ ସ୍ନେହ ପ୍ରେମ ବିଶ୍ୱାସ ଓ କରୁଣା । ସ୍ୱାର୍ଥ ଓ ସଂକୀର୍ଣ୍ଣ ଦୃଷ୍ଟି ଯୋଗୁ ଏସବୁ ଦିବ୍ୟ ଗୁଣକୁ ଧ୍ୱଂସ କରି ବର୍ବର ହେବା ଅନୁଚିତ । ଈଶ୍ୱରଙ୍କୁ ତାଙ୍କର ପ୍ରାର୍ଥନା- 'ଆତ୍ମାର ଏ ରସ ଦିଅ ବିଶ୍ୱ ଶୁଭ ପାଇଁ ।' ବ୍ୟକ୍ତିଗତ ପ୍ରେମବୋଧ ରୂପାନ୍ତରିତ ହୋଇଯାଇଛି ନିଖିଳ ମାନବ ପ୍ରେମରେ । ଆତ୍ମାର ଶାଶ୍ୱତ ସୌନ୍ଦର୍ଯ୍ୟ ହୋଇଛି ଭାସ୍ୱର । ତେଣୁ ପ୍ରେୟସୀଙ୍କୁ ତାଙ୍କର ଆହ୍ୱାନ-

ପଙ୍କରୁ ପଙ୍କଜ ଏଠି ଫୁଟାଇବା ଆସ
ଦୁଃଖ ମଧ୍ୟେ ଏ ଜୀବନ ହେଉ ଦୀର୍ଘ-ରସ ।

(ଅନୁରୋଧ)

କାବ୍ୟପୁରୁଷଙ୍କ ଦୃଷ୍ଟିରେ ଦେହ ତୁଚ୍ଛ ନୁହେଁ, ନାରୀ ମଧ୍ୟ ହେୟ ନୁହେଁ । ନାରୀର ଦେହ ଉପରେ କେବଳ ଆଖି ରହିଲେ ତାହା ହୋଇଯାଏ ନରକ । ନାରୀ

Digitized by srujanika@gmail.com

ସଂଭୋଗର ଏକ ଯନ୍ତ୍ର ନୁହେଁ: ଦିବ୍ୟତ୍ୱ ଲାଭର ଏକ ସ୍ୱଚ୍ଛ ପ୍ରେରଣା । ପୁରୁଷକୁ ସେ ଜ୍ଞାନରେ କରେ ଗରୀୟସୀ, ଧର୍ମରେ କରେ ସାଥୀ, କର୍ମଚୋଦନାରେ କରେ ମଙ୍ଗଳମୟ । ଦୁଃଖରେ ସେ ହୁଏ ଜନନୀ । ତେଣୁ ନାରୀର ଦେହ ସାମାନ୍ୟ ନୁହେଁ; ଅସାମାନ୍ୟ । ମାଟିର ଦେହ ହୋଇ ମଧ୍ୟ ସେ ଦେବୀ, ସେ ପବିତ୍ର ମନ୍ଦାକିନୀ । କବିଙ୍କର ଅନୁରୋଧ-

ମାଟି ଦେହେ ଦେବୀକୁ ହେ ଦେଖ
ଶ୍ରଦ୍ଧା ଦିଅ ଜଗଜ୍ଜନନୀରେ
ଶକ୍ତି ରୂପେ ଉଭା ହେବ ନାରୀ
ତବ ଦକ୍ଷକର ସନ୍ନିଧିରେ ।

(ନାରୀର ଅଧିକାର)

କବିଙ୍କ ଜୀବନ-ଦର୍ଶନରେ ଦିବ୍ୟ ପ୍ରେମ ପ୍ରତି ଅଛି ଆନ୍ତରିକ ଚିକିର୍ଷା ଅଛି ମଧ୍ୟ ନାରୀ ପ୍ରତି ମର୍ଯ୍ୟାଦାବୋଧ । ନାରୀର ଅଧିକାର ପ୍ରତି ମଧ୍ୟ ଅଛି ତାଙ୍କର ଶ୍ରଦ୍ଧା । ନାରୀ, ପ୍ରେମ ଓ ଈଶ୍ୱରର ହୋଇଛି ତାଙ୍କ କବିତାରେ ଅପୂର୍ବ ତ୍ରିବେଣୀ ସଂଗମ । କାବ୍ୟପୁରୁଷ ଖୋଜିଛନ୍ତି ଶୁଦ୍ଧ ପ୍ରେମ; ଯାହା ପଣ୍ୟ ନୁହେଁ; ଅପଣ୍ୟ । ଏହି ପ୍ରେମକୁ ନେଇ ବିପଣି ସଜାଇ ବ୍ୟବସାୟ କରିହୁଏ ନାହିଁ । ଏହା ଆତ୍ମାର ଦିବ୍ୟଭାବ, ହୃଦୟ ରସରେ ଜାରିତ ମଧୁର ଭାଷ୍ୟ । ଏହି ପ୍ରେମ ହିଁ କବିଙ୍କର ଲକ୍ଷ୍ୟ ଓ ଆରାଧ୍ୟ । ତେଣୁ ତାଙ୍କର ଉକ୍ତି- 'କବି ଆତ୍ମା ଖୋଜେ ଆଜି ସେହି ସେ ପ୍ରଣୟ/ନାହିଁ ଯହିଁ ବିପଣୀର ପଣ୍ୟ ବିନିମୟ ।' (ଅପଣ୍ୟ ପ୍ରେମ-ଅକ୍ଷତ) ଏହି ପ୍ରେମ ହିଁ ଭରିଦେଇଛି କବିଙ୍କ ଭିତରେ ଜୀବନ-ସ୍ପୃହା । ତେଣୁ ସକଳ ଦୁଃଖ କଷ୍ଟ ଅଶ୍ରୁ ଦୈନ୍ୟ ଅନ୍ୟାୟ ଅବିଚାର ଭିତରେ ସୁଦ୍ଧା କାବ୍ୟପୁରୁଷ ଆପଣାକୁ ଦୃଢ଼ ରଖିଛନ୍ତି ଓ ପୁନର୍ବାର ଧରାବକ୍ଷରେ ଅବତରଣ କରିବାକୁ ଚାହିଁଛନ୍ତି । 'ଜନ୍ମାନ୍ତର ଗଢ଼ିଉଠୁ ଅତୀତ ଭସ୍ମରେ' ହିଁ ତାଙ୍କ ଶୁଚିପୂତ ବିଶ୍ୱାସ ଓ ଦାର୍ଶନିକ ଅନୁଚିନ୍ତାର ରମ୍ୟ ପ୍ରକାଶ । (ଜନ୍ମେ ଜନ୍ମାନ୍ତର-ଅକ୍ଷତ) ମାନସିଂହଙ୍କ କାବ୍ୟ-ବିଭବ ପ୍ରେମର ରମ୍ୟ ଫସଲ । ସେଥିରେ ଫୁଲ ଅଛି, ଫଳ ଅଛି, ଅଛି ମଧ୍ୟ କୀଟ । ତେଣୁ ଅଛି ଦୁଃଖ, ଅଶ୍ରୁ, ଯନ୍ତଣା ଓ ଅସହାୟତା । ଯାହା ଜଣାଯାଏ ବାହାରକୁ ପରକୀୟା ପରି

Digitized by srujanika@gmail.com

ତାହା କିନ୍ତୁ କାବ୍ୟପୁରୁଷଙ୍କ ଆତ୍ମା ସ୍ତରରେ ସ୍ୱକୀୟା ପ୍ରେମର ଦୀପ୍ତି ଓ ଦ୍ୟୁତି ପ୍ରକଟ କରିଦିଏ । ସେହି ଅଶରୀରୀ ଭାବ ଜଗତରେ ପ୍ରେମିକ ଓ ପ୍ରେମିକାଙ୍କ ଭିତରେ ଫୁଟିଉଠେ ନିତ୍ୟ ଦାମ୍ପତ୍ୟ ସମ୍ପର୍କ । ପ୍ରେମର ପୂର୍ଣ୍ଣତା କାବ୍ୟପୁରୁଷଙ୍କର ଏକାନ୍ତ ଲକ୍ଷ୍ୟ । ତେଣୁ ଜନ୍ମାନ୍ତରବାଦ ଉପରେ ତାଙ୍କର ଆସ୍ଥା ଓ ବିଶ୍ୱାସ । ନାରୀ-ପ୍ରେମରୁ କାବ୍ୟପୁରୁଷଙ୍କର ଗତି ମାନବ-ପ୍ରେମକୁ । ମାନବ-ପ୍ରେମରୁ ତାଙ୍କର ଉନ୍ମେଷ ଘଟିଛି ଈଶ୍ୱର-ପ୍ରେମ । ଅନ୍ଧବିଶ୍ୱାସ ନୁହେଁ; ବିଶୁଦ୍ଧ ସନ୍ଦେହ ବା ସଂଶୟବାଦ ତାଙ୍କ କବି-ବ୍ୟକ୍ତିତ୍ୱର ଅନ୍ୟ ଏକ ବଳିଷ୍ଠ ଦିଗ । ସାମଗ୍ରିକ ଭାବରେ ମାନସିଂହ କାବ୍ୟ-ଜଗତ ଯେ ଏକ ବିଶୁଦ୍ଧ ପ୍ରେମର ଜଗତ ଓ ସେହି ଜଗତରେ ମାଟି, ମଣିଷ, ପ୍ରକୃତି ଓ ଈଶ୍ୱର ଯେ ଅଭିନ୍ନ ତାହା ବ୍ୟଂଜିତ ହୋଇଉଠେ ଓ ପାଠକକୁ ତାହା ଯେ ଅଭିଭୂତ କରେ; ଏଥିରେ ସନ୍ଦେହ ନାହିଁ ।

-୨-

ମଣିଷର ହୃଦୟକୁ ନେଇ ମଣିଷ ବଞ୍ଚେ । କବି ୱାର୍ଡ୍‌ସୱାର୍ଥଙ୍କ ଭାଷାରେ- 'Thanks to the human heart by which we live' ମଣିଷର ସ୍ନେହ, ପ୍ରେମ, ଆନନ୍ଦ ଓ କୋମଳତା ହିଁ ଜୀବନରେ ଭରିଦିଏ ବଞ୍ଚିବାର ଉଦାମ ଆକାଂକ୍ଷା । ସେହି ଦିବ୍ୟ ଭାବହିଁ ଯୋଡ଼ିଦିଏ ମଣିଷ ସହିତ ମଣିଷକୁ । ମଣିଷକୁ ସ୍ଥୂଳ ସୀମିତ ଗଣ୍ଡି ମଧ୍ୟରୁ ମୁକ୍ତ କରି ତାହାକୁ ମହାଜାଗତିକ ଭାବରେ ଉଦ୍‌ବୁଦ୍ଧ କରିଦିଏ । ସଂସ୍କୃତି ଓ କଳା ଦ୍ୱାରା ରୁକ୍ଷ ବାସ୍ତବତା (Crude reality) କୁ ମାନବୀକରଣ କରିଦିଏ । ମାନସିଂହ ଯେଉଁ ସମୟରେ କବିତା ରଚନା କରିଥିଲେ ସେ ସମୟ ହେଉଛି ସ୍ୱାଧୀନତା ଲାଭର ପୂର୍ବବର୍ତ୍ତୀ ତିନୋଟି ଦଶନ୍ଧି । ତୃତୀୟ ଦଶନ୍ଧିରେ ତାଙ୍କ କବିତାର ଉନ୍ମେଷ । ଚତୁର୍ଥ ଦଶନ୍ଧିରେ ତାଙ୍କ କବିତାର ଉତ୍ତରଣ । ପଞ୍ଚମ ଦଶନ୍ଧିରେ ତାହାର ପୂର୍ଣ୍ଣତା । ସେହି ସମୟ ଥିଲା ଭାରତୀୟ ମହାଜାତି ପାଇଁ ସଂକଟ ଓ ସଂଘର୍ଷର ସମୟ । ଦେଶ ପାଇଁ ଆତ୍ମ ବଳିଦାନ, ଦେଶର ମୁକ୍ତି ଓ ଜାତିବର୍ଣ୍ଣଧର୍ମ ନିର୍ବିଶେଷରେ ଏକ ମଣିଷ-ଭାବନା ଥିଲା ସେ ସମୟର ଉଦାତ୍ତ ଭାବ । ସେ ସମୟ ମଧ୍ୟ ଥିଲା କର୍ତ୍ତବ୍ୟ ଓ କରୁଣାର ଯୁଗ । ଦୀନ ଦଳିତଙ୍କ ପ୍ରତି କରୁଣା ଓ ଦେଶ ପାଇଁ କର୍ତ୍ତବ୍ୟ ଥିଲା ସେ ଯୁଗର ଆହ୍ୱାନ । ପୁନଶ୍ଚ ସଂସ୍କୃତିର

Digitized by srujanika@gmail.com

ଆବିଷ୍କାର ଓ ତାହାର ପୁନଃ ପ୍ରତିଷ୍ଠା ଥିଲା ଲକ୍ଷ୍ୟ । ମହାତ୍ମାଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ମାନବ-ବନ୍ଦନା ସେ ସମୟରେ ଥିଲା ଅତ୍ୟନ୍ତ ପ୍ରଭାବଶାଳୀ । ଏହି ପରିପ୍ରେକ୍ଷୀରେ ମାନସିଂହଙ୍କ କାବ୍ୟ-ସାଧନା । ତେଣୁ ଯୁଗର ପ୍ରାଣ-ସ୍ପନ୍ଦନରେ ସ୍ପନ୍ଦିତ ହୋଇଉଠିଛି ତାଙ୍କର କାବ୍ୟ କବିତା । 'ଜେମା', 'ସାଧବଝିଅ', 'ପୁଷ୍ପିତା', 'ପୂଜାରିଣୀ', 'ରାଜକବି', 'ଉପେକ୍ଷିତା', 'କମଳାୟନ' ପରି କାବ୍ୟ-ନାଟିକା ଗୁଡ଼ିକରେ ତାଙ୍କର ପ୍ରକାଶ ପାଇଛି ନିବିଡ଼ ସଂସ୍କୃତିବୋଧ । କବି-ଦୃଷ୍ଟି ସଂଚରିଯାଇଛି ସୁଦୂର ଉତ୍କଳର ନାନା ସାଂସ୍କୃତିକ ଅବବୋଧ ଭିତରକୁ । ତାଙ୍କ ଭିତରେ ପ୍ରକାଶ ପାଇଛି ଜାତୀୟ ସାଂସ୍କୃତିକ ସ୍ୱାଭିମାନ । ବିଦେଶୀ ଭାବ, ବିଦେଶୀ ଶୈଳୀ ଓଡ଼ିଆ କାବ୍ୟକୁ ମହତ୍ତ୍ୱ ଦେବ ନାହିଁ; ଦେବ ସ୍ୱଦେଶୀ ଭାବ ଓ ସ୍ୱଦେଶୀ ଶୈଳୀ । 'ପରଧର୍ମ' ପ୍ରବନ୍ଧରେ ତେଣୁ ତାଙ୍କର ବକ୍ତବ୍ୟ- 'ବିଦେଶୀ ଭାବ ଲୋକଙ୍କୁ ବିଦେଶୀ କରାଏ ନାହିଁ । ବିଦେଶୀ ବେଶ ହିଁ ଲୋକଙ୍କୁ ଇତର କରିପକାଏ । x x x ଦେଶର ଯେ କିଆ, ପୋଲାଙ୍ଗ ଫୁଟି ଝଡ଼ିପଡୁଛି, ସେ ଖବର ନ ରଖି ଏମାନେ ଚାମେଲୀ, ଗୋଲାପ, ବେଲଫୁଲ, ହାସ୍ନା ହେନାର ଗନ୍ଧ ଆଣି ଆମକୁ ଶୁଙ୍ଘାଇଲେ । ସାଧବଝିଅ ନଈରେ ଗାଧୋଇବା ବେଳେ ଛିଣ୍ଡି ପଡ଼ିଥିବା ବାରହାତ ଲମ୍ବ ବାଳକୁ ସୁନା ଫରୁଆରେ ପୂରାଇ ପାଣିରେ ଭସାଇ ଦେଇ ଅନାଇଁ ରହିଛି, ସେ ଦୃଶ୍ୟ କବିମାନେ ଦେଖିପାରୁ ନାହାନ୍ତି; ସେମାନେ ସବୁଜ ପରୀ, ଆସ୍‌ମାନୀ ପରୀର ନୃତ୍ୟ ଆମକୁ ଦେଖାଉଛନ୍ତି ।' (ପରଧର୍ମ) ସବୁଜ କବିମାନଙ୍କ ପ୍ରତି ମାନସିଂହଙ୍କର ଆକ୍ଷେପୋକ୍ତି ଉପରୋକ୍ତ ପଂକ୍ତିଗୁଡ଼ିକରେ ପ୍ରତିଫଳିତ ହୋଇ ତାଙ୍କର ଉତ୍କଳୀୟ ସଂସ୍କୃତି ଓ ପାରମ୍ପରିକ ମୂଲ୍ୟବୋଧ ଜନିତ ଦୃଷ୍ଟିକୋଣକୁ ସ୍ପଷ୍ଟ କରିଦେଇଛି । ତାଙ୍କର କବି-ଦୃଷ୍ଟି ପ୍ରସରି ଯାଇଛି ଉତ୍କଳର ଜନପଦ ଭିତରେ, ମୂକ ପାହାଡ଼ ଦେହରେ, ମନ୍ଦିର ଗାତ୍ରରେ, ମଣିଷର ହସକାନ୍ଦ ଜୀବନ ମଧ୍ୟରେ । ଗୌରବମୟ ଅତୀତ ଜୀବନ୍ତ ହୋଇଉଠିଛି ତାଙ୍କର କାବ୍ୟ କବିତାରେ । ସଂସ୍କୃତି-ଅନୁରାଗରୁ ତାଙ୍କର ପ୍ରକାଶ ପାଇଛି ସ୍ୱଦେଶାନୁରାଗ ଓ ସର୍ବୋପରି ମାନବାନୁରାଗ । ତେଣୁ ସେ କେବଳ ପ୍ରେମର କବି ନୁହନ୍ତି; ସେ ମଧ୍ୟ ସଂସ୍କୃତିର କବି, ମଣିଷର କବି, ବିଭୁବୋଧର କବି ଓ ମଣିଷର କବି ମଧ୍ୟ । ମାଟି ଓ ମଣିଷ ପ୍ରତି ତାଙ୍କ ଅନ୍ତରରୁ ଝରିଆସିଛି ମୁଗ୍ଧ

Digitized by srujanika@gmail.com

ଅଭିନନ୍ଦନ । ବିଶେଷତଃ ସମାଜର ତଳିଆବର୍ଗର ମଣିଷମାନଙ୍କ ପ୍ରତି ତାଙ୍କର ସହାନୁଭୂତି ନିବିଡ଼ । ରିକ୍ସାବାଲା, ଶ୍ରମିକ, କୃଷକ, ଅସହାୟ ନରନାରୀ, ଦୁର୍ଭିକ୍ଷପୀଡ଼ିତ ଇତ୍ୟାଦି ମଣିଷମାନଙ୍କ ପ୍ରତି ତାଙ୍କ ହୃଦୟର ସମ୍ବେଦନା କେତେ ମାର୍ମିକ ତାହା ଉପଲବ୍ଧି ହୁଏ 'ଜୀବନଚିତା', 'କୁଶ', 'ଅକ୍ଷତ' ଆଦି କବିତା ପୁସ୍ତକରୁ । ମାଟି ଓ ମଣିଷ ପ୍ରୀତିରୁ ତାଙ୍କ ଭିତରେ ପ୍ରକାଶ ପାଇଛି ସ୍ୱଦେଶପ୍ରୀତି। ଜାତୀୟତାର ସଂକୀର୍ଣ୍ଣ ଗଣ୍ଡି ଭିତରେ ସେ ଆବଦ୍ଧ ନ ହୋଇ ଦେଶପ୍ରେମରେ ବିସ୍ତୃତ ଦିଗନ୍ତକୁ ଛୁଇଁଯାଇଛନ୍ତି ଓ ସେହି ଦେଶପ୍ରେମ (Patriotism) ରୁ ତାଙ୍କ ଭିତରେ ପ୍ରକାଶ ପାଇଛି ବିଶ୍ୱପ୍ରେମ । 'କୋଣାର୍କ' ତାଙ୍କ ସୌନ୍ଦର୍ଯ୍ୟବୋଧର ଅପୂର୍ବ କାବ୍ୟ-ଭାସ୍କର୍ଯ୍ୟ କେବଳ ନୁହେଁ; ସାଂସ୍କୃତିକ ଐଶ୍ୱର୍ଯ୍ୟବୋଧ, ଇତିହାସ-ରସଚେତନା, ସ୍ୱଦେଶ ପ୍ରୀତି ଓ ମାନବ-ବନ୍ଦନାର ମଧ୍ୟ ଶାଶ୍ୱତ ଅଭିବ୍ୟକ୍ତି । ସଚ୍ଚି ରାଉତରାୟଙ୍କ ପରି ସେ କୋଣାର୍କ ଦେହରେ କୋଟି ମଣିଷର ହାଡ଼ କଙ୍କାଳ ଦେଖିନାହାନ୍ତି; ଦେଖିଛନ୍ତି ବିଗତ ଯୌବନା କୋଣାର୍କର ନିତ୍ୟ ସୌନ୍ଦର୍ଯ୍ୟ ଓ ଶୁଣିଛନ୍ତି ଇତିହାସର ବୁକୁଚିରି ସଂସ୍କୃତିର ବାଣୀ ।

'ବାପୁଜୀ', 'ନାପିତୁଣୀର ଗାନ୍ଧିପୂଜା', 'ମହାଯାତ୍ରା', 'ନାହାନ୍ତି ଗାନ୍ଧିଜୀ', 'ନିର୍ମମ ଭଗବାନ', 'ପ୍ରାଣର ବାପୁଜୀ', 'ଦିଅଛାଡ଼ି ତାରେ', 'ଅଗଷ୍ଟ ପନ୍ଦର', 'ସଂକଳ୍ପ', 'ଗୋପପ୍ରୟାଣେ' ଆଦି ନାନା କବିତା ମଧ୍ୟ ଦେଇ କବି ଯେପରି ଆପଣାର ସ୍ୱଦେଶ ପ୍ରୀତିକୁ ସୂଚାଇ ଦେଇଅଛନ୍ତି ସେହିପରି ବ୍ୟକ୍ତି-ବନ୍ଦନା ମଧ୍ୟ ଦେଇ ବ୍ୟକ୍ତିତ୍ୱର ଆବିଷ୍କାର କରିଅଛନ୍ତି । ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁଙ୍କ ଦିବ୍ୟ ବ୍ୟକ୍ତିତ୍ୱ ତାଙ୍କର କବି-ସତ୍ତାକୁ ଆଚ୍ଛନ୍ନ କରିଦେଇଛି । 'ଅକ୍ଷତ' କବିତା ପୁସ୍ତକର ଭୂମିକାରେ ସେ କହନ୍ତି- 'ଏହି ଲେଖକ ଯଦି, ଭକ୍ତ ବା ଧାର୍ମିକ ନୁହେଁ । ଧରାତଳର କୋଟି କୋଟି ପଥଯାତ୍ରୀମାନଙ୍କ ମଧ୍ୟରୁ ସେ ଏକ ସାମାନ୍ୟତମ ଯାତ୍ରୀ ମାତ୍ର । ସାଧାରଣ ସହଯାତ୍ରୀମାନଙ୍କ ପରି ତା'ର ଶରୀର ଜୀବନ ସଂଗ୍ରାମ ଅସ୍ୱାଚ୍ଛତରେ ବିକଳ, ତା'ର ଗଣ୍ଡ ଅଶ୍ରୁ-ସ୍ନାତ, ତା'ର ଅନ୍ତର ଅସନ୍ତୋଷ ଓ ଅଭିମାନରେ ଭରା।' କବିଙ୍କ ଅନ୍ତର ଭିତରୁ ଦଳିତ ନିର୍ଯ୍ୟାତିତ ମଣିଷମାନଙ୍କ ପ୍ରତି ଝରିଆସିଛି ଗଭୀର ସହାନୁଭୂତି । କବି ମାନବଜାତିର ଏକ ସଦସ୍ୟ । ତେଣୁ ଯେତେବେଳେ ସେ

Digitized by srujanika@gmail.com

କବିତା ଲେଖେ ସେତେବେଳେ ସେ ମଣିଷକୁ ହିଁ ଉପଜୀବ୍ୟ କରିନିଏ । ସମକାଳୀନ ମଣିଷ ତା'ର କବିତାରେ ଅଙ୍କିତ ହେଉଥିଲେ ହେଁ ସେହି ମଣିଷକୁ ସେ ସର୍ବକାଳୀନ ମଣିଷ ଜାତି ସହିତ ସଂପର୍କିତ କରିଦିଏ । ତା' କଳାର ବସ୍ତୁ ହୁଏ ମଣିଷ । ମଣିଷର ସ୍ୱାର୍ଥ ହୁଏ ତା' କବିତାରେ ବ୍ୟଂଜିତ । ମଣିଷ କେବଳ କବିତାରେ ବସ୍ତୁ (object) ହୁଏନାହିଁ; (subject) ବିଷୟ ମଧ୍ୟ ହୁଏ । ଚେତନାଶୀଳତାହିଁ ଜୀବନର ବିମ୍ବ, ଅଭିଜ୍ଞତାର ସାନ୍ଦ୍ର ଅଭିବ୍ୟକ୍ତି । (A consciousness is always an image of life, a condensed expression of experience) ମାନସିଂହଙ୍କ ଚେତନାଶୀଳତାହିଁ ତାଙ୍କ ଜୀବନର ବିମ୍ବ । ସେହି ବିମ୍ବ ଅନେକ ଜୀବନର ସମନ୍ୱିତ ଭାବରୂପ । ତାଙ୍କ କବିତା ତାଙ୍କ ଅଭିଜ୍ଞତାର କଳାତ୍ମକ ପ୍ରକାଶ ।

କବି ନିଜ ଜୀବନର ତଥା ସହଯାତ୍ରୀ ଜୀବ ଗ୍ରାମର ଦୁଃଖ ଦୁର୍ଦ୍ଦଶା କଥା ଭାବୁ ଭାବୁ ରାମକୃଷ୍ଣ ପରମହଂସଦେବଙ୍କର ଈଶ୍ୱର-କୁଟୁମ୍ବିତା ଓ ବୁଦ୍ଧଦେବଙ୍କର ମାନବଧର୍ମିତାକୁ ଅନୁଭବ କରି ସ୍ତବ୍ଧ ହୋଇଯାଇଛନ୍ତି । ତେଣୁ ତାଙ୍କର ରାଷ୍ଟ୍ରୀୟତାବୋଧ ବା ଜାତୀୟତାବୋଧ ମାଟି ଓ ମଣିଷକୁ ନେଇ ହିଁ ହୋଇଛି ଋଦ୍ଧିମନ୍ତ । ତାଙ୍କ ଅଭିଳାଷ-

ମାଗେ ନା ମୁଁ ନିଜ ମୁକ୍ତି, ସନ୍ତୋଷ ବିଳାସ
ହେ କବି କରାଅ ମତେ, କବି ଜନ୍ମେ ଜନ୍ମେ
ଗୀତେ ଫୁଟାଇବି ସତ୍ୟ, ଶିବର ବିକାଶ
ଜଗାଇବି ଦେବତାରେ ମାନବ-ମରମେ
କବି ହୃଦେ ବାସ ତବ, କବି ଲେଖନୀରେ
ମହିମା ତୁମର ସ୍ଫୁଟ ମାଟି ଧରଣୀରେ ।

(କବିର ଗୌରବ - ଅକ୍ଷତ)

ମାନସିଂହ କବି । ଈଶ୍ୱର ମଧ୍ୟ କବି । ଈଶ୍ୱର ନିତ୍ୟ । ମଣିଷ ଅନିତ୍ୟ । ସେହି ନିତ୍ୟ କବିଙ୍କ ନିକଟରେ କବିଙ୍କ ନିବେଦନ ତାଙ୍କୁ ଜନ୍ମେ ଜନ୍ମେ କବି ଭାବରେ ଜନ୍ମ ଦେବା ପାଇଁ । ତାଙ୍କ ଭିତରେ ମାଟି ଓ ମଣିଷ ପ୍ରତି ଅନୁରାଗ ସୃଷ୍ଟି

Digitized by srujanika@gmail.com

କରିବା ପାଇଁ ମଧ୍ୟ ସେ ପ୍ରାର୍ଥନା କରିଅଛନ୍ତି । ବିଭିନ୍ନ ଶାସ୍ତ୍ର ଅଧ୍ୟୟନ କରି ସେ ଜାଣିଛନ୍ତି ଯେ ପରୋପକାର ହିଁ ପ୍ରକୃତ ଧର୍ମ ଓ ଜ୍ଞାନ । ଅସହାୟର ଲୁହ ଯିଏ ପୋଛି ଦେଇପାରେ ତା'ର ଜୀବନ ହୁଏ ଧନ୍ୟ । ମହାଭାରତରେ ଧର୍ମବକଙ୍କ ପ୍ରଶ୍ନର ଉତ୍ତରରେ ଯୁଧିଷ୍ଠିର ଯେପରି କହିଥିଲେ ଯିଏ ଅଋଣୀ, ଅପରିଗ୍ରହ, ଶାକାନ୍ନ ଭୋଜନ କରି ମଧ୍ୟ କୌଣସି ଚିନ୍ତା କରେ ନାହିଁ ସିଏ ସୁଖୀ, ସେହିପରି ମାନସିଂହ କହନ୍ତି ଯିଏ ନିଜର ଶ୍ରମ-ଲବ୍ଧ ଅନ୍ନରେ ଜୀବନଧାରଣ କରେ, ଅଋଣୀ ଓ ଅପରାଧହୀନ ତଥା ସତ୍ୟନିଷ୍ଠ ହୁଏ ସେହି ହିଁ ଯଥାର୍ଥରେ ସୁଖୀ । କାବ୍ୟପୁରୁଷଙ୍କର ଅନୁଭବସିଦ୍ଧ- 'ସ୍ୱାର୍ଥ ହିଁ ପ୍ରଥମ ବୀଜ ସର୍ବ ଯନ୍ତ୍ରଣାର ।' (ପାନ୍ଥଗାଥା) ମଣିଷ ଜୀବନର ଦୁଃଖର କାରଣ ଅଜ୍ଞତା । ସ୍ୱାର୍ଥତ୍ୟାଗ ପୂର୍ବକ ଜ୍ଞାନ ଓ କର୍ମକୁ ଏକ କରିପାରିଲେ ମନୁଷ୍ୟ ଶାନ୍ତି ଲାଭ କରିପାରନ୍ତା । ସେ ଆଉ ନରମେଧ ଯଜ୍ଞ କରିବାକୁ ଇଚ୍ଛାକରନ୍ତା ନାହିଁ । ଦେଶ, ଜାତି ଓ ନେତାଠାରୁ ମହାନ୍ ହେଉଛି ସତ୍ୟ। ସେବା ହିଁ ଯଜ୍ଞ ଓ ଉପାସନା । ଜୀବକୁ କଷଣ ଦେବା ଠାରୁ ଆଉ କିଛି ବଡ଼ ଅପକର୍ମ ନାହିଁ । ପୃଥିବୀ ଈଶ୍ୱରଙ୍କ ସୃଷ୍ଟି । ଏଠି କଳା, ଗୋରା, ପୀତ ଓ ଲାଲ ରଙ୍ଗର ଲୋକେ ଅଛନ୍ତି । ସମସ୍ତେ କିନ୍ତୁ ଏକ ମଣିଷ । ତେଣୁ ସମସ୍ତେ ଭାଇ ଭାଇ । କ୍ଷୁଦ୍ରତାକୁ ପରିହାର କରି ଭୂମାର ଉପାସକ ହେବାକୁ ତେଣୁ କବି ଉଦ୍‌ବୋଧନ ଦେଇଅଛନ୍ତି-

ଆସ ଭାଇ ଶ୍ୱେତ କୃଷ୍ଣ ଲୋହିତ ପିଙ୍ଗଳ
ହିନ୍ଦୁ ବୌଦ୍ଧ ଜୈନ ପାର୍ସି ଖ୍ରୀଷ୍ଟ ମୁସଲମାନ
ବିଶୁଦ୍ଧ ସଙ୍କର-ଧରା-ପଥ-ଯାତ୍ରିଦଳ
ଭୁଲି ଛୋଟ ସ୍ୱାର୍ଥ, କର ଦ୍ୱନ୍ଦ୍ୱ ଅବସାନ ।
ଖୋଲ ଭାଇ ମନ୍ତୁ, ମୁଖୁଁ ମୁଖା ଭିନ୍ନତାର
ପରସ୍ପରେ ଚାହିଁ ଦେଖ, ସର୍ବେ ଭାଇ ଭାଇ
ସର୍ବେ ଆମେ ପୁତ୍ର କନ୍ୟା, ଏକ ବିଧାତାର
ଏନ୍ତୁଡ଼ି, ଶ୍ମଶାନେ ସର୍ବେ ସମାନ କି ନାହିଁ ?
ସମସ୍ତେ ଈଶ୍ୱରପୁତ୍ର, ସମସ୍ତେ ସମାନ

Digitized by srujanika@gmail.com

ସମସ୍ତଙ୍କ ଧରାଭୋଗେ ସମ ଅଧିକାର
ପରମ ପିତାଙ୍କୁ ସେ ଯେ ତୀବ୍ର ଅପମାନ
ଅନ୍ୟ ଯଦି ପୀଡ଼େ ତବ ଅଜ୍ଞ ଅହଂକାର ।
ପ୍ରତ୍ୟେକ ସ୍ୱାଧୀନ, ସଭ୍ୟ - କିନ୍ତୁ ପରସ୍ପରେ
ମଧୁ ସ୍ପର୍ଶରୁ ମୈତ୍ରୀ, ସମ ବେଦନାରେ
ସ୍ୱର୍ଗ ହେବ ପ୍ରତିଷ୍ଠିତ - ତେବେ ଧରାପରେ
ତା' ନହେଲେ ବୃଥା ଯେ ରାଷ୍ଟ୍ରୀୟ ବିଚାର

(ପାନ୍ଥଗାଥା - ଅକ୍ଷତ)

କବି ମାନସିଂହଙ୍କର ସାମାଜିକ ଦର୍ଶନ ହେଉଛି ସବୁ ମଣିଷ ସମାନ । ଜାତି ବର୍ଣ୍ଣ ଧର୍ମ ମଣିଷ ଗଢ଼ା । ଏହା ମଣିଷ ମଣିଷ ଭିତରେ ଭେଦ ସୃଷ୍ଟି କରେ। ଈଶ୍ୱର ଜଗତର ସ୍ରଷ୍ଟା । ତାଙ୍କ ପାଖରେ ଭେଦ ନାହିଁ । ସେ ପରମପିତା । ଅନ୍ୟ ସମସ୍ତେ ଭାଇ ଭାଇ । ମଧୁର ମୈତ୍ରୀବୋଧରେ ସମସ୍ତେ ଉଦ୍‌ବୁଧ ହେଲେ ରାଷ୍ଟ୍ରୀୟ ବିଚାର ହୁଏ ମହିମାମୟ । ମଣିଷ ପ୍ରତି ସମ୍ବେଦନଶୀଳ କବି ପୁଞ୍ଜିପତିଙ୍କ ଧନ-ବିଳାସକୁ ନିନ୍ଦା କରିଛି । ଦରିଦ୍ର ଓ ସର୍ବହରା ମଣିଷ ପ୍ରତି ଜଣାଇଛି ଅନ୍ତରର ଶ୍ରଦ୍ଧା । 'ଭୁଲିଯାଅ ଇତିହାସ' କବିତାରେ କାବ୍ୟପୁରୁଷ ସେହି ଇତିହାସକୁ ଭୁଲିଯିବା ପାଇଁ କହିଛନ୍ତି ଯାହା ଧନୀ, ରାଜା, ବାଦ୍‌ଶାହା ଓ ପୁଞ୍ଜିପତିଙ୍କ ବିଳାସ ଓ ଐଶ୍ୱର୍ଯ୍ୟର କଥା କହି ମଣିଷଙ୍କୁ ଅବହେଳା କରିଛି । ଯେଉଁ ସମାଜରେ- 'ଦରିଦ୍ରର ନାହିଁ ଅଧିକାର, ଭୋଗିବାକୁ କରିବ କଳ୍ପନା/ପୁଞ୍ଜିପତି ଶ୍ୱାନ ଯାହା ପାଏ ସେ ଆଶା ହିଁ ତା'ର ପ୍ରବଞ୍ଚନା ।' ସେପରି ସମାଜ କାବ୍ୟପୁରୁଷ ଚାହିଁ ନାହାନ୍ତି । ସେ ଚାହାନ୍ତି ଏକ ଶୋଷଣମୁକ୍ତ ସ୍ନେହପ୍ରୀତିର ସମାଜ । 'ଯେ ସମାଜେ ନାହିଁ ଅନାହାର / ଜନନୀତ୍ୱ ଶଙ୍କାହୀନ ଯହିଁ/ନାହିଁ ଯହିଁ ଧନ-ବର୍ବରତା/ମାନବତ୍ୱ ଅବାଧେ ଫୁଟଇ'- ହେଉଛି କାବ୍ୟପୁରୁଷଙ୍କ ପରିକଳ୍ପିତ ସମାଜ । ମାନସିଂହ ସମ୍ମୁଖରେ ବିଦ୍ୟମାନ ସ୍ଥୁଳ ବର୍ତ୍ତମାନ (Concrete present) ଓ ଜୀବନ୍ତ ଭବିଷ୍ୟତ (Living future)। ଜାଁ ପାଲ ସାର୍ତ୍ରେଙ୍କ ପରି ମାନସିଂହ ବର୍ତ୍ତମାନ ଓ ଭବିଷ୍ୟତକୁ ଅନୁଭବିଛନ୍ତି । ବର୍ତ୍ତମାନର ପୃଷ୍ଠଭୂମିରେ ଭବିଷ୍ୟତକୁ ଇଙ୍ଗିତ ଦେଇଛନ୍ତି । ସ୍ୱାଧୀନତା ପୂର୍ବବର୍ତ୍ତୀ

Digitized by srujanika@gmail.com

କାଳରେ ସେ ଯେପରି ମଣିଷମାନଙ୍କର ଦୁଃଖ ଓ ଅଶ୍ରୁକୁ ଦେଖିଛନ୍ତି, ସେଥିରେ ସେମାନଙ୍କ ପ୍ରତି ସେ ହୋଇଉଠିଛନ୍ତି ସମ୍ବେଦନଶୀଳ । ବିଭିନ୍ନ କବିତାରେ ତେଣୁ ମାନବିକ ସମ୍ବେଦନଶୀଳତା ଓ ସହାନୁଭୂତି ନେଇଛି ଗୁରୁତ୍ୱପୂର୍ଣ୍ଣ ଭୂମିକା ।

ଧରଣୀ ପୃଷ୍ଠରେ କେତେ କେତେ ରାଜା ମହାରାଜାଙ୍କର ଆବିର୍ଭାବ ଘଟିଛି। କେତେ କେତେ ଅହଂଦୃପ୍ତ ଅତ୍ୟାଚାରୀ ମଣିଷମାନଙ୍କର ପ୍ରକାଶ ପାଇଛି ସ୍ୱେଚ୍ଛାଚାର। କେତେ ଧନୀ-ମାନୀଙ୍କର ହୋଇଛି ଆବିର୍ଭାବ । ସମସ୍ତେ କିନ୍ତୁ ମିଶିଯାଇଛନ୍ତି ମାଟିରେ । କେତେ ପ୍ରାସାଦ, କେତେ ବିଳାସକକ୍ଷ ଲୀନ ହୋଇଯାଇଛି । କାଳକୁ ଉପହାସ କରି ବଞ୍ଚି ରହିଛି ମାଟିର କୁଟୀର । ସେହି କୁଟୀର ଭିତରେ ଚାଲିଛି ନରଲୀଳା । ଦାମ୍ଭିକାର ମାନ, ଅହଂକାର, ଧନୀକର ବିତ୍ତ ଓ ବିଳାସ ସବୁକିଛି ଲୋପ ପାଇଯାଏ । ଅଥଚ ଦୂର୍ବାବୃତ୍ତ ମାଟି ନିକଟରେ ସେସବୁ ତୁଚ୍ଛ । ପ୍ରାସାଦର ହୁଏ ବିପର୍ଯ୍ୟୟ । କୁଟୀର ଅବିନାଶୀ । ସେ ମାଟିର କୁଟୁମ୍ବ । ତା'ର ବଂଶ ନାଶହୁଏ ନାହିଁ । (କୁଟୀର ଚିନ୍ତନ-ମାଟିବାଣୀ) 'ମାଟିବାଣୀ' କବିତା ପୁସ୍ତକର ନାନା କବିତାରେ କାବ୍ୟପୁରୁଷଙ୍କ ଅନ୍ତର ଭିତରୁ ଝରି ଆସିଛି ମାଟି ଓ ମଣିଷମାନଙ୍କ ପ୍ରତି ମୁଗ୍ଧ ଅଭିନନ୍ଦନ । କବି ପୁଣି ଗାନ କରିଛନ୍ତି ଜନନୀ ଜନ୍ମଭୂମି ଭାରତର ମହିମା । ବିଶ୍ୱକବି ରବୀନ୍ଦ୍ରନାଥ ଯେପରି 'ଏଇ ଭାରତେର ମହାମାନବେର ସାଗର ତୀରେ' କବିତାରେ ଭାରତର ଉଦାର ମହତ୍ତ୍ୱକୁ ଦର୍ଶାଇଅଛନ୍ତି କବି ମାନସିଂହ ମଧ୍ୟ ଅନୁରୂପ ଭାବରେ ଭାରତର ମହିମା କୀର୍ତ୍ତନ କରିଛନ୍ତି । ଏ ଦେଶକୁ ଶତ୍ରୁ, ମିତ୍ର ଯିଏ ଆସୁନା କାହିଁକି ସମସ୍ତଙ୍କ ପ୍ରତି ଉଦାର ବାହୁ ବଢ଼ାଇ ଦେଇଛି ଭାରତ ଜନନୀ । ସମସ୍ତେ ଏଇଠି ରହିଛନ୍ତି । ଭାରତ ଜନନୀ ଖୋଲିଦେଇଛି ତା'ର ଦ୍ୱାର। ଶ୍ୱେତ, କୃଷ୍ଣ, ହରିଦ୍ରାଭ ଓ ଲୋହିତାଭ-ସକଳ ମଣିଷମାନଙ୍କର ଭାରତ ଲୀଳାଭୂମି । ଏଇଠି ମଧ୍ୟ ମହାମିଳନ ଘଟିଛି ଆର୍ଯ୍ୟ, ଦ୍ରାବିଡ଼, ଅଷ୍ଟ୍ରିକ ଓ ମଙ୍ଗୋଲମାନଙ୍କର । କାବ୍ୟପୁରୁଷ ତେଣୁ କହନ୍ତି- 'ବିଶ୍ୱ ମାନବର/ଗର୍ବିତ ପ୍ରତୀକ ମୁହିଁ, ମୁକ୍ତ ଭାରତର/ସାଧାରଣ ନାଗରିକ ।' ସେ ପୁଣି କହନ୍ତି-

ବଦ୍ଧପରିକର ପୁଣି ଥାପିବାକୁ ବିନା ରକ୍ତପାତେ
ଗ୍ରାମ-ରାଜ୍ୟ, ଗଣ-ରାଜ୍ୟ, ଶ୍ରେଣୀ ଗୋଷ୍ଠୀହୀନ

Digitized by srujanika@gmail.com

ଉଚ୍ଚ ନୀଚ-ଲଜ୍ଜାହୀନ, ଶୋଷଣ ବିମୁକ୍ତ ।
ପରସ୍ପର ହିଂସା, ଈର୍ଷା, ଅବିଶ୍ୱାସ ତେଜି
ଶୁଣ ବିଶ୍ୱ ବନ୍ଧୁଗଣ, ପ୍ରାଚୀନ ଏ ବାଣୀ ଭାରତର
ବନ୍ଧୁତାର, ଅହିଂସାର, ବିଶ୍ୱ କଲ୍ୟାଣର ।

(ଛବିଶ ଜାନୁୟାରୀ - ଅକ୍ଷତ)

ସତ୍ୟ, ପ୍ରେମ, ଅହିଂସା, ବନ୍ଧୁତା ଓ ବିଶ୍ୱ କଲ୍ୟାଣ କାବ୍ୟପୁରୁଷଙ୍କ ଦାର୍ଶନିକ ଅନୁଚିନ୍ତାର ମହାମହିମ୍ନ ଭାବରୂପ । ଯେତେବେଳେ କାବ୍ୟପୁରୁଷ ସ୍ଥୂଳ ଜାଗତିକ ସ୍ତରକୁ ଅବତରି ଆସିଛନ୍ତି ସେତେବେଳେ ତାଙ୍କ ଭିତରେ ଗଭୀର ପ୍ରତିକ୍ରିୟା ସୃଷ୍ଟି କରିଛି ଦେ ଶ ଓ ଜାତିର ଦୁର୍ଗତି । କୋଣାର୍କକୁ ସେ ନିଖିଳ ଜାତିର ସ୍ୱପ୍ନ ସୁନ୍ଦରୀ ଓ 'ପରମ ରୂପ କଳ୍ପ-ଲୋକର କବିତା' ଭାବରେ ଯେପରି ଚିନ୍ତା କରିଛନ୍ତି ସେହିପରି ତା'ର ବିପର୍ଯ୍ୟୟ ସହିତ ଉତ୍କଳର ବୀର ବିଲୟରେ ସେ ବ୍ୟଥିତ ହୋଇଛନ୍ତି । ତାଙ୍କର କ୍ଷୋଭ ଯେ ଉତ୍କଳରେ ପ୍ରକୃତ କବି ବାହାରି ନାହାନ୍ତି ଯେଉଁମାନେ କୋଣାର୍କର ପାଦଦେଶରେ ଦେଇଥାନ୍ତେ ଗୌରବର ଭେଟି । ଜାତୀୟ କୀର୍ତ୍ତିର ବିପର୍ଯ୍ୟୟ ହେତୁ ତାଙ୍କର ଯେପରି ବିଷାଦବୋଧ ସୃଷ୍ଟି ହୋଇଛି ସେହିପରି ମଧ୍ୟ ପ୍ରକାଶ ପାଇଛି ଶାଶ୍ୱତ ସୌନ୍ଦର୍ଯ୍ୟବୋଧ । ତାଙ୍କ କବିତା ଯେପରି ବିଷାଦର ରାଗିଣୀ ସେହିପରି ତାହା ହୋଇଛି ସତ୍ୟ, ସୌନ୍ଦର୍ଯ୍ୟ ଓ ମଙ୍ଗଳର ମଧୁମୟ ବାର୍ତ୍ତା । 'ବାପୁ ତର୍ପଣ' କବିତା ପୁସ୍ତକର ପ୍ରତ୍ୟେକ କବିତା ବାପୁଜୀଙ୍କ ଦିବ୍ୟ ବ୍ୟକ୍ତିତ୍ୱ ପ୍ରତି କବିପ୍ରାଣର ମୁଗ୍ଧ ଶ୍ରଦ୍ଧାଞ୍ଜଳି । କବିଙ୍କର ଧାରଣା ଯେ ବାପୁଜୀ ଶ୍ରୀରାମଚନ୍ଦ୍ରଙ୍କ ପରି ସତ୍ୟସନ୍ଧ କରୁଣାର ଅବତାର । ଶ୍ରୀରାମଙ୍କ ପାଦତଳର ଧୂଳିକଣା ସ୍ପର୍ଶରେ ପାଷାଣୀ ଅହଲ୍ୟାର ମୁକ୍ତି ହେଲା ପରି ବାପୁଜୀଙ୍କ ପାଦତଳର ରେଣୁକଣା ସଂସ୍ପର୍ଶରେ କ୍ଲିନ୍ନ ଦେହ ଧନ୍ୟ ହୋଇଯିବ, ତାଙ୍କ ହୃଦୟରେ ଫୁଟି ଉଠିବ ସତ୍ୟ-କୁସୁମ, ଲୋକ ପାଇଯିବ ତାଙ୍କ ଭିତରୁ ସକଳ ମୋହ ଓ ଭ୍ରାନ୍ତି । ତେଣୁ କବି ବାପୁଜୀଙ୍କୁ ସାଧାରଣ ନରଦେହଧାରୀ ମଣିଷ ଭାବରେ ବିଚାରି ନାହାନ୍ତି । ତାଙ୍କ ଦୃଷ୍ଟିରେ-

ନର ଦେହହୀନ ମୃତ୍ତିକା ନୁହେଁ
ନାରାୟଣ ତାର ଜୀବନ-ରସ

Digitized by srujanika@gmail.com

ମହାଚେତନାର ଅଂଶ ସେ ଏକ
ବିକାଶ ପାଇଁକି ଶରୀରେ ବଶ ।
(ବାପୁଜୀ-ବାପୁ ତର୍ପଣ)

ମଣିଷ ଅମୃତ-ପୁତ୍ର । ଅଥଚ ଧରା ମାଟିର ଲୋଭରେ ସେ ଭୁଲିଯାଏ ନିତ୍ୟ କାଳର ସତ୍ୟ କଥା । ଏଥିପାଇଁ ଯୁଗେ ଯୁଗେ କୃଷ୍ଣ, ଖ୍ରୀଷ୍ଟ, ବୁଦ୍ଧ ଆଦି ଅବତୀର୍ଣ୍ଣ ହୋଇ ମୋହଗ୍ରସ୍ତ ମଣିଷକୁ ମୋହମୁକ୍ତ କରନ୍ତି । କାବ୍ୟପୁରୁଷ ସଚେତନ ଯେ ସତ୍ୟସନ୍ଧମାନେ କାଳେ କାଳେ ମୂର୍ଖମାନଙ୍କ ଦ୍ୱାରା ନିର୍ଯ୍ୟାତିତ ହୁଅନ୍ତି । ଯୀଶୁଖ୍ରୀଷ୍ଟଙ୍କୁ କ୍ରୁଶବିଦ୍ଧ କରାଗଲା । ସକ୍ରେଟିସ୍‌ଙ୍କୁ ବିଷ ପିଆଇ ଦିଆଗଲା । ଗାନ୍ଧିଜୀଙ୍କୁ ଗୁଳିବିଦ୍ଧ କରାଗଲା । ଅଥଚ ସେମାନେ ମରି ମଧ୍ୟ ହେଲେ ଅମର । ବାପୁଜୀ ତେଣୁ ଅମର । ସେ ପ୍ରକୃତ ବ୍ରାହ୍ମଣ । ଉପବୀତ ତାଙ୍କର- 'ଅୟୁତ ପ୍ରାଣର ଗହନ ବ୍ୟଥା ।' ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱର ମହିମାକୁ ସୂଚାଇବାକୁ ଯାଇ କବି କହନ୍ତି- 'ସତ୍ୟ ଯେ ପୂଜେ ଶତ୍ରୁ ତାହାର ନାହିଁ ।' (ଗାନ୍ଧିଜୀ) ମୃତ୍ୟୁ ତାଙ୍କ ପାଖରେ ପରାଜିତ । ସେ ପୂର୍ଣ୍ଣ । ସେ ନିରହଂକାର ସନ୍ୟାସୀ । ଆମେ କିନ୍ତୁ ଅପୂର୍ଣ୍ଣ ଓ ଅସତ୍ୟ । ଗାନ୍ଧିଜୀଙ୍କ ମୃତ୍ୟୁ ଘଟଣାରେ ବିଚଳିତ କବି ମାନସିଂହ ୧୯୪୮ ମସିହାରେ ରଚନା କରିଥିଲେ 'ଅଗଷ୍ଟ ପନ୍ଦର' କବିତା । ଏଥିରେ ତାଙ୍କର ଉଦ୍‌ବୋଧନ- 'ସ୍ମର ଭାଇ ଗାନ୍ଧିବାଣୀ-ପ୍ରେମେ ହୁଅ ଗୋଟିଏ ମାନବ/ପରସ୍ପରେ ନାହିଁ ଧ୍ୱଂସି, କର ସ୍ୱର୍ଗ-ରାଜ୍ୟର ଉଦ୍ଭବ ।' ପୁଣି ୧୯୪୯ ମସିହାରେ ସେ ରଚନା କଲେ କବିତା- 'ସଂକଳ୍ପ' । ଏଥିରେ ବାପୁଜୀଙ୍କ ପ୍ରତି ସେ ପ୍ରଦାନ କରିଛନ୍ତି ଭକ୍ତି - ଅର୍ଘ୍ୟ ।

ତେଣୁ ଆମେ ଭାରତର ବିରାଟ ଜନତା
ବାପୁଜୀ ଚରଣ ପ୍ରାନ୍ତେ ଦେଉଁ ଏହି କଥା
ଦେଶ ପାଇଁ, ସତ୍ୟ ପାଇଁ, ନ୍ୟାୟ ଧର୍ମ ପାଇଁ
ଜୀବନ ଚାଳିବୁଁ ବାପୁ-ବାଣୀ ଅନୁଯାୟୀ ।
ଭାରତ ହୋଇବ ପୁଣି ଅଗ୍ରଣୀ ବିଶ୍ୱର
ଜଗତ ଶୁଣିବ ତା'ର ବାଣୀ ଅନଶ୍ୱର

Digitized by srujanika@gmail.com

ଅଶୋକ କେତନ ତଳେ ନିଖିଳ ଜଗତ
ହିଂସା ଭୁଲି ପ୍ରେମେ ହେବ ଶାସିତ, ସଂହତ ।

କବି ମାନସିଂହଙ୍କ ଜୀବନ ଶ୍ରେଷ୍ଠ ଦର୍ଶନ ସତ୍ୟାନୁରାଗ, ପ୍ରେମ ଓ ଅହିଂସା। ଏଥିପାଇଁ ତାଙ୍କୁ ବହୁ ସଂକଟ ଓ ସମସ୍ୟାର ସମ୍ମୁଖୀନ ହେବାକୁ ହୋଇଛି । ତଥାପି ସେ ନିର୍ଭୀକ ଭାବରେ ଯାହା ସତ୍ୟ ତାହାକୁ ହିଁ କହିଛନ୍ତି । ତାଙ୍କର ଆତ୍ମଚରିତ 'ଶିକ୍ଷାବିତ୍‌ର ଗାଥା' ହେଉଛି ଅନ୍ୟାୟ ଅବିଚାର ବିଦଳିତ ଆତ୍ମାର ପ୍ରତିବାଦ । ପ୍ରଶାସକ ଓ ରାଜନେତାଙ୍କ ଯାବତୀୟ ହିପୋକ୍ରାସିକୁ ସେ ପଦାରେ ପକାଇ ଦେଇଛନ୍ତି। ତାଙ୍କ କବିତା ମଧ୍ୟ ସତ୍ୟ ଓ ମଙ୍ଗଳର ଆଲେଖ୍ୟ । ତାଙ୍କର ଗୋଟିଏ କବିତାରୁ ସତ୍ୟାନୁରାଗିତା ସମ୍ପର୍କରେ ପରିଚୟ ମିଳେ-

ସତ୍ୟର ସନ୍ଧାନ ଭୁଲେ, ମିଥ୍ୟା ପଛେ ସତ୍ୟ ବୋଲି ଧାଏଁ
ସତ୍ୟର ସଖ୍ୟତା କଲେ, ଅତ୍ୟାଚର ଅଙ୍ଗୁଳି ଦେଖାଏ ।
ଜୀବନ୍ନେ ଆନନ୍ଦ ତୁଟେ, ନ ତୁଟଇ ବୁଭୁକ୍ଷା ପ୍ରାଣର
ହୃଦୟେ ଉଠଇ ଆଶା, ଲଭିବାକୁ ବ୍ୟର୍ଥତା ମାତର
ସୁଖ ବୋଲି ଯାହା ମିଳେ, ହୁଏ ତାହା ଶେଷ ତିକ୍ତତାରେ ।
(ଧରଣୀ ବାସ - ଜୀବନ ଚିତା)

ସତ୍ୟ ବିହୀନ ସୁଖ ଯଥାର୍ଥ ସୁଖ ନୁହେଁ; ଦୁଃଖର ଅନ୍ୟତମ କାରଣ । ଏହି ସୁଖ ମରୀଚିକା ସଦୃଶ । ଅଥଚ ମଣିଷ ଏହି ଅସାର ସୁଖ ପଛରେ ଗୋଡ଼ାଇ କେବଳ ଦୁଃଖ ପାଏ । କବି ଜୀବନକାଳ ଭିତରେ ଯେପରି ଲାଞ୍ଛନା ଭୋଗିଛନ୍ତି ତାହା ତାଙ୍କୁ ଗଭୀର ବ୍ୟଥା ଦେଇଛି । ତାଙ୍କର ଆତ୍ମା ବିଦ୍ରୋହ କରିଉଠିଛି । ତାଙ୍କର ଇଚ୍ଛା ପାପ କୁତ୍ସିତତା ଓ ଲାଞ୍ଛନାକୁ ଫିଙ୍ଗିଦେଇ ଶିବ ଓ ସତ୍ୟ ଭାବରେ ଜୀବନକୁ ଶବଳିତ କରିବେ । (ଶେଷ କଥା) ତାଙ୍କ ହୃଦୟର ଚରମ ପ୍ରତିକ୍ରିୟା ପ୍ରକାଶ ପାଇଛି 'ବିଶୃଙ୍ଖଳ ସୃଷ୍ଟି' କବିତାରେ । ଏହି କବିତାରେ ସେ କହନ୍ତି- ମଣିଷ ମଣିଷକୁ କ୍ରୀତଦାସ କରି ଶାସନ କରୁଛି । ଧନିକ ଉପହାସ କରୁଛି ଦରିଦ୍ରକୁ । ସାଧୁ ବ୍ୟକ୍ତି ଲାଭ କରୁଛି ତିକ୍ତ ଅପମାନ । ପାପର ହେଉଛି ବିଜୟ। କଠୋର ପରିଶ୍ରମ କରି ମଧ୍ୟ ଦରିଦ୍ର ବ୍ୟକ୍ତି ଆହାର ପାଉନାହିଁ । ଅଯୋଗ୍ୟ ବ୍ୟକ୍ତିର

Digitized by srujanika@gmail.com

ମୁଣ୍ଡରେ ପିନ୍ଧାଇ ଦିଆଯାଇଛି ମୁକୁଟ । ଯୋଗ୍ୟତା ପ୍ରତି ପୁରସ୍କାର ନାହିଁ । ନ୍ୟାୟର ମସ୍ତକରେ ପଡୁଛି ଅବିଚାର ଓ ଅତ୍ୟାଚାରର ଚଡ଼କ । କାବ୍ୟପୁରୁଷଙ୍କ ଉକ୍ତିରେ ତେଣୁ ବିଶ୍ୱାସ ଏକ ମାୟା, ଅଜ୍ଞେୟ ଶକ୍ତିର ଆରାଧନା ଏକ ଫଳହୀନ ବିଡ଼ମ୍ବନା। ତେଣୁ ତାଙ୍କର ଉଦ୍‌ବୋଧନ-

ଉଠ ନର, କରରେ ବିଦ୍ରୋହ
ସାଙ୍ଗକର ଆରାଧନା, ଶେଷ ହେଉ ଧର୍ମର ସମ୍ମୋହ ।
ଲାଞ୍ଛିତ ଦଳିତ ଯେତେ, ସର୍ବେ ଆସ ଏକ କେତୁ ତଳେ
ଯୁଗ ଯୁଗ ଗଠିତ ଏ ସମାଜରେ ନାଶ ଏକାଥରେ ।
ପ୍ରାଚୀନରେ ଚୂର୍ଣ୍ଣକରି ଗଢ଼ ତବ ନୂତନ ସଂସାର
ନିଜର ଶକ୍ତିରେ ଚିହ୍ନ ଶେଷ ହେଉ ଆଶିଷ ଭିକ୍ଷାର ।
ଆଭିଜାତ୍ୟ ଚୂର୍ଣ୍ଣ ହେଉ, ଧନ ହେଉ ସମାନ ବଣ୍ଟିତ
ଜୀବନର ସର୍ବ ସୁଖୁଁ ଦୀନ ଦୁଃଖୀ ନୁହଁନ୍ତୁ ବଞ୍ଚିତ ।
ବିଜ୍ଞାନ ସମୃଦ୍ଧ କରୁ ନାନା ସୁଖେ ମାନବ ଜୀବନେ
ଉପେକ୍ଷିତ ଭଗବାନ, ଚାହିଁଥାନ୍ତୁ ନଭ ବାତାୟନେ ।
ଲାଞ୍ଛନା-ଗଞ୍ଜଣା-ରୋଗ-ଦୈନ୍ୟ କରି ଜୀବନ ଜର୍ଜର
କି ଲାଭ ଅଜ୍ଞାତ ଭୟେ, ମୁଖେ ଡ଼ାକି ଈଶ୍ୱର ଈଶ୍ୱର ।
ଉଠ ସର୍ବେ, ନାଶ ମନୁ ଏକାବେଳେ ଏ ଅନ୍ଧବିଶ୍ୱାସ
ନୂତନ ସୃଷ୍ଟିରେ କର ଅନ୍ୟାୟର ନିଃଶେଷ, ବିନାଶ ।
ବ୍ୟର୍ଥ ଯଦି ହୁଏ ତାହା, ଖୋଜିନେବା ମୁକ୍ତି, ବିନାଶରେ
ନର ଦର୍ପେ ଥରୁକିନା ଈଶ୍ୱରର ସିଂହାସନ ଥରେ ।

(ବିଶୃଙ୍ଖଳ ସୃଷ୍ଟି)

ମାନସିଂହଙ୍କ ଜୀବନ-ଦର୍ଶନ ମଣିଷର ଉପାସନା । ମଣିଷକୁ ଛାଡ଼ି ଦେବତାର ଉପାସନାର ସେ ପରିପନ୍ଥୀ । ପ୍ରାଚୀନକୁ ଅନ୍ଧ ଭାବରେ ସେ ଜାବୁଡ଼ି ଧରିବାର ବିରୋଧୀ । ନୂତନର ସେ ସ୍ତାବକ ମାତ୍ର ନୂତନ ନାମରେ ସ୍ୱେଚ୍ଛାଚାରିତାର ସେ କଠୋର ସମାଲୋଚକ । ଅଜ୍ଞେୟ ପ୍ରତି ଭୟକୁ ସେ ଅନ୍ଧବିଶ୍ୱାସ କହନ୍ତି ।

Digitized by srujanika@gmail.com

ରାଧାନାଥଙ୍କ ପରି ସେ ମଧ୍ୟ ଜୀବନକୁ ଜୀବନ୍ତ ମରଣ ଓ ସୁଖକୁ ଅସାର ମନେ କରିଛନ୍ତି । ଏହା ସତ୍ତ୍ୱେ ସନାତନ ସ୍ୱପ୍ନରେ ସେ ତନ୍ମୟ । ତେଣୁ ତାଙ୍କର ନିବେଦନ-

ସେହି ଦେଶେ ନିଅ ମତେ, ଭୁଜପାତି ଧର ମତେ ଧର
ସନାତନ ସ୍ୱପ୍ନେ ଯିବି, ଏ ଜଞ୍ଜାଳ ତେଜି ସଂସାରର ।

(ଦକ୍ଷିଣା ପ୍ରତି)

ଜାତୀୟତା, ସ୍ୱଦେଶ ପ୍ରେମ ଓ ପ୍ରଣୟ ଚେତ୍‌ନାରୁ କାବ୍ୟପୁରୁଷ ଗତି କରିଛନ୍ତି ମଣିଷର ହୃଦୟ ରାଜ୍ୟକୁ । ଅଗଣିତ ଦଳିତ ଶୋଷିତ ନିର୍ଯ୍ୟାତିତ ମଣିଷମାନଙ୍କ ହୃଦୟରେ ସେ ପାରିନେଇଛନ୍ତ ସଶ୍ରଦ୍ଧ ଆସନ । ମଣିଷର ମୁକ୍ତି ହୋଇଛି ତାଙ୍କର ସାରସ୍ୱତ ସଂକଳ୍ପ । ଅଥଚ ସେ ସାଗ୍ନିକ ବିପ୍ଳବୀ ନୁହଁନ୍ତି, ମାର୍କସବାଦୀ ନୁହଁନ୍ତି । ସେ ମାନବତାବାଦୀ । ସବୁ ବାଦ (Ism) ର ମୂଳ ହିଁ ମଣିଷ । ସେହି ମଣିଷକୁ ନେଇ କବିତା । ତାକୁ ମୋହର ମାରି କୌଣସି ନିର୍ଦ୍ଦିଷ୍ଟ ବାଦ (Ism) ର କବିତା କରିବାର ସେ ପରିପନ୍ଥୀ । ତାଙ୍କ ବିଚାରରେ କବିତା ହିଁ କବିତା । ତାହା ଜୀବନର କଥା କହେ, ସଂସ୍କୃତି ଓ ସମାଜର କଥା କହେ, ମଣିଷମାନଙ୍କ ଭିତରେ ଆତ୍ମଚେତନା ସୃଷ୍ଟି କରେ, ସତ୍ୟ, ପ୍ରେମ, ସୌନ୍ଦର୍ଯ୍ୟ ଓ ମଙ୍ଗଳର ବାଣୀ ଉଚ୍ଚାରଣ କରେ, ସବୁ ମଣିଷକୁ ଗୋଟାଏ ଧରା ତଳକୁ ନେଇଆସେ । ସ୍ୱାଧୀନତା ପରବର୍ତ୍ତୀ କାଳରେ ମାନସିଂହ ନାନା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଚାକିରୀ ଛାଡ଼ିଛନ୍ତି । ରାଜନୀତିକ ନେତାଙ୍କ ଶିକାର ହୋଇଛନ୍ତି ମାତ୍ର ତାଙ୍କର ଲେଖନୀ ସ୍ଥିତପ୍ରଜ୍ଞ । ସ୍ୱାଧୀନତା ନାମରେ ଉପଭୋଗୀମାନଙ୍କର ସ୍ୱେଚ୍ଛାଚାର ଓ ପ୍ରମତ୍ତତାକୁ ସେ ତୀବ୍ର ସମାଲୋଚନା କରିଛନ୍ତି । ସେ ଅନୁଭବ କରିଛନ୍ତି ସ୍ୱାଧୀନ ଭାରତରେ ପ୍ରତାରଣା ଓ ପ୍ରବଞ୍ଚନାକୁ । ଗାନ୍ଧିଜୀଙ୍କ ନାମରେ ଚାଲୁଥିବା ଧପ୍ପାବାଜକୁ ସେ ଲକ୍ଷ୍ୟ କରିଛନ୍ତି । ତେଣୁ ସେ କହନ୍ତି- ଅପରାଧ କରିବା ମନ୍ତ୍ରୀ ଓ ପଦସ୍ଥ ଅଧିକାରୀମାନଙ୍କର ବିଧିଦତ୍ତ ଦୈନନ୍ଦିନ ଅଧିକାର । ଇତର ଲୋକମାନେ କେବଳ ଭୁଲ କରନ୍ତି, କବି ଲେଖକ ଭାବୁକ ଓ ବୈଜ୍ଞାନିକ ମଧ୍ୟ ଭୁଲ କରନ୍ତି । ଏହିମାନେ

Digitized by srujanika@gmail.com

ହିଁ ପାଆନ୍ତି ଦଣ୍ଡ । ପୁରସ୍କାର ପାଆନ୍ତି ନେତା, ମନ୍ତ୍ରୀ ଓ ଅଧିକାରୀ । କୃଷ୍ଣ, ବୁଦ୍ଧ, ଯୀଶୁ, ମହମ୍ମଦ ଅମଡ଼ା ପଥର ଯାତ୍ରୀ । ସେହି ପଥରେ ଯିବା ପାଇଁ ତାଙ୍କର ଆମ୍ଭର ନିବେଦନ । ସେହି ପଥ ଭୁଲ ଓ କଣ୍ଟକିତ । ତଥାପି ସେହି ପଥରେ ହିଁ ସେ ଲାଭ କରିବେ ଜୀବନାଲୋକ । କବି ଅମୃତ ଆଶାୟୀ, ବିଶ୍ୱ ଅନ୍ୱେଷକ । ତାଙ୍କର ଜୀବନ ପଙ୍କହୀନ ବୋଲି ସେ ଭାବିନାହାଁନ୍ତି । ଜୀବନ ଯନ୍ତ୍ରଣାରୁ ତାଙ୍କ ଭିତରେ ଅନିର୍ବଚନୀୟ ଈଶ୍ୱର ଭାବ ପ୍ରକାଶ ପାଇଛି । ତାଙ୍କର ବିଶ୍ୱାସ ଅନ୍ତର୍ଯ୍ୟାମୀ ଭଗବାନ ହିଁ ତାଙ୍କ ଜୀବନରୁ ପଙ୍କକୁ ପୋଛିଦେବେ । ସେ ହେବେ ଶୁଭ୍ର, ସୁନ୍ଦର (ଭୁଲ ଓ ଭିଲେନୀ) । କାବ୍ୟପୁରୁଷ ମହାଜୀବନର ବାରିବାହ । ବନ୍ଧନ କ'ଣ ସେ ଜାଣନ୍ତି ନାହିଁ । ସେ ଚିର ମୁକ୍ତ । ତେଣୁ ତାଙ୍କର ସଂକଳ୍ପ- 'ଲୋକେ ଲୋକେ ଯିବି କଲ୍ୟାଣ ବୁଣି/ଅଶ୍ରୁ ପୋଛିବି ଅପଲାକ ।' ତାଙ୍କ ଅନ୍ତରର ଅଭିବ୍ୟକ୍ତି-

ମୁକ୍ତ ମୁଁ, ଚିର ଜାଗ୍ରତ ଚିର-
　　　　ଗତିଶୀଳ, ଶେଷ ନାହିଁ ମୋର
ସୃଷ୍ଟିର ମହାପଥିକ ମୁଁ ମହା-
　　　　ସୃଜନେ ଚିତ୍ତ ମୋର ଭୋଳ ।
ଏକକର ନୁହେଁ, ସମଗ୍ରର ମୁଁ
　　　　ଦେଶ କାଳାତୀତ, ମୁକ୍ତ-ହିୟ
ଦେଶେ ଦେଶେ ନୁହେଁ, ଲୋକେ ଲୋକେ ପ୍ରେମ
　　　　ବିତରିବି, ମୁଁ ଯେ ବିଶ୍ୱପ୍ରିୟ ।

(ମହାପଥର ଯାତ୍ରୀ)

କବି ମାନସିଂହ ବିଶ୍ୱପ୍ରିୟ । ତେଣୁ ସେ ବିଶ୍ୱବୋଧର କବି । ଉତ୍କଳ ଓ ଭାରତ ତାଙ୍କ କାବ୍ୟ-ସାଧନାର ଭୂମି । ଅଥଚ ତାଙ୍କ କାବ୍ୟ-ଚେତନା ବିଶ୍ୱପ୍ରସାରୀ । ସେ ଖୋଜିଛନ୍ତି ନବମାନବକୁ । ନବମାନବ ସ୍ୱାଧୀନ, ଚିର ଜାଗ୍ରତ । କଣ୍ଠରେ ତା'ର ବିଟବର ବାଣୀ । ଲକ୍ଷ୍ୟ ତା'ର ମଙ୍ଗଳ ବିଧାନ । ସେ ନିତ୍ୟ ଯୌବନୋଜ୍ଜ୍ୱଳ । ତା'ପାଖରେ ପ୍ରକୃତି ପରିଜନ । ବିଜ୍ଞାନ ତା'ର କ୍ରୀତଦାସ । ସେ ଭାଗ୍ୟବାଦୀ ନୁହେଁ; ଆପଣାର ଶକ୍ତିରେ ବିଶ୍ୱାସୀ । ତେଣୁ ସେ

Digitized by srujanika@gmail.com

କର୍ମମୁଖର । ଏପରି ନବମାନବ ପ୍ରତି କବିଙ୍କର ଉଦ୍‌ବୋଧନ-

ମୁକ୍ତ ତୁ ଆଜି ସହସ୍ର ଭୟୁ ସ୍ୱାଧୀନ ତୋହର ଗତି
ଲୁପ୍ତ ଆଜିରେ ଯେତେ ଅପମାନ, ତୁଇ ତୋ ଭାଗ୍ୟପତି
ଉନ୍ନତ ମାଥ ଗଗନେ ଚାହିଁରେ ଚାହାଁ
ନରତ୍ୱ ଜୟ ଉଚ୍ଚେ ଘୋଷଣା କର ଟେକି କୋଟି ବାହା ।

(ନବମାନବ)

ବିଶ୍ୱଜୀବନ୍ ପାଇଁ ବାରମ୍ବାର କାବ୍ୟପୁରୁଷ ଅନ୍ତରକୁ ଉନ୍ମୁକ୍ତ କରିଦେଇଛନ୍ତି। ସେ ଅନିତ୍ୟର ଦାସ ନୁହଁନ୍ତି; ନିତ୍ୟର ଉପାସକ । କ୍ଷୁଦ୍ରର ସ୍ତାବକ ନୁହଁନ୍ତି; ବିରାଟର ପୂଜକ । ତେଣୁ ତାଙ୍କ ଅନ୍ତରର ପ୍ରାର୍ଥନା-

ସାର୍ଥକ ହେଉ କ୍ଷୁଦ୍ର ଜୀବନ
ବିଶ୍ୱ-ଜୀବନ ଲାଗି
ଆନନ୍ଦମୟ ହେଉ ଏ ସତ୍ତା
ସହସ୍ର ସୁଖେ ଭାଗି ।
ଅମୃତ ହେଉ ମର ଏ ସତ୍ତା
ଅନିତ୍ୟ ପରିହରି
ମହାନ ହେଉ ଏ ମଳିନ ଜୀବନ
ବିରାଟରେ ଅନୁସରି ।
ଘୁଞ୍ଚାଅ ଚିତ୍ତୁ ଦୈନ୍ୟ-ଭାବନା
ଗରିମାରେ ଭର ପ୍ରାଣ
ପ୍ରଲୋଭନେ, ପର-ଆଲୋଚନେ କର
ସଂଯତ, ନ୍ୟାୟବାନ ।
ନିଃଶେଷ କର ଅହମିକା ମନୁ
ହିୟା ମୈତ୍ରୀରେ ଭର
କରୁଣାର ଧାରା ବୋହିନେଇଯାଉ
ବିଭେଦ ଆପଣା ପର ।

(ଚାଳକ)

Digitized by srujanika@gmail.com

ଯେଉଁ ପ୍ରେମ ତାଙ୍କ ତରୁଣ ଜୀବନକୁ ରସାପ୍ଳୁତ କରି ଆତ୍ମପ୍ରକାଶ କରିଥିଲା ଆଦି ପର୍ଯ୍ୟାୟର ନାନା କବିତାରେ, ତାହା କ୍ରମେ ମାନବ ପ୍ରେମରେ ରୂପାନ୍ତରିତ ହୋଇଯାଇଛି । ମଣିଷର ବନ୍ଦନା ଓ ମଣିଷର ମୁକ୍ତି ହୋଇଯାଇଛି ତାଙ୍କର ଚରମ ଲକ୍ଷ୍ୟ । ଦୀନ ଦଳିତଙ୍କ ବ୍ୟଥା ବେଦନା ଓ ଅଶ୍ରୁ ସହିତ ଆପଣାକୁ ସେ ସାମିଲ କରିଦେଇଛନ୍ତି । ମାନବ ପ୍ରେମରୁ ରାଷ୍ଟ୍ରପ୍ରେମ ଦେଇ ବିଶ୍ୱପ୍ରେମକୁ ତାଙ୍କର କାବ୍ୟ-ମାନସ ଗତି କରିଛି । ତାରି ଭିତରେ ଫୁଟି ଉଠିଛି ପ୍ରକୃତି ପ୍ରେମ ଓ ବିଭୁପ୍ରେମ । ତେଣୁ ତାଙ୍କର କାବ୍ୟ-ଦୃଷ୍ଟିରେ- 'ପ୍ରେମ ନୁହେଁ ଦେହ-ଦେହୁଁ ଭୋଗ ଅନ୍ୱେଷଣ/ ପ୍ରେମ, ଏକ ଆତ୍ମା ପ୍ରତି ଅନ୍ୟର ବନ୍ଦନା/ପ୍ରେମ, ପୂର୍ଣ୍ଣ ସମର୍ପଣ ଏକ ଅନ୍ୟ ପାଇଁ/ ପ୍ରେମ, ଆନ ପାଇଁ ଦେବା ନିଜକୁ ହଜାଇ ।' (କମଳାୟନ)

ଅତଏବ କବି ମାନସିଂହ ଜାତୀୟତା ଓ ରାଷ୍ଟ୍ରୀୟତା ମଧ ଦେଇ ଗତି କରିଛନ୍ତି ବିଶ୍ୱ-ଜୀବନକୁ । ବିଶ୍ୱ-ଦେବତା ସହିତ ଜୀବନ-ଦେବତାକୁ ମିଳାଇ ଦେଇ ସୃଷ୍ଟି କରିଛନ୍ତି ଚମତ୍କାରିତା । ତାଙ୍କ କାବ୍ୟ-ବୃତ୍ତରେ ମଣିଷର ସ୍ଥାନ ଗୁରୁତ୍ୱପୂର୍ଣ୍ଣ । ମାନବ-ବନ୍ଦନାରୁ କବି-ସତ୍ତା ଗତି କରିଛି ଆଧ୍ୟାତ୍ମିକ ଚିନ୍ତନକୁ । ସେ କିନ୍ତୁ କର୍ମକାଣ୍ଡ ସର୍ବସ୍ୱ ଦେବପୂଜା ଓ କାଷ୍ଠପାଷାଣ ନିର୍ମିତ ଦେବତାର ବିରୋଧୀ। ଜୀବନ୍ତ ଦେବତା ମଣିଷର ଉପାସନା ତାଙ୍କର ଲକ୍ଷ୍ୟ । ଯଦିଓ ଏହି ପ୍ରସଙ୍ଗରେ ତାଙ୍କ ଭିତରେ ତାର୍କିକ ଓ ନାସ୍ତିକ ଭାବ ପ୍ରକାଶ ପାଇଥିବା ଦେଖାଯାଏ ସେ କିନ୍ତୁ ପ୍ରକୃତରେ ଈଶ୍ୱର-ବିଶ୍ୱାସୀ । ତାଙ୍କ କାବ୍ୟ-ମୁକୁରରେ ତେଣୁ ପ୍ରତିଫଳିତ ଈଶ୍ୱର-ସତ୍ତା । ମାନବ-ସତ୍ତା ଓ ଈଶ୍ୱର-ସତ୍ତା ମିଶି ଏକାକାର ହୋଇଯାଇଛି ତାଙ୍କ କାବ୍ୟ-ସରଣୀରେ । ପ୍ରକୃତି, ମଣିଷ, ଜଗତ ଓ ଈଶ୍ୱର-ଏହି ଚତୁର୍ଦ୍ଧା ମୂର୍ତ୍ତି ମାନସିଂହଙ୍କ କାବ୍ୟକୁ ଯେ ପ୍ରାଣବନ୍ତ କରିଦେଇଛି ତାହା ଯେ କେହି ପାଠକ ଅନୁଭବ କରିପାରିବେ ।

-୩-

ଦୃଶ୍ୟମାନ ଜଗତ ଓ ସାମାଜିକ ପରିବେଶ ମଧ୍ୟରେ ଯେତେବେଳେ ମଣିଷ ଶାନ୍ତି ପାଏନାହିଁ, ନାନା ସଂଘାତ ଓ ସଂଘର୍ଷର ସମ୍ମୁଖୀନ ହୋଇ ବ୍ୟତିବ୍ୟସ୍ତ ହୋଇପଡ଼େ, ସେତେବେଳେ ତା'ଭିତରେ ସ୍ୱତଃ ଯେଉଁ ଜିଜ୍ଞାସା ପ୍ରକାଶ ପାଏ

Digitized by srujanika@gmail.com

ତାହା ତାକୁ ନେଇଯାଏ ଏକ ଅନିର୍ବଚନୀୟ ଦିବ୍ୟ ଭାବକୁ । ସେହି ଦିବ୍ୟ ଚେତନା ବଳରେ ସେ ସଂଯୋଗ ସ୍ଥାପନ କରେ ସର୍ବବ୍ୟାପୀ ଅନନ୍ତ ସତ୍ତା ସହିତ । ତାଙ୍କରି ଠାରେ ନିବେଦନ କରେ ଅନ୍ତରର ଶ୍ରଦ୍ଧା । ସେ ହୁଏ ଅମୃତ ଆଶାୟୀ । ଉପନିଷଦର ଋଷିଙ୍କ ପରି ସେ ଉତ୍କଣ୍ଠିତ ହୋଇଉଠେ ଅମୃତ ଓ ଆନନ୍ଦ ପାଇଁ । ତାହାହିଁ ତାକୁ ଦିଏ ଶାନ୍ତି । ଜାଗତିକ ବସ୍ତୁ ତାକୁ ଶାନ୍ତି ଦେଇପାରେ ନାହିଁ । ଈଶ୍ୱରାନୁଗତି ହିଁ ଦିଏ ପରମ ସନ୍ତୋଷ । ମାନସିଂହଙ୍କ କବି-ସତ୍ତାରେ ଯେ ଋଷି-ସତ୍ତା ବିଦ୍ୟମାନ, ତାହା ତାଙ୍କର କବିତାମାନଙ୍କରୁ ପ୍ରତିପାଦିତ ହୋଇଥାଏ । ସେ ଚାହିଁନାହାନ୍ତି ଆତ୍ମମୋକ୍ଷ; ଚାହିଁଛନ୍ତି ମଣିଷର ମୁକ୍ତି, ମଣିଷର କଲ୍ୟାଣ । ଜୀବନ-ଦେବତା ସହିତ ବିଶ୍ୱଦେବତାର ମହାମିଳନ ତାଙ୍କ କବି-ସତ୍ତାର ଶୁଦ୍ଧ ସଂକଳ୍ପ । ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଯେପରି ସେହି ମଧୁମୟ, ଆନନ୍ଦମୟ ଓ ଅନିର୍ବଚନୀୟ ସତ୍ତାଙ୍କ ଠାରେ ଆପଣାର ଶ୍ରଦ୍ଧା ନିବେଦନ କରିଛନ୍ତି, ସକଳ ଅହଂକାରକୁ ତାଙ୍କର ପାଦ ତଳରେ ଧୂଳିରେ ଲୋଟାଇ ଦେଇଛନ୍ତି, ମାନସିଂହ ମଧ୍ୟ ଅନୁରୂପ ଭାବରେ ଅନ୍ତରର ଭାବକୁ ବ୍ୟକ୍ତ କରି ଚାହିଁଛନ୍ତି ମାନବ-ମଙ୍ଗଳ । ରବୀନ୍ଦ୍ରନାଥ ଯେପରି ରୂପ-ସାଗରରେ ଡୁବ ଦେଇଛନ୍ତି ଅରୂପ ରତନ ପାଇବା ପାଇଁ, ମାନସିଂହ ମଧ୍ୟ ସେହିପରି ରୂପ ସାଗରରୁ ଶୁଦ୍ଧ ସ୍ନାନ ସାରି ଆଶାୟୀ ହୋଇ ଉଠିଛନ୍ତି, ଅରୂପ-ରତନ ପାଇଁ । ଏହି ଚେତନା ଯେତିକି ହୋଇଛି ସୁତୀବ୍ର ସେତିକି ତାଙ୍କର ଜାଗତିକ ପ୍ରେମ ମହାଜାଗତିକ ସ୍ତରରେ ସଂପ୍ରସାରିତ ହୋଇଯାଇଛି । ବାହ୍ୟ ସୌନ୍ଦର୍ଯ୍ୟରୁ କବି-ସତ୍ତା ଗତି କରିଯାଇଛି ସୂକ୍ଷ୍ମ ଅନ୍ତର୍ନିହିତ ସୌନ୍ଦର୍ଯ୍ୟକୁ ଓ ତାହାହିଁ ହୋଇଛି ଆତ୍ମାର ସୌନ୍ଦର୍ଯ୍ୟ । ଫଳରେ ସୌନ୍ଦର୍ଯ୍ୟ ଓ ମଙ୍ଗଳର ହୋଇଛି ମଧୁବିବାହ । ତାଙ୍କ ଭିତରେ ପ୍ରକାଶ ପାଇଛି ସୀମା ଭିତରେ ଅସୀମର ସୁର । ରବୀନ୍ଦ୍ରନାଥ ଈଶ୍ୱରଙ୍କ ଉପାସନା କଥା କହିବାକୁ ଯାଇ ନର-ଦେବତାଙ୍କ ଉପାସନା କଥା କହିଛନ୍ତି

ଭଜନ ପୂଜନ ସାଧନ ଆରାଧନା ସମସ୍ତ ଥାକ୍ ପଡ଼େ
ରୁଦ୍ଧ ଦ୍ୱାରେ ଦେବାଲୟେକ କୋଣେ କେନ ଆଛିସ୍ ଓରେ
ଅନ୍ଧକାରେ ଲୁକିୟେ ଆପନ ମନେ
କାହାରେ ତୁଇ ପୂଜିସ୍ ସଂଗୋପନେ
ନୟନ ମେଲେ ଦେଖ୍ ଦେଖି ତୁଇ ଚେୟେ-ଦେବତା ନାଇ ଘରେ ।

Digitized by srujanika@gmail.com

ତିନି ଗେଛେନ୍ ଯେଥାଯେ ମାଟି ଭେଙ୍ଗେ କରେଛେ ଚାଷାଚାଷ୍
ପାଥର ଭେଙ୍ଗେ କାଟଛେ ଯେଥାୟପଥ, ଖାଟଛେ ବାରମାସ୍ ।
ରୌଦ୍ରେଜଲେ ଆଛେନ୍ ସବାର ସାଥେ
ଧୂଲା ତାହାର ଲେଗେଛେ ଦୁଇ ହାତେ-
ତା'ରି ମତନ ଶୁଚି ବସନ ଛାଡ଼ି ଆୟରେ ଧୂଲାଇ ପରେ ।

(ଧୂଲା ମନ୍ଦିର)

ନର-ଦେବତାଙ୍କ ଉପାସନା ହିଁ ଯଥାର୍ଥ ଦେବ-ଉପାସନା । ଯିଏ ଏହି ବିରାଟ ବ୍ରହ୍ମାଣ୍ଡର ସ୍ରଷ୍ଟା ସିଏ କେବେ ହେଲେ ମନ୍ଦିରର ଅନ୍ଧକାରମୟ କକ୍ଷ ଭିତରେ ଆବଦ୍ଧ ହୋଇ ରହନ୍ତି ନାହିଁ । ସେହି ମନ୍ଦିରର ଆବଦ୍ଧ କକ୍ଷରେ ନୟନ ମୁଦ୍ରିତ କରି ତାଙ୍କୁ ଦେଖିବା ନିରର୍ଥକ । ଦିବ୍ୟ ଆଲୋକର ସେ ପ୍ରକାଶକ । ଅନ୍ତରରୁ ଅନ୍ତରୀକ୍ଷ ବ୍ୟାପି ସେ ବିଦ୍ୟମାନ । କବି ମାନସିଂହ ମଣିଷର କବି ହୋଇଥିବାରୁ ଶତ ଶତ ନର-ନାରାୟଣଙ୍କୁ ଆରାଧନା କରିବା ପାଇଁ ପ୍ରେରଣା ଦେଇଛନ୍ତି । ସେମାନଙ୍କୁ ବାହାରେ ରଖି ଦେଉଳ ଭିତରେ କାଷ୍ଠ ପାଷାଣ ମୂର୍ତ୍ତିକୁ ପୂଜିବାରେ ଲାଭ କ'ଣ ? ଏଥିପାଇଁ ତ ମୀରା ବାଇ କହନ୍ତି- 'ପାଥର ପୂଜନ ହରି ମିଲେ ତ ମୈ ପୂଜୁଁ ପାହାଡ଼ ।' ତେଣୁ ମଣିଷଙ୍କୁ ଅନ୍ଧକାରରେ ରଖିବାହିଁ ପାପ । ସେହି ଦୀନ ଦଳିତ ମଣିଷଙ୍କ ପୂଜାରେ ଦେବତାଙ୍କ ଆନନ୍ଦ । ତେଣୁ କବି କହନ୍ତି-

ଏବେ କାଠ ପଥର ନ ପୂଜି, ଆସ ପୂଜ ଜୀବନ୍ତ ଦେବତା
ଯା ଆଖିରୁ ଲୁହ ଯିବ ବହି, କହିଦେଲେ ପଦେ ମଧୁ କଥା
ବନ୍ଦ କର ମନ୍ତ୍ରପାଠ ତବ, ବନ୍ଦ କର କର୍ପୂର ଆରତି
ଦେଉଳର ବାହାରେ ଦେବତା, ହାତ ପାତି ଉଭା ରହିଛନ୍ତି ।
ଦେବ ଭୋଗ ନିରନ୍ନରେ ଦିଅ, ଦେବ ସେବା ହେଉ ମାନବରେ
ଦେବତାର ଦରଶନ ଲଭ, ମାନବର ପ୍ରତି ଘରେ ଘରେ ।
ସେ ପୂଜାରେ ମୂକ ଭଗବାନ, ବାକ୍‌ମୟ ତୁରିତେ ହୋଇବେ
ଦିଅଁ ହୋଇ ପ୍ରତି ପ୍ରତିବେଶୀ, ନାରାୟଣୀ ବାଣୀ ଶୁଣାଇବେ ।

ଦେବ-ପୂଜା

Digitized by srujanika@gmail.com

ରାବୀନ୍ଦ୍ରିକ ପ୍ରଭାବ ଥିଲେ ହେଁ କବି ମାନସିଂହ ପ୍ରଭାବକୁ ଆତ୍ମୀକରଣ କରି ତାହାକୁ ନୂତନ ଭାବରେ ପ୍ରକାଶ କରିଅଛନ୍ତି । ବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିରୁ ପଞ୍ଚମ ଦଶନ୍ଧି ପର୍ଯ୍ୟନ୍ତ ପ୍ରାୟ ତିରିଶ ବର୍ଷ ଧରି ଯେଉଁ ମାନବତାବାଦୀ ଭାବଧାରା ଓଡ଼ିଆ କବିମାନଙ୍କୁ ବିଶେଷ ଭାବରେ ଅନୁପ୍ରାଣିତ କରିଥିଲା ତାହା ହେଉଛି ରବୀନ୍ଦ୍ରୀୟ ମାନବତାବାଦୀ ଭାବଧାରା ଓ ଗାନ୍ଧିଜୀୟ ମାନବତାବାଦୀ ଭାବଧାରା । ଏହି ଦୁଇଟି ଭାବଧାରାର ସମନ୍ୱୟ ଘଟିଛି ଏ ସମୟର ଓଡ଼ିଆ କବିତାରେ । ମାନସିଂହ ଏହି ଦୁଇ ଭାବଧାରାର ମନ୍ୱୟ କାବ୍ୟକାର । ତାଙ୍କର 'ନମସ୍କାର' କବିତାରେ ଏହି ଭାବଧାରା କେବଳ ନାହିଁ; ଅଛି ମଧ୍ୟ ଜୀବନ୍ତ-ଦେବତାଙ୍କ ଆରାଧନା ପାଇଁ ଉଦାତ୍ତ ପ୍ରେରଣା । କବି ଚାହିଁନାହାନ୍ତି ପାଦ୍ରୀ ଓ ପଣ୍ଡା, ଦେଉଳ ଓ ଗୀର୍ଜା, ମୌଲବୀ ଓ ମୁଲ୍ଲାଙ୍କ ଈଶ୍ୱରଙ୍କୁ ନମସ୍କାର କରିବା ପାଇଁ । ସେ ପ୍ରଣାମ ଜଣାଇଛନ୍ତି କୋଟି କୋଟି ଦଳିତ ନିଷ୍ପେସିତ ନିରନ୍ନ ଅସହାୟ ମଣିଷମାନଙ୍କୁ । ସେ ଜାଣନ୍ତି ମାନବ ସେବା ହିଁ ମାଧବ ସେବା । ଈଶ୍ୱରଙ୍କ କେତନବାହୀ ବର୍ବରମାନେ କେତେ ହତ୍ୟା, କେତେ ଲୁଣ୍ଠନ, କେତେ ପାପ କରିଯାଇଅଛନ୍ତି । ଈଶ୍ୱରଙ୍କ ନାମରେ କେତେ ନରନାରୀଙ୍କୁ ବାସଚ୍ୟୁତ କରିଅଛନ୍ତି । କେତେ ମଧ୍ୟ ଅକାଳରେ ମୃତ୍ୟୁବରଣ କରିଅଛନ୍ତି । ସେହି ଅସହାୟ ନରନାରୀଙ୍କ କରୁଣ କ୍ରନ୍ଦନ ଈଶ୍ୱରଙ୍କ ସ୍ୱର୍ଣ୍ଣ ସିଂହାସନକୁ ସ୍ପର୍ଶ କରିପାରି ନାହିଁ । ସେହି ଈଶ୍ୱରଙ୍କ ଯୋଗୁଁ ହିଁ ବିରାଟ ଜନତା ଯୁଗଯୁଗ ଧରି 'ଅଜ୍ଞ, ଅମନୁଷ୍ୟ, ପତିତ, ଅସ୍ପୃଶ୍ୟ' ହୋଇ ରହିଅଛନ୍ତି । ତେଣୁ କବି ନିଜକୁ ଶୂଦ୍ର ଜନତାର କବି ଭାବରେ ବିଚାର କରି ଈଶ୍ୱରଙ୍କୁ ନମସ୍କାର କରିବା ପାଇଁ ଚାହିଁ ନାହାଁନ୍ତି । ସେ ଈଶ୍ୱରଙ୍କୁ ଖୋଜି ନାହାଁନ୍ତି ମନ୍ଦିରରେ, ଗୀର୍ଜାରେ ବା ମସ୍‌ଜିଦ୍‌ରେ । ଈଶ୍ୱର ଯଦି ପ୍ରକୃତରେ ଥାଆନ୍ତି ଦୀନଦଳିତର ଲୋତକରେ, ନିଷ୍ପେଷିତର ହୃଦୟରେ ତେବେ ତାଙ୍କୁ ସେ ପ୍ରାଣର ପ୍ରଣାମ ଜଣାଇବାକୁ କୁଣ୍ଠିତ ନୁହଁନ୍ତି । ମାନବତାବାଦୀ କବି ଈଶ୍ୱରଙ୍କୁ ଅସ୍ୱୀକାର କରିନାହାଁନ୍ତି । ସେ ସେହି ଈଶ୍ୱରଙ୍କୁ ସ୍ୱୀକାର କରିଛନ୍ତି ଯିଏ ସର୍ବବ୍ୟାପୀ ଓ କରୁଣାମୟ । ସେ ମୂର୍ତ୍ତି ନୁହଁନ୍ତି;ରୂପ ନୁହନ୍ତି; ଅମୂର୍ତ୍ତ ଓ ଅରୂପ । ସେ ସୁବିଧାବାଦୀ ମଣିଷଙ୍କର ନୁହଁନ୍ତି; ସକଳ ମଣିଷଙ୍କର । ଯେପରି ଭାବରେ ସୁବିଧାବାଦୀ ଲୋକେ ଈଶ୍ୱରଙ୍କ ନାମରେ ଶୋଷଣ କରି ଚାଲିଛନ୍ତି

Digitized by srujanika@gmail.com

ଓ ନିଜେ ଧାର୍ମିକ ବୋଲି ଧର୍ମ ଧ୍ୱଜା ଉଡ଼ାଉଛନ୍ତି ସେପରି ଲୋକଙ୍କୁ ସେ ସମାଲୋଚନା କରିଅଛନ୍ତି । ଦେଉଳ, ଗୀର୍ଜା, ମସ୍‌ଜିଦ୍, ଶାସ୍ତ୍ର ଓ ପୁରୋହିତଙ୍କ କବଳରୁ ଈଶ୍ୱରଙ୍କୁ ମୁକ୍ତ କରି ଜୀବନ୍ତ ଦେବତା ବା ନର-ନାରାୟଣଙ୍କ ଆରାଧନା କଥା କହୁ କହୁ କବିଙ୍କ ଅଶରୀରୀ ବ୍ୟକ୍ତି-ସତ୍ତା ଅନିର୍ବଚନୀୟ ମଧୁମୟ ଈଶ୍ୱରଙ୍କ ସଂପର୍କରେ ସଚେତନ ହୋଇଉଠିଛି । 'ଜୀବନ-ଚିତା', 'କୃଶ', 'ସିନ୍ଧୁ ଓ ବିନ୍ଦୁ', 'ଅକ୍ଷତ' ଆଦି କବିତା ପୁସ୍ତକରେ ସଂକଳିତ ନାନା କବିତାରେ ଈଶ୍ୱରୀୟ ଚେତନା ବେଶ୍ ମାର୍ମିକ ଓ ବଳିଷ୍ଠ ହୋଇଥିବା ଲକ୍ଷ୍ୟ କରାଯାଏ ।

ମଣିଷ ଦେବ-ଶିଶୁ । ଅଥଚ ସେ ଆଜି ନରକ ପଥର ଯାତ୍ରୀ । ଅମୃତ ଶିଶୁ ହୋଇ ମଧ ସେ ଅମୃତରୁ ବଞ୍ଚିତ । ସେ ଆଜି ହଳାହଳ ପାନରେ ମତ୍ତ ଓ ବିଭ୍ରାନ୍ତ । କବି ତେଣୁ ଈଶ୍ୱରଙ୍କୁ ପ୍ରାର୍ଥନା କରିଅଛନ୍ତି-

ଆଲୋକବାସୀ ମୁଁ ଅନ୍ଧାରେ ଗଲି ମିଶି
ମୁକ୍ତ ମୁଁ-ମତେ ଅବରୋଧ ଦଶଦିଶି ।
ଚକ୍ର ରଖିଲ, ପତାକା ନୋଇଁଲ ତଳେ
ଗହନ ମୁଁ ପାରି ହେବି କହ କାହାବଳେ ?
ଆଲୋକ ଦେଖାଅ, ଜାଗି ଶୁଣି ମୋର କଥା
ନିଦ୍ରା କି ଶୋଭେ ଆଶ୍ରିତ ପାଉଁ ବ୍ୟଥା !

(ନିଦ୍ରିତ ଭଗବାନ)

ମଣିଷ ପ୍ରତି କରୁଣାବୋଧରୁ ଯେଉଁ କାବ୍ୟପୁରୁଷ ଆଚାର ଓ ପ୍ରଥା ସର୍ବସ୍ୱ ଧର୍ମଧ୍ୱଜୀଙ୍କ ଈଶ୍ୱରଙ୍କୁ ବିରୋଧ କରୁଥିଲେ ସେ ପୁଣି ଅନନ୍ତ ଅନ୍ତର୍ଯ୍ୟାମୀ ଈଶ୍ୱରଙ୍କ ଉପସ୍ଥିତିକୁ ସର୍ବତ୍ର ଅନୁଭବ କରିଅଛନ୍ତି । ଭୂମିରୁ ଭୂମା ଯାଏ ରେଣୁରୁ ରବିଯାଏ ସର୍ବତ୍ର ଈଶ୍ୱର ବିଦ୍ୟମାନ । ସେ ଦୂରରେ ଏବଂ ନିକଟରେ, ଭିତରେ ଏବଂ ବାହାରେ । ସେ ପୁଣି ଶୂନ୍ୟ ଶୂନ୍ୟ ମହାଶୂନ୍ୟ । ଅଥଚ ସେ ପୂର୍ଣ୍ଣ । ଅଖିଳ ବିଶ୍ୱ ତାଙ୍କ ପୂଜା ମଣ୍ଡପ (ବିଶ୍ୱରୂପ) । କାବ୍ୟପୁରୁଷ ସେହି ଈଶ୍ୱରଙ୍କୁ ନିବେଦନ କରିଛନ୍ତି ଆଲୋକ ଦେଖାଇବା ପାଇଁ ।

ଦେବତା ଧର ହାତ, ଆଲୋକ ଜାଳ ମୋର ପଥରେ

Digitized by srujanika@gmail.com

ଭଗ୍ନଜାନୁ ଏହି ଶ୍ରାନ୍ତ ପଥିକରେ ଥାନ ଦିଅ ହେ ତବ ରଥରେ ।
ଯଦି ସେ ଦୟା ନାହିଁ, ବଜ୍ରତବ କାହିଁ, ଆଣ ହେ
ଝଂଜା ଅବସାଦଗ୍ରସ୍ତ ଅସହାୟ ପଥିକ ମଥାପରେ ହାଣ ହେ ।

(ଆଲୋକ ମାଗେ)

ସକଳ ଅହଂକାରକୁ ବିସର୍ଜନ ଦେଇ ଶୁଦ୍ଧପୂତ ହୃଦୟରେ ଈଶ୍ୱରଙ୍କ ଗୀତି ଗାନ କରିବାକୁ କବି ଆଶାୟୀ (ଆହୁତି) । ଈଶ୍ୱରଙ୍କ ଅମୃତ-ଅନୁଭବ କାବ୍ୟପୁରୁଷଙ୍କ ସତ୍ତାକୁ ଦେଇଛି ଅନନ୍ତ ବିସ୍ତାର। ସେ ଖୋଜିଛନ୍ତି ସେହି ଅଜ୍ଞାତ ଅଜ୍ଞେୟ ଈଶ୍ୱରଙ୍କୁ। ଈଶ୍ୱର ତାଙ୍କ ନିକଟରେ ହୋଇଯାଇଛନ୍ତି ଏକାନ୍ତ ସତ୍ୟ । 'ସେଇ ସତ୍ୟ ମୋ ଈଶ୍ୱର, ସେଇ ଅନ୍ୱେଷଣ / ସେଇ ଜ୍ଞାନ, ଯା'ପାଇଁ ମୋ ବିକଳ କ୍ରନ୍ଦନ।' (ତତ୍ତ୍ୱାନୁସନ୍ଧାନ) କାବ୍ୟପୁରୁଷ ଅପୂର୍ଣ୍ଣ । ତେଣୁ ସେ ଖୋଜିଛନ୍ତି 'ମଧୁର ପୂର୍ଣ୍ଣତା'।' (ପୂର୍ଣ୍ଣତା ପ୍ରାପ୍ତି) ତାଙ୍କ ଜୀବନ ରଥର ବାହକ ଈଶ୍ୱର । ସେ ନିଜେ ଛାୟା । ଈଶ୍ୱର ବସ୍ତୁ । ସେ ବାଦ୍ୟ । ଈଶ୍ୱର ବାଦକ । ତେଣୁ ତାଙ୍କର ଈଶ୍ୱର-ଅନ୍ୱେଷା। ଅଥଚ ଏହି ଅନ୍ୱେଷା ହୁଏ ନାହିଁ ଗୋଟିଏ ଜନ୍ମରେ । ଜନ୍ମଜନ୍ମାନ୍ତର ଦେଇ ତାଙ୍କର ଅନ୍ୱେଷା ଜାରି ରହିଛି । ତେଣୁ ତାଙ୍କ ଆତ୍ମାର ଅଭିବ୍ୟକ୍ତି- 'ଯୁଗ ଯୁଗ ଖୋଜୁଥିବି ତୁମରି ପରଶେ ।' (ଅଧଃପତନ) ତାଙ୍କର ମନେ ହୋଇଛି ସତେ ଯେପରି ସେ ହେଉଛନ୍ତି ସେହି ପରମ ଜ୍ୟୋତିର ଜ୍ୟୋତି ମହାଜ୍ୟୋତିର ଏକ ଅଂଶ । ତାହା ତାଙ୍କର ବିସ୍ମୃତ ନୁହେଁ । (ହୋମାଗ୍ନି) ଏଥର ତାଙ୍କର ସକଳ ଦ୍ୱିଧା ଓ ସଂଶୟ ଲୋପ ପାଇଛି। ତାଙ୍କ ଆତ୍ମାର ଉଚ୍ଚାରଣ ତେଣୁ-

ଦ୍ୱିଧା, ଦୈନ୍ୟ ନାହିଁ ଆଉ, ଆଜି ମୋ ବିଶ୍ୱାସ
ତୁମରି ଲୀଳା ହିଁ ମୋର ମିଳନ-ପ୍ରୟାସ ।

(ତୁମ ଲାଗି)

'କ୍ରୁଶ' କାବ୍ୟଗ୍ରନ୍ଥର ନାନା କବିତାରେ ଅଛି ଈଶ୍ୱର-ସମର୍ପିତ ଭାବ । ଈଶ୍ୱର-ଅନ୍ୱେଷା, ମହାଜ୍ୟୋତିର ଅନୁଭବ ଓ ତଜ୍ଜନିତ ଉଲ୍ଲାସବୋଧ, ଅମୃତ-ତପସ୍ୟା, ଅନ୍ତର ଭିତରେ ଈଶ୍ୱରଙ୍କ ଦିବ୍ୟ ଲୀଳା-ଆସ୍ୱାଦନ ଓ ଈଶ୍ୱରଙ୍କ ସହିତ ଅବିଚ୍ଛିନ୍ନ ସହାବସ୍ଥାନ ଯେପରି ହୋଇଯାଇଛି କବିଙ୍କର ଦାର୍ଶନିକ ଅନୁଚିନ୍ତନ ।

Digitized by srujanika@gmail.com

ସେ ଅନୁଭବ କରିଛନ୍ତି ଯେ ପ୍ରତ୍ୟେକ ମଣିଷର ଜୀବନ ମଧ୍ୟ ଦେଇ ଈଶ୍ୱର ବିବର୍ତ୍ତିତ ଓ ବିକଶିତ ହେଉଅଛନ୍ତି । ସେହି ଜ୍ଞାନ ଲାଭ ପାଇଁ ପ୍ରତ୍ୟେକଙ୍କୁ ଅନୁଭବର କ୍ରୁଶ ବହନ କରିବାକୁ ହୋଇଥାଏ । ଯାବତୀୟ ବାହ୍ୟ ଅନୁଷ୍ଠାନ ଓ ଉପଚାର ମୂଲ୍ୟହୀନ । ଗଭୀର ଅନୁଭବରେ ମଣିଷ ଯେଉଁ ଦୀର୍ଘଶ୍ୱାସ ଛାଡ଼େ, ଯେଉଁ ଅଶ୍ରୁ ତ୍ୟାଗ କରେ, ତାହାହିଁ କ୍ରୁଶ, ତାହାହିଁ ଈଶ୍ୱର । ତେଣୁ କବିଙ୍କର ଉକ୍ତି-

ଈଶ୍ୱର ସର୍ବତ୍ର ବ୍ୟାପ୍ତ, ବାହାରେ ଅନ୍ତରେ
ନିଜେଇ ଈଶ୍ୱର ତୁମେ ପ୍ରତି ଧରାବାସୀ
ଈଶ୍ୱର-ବିକାଶ ପାଇଁ ଜନ୍ମଜନ୍ମାନ୍ତରେ
ବୋହିବାକୁ ହେବ ଅନୁଭବ-କ୍ରୁଶ ରାଶି ।

(ନିଜେଇ ବୋହିବ)

କାବ୍ୟପୁରୁଷ ବାହାର ଜଗତରେ ଦେଖିଛନ୍ତି ବିପୁଳ ରୂପ-ଲୀଳ । ଯେତେବେଳେ ସେ ଅନ୍ତର ଭିତରକୁ ନିରୀକ୍ଷଣ କରିଛନ୍ତି ସେତେବେଳେ ସେ ବୈଶ୍ୱାନର ଦୃଷ୍ଟିରେ ଦେଖିଛନ୍ତି ପ୍ରତି ପିଣ୍ଡ ଭିତରେ ବ୍ରହ୍ମାଣ୍ଡ, ପ୍ରତି ଅଣୁ ଭିତରେ ଏକ ସୌରଜଗତ । ସୃଷ୍ଟିର ପ୍ରତ୍ୟକ ଚଳମାନ ବସ୍ତୁ ଭିତରେ ରହିଛି ଚିର ବର୍ତ୍ତମାନ । ଆପଣାର ଅନ୍ତର ଭିତରେ ଉପଲବ୍ଧି କରିଛନ୍ତି ବିରାଟଙ୍କୁ, ଅନୁଭବିଛନ୍ତି ଆତ୍ମ-ସରୋବରରେ ସନ୍ତୋଷରେ କ୍ରୀଡ଼ାରତ ଜୀବରୂପକ ହଂସକୁ (ଜୀବ-ହଂସ ଆତ୍ମ-ସରେ ଖେଳେ ସନ୍ତୋଷରେ) । ପ୍ରେମର କବି, ସୌନ୍ଦର୍ଯ୍ୟର କବି, ମଙ୍ଗଳର କବି, ମଣିଷର କବି ମାନସିଂହ ପରିଣତ ବୟସ ବେଳକୁ ମିଷ୍ଟିକ ହୋଇଯାଇଥିବା ଲକ୍ଷ୍ୟ କରିହୁଏ । କବି ଅହଂକାର ବିନିର୍ମୁକ୍ତ ଚିତ୍ତରେ ପ୍ରଣାମ ଜଣାଇଛନ୍ତି ଭୂମାଙ୍କୁ। 'ପତିତପାବନ ବୁଦ୍ଧ' ଓ 'ବୁଦ୍ଧଂ ଶରଣଂ ଗଚ୍ଛାମି' ପରି କବିତାରେ କବି ବୁଦ୍ଧଦେବଙ୍କ ବ୍ୟକ୍ତିତ୍ୱର ମହିମା ଗାନ କରିବା ସଙ୍ଗେ ସଙ୍ଗେ ମାନବ-ଭୂମାର ମହତ୍ତ୍ୱକୁ ଉଲ୍ଲେଖ କରିଅଛନ୍ତି । ତାଙ୍କ କାବ୍ୟ-ଦୃଷ୍ଟିରେ ଈଶ୍ୱର, ମଣିଷ ଓ ବ୍ରହ୍ମାଣ୍ଡ ସବୁ ଯେମିତି ହୋଇଯାଇଛନ୍ତି ଏକାକାର । ପ୍ରାୟ କବିତାମାନଙ୍କରେ ବ୍ୟଂଜିତ ହୋଇଛି ଅସତ୍ୟରୁ ସତ୍ୟକୁ, ଅନ୍ଧାରରୁ ଆଲୋକକୁ, ମୃତ୍ୟୁରୁ ଅମୃତକୁ ଯିବା ପାଇଁ ଆଶାନ୍ୱିତ ଆହ୍ୱାନ। ଏହା ମଧ୍ୟ ମନେ ପକାଇଦିଏ ଉପନିଷଦର ମୁନିକଣ୍ଠର ଉଦାତ୍ତ ବାଣୀ- 'ଅସଦୋ

Digitized by srujanika@gmail.com

ମାଂ ସଦ୍‌ଗମୟ/ତମସୋ ମାଂ ଜ୍ୟୋତିର୍ଗମୟ/ମୃତ୍ୟୁର୍ମାଂ ଅମୃତଂଗମୟ ।'
କାବ୍ୟପୁରୁଷଙ୍କ ଆତ୍ମାର ବାଣୀ-

ଅଦୃଶ୍ୟ ହେ, ଅଜ୍ଞାତ ହେ
ପରମ ବନ୍ଧୁ ମୋର
ତୁମରି ଆଶେ ଧାଇଁଛି ପ୍ରାଣ
ଭେଟିବ କେବେ ପଥେ ।

(ଭେଟିବି)

କବି ମାନସିଂହ ଆଶାବାଦୀ, ନୈରାଶ୍ୟ ଭିତରେ ସେ ଭାଙ୍ଗି ପଡ଼ିନାହାଁନ୍ତି। କ୍ଷତ୍ରିୟୋଚିତ ସ୍ୱାଭିମାନକୁ ନେଇ ଜୀବନର ଯାତ୍ରାପଥର ସେ ଯାତ୍ରୀ । ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଦିନେ ନା ଦିନେ ଯାତ୍ରାପଥରେ ସେ ଭେଟିବେ ଅଦୃଶ୍ୟ ଅଜ୍ଞାତ ଈଶ୍ୱରଙ୍କୁ । ଈଶ୍ୱର ସତ୍ୟ । ଈଶ୍ୱର ସୁନ୍ଦର ଓ ମଙ୍ଗଳ । କବି ତେଣୁ ସୌନ୍ଦର୍ଯ୍ୟର ଉପାସକ, ସତ୍ୟ ଓ ମଙ୍ଗଳର ଉପାସକ ମଧ୍ୟ । ସତ୍ୟ ଶିବ ସୁନ୍ଦର ତାଙ୍କ ଦୃଷ୍ଟିରେ ଏକ ଏବଂ ଅଭିନ୍ନ । 'ମହାନଦୀରେ ଜ୍ୟୋତ୍ସ୍ନା ବିହାର' କବିତା ତେଣୁ ସତ୍ୟ ଶିବ ସୁନ୍ଦରର ଭାବ ବହନ କରି ହୋଇଉଠିଛି ପ୍ରାଣବନ୍ତ । ପୂର୍ଣ୍ଣିମାର ଜ୍ୟୋତ୍ସ୍ନାପ୍ଲାବିତ ରଜନୀରେ ମହାନଦୀରେ ନୌକା ବିହାର କରୁ କରୁ ଏକପକ୍ଷରେ ଚନ୍ଦ୍ରିକା ଚର୍ଚ୍ଚିତ ରଜନୀର ପ୍ରାକୃତିକ ସୁଷମା ଦେଖି ଯେପରି ବିଭୋରିତ ହୋଇଛନ୍ତି ସେହିପରି ଅନ୍ୟପକ୍ଷରେ ଜରାଜର୍ଜର ବାରବାଟୀ ଦୁର୍ଗକୁ ଦେଖି ଦୁଃଖ ପାଇଛନ୍ତି ଓ ତତ୍‌ସଙ୍ଗେ ସଙ୍ଗେ ଅତୀତ ଉତ୍କଳର ଗୌରବ କଥା ଭାବି ବିମୋହିତ ହୋଇଛନ୍ତି । ନିସର୍ଗ-ବନ୍ଦନା, ସୌନ୍ଦର୍ଯ୍ୟବୋଧ ଓ ଜାତୀୟତାବୋଧରୁ ତାଙ୍କର କବିସତ୍ତା ଗତି କରାଯାଇଛି ବିଭୁବୋଧକୁ । ସେ ତେଣୁ କହନ୍ତି-

ଏ ବିରାଟ ଚିତ୍ରଗୃହେ ଅତିଥି ମୁଁ ଦୀନ
ମୁଗ୍ଧ ସମ ରହେ ଚାହିଁ ମହାମହିମାରେ,
ଭାବଇ ବା ହୋଇ ଜ୍ୟୋତ୍ସ୍ନାରେ ପ୍ରଲୀନ
ଭୋଗନ୍ତି ଯେ ସୁଧାଝରେ ଆଜି ଏତେ ଧାରେ ।

ଜ୍ୟୋତ୍ସ୍ନା-ବିହାର ସାରି କବିଙ୍କୁ ଫେରିଆସିବାକୁ ହେବ ସାଂସାରିକ ଜଂଜାଳ

Digitized by srujanika@gmail.com

ମଧ୍ୟକୁ । ଜ୍ୟୋସ୍ନାର ଅମୃତ ଆଲୋକରୁ ଫେରିବାକୁ ହେବ ଅନ୍ଧକାର ମଧ୍ୟକୁ । ଏକଥା ଭାବି ସେ ହୋଇଛନ୍ତି ବ୍ୟଥିତ । ଜଣାଇଛନ୍ତି ବଚନାତୀତ ବିପୁଳ ଶୋଭାରାଶିକୁ ପ୍ରାଣର ପ୍ରଣାମ । ସୁନ୍ଦର ତାଙ୍କୁ ମନେ ହୋଇଛି ସତ୍ୟ ଓ ମଙ୍ଗଳ। ରେଣୁ ରେଣୁ ଭେଦି ପୂରି ରହିଛି ଅନିର୍ବଚନୀୟ ଭୂମା । ତାଙ୍କର ତେଣୁ ଇଚ୍ଛା ହୋଇଛି ସେହି ନିର୍ମଳ ରଜନୀରେ ମୃତ୍ୟୁ ପର୍ଯ୍ୟନ୍ତ ଖୋଜିବା ପାଇଁ ସତ୍ୟ ଓ ଶୁଭକୁ। 'ଇଚ୍ଛା ମୋ ହୁଅନ୍ତା ଏହି ନିର୍ମଳା ରଜନୀ/ଅସରା, ମୁଁ ଖୋଜୁଥାନ୍ତି ସତ୍ୟ ଶୁଭ ତା'ରେ/ଏ ସୁନ୍ଦର ଜ୍ୟୋସ୍ନା ତଳେ, ବାହି ଏ ତରଣୀ/ମୃତ୍ୟୁ ଯାଏଁ, ନ ଫେରି ସେ ମହା ଅନ୍ଧକାରେ ।' ଇଟାଲୀର କବି ଜନ୍ ୱେନ୍ The Moon dust କବିତାରେ କହନ୍ତି ଯେ ଚନ୍ଦ୍ରର ଧୂଳିମାଟିକୁ ମଣିଷ ଜୟ କରିଛି ସତ୍ୟ ମାତ୍ର ଚନ୍ଦ୍ରିକା ବା ଜ୍ୟୋସ୍ନାକୁ ନୁହେଁ । ଚନ୍ଦ୍ରିକା ପ୍ରେମ ସୌନ୍ଦର୍ଯ୍ୟ ଓ ଅମୃତର ପ୍ରତୀକ । ମମତା ଓ ମାନବିକତାର ନିଦର୍ଶନ। ମଣିଷ ଆଜି ସେହି ଦିବ୍ୟ ଭାବରୁ ଦୂରେଇ ଯାଇ ବସ୍ତୁର ନିକଟବର୍ତ୍ତୀ ହୋଇଛି । ମାନସିଂହ ନିର୍ମଳ ଜ୍ୟୋସ୍ନା ମଧ୍ୟ ଦେଇ ସତ୍ୟ ଓ ମଙ୍ଗଳକୁ ଅନୁଭବିଛନ୍ତି, ଈଶ୍ୱର ଭାବକୁ ଉପଲବ୍ଧି କରିଛନ୍ତି, ଅତୀତର ଜାତୀୟ ଐଶ୍ୱର୍ଯ୍ୟକୁ ମନେ ପକାଇଛନ୍ତି। ସୁନ୍ଦର ପ୍ରକୃତି କବି-ହୃଦୟକୁ କରିଦେଇଛି ସୁନ୍ଦରତର । ସୁନ୍ଦରର ଉପାସନା ହିଁ ତାଙ୍କୁ ଟାଣି ନେଇଛି ସତ୍ୟ ଶିବ ଓ ଭୂମାଙ୍କ ପାଖକୁ । ତେଣୁ କ୍ଷୁଦ୍ର ଜୀବନରେ ବିରାଟର ହୋଇଛି ଅବତରଣ । ମହାନଦୀର ନୀଳଜଳରାଶି, ଆକାଶରେ ଜ୍ୟୋସ୍ନାର ପ୍ଳାବନ ଓ କ୍ଷୁଦ୍ର ନୌକାରେ କବି-ସମସ୍ତେ ହୋଇଯାଇଛନ୍ତି ଏକାକାର । କବିଙ୍କର ଦାର୍ଶନିକ ଅନୁଚିନ୍ତାରେ 'ମହାନଦୀରେ ଜ୍ୟୋସ୍ନା ବିହାର' ତେଣୁ ଏକ ଅନନ୍ୟ ସୃଷ୍ଟି।

-୪-

ମାନସିଂହଙ୍କ କବିତାର ଦିଗ ବିସ୍ତାରିତ । ସେଠି କେତେ କେତେ କବିତା - ନକ୍ଷତ୍ରଙ୍କ ରାସ । କେତେ ଜ୍ୟୋସ୍ନାର ରହସ୍ୟମୟ ପ୍ଳାବନ । ନିସର୍ଗ-ଭାବନା ତାଙ୍କ କବିତାରେ ଯେପରି ରସୋଚ୍ଛଳ ପ୍ରେମ-ଭାବନା ସେହିପରି ପ୍ରାଣବନ୍ତ । ପ୍ରେମ ହୋଇଛି କାବ୍ୟପୁରୁଷଙ୍କ ଅଶ୍ରୁରେ ଅଭିଷିକ୍ତ, ବେଦନାବୋଧରେ ସମୁଜ୍ଜ୍ୱଳ । ପ୍ରେମବୋଧରୁ କବି-ମାନସ ଗତି କରିଯାଇଛି ଉତ୍କଳୀୟ ସାଂସ୍କୃତିକ ଓ ଐତିହାସିକ

Digitized by srujanika@gmail.com

ମହିମା ଆବିଷ୍କାର କରିବାକୁ । ସେହି ଆବିଷ୍କାର ମଧ୍ୟ ଦେଇ ଅତୀତ ଜୀବନ୍ତ ହୋଇଉଠିଛି । ପ୍ରକାଶ ପାଇଛି କବିଙ୍କର ଜାତୀୟତାବୋଧ ଓ ରାଷ୍ଟ୍ରଭାବନା । ଦେଶପ୍ରୀତିମୂଳକ କବିତାମାନଙ୍କରେ ଫୁଟିଉଠିଛି ମଧ୍ୟ ଜାତିର ଦୁର୍ଗତିରେ ଗଭୀର ବେଦନାବୋଧ । ଦେଶପ୍ରୀତି ସହିତ ମାନବପ୍ରୀତି ତାଙ୍କ କବିତାକୁ ଆହୁରି କରିଛି ହୃଦୟସ୍ପର୍ଶୀ । ନିଃସ୍ୱ ନିଷ୍ପେଷିତ ମଣିଷ ପ୍ରତି ତାଙ୍କର ପ୍ରକାଶ ପାଇଛି ଗଭୀର ସହାନୁଭୂତି । ଏହି କାରଣରୁ ତାଙ୍କର ଅନ୍ତର ବିଦ୍ରୋହୀ ହୋଇଉଠିଛି ଈଶ୍ୱରଙ୍କ ପ୍ରତି । ପୁନଶ୍ଚ ତାଙ୍କ ଭିତରେ ପ୍ରକାଶ ପାଇଛି ଗଭୀର ଈଶ୍ୱରପ୍ରୀତି । ନିଷ୍ପେଷିତ ଓ ନିର୍ଯ୍ୟାତିତର କଲ୍ୟାଣ ମଧ୍ୟ ଦେଇ ଈଶ୍ୱରାନୁରକ୍ତି ହିଁ ତାଙ୍କ କବିତାର ହୋଇଛି ଶ୍ରେଷ୍ଠ ଅଭିବ୍ୟକ୍ତି । ସେ ପୁଣି ମହନୀୟ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ପ୍ରତି ଜଣାଇଛନ୍ତି କବିତା ମାଧ୍ୟମରେ ହୃଦୟର ଶ୍ରଦ୍ଧାଞ୍ଜଳି । ପ୍ରେମ-ମାନବିକତା-ଈଶ୍ୱରାନୁରକ୍ତି ମାନସିଂହଙ୍କ କବିତା-ଦିଗନ୍ତର ଭବ୍ୟ ଦର୍ଶନ । ପରିଣତ ଜୀବନ ବେଳକୁ କବିଙ୍କର ଆକାଂକ୍ଷା- 'ନିବିଡ଼ ଦୁଃଖାନଳେ ଜଳି ମୁଁ ମରେ ପଛେ/ତୁମରି ଲୀଳା ପରକାଶୁ ହେ/ ନିବିଡ଼ ନିରାଶାରେ ଅନ୍ତ ଭେଦି ପ୍ରଭୋ ଗଭୀର ବିଶ୍ୱାସ ଆସୁ ହେ ।' ଏପରି ଆତ୍ମାନୁଭବ ଓ ଆକାଂକ୍ଷା କବିଙ୍କୁ ବିଶ୍ୱ-କଲ୍ୟାଣ ଦିଗରେ ଆଗେଇ ନେଇଛି । ମୁକ୍ତି ନୁହେଁ; ମଣିଷ ଭିତରେ ଆତ୍ମବିସ୍ତାର ଓ ମଣିଷର ମଙ୍ଗଳ ହୋଇଛି କବିଙ୍କର ବାସନା ।

ମାନସିଂହଙ୍କ କବିତା-ମୁକୁରରେ ପ୍ରତିଫଳିତ ମାନବିକ ଓ ଦାର୍ଶନିକ ଅନୁଚିନ୍ତା ବାସ୍ତବିକ ଚିତ୍ତ-ଉଲ୍ଲାସକ ଓ ଗଭୀର ଭାବଦ୍ୟୋତକ । ପ୍ରେମରୁ କବି-ମାନସ ଗତି କରିଛି ସୌନ୍ଦର୍ଯ୍ୟକୁ, ପ୍ରକୃତିର ରମ୍ୟକୋଳକୁ । ପ୍ରେମରୁ ହିଁ ତାଙ୍କ ଭିତରେ ପ୍ରକାଶ ପାଇଛି ବାରମ୍ବାର ଧରାବତରଣର କାମନା । ତେଣୁ ତାଙ୍କ ପ୍ରେମବୋଧ କାମଗନ୍ଧହୀନ ଦିବ୍ୟଗନ୍ଧର ଉଦ୍‌ବୋଧକ । ଦେହକୁ ଆଶ୍ରୟ କରି ଯେଉଁ ରୂପାନ୍ୱେଷୀ ପ୍ରେମର ଉନ୍ମେଷ ଘଟିଥିଲା ତାହା କ୍ରମେ ଦେହାତୀତ ସ୍ତରକୁ ଗତି କରି ଚିରନ୍ତନ ଭାବଭୂତିରେ ଦୀପ୍ତମନ୍ତ ହୋଇଉଠିଛି । ପ୍ରେମ ହୋଇଛି ଜୀବନର ଏକ ଦିବ୍ୟ ସଂପଦ । ଏହା ମଣିଷକୁ ସକଳ କ୍ଷୁଦ୍ରତା ଓ ସଂକୀର୍ଣ୍ଣତାରୁ ମୁକ୍ତ କରି ମାନବିକ ମହାଭାବରେ ଉଦ୍‌ବୁଦ୍ଧ କରେ ବୋଲି କବିଙ୍କର ବିଶ୍ୱାସ । ପ୍ରେମରୁ କବି-ସତ୍ତା ପୁଣି ମାଟି ଓ ମଣିଷକୁ, ଜୀବନ ଓ ଜଗତକୁ ଭଲପାଇ ବସିଛି ।

Digitized by srujanika@gmail.com

ମାନବ-ବନ୍ଦନା ହୋଇଯାଇଛି କବିଙ୍କ ଜୀବନର ଲକ୍ଷ୍ୟ । ସୁବିଧାବାଦୀ, କ୍ଷମତାଦୃପ୍ତ ଓ ସ୍ୱେଚ୍ଛାଚାରୀମାନଙ୍କ ପ୍ରତି ତାଙ୍କର ପ୍ରକାଶ ପାଇଛି କଠୋର ସମାଲୋଚନା । ତାଙ୍କର ଜୀବନ-ଦର୍ଶନ ହେଉଛି ଅନ୍ୟାୟ ଓ ଅବିଚାରକୁ ମଥାପାତି ସହିନେବା ପାପ । ସ୍ୱାଭିମାନ ବଜାୟ ରଖି ତା'ର ପ୍ରତିବାଦ ଓ ପ୍ରତିରୋଧ କରିବା ହେଉଛି ପୁଣ୍ୟ । ମାନବ-ବନ୍ଦନା ଓ ଜାତୀୟତାବୋଧରୁ ତାଙ୍କ ଭିତରେ ପ୍ରକାଶ ପାଇଛି ଦେଶପ୍ରେମ ଓ ତାହା ହିଁ ରୂପାନ୍ତରିତ ହୋଇଯାଇଛି ବିଶ୍ୱପ୍ରେମରେ । ଏଥର କାବ୍ୟପୁରୁଷ ମନେକରିଛନ୍ତି ନରନାରାୟଣ ପୂଜା ହିଁ ଶ୍ରେଷ୍ଠ ପୂଜା । ଜନ୍ମାନ୍ତରବାଦ ଉପରେ ତାଙ୍କର ବିଶ୍ୱାସ ଦୃଢ଼ ହୋଇଉଠିଛି । ଅନ୍ଧବିଶ୍ୱାସ ନୁହେଁ ବିଶୁଦ୍ଧ ବିଶ୍ୱାସ ତାଙ୍କର କାମ୍ୟ । ଅମୃତମୟ ବିଭୁବୋଧରେ ତାଙ୍କର କବି-ସତ୍ତା ସମାହିତ । ମୃତ୍ୟୁ ନୁହେଁ; ଅମୃତର, ମିଥ୍ୟା ନୁହେଁ; ସତ୍ୟର ସେ ଉପାସକ । ମାନବ ମଙ୍ଗଳ ତାଙ୍କର ଲକ୍ଷ୍ୟ । ଆନନ୍ଦ ତାଙ୍କର ଧ୍ୟେୟ । ତେଣୁ ନିଷ୍କର୍ଷରେ ଏତିକି କୁହାଯାଇପାରେ ଯେ ମାନସିଂହ-କାବ୍ୟ-ମୁକୁର ହିଁ ମାନବ-ଜୀବନ-ମୁକୁର । ଏହି ମୁକୁରରେ ପ୍ରତିଫଳିତ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ, ସତ୍ୟ ଶିବ ଓ ସୁନ୍ଦର । ତାଙ୍କ କବିତାରେ ତତ୍ତ୍ୱ ଅଛି, ଦର୍ଶନ ଅଛି ମାତ୍ର ସର୍ବୋପରି ତାଙ୍କ କବିତା ହେଉଛି ମାନବ-ହୃଦୟର କବିତା-ଏହା କହିଲେ ସତ୍ୟର ଅପଳାପ ହେବନାହିଁ ।

Digitized by srujanika@gmail.com

# କବି ମାନସିଂହଙ୍କର କାବ୍ୟ କବିତାରେ ପ୍ରଣୟର ସ୍ୱାୟତ୍ତ ସଂପ୍ରତିଷ୍ଠା ଓ ତାହାର ବାଧ୍ୟତା

ଶ୍ରୀ ହୃଦାନନ୍ଦ ରାୟ

ଓଡ଼ିଆ ସାହିତ୍ୟରେ କାବ୍ୟଯୁଗର ଅବସାନ ବେଳକୁ କବି ମାୟାଧର ମାନସିଂହଙ୍କ କାବ୍ୟକୃତି ବିକାଶ ଲାଭ କରିଛି । ଅତୀତର ପରମ୍ପରା ପ୍ରତି ଆତ୍ମିକ ଅନୁରାଗ ପୋଷଣ କରି କାବ୍ୟସରଣୀ ମାଧ୍ୟମରେ କବି ନିଜର ହୃଦୟର ବାର୍ତ୍ତାକୁ ରୂପ ଦେଇଛନ୍ତି । ଓଡ଼ିଆ ସାହିତ୍ୟର କାବ୍ୟଯୁଗ ପରେ ଉପନ୍ୟାସ ଯୁଗର ଅଭ୍ୟୁଦୟ ଘଟିଛି । ଯାହା କାବ୍ୟରେ ପ୍ରକାଶିତ ହୋଇ ପାରିଥାନ୍ତା, ତାହାର ଗଦ୍ୟମୟ ରୂପ ଉପନ୍ୟାସ ରୂପ ଧାରଣ କଲା । ଭାବ ରାଜ୍ୟରେ କାବ୍ୟ ଓ ଉପନ୍ୟାସ ଏକ ହେଲେ ହେଁ ପ୍ରକାଶ ଦୃଷ୍ଟିରୁ କାବ୍ୟ ହେଉଛି ପଦ୍ୟମୟ ଓ ଉପନ୍ୟାସ ହେଉଛି ଗଦ୍ୟମୟ । ଉପନ୍ୟାସରେ ଯେଉଁ ଭାବ ପ୍ରକାଶିତ ହେଲା, ଅବାଧ ଭାବରେ ତାହା କାବ୍ୟରେ ପ୍ରକାଶିତ ହୋଇପାରିଥାନ୍ତା, କିନ୍ତୁ ଯୁଗରୁଚି ଅନୁସାରେ ଉପନ୍ୟାସ ସରଣୀର ଆଦର ବୃଦ୍ଧିପାଇଲା । କିନ୍ତୁ ଲକ୍ଷ୍ୟ କରିବାର କଥା ଯେ ଉପନ୍ୟାସରେ ଅନୁସୃତ ଗଦ୍ୟସରଣୀ, ପ୍ରବନ୍ଧରେ ଅନୁସୃତ ଗଦ୍ୟସରଣୀରୁ ଭିନ୍ନ ହୋଇଗଲା । ଉପନ୍ୟାସ ଗଦ୍ୟସରଣୀରେ କାବ୍ୟରୂପ ମିଶି ରହିଲା । ଉପନ୍ୟାସ ସରଣୀକୁ ମୋଟାମୋଟି କାବ୍ୟିକ ଗଦ୍ୟରୂପ ବୋଲି କୁହାଯାଇପାରେ । ଯାହାକୁ ଉପନ୍ୟାସ ଭାବରେ ଉପସ୍ଥାପିତ କରାଯାଇ ପାରିଥାନ୍ତା, କବି ମାନସିଂହ ତାହାକୁ ସ୍ୱଚ୍ଛନ୍ଦ ଭାବନାରେ କାବ୍ୟରୂପ ଦେଇ ଅଛନ୍ତି । ଅତୀତର କାବ୍ୟ ପରମ୍ପରା ପ୍ରତି ତାଙ୍କର ଅତୁଟ ଅନୁରାଗ ହିଁ ଏହାର କାରଣ ହୋଇପାରେ । ତା'ଛଡା ଡ଼ଃ. ମାନସିଂହ ନିଜ ଧାତୁରେ ଥିଲେ କବି । କବିତା ପ୍ରତି ତାଙ୍କର ନିଜସ୍ୱ ପ୍ରତିଭା ବିଶେଷ ଅନୁକୂଳ ଥିଲା । ଡ଼ଃ. ମାନସିଂହ କବିତା, ନାଟକ, ପ୍ରବନ୍ଧ, ସମାଲୋଚନା ଆଦି ରଚନା କରିବାରେ ପ୍ରଚୁର ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି । ଏହି ବ୍ୟାପକ ସାରସ୍ୱତ ସାଧନା କ୍ଷେତ୍ରରେ କବିତା ଓ କାବ୍ୟ ବିଶେଷ ସ୍ଥାନ ଅଧିକାର କରିଛି । ଡ଼ଃ ମାନସିଂହ ମୁଖ୍ୟତଃ ଜଣେ କବି ଏବଂ ତାଙ୍କର ବ୍ୟକ୍ତିତ୍ୱକୁ କବିତାମୟ ବ୍ୟକ୍ତିତ୍ୱ

Digitized by srujanika@gmail.com

ବୋଲି କୁହାଯାଇପାରେ । ତାଙ୍କର ବ୍ୟକ୍ତିତ୍ୱ ଥିଲା ଲଳିତ ଓ ଆକର୍ଷଣୀୟ ଭାବରେ ରୋମାଣ୍ଟିକ୍ । 'ରୋମାଣ୍ଟିକ୍' ଶବ୍ଦର ବ୍ୟାପକ ବ୍ୟାଖ୍ୟା ସବୁ ସ୍ତରରେ ତାଙ୍କ କବିତ୍ୱମୟ ବ୍ୟକ୍ତିତ୍ୱ ଅଙ୍ଗୀଭୂତ ହୋଇରହିଥିଲା । ତାଙ୍କ ସହିତ ମିଶିବାର ସୌଭାଗ୍ୟ ମୁଁ ଲାଭ କରିଛି । ଉଚ୍ଚ ପଦାଧିକାରୀ ହେଲେହେଁ ତାଙ୍କ ନମ୍ର ଆଚରଣ ଓ ଚାରିତ୍ରିକ ପ୍ରକାଶ ତାଙ୍କୁ ଆଦରଣୀୟ କରିନେଇଥାଏ । ଏହା ଅତ୍ୟନ୍ତ ସ୍ପଷ୍ଟ ଯେ ଡ଼ଃ. ମାନସଂିଙ୍କ କାବ୍ୟ-କବିତା କୃତିରୁ ତାଙ୍କ କାବ୍ୟିକ ବ୍ୟକ୍ତିତ୍ୱକୁ ପୃଥକ୍ କରାଯିବା ସମ୍ଭବ ହେବ ନାହିଁ । ସେ କବିତାରେ ବଞ୍ଚିଥିଲେ ଓ କବିତା ଲେଖୁଥିଲେ । ତାଙ୍କର ରଚନା ଦୃଷ୍ଟାରେ କବି ଓ କବିତା ବହୁମାତ୍ରାରେ ଏକୀଭୂତ ହୋଇଯାଇଛନ୍ତି । ଜୀବନକୁ କବିତାରେ ଫୁଟାଇ ପାଠକଙ୍କ ଠାରେ ଜୀବନ ସଞ୍ଚାର କରାଇବାଥିଲା ତାଙ୍କର କବି-ଧର୍ମ । ଡ଼ଃ. ମାନସିଂହଙ୍କ କାବ୍ୟ-କବିତା ପାଠକମାନେ ଏହି ଦୃଷ୍ଟିରୁ ତାଙ୍କ ଦ୍ୱାରା ଅନୁଗୃହିତ ହୋଇଛନ୍ତି । ନୂତନ ଜୀବନ୍ୟାସ ପାଇଛନ୍ତି ।

କେବଳ ପ୍ରଣୟ ନୁହେଁ, ବ୍ୟାପ୍କ ଅର୍ଥରେ ରୋମାଣ୍ଟିକ୍ ଚେତନା ଡ଼ଃ. ମାନସିଂହଙ୍କ ମାନସିକତାକୁ ଆଚ୍ଛନ୍ନ କରି ରଖିଛି । ଇଂରାଜୀ ସାହିତ୍ୟରେ କୃତବିଦ୍ୟ ଡ଼ଃ. ମାନସିଂହ ଇଂରାଜୀ ସାହିତ୍ୟ ଇତିହାସର ରୋମାଣ୍ଟିକ୍ ଯୁଗ ସହିତ ଘନିଷ୍ଠ ସମ୍ବନ୍ଧରେ ବାନ୍ଧି ହୋଇଯାଇଛନ୍ତି । ସେହି ଯୁଗର ବାର୍ତ୍ତାକୁ ଜୀବନରେ ଓ କାବ୍ୟ କବିତାରେ ବହନ କରି ତାଙ୍କ ପ୍ରତିଭା ତରୁ ପଲ୍ଲବିତ ହୋଇଛି । ଡ଼ଃ. ମାନସିଂହଙ୍କ ପ୍ରିୟ ଆଦର୍ଶ ପୁରୁଷ ଉତ୍କଳମଣି ଗୋପବନ୍ଧୁ ଯେ ଏହି ଧାରାର ବ୍ୟକ୍ତିତ୍ୱ ଓ କବି ତାହା ସହଜରେ ବାରି ହୋଇଯାଏ । ଗୋପବନ୍ଧୁଙ୍କ ଗୋଟିଏ ପଦ ମୁଁ ଉଲ୍ଲେଖ କରୁଛି-

"ଅବନ୍ଧୁ ମେଦିନୀ ଅସୂର୍ଯ୍ୟ ମହୀ
ଦେହଧରି କେହୁ ପାରିବ ସହି !"

ଏହି ଗୋଟିକ ପଦରେ ବ୍ୟାପକ ରୋମାଣ୍ଟିସିଜମ୍‌ର ଅପୂର୍ବ ଅଭିବ୍ୟକ୍ତି ଫୁଟିଉଠିଛି । ଉତ୍କଳୀୟ ବୈଷ୍ଣବ ସାହିତ୍ୟରେ ସେ କାଳର ଯୁଗାନୁସାରୀ ଢ଼ଙ୍ଗରେ ଏହି 'ଉତ୍କଣ୍ଠା, ଆନନ୍ଦ ଓ ଗଦ୍ଗଦ ଭାବ" ପ୍ରକଟିତ ହୋଇଛି-

"ନ ଗଲେ ନ ରହେ ଜୀବନ
କାଳ ହୋଇଲା ବଂଶୀସ୍ୱନ"

Digitized by srujanika@gmail.com

ସବୁମନ୍ତେ ଦୂର ଅରଣ୍ୟାନିର ଉଚ୍ଚାଟିତ ଆହ୍ୱାନ ବହନ କରୁଛି ଏହି 'ବଂଶୀସ୍ୱନ' ବୈଷ୍ଣବ ସାହିତ୍ୟର ଏହି ବଂଶୀସ୍ୱନର ଗାଢ଼ ଆବେଦନ ଗୋପବନ୍ଧୁ ଓ ଡ଼ଃ. ମାନସିଂହଙ୍କ ଅନ୍ତରାତ୍ମାକୁ ସମ୍ମୋହିତ କରୁଥିଲା । ବ୍ୟାପକ ଅର୍ଥବନ୍ତ ରୋମାଣ୍ଟିସିଜମ୍ ଉଭୟଙ୍କ କାବ୍ୟ କବିତାର ଉପଜୀବ୍ୟ ବିଷୟ । ବ୍ୟାପକ ରେମାଣ୍ଟିସିଜମ୍‌ର ରମଣୀୟ ଉଦ୍ୟାନରେ ପ୍ରଣୟକୁ ପଦ୍ମଗନ୍ଧ ସୁରଭି ସରୋବର ବୋଲି ଆଖ୍ୟାତ କରାଯାଇପାରିବ। ଡ଼ଃ. ମାନସିଂହଙ୍କ କବି ପ୍ରତିଭା କେବଳ ପ୍ରଣୟକୁ ଆଶ୍ରୟ କରିଛି ବୋଲି କହିବା ସମୀଚୀନ ହେବ ନାହିଁ । ପ୍ରଣୟ ଠାରୁ ଅଧିକ ସଂପ୍ରାରିତ ସଂପ୍ରୀତି ହିଁ ବ୍ୟାପକ ରୋମାଣ୍ଟିସିଜମ୍‌ର ନିକଟତମ ପ୍ରତ୍ୟୟ ହୋଇପାରେ । ବୈଷ୍ଣବ ସାହିତ୍ୟରୁ ଆଉ ଗୋଟିଏ ପଦ ଉଦ୍ଧାର କରୁଛି-

ଏ ଜୀବନ ଛାର ଲୋଡ଼ା କି ସଜନୀ
ଏ ଜୀବନ ଛାର ଲୋଡ଼ା
ପ୍ରିୟଜନ ପ୍ରୀତି ପୀୟୁଷ ପ୍ରବାହ
ହୋଇଲା ଯେବେ ଖଦଡ଼ା ।

କେବଳ ଶାରିରୀକ ଦୂରତା ନୁହେଁ, ସାମାଜିକ ତଥା ଆଧ୍ୟାତ୍ମିକ ଦୂରତା ସୂଚାଉଥିବା ଦୂର ବୃନ୍ଦାବନର ଅବାରିତ ବଂଶୀସ୍ୱନ ଗୋପବନ୍ଧୁ ଓ ଡ଼ଃ. ମାନସିଂହଙ୍କୁ ଜୀବନର ସବୁକ୍ଷେତ୍ରରେ ଶୁଭୁଥିଲା । ଏତକ ବିଚାରକୁ ନ ନେଲେ ଡ଼ଃ. ମାନସିଂହଙ୍କ ସାରସ୍ୱତ ପ୍ରତିଭାର ସଙ୍କୁଚିତ ବ୍ୟାଖ୍ୟା ହୋଇଯିବ ।

ପ୍ରାଚୀନ ଓଡ଼ିଆ ସାହିତ୍ୟର ଏକ ବଳିଷ୍ଠ ସ୍ରୋତ ଯେ ଡ଼ଃ. ମାନସିଂହଙ୍କ କବି ପ୍ରତିଭା ମାଧ୍ୟମରେ ଆତ୍ମପ୍ରକାଶ କରୁଥିଲା ଏହା ନିଃସନ୍ଦେହ । ଇଂରାଜୀ ସାହିତ୍ୟ ରସାଣରେ ରସାଣିତ ହୋଇଥିଲେ ହେଁ ସେହି ଧାରା ନିଜସ୍ୱ ପ୍ରକୃତି ତ୍ୟାଗ କରି ନଥିଲା, ବରଂ ଉଜ୍ଜ୍ୱଳତର ହୋଇଥିଲା । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ବିଦଗ୍ଧ ଚିନ୍ତାମଣିକାର ଅଭିମନ୍ୟୁ ସାମନ୍ତସିଂହାର କବି ଗୋପାଳ କୃଷ୍ଣ, ବନମାଳୀଙ୍କ ଉପଯୁକ୍ତ ଦାୟାଦ ହୋଇ କବି ମାନସିଂହ ଆମର ଆଦରଣୀୟ ହୋଇଛନ୍ତି । ବଂଶୀସ୍ୱନରେ ନିହିତ ନିବିଡ଼ ଆତ୍ମୀୟତା ସହିତ ଅଲଂଘନୀୟ ଦୂରତା ଯେଉଁ ଉଦ୍‌ବେଳିତ ଉଚ୍ଚାଟ

Digitized by srujanika@gmail.com

ସୃଷ୍ଟି କରିଛି ତାହାକୁ ନିପୁଣ କଳାକାର ଭାବରେ ରୂପ ଦେଇଛନ୍ତି ଡ଼ଃ. ମାନସିଂହ। ଜୀବନକୁ ସମୁଦାୟ ଭାବରେ ଦେଖିବା ଲାଗି ତାଙ୍କ ସାହିତ୍ୟରେ ବଳିଷ୍ଠ ଆବେଦନ ରହିଛି । ଜୀବନର ସୁଖଦୁଃଖ, ଆକର୍ଷଣ ଓ ବିକର୍ଷଣ ଚିତ୍ରରେ ତାଙ୍କ ସାହିତ୍ୟ-ସୃଷ୍ଟି ତିଳତଣ୍ଡୁଳିତ । କବିଙ୍କ ଜୀବନ ମଧ୍ୟ ଏହି ବାସ୍ତବତାର ଏକ ନିର୍ମଳ ପ୍ରତିରୂପ । କାହିଁ ପ୍ରକୃତିର ବିବିକ୍ତ ନିକୁଞ୍ଜ ପାରିକୁଦର ଅକାତ ପଲ୍ଲୀପାଳକ ଏବଂ କାହିଁ ଡ଼ରହାମ୍ ବିଶ୍ୱବିଦ୍ୟାଳୟରୁ ଡ଼କ୍ଟରେଟ୍ ଲାଭ କରିଥିବା ସେ ଦିନର ବିଦ୍ୱାନ ସୁପୁରୁଷ।

ଓଡ଼ିଆ ସାହିତ୍ୟରେ ସୁସମୃଦ୍ଧ କାବ୍ୟ ପରମ୍ପରା ସହିତ ଅଚ୍ଛିନ୍ନ ସମ୍ପର୍କ ରଖି ଡ଼ଃ. ମାନସିଂହ ତାଙ୍କ କାବ୍ୟ ସୌଧ ନିର୍ମାଣ କରିଛନ୍ତି ଇଂରାଜୀ ଓ ପଡୋଶୀ ସାହିତ୍ୟରୁ ଉପାଦାନ ସଂଗ୍ରହ କରି ସେହି କାବ୍ୟ ସୌଧର ଅଙ୍ଗ ଶ୍ରୀବର୍ଦ୍ଧନ କରିଛନ୍ତି। ଅଥଚ ତହିଁରେ ମୌଳିକତା ତିଳେ ହେଲେ ଊଣା ହୋଇନାହିଁ । ନିଜସ୍ୱ ମୌଳିକତାରେ ଡ଼ଃ. ମାନସିଂହଙ୍କ କାବ୍ୟ-କବିତା ସମ୍ଭାର ସଂପ୍ରତିଷ୍ଠିତ ହୋଇଛି । ତାଙ୍କ ସମସାମୟିକ କବିମାନେ ଇଂରାଜୀ ଓ ପଡ଼ୋଶୀ ପ୍ରକଭାବରେ ଭାସିଯାଇ କୂଳକିନାରା ପାଇନାହାନ୍ତି । ଏପରିକି ସେମାନଙ୍କ କୃତିରେ ଉଭଟ ଭାବଧାରା ଉଭଟରୀତିରେ ଆତ୍ମପ୍ରକାଶ କରିଛି । ଅବଶ୍ୟ ସେହି କୁପ୍ରଭାବ ଦୀର୍ଘକାଳ ସ୍ଥାୟୀ ହେଲା ନାହିଁ । ଓଡ଼ିଆ କାବ୍ୟ-କବିତା ପରମ୍ପରାର ପୁନରୁତ୍‌ଥାନ, ପୁନଃନିର୍ମାଣ ସମ୍ଭବ ହେଲା । ଅନେକ ସୁକବିଙ୍କ ସହିତ ଡ଼ଃ. ମାନସିଂହ ଓଡ଼ିଆ ପରମ୍ପରା ସହିତ ସାମିଲ ହୋଇରହିଲା ଆଧୁନିକ କବିତା ଦୁର୍ବୋଧ, କ୍ଲିଷ୍ଟ, କ୍ଲିଷ୍ଟ-କଳ୍ପନା ଦ୍ୱାରା ଆକ୍ରାନ୍ତ ତଥା ବୈଦେଶିକ ଚିତ୍ର କଳ୍ପମାନଙ୍କ ଦ୍ୱାରା ରୁଗ୍‌ଣ ବୋଲି କହିବାକୁ କେହି ସାହସ କଲେ ନାହିଁ । କାବ୍ୟମାନଙ୍କ ବିଷୟବସ୍ତୁ ନିର୍ବାଚନରେ ଡ଼ଃ. ମାନସିଂହ ପରମ୍ପରା ସମ୍ମତି ଅନୁକୂଳ ସରଣୀକୁ ବାଛି ନେଇ ବିଜ୍ଞତାର ପରିଚୟ ଦେଇଛନ୍ତି। ଯେଉଁମାନେ ପ୍ରତିକୂଳ ସରଣୀରେ ଗଲେ, ସେମାନେ ଲୋକ ଚେତନା କ୍ରମଶଃ ନିଶ୍ଚିହ୍ନ ହୋଇ ଆସିଲେଣି ।

ପରମ୍ପରାକୁ ଆଦରିଥିବା ଡ଼ଃ. ମାନସିଂହଙ୍କ ପ୍ରତିଭା ସ୍ଥିରତର ଓ ଧ୍ରୁବତର ହୋଇଛି । ଛନ୍ଦୋବଦ୍ଧ କବିତା ରଚନା କରି ପରମ୍ପରା ପ୍ରିୟ ଡ଼ଃ. ମାନସିଂହ ଓଡ଼ିଆ ଲୋକମାନଙ୍କ ନିକଟତର ହୋଇପାରିଛନ୍ତି ଓ ତାଙ୍କର ପ୍ରଣୟୋତ୍କୀର୍ଣ୍ଣ କାବ୍ୟ କବିତା

Digitized by srujanika@gmail.com

ସେମାନଙ୍କ ହୃଦୟକୁ ସ୍ପର୍ଶ କରିଛି ନିଜ କାବ୍ୟ କବିତାକୁ ଛନ୍ଦୋବଦ୍ଧ କଲା ବେଳେ ପରମ୍ପରା ସମ୍ମତି ଛନ୍ଦମାନଙ୍କୁ ସେ ବ୍ୟବହାର କରିଛନ୍ତି । ରାଗ ଚୋଖି, ଶଙ୍କରାଭାରଣ, ବଙ୍ଗଳାଶ୍ରୀ ଆଦି ଲୋକପ୍ରିୟ ରାଗରାଗିଣୀକୁ ନିଜ ସାହିତ୍ୟ ସୃଷ୍ଟିରେ ସ୍ଥାନିତ କରିଛନ୍ତି ଏବଂ କବିବର ରାଧାନାଥଙ୍କ ସମୟରୁ ପ୍ରବର୍ତ୍ତିତ ଅମିତ୍ରାକ୍ଷର ଛନ୍ଦକୁ ଦକ୍ଷତାର ସହିତ ନିଜ ଭାବର ବାହନ ରୂପେ ଗ୍ରହଣ କରିଛନ୍ତି । କବିବର ରାଧାନାଥଙ୍କ 'ମହାଯାତ୍ରା' କାବ୍ୟ ଅମିତ୍ରାକ୍ଷର ଛନ୍ଦର ଏକ ଅବିସ୍ମରଣୀୟ ସାରସ୍ୱତ ସୃଷ୍ଟି । ଅମିତ୍ରାକ୍ଷର ଛନ୍ଦକୁ ମର୍ଯ୍ୟାଦା ଦେଇ ଡ଼ଃ. ମାନସିଂହ ରାଧାନାଥ ଯୁଗ ଠାରୁ ପ୍ରବାହିତ ପରମ୍ପରାକୁ ମାନ୍ୟତା ଦେଇଛନ୍ତି । ତା' ବ୍ୟତୀତ ନିଜସ୍ୱ ଢ଼ଙ୍ଗରେ ସେ ଆଉ କେତେକ ନୂତନ ଛନ୍ଦକୁ ମଧ୍ୟ ସ୍ଥାନ ଦେଇଛନ୍ତି । ଏହି ତ୍ରିବିଧ ଶୈଳୀରେ ତାଙ୍କ କାବ୍ୟ-କବିତା ସମୃଦ୍ଧ ହୋଇଛି । ଶବ୍ଦ ପ୍ରୟୋଗରେ ହେଉ ଅଥବା ଛନ୍ଦ ପ୍ରୟୋଗରେ ହେଉ ସେ ସାବଲୀଳତାକୁ ପ୍ରଥମ ପ୍ରାଧାନ୍ୟ ଦେଇଛନ୍ତି । ଏହା ମଧ୍ୟ ତାଙ୍କ ବ୍ୟକ୍ତିତ୍ୱର ଅନୁରୂପ ହୋଇଛି । ଯେକୌଣସି କାରଣରୁ ହେଉ, ଯେଉଁ କବି କଳାକାର ମାନେ ଏହି ସାବଲୀଳତାକୁ ହେଳାରେ ହରାଇ ବସନ୍ତି, ସେ କ୍ଷତି ପାଇଁ ତାଙ୍କୁ ବହୁମୂଲ୍ୟ କ୍ଷତି ପୂରଣ ଦେବାକୁ ପଡିଥାଏ । କବିତାର ସ୍ୱଚ୍ଛନ୍ଦ ପ୍ରବାହ ସାବଲୀଳତାକୁ ଧାରଣ କରି ଡ଼ଃ. ମାନସିଂହଙ୍କ ସାରସ୍ୱତ ସୃଷ୍ଟି ଧନ୍ୟ କରିଛି ।

ଡ଼ଃ. ମାନସିଂହଙ୍କ ସଫଳ କୃତି 'ଧୂପ' ପ୍ରଥମେ ପ୍ରକାଶିତ ହେଲା ମାତ୍ରକେ ସେ କାଳର ଯୁବଜନମାନସକୁ ଦୋହଲାଇ ଦେଲା । ପ୍ରଣୟର ଉତ୍କଣ୍ଠିତ ଉଦ୍ଘାଟନ ଧୂପ ଠାରୁ ଆଉ ଅଧିକ କେଉଁ ସମସାମୟିକ କୃତିରେ ପ୍ରକଟିତ ହୋଇପାରିନଥିଲା । ଅନେକ ରସଗ୍ରାହୀ ତରୁଣ ତରୁଣୀ ଧୂପର ପଂକ୍ତିମାନଙ୍କୁ କଣ୍ଠହାର କରି ନେଇଥିଲେ । ଏବେ ଅର୍ଦ୍ଧଶତାବ୍ଦୀ ପରେ ମଧ୍ୟ 'ହାୟରେ ତରୁଣ କବିର ଆଶା' ଓ 'ସେହି ସହକାର ତଳେ' କବିତା ଦ୍ୱୟ ସମାନ ତାରୁଣ୍ୟରେ ବଞ୍ଚି ରହିଛନ୍ତି । ଧୂପର ମୁଖବନ୍ଧରେ ଡ଼ଃ. ମାନସିଂହ ସ୍ପଷ୍ଟ କରିଦେଇଛନ୍ତି, "ସାହିତ୍ୟର ପ୍ରଥା ହେଉଛି ଅନୁଭୂତିରେ ରସ ସଞ୍ଚାର କରି ଜଡ଼କୁ ପ୍ରାଣବାନ୍ କରିବାରେ ।" ନିଷ୍ପ୍ରଭ ଜୀବନକୁ ଶାଣିତ ଜ୍ୟୋତିରେ ରସାଣିତ କରିବା, ଡ଼ଃ. ମାନସିଂହଙ୍କ ମତରେ, ସାହିତ୍ୟର ପ୍ରଥମ କର୍ମ । ଜଡ଼ରେ ପ୍ରାଣ ସଞ୍ଚାର କରିବା, ପ୍ରାଣରେ ରସୋଲ୍ଲାସ ସୃଷ୍ଟ କରିବା ହେଉଛି ସାହିତ୍ୟର ଧର୍ମ ।

Digitized by srujanika@gmail.com

ସାମାନ୍ୟ ଫୁଲ ଡାଫୋଡିଲକୁ ଇଂରାଜୀ କବି ୱାର୍ଡ଼ସ୍ ୱାର୍ଥ ଯେଉଁ ପ୍ରାଣବନ୍ତ ଜୀବନ୍ୟାସ ଦେଇଛନ୍ତି ତାହା ଅମର ହୋଇଯାଇଛି ।

ୱାର୍ଡ଼ସ୍ ୱାର୍ଥଙ୍କ ସମୟର ଡାଫୋଡିଲ ମଉଳି ଯାଇଛି, କିନ୍ତୁ କବି ସୃଷ୍ଟିରେ ଫୁଟିଉଠିଥିବା ଡାଫୋଡିଲ କେବଳ ଇଂଲଣ୍ଡରେ ନୁହେଁ, ସର୍ବ ଦେଶରେ, ସର୍ବକାଳରେ ଅମଳିନ କାନ୍ତିର ଅଧିକାରୀ ହୋଇରହିଛି । ଆମର ଅନୁଭୂତି ଯେତେ ତୀବ୍ର ହେଉ ପଛକେ ତାହା ମଉଳି ଯିବ ହିଁ ଯିବ, କିନ୍ତୁ କବି ଦୃଷ୍ଟିରେ ସେ ଅନୁଭବ ଉଦ୍‌ଭାସିତ ହେଲେ ଚିର ଅମଳିନ ହୋଇ ରହିଯାଏ । କବିବର ରାଧାନାଥ ସେହି କଥାକୁ ଦୃଷ୍ଟିରେ ରଖି ଲେଖିଛନ୍ତି-

"ଦେବୀ ବୀଣାପାଣି କେଉଁ ପାପ ଫଳେ
କରୁଣା ତୋହର ଊଣା ଏ ଉତ୍କଳେ ।"

ଥରେ ବାକ୍‌ଦେବୀଙ୍କ ଅନୁଗ୍ରହରୁ କବି ଦୃଷ୍ଟିରେ କୌଣସି ପଦାର୍ଥ ପ୍ରବେଶ କଲେ ତାହା ଅମଳିନ ଦ୍ୟୁତି ଧାରଣ କରିଥାଏ । ଯେକୌଣସି ବ୍ୟକ୍ତିଗତ ଅନୁଭୂତି ଯେତେ ତୀବ୍ର ଓ ସାନ୍ଦ୍ର ହେଉ ପଛକେ ତାହା ନିଶ୍ଚିତ ରୂପେ କ୍ଷଣସ୍ଥାୟୀ । ଉଲ୍‌କା ପରି ଯେତେ ଉଜ୍ୱଳ ହେଉ, ଅଥବା ଘନନିର୍ଘୋଷ ପରି ଯେତ୍ର ମନ୍ଦ୍ର ହେଉ ସବୁ ଅନୁଭୂତି କ୍ଷଣିକ, ଏପରିକି ମହାସମରର ଅନୁଭୂତି ମଧ ସ୍ୱଳ୍ପକ୍ଷଣ ସ୍ଥାୟୀ । କିନ୍ତୁ ଥରେ ଯଦି କବି-ଦୃଷ୍ଟି ତାହାକୁ ଧାରଣ କରିନେଲା, ତାହା ହୃଦୟେ ହୃଦୟେ ଯୁଗ ପରେ ଯୁଗ ଧ୍ୱନିତ ହୋଇଥାଏ । କ୍ଷଣିକତାରୁ ମୁକ୍ତ କରି ସାର୍ବଜନୀନତାରେ ଜୀବନ୍ୟାସ ଦେବା ହେଉଛି କବିଙ୍କର କର୍ତ୍ତବ୍ୟ । ଗଦ୍ୟରେ ହେଉ କିମ୍ବା ପଦ୍ୟରେ ହେଉ, ଅଥବା ନାଟ୍ୟରୂପରେ ହେଉ କଳାକାର ଦୃଷ୍ଟିରେ ହିଁ କ୍ଷଣିକ ଅନୁଭବ ଶାଶ୍ୱତଭାବ ଲାଭ କରି ଚିରଞ୍ଜୀବୀ ହୋଇଯାଏ ।

କ୍ଷୁଦ୍ର ସିପ୍ରାସ୍ରୋତ ବିଖ୍ୟାତ ଜଗତେ
ମହାନଦୀ ନାମ ରହିଲା ଗୁପତେ ।

ଏବେ ପଚରାଯାଇପାରେ କାହିଁକି ? କାହିଁକି ମହାନଦୀର ମହାନ ଜ୍ୟୋତି ସୀମୀତ ବନ୍ଧନରୁ ମୁକ୍ତ ହୋଇପାରିଲା ନାହିଁ ? ଆମେ ସାହସର ସହିତ କହି ପାରିବା ଯେ ଆମ ଦେଶର କବିକୂଳଙ୍କ କବି-ଦୃଷ୍ଟି ମହାନଦୀ, ଅଂଶୁପା, ମେଘାସନ, ଦେଓମାଳି

Digitized by srujanika@gmail.com

ଏପରିକି ମହେନ୍ଦ୍ରଗିରି ଓ ମହେନ୍ଦ୍ରତନୟା ଉପରେ ପଡ଼ିଲା ନାହିଁ । ଅଜ୍ଞାତ ଆବରଣ ତଳେ ଲୁଚିଗଲେ ଆମ ପ୍ରପାତମାନେ । ଡ଼ଃ. ମାନସିଂହ କେତେକ ବ୍ୟକ୍ତି ଅନୁଭବନିଷ୍ଠ ଜ୍ୱାଳା, ଯନ୍ତ୍ରଣା, ଆବେଗ, ପ୍ରବେଗକୁ କବିଦୃଷ୍ଟି ସ୍ପର୍ଶ ଦେଇ ଚିରଞ୍ଜିବୀ କରିଦେଇଯାଇଛନ୍ତି । ସେ ସବୁ ଆଉ ବ୍ୟକ୍ତିନିଷ୍ଠ ପରିସରରେ ନିବଦ୍ଧ ହୋଇନାହିଁ। ସର୍ବଦେଶ ଓ ସର୍ବକାଳରେ ମାନବୀୟ ଅନୁଭୂତିରେ ତାହା ପ୍ରାସଙ୍ଗିକତା ଅର୍ଜନ କରିଛି ।

ଡ଼ଃ. ମାନସିଂହଙ୍କ ବର୍ଣ୍ଣିତ 'ଏହି ସହକାର' ଆଉ ସେହି ସହକାର ହୋଇନାହିଁ। ସେ ସହକାର ଆଉ ଅଛି କି ନାହିଁ କିଏ ଜାଣେ ? ସେ ସହକାର ଆଦୌ ଥିଲା କି ନଥିଲା ତାହା ମଧ୍ୟ ସଂଶୟ ଉପଜାତ କରେ । କିନ୍ତୁ 'ଏହି ସହକାର' ସର୍ବଦେଶ ଓ ସର୍ବକାଳକୁ ସଂପ୍ରସାରିତ ହୋଇଯାଇଛି ମୁଗ୍ଧ ପ୍ରତ୍ୟୟ ମାଧ୍ୟମରେ । ତାହା କାଳୋତ୍ତୀର୍ଣ୍ଣ ହୋଇଯାଇଛି । ସାହିତ୍ୟର ଏହି କାଳୋତ୍ତୀର୍ଣ୍ଣକରଣ ଶକ୍ତିକୁ କାବ୍ୟ ସମାଲୋଚକ ଭାବରେ ଡ଼ଃ. ମାନସିଂହ ସ୍ୱୀକୃତି ଦେଇଛନ୍ତି । ଚମକପ୍ରଦ କୁରୁକ୍ଷେତ୍ର ମହାରଣ, ଚମକପ୍ରଦ ହୋଇ ରହିଯାଇଛି ମହାକବି ବ୍ୟାସଦେବଙ୍କ ଦେଇଥିବା ଜୀବନ୍ୟାସରେ । ବୈଦେହୀ ଓ ବୈଦେହୀନାଥ ଆମ ହୃଦୟରେ ଅଙ୍କିତ ହୋଇଯାଇଛନ୍ତି ମହର୍ଷି ବାଲ୍ମୀକିଙ୍କ ସୁନିପୁଣ ଲେଖନୀଧାରରେ। କହି ବସିଲେ ଅନେକ ଦୃଷ୍ଟାନ୍ତ ଦେଇହେବ । ଡ଼ଃ. ମାନସିଂହ ଯେଉଁ ଅନୁଭୂତିଟିକୁ ଚିରଜାଗ୍ରତ ଓ ଚିରଜୀବନ୍ତ କରି ରଖିବାକୁ କାବ୍ୟିକ ପ୍ରୟାସ କରିଛନ୍ତି ତାହା ହେଉଛି ପ୍ରାଣ ଓ ପ୍ରଣୟ; ପ୍ରାଣୋଚ୍ଛଳ ପ୍ରଣୟ । ପ୍ରାଣ ଭିତ୍ତିକ ଏହି ପ୍ରଣୟର ସୂତ୍ର ନିର୍ଣ୍ଣୟ କରିବାକୁ ଯାଇ ସମର୍ଥ ସମାଲୋଚକ ଭାବରେ କବି ନିଜେ କହିଛନ୍ତି "ପ୍ରାଣ ନୀତି ନୁହେଁ କି ଅନୀତି ନୁହେଁ । ତା'ର ଲକ୍ଷଣ ହେଉଛି ଯେ ତାହା ଶକ୍ତିରେ ଚଞ୍ଚଳ ଓ ଅନୁଭୂତିରେ ସରସ । ସାହିତ୍ୟର ଲକ୍ଷଣ ମଧ୍ୟ ଏହାହିଁ ହେବା ଉଚିତ୍"। (ଧୂପ ପୁସ୍ତକର ଭୂମିକା) ଅନ୍ୟ ଭାଷାରେ କହିଲେ, ପ୍ରାଣ ଓ ପ୍ରଣୟ ପାଇଁ ତଥା ସାହିତ୍ୟ ପାଇଁ ଡ଼ଃ. ମାନସିଂହ ସ୍ୱାୟତ୍ତ ସଂପ୍ରତିଷ୍ଠା (autonomy) ଚାହୁଁଛନ୍ତି । ଏହି ସ୍ୱାୟତ୍ତ ସଂପ୍ରତିଷ୍ଠ ନୈତିକ ଆୟତ୍ତରୁ ମୁକ୍ତ; ତେଣୁ ତାହା ନୈତିକ (a-moral) ନୁହେଁ କିମ୍ବା ଅନୈତିକ ନୁହେଁ । ତାହା ନିର୍ନୈତିକ । ପ୍ରାଣ ଓ ପ୍ରଣୟର ଏହି ନିର୍ନୈତିକତା (a

Digitized by srujanika@gmail.com

morality) ସ୍ୱୀକାର କରିବା ଡ଼ଃ. ମାନସିଂହଙ୍କର ଜଣେ ଗୁଣମୁଗ୍ଧ ଏହି ଲେଖକ ପକ୍ଷରେ ସମ୍ଭବ ନୁହେଁ । ମୋ ମତରେ ନୈତିକତାର ମଧ୍ୟ ଏକ ସାର୍ବଭୌମିକ ସ୍ୱାୟତ୍ତ ସଂପ୍ରତିଷ୍ଠା ରହିଛି । ଯଦି ଦୁଇ ସ୍ୱାୟତ୍ତ ସଂପ୍ରତିଷ୍ଠା ମଧ୍ୟରେ ଦ୍ୱନ୍ଦ୍ୱର ଅବକାଶ ଘଟେ, ଏହି ଲେଖକ (ଅର୍ଥାତ୍ ମୁଁ) ନୈତିକତାର ସ୍ୱାୟତ୍ତ ସଂପ୍ରତିଷ୍ଠ ସପକ୍ଷରେ ମତଦାନ କରିବି । ଏ ବିଷୟ ଡ଼ଃ. ମାନସିଂହଙ୍କୁ ସାନିଧ୍ୟରେ ମୁଁ ପ୍ରକାଶ କରିଛି ଓ ଗୋଟିଏ ଓଡ଼ିଆ ଗୀତର ପଦେ ବୋଲିଛି-

‘କବି ଭାବୁକ ଚିତ୍ରକାର
ଏ କେବେ ନୁହନ୍ତି ଭବୁପାର ।’

ଏହି ଉକ୍ତି ଡ଼ଃ. ମାନସିଂହଙ୍କ ଗଭୀର ଭାବରେ ସ୍ପର୍ଶ କରିଥିଲା ଓ ସେ ଆଦରରେ ମୋତେ ଭବ ବନ୍ଧନ କଅଣ ତାହା ବିସ୍ତାରିତ ଭାବରେ କହିବାକୁ ଅନୁରୋଧ କରିଥିଲେ। ଆଜି ସେ ଭଳି ବିଦଗ୍ଧ ପ୍ରେମିକ ବ୍ୟକ୍ତିତ୍ୱଙ୍କ ସାନିଧ କଥା ସ୍ମରଣକୁ ଆସିଲେ ମୋ ଚକ୍ଷୁ ଏବେବି ଲୋକତାପ୍ଲୁତ ହୋଇଯାଏ । ଆଉ ଗୋଟିଏ ପ୍ରଚଳିତ ପଦ ଡ଼ଃ. ମାନସିଂହଙ୍କୁ ମୁଁ କହିଥିଲି-

‘ରୋଗୀ ଭୋଗୀ ଯୋଗୀ ଚୋର ଅନୁରାଗୀ
ଏ ପାଞ୍ଚଜଣଙ୍କୁ ନମାଡ଼ଇ ନିଦ
ଏହି, ଏତବଡ଼ ପରମାଦରେ ।’

ଜୀବନ ଓ ସାହିତ୍ୟର ବିଚକ୍ଷଣ ସମାଲୋଚକ ଡ଼ଃ. ମାନସିଂହ ଉପର ପଦରେ “ଅନୁରାଗୀ’ ଶବ୍ଦଟି ପ୍ରତି ସଜାଗ ଅନୁଧ୍ୟାନ ଦେଲେ ଓ ସ୍ମିତସ୍ନେହର ମୁଖରେ ତାହା ଆତ୍ମସ୍ଥ କଲେ ।

ଗାଁ ଗହଳର ଅଖ୍ୟାତ ବ୍ୟକ୍ତିମାନଙ୍କ ଠାରୁ ମୁଁ ଏ ପଦଗୁଡ଼ିକ ଶୁଣିଥିଲି ଓ ଓଡ଼ିଆ ଜାତିର ସ୍ୱାଭାବିକ ପ୍ରକାର ଏହା ସବୁ ପ୍ରକାଶ ବୋଲି ମୋର ସବୁମନ୍ତେ ସମାନାର୍ହ ଡ଼ଃ ମାନସିଂହଙ୍କୁ ସେ ଦିନ କହିଥିଲି । ମୋ ଅଜାଣତରେ ମୋତେ ଲକ୍ଷ୍ୟ କରି ମାନସିଂହ ଲେଖିଦେଇଥିଲେ, “ମୋର ବଡ଼ଭାଇ’(My Elder brother) । ତାଙ୍କ ଦ୍ୱାରା ଉପହୃତ ପ୍ରଥମ ବହିରେ ପ୍ରଥମ ବାକ୍ୟ ଓ ଦ୍ୱିତୀୟ

Digitized by srujanika@gmail.com

ବହିରେ ଦ୍ୱିତୀୟ ବାକ୍ୟଟି ଲେଖିଦେଇଥିଲେ । ମୁଁ ତାଙ୍କୁ ସେଦିନ କହିବାକୁ ଭରସା ପାଇଥିଲି ଯେ କାବ୍ୟ-କବିତା ସ୍ୱର୍ଣ୍ଣପକ୍ଷୀ ଈଗଲ ଉଡ଼ି ନ ଯିବା ଯାଏ ଭବବନ୍ଧନରୁ ମୁକ୍ତ ହେବା ସମ୍ଭବ ନୁହେଁ ।

ପ୍ରସଙ୍ଗକ୍ରମେ ଏହି ବ୍ୟକ୍ତିଗତ ଆଶୁକଥନକୁ ଅବତାରଣା କରିଥିବାରୁ ମୁଁ ସହୃଦୟ ପାଠକମାନଙ୍କ ପାଖରେ କ୍ଷମାପ୍ରାର୍ଥନା କରୁଛି । ଏଥି ସହିତ ଭିନ୍ନମତ ପୋଷଣ କରିବା ଲାଗି ଯଥେଷ୍ଟ ଅବକାଶ ରହିଛି ବୋଲି ମୁଁ ବିନୟର ସହିତ ସ୍ୱୀକାର କରୁଛି । ପ୍ରଣୟର ସ୍ୱାୟତ୍ତ ସଂପ୍ରତିଷ୍ଠାକୁ ସ୍ୱୀକାର ନ କଲେ ବୈଷ୍ଣବୀୟ ସାହିତ୍ୟ ସାହିତ୍ୟ ଅନେକ ଅଂଶକୁ ବୁଝିବାକୁ କଠିନ ହେବ । ଜାତି, କୁଳ, ମାନ, ମହତକୁ ଯେ ଅତିକ୍ରମ କରି ପାରିବେ ନାହିଁ, ତାଙ୍କ ପକ୍ଷରେ ପ୍ରଣୟର ସ୍ୱାୟତ୍ତ ସଂପ୍ରତିଷ୍ଠା ବୁଝିବା ସ୍ୱହଜ ହେବ ନାହିଁ । ପ୍ରଣୟର ସ୍ୱାୟତ୍ତ ସଂପ୍ରତିଷ୍ଠାର ପ୍ରତିଭୂ ଥିଲେ ଶ୍ରୀରାଧା । ଯେଉଁଠି ଯେଉଁଠି ଶ୍ରୀରାଧାଙ୍କ ନାମୋଲ୍ଲେଖ ହୁଏ, ସେଠାରେ ପ୍ରଣୟର ସ୍ୱାୟତ୍ତ ସଂପ୍ରତିଷ୍ଠା ହିଁ ବକ୍ଷ୍ୟମାଣ ବୋଲି ବୁଝିବାକୁ ହେବ । ଡ଼ଃ. ମାନସିଂହଙ୍କ ରଚନାରେ ବହୁ ପ୍ରଧାନ ସ୍ଥଳରେ ରାଧାଙ୍କ ନାମୋଲ୍ଲେଖ ହୋଇଅଛି । ଡ଼ଃ. ମାନସିଂହ ନିଜ ପ୍ରିୟାକୁ "ବହୁ ଦୂରେ ସେତ ବନ୍ଧିନୀ ପରକୀୟା" ବୋଲି ଅଭିହିତ କରିଛନ୍ତି । ଏପରି ଅବସ୍ଥାରେ ମଧୁମାସ ବିଧାତାର ପରିହାସ ପରି ଲାଗିବା ସ୍ୱାଭାବିକ । ଏଭଳି ପରକୀୟା ପ୍ରୀତିରେ ଜ୍ୱାଳା ଓ ଜ୍ୱଳନ ବହୁତ । ଆଉସବୁ ପ୍ରସଙ୍ଗକୁ ପାସୋରି ପରକୀୟାପ୍ରୀତିର ଦହନକୁ ସ୍ୱୀକୃତି ଦେଉଥିବା ଏକ କଠୋର ଅଗ୍ନିମୟ ସାଧନା । ପଞ୍ଚାଗ୍ନି ସାଧନା ପରି ଏହି ଅଗ୍ନିମୟ ସାଧନାର ବିଶେଷ ଫଳ ଥିବା ଡ଼ଃ. ମାନସିଂହ ସଙ୍କେତ ଦେଇଛନ୍ତି ।

ଡ଼ଃ. ମାନସିଂହଙ୍କ କବିତାରେ ପ୍ରଣୟିନୀ ଆରାଧନା ସ୍ଥାନରେ ପ୍ରଣୟ ଆରାଧନା ପ୍ରତିଷ୍ଠିତ ହୋଇଛି । ପ୍ରଣୟ ପାଇଁ ପ୍ରଣୟ ଆରାଧନା କରୁଥିଲା ବେଳେ ବୈଷ୍ଣବ ମାର୍ଗରେ ତାଙ୍କ ଭାବନା ପରିଚାଳିତ ହୋଇଛି । ସେ ଲେଖିଛନ୍ତି- "ହେ ପ୍ରଭୁ ! ମୋର ଯାହା ଅଛି, ମୁଁ ସେ ସବୁକୁ ଆପଣଙ୍କୁ ଅର୍ପଣ କରି ଦେଉଛି ।

"ଭିକ୍ଷା ମୋର କୁଞ୍ଜବନେ ବ୍ରଜୁଁ ରାଧାରାଣୀ

Digitized by srujanika@gmail.com

ଯେ ପଥେ ଯାଆନ୍ତି ନିତି ବଂଶୀଡ଼ାକ ଶୁଣି
ସେହି ପଥେ ଦୟାମୟ କରି ମୋତେ ଘାସ
ଦେହ ପାତି ଘୁଞ୍ଚାଇବି ରାଧାପଦ-ପ୍ରାସ । (ହେମ ପୁଷ୍ପ)

ଏଠାରେ ପ୍ରଣୟିନୀ କଥା ଉଠୁନାହିଁ । କେବଳ ପ୍ରଣୟର ଉପାସନା ଲାଗି ସେ ସର୍ବସ୍ୱ ଦେଇ ଦେଉଛନ୍ତି ।

ପରିଣତ ବୟସରେ ଡ଼ଃ ମାନସିଂହ ଧୂପର ଭୂମିକାରେ ଲେଖିଛନ୍ତି, "ପ୍ରେମ ଅପେକ୍ଷା ଜୀବନରେ ମହତ୍ତର ଓ ସୁନ୍ଦରତର ଅନୁଭୂତି ଅଛି । କିନ୍ତୁ ଏ ଅନୁଭୂତି (ପ୍ରେମ ବିଷୟକ ଅନୁଭୂତି) ନିନ୍ଦନୀୟ ବା ଲଜ୍ଜାକର ହେବାର କୌଣସି କାରଣ ନାହିଁ ।" ଆମେ ସ୍ୱୀକାର କରୁଛୁ ପ୍ରେମାନୁଭୂତି ନିନ୍ଦନୀୟ ବା ଲଜ୍ଜାକର ଅନୁଭୂତି ନୁହେଁ । ଶାସ୍ତ୍ରରେ ସ୍ୱୀକୃତ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରତ୍ୟେକଟି ଗୋଟିଏ ଗୋଟିଏ ପୁରୁଷାର୍ଥ, ଏବଂ ମୋକ୍ଷ ହେଉଛି ପରମ ପୁରୁଷାର୍ଥ । ତେଣୁ କାମ ନିନ୍ଦନୀୟ ହେବ କାହିଁକି ? ହେବାର କିଛି କାରଣ ନାହିଁ । ଶ୍ରୀମଦ୍ ଭଗବଦ୍ ଗୀତାରେ ଭଗବାନ କହିଛନ୍ତି, ଯେଉଁ କାମ ଧର୍ମର ବିରୁଦ୍ଧାଚରଣ କରେ ନାହିଁ, ତାହା ହେଉଛି ମୁଁ ନିଜେ । ଏବେ ବିଚାର କରିବାକୁ ଅଛି ଯେ ଧର୍ମାନୁମୋଦିତ କାମ ହିଁ ସେବନୀୟ । ଯେଉଁ କାମର ସେବନ ଧର୍ମର ବିରୁଦ୍ଧାଚରଣ କରୁଛି ତାହା ନିନ୍ଦନୀୟ ନିଶ୍ଚୟ ।

ଡ଼ଃ ମାନସିଂହଙ୍କ ପ୍ରଣୟ ଅନୁଭୂତି କାମଜନିତ ନୁହେଁ; ତାହା ସଖ୍ୟଜନିତ । ନିଃସଙ୍ଗ ହୃଦୟରେ ସଖାମାନଙ୍କର ପ୍ରୟୋଜନ ଅଛି । ଡ଼ଃ ମାନସିଂହ ନିଃସଙ୍ଗବୋଧକୁ ଏକ ସାର୍ବଜନୀନ ଅନୁଭୂତି ବୋଲି ବର୍ଣ୍ଣନା କରିଛନ୍ତି । ସଖ୍ୟଭାବ ହେଉଛି ପ୍ରଣୟର ମୂଳଭିତ୍ତି । ସଖ୍ୟଭାବ ବଳରେ ଆଜନ୍ମ ନିଃସଙ୍ଗତାରୁ ତ୍ରାହି ମିଳେ । ତେଣୁ ସେ ନାରୀ ନର ନିର୍ବିଶେଷରେ ସମସ୍ତଙ୍କୁ ସଖା ଭାବରେ ଆମନ୍ତ୍ରଣ ଜଣାଇଛନ୍ତି । କିନ୍ତୁ ଏ ସଖାଭାବରେ ସ୍ୱରୂପ କଅଣ ଓ ପରିଣତ କଅଣ ତାହା ଡ଼ଃ ମାନସିଂହଙ୍କ କବିତାରେ ସ୍ପଷ୍ଟ ହୋଇପାରି ନାହିଁ । ଅନେକ କଥା ଉହ୍ୟ ରହିଯାଇଛି । ଡ଼ଃ ମାନସିଂହଙ୍କ କବିଚେତନାରେ ପ୍ରମୁଖତା ଅର୍ଜନ କରିଛି ଅଭିସାର । ପ୍ରଣୟୋତ୍କଣ୍ଠିତ ହୋଇ ଅମଡ଼ାମଡ଼ା ନ ମାନି ପ୍ରେମ ପାଇଁ ଆଗୁସାର ହୋଇ ଆସିବା ହେଉଛି

Digitized by srujanika@gmail.com

ଅଭିସାର । ନଦୀମାନଙ୍କର ସମୁଦ୍ର ସଙ୍ଗମ ଲାଗି ଉଚ୍ଛଳ ଉତ୍କଣ୍ଠିତ ଯାତ୍ରାକୁ ଅଭିସାର କୁହାଯାଇପାରେ । ଡ଼ଃ ମାନସିଂହଙ୍କର ସାହିତ୍ୟରେ ମୁଖ୍ୟତଃ ନାରୀମାନେ ଅଭିସାର କରିଛନ୍ତି । "ଏଇ ସହକାର" ତଳକୁ ଆସିଛି ପ୍ରଣୟିନୀ ଘନଘୋର ରାତ୍ରୀରେ କଣ୍ଟକାକୀର୍ଣ୍ଣ ନିର୍ଜନ ବନ ପଥରେ ରାଧାଙ୍କ ଅଭିସାରକୁ ଡ଼ଃ ମାନସିଂହ ଦକ୍ଷତାର ସହିତ ବର୍ଣ୍ଣନ କରିଅଛନ୍ତି । ନିଜ ପ୍ରିୟତମଙ୍କ ପାଇଁ ନିନ୍ଦା, ଅପମାନ, ଅପବାଦର କଳଙ୍କ ମୁଣ୍ଡପାତି ବହନ କରିଛନ୍ତି ରାଧାରାଣୀ । ଡ଼ଃ ମାନସିଂହଙ୍କ କବିତାରେ ପ୍ରଣୟିନୀମାନେ ହିଁ ସଙ୍କେତ ସ୍ଥଳକୁ ଅଭିସାର କରିଛନ୍ତି । ପ୍ରଣୟିନୀ ପାଖକୁ ପ୍ରଣୟୀର ଅଭିସାରର ଆଲେଖ୍ୟ ମିଳେ ନାହିଁ । ଗୀତଗୋବିନ୍ଦରେ ଶ୍ରୀକୃଷ୍ଣଙ୍କ ଅଭିସାରର ବର୍ଣ୍ଣନ କରି କବିତିଳକ ଜୟଦେବ ଲେଖିଛନ୍ତି, "ରତି ସୁଖସାରେ ଗତଂ ଅଭିସାରେ ମଦନ ମନୋହର ବେଶଂ" । ରାଧାଙ୍କ କୁଞ୍ଜକୁ ଶ୍ରୀକୃଷ୍ଣ ଓ ଶ୍ରୀକୃଷ୍ଣଙ୍କ କୁଞ୍ଜକୁ ରାଧାଙ୍କର ଅଭିସାର ବୈଷ୍ଣବ ସାହିତ୍ୟରେ ପୃଷ୍ଠା ପୃଷ୍ଠା ମଣ୍ଡନ କରିଛି । ଉପେନ୍ଦ୍ରଭଞ୍ଜଙ୍କ ସ୍ୱକୀୟାନିଷ୍ଠ ପ୍ରଣୟରେ ଅଭିସାରକୁ ସ୍ଥାନ ମିଳିନାହିଁ । ଯେଉଁଠି ସେଭଳି ପ୍ରୟୋଜନ ପଡ଼ିଛି, ସ୍ୱପ୍ନ ଦଶାରେ ତାହା ସମାହିତ କରିଛନ୍ତି ଉପେନ୍ଦ୍ରଭଞ୍ଜ । ସେହି ସହକାରର ଘନଛାୟାନ୍ଧକାରକୁ ଯେଉଁ ପଥରେ ପ୍ରଣୟିନୀ ଅଭିସାର କରିଆସିଛି ତାହା ପ୍ରଣୟତୀର୍ଥରେ ପରିଣତ ହୋଇଯାଇଛି ବୋଲି ଡ଼ଃ ମାନସିଂହ ପଥଯାତ୍ରୀମାନଙ୍କୁ ସଚେତନ କରିଦେଇଛନ୍ତି । ସହକାର ଦ୍ରୁମ ବୃନ୍ଦାବନର ସାଙ୍କେତିକତା ବହନ କରୁଛି । ନିର୍ଜନ ସହକାର ତଳ ପ୍ରଣୟତୀର୍ଥ ଭାବରେ ଉଦ୍‌ଘୋଷିତ ହୋଇଛି । ଡ଼ଃ ମାନସିଂହଙ୍କ କାବ୍ୟସମ୍ଭାରରେ ସାହସିନୀ ଅଭିସାରିକାମାନଙ୍କ ଚିତ୍ରଣ ମିଳେ । ପୁରୁଷର ଅଭିସାରର ଚିତ୍ର ସମ୍ପୂର୍ଣ୍ଣ ବିରଳ । କିନ୍ତୁ ଜଣାଯାଉଛି ଯେ ସଙ୍କେତ ସ୍ଥଳକୁ ଆସିବା ପାଇଁ ପୁରୁଷ ଅବଶ୍ୟ ଅଭିସାର କରିଥିବ । କିନ୍ତୁ ଡ଼ଃ ମାନସିଂହ ତାହାକୁ କବିତାରେ ଉପଜୀବ୍ୟ ବସ୍ତୁ କରିନାହାନ୍ତି। ବୋଧହୁଏ ନିଜର ଅଭସାର ନିଜେ ଲେଖିବାକୁ ସଙ୍କୋଚବୋଧ କରିଛନ୍ତି । ଥରେ ପ୍ରଣୟିନୀ ଯଦି କୁଟୀର ଲକ୍ଷ୍ମୀ ହୋଇଯାଏ, ଆଉ ଅଭିସାରର ପ୍ରୟୋଜନ ପଡ଼େନାହିଁ। ଡ଼ଃ ମାନସିଂହଙ୍କ ପରବର୍ତ୍ତୀ କବିତାମାନଙ୍କରେ ଅଭିସାରର ପ୍ରୟୋଜନ ପଡ଼ିନାହିଁ ।

ବୈବାହିକ ଜୀବନରେ କୁଟୀରଲକ୍ଷ୍ମୀ ଠାରେ ପ୍ରଣୟ ଉପାସନା ସାର୍ଥକ

Digitized by srujanika@gmail.com

ହୋଇଛି ଓ କବି ମାନସିଂହ ତହିଁରେ ଅବାଧ ପ୍ରଣୟ ଉପାସନାର ସୁଯୋଗ ଲାଭ କରିଛନ୍ତି । କିନ୍ତୁ କବି ନିଜକୁ 'ରୂପଭିକାରୀ' ବୋଲି କହିଛନ୍ତି । ରୂପ ମନ୍ଦିରା ରୂପ ଅମୃତ, ରୂପ ହଳାହଳ ପିଇବା ପାଇଁ କବି ପ୍ରାଣ ନିତ୍ୟ ଉତ୍କଣ୍ଠିତ ହୋଇଛି । ଯୌବନ ଛଳ ଛଳ ରୂପ ପାନ କରୁଥିଲା ବେଳେ ଜରା ଓ ମୃତ୍ୟୁ ସଚେତନ ହୋଇଛନ୍ତି କବି । ତାଙ୍କର ଚିତ୍ତ ଶଙ୍କା-ଟଳମଳ ହୋଇଛି । ବସନ୍ତରେ ଆକଣ୍ଠ ବୁଡ଼ି ରହିଥିବା ରୂପ ତୃଷିତ କବି ବୈଶାଖର ଉତ୍ତପ୍ତ ଝାଞ୍ଜିକୁ ସମସ୍ୟା ରୂପରେ ଦେଖିଛନ୍ତି । ତେଣୁ ଜରା ମୃତ୍ୟୁ ସମସ୍ୟା ରୂପରେ ଦେଖାଦେଇଛି । ପ୍ରଣୟ ସହିତ ଜରା-ମୃତ୍ୟୁର ଘାତପ୍ରତିଘାତକୁ ଶ୍ରୀଅରବିନ୍ଦ ତାଙ୍କ ଦିବ୍ୟକୃତି "ସାବିତ୍ରୀ" ମହାକାବ୍ୟରେ ସ୍ଥାନିତ କରିଛନ୍ତି । ଡ଼ଃ ମାନସିଂହ ମଧ୍ୟ ନିଜ ଢ଼ଙ୍ଗରେ ସେ ଘାତ ପ୍ରତିଘାତକୁ ଅନୁଭବ କରିଛନ୍ତି ତାଙ୍କ କବିତା ପୃଷ୍ଠାରେ । ପ୍ରଣୟ ରାଜ୍ୟରେ ସମ୍ଭାବିତ ଜରା-ମୃତ୍ୟୁ ସମସ୍ୟାର ଦୁଇ ପ୍ରକାର ସମାଧାନ କବି କରିଛନ୍ତି । ଗୋଟିଏ ବାସ୍ତବ ଓ ଅନ୍ୟଟି କାବ୍ୟିକ । ବାସ୍ତବ ସମାଧାନ ହେଉଛି, ପ୍ରଣୟୀ ଯୁଗଳଙ୍କୁ ଧୈର୍ଯ୍ୟର ସହିତ ଅପେକ୍ଷା କରି ରହିବାକୁ ହେବ ମୃତ୍ୟୁପରେ ପୁନର୍ଜନ୍ମ ଲାଭ ପର୍ଯ୍ୟନ୍ତ । ଗ୍ରୀଷ୍ମର ଦାବଦହନ ପରେ ପୁଣି ଆସିବ ବସନ୍ତର ନବୀନ ପ୍ରଭାତ । ପୁଣି ଆସିବ ଲାବଣ୍ୟ ଛଳଛଳ ରୂପପ୍ରଭା । ପୁଣି ଆସିବ ସେହି ସହକାର ତଳର ପ୍ରଣୟର ପ୍ରଣୋଚ୍ଛଳ ରସୋଲ୍ଲାସର ଅବସର । ଧୂପର "ପ୍ରେମ ଓ ଜରା" କବିତାରେ କବିଙ୍କର ଏହି ମାନସିକତା ସୁସ୍ପଷ୍ଟ ହୋଇଉଠିଛି :-

ତେବେ ରୂପଗତା, ଦୁଃଖ କିବା ? ଜନ୍ମାନ୍ତରେ ପାଇବା ମମତା
ନୂଆ କରି ଶୁଭ୍ରକେଶେ ଦେଖା କାହିଁ ପାଇଁ ?
ନୂତନ ପ୍ରଭାତ ଆସେ ନିଶା ଯାଉ ପାହି ।

ଦ୍ୱିତୀୟ ସମାଧାନଟି ହେଉଛି କାବ୍ୟିକ ସମାଧାନ। "ପ୍ରେମ ଓ ମୃତ୍ୟୁ" କବିତାରେ ତାହା କବି ମାନସିଂହ ପ୍ରକାଶ କରିଛନ୍ତି

ଶୁଣିବ ଯେବେ ପ୍ରିୟା ଗୋ ମୋର
ପ୍ରଣୟୀ ତବ ଜଗତେ ନାହିଁ,
ଆସିବ ମୋର ଭସ୍ମ ପାଶେ

Digitized by srujanika@gmail.com

ଦେବ ହେ ତାରେ ଦେହର ଛାଇ
ପାରିବ ଯଦି ଭସ୍ମ ପରେ
ପଦ୍ମପାଦ ଚାଳିବ ଧୀରେ
ଜୀବନ ପୁଣି ଲଭିବି ସଖି,
ନିଶ୍ଚୟ ମୁଁ ମରଣ-ତୀରେ ।

ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ କବିତା ସଙ୍କଳନ ଧୂପର ଏହି ଶେଷ କବିତା ରୂପସୀ ପ୍ରଣୟିନୀ ସ୍ପର୍ଶରେ ଯଦି ଦୋହଦ ଉତ୍ପନ୍ନ ହେଉଛି, ତାହର ସଙ୍ଗତିରେ ଯଦି ନବଜୀବନର ସ୍ଫୁର୍ତ୍ତି ଅନୁଭବ ହେଉଛି, ତେବେ ତାହାର ସଙ୍ଗତି ଓ ସ୍ପର୍ଶ ଦ୍ୱାରା ମରଣ-ତୀରରୁ ଲେଉଟିଆସିବା କାହିଁକି ସମ୍ଭବ ନ ହେବ ! କିନ୍ତୁ ଏ ସମାଧାନଟି କାବ୍ୟିକ । ଅନ୍ତରର ଅନୁରାଗମୟ ଅନୁଭୂତିରେ କବି କଳ୍ପନା ଏହି ଚିତ୍ରକୁ ରୂପ ଦେଇଛି । ଉପେନ୍ଦ୍ରଭଞ୍ଜଙ୍କ ଲାବଣ୍ୟବତୀ କାବ୍ୟରେ କାବ୍ୟନାୟକ କହିଛି, ଆଉ ଭେଟିବା ସମ୍ଭବ ହେବ ନାହିଁ, କିନ୍ତୁ ଭେଟିବାର ଉପାୟ ଅଛି । ଯଦି ବିରହରେ ଅଙ୍ଗ ଜଳିଯାନ୍ତା ଓ ପବନ କୃପାକରି ସେହି ଭସ୍ମକୁ ଉଡ଼ାଇ ନେଇ ପ୍ରଣୟିନୀ ପାଖରେ ପକାଇ ଦିଅନ୍ତା,

"କିସ ବୋଲି ବାଳା କରନ୍ତା ଦୃଷ୍ଟି
ତିଥି ପରେ ହୁଅନ୍ତା ସୁଧା ବୃଷ୍ଟି ।"

ବାଳାର ଦୃଷ୍ଟିରୁ ବୃଷ୍ଟି ହେଉଥିବା ଅମୃତରେ ସ୍ନାତ ହୋଇ ପ୍ରଣୟୀ ଜୀବନ୍ତ ଓ ମୂର୍ତ୍ତିମନ୍ତ ହୋଇ ଉଠନ୍ତା ଓ ଶୁଭ ଅବସାର ପାଇ କୃତାଞ୍ଜଳି ପୁଟରେ ବାଳା ଛାମୁରେ ନିଜର ଦୁଃଖ ଜଣାନ୍ତା । ଏହା ମଧ ଦର୍ଶାଇ ଦେଉଛି ଯେ ଡ଼ଃ ମାନସିଂହ ଓଡ଼ିଆ ସାହିତ୍ୟର ପରମ୍ପରା ସହିତ ସନ୍ନିହିତ ହୋଇ ରହିଥିଲେ ।

ଡ଼ଃ ମାନସିଂହ ତାଙ୍କ ପ୍ରେମ କବିତାଗୁଡ଼ିକ ରଚନା କଲାବେଳେ ନିଜ ଜୀବନର 'କାବ୍ୟଯୋଗ୍ୟ ଅନୁଭୂତି' ଗୁଡ଼ିକୁ ତହିଁରେ ସ୍ଥାନିତ କରିଛନ୍ତି । ଏଥିପାଇଁ ଇଂରାଜୀ ସାହିତ୍ୟରୁ ସେ ପ୍ରେରଣା ଲାଭ କରିଛନ୍ତି ବୋଲି ଧୂପର ମୁଖବନ୍ଧରେ ଉଲ୍ଲେଖ କରିଛନ୍ତି । ଇଂରାଜୀ କବିମାନେ ପ୍ରେମ କ୍ଷେତ୍ରରେ ତାଙ୍କର ବ୍ୟକ୍ତିଗତ ବିଭିନ୍ନ ଅଭିଜ୍ଞତାର ଚିତ୍ର ପ୍ରଦାନ କରିଛନ୍ତି ଓ ତାହା ଡ଼ଃ ମାନସିଂହଙ୍କ ବ୍ୟକ୍ତିନିଷ୍ଠ

Digitized by srujanika@gmail.com

ଅଭିଜ୍ଞତାକୁ ପ୍ରକାଶ କରିବା ଲାଗି ତାଙ୍କୁ ଉତ୍ସାହିତ କରିଛି । ଏଭଳି ବ୍ୟକ୍ତିନିଷ୍ଠ ପ୍ରଣୟାନୁଭୂତିର ଚିତ୍ର ଓଡ଼ିଆ ସାହିତ୍ୟ ପରମ୍ପରାରେ ମଧ୍ୟ ଦେଖିବାକୁ ମିଳେ । ଅବଶ୍ୟ ଏପରି ବ୍ୟକ୍ତିନିଷ୍ଠ ଅଭିଜ୍ଞତାମୂଳକ କବିତାମାନଙ୍କର ସଂଖ୍ୟା ଅନେକ ନୁହେଁ । ଉପେନ୍ଦ୍ର ଭଞ୍ଜଙ୍କ ନାମରେ ଭଣିତା ହୋଇଥିବା ଦୁଇଟି କବିତା "ରଖିଲା ମନ ବିଦ୍ୟାଧରୀ ଧରିରେ" ଏବଂ ତାଙ୍କ ନାମରେ ଭଣତି ହୋଇଥିବା "ଆଜ ଦେଖିଲି ରେ ନବୀନ ବୟସୀ ବାଳା" ଏହି ଶ୍ରେଣୀୟ କବିତା ଅଟେ । କବିସୂର୍ଯ୍ୟ ବଳଦେବ ରଥଙ୍କ "କରକ୍ଷମା" ରେ ରତିପ୍ରତିମାର କବିତାଟି ଆହୁରି ନିଶ୍ଚିତ ଭାବରେ ଓ ନିବିଡ଼ ଭାବରେ କବିଙ୍କର କାବ୍ୟଯୋଗ୍ୟ ବ୍ୟକ୍ତିଗତ ଅନୁଭୂତିକୁ ପ୍ରକାଶ କରିଛି । ସମାଲୋଚକମାନେ କହନ୍ତି, ଉପେନ୍ଦ୍ର ଭଞ୍ଜଙ୍କ ରସିକହାରାବଳୀ କାବ୍ୟରେ ପ୍ରଚ୍ଛନ୍ନ ଭାବରେ କବିଙ୍କର ବ୍ୟକ୍ତିଗତ ଅଭିଜ୍ଞତା ବୁଡ଼ିରହିଛି । କବିବର ରାଧାନାଥ ରାୟଙ୍କର କବିତା "ସତୀ ପ୍ରତି ସତୀଦ୍ରୋହୀ ପତିର ଉକ୍ତି" କବିଙ୍କ ବ୍ୟକ୍ତିଗତ ଅଭିଜ୍ଞତାରେ ସମ୍ପୂର୍ଣ୍ଣଭାବରେ ଆଧାରିତ । ତେଣୁ ଓଡ଼ିଆ ସାହିତ୍ୟ ପରମ୍ପରାରେ ଏହି ଧାରା ଅସ୍ୱୀକୃତ ହୋଇନାହିଁ । ଡ଼ଃ ମାନସିଂହ ସେ ଦିଗରେ ଲେଖନୀ ଚାଳନ କରି ସେହି ଧାରାକୁ ପରିପୁଷ୍ଟ କରିଅଛନ୍ତି ।

କାବ୍ୟ ପ୍ରବାହ ମଧ୍ୟରେ କେଉଁ ଅଭିଜ୍ଞତାଟି ବ୍ୟକ୍ତିଗତ ଓ କେଉଁଟି ବ୍ୟକ୍ତିଗତ ନୁହେଁ ତାହା ବାଛିପାରିବା ସହଜ ସାଧ୍ୟ ନୁହେଁ । ମନେ ହୁଏ ଉପେନ୍ଦ୍ର ଭଞ୍ଜ ଅନେକ ବ୍ୟକ୍ତିଗତ ଅଭିଜ୍ଞତାକୁ ତାଙ୍କ ପ୍ରେମ କାବ୍ୟମାନଙ୍କର ବିରହ-ମିଳନ ଚିତ୍ରରେ ସଞ୍ଚୟାଇଛନ୍ତି । ସେ ପରି ସ୍ଥଳରେ କେଉଁ ଅଭିଜ୍ଞତାଟି କବିଙ୍କର ଏବଂ କେଉଁ ଅଭିଜ୍ଞତାଟି କଳ୍ପିତ କାବ୍ୟ ନାୟକଙ୍କର ତାହାକୁ ବାଛିପାରିବା ଲାଗି ନିୟମ ନିର୍ଦ୍ଦେଶ କରିବା କଠିନ ।

ଡ଼ଃ ମାନସିଂହଙ୍କ ପହିଲି ଯୌବନର କବିତାଗୁଡ଼ିକରେ ମୁକ୍ତ ନିରଙ୍କୁଶ ପ୍ରେମର ଆବେଗମୟ ଚିତ୍ର ଦେଖିବାକୁ ମିଳେ । ଚାରିଆଡ଼େ ବନ୍ୟା ଜଳ ମାଡ଼ିଗଲା ପରି ତାଙ୍କର ଏହି ବୟସର କବିତାରେ ନିରଙ୍କୁଶ ପ୍ରେମ ସୀମାସରହଦ ମାନି ନାହିଁ । ସବୁ ସୀମା, ବାଡ଼ବନ୍ଧ ସେହି ନିରଙ୍କୁଶ ପ୍ରଣୟ ପ୍ଲାବନରେ ବୁଡ଼ିଯାଇଛି । କବି ଲେଖିଛନ୍ତି, "ଜୀବନ ମରଣ ଯାଆନ୍ତି ଭୁଲି" । ତାଙ୍କ ଭାଷାରେ "ପାପ ଦେଇ

Digitized by srujanika@gmail.com

ମତେ ପୀୟୁଷ ପିଆଅ ସଜନୀ" । ପ୍ରଣୟର ମଦିରାମୟ ଉପସ୍ଥିତି ହି ଯଥେଷ୍ଟ । ପାପପୁଣ୍ୟର ବିଚାରକୁ ମନକୁ ଆଣି କବି ଡ଼ଃ ମାନସିଂହ ଲେଖିଛନ୍ତି :-

ସ୍ନେହ ଯେ ଜୀବନେ କରିଦିଏ ପାପ ମାର୍ଜଣା
ନାହିଁ ଜାଣେ ସଖି, ମୂର୍ଖଜନତା
ପାପ ବୋଲି କହେ ପ୍ରଣୟ ମମତା
ଅଶ୍ରୁ-ଧଉତ-ପୀରତିକି ପାପ ଘଟଣା
ମୂର୍ଖ ଜନତା ବୁଝେ ନାହିଁ ପ୍ରତି-ରଚନା ( ୧/୯ପୃଷ୍ଠା)

ତତ୍ପରେ କବିଙ୍କ ବିଚାରରେ ପ୍ରଣୟ ହେଉଛି ନିଷ୍ପାପ ଏବଂ ନିରଙ୍କୁଶ । ପ୍ରଣୟ ନିଜସ୍ୱ ରାଜ୍ୟରେ ସ୍ୱାୟତ୍ତ-ସଂପ୍ରତିଷ୍ଠାରେ ବିଦ୍ୟମାନ, ପ୍ରଥମ ଦର୍ଶନରେ ହିଁ ସେ ପ୍ରେମ ଜାଗରିତ ହୁଏ । Love at the first sight, ତେଣୁ ବିବେକ ବିଚାରର ସେଠାରେ ଅବକାଶ କାହିଁ ? ପ୍ରଥମ ଦର୍ଶନରେ ପ୍ରେମ କବିଙ୍କ କବିତାରେ ଏତେ ମୌଳିକ ଯେ କି କବିତା, କି କାବ୍ୟ ସବୁ ସ୍ଥାନରେ ଚାହିଁ ଦେବା ମାତ୍ରକେ, ଆଖି ପଡ଼ିଯିବା ମାତ୍ରକେ ଷୋଳଅଣା ପ୍ରେମ ଅଜାଡ଼ି ହୋଇ ପଡ଼େ । ପରିଚିତ, ଅପରିଚିତର ବିଚାରକୁ ପ୍ରେମାନୁଭୂତିର ନଜର ନଥାଏ । ଯେଉଁଠି ପାତ୍ରତା ଥାଏ ପ୍ରଣୟ ସେଠାରେ ରୂପନିଏ, ଖୁବ୍ ଗାଢ଼ ଭାବରେ ଶ୍ରାବଣର ଘନଘୋର ବର୍ଷା ପରି ସବୁ ଯେପରି ସମୁଦାୟ ଆକାଶ ବକ୍ଷରୁ ଅଜାଡ଼ି ହୋଇପଡୁଛି ।

କିନ୍ତୁ ପ୍ରଥମ ଦର୍ଶନରେ ପ୍ରେମର ପାତ୍ରତା କ'ଣ ? ପ୍ରଥମ ଦର୍ଶନରେ ରୂପଜ ଆକର୍ଷଣ ପାତ୍ରତା ହୋଇପାରେ । ସେଥିପାଇଁ ତ କନ୍ଦର୍ପର ଅନ୍ୟନାମ ରୂପାସ୍ତ୍ର । କବିବର ରାଧାନାଥଙ୍କ ଭାଷାରେ, "ରୂପାସ୍ତ୍ରର ହେଲା, ରୂପସୀ ଷଷ୍ଟଅମୋଘ ବାଣ" । ଏହି ରୂପଜ ଆକର୍ଷଣର ସୁଦୀର୍ଘ ସ୍ଥିରତା ବିଷୟରେ କିଛି କୁହାଯାଇପାରି ନାହିଁ । ରୂପ ମଉଳିଲେ ରୂପଜ ଆକର୍ଷଣ ମଉଳି ଯିବା ସ୍ୱାଭାବିକ । ରୂପେ ରୋଗ ଭୟ, ଜରାଭୟ, ମୃତ୍ୟୁ ଭୟ । ତେଣୁ ରୂପଜ ଆକର୍ଷଣରେ ପ୍ରତିଷ୍ଠିତ ପ୍ରଣୟ ସ୍ୱାୟତ୍ତ ବ୍ୟାପାର ନୁହେଁ । ଏକ ରୂପ ଠାରୁ ଉନ୍ନତତର ରୂପର ସଂଖ୍ୟା ଅସଂଖ୍ୟ । ତେଣୁ ରୂପଜ ପ୍ରଣୟ ଆପେକ୍ଷିକ । ଏଥିରେ ପ୍ରଣୟର ସ୍ୱାୟତ୍ତ-ସଂପ୍ରତିଷ୍ଠା ସ୍ଥାୟୀ ହୋଇପାରେ ନାହିଁ । ଜରା ଓ ମୃତ୍ୟୁ ହେଉଛନ୍ତି ବାଧକ । ଏହା ମଧ୍ୟ କବିଙ୍କ ଦୃଷ୍ଟି

Digitized by srujanika@gmail.com

ଆକର୍ଷଣ କରିଛି ।

ପ୍ରଥମ ଦର୍ଶନରେ ପ୍ରେମର ପାତ୍ରତା ଆଉ ଏକ ବିଷୟ ଉପରେ ନିର୍ଭର କରିପାରେ ! ତାହା ରୂପଜ ଆକର୍ଷଣ ହୋଇପାରେ । ତାହା ଅନ୍ତଃପ୍ରଜ୍ଞାତ୍ମକ ଚେତନାରେ ଆଧାରିତ ହୋଇଥାଇପାରେ । ଏହାକୁ ଇଂରାଜୀରେ କୁହାଯାଇ ଥାଏ, intuitive awareness ଏହି ଅର୍ନ୍ତଭେଦୀ ଦୃଷ୍ଟି ପ୍ରଣୟିନୀ ଓ ପ୍ରଣୟୀଙ୍କ ପ୍ରଣୟରେ ଆବଦ୍ଧ କରିଦିଏ। ରୂପଜ ଆକର୍ଷଣରୁ ଜାତ ହୋଇ ଏହା ଅର୍ନ୍ତଭେଦୀ ଦୃଷ୍ଟିର ସମର୍ଥନ ଲାଭ କରିପାରେ। ପ୍ରଣୟୀ ଓ ପ୍ରଣୟିନୀ ପରସ୍ପରକୁ ଜନ୍ମଜନ୍ମାନ୍ତରରେ ସମ୍ବନ୍ଧିତ ବୋଲି ବୋଧ କରନ୍ତି। ଡ଼ଃ ମାନସିଂହଙ୍କ କାବ୍ୟ କବିତାରେ ଉଭୟର ବିକ୍ଷିପ୍ତ ଚିତ୍ର ରହିଅଛି । ଲଏଲା ମଜ୍ନୁ, କେଦାର ଗୌରୀ ଏବଂ ଡ଼ଃ ମାନସିଂହ ସାଧବଟିର କାବ୍ୟର ନାୟକ ନାୟିକା। ଏହି ଦ୍ୱିତୀୟ ପ୍ରକାର ପ୍ରଣୟର ଅଧୀନ ଅଟନ୍ତି ।

ଏହି ପ୍ରକାର ପ୍ରଣୟରେ ବିକଳ୍ପ ନ ଥାଏ । ଜନ୍ମଜନ୍ମାନ୍ତରରେ ଏକ ଓ ଅଭିନ୍ନ ହୋଇ ରହିବା ବାସନା ପ୍ରଣୟୀ-ପ୍ରଣୟିନୀଙ୍କୁ ଉଚ୍ଚାଟିତ କରି ରଖିଥାଏ । କିନ୍ତୁ ରୂପଜ ପ୍ରଣୟରେ ବିବିଧ ବିକଳ୍ପର ସ୍ଥାନ ଅଛି । ଏକକୁ ଛାଡ଼ି ଅନ୍ୟକୁ ଗ୍ରହଣ କରିବାର ସମ୍ଭାବନା ରହିଛି । ବାସ୍ତବରେ ତାହାହିଁ ହୋଇଥାଏ । ଅନେକ ବିକଳ୍ପ ଥିଲେ ହେଁ ତହିଁରେ ପ୍ରଣୟ ଏକ ହୋଇ ରହିଯାଏ । ଏହି ବିକଳ୍ପମାନଙ୍କୁ ଡ଼ଃ ମାନସିଂହ ସ୍ୱୀକାର କରିଛନ୍ତି । ଏକକୁ ଛାଡ଼ି ଅନ୍ୟକୁ ଗ୍ରହଣ କଲାବେଳେ ସେ ପ୍ରଣୟର ଏକକିତା ଅନୁଭବ କରିଛନ୍ତି । ଏହାକୁ ଡ଼ଃ ମାନସିଂହଙ୍କର ପ୍ରଣୟର ଉପାସନା ଭାବରେ ଗ୍ରହଣ କରିବାକୁ ପଡ଼ିବ । ବିଭିନ୍ନ ପ୍ରଣୟିନୀଙ୍କ ସହିତ ଏକ ପ୍ରଣୟ ସ୍ଥାପନ କରିବା ପ୍ରଣୟର ଉପାସନାରେ ସମ୍ଭବ ହୋଇପାରେ କିନ୍ତୁ ପ୍ରଣୟିନୀ ଉପାସନାରେ ହେବା ସମ୍ଭବପର ନୁହେଁ । ପ୍ରଣୟ ଉପାସନାରେ ନିହିତ ଯୁକ୍ତିକୁ ଉପସ୍ଥାପନ କରି କବି ମାନସିଂହ କହିଛନ୍ତି,

> "ପୂଜାରୀ ମାଗେ ନାହିଁ ଦେବତା ପରିଚୟ
> କେବଳ ଆରାଧନେ ତା' ସୁଖ ସଞ୍ଚୟ
> ତେଣୁ ଅପରିଚିତ

Digitized by srujanika@gmail.com

ବିଦେଶୀ ଗାଏ ଗୀତ
ତୋ ଲାଗି ବିଦେଶିନୀ କିଶୋରୀ
ସେ ରୂପ ନିକି ହୁଏ ପାସୋରି"

ଖୋର୍ଦ୍ଧା ବିଦ୍ୟାଳୟରେ ଅଧ୍ୟୟନ କରୁଥିଲା ବେଳେ "ଇରାନୀ କବିତାଟି ରଚନା କରି କବି କହିଛନ୍ତି ଯେ-

ପୂଜାରୀ ମାଗେ ନାହିଁ ଦେବତା ପରିଚୟ
କେବଳ ଆରାଧନେ ତା ସୁଖ ସଞ୍ଚୟ ।

ପ୍ରଣୟିନୀ ସଙ୍ଗରେ ପରିଚୟ ନଥାଇ ପାରେ, କିନ୍ତୁ ପ୍ରଣୟର ମାଦକତାର ଆସ୍ୱାଦନ ହିଁ ପ୍ରଣୟର ଉପାସନା । ପ୍ରେମ ଓ ବିରହର ବନ୍ୟା ହିଁ ପ୍ରେମର ଉପାସନା ।

ଜୀବନ ପଥ ପରେ ଅନେକ ସାଥୀ ଡ଼ାକ
କାହାକୁ ଦୂରେ ଠେଲି ଯିବି ମୁଁ କାହା ପାଖ !
ଆରେକ ଯଦି ଆସେ ଧରି ତା' ଉପହାର
କି ଦୋଷେ ତାକୁ କହ ରୋଧିବି ମୋ ଦୁଆର (ଧୂପ ୧.୩୦)
X X X X X X X X X X X X
ସଖା ସଜନୀ ଯେତେ ମିଳିବେ ମୋ ଦୁଆରେ
ସକଳେ ହେବେ ତୋଷ ମୋ ପ୍ରୀତି ଉପହାରେ ।

ତରଳ ତାରୁଣ୍ୟ ସ୍ନାତା ପ୍ରଣୟିନୀକୁ ଧବଳ କେଶରେ ଦେଖିବା ପାଇଁ କବିଙ୍କର ସ୍ପୃହା ନାହିଁ । ତେଣୁ ପ୍ରଣୟିନୀ ଗୌଣ ।

"ଧବଳ କେଶେ ଦେଖା ପାଇଁ ଗୋ
ତିଳେ ହେଁ ଅଭିଳାଷ ନାହିଁ ଗୋ । (ହେମପୁଷ୍ପ )

ପ୍ରଣୟର ସ୍ୱାୟତ୍ତ ସଂପ୍ରତିଷ୍ଠାରେ ଧବଳ କେଶ ଜରା ଏକ ବିଷମ ପ୍ରଶ୍ନବାଚୀ ହୋଇ ଠିଆ ହୋଇଛି । ଏହା ଏକ ବିଶେଷ ପ୍ରତିବନ୍ଧକତା । ଯଦି ପ୍ରଣୟିନୀ ଉପାସନା କରାଯାଇଥାନ୍ତା, କବି କହିପାରିଥାନ୍ତେ "ଜରସା ନ ହରତି ଯତ୍ ରସ' - ଅର୍ଥାତ୍ ପ୍ରଣୟିନୀର ବାର୍ଦ୍ଧକ୍ୟ ପ୍ରଣୟର ରସପୂର୍ଣ୍ଣ ଅନୁଭବର ଅନ୍ତରାୟ ନୁହେଁ । କିନ୍ତୁ

Digitized by srujanika@gmail.com

ପ୍ରଣୟ ଉପାସନାରେ ସେପରି କହିବା ସମ୍ଭବପର ହୋଇନାହିଁ ।

"ଯଥାସ୍ଥାନ" କବିତାରେ ତରୁଣ ସଙ୍ଗରେ ବନଚାରୀ ହେବା ପାଇଁ ତରୁଣୀର ଆକୁଳ ନିବେଦନ ସନ୍ତାନ ଲାଭ ପୂର୍ବରୁ ଜୀବନର ଘୋର ବାସ୍ତବତାର ରୂପ ନେଇଥିଲେ ହେଁ, ଗୃହକୁ ନବାଗତ ଶିଶୁ ଅତିଥିର ଆସିବା ପରେ ଜନନୀ ରୂପିଣୀ ତରୁଣୀ କହିଛି –

"ଦାର୍ଶନଙ୍କ ନବୀନ ଅତିଥି
ଆସିଅଛ ମୋ ଦରିଦ୍ର ଗୃହ ଉଜଳାଇ ?
କେ ତାରେ କରିବ ସେବା ? ଯାଅ ତୁମେ ଆଜି
ଅନ୍ନ ଆହରଣେ ଦୂର ଗିରି ବନ ମାଳେ
ଏକାକୀ କୁ ଠାର ହସ୍ତେ ଆଜି ଠାରୁ ନାଥ ।
କେତକୀର କୃତି ପାରେ ନାହିଁ ମୋ ସଂସାର (ହେମପୁଷ୍ପ ୭୪)

ପ୍ରଣୟର ମୁକ୍ତ ସାହଚର୍ଯ୍ୟ ସନ୍ତାନ ଲାଭ ପରେ ବ୍ୟାହତ ଓ ସଂକୁଚିତ ହୋଇଯାଇଛି । ଅନ୍ନ ଅନ୍ୱେଷଣରେ ଏକାକୀ ଯିବା ପାଇଁ ବିନମ୍ର ଅନୁରୋଧ କରି ତରୁଣୀ କହିଛି, କେତକୀ ବାଡ଼ ଘେରା ଆମ ଗୃହର ପରିସୀମା ବାହାରେ ମୋର ଆଉ ସଂସାର ନାହିଁ । ଶାବକକୁ ଘେନି ନିଡ଼ରେ ସଂସାର ରଚନା କରି ରହିବା ଅବସର ଆସିଛି । ଏହି ଅବସ୍ଥା ପ୍ରଣୟର ବାଧକ ହୋଇ ନାହିଁ, କିନ୍ତୁ ମୁକ୍ତ ସାହଚର୍ଯ୍ୟରେ ବାଧତା (constraint) ର ବାସ୍ତବତାକୁ ସ୍ୱୀକୃତି ମିଳିଛି ।

'ଜେମା' କାବ୍ୟରେ ଆଉ ଏକ ପ୍ରସଙ୍ଗରେ କବି ବର୍ଣ୍ଣନା କରି କହିଛନ୍ତି-

"ତା' ଚିତ୍ତ ସେକାଳେ ନଦୀ ଉନ୍ମତ୍ତ-ସଲିଳା
ନିଜେ ଘୁରେ ଭଉଁରିରେ
ସେ କାହିଁ ଆଶ୍ରୟ ଦେବ ଆନେ ନିଜ ତୀରେ ।"·

ସନ୍ତାନ ଲାଭପରେ ତରୁଣୀର ଏହି ଅବସ୍ଥା ନାହିଁ । ଗିରି ନିର୍ଝରିଣୀ ଧୀର ମନ୍ଥର ଗାମିନୀ ହୋଇଯାଇଛି ଶିଶୁ ସନ୍ତାନ ଲାଭ କରି । ବାତ୍ସଲ୍ୟ ରସ ସଂଯୋଗରୁ ଶୃଙ୍ଗାରରେ ଏହି ପରିବର୍ତ୍ତନ ସମ୍ଭବ ହୋଇଛି । ପ୍ରଣୟର ସାର୍ବଭୌମିକତାକୁ

Digitized by srujanika@gmail.com

ପ୍ରଣୟର ଫଳ ବାତ୍ସଲ୍ୟ ପ୍ରଶ୍ନବାଚୀ କରିଛି । ଏଥିରେ କ୍ଷୋଭର ଅବକାଶ ନାହିଁ। ବନଚାରୀ ତରୁଣ କୌଣସି ମାତ୍ର ପ୍ରତିକ୍ରିୟା ପ୍ରକାଶ କରି ନାହିଁ । ପ୍ରଣୟରୁ ଉଦ୍ଭୁତ ଏହି ବାତ୍ସଲ୍ୟ, ପ୍ରଣୟକୁ ପୂର୍ଣ୍ଣତା ଦେଇଛି । ପ୍ରଣୟିନୀର ମାତୃତ୍ୱ ଗୌରବକୁ ସ୍ୱୀକୃତି ଦେଇଛି ପ୍ରଣୟୀର ପିତୃତ୍ୱ । କିନ୍ତୁ ପ୍ରଣୟର ସାମ୍ରାଜ୍ୟ ଯେ ସୀମା ସଚେତନ ହୋଇଛି ଏହା ନିଃସନ୍ଦେହ । ତେଣୁ ପ୍ରଣୟରୁ ଉଦ୍ଭୁତ ବାତ୍ସଲ୍ୟ ହେଉଛି ପ୍ରଣୟର ସ୍ୱାୟତ୍ତତା ପକ୍ଷରେ ଏକ ବାଧତା (Constrain)।

ମାନସିଂହଙ୍କ 'ଶୁଭଦୃଷ୍ଟି' କାବ୍ୟରେ ନାଗକନ୍ୟା ଅନିନ୍ଦ୍ୟା ଉଲୂପୀଙ୍କର ପ୍ରାଣପ୍ରିୟ ପତି ଅର୍ଜ୍ଜୁନଙ୍କ ବିଚ୍ଛେଦ ଜନିତ ବ୍ୟାକୁଳତା ବର୍ଣ୍ଣନା କରିଛନ୍ତି :-

"ହୃଦୟେ ଧରି ଏ କ୍ଷୁଧା, ଆତ୍ମାରେ ପିପାସା,
ମନରେ ପ୍ରଣୟ-ସ୍ୱପ୍ନ, ଶୋଣିତେ କ୍ରନ୍ଦନ
ସହିବି ଜୀବନ ଲାଗି ବିଚ୍ଛେଦ ପ୍ରିୟର ?

(ଶୁଭଦୃଷ୍ଟି - ୫୯ ପୃଷ୍ଠା)

ବିଚ୍ଛେଦର ବ୍ୟାକୁଳତାରେ ଉଲୂପୀ ସଚେତନ ହୋଇଛନ୍ତି ଯେ ସେ ଅର୍ଜ୍ଜୁନଙ୍କର ତେଜ ଗର୍ଭରେ ଧାରଣ କରିଛନ୍ତି ।

"ମୋ କରେ ମୋ ପ୍ରଣୟୀର ଶ୍ରେଷ୍ଠ ଉପହାର
ନବୀନ ଜୀବନ-ବିନ୍ଦୁ ପ୍ରଣୟ କୁସୁମ ।"

ଜୀବନସନ୍ଧ୍ୟାରେ ଯୌବନର ସମସ୍ତ ସୌନ୍ଦର୍ଯ୍ୟ ମଉଳି ଯାଉଥିଲା ବେଳେ, ନିଷ୍ପ୍ରଭ ହୋଇ ଆସୁଥିଲା ବେଳେ କଅଣ ଦେଇ ମୋ ପ୍ରଣୟୀ ଫାଲ୍‌ଗୁନିଙ୍କୁ ମୁଁ ପୂଜା କରିପାରିବି ? ମନକୁ ମନ ଉତ୍ତର ପାଇଛନ୍ତି ଉଲୂପୀ -

"ଜୀବନ ସନ୍ଧ୍ୟାରେ
ପ୍ରବୀଣ ସେ ବୀର-ପଦେ ଥୋଇ ଦେବି ଯେବେ
ତରୁଣ ଅର୍ଜ୍ଜୁନ ଏକ-ଶୌର୍ଯ୍ୟର ପ୍ରତିମା
ସେକି ନାହିଁ ହେବ ମୋର ଶ୍ରେଷ୍ଠ ଉପହାର ?"

ଡ଼ଃ ମାନସିଂହ ପ୍ରଣୟ-ଜାତ ବାତ୍ସଲ୍ୟରେ ପ୍ରଣୟକୁ କାଳଜୟୀ କରାଇ ଦେଇଛନ୍ତି।

Digitized by srujanika@gmail.com

ଶୌର୍ଯ୍ୟର ପ୍ରତିମା ହୋଇ ଉଲୂପୀଙ୍କ ଗର୍ଭରୁ ନବଜାତ ତରୁଣ ଅର୍ଜ୍ଜୁନ କଅଣ ପ୍ରବୀଣ ଅର୍ଜ୍ଜୁନଙ୍କ ପାଇଁ ସର୍ବୋତ୍ତମ ଉପହାର ହେବ ନାହିଁ କ ? ଅର୍ଜ୍ଜୁନଙ୍କୁ ନବୀକରଣ କରାଇ ସକଳ ପ୍ରବାହ ବାତ୍ସଲ୍ୟ ହୃଦରେ ଆସି ସମ୍ଭାର ଯିବ ଉଭୟ ପ୍ରଣୟୀ ଓ ପ୍ରଣୟିନୀଙ୍କ ପାଇଁ ।

ପ୍ରଣୟର ସ୍ୱାୟତ୍ତ ସଂପ୍ରତିଷ୍ଠାର ଆଉ ଏକ ବାଧତା ହେଉଛି ପ୍ରଣୟୀ ଯୁଗଳଙ୍କ ମଧ୍ୟରୁ କେହି ଜଣକର ପ୍ରଣୟ ପ୍ରତିଷ୍ଠାରେ 'ଅନୁଚିତ ପାତ୍ରତା' । ପ୍ରଣୟ ଏକକ ବ୍ୟକ୍ତିତ୍ୱକୁ ଆଶ୍ରୟ କରୁଥିଲେ ହେଁ ସମ୍ବନ୍ଧ ଦୃଷ୍ଟିରୁ ତାହା ଦ୍ୱିଷ୍ଟ, - ଅର୍ଥାତ୍ ଦୁଇଜଣଙ୍କୁ ପ୍ରଭାବିତ କରୁଥିବା ବ୍ୟାପାର । ପ୍ରଣୟୀ ହୁଅନ୍ତୁ ଅଥବା ପ୍ରଣୟିନୀ ହୁଅନ୍ତୁ ଅଥବା ଉଭୟ ହୁଅନ୍ତୁ, ନିଜକୁ ଅନ୍ୟ ଠାରୁ ଯେତେ ଅଭିନ୍ନ ବୋଧ କରୁଥିଲେ ହେଁ ବାସ୍ତବରେ ସେ ଦୁଇଜଣ ପୃଥକ୍ ବ୍ୟକ୍ତି ଓ ପୃଥକ୍ ପରିସ୍ଥିତିର ଅଧିକାରୀ ଅଟନ୍ତି । ତେଣୁ ସେମାନଙ୍କ ପ୍ରଣୟ-ସମ୍ବନ୍ଧର ପ୍ରାସଙ୍ଗିକତା ଜଣକ ଉପରେ ଆଧାରିତ ନୁହେଁ । ଆତ୍ମିକ ବା ମନସ୍ତାତ୍ତ୍ୱିକ ଅଭିନ୍ନତାକୁ ପ୍ରାଧାନ୍ୟ ଦେଇ ସ୍ଥିତିଗତ ପୃଥକତାକୁ ପାସୋରି ଦେବା ସମୀଚୀନ ନୁହେଁ । ଆତ୍ମିକ ବା ମନସ୍ତତ୍ତ୍ୱିକ ଅଭିନ୍ନତା ଯେଉଁଠି ଉଭୟଙ୍କ ସ୍ଥିତି ଓ ପରିସ୍ଥିତି ଗତ ଭିନ୍ନତା ସହିତ ଅସଂତୁଳିତ ହୋଇଯାଏ, ସେଠାରେ ଅନୁଶୋଚନା, ପଶ୍ଚାତ୍ତାପ, ଆତ୍ମଗ୍ଲାନିର ଗୁରୁତର ସମ୍ଭାବନାର ଉଦୟ ହୋଇଥାଏ । ଅନେକ ସମୟରେ ଅମୃତମୟ ପ୍ରଣୟାନୁଭବ ବିଷମୟ ହୋଇଉଠେ । ସ୍ଥିତି ଓ ପରିସ୍ଥିତି ସହିତ ଅସଂତୁଳିତ ଅବସ୍ଥାକୁ ଆମେ 'ଅନୁଚିତ ପାତ୍ରତା' ବୋଲି ଆଖ୍ୟାତ କରିପାରିବା ।

ଗ୍ରୀକ୍ ନାରୀ କବି ସାପୋଙ୍କ ମର୍ମବେଦନା ଚିତ୍ରଣ କରିବାକୁ ଯାଇ ପାଦଟୀକାରେ ଡ଼ଃ ମାନସିଂହ ଲେଖିଛନ୍ତି, କିମ୍ବଦନ୍ତୀ କହେ, "ସାପୋ କୌଣସି ଏକ ବିବାହିତ ଯୁବକର ପ୍ରେମ ପାଇଁ ପାଗଳିନୀ ହୋଇଥିଲେ । ତେଣୁ ସେ ପ୍ରେମ ନ ପାଇଁ କୌଣସି ପର୍ବତ ଶିଖରରୁ ଡ଼େଇଁ ପଡ଼ି ଆତ୍ମହତ୍ୟା କରିଥିଲେ ।" ସାପୋଙ୍କ 'ଜ୍ୱଳନ୍ତ ଅନୁଭୂତି'କୁ କବିତାରେ ରୂପ ଦେଇ ଡ଼ଃ ମାନସିଂହ ଲେଖିଛନ୍ତି -

"ଦହେ ପ୍ରାଣେ ପଞ୍ଚଶର ତରୁଣ ସେ

Digitized by srujanika@gmail.com

ଚୋରୀ ନେଇଅଛି ଚିତ୍ତ ମୋର ।"

ନିଜ ଜନନୀଙ୍କୁ ସମ୍ବୋଧନା କରି ସାପୋଂ କହୁଛନ୍ତି -

"ତମେ ଏ ବ୍ୟାଧିକ ଜାଣ

ନାହିଁ ପାଇଥିବ କିନ୍ତୁ ମୋ ପରି କଷଣ ।"

ବ୍ୟାଧି ଏକ ହେଲେ ଯେ କଷଣ ଏକ ହେବ ଏହା କୁହାଯାଇ ନ ପାରେ । ଯାହା ସାପୋଂଙ୍କ ବ୍ୟାଧିକୁ ଗାଢ଼ତର କରିଛି ଓ କଷଣକୁ ବହୁଗୁଣିତ କରିଛି, ତାହା ହେଉଛି ଅବିଚାରିତ ଭାବରେ ଗ୍ରହଣ କରିଥିବା 'ଅନୁଚିତ ପ୍ରାତ୍ରତା' । ସାପୋଂଙ୍କ ତୁଣ୍ଡରେ କଷଣର ରୂପ ପ୍ରକଟିତ ହୋଇଛି -

କଷଣ ଭରଇ ପ୍ରେମ ମୋ ସାରା ଜୀବନ
ଚିକତ-ମଧୁର, ବ୍ୟଥା -ସୁଖ ଏ କଷଣ
ପୁଷ୍ପମାଳାର ବନ୍ଧନ
ପିନ୍ଧିଲେ ଯନ୍ତଣା, ଛିଣ୍ଡିବାକୁ ନୁହେଁ ମନ । (ହେମପୁଷ୍ପ)
X X X X X X X X X X X X
ଅଲକ୍ଷେ ମୋ ବକ୍ଷେ କିଏ ଜାଳିଲା ଇନ୍ଧନ
ଅଗ୍ନି-ଶିଖା ସାରା ଦେହେ କରିଲା ଚାଳନ
ଚକ୍ଷୁ ମୋର ଅନ୍ଧକାର ଶୂନ୍ୟ ମର୍ମର ସଙ୍ଗୀତ
ଧମନୀରେ ରକ୍ତ ହୋଇ ଆସିଲା ଶିଥିଳ
ପଡ଼ିଲି ଧରଣୀ ତଳେ ମୂର୍ଚ୍ଛା ହୋଇ ଥର ।

ପ୍ରଣୟ ପାଗଳିନୀ ସାପୋଂ ପର୍ବତ ଶିଖରରୁ ଡ଼େଇଁ ପଡ଼ି ଆତ୍ମହତ୍ୟା କଲେ ।

"ସାଧବ ଝିଅ" କାବ୍ୟରେ ଡ଼ଃ ମାନସିଂହ ଯେଉଁ ମର୍ମନ୍ତୁଦ ଚିତ୍ର ଅଙ୍କନ କରିଛନ୍ତି ତାହା 'ଅନୁଚିତ ପାତ୍ରତା'ର ବିଷମୟ ପରିଣତି ସୂଚାଇ ଦେଇଛି । ପ୍ରେମ ପାଗଳ ରାଜପୁତ୍ରର ଅତ୍ୟାଚାରରେ ପ୍ରଣୟୀ ଯୁଗଳ ପ୍ରାଣ ହରାଇଛନ୍ତି । ଡ଼ଃ ମାନସିଂହ ସେ କରୁଣ ଚିତ୍ର ନିପୁଣତା ସହକାରେ ବର୍ଣ୍ଣନା କରି କହିଛନ୍ତି -

"ଜୀବନ ବାଧା ଡ଼େଇଁ ମିଳନ ସିନ୍ଧୁ ପାଶେ

Digitized by srujanika@gmail.com

ମରଣ ପଥେ ପ୍ରୀତି ଜାହ୍ନବୀ ।"

ସାଧବ ଝିଅ ପ୍ରତି ରାଜପୁତ୍ରର ପ୍ରଣୟ ଆସକ୍ତି ଏହି ବିଷମୟ ବିଷାଦଗ୍ରସ୍ତ ପରିଣତି ସୃଷ୍ଟି କରିଛି ।

'ସାପୋ ର ବ୍ୟଥା' କବିତାରେ ଡ଼ଃ ମାନସିଂହ ଯେଉଁ ଭାବୋଦ୍ଦୀପିତ କରି ଅଛନ୍ତି, ତାଙ୍କ "ଉପେକ୍ଷିତା' କାବ୍ୟରେ ତାହା ଅଧିକ ଔଜଲ୍ୟରେ ପରିସ୍ଫୁଟ ହୋଇଛି । 'ଉପେକ୍ଷିତା' କାବ୍ୟ ନାୟିକା ହେଉଛି ସୂର୍ପଣଖା । ନିଜର ବିଶାଳ ପ୍ରମୋଦ ପ୍ରାସାଦରୁ ଶ୍ରୀରାମ ଲକ୍ଷ୍ମଣଙ୍କ ଦୂର ପର୍ଣ୍ଣକୁଟୀର ଆଡ଼େ ଅନାଇ ସୂର୍ପଣଖା ତାହାର ବେଦନାକୁଳିତ ବାଣୀ ପ୍ରସାର କରିଛି । ତାହାର ସ୍ମରଣକୁ ଆସିଛି ତା' କୈଶୋରର ପ୍ରଣୟ ରସାଣିତ ଏକ କୋମଳ ଅନୁଭବ ଓ ବ୍ୟର୍ଥତା । କିଶୋର ବୟସରେ ସେ ପ୍ରଣୟ ପ୍ରାର୍ଥିନୀ ହୋଇ ଋଷି ଆଶ୍ରମର ସମସ୍ତ ଶୃଙ୍ଖଳା ଓ ନୀତିକୁ ଉଲଙ୍ଘନ କରି ଗଭୀର ନିଶିଥ ଅନ୍ଧକାରରେ କଣ୍ଟକିତ ପଥରେ ସହାଧ୍ୟାୟୀ କିଶୋରଙ୍କ କୁଞ୍ଜରେ ପହଞ୍ଚିଛି । ମଧୁର କିଶୋର କ୍ରୀଡ଼ାକୁ ଭୁଲି, ସେ ମଧୁର ସୁଖଦୁଃଖକୁ ଭୁଲି କିପରି କିଶୋର ସହାଧ୍ୟାୟୀ ରାଜଦୁଲଣି ସୁନ୍ଦରୀ ସୂର୍ପଣଖାକୁ ଗ୍ରହଣ କରି ପାରୁନାହିଁ, ସେଥିରେ ସୂର୍ପଣଖା ବିସ୍ମୟ ପ୍ରକାଶ କରିଛି । ଉତ୍ତରରେ ଶୁଣିଛି -

"ମୋ ପରାଣ ଜାଣିରଖ ଅନ୍ୟ ଯୁବତୀର
ସ୍ବର୍ଣ୍ଣାଞ୍ଚଳେ ଚିରବନ୍ଧା ! ଶୁଣିଲି ମୁଁ ଏବେ-
ପିତା ମୋ'ର ବାଲ୍ୟ କାଳେ ଦେଇଛନ୍ତି କରି
ଆରେକ ବାଳିକା ସହ ପରିଣୀତ ମତେ ।" (ଉପେକ୍ଷିତା ୧୭ ପୃଷ୍ଠା)

ସୂର୍ପଣଖା ତା' ସଖିକୁ କହିଛି - "ସେହି ଦିନୁ ଆରମ୍ଭିଲା ଦୁର୍ଦ୍ଦଶା ମୋହର" ମୁଁ ଜାଣେ ଦେବବୈଦ୍ୟ ଅଶ୍ୱିନୀ କୁମାର ମଧ୍ୟ ମୋ ଏ ଦୁଃସାଧ୍ୟ ରୋଗକୁ ଭଲ କରି ପାରିବେ ନାହିଁ । ପ୍ରୀତିଜାତ ରୋଗ କଣ ଅମୃତରେ ସୁଦ୍ଧା ଭଲ ହୁଏ କି ? ଜୀବନକୁ ବିପର୍ଯ୍ୟସ୍ତ କରିବାରେ 'ଅନୁଚିତ ପାତ୍ରତା' ଦାୟୀ ।

ଏହି 'ଅନୁଚିତ ପାତ୍ରତା'ର ଆଉ ଏକ ଦିଗ ହେଉଛି 'ଅନୈତିକ ପାତ୍ରତା' । ଡ଼ଃ ମାନସିଂହ ନୈତିକ ସାର୍ବଭୌମିକତା ରୁ ପ୍ରଣୟକୁ ମୁକ୍ତ କରିବା ପାଇଁ ପ୍ରଣୟକୁ a-moral ନିନୈତିକ ବୋଲି ନିର୍ଦ୍ଧାରଣ କରିଥିଲେ ହେଁ ନୈତିକ ଦ୍ୱନ୍ଦ୍ୱର ନିରାମୟ

Digitized by srujanika@gmail.com

କରି ପାରି ନାହାନ୍ତି ।

'ଦ୍ୱନ୍ଦ୍ୱ' କବିତାରେ ଡ଼ଃ ମାନସିଂହଙ୍କ ମାନସିକ ଦୋଳନ ଓ ଆନ୍ଦୋଳନ ସ୍ପଷ୍ଟ ଭାବରେ ପ୍ରକାଶିତ ହୋଇଛି ।

"ଜ୍ଞାନ ଯା କହେ କରନା କରନା
ମନର ତହିଁ ବିଶେଷ ଅନୁରାଗ ।"

ଜ୍ଞାନ ବାରଣ କରୁଥିଲା ବେଳେ ମନସେ ବାରଣକୁ ନ ମାନି ନିଷିଦ୍ଧ-ରେଖାକୁ ଅତିକ୍ରମ କରେ । ମନ କହୁଛି,

"ବିଧାତାକୁରେ ପଚାର ଯାଇ ଆଗେ
ପାପକୁ କିମ୍ପା ମିଷ୍ଟ-ମଧୁର କଲେ ।"

ଯାହା ମିଷ୍ଟ-ମଧୁର ତାହା ପ୍ରତି ଆକର୍ଷିତ ହେବାଲାଗି ମନର ଦୁର୍ବାର ପ୍ରବୃତ୍ତି । ପାପ ଯଦି ମିଷ୍ଟ-ମଧୁର, ତେବେ ମନର ଆକର୍ଷଣ ସେହି ପାପ ପଙ୍କିଳ ପଥରେ ହେବା ସ୍ୱାଭାବିକ । କିନ୍ତୁ ବୁଦ୍ଧି ଓ ବିବେକ ବଳରେ ସେ ପଥରୁ ଫେରି ଆସିବା ପାଇଁ ଜ୍ଞାନ ଉପଦେଶ ଦେଉଛି ।

ଜ୍ଞାନ ଓ ମନର ଏହି ଦ୍ୱନ୍ଦ୍ୱ; ଶ୍ରେୟ ଓ ପ୍ରେୟର ଦ୍ୱନ୍ଦ୍ୱ କବିଙ୍କ ଚିତ୍ତକୁ ଆକ୍ରାନ୍ତ କରିଛି । ଶୂନ୍ୟବଳ ହୋଇ ଲକ୍ଷ୍ୟହୀନ ଭାବରେ କବି ବନ୍ୟାରେ ଶୁଖିଲା ପଣ୍ଡ ପରି ଭାସିଯାଉଛନ୍ତି, ଏହା ହେଉଛି ମୂଲ୍ୟବୋଧର ଏକ ସଙ୍କଟ । ଏହ ସଙ୍କଟରୁ ଉଦ୍ଧୁରିବା ପାଇଁ ଔଚିତ୍ୟ ଓ ଅନୌଚିତ୍ୟର ବିଚାରକୁ ସ୍ୱୀକାର କରିବାକୁ ହେବ । ପ୍ରଣୟ ଯଦି ନୈତିକ ଔଚିତ୍ୟବୋଧ ଦ୍ୱାରା ସମର୍ଥିତ ହେଲା, ତେବେ ତାହା 'ପୁଣ୍ୟପ୍ରଣୟ' । ଯଦି ନ ହେଲା, ତାହା 'ପାପ ପ୍ରଣୟ' ନାମରେ କୁହାଯାଇ ପାରିବ । ନୈତିକତାର ଅନୁମୋଦନ ବିନା ଯେତେ ମଧୁର ହେଲେ ହେଁ ପ୍ରଣୟ ଅମୃତ ହୋଇପାରିବ ନାହିଁ ତାହା ଭୀଷଣ ପରିଣାମ-ଦାୟୀ ହଳାହଳ ପରି ବର୍ଜନୀୟ ।

କବି ନିଜ ଜୀବନରେ 'ପୁଣ୍ୟପ୍ରଣୟ'ର ଆସ୍ୱାଦନ କରି ଆଶ୍ୱାସିତ ହୋଇଛନ୍ତି ଓ ପ୍ରଣୟ ଅସ୍ଥାନରେ ପ୍ରଯୁକ୍ତ ହୋଇଗଲେ ପାପ-ପ୍ରଣୟ ହୋଇଯାଏ

Digitized by srujanika@gmail.com

ବୋଲି ସ୍ୱୀକାର କରିଛନ୍ତି ।

କବି ନିଜର ଅନୁଭୂତି ବହୁଳ ଜୀବନରେ ଚନ୍ଦ୍ରମାର ଦୁଇପାଖ ଦେଖିବାର ସୁଯୋଗ ଲାଭ କରିଛନ୍ତି ଓ ତାହା ନିଜ କାବ୍ୟ କବିତାରେ ଦକ୍ଷତାର ସହିତ ଲିପିବଦ୍ଧ କରିଛନ୍ତି ।

"ପାତକ ନାହିଁ, ପୁଣ୍ୟ ନାହିଁ ମମ
ମୁଁ ଖାଲି ଏକ ଅନୁଭୂତିର ମାଳା । (ଦ୍ୱନ୍ଦ୍ୱ - ପୃଷ୍ଠା ୩)

କିନ୍ତୁ ଏ ଅନୁଭୂତିମାଳାରେ ଠାଏ ଠାଏ ଯେଉଁ ଜ୍ୱାଳା ଅନୁଭୂତି ହୁଏ ତାହା ମଧ ସ୍ୱୀକାର କରିବାକୁ ହେବ । ପ୍ରଣୟ ଯଦି ଅପାତ୍ରରେ ଅସ୍ଥାନରେ ପ୍ରଯୁକ୍ତ ହୋଇଯାଏ, ତେବେ ତାହା ଔଷଧ ହେଲେ ହେଁ ଗରଳ ରୂପ ଧାରଣ କରେ । ଆମେ ଡ଼ଃ ମାନସିଂହଙ୍କ ସହିତ ଏକମତ ଯେ ପ୍ରଣୟ ତା ନିଜ ଧାତୁରେ ପାପ ନୁହେଁ, କି ପୁଣ୍ୟ ନୁହେଁ, ଏହା ନୈତିକ ନୁହେଁ କି ଅନୈତିକ ନୁହେଁ । କିନ୍ତୁ ପାତ୍ରତା ଭେଦରେ ପ୍ରଣୟ ପାପପ୍ରଣୟ ଓ ପୁଣ୍ୟ ପ୍ରଣୟ ରୂପ ଧାରଣ କରିଥାଏ । ଅତଏବ ପାତ୍ରତା ନିର୍ବାଚନ ହେଉଛି ପ୍ରଣୟ ପ୍ରତିଷ୍ଠାର ପ୍ରଥମ କର୍ତ୍ତବ୍ୟ ।

ପ୍ରଣୟର ସ୍ୱାୟତ୍ତତାର ସୀମା ନିର୍ଣ୍ଣୟ କରି ଏହି ପ୍ରବନ୍ଧର ସମାପ୍ତି ଘୋଷଣା କରୁଛି ।

Digitized by srujanika@gmail.com

## : ଲେଖକ ପରିଚୟ :

୧- **ବାଉରୀବଂଧୁ କର :** ୧୯୫୧ ମସିହା ସେପ୍ଟେମ୍ବର ୧୨ ତାରିଖରେ ଯାଜପୁର ଜିଲ୍ଲାର ଖଣ୍ଡିତରଠାରେ ତାଙ୍କର ଜନ୍ମ । ଛାତ୍ର ଜୀବନରୁ ଥିଲା ତାଙ୍କର ସାହିତ୍ୟାନୁରାଗ । ଜଣେ ମେଧାବୀ ଛାତ୍ର ଭାବରେ ସେ ଥିଲେ ସୁପରିଚିତ । କୋଡିଏ ଖଣ୍ଡ ଗ୍ରନ୍ଥରୁ ଉର୍ଦ୍ଧ୍ୱ ରଚୟିତା ବାଉରୀବଂଧୁ କର ' ଓଡିଆ ସାହିତ୍ୟର ଇତିହାସ' ରଚୟିତା ଭାବେ ସୁପରିଚିତ । ସଂପ୍ରତି ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗର ପ୍ରଫେସର ଓ ମୁଖ୍ୟ ।

୨- **ସୌରୀନ୍ଦ୍ର ବାରିକ :** ୧୯୩୮ ମସିହା ଅକ୍ଟୋବର ୩ ତାରିଖରେ ମୟୁରଭଞ୍ଜର ବାରିପଦାଠାରେ ତାଙ୍କର ଜନ୍ମ । ଇଂରେଜୀ ସାହିତ୍ୟର ଛାତ୍ର ହେଲେ ମୁଦ୍ଧା ଓଡିଆ ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ । ତାଙ୍କର କୋଡିଏ ଖଣ୍ଡରୁ ଉର୍ଦ୍ଧ୍ୱ ଗ୍ରନ୍ଥ ରହିଛି। ସେ ବରିଷ୍ଠ ଅଧ୍ୟକ୍ଷ ପାହ୍ୟା ଲାଭ କରି ଓଡିଶା ଶିକ୍ଷା ସେବାରୁ ଅବସର ନେଇଛନ୍ତି ।

୩- **ପଠାଣି ପଟ୍ଟନାୟକ :** ୧୯୨୮ ମସିହା ସେପ୍ଟେମ୍ବର ୧୯ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ଗୋଳବାବରଠାରେ ତାଙ୍କର ଜନ୍ମ । ସେ ତରୁଣ ବୟସରୁ ସାହିତ୍ୟ ଓ ସାମ୍ବାଦିକତା ପ୍ରତି ଆକୃଷ୍ଟ ହୋଇଥିଲେ । ତିରିଶରୁ ଉର୍ଦ୍ଧ୍ୱ ପୁସ୍ତକର ସେ ରଚୟିତା। ସେ ଥିଲେ ଓଡିଶା ସାହିତ୍ୟ ଏକାଡେମୀର ସଭାପତି । ଖ୍ରୀଷ୍ଟ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦରୁ ସେ ଅବସର ନେଇ ସଂପ୍ରତି ସାରସ୍ୱତ ସାଧନାରେ ଲିପ୍ତ ଅଛନ୍ତି ।

୪- **ସୌରୀବଂଧୁ କର :** ୧୯୪୮ ମସିହା ଏପ୍ରିଲ ଦୁଇ ତାରିଖରେ ଯାଜପୁର ଜିଲ୍ଲାର ଖଣ୍ଡିତରଠାରେ ଜନ୍ମ । ଜଣେ ଜାତୀୟ ସ୍ତରର ଶ୍ରମିକ ନେତା ରୂପେ ସୁପରିଚିତ । ପିଲାଦିନୁ ଶ୍ରୀ ରାମକୃଷ୍ଣ ପରମହଂସ ଓ ସ୍ୱାମୀ ବିବେକାନନ୍ଦ ଆଦର୍ଶରେ ଅନୁପ୍ରାଣିତ । ସେ ପ୍ରାୟ ଜୀବନୀମୂଳକ, ପ୍ରବନ୍ଧ, ଉପନ୍ୟାସ ମିଶାଇ କୋଡିଏ ଖଣ୍ଡ ଗ୍ରନ୍ଥର ରଚୟିତା । ସଂପ୍ରତି ସେ ଏ.ଆଇ.ଟି.ୟୁ.ସି. ର ରାଜ୍ୟ ସଂପାଦକ।

୫- **ଚନ୍ଦ୍ରଶେଖର ରଥ :** ୧୯୨୯ ମସିହା ଅକ୍ଟୋବର ୧୭ ତାରିଖରେ ବଲାଙ୍ଗୀରଠାରେ ଜନ୍ମ । ବରିଷ୍ଠ ଓ ବିଶିଷ୍ଟ ଲେଖକ ଭାବେ ସୁପରିଚିତ । ଓଡିଶା ଶିକ୍ଷା ସେବାର ବରିଷ୍ଠ ପ୍ରାଧ୍ୟାପକ ଭାବରେ ଅବସର ନେଇଛନ୍ତି । କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ । ଚାଳିଶ ପାଖାପାଖି ଗ୍ରନ୍ଥର ରଚୟିତା ଚନ୍ଦ୍ରଶେଖର

Digitized by srujanika@gmail.com

ରଥ ଏବେ ମଧ ସାରସ୍ୱତ କର୍ମରେ ନିଜକୁ ନିୟୋଜିତ କରିଛନ୍ତି । ବାଗ୍ମୀ, ସୁଲେଖକ ଭାବରେ ସମଗ୍ର ଭାରତ ଓ ଭାରତ ବାହାରେ ପରିଚିତ ।

୬- **ଦାଶରଥି ଦାସ :** ୧୯୩୬ ମସିହା ଜୁଲାଇ ୨୭ ତାରିଖରେ ଅବିଭକ୍ତ କଟକ ଜିଲ୍ଲାର ଆୟତପୁର (ଦେଉଳପଡା) ଠାରେ ଜନ୍ମ । ଓଡିଆ ସାହିତ୍ୟ ସମାଲୋଚନାରେ ନୂତନତା ଆନୟନ କରିବାରେ ସେ ଜଣେ ସାର୍ଥକ ସମାଲୋଚକ। ଆଧୁନିକ ଓଡିଆ କବିତାର ବିଶିଷ୍ଟ ସମୀକ୍ଷକ ଭାବେ ସେ ସୁପରିଚିତ । ସେ ଥିଲେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଓ ମୁଖ୍ୟ । ଏବେ ସେ ଅବସର ଗ୍ରହଣ ପୂର୍ବକ ସାରସ୍ୱତ କର୍ମରେ ନିଜକୁ ନିୟୋଜିତ କରିଛନ୍ତି ।

୭- **ନିତ୍ୟାନନ୍ଦ ଶତପଥୀ :** ୧୯୩୭ ମସିହା ଅକ୍ଟୋବର ୨୫ ତାରିଖ ଜଗତ୍‌ସିଂହ ପୁର ଜିଲ୍ଲାର ଗରାଇ ଶାସନରେ ଜନ୍ମ । ଓଡିଆ ସାହିତ୍ୟର ବିଶିଷ୍ଟ ସମାଲୋଚକ ଓ ଦକ୍ଷ ସାହିତ୍ୟ ପତ୍ରିକା ସଂପାଦକ । 'ଇସ୍ତାହାର'ର ସଂପାଦକ ରୂପେ ଓ ଆଧୁନିକ ଓଡିଆ ସାହିତ୍ୟର ପ୍ରସିଦ୍ଧ ଆଲୋଚକ ଭାବେ ସୁପରିଚିତ । ଉତ୍କଳ ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗର ପ୍ରଫେସର ଓ ମୁଖ୍ୟ ରୂପେ ଅବସର ଗ୍ରହଣ କରି ସଂପ୍ରତି ସାରସ୍ୱତ ସେବାରେ ଓ ଜନକଲ୍ୟାଣ କାର୍ଯ୍ୟରେ ସମୟ ଅତିବାହିତ କରୁଛନ୍ତି।

୮- ବୈଷ୍ଣବ ଚରଣ ସାମଲ : ୧୯୩୯ ମସିହା ଫେବୃୟାରୀ ଦୁଇ ତାରିଖରେ କେନ୍ଦ୍ରାପଡା ଜିଲ୍ଲା ଚାରିଗାଁ ( ଇନ୍ଦୁପୁର) ଠାରେ ଜନ୍ମ । ବିଶିଷ୍ଟ ବାଗ୍ମୀ ଓ ସାହିତ୍ୟ ସମୀକ୍ଷକ ରୂପେ ସୁପରିଚିତ । ତାଙ୍କର କେତେଗୁଡିଏ ଲଳିତ ନିବଂଧ ଗ୍ରନ୍ଥ ରହିଛି। ସେ ପ୍ରାୟ ଅର୍ଦ୍ଧଶତାଧିକ ପୁସ୍ତକର ରଚୟିତା । ଓଡିଆ ଗଳ୍ପ ସାହିତ୍ୟର ପ୍ରସିଦ୍ଧ ଆଲୋଚକ ଭାବେ ସୁବିଦିତ । ବିଶ୍ୱଭାରତୀ ଶାନ୍ତି ନିକେତନ ଓଡିଆ ବିଭାଗ ପ୍ରଫେସର ରୂପେ ଅବସର ଗ୍ରହଣ କରି ସଂପ୍ରତି ବିଭିନ୍ନ ସାରସ୍ୱତ କର୍ମରେ ଜୀବନ ଅତିବାହିତ କରୁଛନ୍ତି ।

୯- **ହୃଦାନନ୍ଦ ରାୟ :** ୧୯୩୦ ମସିହା ମଇ ୧୦ ତାରିଖରେ ଜଗତ୍‌ସିଂହପୁର ଜିଲ୍ଲାର ଗୋବିନ୍ଦ ତୋଟା (ବାଲିକୁଦ) ଠାରେ ଜନ୍ମ । ସେ ଥିଲେ ତରୁଣ ବୟସରୁ ଭଞ୍ଜ ସାହିତ୍ୟ ପ୍ରେମୀ । ଦର୍ଶନ ଶାସ୍ତ୍ରର ପ୍ରସିଦ୍ଧ ଅଧ୍ୟାପକ ଭାବେ ତାଙ୍କର ସୁନାମ ରହିଛି । ସେ ପ୍ରସିଦ୍ଧ ଶାରଳା ପୁରସ୍କାର ବିଜେତା । ଜଣେ ବରିଷ୍ଠ ଅଧକ୍ଷ ଭାବେ ସେ କର୍ମରୁ ଅବସର ଗ୍ରହଣ କରିଛନ୍ତି । ସଂପ୍ରତି ସେ ସାହିତ୍ୟ ଚର୍ଚ୍ଚାରେ ଓ ଆଧାତ୍ମିକ ଚିନ୍ତନରେ ସମୟ ଅତିବାହିତ କରୁଛନ୍ତି ।

Digitized by srujanika@gmail.com